
ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-223 •SUNDAY •8 FEBRUARY 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୨୨୩ •ରବିବାର •୮ ଫେବୃଆରୀ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


### ଘୁଞ୍ଚିଘୁଞ୍ଚି ଯାଉଛି ମହାନଦୀ 'ପଦ୍ମ'

# ୫୦ ଶୁଣାଣି; ଫଳ ଶୂନ୍, ପୁଣି ତାରିଖ

■ ଭୁବନେଶ୍ୱର, ୭।୨ (ସମିସ): ଓଡ଼ିଶାବାସୀଙ୍କ ପାଇଁ 'ମହାନଦୀ' ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି । ଓଡ଼ିଶା-ଛତିଶଗଡ଼ ମଧ୍ୟରେ ଲାଗି ରହିଥିବା ମହାନଦୀ ଜଳ ବିବାଦର ଅର୍ଦ୍ଧଶତକୀୟ ଶୁଣାଣି ପରେ ବି କୌଣସି ନିର୍ଯ୍ୟାସ ବାହାରି ପାରିଲା ନାହିଁ । ଏପରିକି ଟ୍ରିବ୍ୟୁନାଲଙ୍କ ପକ୍ଷରୁ କୌଣସି ଅନ୍ତରୀଣ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇ ନାହିଁ । ଯାହାଫଳରେ ମହାନଦୀର ଭାଗ୍ୟ ଧୀରେ ଧୀରେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇ ଯାଉଛି । ପୁଣି ଥରେ ଓଡ଼ିଶାକୁ ନ୍ୟାୟ ବଦଳରେ ମିଳିଛି ଆଉ ଏକ 'ତାରିଖ' ।

**ଫେବୃଆରୀ ଶେଷ ସପ୍ତାହରେ କ୍ଷେତ୍ର ପରିଦର୍ଶନ କରିବେ ଟ୍ରିବ୍ୟୁନାଲ**

**ମାର୍ଚ୍ଚ ୧୪ ରେ ପରବର୍ତ୍ତୀ ଶୁଣାଣି**

ଆଜି(ଶନିବାର) ହୋଇଥିବା ୫୦ତମ ଶୁଣାଣିରେ ଆସନ୍ତା ଫେବୃଆରୀ ଶେଷ ସପ୍ତାହରୁ ମାର୍ଚ୍ଚ ପ୍ରଥମ ସପ୍ତାହ ମଧ୍ୟରେ କ୍ଷେତ୍ର ▶ପୃଷ୍ଠା-୭

## ସରକାର କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି

■ ଭୁବନେଶ୍ୱର, ୭।୨ (ସମିସ): ଛତିଶଗଡ଼ କବଳରୁ ମହାନଦୀକୁ ବଞ୍ଚାଇବା ପାଇଁ ବିଜେପି ସରକାରଙ୍କ ଆନ୍ତରିକତାକୁ ନେଇ ପ୍ରଶ୍ନ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ବିଶେଷକରି ଟ୍ରିବ୍ୟୁନାଲରେ ଶୁଣାଣି ବେଳେ ଓଡ଼ିଶା ▶ପୃଷ୍ଠା-୭



**ମହାନଦୀକୁ ବଞ୍ଚାଇବା ପାଇଁ ଆନ୍ଦୋଳନକୁ ଜୋରଦାର କରିବ ବିଜେଡି**

### ଆମେରିକା-ଭାରତ ମଧ୍ୟରେ ବାଣିଜ୍ୟ ଚୁକ୍ତିର ରୂପରେଖ ଜାରି

# ୪୫ ଲକ୍ଷ କୋଟିର କାରବାର ଲକ୍ଷ୍ୟ

■ ନୂଆଦିଲ୍ଲୀ, ୭।୨ (ଏଜେନ୍ସି): ଭାରତ-ଆମେରିକା ମଧ୍ୟରେ ବହୁ ପ୍ରତୀକ୍ଷିତ ବାଣିଜ୍ୟ ଚୁକ୍ତି ଚୂଡ଼ାନ୍ତ ହୋଇଛି । ଦୀର୍ଘଦିନର ମୂଳଚାଲ ଏବଂ ବାଦବିବାଦ ପରେ ଦୁଇ ଦେଶ ଏହି ଅନ୍ତରୀଣ ଚୁକ୍ତିର ରୂପରେଖ (ଆଇଟିଏ)କୁ ଉପସ୍ଥାପନ କରିଛନ୍ତି । ଏହି ଚୁକ୍ତିରେ କୃଷି ଏବଂ ଡାଏରୀ କ୍ଷେତ୍ରକୁ ସଂରକ୍ଷଣ ଦିଆଯାଇଛି । ଆମେରିକା କମ୍ପାନୀ ପାଇଁ ଭାରତ ନିୟମ ସରଳ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛି । ଆମେରିକାରୁ ଆସୁଥିବା ଶୁଖିଲା ଫଳ, ସୋୟାବିନ ତେଲ, ନାଲି ବାଜରା ଆଦିରୁ ଭାରତ ମୂଲ୍ୟ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି । ଏହାସହିତ ଆଜିଠାରୁ ଭାରତ ଉପରେ ଆମେରିକା ଲଗାଇଥିବା ୨୫ ପ୍ରତିଶତ ପେନାଲ୍ଟି ଶୁଳ୍କ ହଟିଯାଇଛି । ତେବେ ସର୍ତ୍ତ ରଖି ଆମେରିକା ଏହି ପେନାଲ୍ଟି ଶୁଳ୍କ ହଟାଇଛି । ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଭାରତ ଯଦି ରୁଷରୁ ତୈଳ କିଣିବା ନେଇ ବାଣିଜ୍ୟ ବିଭାଗକୁ ସୂଚନା ମିଳେ, ତେବେ ପୁଣି ଶୁଳ୍କ ଲଗାଇବ ବୋଲି ଆମେରିକା ଚେତାବନୀ ଦେଇଛି ।

ଦୁଇ ଦେଶ ପକ୍ଷରୁ ପ୍ରକାଶିତ ଅନ୍ତରୀଣ ବାଣିଜ୍ୟ ଚୁକ୍ତି ରୂପରେଖକୁ ନେଇ ବିରୋଧୀ ଦଳ ପକ୍ଷରୁ ସମାଲୋଚନା କରାଯାଇଛି । ଚୁକ୍ତି ସମ୍ପର୍କରେ ଆମେରିକା ଓ ଭାରତ ପକ୍ଷରୁ ରଖାଯାଇଥିବା ବକ୍ତବ୍ୟରେ ତାଳମେଳ ନାହିଁ ବୋଲି ବିରୋଧୀ ଦର୍ଶାଇଛନ୍ତି । ତେବେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଆଜି ସାମ୍ବାଦିକ ସମ୍ମିଳନୀରେ ବାଣିଜ୍ୟ ଚୁକ୍ତି ବିଷୟରେ ସୂଚନା ଦେଇ ▶ପୃଷ୍ଠା-୭



- **ସର୍ତ୍ତ ରଖି ୨୫% ପେନାଲ୍ଟି ଟାରିଫ୍ ଉଠାଇଲା ଆମେରିକା**
- **ଭାରତୀୟ କୃଷି ଉତ୍ପାଦ ଉପରେ କୌଣସି ଶୁଳ୍କ ଲାଗିବନି**
- **ଜେନେଟିକାଲ୍ ମୋଡିଫାଏଡ (ଜିଏମ୍) ଫୁଡ୍‌କୁ ଦିଆଗଲାନି ଅନୁମତି**
- **ଭାରତୀୟ ରପ୍ତାନୀକାରୀଙ୍କ ପାଇଁ ଖୋଲିବ ୨୭.୧୮ ଲକ୍ଷ କୋଟିର ବଜାର**



### ଟି-୨୦ ବିଶ୍ୱକପ୍ ଆରମ୍ଭ

# ଭାରତର ଉଦ୍‌ଘାଟନୀ ବିଜୟ

■ ମୁମ୍ବଇ/କଲମ୍ବୋ,୭।୨(ଏଜେନ୍ସି): ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ଆଜି(ଶନିବାର)ଠାରୁ ଭାରତ ଓ କଲମ୍ବୋରେ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚ୍‌ରେ ପାକିସ୍ତାନ ୩ ୱିକେଟରେ ନେଦରଲାଣ୍ଡସକୁ ପରାସ୍ତ କରିଛି । ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୩୫ ରନ୍‌ରେ ସ୍କଟଲାଣ୍ଡକୁ ପରାସ୍ତ କରିଛି । ମୁମ୍ବଇର ୱାଙ୍ଖଡେ ଷ୍ଟାଡିୟମରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ଆମେରିକାକୁ ୨୯ ରନ୍‌ରେ ପରାସ୍ତ କରି ଭାରତ ଉଦ୍‌ଘାଟନୀ ବିଜୟ ହାସଲ କରିଛି ।

**୨୯ ରନ୍‌ରେ ହାରିଲା ଆମେରିକା**

ମୁମ୍ବଇର ୱାଙ୍ଖଡେ ଷ୍ଟାଡିୟମ୍‌ରେ ଟୁର୍ଣ୍ଣାମେଣ୍ଟକୁ ରଙ୍ଗାରଙ୍ଗ ପରିବେଶରେ ଆଇସିସି ଅଧ୍ୟକ୍ଷ ଜୟ ଶାହ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଟୁର୍ଣ୍ଣାମେଣ୍ଟର ଆମ୍ବାସାଡର ରୋହିତ ଶର୍ମା ଟ୍ରଫି ଉନ୍ମୋଚନ କରିଥିଲେ । ରାପ୍ପର୍ ବାଦ୍‌ଶାହଙ୍କ ଆଧୁନିକ ସଙ୍ଗୀତ, ନୋରା ଫତେହୀଙ୍କ ନୃତ୍ୟ, ଋଷଭ ରିଖିରାମ ଶର୍ମାଙ୍କ ସିତାର ବାଦନ ଓ ଆନନ୍ଦନ ଶିବମଣିଙ୍କ ବାଦ୍ୟଯନ୍ତ୍ର ପରିବେଷଣ ଉତ୍ସବକୁ ମୁଖରିତ କରିଥିଲା । ମାର୍ଚ୍ଚ ୮ ତାରିଖ ଯାଏଁ ଏହି ଟୁର୍ଣ୍ଣାମେଣ୍ଟରେ ୨୦ଟି ଦଳ ୫ଟି ଭେନ୍ୟୁରେ ୫୫ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି । ଭାରତ ସହ ଉତ୍ତେଜନାମୂଳକ ସମ୍ପର୍କ ହେତୁ ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର ରାଜଧାନୀ କଲମ୍ବୋରେ ଖେଳୁଛି ।

### ପାଣିପାଗର ଭିନ୍ନ ରୂପ

# ଯାଇନି ଶୀତ; ବଢ଼ିଲାଣି ତାପ

■ ନୂଆଦିଲ୍ଲୀ, ୭।୨ (ଏଜେନ୍ସି): ସାରା ଦେଶରେ ପାଣିପାଗ ଏବେ ବଦଳିବାରେ ଲାଗିଛି । କିନ୍ତୁ ବିଭିନ୍ନ ସ୍ଥାନରେ ଏହାର ଭିନ୍ନ ରୂପ ଦେଖିବାକୁ ମିଳୁଛି । କେତେକ ସ୍ଥାନରେ ଶୀତ ଲାଗି ରହିଥିବା ବେଳେ ଅନ୍ୟ କେତେକ ସ୍ଥାନରେ ତାପମାତ୍ରା ଏବେ ଠାରୁ ୩୦ ଡିଗ୍ରୀ ଟପିଗଲାଣି । ଏହାକୁ ନେଇ ଦେଶର ପାଣିପାଗ ଚିତ୍ରରେ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି ।



ମଧ୍ୟପ୍ରଦେଶରେ କିଛି ଦିନ ଧରି ତାପମାତ୍ରା ବଢ଼ିବା ପରେ ପୁଣି ଶୀତ ବୃଦ୍ଧି ପାଇବାରେ ଲଗିଛି । ରାଜ୍ୟରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀକୁ ଖସି ଆସିଲାଣି । ରାଜ୍ୟରେ ସର୍ବାଧିକ ତାମାତ୍ରା ୨୫ ରହିଥିବା ବେଳେ ଭୋପାଳ, ଇନ୍ଦୋର ଓ ଗ୍ୱାଲିଅର ସମେତ ଅନେକ ସହରରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀରେ ରହିଛି । ଏପରିକି ଖଜୁରାହୋରେ ତାପମାତ୍ରା ▶ପୃଷ୍ଠା-୭

### ତାତିବ ଓଡ଼ିଶା

## ୧୫ ସୁଦ୍ଧା ୩୭ ଡିଗ୍ରୀ ଛୁଇଁବ ପାରଦ

■ ଭୁବନେଶ୍ୱର, ୭।୨ (ସମିସ): ଫେବୃଆରୀ ପ୍ରଥମ ସପ୍ତାହରୁ ଆରମ୍ଭ ହେଲାଣି ସୂର୍ଯ୍ୟଙ୍କ ପ୍ରଖର କିରଣ । ରାତିରେ ଶୀତ ଯାଇନାହିଁ, କିନ୍ତୁ ଦିନରେ ତାତି ତାଉ ଦେଖାଇଲାଣି । ଫଳରେ, ଏବେଠାରୁ ତାପମାତ୍ରା ୩୪ଡିଗ୍ରୀ ଛୁଇଁଲାଣି । ବିଭିନ୍ନ ପାଣିପାଗ ମଡେଲର ଆକଳନ ଅନୁଯାୟୀ, ଆସନ୍ତା ୧୫ତାରିଖ ସୁଦ୍ଧା ରାଜ୍ୟର କିଛି ସ୍ଥାନରେ ବିଶେଷକରି, ଝାରସୁଗୁଡ଼ାରେ ତାପମାତ୍ରା ୩୭ଡିଗ୍ରୀ ଛୁଇଁବା ସହ ଭୁବନେଶ୍ୱରରେ ତାପମାତ୍ରା ୩୫ଡିଗ୍ରୀ ଛୁଇଁବାର ଆଶଙ୍କା ରହିଛି ।

ରାଜ୍ୟରୁ ବର୍ତ୍ତମାନ ଶୀତ ଛାଡୁଛି, ଖରା ବଢୁଛି । ବାୟୁମଣ୍ଡଳରେ ଆର୍ଦ୍ରତା ରହୁନାହିଁ । କେବଳ ଶୁଷ୍କବାୟୁ ପ୍ରବାହ ଯୋଗୁଁ ତାପମାତ୍ରା ବଢୁଛି । ▶ପୃଷ୍ଠା-୭




## ୫ ଦିନ ପରେ ବି ନିଖୋଜ ନାବିକଙ୍କ ପତ୍ତା ମିଳୁନି

# ସାର୍ଥକଙ୍କ ପରିବାରକୁ ଭେଟିଲେ ବିଜେଡି ଟିମ୍

ଭଦ୍ରକ,୭।୨(ସମିସ)



ଆଙ୍ଗ୍ଲୋ ଇଷ୍ଟର୍ଣ୍ଣସିପ୍ ମ୍ୟାନେଜ୍‌ମେଣ୍ଟ ସଂସ୍ଥାର କ୍ୟାଡେଟ୍ (ନାବିକ) ଭଦ୍ରକର ସାର୍ଥକ ମହାପାତ୍ର(୨୨) ଗତ ୩ ତାରିଖରୁ ନିଖୋଜ ରହିଛନ୍ତି। ସେ ନିଖୋଜ ହେବା ଘଟଣାକୁ ୫ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସାର୍ଥକଙ୍କ ପତ୍ତା ମିଳିନାହିଁ। ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଭଦ୍ରକ ବିଜେଡିର ଏକ ଟିମ୍ ନିଖୋଜ ସାର୍ଥକ ମହାପାତ୍ରଙ୍କ ପରିବାରକୁ ଭେଟିଛନ୍ତି। ଭଦ୍ରକ ଜିଲ୍ଲା ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଓ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଭଦ୍ରକ ବ୍ଲକ୍ ବେନ୍ତାଳ ପଞ୍ଚାୟତ କେଶପୁର ଗୋପାଳବିନ୍ଧା ଗାଁରେ ପହଞ୍ଚି ସାର୍ଥକଙ୍କ ପରିବାରକୁ ଭେଟି ଆଲୋଚନା କରିଛନ୍ତି। ସାର୍ଥକଙ୍କ ଆଈ କୁମୁଦିନୀ ସାହୁ ଓ ତାଙ୍କ ଅନ୍ୟ ପରିବାର ସଦସ୍ୟଙ୍କୁ ସାକ୍ଷାତ୍ କରି ଆଲୋଚନା କରିଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଟୁଇଟ୍(ଏକ୍ସ) ପରେ ରାଜ୍ୟ ସରକାର ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ଏନେଇ ମଧ୍ୟ ବିରୋଧୀ ଦଳ ନେତା ଡିଜି ସିପିଙ୍ଗ୍ ଓ ଏକ୍ସଟର୍‌ନାଲ ଆଫାୟର୍ସ ମିନିଷ୍ଟ୍ରିଙ୍କୁ ଅବଗତ କରାଇଛନ୍ତି। ତୁରନ୍ତ ରାଜ୍ୟ ଓ କେନ୍ଦ୍ର ସରକାର ଘଟଣାକୁ ଗୁରୁତ୍ୱର ଭାବେ ନେବା ସହିତ ତୁରନ୍ତ ସାର୍ଥକଙ୍କୁ ଠାବ କରିବାକୁ ବିଜେଡି ଟିମ୍ ଦାବି କରିଛି। ଅନ୍ୟପଟେ ଦୀର୍ଘ ୫ ଦିନ ପରେ ବି ସାର୍ଥକଙ୍କ ପତ୍ତା ନ ମିଳିବାକୁ ନେଇ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ତୁରନ୍ତ କିପରି ସାର୍ଥକଙ୍କ ପତ୍ତା ମିଳିବ ସେ ନେଇ ତତ୍ପରତା ଦେଖାଇବାକୁ ସରକାରଙ୍କ ନିକଟରେ ପରିବାର ଲୋକେ ଦାବି ଜଣାଇଛନ୍ତି।

ଗତ ଜୁଲାଇ ମାସରେ ସାର୍ଥକ ମର୍ଚ୍ଚାଣ୍ଟ ନେଭିରେ ଯୋଗଦେଇଥିବା ବେଳେ ଆଙ୍ଗ୍ଲୋ ଇଷ୍ଟର୍ଣ୍ଣସିପ୍ କମ୍ପାନୀର ଇଏ ଜର୍ସି ଜାହାଜରେ ସାର୍ଥକ ନିଯୁକ୍ତ ଥିଲେ। ସେ ଚାଇନାରୁ ଭାୟା ମରିସସ୍ ହୋଇ ସିଙ୍ଗାପୁର ଫେରୁଥିବାବେଳେ ୩ ତାରିଖ ସକାଳୁ ନିଖୋଜ ଅଛନ୍ତି। ଏନେଇ ପରିବାର ଲୋକଙ୍କ ସହିତ ଏହି ଟିମ୍ ଆଲୋଚନା କରି ଧୈର୍ଯ୍ୟ ରଖିବାକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ନିଖୋଜ ସାର୍ଥକଙ୍କୁ ଠାବ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ସହ ତାଙ୍କ ପରିବାରକୁ ଅପଡେଟ୍ ତଥ୍ୟ ନିୟମିତ ଯୋଗାଇଦେବାକୁ ଭଣ୍ଡାରିପୋଖରୀ ବିଧାୟକ ଶ୍ରୀ ମଲ୍ଲିକ ଦାବି ରଖିଛନ୍ତି। କେଉଁ ପରିସ୍ଥିତିରେ ସେ ନିଖୋଜ ହେଲେ ଏହାର ତଦନ୍ତ ହେବାକୁ ସେ ଦାବି କରିଛନ୍ତି। ସାର୍ଥକ ଶୀଘ୍ର ଫେରନ୍ତୁ ବୋଲି ମା' ଭଦ୍ରକାଳୀଙ୍କଠାରେ ବିଧାୟକ ଶ୍ରୀ ମଲ୍ଲିକ ପ୍ରାର୍ଥନା କରିଛନ୍ତି। ଭଦ୍ରକର ସାର୍ଥକ ଜାହାଜରୁ ନିଖୋଜ ହେବା ଏହା ଅତ୍ୟନ୍ତ ଦୁଃଖଦାୟକ ଘଟଣା। ନବୀନ ବାବୁଙ୍କ ଟ୍ୱିଟ୍ ପରେ ସମସ୍ତେ ଏଥିପ୍ରତି ତତ୍ପର ହୋଇଥିବା ଚାନ୍ଦବାଲି ବିଧାୟକ ଶ୍ରୀ ରାୟ ତାଙ୍କ ପ୍ରତିକ୍ରିୟାରେ କହିବା ସହ ସେ ଶୀଘ୍ର ଠାବ ଲାଗି ପଦକ୍ଷେପ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, 'ଇଏ ଜର୍ସି' ନାମକ ଏକ ମାଲ୍‌ବାହୀ ଜାହାଜ ଭାରତ ମହାସାଗରରେ ଚୀନରୁ ପଶ୍ଚିମ ଆଫ୍ରିକା ଅଭିମୁଖେ ଯାଉଥିବାବେଳେ ଏଥିରେ କାର୍ଯ୍ୟ କରୁଥିବା ସାର୍ଥକ ମରିସସ୍ ନିକଟବର୍ତ୍ତୀ ଅଞ୍ଚଳରେ ନିଖୋଜ ହୋଇଯାଇଥିଲେ। ୩ ତାରିଖ ସକାଳ ୬ଟା ୧୫ରେ ତାଙ୍କୁ ଶେଷଥର ପାଇଁ କ୍ୟାବିନ୍‌କୁ ଯାଉଥିବା ଦେଖାଯାଇଥିଲା। କିନ୍ତୁ ସକାଳ ପ୍ରାୟ ୮ଟା ୩୦ରେ ଚିଫ୍ ଅଫିସର ତାଙ୍କ କ୍ୟାବିନ୍ ଯାଞ୍ଚ କରିବାକୁ ଯାଇଥିବାବେଳେ ତାହା ଖାଲି ଥିଲା। ଏହାପରେ ସମଗ୍ର ଜାହାଜରେ ତଲାସ୍ ଅଭିଯାନ ଆରମ୍ଭ ହୋଇଥିଲା। ସେ ରହିବା ସ୍ଥାନ, ଡେକ୍ ଏବଂ ଅନ୍ୟାନ୍ୟ ଅଂଶକୁ ଯାଞ୍ଚ ପରେ ମଧ୍ୟ ତାଙ୍କର କୌଣସି ସୂଚନା ମିଳି ନ ଥିଲା। ନିଖୋଜ ସାର୍ଥକ ଭଦ୍ରକରେ ନିଜ ମାମୁ ଘର ଭଦ୍ରକରେ ରହି ପାଠ ପଢ଼ିବା ପରେ ସୈନିକ ସ୍କୁଲରେ ନାମ ଲେଖାଇ ନିଜ ମା' ସେବିକା ରଶ୍ମିତା ସାହୁଙ୍କ ପାଖରେ ଭୁବନେଶ୍ୱରରେ ରହୁଥିଲେ। ଶନିବାର ସାର୍ଥକଙ୍କ ପରିବାରକୁ ଯାଇଥିବା ବିଜେଡି ଟିମ୍‌ରେ ବିଜେଡି ନେତା ଅକ୍ଷୟ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ବରିଷ୍ଠ ନେତା ଶଶଧର ନାୟକ, ରାକେଶ ପଣ୍ଡା, ଭାସ୍କର ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।

## 'ସକାଳ' ପ୍ରଭାବ: ମାଟି ଉଠାଣର ତଦନ୍ତ କଲେ ଆର୍‌ଆଇ

ଦୋଳସାହି,୭।୨(ସମିସ): ତିହିଡ଼ି ତହସିଲ୍ ଅଧୀନ ଏକ ସରକାରୀ ଅନାବାଦୀ ଜମିରୁ ମାଟି ଉଠାକୁ ନେଇ ଗତ ୫ ତାରିଖ "ସକାଳ'ରେ ଖବର ପ୍ରକାଶିତ ପରେ ଦୋଳସାହି ଆର୍‌ଆଇ(ରାଜସ୍ୱ ନିରୀକ୍ଷକ) ଶନିବାର ଘଟଣାର କ୍ଷେତ୍ରୀୟ ତଦନ୍ତ କରିଛନ୍ତି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ପଞ୍ଚାୟତର ନୂଆଶାସନ ଗାଁରେଥିବା ଏକ ଅନାବାଦୀ ଜମିରୁ ମାଟି ଉଠାଇନେବାକୁ ନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ଖବର ପ୍ରକାଶ ପାଇବା ପରେ ଶନିବାର ଦୋଳସାହି ଆର୍‌ଆଇ ସୁଜାତା ଦାସ ଘଟଣାସ୍ଥଳରେ ପହଞ୍ଚି କ୍ଷେତ୍ରୀୟ ତଦନ୍ତ କରିଛନ୍ତି।

## ଠାକୁରାଣୀଙ୍କ ମୁକୁଟ ଚୋରି; ଜଣେ ଅଟକ



ଦୋଳସାହି,୭।୨ (ସିମସ): ତିହିଡ଼ି ଥାନା ଅଞ୍ଚଳରେ ବିଭିନ୍ନ କିସମର ଚୋରଙ୍କ ଦ୍ୱାରା ଚୋରି ଦିନକୁ ଦିନ ବୃଦ୍ଧି ପାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଥାନା ଅଧୀନ ଭାଟପଡ଼ା ପଞ୍ଚାୟତର ହରିପୁର ଗାଁର ଗ୍ରାମ ଦେବତୀ ମା' କନକ ଦୁର୍ଗାଙ୍କ ୨ଟି ରୁପାର ମୁକୁଟ ଗତ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିଲା। ମା'ଙ୍କ ମୁକୁଟ ଚୋରି ଘଟଣାରେ ସନ୍ଦେହରେ ଜଣେ ଅଟକ ଥିବା ସୂଚନା ମିଳିଛି।

### ● ଋଣ ପରିଶୋଧ ପାଇଁ ସୁଯୋଗ ନାହିଁ

## ଥାନାରେ ଦ୍ୱାରସ୍ଥ ହେଲେ ଚାଷୀ

ବାରିକପୁର,୭।୨(ସମିସ): ଜଣେ ଚାଷୀ ସମିତିଠାରୁ କୃଷି ଋଣ ଆଣି ପରିଶୋଧ କରିବା ପାଇଁ ଚାହୁଁଛନ୍ତି। ପରିତାପର ବିଷୟ ଏନେଇ ବିଭାଗୀୟ ଅଧିକାରୀ ସହଯୋଗ କରୁ ନ ଥିବା ଚାଷୀ ଜଣକ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ପ୍ରାପ୍ତ ଅଭିଯୋଗ ମୁତାବକ, ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଭଣ୍ଡାରିପୋଖରୀ ଶାଖା ଅଧୀନସ୍ଥ ସରସଦା ପ୍ରାଥମିକ କୃଷି ସମବାୟ ସମିତିଠାରୁ ପ୍ରୀତିସ୍ ରଞ୍ଜନ ନାୟକ କୃଷି ଋଣ ନେଇଥିଲେ। ୨୦୨୪-୨୫ ଆର୍ଥିକ ବର୍ଷରେ ଚାଷ ପାଇଁ ସମିତି ନିକଟରୁ ପ୍ରାୟ ୪୯ ହଜାର ଟଙ୍କା ଋଣ କରିଥିଲେ। ଇତିମଧ୍ୟରେ ସେ ଋଣ ପରିଶୋଧ ପାଇଁ ବାରମ୍ବାର ସମିତି ସମ୍ପାଦକଙ୍କୁ ଜଣାଇଥିଲେ ମଧ୍ୟ ସେ ଏଥିରେ ସହଯୋଗ କରୁନାହାନ୍ତି। ଏପରିକି ଶାଖା କାର୍ଯ୍ୟାଳୟରେ ମଧ୍ୟ ଜଣାଇଛନ୍ତି। ବିଭାଗୀୟ ଅଧିକାରୀମାନେ ଋଣ ପରିଶୋଧ ପାଇଁ ଚାଷୀଙ୍କୁ ସୁଯୋଗ ଦେଉ ନ ଥିବା ପୁଲିସକୁ ଜଣାଇଛନ୍ତି। ପୁଲିସ ପକ୍ଷରୁ ଘଟଣା ସମ୍ପର୍କରେ ଅନୁଧ୍ୟାନ କରାଯାଇଛି। ଏନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ନିମ୍ନମାନର କାମ; ଦବିଗଲା ନବନିର୍ମିତ ଧାନଖଳା



ବାରିକପୁର,୭।୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ପ୍ରାଥମିକ କୃଷି ସମବାୟ ସମିତି ଗୋଦାମ ଗୃହ ନିକଟରେ ନିର୍ମିତ ନୂତନ ଧାନଖଳା ସମ୍ପୂର୍ଣ୍ଣ ଦବିଯାଇଛି। ଯାହାକୁ ନେଇ ଚାଷୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଅପାରଗତା ତଥା ନିମ୍ନମାନର କାମ ଯୋଗୁଁ ଏପରି ହୋଇଥିବା ଅଭିଯୋଗ କରିଛନ୍ତି। ସୂଚନଯୋଗ୍ୟ, ଭଦ୍ରକ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରାୟ ୨୦ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇ ଗୋଦାମ ଗୃହକୁ ଲାଗି ନୂତନ ପିଣ୍ଡି ଓ ଖଳା ନିର୍ମାଣ ହୋଇଥିଲା। ଟେଣ୍ଡର ଜରିଆରେ ଜନୈକ ଠିକା ସଂସ୍ଥା କାମ କରିଥିଲେ ମଧ୍ୟ ଉପଯୁକ୍ତ ତଦାରଖ ଅଭାବରୁ କାର୍ଯ୍ୟଟି ଅତି ନିକୃଷ୍ଟମାନର ହୋଇଥିବା ଚାଷୀମାନେ ଜଣାଇଛନ୍ତି। କାମ ସରିବାର ମାତ୍ର ୧ ମାସ ମଧ୍ୟରେ ଧାନ କ୍ରୟ ପାଇଁ ମଣ୍ଡି ଶୁଭାରମ୍ଭ ହୋଇଥିଲା। ଚାଷୀମାନେ ମଣ୍ଡିକୁ ଟ୍ରାକ୍ଟର ଓ ଅଟୋରେ ମଣ୍ଡିକୁ ଧାନ ଆଣିଥିବାବେଳେ ନବନିର୍ମିତ ଖଳାଟି ହଠାତ୍ ଦବିଯାଇଛି। ଏପରିକି ଖଳା ଦବିବା କାରଣରୁ ମଣ୍ଡିରେ କାର୍ଯ୍ୟରତ ଜଣେ ଶ୍ରମିକ ମଧ୍ୟ ଆହତ ହୋଇଛନ୍ତି। ଖଳାରୁ ପେଭର ବ୍ଲକ୍ ଓ ବାଲି ଉଠିଯାଇଥିବା ବେଳେ ଏବେ ଚାଷୀମାନେ ଧାନ ରଖିବାକୁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଖଳା ମରାମତି ହୋଇନାହିଁ। ଠିକା ସଂସ୍ଥା ମଧ୍ୟ କାମ ସାରି ଛୁ ମାରିଥିବା ଜଣାଯାଇଛି। ଏନେଇ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ କ'ଣ ହୋଇଛି ଦେଖିବେ ବୋଲି କହିଛନ୍ତି। ଏବେ ଶହଶହ ଚାଷୀ ହଇରାଣ ହେଉଥିବାବେଳେ ଯଥାଶୀଘ୍ର ମରାମତି କାର୍ଯ୍ୟ କରିବା ଜରୁରୀ ହୋଇଛି।

## ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ବାର୍ଷିକ ପାଲା ମହୋତ୍ସବ



ବାସୁଦେବପୁର,୭।୨(ସମିସ): ବାସୁଦେବପୁର ପୌରପାଳିକାର ପ୍ରସନ୍ନ ଦେବଙ୍କ ପୀଠ ପରିସରରେ ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ଆନୁକୂଲ୍ୟରେ ୧୦ମ ବାର୍ଷିକ ପାଲା ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜିତ ସଭାରେ ଅତିଥି ଭାବେ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା କଳା ପରିଷଦର ପୂର୍ବତନ ଉପସଭାପତି ସୁବାସ ଚନ୍ଦ୍ର ମଲ୍ଲିକ, ଚୌଧୁରୀ ସତ୍ୟନାରାୟଣ ରାୟ, ଅମୂଲ୍ୟରତ୍ନ ସାହୁ, ପ୍ରଶାନ୍ତ ନାୟକ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳର ସଭାପତି ସନାତନ ପୁରୀ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ କପିଳନାଥ ଶର୍ମା ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ଥାୟୀ ସଭାପତି ନାରାୟଣ ପ୍ରସାଦ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଲୋକକଳାକୁ ବଞ୍ଚାଇ ରଖିବାକୁ ସରକାର କଳାକାରମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଉଛନ୍ତି। ପୂର୍ବ ସରକାରଙ୍କ ପକ୍ଷରୁ ଲୋକକଳାକୁ ବଞ୍ଚାଇ ରଖିବାକୁ ଅଧିକ ସଂଖ୍ୟକ କଳାକାରଙ୍କୁ ପ୍ରୋତ୍ସାହନ ଯୋଗାଇ ଦେଇଥିଲେ। ତେଣୁ କଳାକାର ସେମାନଙ୍କ ପାରମ୍ପରିକ ବାଦ୍ୟଯନ୍ତ୍ର ବ୍ୟବହାର କରି ଏକ ଶୋଭାଯାତ୍ରାରେ ବାସୁଦେବପୁର ସହର ପରିକ୍ରମା କରି ପ୍ରସନ୍ନ ଦେବ ପୀଠରେ ପହଞ୍ଚିଥିଲେ। ପ୍ରସନ୍ନ ବାସୁଦେବ ପାଲା ମଣ୍ଡଳ ପକ୍ଷରୁ କଳା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସୁବାସ ମଲ୍ଲିକ, ଦିବ୍ୟସିଂହ ମିଶ୍ର, କୃତିବାସ ସନ୍ଧିବିଗ୍ରହଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ପାଲା ମହୋତ୍ସବ ୨ଦିନ ଧରି ଚାଲିବ।

### ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ

## 'ଶବ୍ଦ ସହ ସତ୍ତ୍ୱର ସଂଯୋଗରୁ କାଳଜୟୀ ସାହିତ୍ୟ ସୃଷ୍ଟି ହୋଇଥାଏ'

ଭଣ୍ଡାରିପୋଖରୀ,୭।୨(ସମିସ): ନିଷ୍ଠୁର ଅନୁଭୂତି ସାହିତ୍ୟର ସମ୍ଭାର ଅଟେ। ଶବ୍ଦ ସହ ସତ୍ତ୍ୱର ସଂଯୋଗରୁ କାଳଜୟୀ ସାହିତ୍ୟ ସୃଷ୍ଟି ହୋଇଥାଏ ବୋଲି ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ, ଆଲୋଚକ ଓ ସମାଲୋଚକମାନେ ମତବ୍ୟକ୍ତ କରିଛନ୍ତି। ଶାରଦା ବିଦ୍ୟାମନ୍ଦିର ପରିସରରେ ସଂସଦର ସଭାପତି ଡ. ସୁରେନ୍ଦ୍ର ମିଶ୍ରଙ୍କ ସ୍ୱଭାପତିତ୍ୱ ଓ କାର୍ଯ୍ୟକାରୀ ସଭାପତି ପ୍ରକାଶ ମହାପାତ୍ରଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ବିଶିଷ୍ଟ ସାହିତ୍ୟିକ ଡ. ବ୍ରଜ ମୋହନ ମିଶ୍ର ଉଦ୍‌ଘାଟନ କରିଥିଲେ। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ମୁଖ୍ୟ ଅତିଥି, ଡ. ଚିନ୍ମୟୀ ମହାପାତ୍ର ମୁଖ୍ୟବକ୍ତା, ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଅବସରପ୍ରାପ୍ତ ପ୍ରଶାସକ ରମେଶ ଚନ୍ଦ୍ର ରାଉତ, ବାଣୀଚିତ୍ର ସମ୍ପାଦକ ଭାସ୍କର ଜେନା, ଡ. ସୁଧାଂଶୁ ଶେଖର ନାୟକ, ସମାଜସେବୀ ବଦ୍ରିନାରାୟଣ ଧଳ, ସଞ୍ଜୀବ ପରିଡ଼ା ସମ୍ମାନିତ ଅତିଥିଭାବେ ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ବିଶିଷ୍ଟ କବି ଅଚ୍ୟୁତାନନ୍ଦ ସାମଲଙ୍କ ଦ୍ୱାରା ସୃଷ୍ଟି ଭଣ୍ଡାରିପୋଖରୀ ସାହିତ୍ୟ ସଂସଦର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ସଂସଦ ସମ୍ପାଦକ ପବନ କୁମାର ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସଂସଦର ମୁଖପତ୍ର ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ "ମାଟି ମହକ' ଉନ୍ମୋଚିତ ହୋଇଥିଲା। ଏଥିସହ ରତ୍ନମଞ୍ଜରୀ ପଣ୍ଡାଙ୍କ "ପହିଲି ଫୁଲ', ରମାକାନ୍ତ ବେହେରାଙ୍କ "କୋଇଲି କହେ କୁହୁ', ଅଚ୍ୟୁତାନନ୍ଦ ସାମଲଙ୍କ "କବିତା ସହ ଭେଟ', ମୁରଲୀଧର ଦାସଙ୍କ "ପାଦେ ପାଦେ ଆଗକୁ', ପୁରୁଷୋତ୍ତମ ଧଳଙ୍କ "ଗପରୁ ଶିକ୍ଷା', ପ୍ରାଣକୃଷ୍ଣ ସାହୁଙ୍କ "ଏ ଯୁଗର ସାବିତ୍ରୀ' ପାଠକାର୍ପଣ ହୋଇଥିଲା। ସଂସଦ ଉପସଭାପତି ଭରତ ଚନ୍ଦ୍ର କରଣ ମଞ୍ଚ ଆହ୍ୱାନ, ପୁରୁଷୋତ୍ତମ ଧଳ ଅତିଥି ପରିଚୟ ପ୍ରଦାନ, ଉପସଭାପତି ଅନାଦି ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନେକ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନ ଡ. କ୍ଷୀରୋଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉଦ୍ୟୋଗୀ ଉଦୟନାରାୟଣ ନନ୍ଦ ଏହି ଅଧିବେଶନକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଡ. ଭରତ ବେହେରା, ଡ. ରାଧାରାଣୀ ମହାପାତ୍ର, ଡ. ପ୍ରଭାତ ନଳିନୀ ମହାପାତ୍ର, ଝରଣା ପଟ୍ଟନାୟକ, ଖଗେଶ୍ୱର ମହତାବ, ଡ. ସନ୍ତୋଷ ମହାପାତ୍ର, ପ୍ରାଧ୍ୟାପକ ସୁରଞ୍ଜନ ପଣ୍ଡା, ନିହାର ଦାସ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସୁବ୍ରତ କୁମାର ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ।



## ଗୁଆମାଳ ସେବା ସମବାୟ ସମିତିର ହେବ ଅଡିଟ୍

ଦୋଳସାହି,୭।୨(ସିମସ): ତିହିଡ଼ି ବ୍ଲକ୍ ଅଧୀନ ଗୁଆମାଳ ସେବା ସମବାୟ ସମିତି ବିଭିନ୍ନ ସମସ୍ୟା ଘେରରେ ରହିଥିବାବେଳେ ଗତ ୮ ବର୍ଷ ଧରି ଏହି ସମିତିର ହିସାବ ନିକାଶ ବା ଅଡିଟ୍ ହେଉ ନ ଥିବା ନେଇ ଦୈନିକ "ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଏହି ଖବର ପ୍ରକାଶ ପରେ ଖୁବ୍‌ଶୀଘ୍ର ଏହି ସମିତିରେ ଅଡିଟ୍ ହେବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ଗୁଆମାଳ ସେବା ସମବାୟ ସମିତିରେ ଦୀର୍ଘ ୧୦ ବର୍ଷ ପୂର୍ବରୁ ୫୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ହଡ଼ପ ମାମଲାର ବିଚାରାଧୀନ ରହିଥିଲାବେଳେ ଏହି ସମିତିରେ ୮୦୦ରୁ ଅଧିକ ଚାଷୀ ବକେୟା ଋଣ ପରିଶୋଧ କରୁ ନ ଥିବା ଜଣାଯାଇଛି। ସେହିପରି ଏହି ସେବା ସମବାୟ ସମିତିରେ ୮ବର୍ଷ ଧରି ଡିପୋଜିଟ୍ କରୁ ନ ଥିବା ଜଣାଯାଇଛି। ଏହି ସେବା ସମବାୟ ସମିତିର ସମ୍ପାଦକ ଅମରେନ୍ଦ୍ର ନାୟକ ୨ଟି ସମବାୟ ସମିତିର ସମ୍ପାଦକ ଦାୟିତ୍ୱ ତୁଲାଉଥିବା ବେଳେ ସପ୍ତାହରେ ମାତ୍ର ୨ ଦିନ କାର୍ଯ୍ୟାଳୟକୁ ଆସୁଥିବା ଜଣାଯାଇଛି। ଅନ୍ୟପକ୍ଷରେ ଏହି ସମିତିରେ ଜଣେ ସ୍ଥାୟୀ ସମ୍ପାଦକ, ଜଣେ ଅତିରିକ୍ତ ସମ୍ପାଦକ ଓ ଜଣେ ଡାଟା ଏଣ୍ଟ୍ରି ଅପରେଟର ପଦ ଖାଲି ପଡ଼ିଥିବା ଜଣାଯାଇଛି।

## ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବାଲେଶ୍ୱର ବିଜୟୀ



ଦୋବଲ,୭।୨(ସମିସ): ଧାମନଗର ବ୍ଲକ୍ ଦଳାଙ୍ଗ ପଞ୍ଚାୟତ ଅଧୀନ ଜାହାଙ୍ଗୀର ବଜାର ନିକଟ କାଳିପଡ଼ିଆଠାରେ ମା' ଶ୍ୟାମାକାଳୀ ୟୁଥ୍ କ୍ଲବ୍ ପକ୍ଷରୁ ଦିନିକିଆ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ମହିଳା କ୍ରିକେଟ ଆସୋସିଏସନ ଓ ବାଲେଶ୍ୱର ଓମେନ୍ସ କ୍ରିକେଟ ଆସୋସିଏସନ ମଧ୍ୟରେ ମୁକାବିଲା ହୋଇଥିଲା। ଟସ୍ ଜିତି ଭଦ୍ରକ ଦଳ ପ୍ରଥମେ ବ୍ୟାଟିଂ କରି ୧୭.୨ ଓଭରରେ ସମସ୍ତ ୱିକେଟ୍ ହରାଇ ୧୦୭ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲେଶ୍ୱର ଦଳ ୧୭.୨ ଓଭରରେ ୯ ୱିକେଟ ହରାଇ ୧୧୦ ରନ୍ କରି ବିଜୟ ହାସଲ କରିଥିଲା। ଅମ୍ପାୟାର ଭାବେ ସନ୍ୟାସୀ ନାୟକ, ପିନାକି ସାହୁ ରହିଥିବାବେଳେ ଧାରାବିବରଣୀ ରାଧେଶ୍ୟାମ ଜେନା, ଶୁଶାନ୍ତ ଦାଶ, ସ୍କୋରର୍ ଚିତ୍ରରଞ୍ଜନ ପଣ୍ଡା ଓ ସୂର୍ଯ୍ୟକାନ୍ତ ଘଡ଼େଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ। ମୁଖ୍ୟ ଅତିଥି ଭାବେ ଏନ୍‌ଏଚ୍‌ଆଇର କୋଷାଧ୍ୟକ୍ଷ ଶୁଶାନ୍ତ କୁମାର ଦାସ ଓ ଶିକ୍ଷକ ନିରଞ୍ଜନ ପଣ୍ଡା ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କମିଟିର ସଭାପତି ରାକେଶ ବାରିକ୍ ଓ ସମ୍ପାଦକ ମୁକ୍ତିକାନ୍ତ ପାଢ଼ୀଙ୍କ ସହ ବିଶ୍ୱଜିତ୍ ପାଢ଼ୀ, ଆଶିଷ ଦାସ, ଆଶିଷ ମହାପାତ୍ର, ମନୋଜ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### ଜଗବନ୍ଧୁ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

## ଫାଇନାଲରେ କେନ୍ଦ୍ରାପଡ଼ା

ବାସୁଦେବପୁର,୭।୨(ସମିସ): ବାସୁଦେବପୁର ଅଟଳବିହାରୀ ହାଇସ୍କୁଲ ପଡ଼ିଆରେ ଟାଉନ୍ କ୍ଲବ୍ ଦ୍ୱାରା ଆୟୋଜିତ ୩୮ତମ ଜଗବନ୍ଧୁ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ସେମି ଫାଇନାଲ୍‌ରେ ଖୋର୍ଦ୍ଧା ରଘୁନାଥ କ୍ଲବ୍‌କୁ ୧-୦ ଗୋଲ୍‌ରେ ପରାସ୍ତ କରି କେନ୍ଦ୍ରାପଡ଼ା ଚାନ୍ଦ କ୍ଲବ୍ ଚଳିତ ଟୁର୍ଣ୍ଣାମେଣ୍ଟର ୨ୟ ଦଳ ଭାବେ ଫାଇନାଲକୁ ପ୍ରବେଶ କରିଛି। ଏହି ସଂଘର୍ଷପୂର୍ଣ୍ଣ ଖେଳରେ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ଉତ୍ତମ ଖେଳ ପ୍ରଦର୍ଶନ କରିବା ସହିତ ୧-୦ ଗୋଲ୍‌ରେ ବିଜୟଲାଭ କରିଥିଲା। ଅତିଥି ଭାବେ ସ୍ଥାନୀୟ ବିଡିଓ ତନ୍ମିତା କର, ତହସିଲ୍‌ଦାର ପ୍ରିୟବ୍ରତ ଦାସ, ପୌରନିର୍ବାହୀ ଅଧିକାରୀ ସୁଧାଂଶୁ ସ୍ୱାଇଁ, ସମାଜସେବୀ ଚନ୍ଦ୍ରକାନ୍ତ ଦାସ(ବିଟୁ ଭାଇ) ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଖେଳାଳିମାନଙ୍କ ସହ ପରିଚୟ ପର୍ବରେ ସାମିଲ୍ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ୍ ସଭାପତି ଗଗନବିହାରୀ ମହାନ୍ତି, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ବାରିକ, ବରିଷ୍ଠ ସଦସ୍ୟ ବଂଶୀଧର ବେହେରା, ସାମଶୁଲ ହକ୍, ବରିଷ୍ଠ କମକର୍ତ୍ତା ସୁବାସ ଚନ୍ଦ୍ର ମହାନ୍ତି, ନୀଳାଦ୍ରି ନାୟକ, ନିର୍ମଳ ନାଥ, ରମାକାନ୍ତ ପୁହାଣ, ଅମୀୟ ମହାନ୍ତି, ଅଜୟ ପଟ୍ଟନାୟକ, ଗୌତମ ଦେ, ଅଜୟ ପଳିତା, ତୁଳସୀକଲ୍ୟାଣ ବେହେରା ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ। ଖେଳରେ ରେଫରୀ ଭାବେ ପ୍ରସନ୍ନ ନାୟକ ପରିଚାଳନା କରିଥିବାବେଳେ ୨ ଲାଇନ୍ସମ୍ୟାନ୍ ଭାବେ ମାନସ ବିଶ୍ୱାଳ ଓ ସୁକାନ୍ତ ସିଂ ସହଯୋଗ କରିଥିଲେ। ରବିବାର ଫାଇନାଲ୍ ଖେଳରେ ଚାନ୍ଦ କ୍ଲବ୍ କେନ୍ଦ୍ରାପଡ଼ା ଓ ନଟ୍‌ୟେଟ୍ କ୍ଲବ ଭୁବନେଶ୍ୱର ମଧ୍ୟରେ ଖେଳ ଅନୁଷ୍ଠିତ ହେବ।



### ଚର୍ଚ୍ଚାରେ ଜିଲ୍ଲା ପୁଲିସର ବଦଳି ନିଷ୍ପତ୍ତି

## ଯୋଗଦେବା ପୂର୍ବରୁ ପୁଣି ୨ ଆଇଆଇସିଙ୍କ ବଦଳି

ଧାମନଗର,୭।୨(ସମିସ)

ଭଦ୍ରକ ଜିଲ୍ଲା ପୁଲିସ ବିଭାଗରେ ଏବେ 'ଡିପ୍ଲୟମେଣ୍ଟ ଅର୍ଡର' ବା ବଦଳି ନିର୍ଦ୍ଦେଶକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ମାତ୍ର ୨୪ ଘଣ୍ଟା ମଧ୍ୟରେ ଭଦ୍ରକ ଏସ୍‌ପି ଓ ଜିଲ୍ଲା ପୁଲିସ ବୋର୍ଡ ନିଜର ପୂର୍ବ ନିଷ୍ପତ୍ତିକୁ ବଦଳାଇଦେବା, ସ୍ୱଚ୍ଛତା ଓ ଦୃଢ଼ତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଥମେ ଚିଠି ସଂଖ୍ୟା ୧୫୨ ଅନୁଯାୟୀ, ଜିଲ୍ଲା ପୁଲିସ ବୋର୍ଡର ବୈଠକ ପରେ ୪୨ ଜଣ ପୁଲିସ ଅଧିକାରୀଙ୍କ ବଦଳି ତାଲିକା ପ୍ରକାଶ ପାଇଥିଲା। ଏଥିରେ ଧାମନଗର ଥାନା ଆଇଆଇସି ରଞ୍ଜନ ସେଠୀଙ୍କୁ ଜିଲ୍ଲା ମୁଖ୍ୟାଳୟର ମାନବାଧିକାର ସୁରକ୍ଷା ସେଲକୁ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ହେଡ୍‌କ୍ୱାର୍ଟରରେ ଥିବା ସୁବ୍ରତ ଦାସଙ୍କୁ ଧାମନଗର ଥାନାର ନୂତନ ଆଇଆଇସି ଭାବେ ନିଯୁକ୍ତି ମିଳିଥିଲା। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବାର ୨୪ ଘଣ୍ଟା ନ ପୂରୁଣୁ ୫ ତାରିଖରେ ପୁନଶ୍ଚ ଏହି ବୋର୍ଡ ଓ ଏସ୍‌ପି ଆଉ ଏକ ନୂଆ ଚିଠି (ସଂଖ୍ୟା ୧୬୫) ଜାରି କଲେ। ଏହି ନୂତନ ନିର୍ଦ୍ଦେଶରେ ସୁବ୍ରତ ଦାସ ଧାମନଗରରେ ଯୋଗ ଦେବା ପୂର୍ବରୁ ହିଁ ତାଙ୍କୁ ହଟାଇ ଦିଆଗଲା ଏବଂ ତାଙ୍କ ବଦଳରେ ଶୁଭ୍ରଜିତ୍ ଦାସଙ୍କୁ ଧାମନଗର ଥାନାର ଦାୟିତ୍ୱ ଦିଆଗଲା। ଜିଲ୍ଲାର ପୁଲିସ ମୁଖ୍ୟ ଭାବେ ଏସ୍‌ପି ମନୋଜ ରାଉତଙ୍କୁ ଜଣେ ଦକ୍ଷ ଓ ଦୃଢ଼ ଅଧିକାରୀ ଭାବେ ଗଣାଯାଉଥିଲା।



ମାତ୍ର ତାଙ୍କ ସହମତିରେ ଏକ ସାମ୍ବିଧାନିକ ବୋର୍ଡ (ଜିଲ୍ଲା ପୁଲିସ ବୋର୍ଡ)ର ନିଷ୍ପତ୍ତି ରାତାରାତି ବଦଳିବା ନେଇ ଚର୍ଚ୍ଚା ହେବା ସହ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଛିଡ଼ା କରୁଛି। ଯେମିତିକି ମାତ୍ର ୫ ମାସରେ ଧାମନଗର ଆଇଆଇସି ରଞ୍ଜନ କୁମାର ସେଠୀଙ୍କୁ କାହା ଚାପରେ ବଦଳି କରାଗଲା ? ତାଙ୍କ ସ୍ଥାନରେ ସୁବ୍ରତ ଦାସଙ୍କୁ ନିଯୁକ୍ତି ଦେବାର ମାତ୍ର କେଇ ଘଣ୍ଟା ମଧ୍ୟରେ ସେ କ'ଣ ଏମିତି ଅଯୋଗ୍ୟ ହୋଇଗଲେ ଯେ ତାଙ୍କୁ ହଟାଇବାକୁ ପଡ଼ିଲା ନା ଶୁଭ୍ରଜିତ ଦାସଙ୍କୁ ଆଣିବା ପଛରେ କୌଣସି ପ୍ରଭାବଶାଳୀ ବ୍ୟକ୍ତି ବା 'ଅଦୃଶ୍ୟ ଶକ୍ତି'ର ଚାପ ରହିଥିଲା ? ପୁଲିସ ଭଳି ଏକ ଅନୁଶାସିତ ବିଭାଗରେ ଯଦି ବୋର୍ଡର ନିଷ୍ପତ୍ତି ଏତେ ଶୀଘ୍ର ବଦଳେ, ତେବେ ସାଧାରଣ କର୍ମଚାରୀଙ୍କ ମନୋବଳ ଉପରେ ଏହାର କୁପ୍ରଭାବ ପଡ଼ିବା ସ୍ୱାଭାବିକ। କେବଳ ଧାମନଗର ଆଇଆଇସି ପଦକୁ ନେଇ ଏହି ଛକାପଞ୍ଝା କାହିଁକି ? ଏହା ପଛରେ କୌଣସି ରାଜନୈତିକ ସ୍ୱାର୍ଥ ରହିଛି କି? ଏଭଳି ଘଟଣା ପୁଲିସ ପ୍ରଶାସନର ବିଶ୍ୱସନୀୟତାକୁ କ୍ଷୁଣ୍ଣ କରୁଛି। ପୁଲିସ ପ୍ରଶାସନିକ କ୍ଷେତ୍ରରେ ଏହି 'ୟୁ-ଟର୍ଣ୍ଣ' ଆଗାମୀ ଦିନରେ ଜିଲ୍ଲାର ଆଇନ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ କେତେ ସଫଳ ହେବ ତାହା ଦେଖିବାକୁ ବାକି ରହିଲା।

**ଗୁଟଖା କାରବାର**

# ଖୁଣ୍ଟୁବନ୍ଧ କାରାଗାରରେ ଖୁଣ୍ଟୁବନ୍ଧ ମାଫିଆ



**ନୟାଗଡ଼,୭ ।୨(ସମିସ):** ନୟାଗଡ଼ ଜିଲ୍ଲାରେ ବେଆଇନ ଗୁଟଖା କାରବାର କରୁଥିବା ମାଫିଆଙ୍କୁ ସାବାଡ଼ କରିଛି ପୁଲିସ। ଇଟାମାଟି ଥାନା ପୁଲିସ ଶୁକ୍ରବାର ବେଆଇନ ଗୁଟଖା କାରବାରରେ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଶନିବାର ଅନ୍ୟତମ ଅଭିଯୁକ୍ତ କମଳ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। କମଳଙ୍କ ଜାମିନ ଆବେଦନ ଖାରଜ ହୋଇଯିବାରୁ ତାଙ୍କୁ ଖୁଣ୍ଟୁବନ୍ଧ ଉପକାରାଗାରକୁ ପଠାଇ ଦିଆଯାଇଛି। କମଳଙ୍କ ଘର ମଧ୍ୟ ଖୁଣ୍ଟୁବନ୍ଧ ଗ୍ରାମରେ ବୋଲି ସୂଚନା ମିଳିଛି। ଇଟାମାଟି ପୁଲିସ ଦୁଇଦିନ ତଳେ ବେଆଇନ ଗୁଟଖା ବୋଝେଇ ଗାଡ଼ି ଜବତ କରିଥିଲା। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ନୟାଗଡ଼ ସହରର ପ୍ରକାଶ ସାହୁ, ତାଙ୍କ ସହଯୋଗୀ ଶ୍ରୀକାନ୍ତ ମହାପାତ୍ର ଓ ବିପିନ ବିହାରୀ ସାହୁ। ପ୍ରକାଶଙ୍କ ପୈତୃକ ଘର ଖୁଣ୍ଟୁବନ୍ଧ। ସେ କମଳ ସାହୁଙ୍କ ଭାଇ। ନୟାଗଡ଼ ଜିଲ୍ଲା ଅମରେନ୍ଦ୍ର ବଜାର ଏବଂ ଖଣ୍ଡପଡ଼ା ରାସ୍ତାର ବିଭିନ୍ନ ସ୍ଥାନରେ ପ୍ରକାଶ ଗୋଦାମ କରି ଦୀର୍ଘଦିନ ଧରି ଗୁଟଖା ଓ ଖଇନି କାରବାର କରି ଆସୁଥିଲେ। ଗୁଟଖା ଚଢ଼ଉ ଜୋରଦାର ହେଉଥିବାରୁ ସେ ଇଟାମାଟି ଅଞ୍ଚଳରେ ଏକ ବେନାମୀ ଗୋଦାମ କରିଥିଲେ। ସେଠାରୁ ପିକ୍‌ଅପ୍ ଯୋଗେ ମାଲ୍ ଚାଲାଣ କରୁଥିବା ବେଳେ ଗୁରୁବାର ସନ୍ଧ୍ୟାରେ ପୁଲିସ ହାବୁଡ଼ରେ ପଡ଼ିଥିଲା। ପୁଲିସ ତାଙ୍କ ନିକଟରୁ ୭ ବସ୍ତା ଖଇନି, ସିଗାରେଟ୍, ୧୩୬୦ ପ୍ୟାକେଟ୍ ଡିଲକ୍ସ ମିକ୍ସ, ଏକ ପିକ୍‌ଅପ୍ ଭ୍ୟାନ ଓ ୯୯ ହଜାର ଟଙ୍କା ଜବତ କରିଛି। ଉକ୍ତ ଘଟଣାରେ ଲିଙ୍କ ଥିବା ଜଣାପଡ଼ିବା ପରେ ଅନ୍ୟତମ ମାଫିଆ କମଳ ସାହୁଙ୍କୁ ଥାନାକୁ ନେଇ ପଚରାଉଚରା କରିଥିଲା। ପୁଲିସ ତଦନ୍ତରେ କମଳ ଗୁଟଖା ମାଫିଆ ବୋଲି ସ୍ପଷ୍ଟ ହେବା ପରେ ଶନିବାର ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବିଡ଼ି, ସିଗାରେଟ୍ ଓ ଗୁଟଖା ଜବତ, ୨ ଗିରଫ



**ନୟାଗଡ଼,୭ ।୨(ସମିସ):** ଏସ୍‌ପି ଏସ୍ ସୁଶ୍ରୀଙ୍କ ନିର୍ଦ୍ଦେଶରେ ନୟାଗଡ଼ ସଦରଥାନା ଓ ଇଟାମାଟି ଥାନା ପୁଲିସ ଶୁକ୍ରବାର ବିଳମ୍ବିତ ରାତିରେ ବାଲୁଗାଁ ଅଞ୍ଚଳରେ ଚଢ଼ଉ କରି ବିପୁଳ ପରିମାଣର ବିଡ଼ି, ସିଗାରେଟ୍ ଓ ଗୁଟଖା ଜବତ କରିଛି। ଏହି ବେଆଇନ କାରବାର କରୁଥିବା ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଗୋବିନ୍ଦ ସାହୁ ଏବଂ ଭଗବାନ ସାହୁ। ଏ ନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଦୁଇ ବ୍ୟବସାୟୀ ମାଫିଆ କମଳ ସାହୁଠାରୁ ସମସ୍ତ ସାମଗ୍ରୀ ନେଇ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରୁଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ଏଣୁ ଏହି ଘଟଣାରେ କମଳ ସାହୁଙ୍କ ନାମରେ ମଧ୍ୟ ମାମଲା ରୁଜୁ ହୋଇଛି। ଏହି ମାମଲାରେ କମଳଙ୍କୁ ରିମାଣ୍ଡରେ ଆଣିବାକୁ ଆବେଦନ କରାଯିବ ବୋଲି ସଦର ଥାନା ପୁଲିସ ସୂଚନା ଦେଇଛି। ନୟାଗଡ଼ ଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ନେତୃତ୍ୱରେ ଉଭୟ ଥାନା ଅଧିକାରୀ ସଦଳବଳ ଚଢ଼ଉରେ ସାମିଲ ହୋଇଥିଲେ।

## ଦନ୍ତା ଆକ୍ରମଣରେ ଜଣେ ମୃତ

**ରଣପୁର,୭ ।୨(ସମିସ):** ଖୋର୍ଦ୍ଧା ବନଖଣ୍ଡ ଅଧୀନ ରଣପୁର ରେଞ୍ଜ ମହତପଲ୍ଲୀ ପଞ୍ଚାୟତ ବିରୁଡ଼ା ଗାଁରେ ଶୁକ୍ରବାର ସନ୍ଧ୍ୟାରେ ଦନ୍ତା ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗାଁର ଭିକାରୀ ବେହେରା (୫୫)। ଭିକାରୀ ହାତୀକୁ ଦେଖି ଘରେ ପଶି ଯାଉଥିବାବେଳେ ହାତୀ ତାଙ୍କୁ ଶୁଣ୍ଢରେ ଟାଣିଆଣି ପାଦରେ ଦଳିଦେଇଥିଲା। ଘଟଣାସ୍ଥଳରେ ଭିକାରୀଙ୍କ ମୃତ୍ୟୁ ହୋଇଥିଲା। ପରେ ହାତୀ ନିକଟସ୍ଥ ଜଙ୍ଗଲ ଅଭିମୁଖେ ପଳାଇଥିଲା।

ରଣପୁର ରେଞ୍ଜ ଅଞ୍ଚଳରେ କିଛିଦିନ ହେଲା ୧୯ ଟିକିଆ ହାତୀପଲ ବିଭିନ୍ନ ସ୍ଥାନରେ ଘୂରି ବୁଲୁଛନ୍ତି। ଏମାନଙ୍କ ମଧ୍ୟରୁ ଏକ ଦନ୍ତାହାତୀ ଗୋଠଛଡ଼ା ହୋଇ ବିଭିନ୍ନ ଗାଁରେ ଉତ୍ପାତ କରୁଛି। କାହାର ଧାନ, ପରିବା ଫସଲ ଖାଇ ନଷ୍ଟ କରୁଛି ତ କାହାର ଜୀବନ ନେଉଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବନବିଭାଗ ହାତୀକୁ ଘଉଡ଼ାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଗଣିଆ,୭ ।୨(ସମିସ):** ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତ ମାଳତିପୁଟ ଚଣ୍ଡିଖୋଲ ଜଙ୍ଗଲରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ମାଳତିପୁଟର ଅକ୍ଷୟ ପରିଡ଼ାଙ୍କ ପୁଅ ବୁକ୍ତିପ୍ରସାଦ ପରିଡ଼ା। ଗ୍ରାମରେ ଉତ୍ସବ ଚାଲିଥିବା ବେଳେ ଠାକୁରଙ୍କ ଗ୍ରାମ ପରିକ୍ରମା ସମୟରେ ବୁକ୍ତିପ୍ରସାଦ ପୂର୍ବାହ୍ନ ୧୦ଟାରେ ଗ୍ରାମରେ ଉପସ୍ଥିତ ଥିଲେ। ଅପରାହ୍ନରେ ତାଙ୍କ ସାଙ୍ଗସାଥୀ ତାଙ୍କୁ ଖୋଜାଖୋଜି କରିବା ପରେ ନ ପାଇବାରୁ ଜଙ୍ଗଲ ଆଡ଼େ ଯାଇଥିଲେ। ସେଠାରେ ତାଙ୍କ ସାଇକଲ ପଡ଼ିଥିବା ବେଳେ କିଛି ଦୂରରେ ଏକ ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ରବିବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯିବା ସହ ତଦନ୍ତ ପରେ ପ୍ରକୃତ ଘଟଣା ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

## ଗୟଳ ଶିକାର ଘଟଣା, ୩ ଗିରଫ

**ଖଣ୍ଡପଡ଼ା,୭ ।୨(ସମିସ):** ଖଣ୍ଡପଡ଼ା ବନାଞ୍ଚଳ ଅଧୀନ ସଂରକ୍ଷିତ ଜଙ୍ଗଲରେ ଗୟଳ ଶିକାର ଘଟଣାରେ ବନବିଭାଗ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କିଆଝର ପଞ୍ଚାୟତ ପଣସପଦର ଗ୍ରାମର ସୁର ନାଏକ, ଈଶ୍ୱର ନାଏକ ଏବଂ କୋସକା କୁସୁମଡ଼ା ଗ୍ରାମର ଦିଲୀପ ନାଏକ। ବିଦ୍ୟୁତ୍ ଫାଶରେ ଏକ ଗୟଳ ଶିକାର କରି ତା' ମାଂସ କାଟିନେଇ ବିକ୍ରି କରିବା ସମୟରେ ଅଭିଯୁକ୍ତଙ୍କୁ କାବୁ କରିଥିଲା ବନବିଭାଗ। ନୟାଗଡ଼ ବନଖଣ୍ଡ ଏସିଏଫ ଆଇଶା ଅଖତରି ନିଶାଙ୍କ ନେତୃତ୍ୱରେ ରେଞ୍ଜର ଦିଲୀପ ପଟ୍ଟନାୟକ, ଫରେଷ୍ଟର ଜ୍ୟୋତିରଞ୍ଜନ ମଲ୍ଲିକ ତଥା ବନ କର୍ମଚାରୀ ଚଢ଼ଉରେ ସାମିଲ ହୋଇଥିଲେ।

## ଶରଣକୁଳ କଲେଜର ବାର୍ଷିକ ଉତ୍ସବ

**ଶରଣକୁଳ,୭ ।୨(ସମିସ):** ଶରଣକୁଳ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ରଣପୁର ବିଧାୟିକା ତଥା ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିଜୟ କୁମାର ଚୌଧୁରୀ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡ଼ା ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ା ଓ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ମନୋଳିନୀ ଦଳବେହେରା ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**● ଜବରଦଖଲ ଉଚ୍ଛେଦ ଘଟଣା**

## ଖଣ୍ଡପଡ଼ା ରାଜନୀତି ସରଗରମ, ଚର୍ଚ୍ଚା ଜୋରଦାର

**ଖଣ୍ଡପଡ଼ା,୭ ।୨(ସମିସ):** ଖଣ୍ଡପଡ଼ାରୁ ଫତେଗଡ଼ ମୁଖ୍ୟ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ନେଇ ପ୍ରଶାସନ ପକ୍ଷରୁ କିଛିଦିନ ଧରି ଜବରଦଖଲ ଉଚ୍ଛେଦ ଅଭିଯାନ ପରେ ଏବେ ରାସ୍ତା ପାର୍ଶ୍ୱସ୍ଥ ସରକାରୀ ଜାଗାରେ ସ୍ଥାୟୀ ବାସଗୃହ ଓ ଦୋକାନ ଗୃହ ନିର୍ମାଣ କରିଥିବା ଲୋକଙ୍କ ନିଦ ହଜିଛି। ପ୍ରଶାସନର ତାଗିଦକୁ ନେଇ ଜବରଦଖଲକାରୀମାନେ ଶୁକ୍ରବାରଠାରୁ ନିଜ ଘର ଭାଙ୍ଗିବା କାର୍ଯ୍ୟରେ ଲାଗି ପଡ଼ିଥିବା ଦେଖିବାକୁ ମିଳୁଛି। ମୋଟାମୋଟି ଖଣ୍ଡପଡ଼ା ସହର ତ୍ରିନାଥ ଛକରୁ ମା' ଉମାଦେବୀଙ୍କ ଛକ ମଧ୍ୟରେ ୧୫ରୁ ଊର୍ଦ୍ଧ୍ୱ ପ୍ରଭାବଶାଳୀଙ୍କ ବ୍ୟକ୍ତିଙ୍କ ବାସଗୃହ ଓ ସ୍ଥାୟୀ ଦୋକାନ ଗୃହ ମାଟିରେ ମିଶିଛି। ରାସ୍ତା ସମ୍ପ୍ରସାରଣ ନେଇ ଖଣ୍ଡପଡ଼ା ତହସିଲ ପ୍ରଶାସନ ପକ୍ଷରୁ ରାସ୍ତାର ଉଭୟ ପାଶ୍ୱର୍ରେ ଚିହ୍ନଟ ସରକାରୀ ଜାଗାରୁ ନିର୍ଦ୍ଧାରିତ ସମୟରେ ଜବରଦଖଲକାରୀମାନେ ନ ହଟିଲେ ପୁନର୍ବାର ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହେବ ବୋଲି ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ମାସକ ପୂର୍ବରୁ ଉଭୟ ତହସିଲ ଓ ଏନଏସି ପ୍ରଶାସନ ପକ୍ଷରୁ ରାସ୍ତା ମାପଚୁପ କରାଯିବା ପରେ ସୀମା ଚିହ୍ନଟ ହୋଇ ଲୋକଙ୍କୁ ନୋଟିସ କରାଯାଇଥିଲା। ରାସ୍ତା ସମ୍ପ୍ରସାରଣ ନିମନ୍ତେ ଯେତିକି ଆବଶ୍ୟକ ସେତିକି ଜବରଦଖଲ ଉଚ୍ଛେଦ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଥିବା ବେଳେ ଏବେ ଆବଶ୍ୟକଠାରୁ ଅଧିକ ଉଚ୍ଛେଦ କରାଯାଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ଜବରଦଖଲ ଉଚ୍ଛେଦକୁ ନେଇ ଏବେ ରାଜନୀତି ସରଗରମ ହୋଇଛି। ମେଗା ପ୍ରୋଜେକ୍ଟ ଓ ପୂର୍ତ୍ତ ବିଭାଗଠାରୁ ମୋଟା ଅଙ୍କର ଅର୍ଥ ନେଇ ଜବରଦଖଲ ଉଚ୍ଛେଦ କାର୍ଯ୍ୟରେ ପ୍ରଭାବଶାଳୀ ନେତାମାନେ ପ୍ରଶାସନକୁ ସହଯୋଗ କରୁଥିବା ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋର ଧରିଛି। ଏହି ଉଚ୍ଛେଦ ପାଇଁ ବହୁ ଲୋକଙ୍କ ମୂଲ୍ୟବାନ ଘର ନଷ୍ଟ ହୋଇଥିବା ବେଳେ ଏଥିପ୍ରତି ଶାସକ ଦଳର ନେତାଙ୍କ ନିରବତା କ୍ଷତିଗ୍ରସ୍ତ ଲୋକଙ୍କୁ ଖୁବ ବାଧିବା ସହ ଆଗାମୀ ଦିନରେ ଭୋଟ ମାଧ୍ୟମରେ ପାନେ ଚଖେଇବେ ବୋଲି ସାଧାରଣରେ ଆଲୋଚନା ହେଉଛି। ସେହିପରି ପର୍ଯ୍ୟାୟକ୍ରମେ ଖଣ୍ଡପଡ଼ା ସହରର ତ୍ରିନାଥ ଛକରୁ ବଢ଼େଇସାହି ଦେଇ ଡାକ୍ତରଖାନା ଛକକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାଶ୍ୱର୍ରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହେବ ବୋଲି ଖଣ୍ଡପଡ଼ା ତହସିଲ ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି। ସବୁଠାରୁ ବଡ଼ କଥା ହେଲା, ନିକଟରେ ପୂର୍ବତନ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସୌମ୍ୟ ବିହାର ପାଚେରି ଭଙ୍ଗାଯିବା ଘଟଣା। ଯାହାକୁ ନେଇ ରାଜନୈତିକ ମହଲ ବେଶ ସରଗରମ ହୋଇଛି।

## ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ବିଡିଓଙ୍କ ତାଗିଦ୍

**ଓଡ଼ଗାଁ,୭ ।୨(ସମିସ):** ଓଡ଼ଗାଁ ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ ବୈଠକରେ ବିଡିଓ ପ୍ରୀତିବାଳା ରଣା ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ମା' ପରି ଶିଶୁମାନଙ୍କ ଯତ୍ନ ନେବାକୁ କଠୋର ଭାବେ ପରାମର୍ଶ ଦେଇଛନ୍ତି। ବିଡିଓ କହିଥିଲେ ଯେ ଶିଶୁ ମାତୃଗର୍ଭରେ ସଞ୍ଚାରିତ ହେବାଠାରୁ ଜନ୍ମ ଏବଂ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ରହିଛି। ଏହି ସମୟସୀମାରେ ଶିଶୁ ଓ ମା'ଙ୍କ ପ୍ରତି କୌଣସି ଅବହେଳା ଗ୍ରହଣୀୟ ନୁହେଁ। ଉଲ୍ଲେଖଯୋଗ୍ୟ, ଗତ ଜାନୁଆରୀ ୩୧ରେ କୁରୁମ ବାଙ୍କତରା ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁମାନଙ୍କୁ ବାହାର ଖାଦ୍ୟ ଦିଆଯାଇଥିବା ନେଇ ଗ୍ରାମବାସୀ ଓ ଅଭିଭାବକ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଫେବୃଆରୀ ୨ରେ ବିଡିଓ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଲହଡ଼ିମାଳା ପ୍ରଧାନ ଓ ଅଞ୍ଚଳ ପରିଦର୍ଶିକା ଉକ୍ତ କେନ୍ଦ୍ରକୁ ଯାଇ ତଦନ୍ତ କରି ଘଟଣାର ସତ୍ୟାସତ୍ୟ ପରଖିଥିଲେ। ଏହି ଘଟଣାକୁ ଦୃଷ୍ଟିରେ ରଖି ବିଡିଓଙ୍କ ନିର୍ଦ୍ଦେଶରେ ଶନିବାର ଶିଶୁ ବିକାଶ ଅଧିକାରୀ ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ନେଇ ବୈଠକ ଡାକି ସଚେତନ କରିଥିଲେ।

## ମୃତ ଛାତ୍ରଙ୍କ ପରିବାରକୁ ଭେଟିଲେ ବିଧାୟକ



**ଗଣିଆ,୭ ।୨(ସମିସ):** ଗଣିଆ ବ୍ଲକ ବେଲପଡ଼ାପାଟଣା ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ର ଭୋଳାନାଥ ମଲିକଙ୍କ ମୃତ୍ୟୁକୁ ୫ ଦିନ ବିତିଯାଇଥିଲେ ମଧ୍ୟ ମୃତ୍ୟୁର କାରଣ ଜଣାପଡ଼ିନାହିଁ। ପରିବାର ଲୋକେ ଏହାକୁ ହତ୍ୟାକାଣ୍ଡ ବୋଲି ଦାବି କରିବା ସହିତ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବାକୁ ନିବେଦନ କରିଛନ୍ତି। ଏପରିକି ଗ୍ରାମବାସୀ ଦୁଇ ଦୁଇ ଥର ଗଣିଆ ବଜାରରେ ରାସ୍ତାରୋକ କରିଛନ୍ତି। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଶନିବାର ମୃତ ଛାତ୍ରଙ୍କ ପରିବାରକୁ ଭେଟି ସାନ୍ତ୍ୱନା ପ୍ରଦାନ କରିଛନ୍ତି। ପରିବାର ଲୋକେ ବିଧାୟକଙ୍କୁ ସମସ୍ତ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି। ୫ ଦିନ ବିତିଯାଇଥିଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ପୁଅର ହତ୍ୟାକାରୀକୁ ଉପଯୁକ୍ତ ଶାସ୍ତି ଦେବାକୁ ବିଧାୟକଙ୍କୁ ନିବେଦନ କରିଛନ୍ତି। ବିଧାୟକ ମଧ୍ୟ ସେମାନଙ୍କ ଦାବିକୁ ସମର୍ଥନ କରିବା ସହ ପରିବାରକୁ ଉପଯୁକ୍ତ ନ୍ୟାୟ ଏବଂ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରିଛନ୍ତି। ବିଧାୟକଙ୍କ ସହ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ବିଜେଡି ସଭାପତି ଶେଷଦେବ ସ୍ୱାଇଁ, ଉପାଧ୍ୟକ୍ଷ ରାଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଅଫିସ ସାମ୍ନାରେ 'ମନରେଗା ବଞ୍ଚାଅ' ଧାରଣା



**ନୟାଗଡ଼,୭ ।୨(ସମିସ):** କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖର୍ଗେଙ୍କ ନିର୍ଦ୍ଦେଶକ୍ରମେ ଦେଶବ୍ୟାପୀ ମନରେଗା ବଞ୍ଚାଅ ଆନ୍ଦୋଳନ ପରିପ୍ରେକ୍ଷୀରେ ନୟାଗଡ଼ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମନରେଗା ବଞ୍ଚାଅ ଦାବି ସହ ଟାଟା ପାୱାର ମନମାନି ଓ ଚାଷୀ ଶୋଷଣ ପ୍ରତିବାଦରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲାପାଳ ମଧୁମିତା ରଥଙ୍କୁ ମନରେଗା ଆଇନର ସୁରକ୍ଷା ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବିକ୍ଷୋଭ ସଭାରେ ଡିସିସି ଉପସଭାପତି ଲକ୍ଷ୍ମୀଧର ତ୍ରିପାଠୀ, ଧ୍ରୁବଚରଣ ପରିଡ଼ା, ସୁକାନ୍ତ ଶତପଥୀ ବରିଷ୍ଠ ନେତା ସରୋଜ ପରିଡ଼ା, ହୁସେନ ଖାଁ, ମନୋଜ ସାହୁ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁଙ୍କ ସମେତ ବହୁ ନେତା ମନରେଗା ଆଇନ ରଦ୍ଦ, ମହାତ୍ମା ଗାନ୍ଧୀଙ୍କ ନାମକୁ ବାଦଦେବାକୁ ନେଇ ପ୍ରତିବାଦ କରିଥିଲେ। କଂଗ୍ରେସ ସରକାର ସମୟର ମନରେଗା ଆଇନ୍ ଦେଶର ୪୦ କୋଟି ଶ୍ରମିକ, କୃଷକ ଓ ଦିନ ମଜୁରିଆଙ୍କୁ ସର୍ବନିମ୍ନ ୧୦୦ ଦିନର ନିଶ୍ଚିତ ରୋଜଗାର ପ୍ରଦାନ କରୁଥିବା ବେଳେ ବର୍ତ୍ତମାନର ବିଜେପି ସରକାରର ଭିଭି ରାମଜୀ ଆଇନରେ ଶ୍ରମିକଙ୍କ ପାଇଁ ନିଶ୍ଚିତ ରୋଜଗାରର ବ୍ୟବସ୍ଥା ନାହିଁ ବୋଲି ବକ୍ତାମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଚାଷୀ, ଶ୍ରମିକ, ମହିଳା, ଛାତ୍ର, ଯୁବକ ଯୋଗଦେଇଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ




**ଗଣିଆ,୭ ।୨(ସମିସ):** ଗଣିଆ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗିରିଶ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ତହସିଲଦାର ଐଶ୍ୱର୍ଯ୍ୟା ପୃଷ୍ଟେଠ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀରମୋହନ ଡାକୁଆ, ମୁଖ୍ୟବକ୍ତା ଭାବେ ନୟାଗଡ଼ ସଙ୍କୁଳ ପ୍ରମୁଖ ଦୀଲୀପ କୁମାର ମିଶ୍ର, ବିଦ୍ୟାଳୟସମ୍ପାଦକ ବସନ୍ତକୁମାର ସାହୁ, ପ୍ରଧାନଆଚାର୍ଯ୍ୟ ନିରଞ୍ଜନ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଶରତ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ନୂତନ ଜଳବିଶୋଧକ ଯନ୍ତ୍ର ଉଦଘାଟନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ଶିକ୍ଷାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କରିବାକୁ ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ନୀଳମାଧବ ମହାବିଦ୍ୟାଳୟର ବାର୍ଷିକୋତ୍ସବ



**କଣ୍ଟିଲୋ,୭ ।୨(ସମିସ):** ସ୍ଥାନୀୟ ନୀଳମାଧବ ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷା ଡ. ନନ୍ଦିତା ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ସମ୍ମାନିତ ଅତିଥି ରୂପେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଖଣ୍ଡପଡ଼ା ବିଡିଓ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀ, ଏସଡିପିଓ ମଦନ ମୋହନ ପ୍ରଧାନ, ପ୍ରାକ୍ତନ ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ସମାଜସେବୀ ଅଖିଳ ମହାରଣା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡ଼ା ତଥା ବିଭିନ୍ନ ଇଭେଣ୍ଟରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ର ସଂସଦ ଉପଦେଷ୍ଟା ତଥା ଇଂରାଜୀ ବିଭାଗ ମୁଖ୍ୟ ଓମପ୍ରକାଶ ସାହୁ ବିବରଣୀ ପାଠ ଓ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

**● ଖାନ୍ ଏକାଡେମୀ ପ୍ରତିଯୋଗିତା**

## ବାଇଗୁଣିଆ ହାଇସ୍କୁଲ ଜିଲ୍ଲାରେ ଶ୍ରେଷ୍ଠ

**ଭାପୁର,୭ ।୨(ସମିସ):** ଖାନ ଏକାଡେମୀ ତରଫରୁ ଆୟୋଜିତ ପ୍ରତିଯୋଗିତାରେ ଭାପୁର ବ୍ଲକ ବାଇଗୁଣିଆ ତନ୍ତୁବାୟ ସହଯୋଗ ହାଇସ୍କୁଲ ଜିଲ୍ଲାରେ ଏକମାତ୍ର ବିଦ୍ୟାଳୟ ଭାବେ ଏହି ସମ୍ମାନ ଅଧିକାରୀ ହୋଇଛି। ଭୁବନେଶ୍ୱର ଡୁମୁଡୁମାରେ ଥିବା ଆଇଟିସି ୱେଲକମ ହୋଟେଲରେ ଶୁକ୍ରବାର ପଞ୍ଚସଖା ଶିକ୍ଷାସେତୁ ଓ ଓସେପା ମିଳିତ ସହଯୋଗରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ତନ୍ତୁବାୟ ସହଯୋଗ ସରକାରୀ ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ଅର୍ପିତା ନାୟକ ପୁରସ୍କାର ଗ୍ରହଣ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଶିବପ୍ରସାଦ ଦାସ ଉପସ୍ଥିତ ଥିଲେ। ଏହି ସଫଳତା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କଠାରୁ ଆରମ୍ଭ କରି ଭାପୁର ବ୍ଲକ ଶିକ୍ଷାଧିକାରୀ, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରତାପ ରଣା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଶୁଭେଚ୍ଛା ଜଣାଇଛନ୍ତି।

## ଛାତ୍ରଛାତ୍ରୀଙ୍କ ସୃଜନାତ୍ମକ କାର୍ଯ୍ୟକ୍ରମ 'କଳିକା'



**ନୟାଗଡ଼,୭ ।୨(ସମିସ):** ଜିଲ୍ଲା ପୁଲିସ ଦ୍ୱାରା ଛାତ୍ରଛାତ୍ରୀଙ୍କ ସୃଜନାତ୍ମକ କାର୍ଯ୍ୟକ୍ରମ କଳିକା-୨ ରିଜର୍ଭ ପୁଲିସ ପଡ଼ିଆରେ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଷଷ୍ଠରୁ +୩ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଭା ଉନ୍ମେଷ ଓ ବିକାଶ ଆଧାରିତ ଏହି କାର୍ଯ୍ୟକ୍ରମରେ ରଙ୍ଗୋଲି, କୁଇଜ, ସାଧାରଣ ଜ୍ଞାନ, ମୂକାଭିନୟ, ଲୋକନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାମାଜିକ ସଚେତନତା ପାଇଁ ଫାୟାର ଫାଇଟିଂ, ସ୍ନେକ ହେଲ୍ପଲାଇନ୍, ଫାଷ୍ଟଏଡ୍ ଏବଂ ସେଲ୍ଫ ଡିଫେନ୍ସ ସହ ମ୍ୟାଜିକ ସୋ ଆଦି ପ୍ରଦର୍ଶିତ ହୋଇଥିଲା। ନୟାଗଡ଼ ଏସ୍‌ପି ଏସ୍. ସୁଶ୍ରୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ମଧୁମିତା ରଥ, ସମ୍ମାନିତ ଅତିଥି ଭାବେ ପୁଲିସ୍ ପ୍ରଶିକ୍ଷଣ ବିଦ୍ୟାଳୟ ଅଧ୍ୟକ୍ଷ ଭବେଶ ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ଏସିଏଫ୍‌ଓ ହିମାଂଶୁ ମୁଦୁଲି ଯୋଗଦେଇଥିଲେ। ଏସ୍‌ପି ସୁଶ୍ରୀ ଏଥିରେ ସଭାପତିତ୍ୱ କରିଥିଲେ। ଏଏସ୍‌ପି ସୁବାସ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

**ବିଜେଡିର ସାଙ୍ଗଠନିକ ବୈଠକ**

## ୧୧ରେ ବିଶାଳ ଶୋଭାଯାତ୍ରା ଓ ବିକ୍ଷୋଭ




**ନୟାଗଡ଼,୭ ।୨(ସମିସ)**

ନୟାଗଡ଼ ବିଜେଡି କାର୍ଯ୍ୟାଳୟରେ ଶନିବାର ନିର୍ବାଚନ ମଣ୍ଡଳୀସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକକୁ ନିର୍ବାଚନ ମଣ୍ଡଳୀ ସଭାପତି ଗଙ୍ଗାଧର ପଣ୍ଡା ସଂଯୋଜନା କରିଥିଲେ। ନବନିର୍ବାଚିତ ବ୍ଲକ ସଭାପତି ଭଞ୍ଜକିଶୋର ମହାପାତ୍ର ଏବଂ ପୌର ପରିଷଦ ବିଜେଡି ସଭାପତି ଦାଶରଥି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟରେ ବିଜେପି ସରକାର ପ୍ରତି ଲୋକଙ୍କ ମଧ୍ୟରେ ବିତୃଷ୍ଣା ଆରମ୍ଭ ହେଲାଣି। ଆଗାମୀ ଦିନରେ ଲୋକେ ଉଚିତ୍ ଜବାବ ଦେବେ ବୋଲି ବିଧାୟକ ସାହୁ କହିଥିଲେ। ଏହା ସହିତ ସଂଗଠନକୁ ମଜବୁତ୍ କରିବା ଉପରେ ବକ୍ତବ୍ୟ ରଖିଥିଲେ। ଚାଷୀ ସମସ୍ୟା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଆଗାମୀ ୧୧ ତାରିଖ ବିକ୍ଷୋଭ କାର୍ଯ୍ୟକ୍ରମ କରାଯିବାକୁ ବିଧାୟକ ସୂଚନା ଦେଇଥିଲେ। ନୟାଗଡ଼ ଖେଳପଡ଼ିଆରୁ ଶୋଭାଯାତ୍ରା ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯିବ ବୋଲି ସୂଚନା ଦେଇଥିଲେ। ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ଅନ୍ୟ ନିର୍ବାଚନ ମଣ୍ଡଳୀରୁ ମଧ୍ୟ ଲୋକେ ସାମିଲ ହେବେ ବୋଲି ସେ କହିଥିଲେ। ବୈଠକରେ ବରିଷ୍ଠ ନେତ୍ରୀ ଇରାନୀ ରାୟ, ନୟାଗଡ଼ ପୌରାଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ବିଜେଡି ମହିଳା ସଭାପତି ବିରଜାଲକ୍ଷ୍ମୀ ସାହୁ, ଜିଲ୍ଲା ପରିଷଦ ସଭାପତି ସୁବାସ ଚନ୍ଦ୍ର କହଁରଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଯୋଗଦେଇଥିଲେ।

# ଭତ୍ତା ପ୍ରଦାନର ଦିନକ ପରେ ଫେରାଇ ନେଲେ

ଜଳେଶ୍ୱର, ୭।୨ (ସମିସ)

ଜଳେଶ୍ୱର ବ୍ଲକରେ ଚାଲିଛି ଅନ୍ଧେର ରାଜତ୍ୱ। କୁଜିନେତା ଓ ଦଲାଲ ମାନଙ୍କ କବଜାରେ ଜଳେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ। ସରକାରୀ କର୍ମଚାରୀ ମାନେ ଅର୍ଥ ଲୋଭରେ ଅନ୍ଧ ଭାବରେ ଦାୟିତ୍ୱ ସମ୍ପନ୍ନ କରୁଥିବାର ଦେଖିବାକୁ ମିଳୁଛି। ସୂଚନାନୁଯାୟୀ ଗତ ୨୯/୦୩/୨୦୨୫ରେ ଦକ୍ଷିଣ ପ୍ରହରାଜପୁର ଗ୍ରାମ ପଞ୍ଚାୟତର ନିରଂଜନ ବେହେରାଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀ ବେହେରା (୬୦)ଙ୍କୁ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ମାତ୍ର ଗୋଟିଏ ଦିନ ପରେ ଉକ୍ତ ଅର୍ଥ ଭୁଲରେ ପ୍ରଦାନ କରାଯାଇଛି କହି ଉକ୍ତ ହିତାଧିକାରୀଙ୍କ ନିକଟରୁ ଭତ୍ତା ବାବଦ ଅର୍ଥ ଫେରାଇ ଅଣାଯାଇଥିଲା। ୬୦ବର୍ଷର ବୃଦ୍ଧାଙ୍କୁ ଭତ୍ତା ପ୍ରଦାନର ଦିନକ ପରେ ତାଙ୍କ ଠାରୁ ଅର୍ଥ ଫେରାଇ ଆଣିବା ବୃଦ୍ଧାଙ୍କ ମାନସିକ ସ୍ଥିତି କଥା ଚିନ୍ତାର ବିଷୟ। ଉକ୍ତ ବୃଦ୍ଧା ଦୀର୍ଘଦିନରୁ ଭତ୍ତା ପାଇଁ ଆବେଦନ




କରିବା, ବାରଂବାର ନେତା, କୁଜି ଓ ଦଲାଲ ମାନଙ୍କ ଦ୍ୱାରା ପ୍ରରୋଚିତ ହୋଇ ବାରଂବାର ବ୍ଲକ କାର୍ଯ୍ୟାଳୟରୁ ଘୁରିବା ପରେ ଶେଷରେ ଭତ୍ତା ହାତରେ ଧରି ଘରକୁ ଫେରିବା ଓ ଗୋଟିଏ ଦିନ ପରେ ପୁଣି କାର୍ଯ୍ୟାଳୟର କର୍ମଚାରୀ ଉକ୍ତ ଭତ୍ତା ଟଙ୍କା ଫେରାଇ ଆଣିବା ଏହା ବୃଦ୍ଧାଙ୍କୁ ମାନସିକ ନିର୍ଯ୍ୟାତନା ସହିତ ସମାନ ବୋଲି ବୃଦ୍ଧା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କିଛିଦିନ ମଧ୍ୟରେ ତାଙ୍କୁ ଭତ୍ତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇ ଆଜକୁ ବର୍ଷ ଅତିକ୍ରମ କରିବାକୁ ବସିଛି ମାତ୍ର ଭତ୍ତା ମିଳିବା ବଦଳରେ ବ୍ଲକ ଅଧିକାରୀମାନେ ମୁହଁକୁ ଚାହୁଁ ନ ଥିବା ଅତି ଦୁଃଖର ସହିତ ଅନ୍ତରର କଥା କହିଛନ୍ତି ବୃଦ୍ଧାଙ୍କ ପରିବାର ସଦସ୍ୟ।

**ପ୍ରତିଶ୍ରୁତିକୁ ବର୍ଷେ ବିତିଲା, ଭତ୍ତାକୁ ଚାହିଁ ରହିଛନ୍ତି ବୃଦ୍ଧା**

## ମାନସିକ ବିକାରଗ୍ରସ୍ତଙ୍କ ଉନ୍ମତ୍ତକାଣ୍ଡ

ଜଳେଶ୍ୱର, ୭।୨ (ସମିସ) : ଜଳେଶ୍ୱର ମ୍ୟୁନିସିପାଲିଟିର ଷ୍ଟେସନବଜାର ଠାରେ ପ୍ରାୟ ୧ମାସ ହେବ ଜଣେ ୨୫ବର୍ଷିୟ ଯୁବକ କାଳିମନ୍ଦିର ସମ୍ମୁଖ ପକ୍କା ବେଞ୍ଚରେ ବସୁଥିବାର ସ୍ଥାନୀୟଲୋକେ କହିଛନ୍ତି। ଯୁବକ ଜଣକ ରାତିରେ କେଉଁଆଡେ ଚାଲିଯାଉଥିବା ବେଳେ ଦିନତମାମ ଏଠାରେ ବସିରହି ହିନ୍ଦୀରେ କଥାବାର୍ତ୍ତା କରୁଥାଏ। ଆଜି ଏକ ଦମ୍ପତି ନିକଟରେ ଏକ ଫଳ ଦୋକାନରୁ ଫଳ କିଣିବାକୁ ଗଲାବେଳେ ହଠାତ୍ ସେ ଦୌଡିଆସି ଉକ୍ତ ମହିଳାଙ୍କୁ ଆକ୍ରମଣ କରିଥିଲା। ମହିଳାଙ୍କ ସ୍ୱାମୀ ଚିତ୍କାର କରିବାରୁ ନିକଟରେ ଏକ ମିଠାଦୋକାନରେ କାମ କରୁଥିବା ବାଘାବାଳୀ ଗାଁର ବାପି ଦାସ(୪୭)କୁ ମଧ୍ୟ ଆକ୍ରମଣ କରିଥିଲା। ତା ନିକଟରେ ଥିବା କଇଁଚିରେ ବାପିର ଆଖିତଳ ମୁହଁକୁ ଭୁଷି ଦେବାରୁ ତାଙ୍କୁ ଜିକେଭଟ୍ଟର ହସ୍ପିଟାଲକୁ ନିଆଯାଇଥିଲା। ନିକଟସ୍ଥ ଦୋକାନୀମାନେ ଥାନାକୁ ଖବର ଦେଇଥିଲେ। ରାସ୍ତାରେ ଯାନବାହାନ ବନ୍ଦ ହୋଇଥିବା ବେଳେ ପ୍ରାୟ ୧ଘଣ୍ଟା ପରେ ପୁଲିସ୍ ଆସି ତାକୁ କାବୁ କରି ନେଇଯାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଜଳେଶ୍ୱର ସହରରେ ବହୁ ସଂଖ୍ୟାରେ ପାଗଳମାନେ ରାସ୍ତାଘାଟରେ ଘୁରିବୁଲୁଥିବା ବେଳେ ସେମାନଙ୍କ ଥଇଥାନ ଲାଗି କୌଣସି ବ୍ୟବସ୍ଥା କରାଯାଉନଥିବାରୁ ବିଭିନ୍ନ ସମୟରେ ପଥାଚାରୀମାନେ ଆକ୍ରମଣର ଶିକାର ହେଉଛନ୍ତି।

## ଅସହାୟ ଭାଇ ଭଉଣୀଙ୍କୁ ଉଦ୍ଧାର କଲା ପ୍ରଶାସନ

ଜଳେଶ୍ୱର ବ୍ଲକ, ୭।୨(ସମିସ) : ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପଞ୍ଚାୟତ ସମିତି ଶ୍ୟାମନଗର ଗ୍ରାମ ପଞ୍ଚାୟତର ଘଷିପଦା ଗ୍ରାମର ଟେଟେଜ୍ ବେଶ୍ରା ଓ ତାଙ୍କ ଧର୍ମ ପତ୍ନୀ ସୁଲେଖା ବେଶ୍ରା ଦାଦନ ଖଟିବାକୁ ୨ ବର୍ଷ ପୂର୍ବେ ତାମିଲନାଡୁ ଯାଇ ଆଉ ଘରକୁ ଫେରୁ ନାହାଁନ୍ତି କିମ୍ବା ସେମାନେ ଘର କିମ୍ବା ପିଲାମାନଙ୍କ ସହିତ କୌଣସି ଯୋଗ ଯୋଗ ନାହିଁ। ତାଙ୍କର ଦୁଇ ଶିଶୁ ପ୍ରିୟଙ୍କା ୫ ବର୍ଷ ଓ ମନୋଜ ୧୦ ବର୍ଷର ବେସାହାରା ହୋଇ କିଛି ଦିନ ପିଲାମାନେ ପଶ୍ଚିମବଙ୍ଗ ମାମୁଁ ଘରେ ରହି ଆସୁଥିଲେ କିନ୍ତୁ ସେଠାରେ ସେମାନେ ଖାଦ୍ୟ ପାନୀୟର ଓ ପାଠ ପଢାରେ ଅବହେଳିତ ହେବାରୁ ଯାହାକୁ ଦେଖି ତାଙ୍କର ପଡ଼ୋଶୀ ସମ୍ପର୍କୀୟ ଜେଜେ ବାପା କିନ୍ତୁ ବେଶ୍ରା ଏହି ଦୁଇ ପିଲାଙ୍କୁ ଉଦ୍ଧାର କରି କିଛି ଦିନ ନିଜର ଦାରିଦ୍ର୍ୟତାରେ ମଧ୍ୟ ପିଲାଙ୍କୁ ଆଣି ନିଜ ପାଖରେ ରଖିଥିଲେ।



ତାଙ୍କର ମଧ୍ୟ ଆର୍ଥିକ ସାମର୍ଥ୍ୟ ଅଭାବ ହେତୁ ଏହି ଅସହାୟ ଦୁଇ ପିଲାଙ୍କ ପାଠ ପଢା ଡୋରି ଲାଗିଥିଲା ଯାହାକୁ ଦେଖି ରାଇବଣିଆ ଅଞ୍ଚଳର ଯୁବ ସାମ୍ବାଦିକ ଅଶ୍ରୁମୋଚନ ଘୋଷ ଓ ସ୍ଥାନୀୟ ସରପଞ୍ଚ ଗିରିଜା ଶଙ୍କର ସାସମଲ ସହଯୋଗ ଲାଗି ଆଗେଇ ଆସିଥିଲେ। ଗତ ୩୦ ଜାନୁୟାରୀରେ ଏ ନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗୋହିରୀଙ୍କ ନିର୍ଦ୍ଦେଶରେ ଆଜି ବିଭାଗର ପ୍ରଶାନ୍ତ କୁମାର ରାଉତ, ଉତ୍ତମ ନାୟକ, ଜ୍ୟୋତି ପ୍ରକାଶ କର ଅସହାୟ ପ୍ରିୟଙ୍କା ଓ ମନୋଜଙ୍କୁ ଉଦ୍ଧାର କରି ସ୍ଥାନୀୟ ଥାନାକୁ ଅବଗତି କରାଇ ବାଲେଶ୍ୱର ଶିଶୁ କଲ୍ୟାଣ ସମିତିକୁ ନିଆଯାଇଛି। ସେମାନେ ସରକାରୀ ସ୍ତରରେ ପାଠ ପଢା ସହିତ ଅନ୍ୟ ସମସ୍ତ ସୁବିଧା ସୁଯୋଗ ପାଇ ପାରିବେ ସେ ନେଇ ସମସ୍ତ ବ୍ୟବସ୍ଥା ପ୍ରଦାନ କରାଯିବ ବୋଲି ମତ ପ୍ରକାଶ କରିଥିଲେ। ଏହି ଉଦ୍ଧାର ସମୟରେ ପଥରଶୋଳ ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀ ଙ୍ଗନଗ ହାଁସଦା ମଧ୍ୟ ଉପସ୍ଥିତ ରହିଥିଲେ।

## ଦୁଇ ବେଆଇନ ବାଲି ସୈରାତ ରାସ୍ତା ତାଡ଼ିଲା ଖଣିବିଭାଗ

ରାଜଘାଟ, ୭।୨ (ସମିସ): ଜଳେଶ୍ୱର ଥାନା ଅନ୍ତର୍ଗତ ଚାଲନ୍ତୀ ଓ ଏକତାଳି ବାଲି ସୈରାତର ମୁଖ୍ୟ ରାସ୍ତାକୁ ଖଣି ବିଭାଗ ଦ୍ୱାରା ତାଡ଼ି ଦିଆଯାଇଛି। ସଉକ୍ତ ଦୁଇ ବାଲି ସୈରାତରେ ଦୀର୍ଘଦିନ ଧରି ବେଆଇନ ଭାବେ ବାଲି ଉତ୍ତୋଳନ ହୋଇଆସୁଥିଲା। ଏ ନେଇ ସ୍ଥାନୀୟ ଲୋକ ବାରମ୍ବାର ଜିଲ୍ଲା ଖଣି ଅଧିକାରୀ ଜଗନ ବେହେରାଙ୍କ ନିକଟରେ ଅଭିଯୋଗ କରିଆସୁଥିଲେ। ଫଳରେ ଶ୍ରୀ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଆଜି କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ପହଞ୍ଚି ବାଲି ପରିବହନ ଲାଗି ବ୍ୟବହୃତ ରାସ୍ତାକୁ ଜେସିବି ଦ୍ୱାରା ଖୋଳି ଦେଇଥିଲେ।

## ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ବୈଠକ

ସୋର, ୭।୨(ସମିସ): ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ୫ଜଣିଆ ପ୍ରତିନିଧି ମଣ୍ଡଳୀର ବୈଠକ ସତ୍ୟନଗରସ୍ଥିତ ତୋଷାଳୀ ଭବନର ଆମ କଲେଜ ଆମ ଗୌରବ ସମ୍ମିଳନୀ କକ୍ଷରେ ଅବସର ପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅଶୋକ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ କମିଟି ସହ ସଫଳତାର ସହିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜିର ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ବିଧାୟକ ବାବୁସିଂ, ବିଧାୟକ ଏକାମ୍ର ଭୁବନେଶ୍ୱରଙ୍କ ବ୍ୟକ୍ତିଗତ ସଚିବ ସୁରେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ। ସଂଘର ଦାବି ରାଜ୍ୟର ବିଭିନ୍ନ ଅନୁଦାନ ପ୍ରାପ୍ତ ଏବଂ ଅଣଅନୁଦାନ ମହାବିଦ୍ୟାଳୟରେ ୦୧ ଜୁନ ୨୦୦୮ ରୁ ୦୧ ଜୁନ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ



କର୍ମଚାରୀ ମାନଙ୍କୁ ସରକାରୀ ଅନୁଦାନ ପରିସରଭୁକ୍ତ କରିବା ପାଇଁ କମିଟି ସମ୍ମୁଖରେ ଦୃଢ଼ ଭାବରେ ଉପସ୍ଥାପନା କରାଯାଇଛି। ସଂଘର ଦାବିକୁ ଯୁକ୍ତିଯୁକ୍ତ ପ୍ରମାଣ କରିବା ପାଇଁ ସଂଘର ସଭାପତି ବିଶ୍ୱରଂଜନ ଦାସ କମିଟି ସମ୍ମୁଖରେ ବଳିଷ୍ଠ ତଥ୍ୟ ଭିତ୍ତିକ ପ୍ରମାଣ ପତ୍ର ଉପସ୍ଥାପନ କରିଛନ୍ତି। ଉଚ୍ଚସ୍ତରୀୟ କମିଟିର ସଂଘ ସହିତ ଦୀର୍ଘ ଦେଢ଼ ଘଣ୍ଟା ଧରି ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ସଂଘର ଯୁକ୍ତିଯୁକ୍ତ ଦାବିକୁ ସହୃଦୟତାର ସହ ଗ୍ରହଣ କରିଛନ୍ତି। ଉଚ୍ଚସ୍ତରୀୟ କମିଟି ଅବିଳମ୍ବେ ୨୦୦୮ ରୁ ୨୦୧୮ ଅନୁଦାନ ନିମନ୍ତେ ମାନନୀୟ ମୁଖ୍ୟମନ୍ତ୍ରୀଙ୍କୁ ସୁପାରିସ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଆଜିର ବୈଠକରେ ସଂଘର ପ୍ରତିନିଧି ମଣ୍ଡଳରେ ସଂଘର ସଭାପତିଙ୍କ ସମେତ ସମ୍ପାଦକ ପ୍ରିୟବ୍ରତ ମହାପାତ୍ର ଆବାହକ ନୀଲୁ ନାୟକ, କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ବାପୁଜୀ ମହାପାତ୍ର ଏବଂ କଟକ ଜିଲ୍ଲା ସଂଯୋଜକ କେଶବ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

## ୯ ରେ ଦିବ୍ୟାଙ୍ଗ ଚିହ୍ନଟ ଶିବିର

ବାଲିଆପାଳ, ୭।୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକରେ ଆସନ୍ତା ୯ ତାରିଖରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହେବ। ଏ ନେଇ ବାଲିଆପାଳ ସଭାଗୃହ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାଧା ରଞ୍ଜନ ଦାଶ, ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ଅତିରିକ୍ତ ତହସିଲଦାର ରାମହରି ଦାଶ, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥ ସାରଥି ସାହୁ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ ଉପସ୍ଥିତ ରହି ଶିବିରକୁ ଆସିବାକୁ ଥିବା ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କର ସୁଚାରୁ ରୂପେ ଡାକ୍ତରୀ ପରୀକ୍ଷା କରାଯିବା ବିଷୟରେ ଆଲୋଚନା କରିଥିଲେ। ବୈଠକରେ ବିଭିନ୍ନ ବିଭାଗରୁ ଅଧିକାରୀଙ୍କ ସହିତ ବାଲିଆପାଳର ୨୮ ପଞ୍ଚାୟତରୁ ସରପଞ୍ଚ ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ।

## ଫଟାଅର୍ଜୁନ ଛକରୁ ବାଇକ ଚୋରି ଅଭିଯୋଗ

ସୋର, ୭।୨(ସମିସ): ସୋର ଥାନା ଫଟାଅର୍ଜୁନ ଛକ ନିକଟରୁ ଏକ ବାଇକ ଚୋରି ହୋଇଥିବା ବେଳେ ସିସିଟିଭିରେ ଚୋରିବେଳର ଦୃଶ୍ୟ କଏଦ ହୋଇଛି। ମୁଳିସିଂ ଗ୍ରାମର ସନ୍ତୋଷ ରାଉତ ତାଙ୍କର ଓଡି ୦୧ ୱାଇ ୪୬୪୫ ନମ୍ବର ବିଶିଷ୍ଟ ବାଇକ ଟିକୁ ଫଟାଅର୍ଜୁନ ଛକରେ ରଖି କୌଣସି କାମରେ ଯାଇଥିଲେ। କିଛି ସମୟ ପରେ କାମସାରି ଫେରି ସେ ରଖିଥିବା ସ୍ଥାନରେ ବାଇକ କୁ ନ ପାଇ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ। ପରେ ନିକଟରେ ଲାଗିଥିବା ଏକ ସିସି କ୍ୟାମେରାରେ ତାଙ୍କ ବାଇକଟିକୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଜାଣିପାରି ସୋର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୂଳେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବାଇକ ସହ ଦେଶୀମଦ ଜବତ, ୩ ଗିରଫ

ସୋର, ୭।୨(ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବାଇକ ସହ ଦେଶୀମଦ ଜବତ କରିଥିବା ବେଳେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ପ୍ରଜ୍ଞାପ୍ରିୟା ନାୟକଙ୍କ ନେତୃତ୍ୱରେ ଏକ ଟିମ ପାଖର ଛକରେ ପେଟ୍ରୋଲିଂ କରୁଥିବା ବେଳେ ଓଆର ୦୧ଜେ ୮୫୩୧ ନମ୍ବର ବିଶିଷ୍ଟ ବାଇକକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ବାଇକରେ ୧୨୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ଫଳରେ ଏହି ଟିମ୍ ବାଇକ ସହ ଦେଶୀମଦକୁ ଜବତ କରିବା ସହିତ କଣ୍ଟାବାଙ୍କି ଗ୍ରାମର ନାରାୟଣ ନାୟକକୁ ଗିରଫ କରିଥିଲେ। ସେହିପରି ଏହି ଟିମ ବର୍ଛିଗଡ଼ିଆ ଗ୍ରାମରେ ଚଢ଼ଉ କରି ମହେଶ୍ୱର ନାୟକ ନିକଟରୁ ୨୦ ଲିଟର ଦେଶୀମଦ ଏବଂ ରାଧାବଲ୍ଲଭପୁର ଗ୍ରାମର ମୁକୁନ୍ଦ ବେହେରା ନିକଟରୁ ୨୫ ଲିଟର ଦେଶୀମଦ ଜବତ କରିବା ସହିତ ସମସ୍ତଙ୍କୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡ଼ିକାଲରେ ସମସ୍ତଙ୍କ ଡାକ୍ତରୀ ମାଇନା ପରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ବସନ୍ତ କୁମାର ବାରିକ, କ୍ଷିରୋଦ କୁମାର ସାହୁ, କନେଷ୍ଟବଳ ଶଶୀକାନ୍ତ ସାହୁ, ମିନତୀ ପରିଡା ସାମିଲ ହୋଇଥିଲେ।

## ବେଆଇନ ବାଲି ଉତ୍ତୋଳନରେ ସରପଞ୍ଚଙ୍କ ସମ୍ପୃକ୍ତି ଅଭିଯୋଗ

ଜଳେଶ୍ୱର, ୭।୨ (ସମିସ): ଉତ୍ତର ବାଲେଶ୍ୱର ଅଂଚଳର ଜୀବନ ରେଖା ସୁବର୍ଣ୍ଣରେଖା ନଦୀ ଓ ତାର ଉପକୂଳ ବାସୀ ବର୍ତ୍ତମାନ ବିପଦ ମୁଖରେ। ନଦୀର ବିଭିନ୍ନ ଜାଗାରେ ବେନିୟମ ବାଲି ଉତ୍ତୋଳନ ଦିନକୁ ଦିନ ବଢିବାରେ ଲାଗିଛି। ସୁବର୍ଣ୍ଣରେଖା ନଦୀର ଶିଖରପୁର ପଂଚାୟତରେ ଦୁଇ ଦୁଇଟି ସରକାରୀ ବାଲିଖାଦାନ ରହିଥିବା ବେଳେ ଉକ୍ତ ପଂଚାୟତର ସୁଖଦୁଃଖିଆ ଗ୍ରାମ ପାଶ୍ୱର୍ରେ ଦୀର୍ଘଦିନ ଧରି ବାଲି ଉତ୍ତୋଳନ ଚାଲିଛି। ପଂଚାୟତର ବହୁ ବ୍ୟକ୍ତି ଏହି ବାଲି ଉତ୍ତୋଳନରେ ସାମିଲ ହୋଇଥିବା ବେଳେ ଖୋଦ ସରପଂଚଙ୍କ ସଂପୃକ୍ତି ରହିଛି ବୋଲି କିଛି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଫଳରେ ବାରଂବାର ମାଇନିଂ ଅଧିକାରୀ ଓ ତହସିଲ ତରଫରୁ ରାସ୍ତା କାଟିବା ପରେ ମଧ୍ୟ କିଛିଦିନ ପରେ ପୁଣି ବାଲି ଉତ୍ତୋଳନ ଆରମ୍ଭ ହୋଇଯାଉ ଥିବାର ଦେଖିବାକୁ ମିଳୁଛି। ନଦୀ କୂଳର ବିଭିନ୍ନ ଜାଗାରେ ଶହଶହ ଟ୍ରିପ ବାଲି ପାହାଡ ପରି ଗଛିତ ରଖାଯାଇଛି। ପ୍ରଶାସନ ପକ୍ଷରୁ ବାଲି ଖାଦାନ ରାସ୍ତାକୁ ବାରଂବାର ତାଡିଦେବା ଫଳରେ କିଛିଦିନ ବାଲି ଉତ୍ତୋଳନ ବନ୍ଦ ରହୁଥିବା ବେଳେ ପୁଣି ଆରମ୍ଭ ହୋଇ ଯାଉଥିବାର ଦେଖିବାକୁ ମିଳୁଛି। ଫଳରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

## ବିଧାୟିକାଙ୍କ ଦ୍ୱାରା କମ୍ବଳ ବଣ୍ଟନ

ବାଲିଆପାଳ, ୭।୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତରେ ଥିବା ଗରିବ, ଅସହାୟ, ଭିନ୍ନକ୍ଷମ ଲୋକଙ୍କୁ ଶୀତ ଦାଉରୁ ଆଶ୍ୱସ୍ତି ଦେବା ପାଇଁ ଶନିବାର ବସ୍ତା ବିଧାୟିକା ସୁବାସିନି ଜେନାଙ୍କ ଦ୍ୱାରା ଡାଲୁଆ ଗ୍ରାମରେ ତପନ ଜେନାଙ୍କ ବାସଭବନରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ହୋଇଯାଇଛି। ପଞ୍ଚାୟତର ସରପଞ୍ଚ ତୃପ୍ତି ଲେଖା ଜେନାଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତରେ ଥିବା ୧୬ ଟି ୱାର୍ଡରୁ ପ୍ରାୟ ପାଞ୍ଚ ଶହରୁ ଉହରୁ ହିତାଧିକାରୀଙ୍କୁ କମ୍ବଳ ବଣ୍ଟା ଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ନିଶାକର ସେଠି, ପୂର୍ବତନ ସରପଞ୍ଚ ଶରତ ପ୍ରଧାନ, ଶାନ୍ତନୁ ଭଦ୍ର, ପୂର୍ବତନ ସଦସ୍ୟା ବନିଶିକା ଭଦ୍ର, ହରେକୃଷ୍ଣ ଜେନା, ଅଜୟ ସାମଲ, ପ୍ରଫୁଲ୍ଲ ପାତ୍ର, ମାନସ ରଞ୍ଜନ ଦାଶ, କିଶୋର ପାତ୍ର, ପ୍ରଶାନ୍ତ ପାତ୍ର, ଧନଞ୍ଜୟ ଦାସ, ରାଜୀବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଡିଭାଇନ୍ ଏଜୁକେସନାଲ ଆଣ୍ଡ ଚାରିଟେବୁଲ୍ ଟ୍ରଷ୍ଟର ବାର୍ଷିକ ଉତ୍ସବ

ନୀଳଗିରି, ୭।୨(ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଭାଇନ୍ ଏଜୁକେସନାଲ୍ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଡିଭାଇନ୍ ଶିକ୍ଷାନୁଷ୍ଠାନର ୧୬ତମ ବାର୍ଷିକଉତ୍ସବ ନୀଳଗିରି କେ.ସି. ହାଇସ୍କୁଲ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଛାତ୍ରୀ ମଧୁସ୍ମିତା ବଳ ଏବଂ ବିଦ୍ୟାମତି ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶୁଭଲକ୍ଷ୍ମୀ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଭାବେ ନୀଳଗିରିର ବିଧାୟକ ସନ୍ତୋଷ ଖଟୁଆ, ମୁଖ୍ୟବକ୍ତା ଭାବେ ବିନୋଦବିହାରି ପଣ୍ଡା, ବିଶିଷ୍ଟଅତିଥି ଭାବେ ନୀଳଗିରି ତହସିଲଦାର ସୋନମ୍ ଦାସ ଓ ଅବସରପ୍ରାପ୍ତ ଅଧ୍ୟକ୍ଷ ଶ୍ରୀକାନ୍ତ କୁମାର ଆଚାର୍ଯ୍ୟ ଯୋଗଦେଇ ବକ୍ତବ୍ୟ ରଖିଥିଲେ।




ଡିଭାଇନ୍ ଶିକ୍ଷାନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ସଭାରେ ଅଧ୍ୟକ୍ଷତା ଓ ସଭାପତିତ୍ୱ କରିଥିଲେ। ୯ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଓଡିଶା ସରକାରଙ୍କ ଶିକ୍ଷା ବିଭାଗ ଦ୍ୱାରା ଲାପଟପ୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡିଭାଇନ୍ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ତଥା ଡିଭାଇନ୍ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ଅନ୍ନଦା ପ୍ରସାଦ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ନୀଳଗିରି, ୭।୨(ସମିସ): ନୀଳଗିରି ନିର୍ବାଚନ ମଣ୍ଡଳୀ ଅଧିନ ମୂଳକୁଡାଇ ଗ୍ରାମର ଅନ୍ନଦା ପ୍ରସାଦ ଉ:ପ୍ରା ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ।ଦିବାକର ମଳିକ ସଭାପତିତ୍ୱ କରିଥିବା ବେଳେ ମିନତି ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। କୁନିମଣୀ ସେଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ସିଆରସିସି ପ୍ରଭଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଉମାକାନ୍ତ ଶିଅଳ, ଗଣେଶ




ପ୍ରସାଦ ପତି, ଅପୂର୍ବ ପଟ୍ଟନାୟକ ମଞ୍ଚାସୀନ ଥାଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଜୟରାମ ଧାଉଁରିଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୁଜିତ ଦାସ, ସୁରେଶ ରାଉଳ ପ୍ରମୁଖ ବିଦ୍ୟାଳୟର ଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ନାଟ୍ୟକାର ଜୟରାମ ଧୂଆଁରିଆ ଙ୍କ ଲିଖିତ ଏକ ସଂସ୍କାର ଭିତ୍ତିକ ନୂଆ ନାଟକ "କାହାଣୀ ଲେଖୁଛି ନୂଆ ସକାଳ' ପରିବେଷଣ କରାଯାଇଥିଲା।

## ଦୁର୍ଘଟଣାରେ ଯୁବକ ମୃତ

ରାଇରଙ୍ଗପୁର, ୭।୨(ସମିସ): ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟିଛି। ସାଇକଲ ଯୋଗ ଯାଉଥିବାବେଳେ ବୋଲେରୋ ଧକ୍କା ଦେବାରୁ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ହେସେଲଗୋଡା ଗ୍ରାମର ପ୍ରବାସିଆ ପାଟବନ୍ଧା (୫୮)। ସେ ସାଇକଲରେ ବଜାର ଯାଉଥିବା ସମୟରେ ଏକ ବୋଲେରୋ ସହିତ ଧକ୍କା ହୋଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଏକ ମାମଲା ରୁଜୁ କରି ବୋଲେରୋକୁ ଜବତ କରି ଅଧିକ ତଦନ୍ତ କରୁଛି।

## ଅବସରପ୍ରାପ୍ତ ଯବାନଙ୍କୁ ସୋରରେ ସମ୍ବର୍ଦ୍ଧନା

ସୋର, ୭।୨(ସମିସ): ଦୀର୍ଘ ୨୫ ବର୍ଷ ଦେଶପାଇଁ ସମର୍ପିତ ହୋଇଥିବା ଜଣେ ଯବାନ ଅବସର ନେଇ ଫେରିବା ପରେ ଗାଁ ଓ ପରିବାର ପକ୍ଷରୁ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସୋର ବ୍ଲକ ମାଣିପୁର ପଞ୍ଚାୟତ ବାଘୁଆ ଗ୍ରମାର ବାଉଲି ଓଝାଙ୍କ ବଡ ପୁଅ ଦୈତାରୀ ଓଝା ଦିର୍ଘ ୨୫ ବର୍ଷଧରି ଦେଶ ସୁରକ୍ଷାରେ ନିୟୋଜିତ ଥିଲେ। ଗତ ଜାନୁଆରୀ ୩୧ ରେ ଅବସର ନେଇ ଆଜି ସକାଳେ ସୋର ରେଳ ଷ୍ଟେସନରେ ପହଞ୍ଚିବା ପରେ ତାଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇ ବାଜା ଓ ଡିଜେ ବଜାଇ ଗାଁ ଅଭିମୁଖେ ନିଆଯାଇଥିଲା। ସେଠାରେ ଗ୍ରାମ ପରିକ୍ରମା ପରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସୋର ତହସିଲଦାର ଦୈତାରୀ ମଲ୍ଲିକ, ସୋର ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ରାଧାକୃଷ୍ଣ ମହାପାତ୍ର, ଅବସରପ୍ରାପ୍ତ ସୈନିକ କାହ୍ନୁଚରଣ ମିଶ୍ର,ଦୈତାରୀଙ୍କୁ ଶିକ୍ଷା ଦେଇଥିବା ତାଙ୍କର ପ୍ରଥମ ଶିକ୍ଷକ ମହେଶ୍ୱର ପଣ୍ଡା ଯୋଗଦେଇ ନିଜନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଯବାନ ଜଣଙ୍କ ଗତ ୨୪/୧/୨୦୦୨ ମସିହାରେ ଦେଶ ସୁରକ୍ଷାରେ ଯୋଗଦାନ କରି ୩୧/୧/୨୦୨୬ ମସିହାରେ



ମାହାରାଷ୍ଟ୍ରର ନାସିକ ଗୋଳାବାରୁଦ ୟୁନିଟ ୭୩୨ରୁ ଅବସର ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସୋର ସୈନିକ ପ୍ରଶିକ୍ଷଣ କେନ୍ଦ୍ରର ଶିକ୍ଷକ ପଞ୍ଚାନନ ପୋଇ, କେନ୍ଦ୍ରର ଛାତ୍ରଛାତ୍ରୀ ଓ ସୋର ଅଞ୍ଚଳର ଅବସରପ୍ରାପ୍ତ ସୈନିକ ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଏନ୍‌ଏସିରେ ମିଶିବାକୁ ଜଗନ୍ନାଥପୁରବାସୀଙ୍କ ସମର୍ଥନ

ଭୋଗରାଇ, ୭।୨ (ସମିସ): ବାଲେଶ୍ୱର ଜିଲ୍ଲାର ବୃହତ୍ତମ ବ୍ଲକରେ ଚନ୍ଦନେଶ୍ୱର ଏନଏସି ପାଇଁ ବାରମ୍ବାର ଦାବି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସଙ୍କ ଦ୍ୱାରା ବିଧାନସଭାରେ ଆଲୋଚନା ହୋଇଥିବା ବେଳେ ସରକାରଙ୍କ ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜଗନ୍ନାଥପୁର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ କରଞ୍ଜାଶୋଳ ଗ୍ରାମ ଚନ୍ଦନେଶ୍ୱର ଏନଏସିରେ ମିଶିବା ସପକ୍ଷରେ ମତାମତ ମଗାଯାଇଛି। ଏଥି ସକାଶେ ପଞ୍ଚାୟତ ତରଫରୁ ରିଜୋଲ୍ୟୁସନ କରି ବିଡ଼ିଓଙ୍କୁ ପଠାଇବାକୁ ଉଲ୍ଲେଖ କରାଯାଇଛି। ଶୁକ୍ରବାର ଅପରାହ୍ନ ୩ ଘଟିକା ସମୟରେ ଜଗନ୍ନାଥପୁର ପଞ୍ଚାୟତରେ ଥିବା କରଞ୍ଜାଶୋଳ ଗ୍ରାମ ମଧ୍ୟରେ ଥିବା ଗ୍ରାମଚଣ୍ଡି ପାଖରେ ଗ୍ରାମବାସୀ ମାନେ ଉପସ୍ଥିତ ହୋଇ ଏହାକୁ ସମର୍ଥନ କରି ସମୂହ ସ୍ୱାକ୍ଷରିତ ସମ୍ମତି ପତ୍ର ସରପଞ୍ଚ ଅଶୋକ ସାମଲଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏଥିପାଇଁ ସଂପୃକ୍ତ ଗ୍ରାମର ସୁକୁମାର ସାହୁ, ଚନ୍ଦନ ଦାସ ଅଧିକାରୀ, ଗଣେଶ ସାହୁ, ପ୍ରଶାନ୍ତ ସାହୁ, ଦିନବନ୍ଧୁ ଦାସ, ରାଧାକୃଷ୍ଣ ସାହୁ, ଗୋପାଳ ସାହୁ, ଅଜିତ ସାହୁ, ରାଶବିହାରୀ ସାହୁ, ଖୋକନ୍ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବାହାନଗା, ୭।୨(ସମିସ)

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ବାହାନଗା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବ୍ଲକସ୍ତରୀୟ ଚତୁର୍ଦ୍ଦଶ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହଇଯାଇଛି। ଏହା ଜିଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜନ କରାଯାଇଥିବା ବେଳେ କାର୍ଯ୍ୟକ୍ରମକୁ ସୋର ବିଧାୟକ ମାଧବ ଧଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଭଦ୍ରକ ସାଂସଦଙ୍କ ପ୍ରତିନିଧି ଜୟନ୍ତ ମହାନ୍ତି, ବାଲେଶ୍ୱର ସାଂସଦଙ୍କ ପ୍ରତିନିଧି ବୈରାଗ୍ୟ ଚରଣ ବେହେରା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସକାଳେ ବାହାନଗା




ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅସ୍ଥି ଶଲ୍ୟ , ମାନସିକ ବିକାରଗ୍ରସ୍ତ, ଚକ୍ଷୁ ବିଭାଗର ଡାକ୍ତରଙ୍କ ଦ୍ୱାରା ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଆବେଦନ କରିଥିବା ବ୍ୟକ୍ତି ମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୩୨୭ ଜଣ ଆବେଦନକାରୀ ଆନଲାଇନ ଯୋଗେ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ଆବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାହାନଗା ବିଡିଓ ଶୁଭଶ୍ରୀ ଟୁଡୁ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଶାଲିମା ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଅନେକ ଦିବ୍ୟାଙ୍ଗ ବ୍ୟକ୍ତି ଅଫଲାଇନ ଜରିଆରେ ଦିବ୍ୟାଙ୍ଗ କାର୍ଡ ପାଇଥିବା ବେଳେ ବର୍ତ୍ତମାନ ନୂତନ ଭାବେ ଅନଲାଇନ କାର୍ଡ ପାଇବା ପାଇଁ ଅନେକ ଦିବ୍ୟାଙ୍ଗ ବ୍ୟକ୍ତିଙ୍କର ସମସ୍ୟା ଉପୁଜିଛି। ଆଧାର ଉଠି ନପାରୁଥିବାରୁ ସେମାନେ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଏହାକୁ ବିଶେଷ ଭାବେ ଧ୍ୟାନ ଦେଇଥିଲେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ରାଉତ। ଆଧାରକାର୍ଡ ନଥିବା କାରଣରୁ ଅଲାଇନ ଦିବ୍ୟାଙ୍ଗ କାର୍ଡ ପାଇବାରୁ ବଞ୍ଚିତ ଥିବା ୨ ଜଣ ଆବେଦନକାରୀଙ୍କର ଆଧାର ପଞ୍ଜୀକରଣ କରାଇବା ଦିଗରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଇ ଆଧାର ପ୍ରକ୍ରିୟା ଆରମ୍ଭ କରିଥିଲେ। ସେହିପରି ଗୟାଧର ପାଲ ନାମକ ଜଣେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କାରାଯାଇ ତାଙ୍କୁ ସଙ୍ଗେସଙ୍ଗେ ୯୦ ପ୍ରତିଶତ ଥିବା ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

## ରାସ୍ତାକୁ ଅବରୋଧ କରି ଚାଲିଛି କେନାଲ ପୋଲ

# ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଲୋକେ ହନ୍ତସନ୍ତ

ପଞ୍ଚୁପାଣ୍ଡବ,୭।୨(ସମିସ)



ପଟ୍ଟାମୁଣ୍ଡାଇ ୮ ନମ୍ବର କେନାଲ ବନ୍ଧରେ ବାଲି, ଗୋଡ଼ି ପକାଇ ରାସ୍ତାକୁ ଅବରୋଧ କରି ଠିକାଦାର ମନମୁଖୀ କାମ କରୁଥିବା ଦେଖିବାକୁ ମିଳୁଛି। ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ନୋଳସାହି ନିକଟ କେନାଲରେ ଏକ ପୋଲ ନିର୍ମାଣ ପାଇଁ ଠିକାଦାର ଜଣକ ଦୁଇଦିନ ହେଲା ବାଲି ଓ ଗୋଡ଼ି ପକାଇ ରାସ୍ତାକୁ ଅବରୋଧ କରିଛନ୍ତି। ରାସ୍ତା ଅବରୋଧ କରି ମଝି ରାସ୍ତାରେ ମେଣ୍ଟାଲ ଗୋଡ଼ି ରଖି ଥିବାବେଳେ ଯିବାଆସିବା ପାଇଁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତିଦିନ ଏହି ରାସ୍ତା ଦେଇ ଯିବାଆସିବା କରୁଥିବା ଲକ୍ଷ୍ମୀ ବସ୍ ବି ଯିବା ଆସିବା କରିପାରୁନାହିଁ। ବିଭିନ୍ନ ବିଦ୍ୟାଳୟକୁ ଚାଲୁଥିବା ଗାଡ଼ି ଅନ୍ୟତ୍ର ବୁଲି ଯାଉଥିବା ଅଭିଯୋଗ ହେଉଛି। କାମ ପାଇଁ ଆସିଥିବା ମେଟାଲ ରାସ୍ତା ଅବରୋଧ କରି ମଝିରେ ରଖିଥିବାରୁ ଗାଡ଼ି ଚାଳକ ପଡି ଖଣ୍ଡିଆ ଖାବରା ହେଉଥିବା ଅଞ୍ଚଳବାସୀ କହିଛନ୍ତି। ବେଣୀପୁର, ଛୋଟି, ମଙ୍ଗଳପୁର, ବାଲିଚନ୍ଦ୍ରପୁର, ବରୀ ବ୍ଲକର ରତ୍ନଗିରି, କମ୍ପଗଡ଼ରୁ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଜାଗାକୁ ଲୋକେ ଯାନବାହନରେ ଯାତାୟାତ କରନ୍ତି। ରାସ୍ତାରୁ ବାଲି ଗୋଡ଼ି ହଟାଇବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସେତୁ କ୍ୟାମ୍ପ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ | ୫ ବାଇକ୍ ସହ କାର୍ ଜଳିଗଲା



କେନ୍ଦ୍ରାପଡ଼ା,୭।୨(ସମିସ): କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ବିଚଣା ଗ୍ରାମ ନିକଟରେ ନିର୍ମାଣାଧୀନ ସେତୁର କ୍ୟାମ୍ପ କାର୍ଯ୍ୟାଳୟରେ ଶନିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୫ଟି ବାଇକ୍, ଗୋଟିଏ କାର ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜଳି ନଷ୍ଟ ହୋଇଥିବା ସୂଚନା ମିଳିଛି। ସୂଚନା ମୁତାବକ, ସେତୁ ନିର୍ମାଣ କାମ ପାଇଁ ଥିବା କ୍ୟାମ୍ପ କାର୍ଯ୍ୟାଳୟରେ କର୍ମଚାରୀ ରୋଷେଇ କରୁଥିବା ସମୟରେ ହଠାତ୍ ଗ୍ୟାସ ଟାଙ୍କି ଫାଟି ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଦ୍ରୁତ ଗତିରେ ଚାରିପାଖରେ ପ୍ରସାରିତ ହେବାରୁ କ୍ୟାମ୍ପ ଭିତରେ ରଖାଯାଇଥିବା ଯାନବାହନ ଓ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ଯାଇଥିଲା। ଖବର ପାଇ ସ୍ଥାନୀୟ ଅଗ୍ନିଶମ ବିଭାଗ କର୍ମଚାରୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରିଥିଲେ। ଅଗ୍ନିକାଣ୍ଡରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି। ତଥାପି ଏହି ଘଟଣାରେ ଲକ୍ଷାଧିକ ଟଙ୍କାର କ୍ଷତି ହୋଇଥିବା ଅନୁମାନ କରାଯାଉଛି। ଅଗ୍ନିକାଣ୍ଡର ସଠିକ୍ କାରଣ ଓ କ୍ଷତିର ପରିମାଣ ନେଇ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସେତୁ ନିର୍ମାଣ କାର୍ଯ୍ୟସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଓ ଅଗ୍ନି ନିର୍ବାପଣ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି।

## ଧର୍ମପ୍ରାଣ ମହିଳାଙ୍କ ପରଲୋକ

ପଟ୍ଟାମୁଣ୍ଡାଇ,୭।୨(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ ବିରଞ୍ଚି ନାରାୟଣ ଦାଶଙ୍କ ପତ୍ନୀ ତଥା ଧର୍ମପ୍ରାଣ ମହିଳା ଶାନ୍ତିଲତା ଦାଶଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ବିରଞ୍ଚି, ପୁତ୍ର ଡା. ରବିନାରାୟଣ ଦାଶ, ପ୍ରଫେସର ଜିତେନ୍ଦ୍ର ନାରାୟଣ ଦାଶ ଓ ସତ୍ୟନାରାୟଣ ଦାଶ, ସମାଜସେବୀ ସୁଶାନ୍ତ ପଣ୍ଡା, ଯୁବନେତା ପରେଶ ସାହୁ, ପ୍ରସନ୍ନଜିତ ସାହୁଙ୍କ ସମେତ ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ହରିଅଙ୍କ ମେଳଣ ପ୍ରସ୍ତୁତି ବୈଠକ



ଡେରାବିଶ,୭।୨(ସମିସ): ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ହରିଅଙ୍କ ମେଳଣ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପତିତପାବନ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମେଳଣରେ ଯୋଗଦେଉଥିବା ୭୫ଟି ଠାକୁରବାଡ଼ିର ପରିଚାଳକ ଓ ଭଦ୍ରବ୍ୟକ୍ତି ଯୋଗ ଦେଇଥିଲେ। ମେଳଣ ତତ୍ତ୍ୱାବଧାରକ ସୁଧାକର ଶତପଥø ଦୋଳ ପୂର୍ଣ୍ଣିମାରେ ଅନୁଷ୍ଠିତ ହେଉଥିବା ଏହି ମେଳଣ ଦିନ ଚଳିତ ବର୍ଷ ଚନ୍ଦ୍ର ଗ୍ରହଣ ହେଉଥିବାରୁ ପୂର୍ବ ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରିବାକୁ ଅନୁରୋଧ କରିଥିଲେ। ଗାଦିଶ୍ୱର ବିମାନ ଚନ୍ଦ୍ର ଗ୍ରହଣ ମୋକ୍ଷ ହେବା ପରେ ରାତ୍ର ୯ ଘଟିକା ସମୟରେ ମେଳଣ ପଡ଼ିଆରେ ଉପବେଶନ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ପରେ ଲୁଣାନଦୀ ଆରପଟୁ ଆସୁଥିବା ଦାନପୁରର ୯ ଖଣ୍ଡ ବିମାନ ରାତି ୧୧ଟା ସୁଦ୍ଧା ମେଳଣ ପଡ଼ିଆରେ ପହଞ୍ଚିବାକୁ ପ୍ରସ୍ତାବ ଆଗତ କରାଯାଇଥିଲା। ପରେ ଅନ୍ୟ ବିମାନ କ୍ରମାନ୍ୱୟରେ ନିଜ ନିଜ ନିର୍ଦ୍ଧାରିତ ଦିଗରୁ ଆସି ମେଳଣ ପଡ଼ିଆରେ ଉପବେଶନ କରିବେ। ମେଳଣ ପଡ଼ିଆ ଓ ବିମାନ ଶୋଭାଯାତ୍ରା ହେଉଥିବା ରାସ୍ତାକୁ ଆଲୋକୀକରଣ କରିବା ପାଇଁ ସମାଜସେବୀ ସୁଖଦାନନ୍ଦ ପ୍ରଧାନଙ୍କୁ ଅନୁରୋଧ କରାଯାଇଥିଲା। ଏଥିସହିତ ବିମାନ ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟ ବ୍ୟବହାର କରିବାକୁ ଠାକୁରବାଡ଼ି କର୍ମକର୍ତ୍ତାଙ୍କୁ କୁହାଯାଇଥିଲା। ଏହି ମେଳଣ ପାଇଁ ଠାକୁରାବାଡ଼ି ସେବକଙ୍କ ପକ୍ଷରୁ କଳା ସଂସ୍କୃତି ବିଭାଗ ପକ୍ଷରୁ ଆର୍ଥିକ ଅନୁଦାନ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଆବେଦନ କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ସମସ୍ତ ବିମାନ ସମ୍ମୁଖରେ ରାତ୍ର ୨ଟା ସମୟରେ ଭୋଗଲାଗି କରାଯିବା ପରେ ବିମାନଗୁଡ଼ିକ କ୍ରମାନ୍ୱୟରେ ନିଜ ନିଜ ଗ୍ରାମକୁ ଫେରିବେ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ନିଶିକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

ଡେରାବିଶ, ୭।୨(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଚାନ୍ଦୋଳ ବଜାରରେ ଆଜି ଅପରାହ୍ନରେ କଟକ ଆଡ଼କୁ ଯାଉଥିବା ଏକ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯିବାରୁ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା କାର୍ ତାଙ୍କ ଉପରେ ଚଢ଼ିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ମୃତକଙ୍କ ଘର ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ବିଜିପୁର ଗ୍ରାମରେ ହୋଇଥିବାବେଳେ ତାଙ୍କ ନାମ ତ୍ରିଲୋଚନ ମୁଦୁଲି (୨୭) ବୋଲି ଜଣାଯାଇଛି। ଚାନ୍ଦୋଳ ଫାଣ୍ଡି ପୁଲିସ ପହଞ୍ଚି ବାଇକ୍ ଓ କାର୍‌କୁ ଜବତ କରିଛି।

## ବାୟା ବାବା କଲେଜରେ ମନଇଚ୍ଛା କଟାଯାଉଛି ଗଛ



ମହାକାଳପଡ଼ା,୭।୨(ସମିସ): ସ୍ଥାନୀୟ ବାୟା ବାବା କଲେଜ ପରିସରରେ ଥିବା ଗଛ ମନଇଚ୍ଛା କଟାଯାଉଥିବା ଅଭିଯୋଗ ହେଉଛି। ଶିକ୍ଷାନୁଷ୍ଠାନ ପରିସରରେ ଥିବା ମୂଲ୍ୟବାନ ଓ ପରିବେଶ ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଗଛ କଟାଯାଉଥିବା ଦୃଶ୍ୟ ଦେଖି ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି। କୌଣସି ସୂଚନା ଫଳକ ବା ସରକାରୀ ଅନୁମତି ପ୍ରଦର୍ଶନ ନ କରି ଏହି ଗଛ କଟା କାର୍ଯ୍ୟ ଚାଲିଥିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ନେଇ ପ୍ରଶାସନ ଚିରନିଦ୍ରାରେ ଥିବା ଭଳି ଅନୁଭବ ହେଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏତେ ଗଛ କାଟିବା ପାଇଁ ଅନୁମତି କିଏ ଦେଲା? ବନ ବିଭାଗ କିମ୍ବା ପରିବେଶ ସମ୍ବନ୍ଧୀୟ କୌଣସି ଅନୁମୋଦନ ନିଆଯାଇଥିଲା କି ନାହିଁ, ଏହା ଜଣାପଡ଼ିନି। ପରିବେଶପ୍ରେମୀ ଓ ସଚେତନ ନାଗରିକ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଆଯିବାକୁ ଦାବି ହେଉଛି।

## ସାନ୍ଧ୍ୟ ମହାବିଦ୍ୟାଳୟରେ ବିପର୍ଯ୍ୟୟ ପରିଚାଳନା ଶିବିର

ଡେରାବିଶ, ୭।୨(ସମିସ): କେନ୍ଦ୍ରାପଡ଼ା ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ବିପର୍ଯ୍ୟୟ ପରିଚାଳନା ଓ ପ୍ରାଥମିକ ଚିକିତ୍ସା ସେବା ଶିବିର ଆୟୋଜିତ ହୋଇଛି। ମୁଖ୍ୟଅତିଥି ଭାବେ ଡେରାବିଶ ବିଡିଓ ନମିତା ବାରିକ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ଆଜିର ସମୟରେ ପ୍ରକୃତିର ସନ୍ତୁଳନ ରହୁନାହିଁ, ଖରା ହେଉ ବା ବର୍ଷା ଠିକ ସମୟରେ ହେଉ ନାହିଁ। ଆବଶ୍ୟକତାଠାରୁ ଅଧିକା ହେଉଛି। ଫଳରେ ପ୍ରକୃତି ତା'ର କରାଳ ରୂପ ଦେଖାଉଛି। ଏହି ସମୟରେ ଆମେ ସଚେତନ ହେବାର ଆବଶ୍ୟକ ରହିଛି। ଯୁବପିଢ଼ି ସଚେତନ ହେବା ଆବଶ୍ୟକ। ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯୁବବର୍ଗଙ୍କୁ କଲେଜରେ ଦିଆଯାଇଥିବା ପ୍ରଶିକ୍ଷଣ କାମରେ ଆସିଥାଏ ବୋଲି ଶ୍ରୀମତୀ ବାରିକ କହିଥିଲେ। ସମ୍ମାନିତ ଅତିଥି ଭାବେ ଡ. ପଦ୍ମଜା କବି ଶତପଥୀ, ପ୍ରଶିକ୍ଷକ ବିରଜା ପ୍ରସାଦ ପତି, ଓସଡମାର ମାଷ୍ଟର ଟ୍ରେନର ଦୁର୍ଯ୍ୟୋଧନ ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଆଦ୍ୟାରଶ୍ମି ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଆନ୍ତଃମହାବିଦ୍ୟାଳୟ ଜିଲ୍ଲାସ୍ତରୀୟ ସେବା ଶିବିରରେ ୨୫୦ ଜଣ ସ୍ୱେଚ୍ଛାସେବୀ ଓ ୨୦ ଜଣ କାର୍ଯ୍ୟକ୍ରମ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର ମଞ୍ଚ ପରିଚାଳନାବେଳେ ପ୍ରୋଗ୍ରାମ ଅଫିସର ମୃତ୍ୟୁଞ୍ଜୟ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଶିକ୍ଷକ ଗୌରବ ବନମାଳୀ ସ୍ମାରକୀ ପ୍ରତିଭା ବିକାଶ କାର୍ଯ୍ୟକ୍ରମ



ରାଜନଗର,୭।୨(ସମିସ): ରାଜନଗର ବ୍ଲକ୍ ବନ୍ଧପଡ଼ା ପଞ୍ଚାୟତ ଅନ୍ତର୍ଗତ ସିଦ୍ଧେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରାଜନଗର ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପୃଷ୍ଠପୋଷକତାରେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରି ସ୍ମାରକୀ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଦାମୋଦର ସ୍ୱାଇଁଙ୍କ ପୌରୋହିତ ଓ ସମ୍ପାଦକ ଚିତ୍ତରଞ୍ଜନ ସାହୁଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବନ୍ଧପଡା ସରପଞ୍ଚ ପୁଷ୍ପଲତା ପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଶରତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ପୁଷ୍ପଲତା ସିଂହ, ଶିକ୍ଷାବିତ ବିକ୍ରମ ଦାସ, ସୁକାନ୍ତ ବେହେରା, ଧନେଶ୍ୱର ପାତ୍ର, ସୁଶାନ୍ତ ପ୍ରଧାନ, ନଳିନୀ ରାଉତରାୟ, ସୁବାସ ବିଶ୍ୱାଳ, ବିଜୟ ଜେନା, ମହେଶ୍ୱର ରାଉତ, କଳାକର ସାହୁ, ଚନ୍ଦ୍ରକାନ୍ତି ଧଳ, ଦୟାନିଧି ସ୍ୱାଇଁ, ଅଶୋକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ଅନୁଷ୍ଠାନ ପକ୍ଷରୁ ପଣ୍ଡିତ ଶରତ ମହାପାତ୍ର, ଶିକ୍ଷାବିତ ସୁବାସ ବିଶ୍ୱାଳ, ଦାମୋଦର ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ କଳାକର ସାହୁ ଧନ୍ୟବାଦ ଦେଇଥିଲେ।

## ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଶୀତକାଳୀନ ଶିବିର




ଡେରାବିଶ, ୭।୨(ସମିସ): ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଶୀତକାଳୀନ ସ୍ୱତନ୍ତ୍ର ଶିବିର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ସଭାରେ ଅଧ୍ୟକ୍ଷ ଅକ୍ଷୟ ବଳ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବ୍ରାହ୍ମଣୀ ମହାବିଦ୍ୟାଳୟର କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପକ ନଟବର ସୂତାର ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ତାଙ୍କର ବକ୍ତବ୍ୟ ମାଧ୍ୟମରେ ପ୍ରୋତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପିକା ମିନାକ୍ଷୀ ପ୍ରଧାନ, ମନୋବିଜ୍ଞାନ ବିଭାଗ ଅଧ୍ୟାପିକା ଝରାଶ୍ରୀ ପରିଜା, ଯୁବ ରେଡ଼କ୍ରସର କାଉନ୍‌ସେଲର ଅଧ୍ୟାପକ ପ୍ରଭାକର ଦାସ ଓ ଶିକ୍ଷା ବିଭାଗର ମୁଖ୍ୟ ଅଧ୍ୟାପିକା ସୁକନ୍ୟା ମହାନ୍ତି ଯୋଗଦେଇ ସ୍ୱେଚ୍ଛାସେବୀଙ୍କ ସେବା ମନୋବୃତ୍ତିକୁ ପ୍ରଶଂସା କରିବା ସହିତ ସେମାନେ ସମାଜସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ଏହି ଶିବିର ସାତଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏଥିରେ ମହାବିଦ୍ୟାଳୟର ୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗ ଦେଇଛନ୍ତି। ଓଡ଼ିଆ ବିଭାଗ ଅଧ୍ୟାପକ ବିଶ୍ୱରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ଅଧ୍ୟାପକ ପ୍ରଦୀପ ରାଉତ ସଂଯୋଜନା କରିଥିଲେ।

## ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ



ପଟ୍ଟାମୁଣ୍ଡାଇ,୭।୨(ସମିସ): ପଟ୍ଟାମୁଣ୍ଡାଇ କଲେଜ ଓଡ଼ିଆ ସାହିତ୍ୟ ସମାଜର ୫୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଉଚ୍ଚଶିକ୍ଷା ବିଭାଗର ପ୍ରାକ୍ତନ ଆଞ୍ଚଳିକ ନିର୍ଦ୍ଦେଶକ ରଂଜିତ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଧୁନିକ ଯୁଗରେ ଓଡ଼ିଆ ଭାଷା ଓ ସାହିତ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଶ୍ରୀକାନ୍ତ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତିର ଐତିହ୍ୟ ଓ ସାମ୍ପ୍ରତିକ ପ୍ରାସଙ୍ଗିକତା ଉପରେ ପର୍ଯ୍ୟାଲୋଚନା କରିଥିଲେ। ଅଧ୍ୟକ୍ଷ ପ୍ରଫେସର ପାତ୍ର ସ୍ୱାଗତ ଭାଷଣ ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ପ୍ରମୋଦ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଡ. ଲକ୍ଷ୍ମୀପ୍ରିୟା ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାଧ୍ୟାପକ ଡ. ରମେଶ ସାହୁ, ଅମୀୟ ଦାସ, କ୍ୟାପଟେନ ମନୋଜ ପରିଡା, ଅଧ୍ୟାପକ ଚିନ୍ମୟ ସାମଲ, ଅଧ୍ୟାପିକା ସାଗ୍ନିକା ଧଳ, ଚାନ୍ଦସ୍ମିତା ନାୟକ, ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ, ମନୋଜ ଦାସ, ରଞ୍ଜନ ଗାହାଣ, ଅନୀଲ ଦାସ, ଅଧ୍ୟାପିକା ନିବେଦିତା ବେହେରା ଓ ରଶ୍ମିତା ପାଣିଗ୍ରାହୀ, ଶୁଭଲକ୍ଷ୍ମୀ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପକ ଚିନ୍ମୟ ସାମଲ ଧନ୍ୟବାଦ ଦେଇଥିଲେ।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ବୈଠକ



ଡେରାବିଶ, ୭।୨(ସମିସ): ଚାନ୍ଦୋଳସ୍ଥ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସଂଘର କେନ୍ଦ୍ରାପଡ଼ା ଜିଲ୍ଲା ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିତ୍ୟାନନ୍ଦ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପ୍ରତିଷ୍ଠାତା ତଥା ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ଦୀର୍ଘବର୍ଷ ଧରି ଲାଗିରହିଥିବା ବିଭିନ୍ନ ସମସ୍ୟାର ସମାଧାନ ନ ହେବା, ଝିଅ ବିଭାଘର ଅନୁଦାନ ଏକଲକ୍ଷକୁ ବୃଦ୍ଧି କରିବା, ନିର୍ମାଣ ଶ୍ରମିକ ପେନସନ୍ ଯୋଜନାରେ ପେନସନ୍ ରାଶି ୫୦୦୦ ଟଙ୍କା ପ୍ରଦାନ କରିବା ଓ ପଡ଼ିରହିଥିବା ନିର୍ମାଣ ଶ୍ରମିକଙ୍କ ଅନୁଦାନ ତୁରନ୍ତ ପ୍ରଦାନ କରିବା ପାଇଁ ଦାବି କରିଥିଲେ। ଯଦି ନିର୍ମାଣ ଶ୍ରମିକଙ୍କ ସମସ୍ୟାର ସମାଧାନ କରା ନ ଯାଏ, ତେବେ ନିର୍ମାଣ ଶ୍ରମିକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେକ୍ ରିଆଜୁଦ୍ଦିନ୍, ମହେଶ୍ୱର ନାୟକ, ଜଗଦିଶ କଟାଳ, ଜଗନ୍ନାଥ ବେହେରା, ବିଶ୍ୱମ୍ବର ଗିରି, କାର୍ତ୍ତିକ ବେହେରା, ଅନିରୁଦ୍ଧ ପୃଷ୍ଟି ପ୍ରମୁଖ ପ୍ରମୁଖ ଯୋଗ ଦେଇଥିଲେ। ଧିରେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ସାଂସ୍କୃତିକ ଉତ୍ସବ

ରାଜନଗର,୭।୨(ସମିସ): ରାଜନଗର ସରସ୍ୱତୀ ଶିଶୁ ମନ୍ଦିରରେ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ ହୋଇଛି। ପ୍ରଥମ ଦିନ ସୁଲିଖନ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା, ଦ୍ୱିତୀୟ ଦିନ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ସୁଲେଖ ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆରସିସି ବୈଲୋଚନ ଦାସ, ମୁଖ୍ୟବକ୍ତା ଭାବେ ସୁବାସ ଜେନା ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଟୋଇ ପତ୍ରିକା ସମ୍ପାଦକ କବି ଶତ୍ରୁଘ୍ନ ତରାଇ, ମୁଖ୍ୟବକ୍ତା ଭାବେ ଶିଶୁ ମନ୍ଦିରର ସମ୍ପାଦକ ଦୋଳଗୋବିନ୍ଦ ଜେନା ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ବିଚାରକ ଭାବେ ପ୍ରଗତି ସେଠୀ, ସୁଶାନ୍ତ ବେହେରା, ପଦ୍ମାଳୟା ପଣ୍ଡା, ସଲୋନୀ ଘଡାଇ ଯୋଗଦେଇଥିଲେ। ଶିଶୁ ମନ୍ଦିରର ଗୁରୁଜୀ ବିଭୂତି ଲେଙ୍କା, କୈଳାସ ଜେନା, ଗୁରୁମା




ଯୋଗଦେଇ ଛାତ୍ରଛାତ୍ରୀ ପାରଦର୍ଶିତା ଲାଭ ପାଇଁ ପ୍ରତ୍ୟେକ କାର୍ଯ୍ୟରେ ନିଷ୍ଠା ରଖିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ତୃତୀୟ ଦିନରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଆଚାର୍ଯ୍ୟ ଶ୍ରୀ ଶୁଭଶ୍ରୀ ଲେଙ୍କା, ସ୍ୱପ୍ନାରାଣୀ ସାହୁ, ପ୍ରଣତୀ ସ୍ୱାଇଁ, କବିତା ବାରିକ, ଜ୍ୟୋତିର୍ମୟୀ ସାହୁ, ସଙ୍ଗୀତା ସାହୁ, ଦେବାଞ୍ଜଳି ପରିଡା, ସୁଦୀପ୍ତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଓଳାଭର କଲେଜର ବାର୍ଷିକ ଉତ୍ସବ

ଓଳାଭର,୭।୨(ସମିସ): ଓଳାଭର କଲେଜର ୫୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ତେବେ କଲେଜରେ ନାନାଦି ଅନିୟମିତତାକୁ ନେଇ ପୁରାତନ ଛାତ୍ର, ଅଧ୍ୟୟନରତ ଛାତ୍ରଛାତ୍ରୀ, ଅଭିଭାବକ, ନିମନ୍ତ୍ରିତ ଅତିଥି ଓ କଲେଜକୁ ଭଲ ପାଉଥିବା ବହୁ ବ୍ୟକ୍ତିବିଶେଷ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଗରୁ ଅତିଥି ତାଲିକାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନାମ ଲେଖା ଥିବାବେଳେ ପ୍ରବେଶ ତୋରଣରେ ମନ୍ତ୍ରୀଙ୍କ ଫଟୋ ବି ଲାଗିଥିଲା। ସଭା ଆରମ୍ଭ ହୋଇ ଶେଷ ହେବା ପରେ ବି ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଦେଖା ନ ମିଳିବାରୁ ଛାତ୍ରଛାତ୍ରୀ, ପୁରାତନ ଛାତ୍ର, ଅଭିଭାବକ ଓ ଅଞ୍ଚଳବାସୀ ହତାଶ ହୋଇଥିଲେ। ସ୍ଥାନୀୟ ଦୁଇ ଜନପ୍ରତିନିଧି, ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କୁ ଅଣଦେଖା କରିବା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଉତ୍ସବରେ ଅଧ୍ୟକ୍ଷ ଓ ଅଧ୍ୟାପକ, ଅଧ୍ୟାପିକା ଜିଲ୍ଲାପାଳଙ୍କ ଉପସ୍ଥିତିରେ ଭାଷଣ ସାଧାରଣରେ ଆଲୋଚନାର ବିଷୟ ପାଲଟିଥିଲା। ଗତବର୍ଷ ଉତ୍ସବରେ ବିବାଦ ହୋଇଥିବାବେଳେ ଚଳିତ ବର୍ଷ ଏଭଳି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି।

## ବେଲତଳ ନୋଡାଲ ସ୍କୁଲ ବାର୍ଷିକ ଉତ୍ସବ

ପଟ୍ଟାମୁଣ୍ଡାଇ,୭।୨(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ୧୯ନଂ ୱାର୍ଡ ବେଲତଳ ନୋଡାଲ ଉପ୍ରା ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଆରତୀ ଭଳଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ କାଉନସିଲର ଗୋପୀବଲ୍ଲଭ ନାୟକ ମୁଖ୍ୟଅତିଥି,



ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସମ୍ପାଦକ ଆଡଭୋକେଟ ଗୋପୀନାଥ ତ୍ରିପାଠୀ ମୁଖ୍ୟବକ୍ତା ଓ ସିଆରସିସି ସଂଘମିତ୍ରା ନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ରାଜେଶ ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଭଲ ମଣିଷ ଭାବେ ଗଢି ତୋଳିବାକୁ ପରାମର୍ଶ ଦେବା ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଇଭା ଦାସ ସ୍ୱାଗତ ଭାଷଣ ଓ ରାଜଶ୍ରୀ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ବିଶ୍ୱରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ସ୍କୁଲ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ଗୌତମ ସାହୁ, କୃପାସିନ୍ଧୁ ନାୟକ ଓ ସୁମିତ୍ରା ଓରାମ ପରିଚାଳନା କରିଥିଲେ।

## ମାଟିଆ ୟୁଜିୟୁପି ସ୍କୁଲ ବାର୍ଷିକ ଉତ୍ସବ

# 'ଗୁଣାତ୍ମକ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ସଫଳତାର ବାଟ ଦେଖାଏ'

ପଟ୍ଟାମୁଣ୍ଡାଇ,୭।୨(ସମିସ)



ଗୁଣାତ୍ମକ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ସଫଳତାର ବାଟ ଦେଖାଏ ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ମାଟିଆ ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରକାଶ କରିଛନ୍ତି।

ପ୍ରଧାନ ଶିକ୍ଷକ ଗୋଲକ ବିହାରୀ ମଲ୍ଲିକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜନଗର ବିଧାୟକ ଶ୍ରୀ ସାହୁ କହିଲେ, ସାମ୍ପ୍ରତିକ ସମୟରେ ବିଭିନ୍ନ କ୍ଷେତ୍ରରେ ସଫଳ ହେବା ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଜରୁରୀ ହୋଇପଡିଛି। ଗୁଣାତ୍ମକ ଶିକ୍ଷା ପ୍ରସାର କ୍ଷେତ୍ରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ଅଭିଭାବକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ସମସ୍ତେ ଏ ଦିଗରେ ଯତ୍ନବାନ ହେବାକୁ ପରାମର୍ଶ ଦେବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ପୌରାଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟବକ୍ତା, ପଟ୍ଟାମୁଣ୍ଡାଇ ବ୍ଲକ୍ ଶିକ୍ଷାଧିକାରୀ ଅଜିତ ବାରିକ, ବିଆରସିସି ପ୍ରେମବାଳା ମହାପାତ୍ର, ସହକାରୀ ଶିକ୍ଷାଧିକାରୀ ସୁନିତୀ ଦାଶ ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶୁଭାଂଶୁ ଦାସ, କାଉନସିଲର ସୁବାସ ମଲ୍ଲିକ, ସିଆରସିସି ସଂଘମିତ୍ରା ନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ ନାଥ, ଶିକ୍ଷାବିତ ସତ୍ୟବାଦୀ ନାୟକ ଓ ଶୁକଦେବ ବିଶ୍ୱାଳ, ପୂର୍ବତନ କାଉନସିଲର ତ୍ରିଲୋଚନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ଦାସ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷକ ଉଦୟ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଅଞ୍ଜଳି ମଲ୍ଲିକ ଧନ୍ୟବାଦ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ସଂଗୀତା ଡାକୁଆ, ସହକାରୀ ଶିକ୍ଷକ ଅନିରୁଦ୍ଧ ଦାଶ, ଦୀନମଣି ସେଠୀ ଓ ପ୍ରଶାନ୍ତ ସାହୁ ପରିଚାଳନା କରିଥିଲେ।

## ଜାମଶୂଳୀ କଲେଜର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ



କାଳିପଦା/ଲଙ୍ଗଳେଶ୍ୱର, ୭।୨ (ସମିସ): ସୁବିଧା ସୁଯୋଗ ସୃଷ୍ଟିକରେ ସଂକଳ୍ପ ସଫଳତା ଦିଏ, ସଫଳ କାହାଣୀର ପ୍ରଚ୍ଛଦ ପଟ ନାୟକ ହିଁ ଛାତ୍ର ଛାତ୍ରୀ, ସୁବର୍ଣ୍ଣ ଜୟନ୍ତୀ ହିଁ ଅର୍ଦ୍ଧ ଶତାବ୍ଦୀର ଗାଥା ବୋଲି ଶନିବାର ବସ୍ତା ବ୍ଲକ ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀର ଉଦଘାଟନ ଉତ୍ସବରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଅଧ୍ୟକ୍ଷ ପ୍ରାଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ମୁଖ୍ୟଅତିଥି, ସର୍ବ ଭାରତୀୟ ପତ୍ର କାର ସଂଘ ସଭାପତି ଡ. ପବିତ୍ର ମୋହନ ସାମନ୍ତରାୟ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ବିଜେପି ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା,ମହାବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ। ଅତିଥି ମାନେ ସ୍ମରଣିକା ସୁବର୍ଣ୍ଣ ସ୍ମାରକୀ 'ଲକ୍ଷ୍ମୀ'କୁ ଉନ୍ମୋଚନ କରିଥିଲେ। ବିଶେଷ ଅବଦାନ ପାଇଁ ସୁରେଶ ଚନ୍ଦ୍ର ପାତ୍ର, ଅମୂଲ୍ୟ କୁମାର ପାତ୍ର, ସୌଭାଗ୍ୟ ଜେନା, ଧୀରେନ୍ଦ୍ର ନାରାୟଣ ପ୍ରହରାଜ, ସୁଜାତା ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଅଧ୍ୟାପକ ଅଜିତ ଭୂୟାଁ ମଞ୍ଚ ଆବାହନ, ପ୍ରାଧ୍ୟାପକ ଦେବ ବ୍ରତ ଦାସ ବିବରଣୀ, ଇପ୍ସିତା ପରିଡା ବେଦପାଠ କରିଥିଲେ। ବରିଷ୍ଠ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ, ପରମା ନନ୍ଦ ମହାନ୍ତି, ତାପସ ତନୟ ନନ୍ଦୀ, ମୁଖ୍ୟ କିରାଣୀ ଗୋପୀନାଥ ପଣ୍ଡା, ଅଧ୍ୟାପିକା ସ୍ୱାଗତିକା ଜେନା, ଲିମନ ଲିପ୍ସା ପାତ୍ର, ସୁଦେଷ୍ଣା ଦେ, ଅଧ୍ୟାପକ ପ୍ରକାଶ ବିଶ୍ୱାଳ, ମୟୁଖ ମଣ୍ଡଳ, ଡ଼ଃ ଶିବନାରାୟଣ ମହାପାତ୍ର, ସଂଗ୍ରାମ କେଶରୀ ନାୟକ, ନିର୍ମଳ ସାମଲ, ଅଧ୍ୟାପିକା ସାଇମା ଦାସ ଓ ଆଲୁମିନି କମିଟି ର ସଦସ୍ୟ ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମେଲୋଡି ପରିବେଷିତ ହୋଇ ଥିଲା।

## ଅସହାୟ ଏଚ୍‌ଆଇଭି ପୀଡ଼ିତ ପାଖରେ ପହଞ୍ଚିଲେ ବିଡିଓ

ଜଳେଶ୍ୱର, ୭।୨(ସମିସ): ସରକାର କୋଟିକୋଟି ଟଂକା ସ୍ୱାସ୍ଥ୍ୟ ସେବାରେ ବ୍ୟୟ କରୁଥିବାବେଳେ ଜନପ୍ରତିନିଧିଙ୍କ ଦାୟିତ୍ୱହୀନତା, ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅବହେଳା ଓ ସଚେତନତା ଅଭାବରୁ ଏଡ୍‌ସ୍ ଭଳି ମାରାତ୍ମକ ରୋଗ ସମୂଳେ ବିନାଶ ହୋଇ ପାରୁ ନାହିଁ। ଲକ୍ଷ୍ମଣନାଥ ପଞ୍ଚାୟତ ଗୋପ ଗାଁର ପୁରୁଣା ଭିଡ଼ିଓ ହଲ ପଛରେ ଦଦରା କୁଡିଆରେ ଦୁଃସାଧ୍ୟ ସଂକ୍ରାମକ ରୋଗ ଏଡ଼ସର ପୀଡ଼ିତ ହୋଇ ଜୀବନ ମରଣ ସଂଗ୍ରାମ କରୁଛନ୍ତି ଏକାକୀ ଯୁବକ। ଜଳେଶ୍ୱର ପୌରାଞ୍ଚଳ ଅଧିନ ଶାସନବାର୍ଡରେ ଜଣେ ଯୁବକ ୩ବର୍ଷ ଧରି ଗୋପ ଗାଁରେ ବସ ବାସ କରୁଥିବାବେଳେ ସ୍ତ୍ରୀ ଓ ଏକ ମାତ୍ର ପୁଅର ମୃତ୍ୟୁ ଘଟି ସାରିଛି। ଏକମାତ୍ର ଝିଅ ଶାଶୁଘରେ ଥିବା ବେଳେ ସାଥିରେ ରହୁଥିବା ମହିଳା ସଂକ୍ରମଣ ଭୟରେ ଛୁ ମାରିଛି। ଖାଦ୍ୟ, ଚିକିତ୍ସା ବିନା ଅନ୍ଧାରୁଆ ଜରି ପାଲ ଘେରା କୁଡ଼ିଆରେ ଦୟନୀୟ ଅବସ୍ଥାରେ ଯୁବକ ମୃତ୍ୟୁ ସହ ଲଢୁଥିବା ବେଳେ ରୋଗ ଭୟରେ କେହି ପାଖ ମାଡୁ ନାହାଁନ୍ତି। ସୂଚନା ପାଇ ଜଳେଶ୍ୱରର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଘୋଷ ଓ ସମାଜସେବୀ ହରିଶଙ୍କର ପଣ୍ଡାଙ୍କ ସହଯୋଗ ରେ ପୀଡ଼ିତ ଘରେ ପହଞ୍ଚି ଦୁଃଖ କଥା ଶୁଣିଥିଲେ। ଅନ୍ୟପକ୍ଷରେ ଏଚ୍ ଆଇ ଭି ସଂକ୍ରମିତ ରୋଗୀ କ୍ୱାରେଣ୍ଟିନ୍ ସେଣ୍ଟରରେ ଚିକିତ୍ସିତ ହେବାକୁ ବ୍ୟବସ୍ଥା ଥିବା ବେଳେ ଏକାକୀ କେମିତି ଜନବସତି ରେ ରହୁଛନ୍ତି ତାହା ସ୍ୱାସ୍ଥ୍ୟ ବିଭାଗର ପାରିଲା ପଣିଆକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ବିଡ଼ିଓ ଘଟଣା ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗକୁ ଜଣାଇଛନ୍ତି। ପ୍ରଶାସନ ପକ୍ଷରୁ ଚିକିତ୍ସା ବ୍ୟବସ୍ଥା କରିବା ସହିତ ଅସହାୟ ଯୁବକଙ୍କୁ ସରକାରୀ ଯୋଜନାରେ ସାମିଲ୍ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଅତିଥି ଶିକ୍ଷକଙ୍କ ଭରସାରେ ନାୟକ ରାମଚନ୍ଦ୍ର ଏକାଡେମୀ

ବାଲିଆପାଳ, ୭।୨ (ସମିସ)




ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ନିମପଦା ନାୟକ ରାମଚନ୍ଦ୍ର ଏକାଡେମୀ, ୧୯୮୫ ମସିହା ନିର୍ମିତ ସ୍କୁଲ ଆଠ ଜଣ ଶିକ୍ଷକ, ଚାରିଜଣ ଅଣଶିକ୍ଷକଙ୍କୁ ନେଇ ଦୁଇଟି ଶ୍ରେଣୀ ( ନବମ, ଦଶମ) ଗଠିତ ହୋଇଥିଲା। ପ୍ରତିବର୍ଷ ସ୍କୁଲରେ ୧୦୦ରୁ ଉଦ୍ଧ୍ୱର୍ ପିଲା ଆଡ଼ମିସନ ହୋଇଥାନ୍ତି। ବ୍ଲକର ସଦର ମହକୁମାଠାରୁ ପାଖାପାଖି ୨୫ କିଲୋମିଟର ଦୂରରେ ସ୍କୁଲ ଟି ହୋଇଥିବାରୁ ପ୍ରଶାସନର ଅଣଦେଖା ମଧ୍ୟରେ ରହିଛି। ତେବେ ଧୀରେ ଧୀରେ ସ୍କୁଲ ଓ ଶିକ୍ଷକ, ଅଣଶିକ୍ଷକ ମାନଙ୍କର ବୟସ ବଢ଼ି ବଢ଼ି ଚାଲିଥିବା ବେଳେ ଅନ୍ଧାରକୁ ଠେଲି ହେଉଛି ପିଲାଙ୍କ ଭବିଷ୍ୟତ। ଆଠ ଜଣ ଶିକ୍ଷକ ମଧ୍ୟରୁ ଗତ ୩୧/୧/୨୬ ସୁଦ୍ଧା ଆଠ ଜଣ ଶିକ୍ଷକ ଅବସର ନେଇ ସାରିଥବାବେଳେ ଚାରି ଜଣ ଅଣ ଶିକ୍ଷକଙ୍କ ମଧ୍ୟରୁ ଦୁଇ ଜଣ ଅବସର ନେଇ ସାରିଥିବାବେଳେ ଅନ୍ୟ ଦୁଇ ଜଣଙ୍କ ମଧ୍ୟରୁ ଆସନ୍ତା ମେ ୩୦ ତାରିଖରେ କିରାଣି ଅବସର ଗ୍ରହଣ କରିବେ। ତେବେ ଜଣେ ପିଅନଙ୍କ ଦ୍ୱାରା ଚାଲିଛି ସ୍କୁଲର ୧୪୦ ଜଣ ପିଲାଙ୍କ ଭବିଷ୍ୟତ। ଶିକ୍ଷକ ମାନଙ୍କ ଅବସରକୁ ନେଇ ପରିଚାଳନା କମିଟି, ଗ୍ରାମବାସୀ, ସ୍ଥାନୀୟ ନେତୃତ୍ୱଙ୍କ ପକ୍ଷରୁ ବାରମ୍ବାର ଶିକ୍ଷା ବିଭାଗ ନିକଟରେ ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ନିବେଦନ ପରେ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ଦୁଇ ଦୁଇ ଥର ଦୁଇ ଜଣ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱ ପାଇଁ ସରକାରୀ ସ୍ତରରେ ଚିଠି କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କେହି ଯୋଗଦାନ କରୁନାହାନ୍ତି କିମ୍ବା ସରକାରୀ ନିର୍ଦ୍ଦେଶକୁ ଅବମାନନା କରୁଥିବା ଶିକ୍ଷକଙ୍କ ବିରୋଧ ରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ପ୍ରଶାସନ। ଆଗକୁ ଦଶମ ଶ୍ରେଣୀ ପରୀକ୍ଷା ଥିବା ବେଳେ ଚଳିତ ବର୍ଷ ୭୩ ଜଣ ପିଲା ଦଶମ ଶ୍ରେଣୀରେ

### ଶିକ୍ଷକ ନିଯୁକ୍ତି ପାଇଁ ବାରମ୍ବାର ଦାବି

ପରୀକ୍ଷା ଦେବାକୁ ଫର୍ମ ଫିଲପ କରିଛନ୍ତି। ଏହାକୁ ଲକ୍ଷ୍ୟ କରି ଶିକ୍ଷା ବିଭାଗ ପାଞ୍ଚ ଜଣ ଅତିଥି ଶିକ୍ଷକଙ୍କୁ ଦେଇଛନ୍ତି। ଗତ ସେପ୍ଟେମ୍ବର ମାସରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଛଅ ମାସ ପାଇଁ ନିଯୁକ୍ତି ଦେଇଥିବା ବେଳେ ପାଠପଢାରେ ବହୁ ସମସ୍ୟା ସୃଷ୍ଟି ହେଉଥିବା କହିଛନ୍ତି ଛାତ୍ର ଛାତ୍ରୀ। ପାଠ ପଢାର ସମଷ୍ୟାକୁ ଦେଖି ଅଣ ଶିକ୍ଷକ ମାନେ ମଧ୍ୟ ପାଠ ପଢାଇବାକୁ ବାଧ୍ୟ ହେଉଥିବା ଦେଖିବାକୁ ମିଳିଛି। ହେଲେ ପରୀକ୍ଷା କୁ ଆଉ ମାତ୍ର କେତୋଟି ଦିନ ରହିଛି, ସ୍କୁଲରେ ଶିକ୍ଷକ ନ ଥିବାରୁ ଆଡମିଟକାର୍ଡରେ ଦସ୍ତଖତ ହୋଇପାରୁନାହିଁ। ଶିକ୍ଷା ବିଭାଗକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି ପରିଚାଳନା କମିଟି ସହ ନେତୃତ୍ୱ ମଣ୍ଡଳୀ, ଗ୍ରାମବାସୀ। ପଂଚାୟତ ର ଏକମାତ୍ର ହାଇସ୍କୁଲ ହୋଇଥିବାରୁ ସ୍କୁଲର ସ୍ଥିତା ବସ୍ଥା ଫେରାଇ ଆଣିବା ସହିତ ତୁରନ୍ତ ଶିକ୍ଷକ, ଅଣଶିକ୍ଷକ ନିଯୁକ୍ତି କରିବାକୁ ନିବେଦନ କରିଛନ୍ତି ପୂର୍ବତନ ଶିକ୍ଷକ ଓ ବର୍ତମାନ ର ଅଣଶିକ୍ଷକ ମାନେ। ଘଟଣାକୁ ନେଇ ବସ୍ତା ବିଧାୟିକା ସୁବାସିନୀ ଜେନା ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିବାର ପ୍ରତିଶୃତି ଦେଇଥିବା ବେଳେ ବିଜେପି ଜିଲ୍ଲା ସଭାପତି ସାଂସଦ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରି ଯେତେ ଶୀଘ୍ର ଉକ୍ତ ଅନୁଷ୍ଠାନକୁ ଶିକ୍ଷକ ଦିଆଯାଇପାରିବ ସେ ବିଷୟରେ ଚେଷ୍ଟା କରିବାର ପ୍ରତିଶୃତି ଦେଇଛନ୍ତି।

## ପସରବିନ୍ଧାରେ ସମବାୟ ସମିତି ଖୋଲିବାକୁ ସରକାରୀ ସ୍ୱୀକୃତି



ଭୋଗରାଇ, ୭।୨(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ପସରବିନ୍ଧା ପଞ୍ଚାୟତରେ ସେବା ସମବାୟ ସମିତି ଖୋଲିବାକୁ ସ୍ଥାନୀୟ ଚାଷୀ ଓ ସାଧାରଣରେ ଦାବୀ ହୋଇ ଆସୁଥିଲା। ସରପଞ୍ଚ ସୁମନ୍ତ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ଏଥିପାଇଁ ପ୍ରଚେଷ୍ଟା ଜାରି ରଖିଥିଲେ। ଚଳିତବର୍ଷ ଜାନୁଆରୀ ୨୭ରେ ସବୁ ପ୍ରତିକ୍ଷାର ଅନ୍ତଘଟି ରାଜ୍ୟ ସରକାର ସ୍ୱୀକୃତି ପ୍ରଦାନ କରିଛନ୍ତି। ଏଥି ସକାଶେ ଖୁବଶୀଘ୍ର ବାଲେଶ୍ୱର-ଭଦ୍ରଖ ସମବାୟ ବ୍ୟାଙ୍କ ଓ ଭୋଗରାଇ ଶାଖା ବ୍ୟାଙ୍କର ସହାୟତାର ଆବଶ୍ୟକତାକୁ ନଜର କରି ଶୁକ୍ରବାର ସରପଞ୍ଚଙ୍କ ସଭାପତିତ୍ୱରେ ପଞ୍ଚାୟତ ଅଫିସ୍ ପରିସରରେ ଆୟୋଜିତ ସଭାରେ ଅବସର ପ୍ରାପ୍ତ ଶିକ୍ଷକ ଶଶାଙ୍କ ଶେଖର ପରିଡା, ଶିଶିର କୁମାର ପ୍ରଧାନ, କାମଚଳା ସଭାପତି ବନମାଳୀ ଜେନା, ଉପସଭାପତି ସୁଜାତା ଘଡାଇ, ଟୁକୁରୀହାଜିରା ସମବାୟର ନିର୍ଦ୍ଦେଶକ ଅମୂଲ୍ୟ ଘଡାଇ, ମେମ୍ବର ପ୍ରଶାନ୍ତ ମିର୍ଦ୍ଧା, ସୁବଳ ବେହେରା, ପ୍ରାଣକୃଷ୍ଣ ସ୍ୱାଇଁ, ଭାନୁ ପରିଡ଼ା, କାର୍ତ୍ତିକ ଦଣ୍ଡପାଟ, ଜ୍ୟୋତିଷ ବେହେରା, ରଞ୍ଜିତ ଦାସ, ଶୁଶାନ୍ତ ଦଣ୍ଡପାଟ ପ୍ରମୁଖ ଆଗାମୀ ପଦକ୍ଷେପ ସପକ୍ଷରେ ଆଲୋଚନା କରିଥିଲେ। ସର୍ବ ସମ୍ମତି କ୍ରମେ ଆସନ୍ତା ୧୮ ତାରିଖ ଆଉସା ଛକ ଠାରେ ଏକ ସାଧାରଣସଭା ହେବା ସହ ଅସ୍ଥାୟୀ ଭାବେ ପଞ୍ଚାୟତ ଅଫିସ୍ ପରିସରରେ କାର୍ଯ୍ୟାଳୟ ଚାଲିବାର ନିଷ୍ପତ୍ତି ନିଆଯାଇଛି। ସାନ ଆଉସା, ବଡ଼ ଆଉସା, ଗୋବିନ୍ଦପୁର, ପସରବିନ୍ଧା, ବିନ୍ଧାମୁହଁ, ଆଡମିରିଗି, ମୁସଦପୁର, କାକୁଡିପଦା ଗାଁର ଶତାଧିକ ଚାଷୀ ଯୋଗଦେଇ ସରପଞ୍ଚ ସୁମନ୍ତ ବେହେରାଙ୍କୁ ସାଧୁବାଦ ଜଣାଇଥିଲେ। କାମଚଳା ସମ୍ପାଦକ ବିକାଶ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନାରେ ମେମ୍ବର ସଞ୍ଜିବ କୁମାର ଜେନା, ଚନ୍ଦନ କୁମାର ବେହେରା, ଝିଲିରାଣୀ ପ୍ରଧାନ, ଶତ୍ରୁଘନ ବେହେରା, ଜିତେନ୍ଦ୍ର ପରିଡ଼ା, ବ୍ରଜ ଗୋପାଳ ଦାସ, ମନୋରଞ୍ଜନ ଦାସ, ଅଶୋକ ବେହେରା, ସ୍ମୃତିରେଖା ସାହୁ, ସୁଦାମ ଦାସ ପ୍ରମୁଖ ସହଯୋଗ କରିଥିଲେ।

**ଅସ୍ଥାୟୀ ଭାବେ ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିବାର ନିଷ୍ପତ୍ତି**

## ଯୁବକଙ୍କୁ ହତ୍ୟା ଅଭିଯୋଗ

ସିମୁଳିଆ, ୭।୨ (ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସାନ ଭାଇକୁ ମାରିଦେଇଥିବାର ବଡ଼ ଭାଇର ସିମୁଳିଆ ଥାନାରେ ଅଭିଯୋଗ। ସିମୁଳିଆ ଥାନା ଅନ୍ତର୍ଗତ ବାଙ୍ଗରଖଡ଼ିଗଡ଼ିଆ ପଞ୍ଚାୟତ ଖଡ଼ିଗଡ଼ିଆ ଗ୍ରାମର ଦାମୋଦର ଟୁଡୁ ସିମୁଳିଆ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ମାର୍କୋଣା ଷ୍ଟେସନ ବଜାର ନିକଟରେ କିଛି ବ୍ୟକ୍ତି ସଂଘବଦ୍ଧ ହୋଇ ସାନ ଭାଇ ତୋଫାନକୁ ମାଡ଼ ମାରିଥିଲେ। ଘଟଣା ସ୍ଥଳରେ ଭାଇ ରକ୍ତବାନ୍ତି କରିଥିଲେ। ଘରକୁ ଯାଇ ଏ ସଂକ୍ରାନ୍ତରେ କାହାକୁ କିଛି କହି ନ ଥିଲେ। ଅବସ୍ଥା ଗୁରୁତର ହେବାରୁ ଭାଇକୁ ଭଦ୍ରକ ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରିଥିଲେ। ଚିକିତ୍ସା ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୋଗ ପାଇ ସିମୁଳିଆ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ସିମୁଳିଆ ଥାନା ଅଧିକାରୀ ଦେବରାଜ ଜେନା ଓ ବାଲେଶ୍ୱର ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାଯାଇଛି। ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ଘଟଣା ପ୍ରକୃତ ରହସ୍ୟ ଜଣା ପଡିବ ବୋଲି ପୁଲିସ କହିଛି।

## ଶତାୟୁ ପୁରୁଷଙ୍କ ସ୍ମୃତିସଭା

ବାଲିଆପାଳ, ୭।୨ (ସମିସ): ବାଲିଆପାଳ ବ୍ଲକ ଭିକାଗଡିଆ ଗ୍ରାମର ବରିଷ୍ଠ ବ୍ୟକ୍ତିତ୍ୱ ଶତାୟୁ ପୁରୁଷ ମହେଶ୍ୱର ମହାପାତ୍ରଙ୍କ ଏକାଦଶାହ ଉପଲକ୍ଷେ ଅନୁଷ୍ଠିତ ସ୍ମୃତି ସଭା ଓ ଶ୍ରଦ୍ଧାଞ୍ଜଳି ଉତ୍ସବ ଅନୁଷ୍ଠିତ ହୋଇଛି। ଧ୍ରୁବ ଚରଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡାଙ୍କ ପୋରହିତ୍ୟ ଏବଂ ପୁତୁରା ଶାନ୍ତନୁ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ବିଧାୟିକା ସୁବାସିନୀ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଜନ ନାୟକ, ପଣ୍ଡିତ ଶାନ୍ତିପଦ ପଣ୍ଡା, ନାରାୟଣ ପାଣିଗ୍ରାହୀ, ଯତୀନ୍ଦ୍ର ପଣ୍ଡା, ରବୀନ୍ଦ୍ର ପାଣିଗ୍ରାହୀ, ଗଣେଶ କର, ଶଶୀଭୁଷଣ ପାଣିଗ୍ରାହୀ, ଭକ୍ତିପଦ ପଣ୍ଡା, ଶମ୍ଭୁନାଥ ପାଣିଗ୍ରାହୀ, ବିନୋଦ ପାଣିଗ୍ରାହୀ, ତପନ ମହାପାତ୍ର, ସୁଧାଂଶୁ ପାଣିଗ୍ରାହୀ, ହରିହର ପଣ୍ଡା, ରବୀନ୍ଦ୍ର ପାଣି,ମନୋରଞ୍ଜନ ସନ୍ଧିବିଗ୍ରହ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପୁତ୍ର କାଳିପଦ ମହାପାତ୍ର, ଗୋରୀପଦ ମହାପାତ୍ର, ପୂର୍ଣଚନ୍ଦ୍ର ମହାପାତ୍ର, ନବକୃଷ୍ଣ ମହାପାତ୍ରଙ୍କ ସମେତ ପରିବାର ବର୍ଗ ଆତ୍ମୀୟସ୍ୱଜନ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସନ୍ତୋଷୀ ମାତାଙ୍କ ବାର୍ଷିକୋତ୍ସବରେ ରକ୍ତଦାନ ଶିବିର

ଭୋଗରାଇ, ୭।୨(ସମିସ): ଭୋଗରାଇ ବ୍ଲକ ଅନଳିଆ ପଞ୍ଚାୟତ ଅନ୍ତର୍ଗତ ନୂଆହାଟଠାରେ ସନ୍ତୋଷୀ ମାତା ମନ୍ଦିରରେ ୪୫ ତମ ସାର୍ବଜନୀନ ସନ୍ତୋଷୀ ମାତାଙ୍କ ପୂଜୋତ୍ସବ ଉପଲକ୍ଷେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସରପଞ୍ଚ ସଙ୍ଗୀତା ରାଣୀ ମହାନ୍ତି, ସମିତି ସଦସ୍ୟ ଅଞ୍ଜଳୀ ପାତ୍ରୀ, ପୂଜା କମିଟିର ସଭାପତି ସୁବାଷ ଚନ୍ଦ୍ର ଜେନା, ଉପସଭାପତି ପ୍ରଦୀପ କୁମାର ସେଠୀ, ସମ୍ପାଦକ ଅଶୋକ କୁମାର ଗିରି, ସହସମ୍ପାଦକ ଉମେଶ ଚନ୍ଦ୍ର ଗିରି କୋଷାଧ୍ୟକ୍ଷ ସୁଧାଂଶୁ ଶେଖର ଜେନା ପ୍ରମୁଖ ଉପସ୍ଥିତ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଡାକ୍ତର ଉତ୍ତର ଦଣ୍ଡପାଟ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା ବେଳେ ଜିଲ୍ଲା ରକ୍ତ ଭଣ୍ଡାର ରକ୍ତ ସଂଗ୍ରହ ହୋଇଥିଲା। ଶିବିରରେ ୩୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପୂଜା କମିଟିର ସଦସ୍ୟ ରାଜକିଶୋର ମହାନ୍ତି, ରବୀନ୍ଦ୍ର କୁମାର ଗିରି, ରଞ୍ଜନ କୁମାର ଗିରି,



କାହ୍ନୁଚରଣ ଜେନା, ଗୌରୀଚରଣ ପାଳ, ବାପି ମହାନ୍ତି, କ୍ଷୁଦିରାମ ମହାନ୍ତି, ଉମେଶ ଗିରି, ମଦନ ପରିଡ଼ା, ମନ୍ମଥ ତୋଳା, ସୁବଳ ପାତ୍ର, ଜଗଦୀଶ ଦାସ, ରଜତ ଜେନା, ଉଜ୍ୱଳ ଜେନା, ମନ୍ମଥ ବେହେରା, ସାମ୍ବାଦିକ ସୁରେଶ ମହାନ୍ତି, ଲକ୍ଷ୍ମୀଧର ବାରିକ, 'ସାମ୍ବାଦିକ ବିଶ୍ୱଜିତ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଓଲମରା ସୀମାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ




ଜଳେଶ୍ୱର ବ୍ଲକ, ୭।୨ (ସମିସ): ଓଲମରା ସୀମାନ୍ତ ଡିଗ୍ରୀ ମହାବିଦ୍ୟାଳୟର ୩୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଇଯାଇଛି। ପ୍ରଥମ ଅଧିବେଶନରେ କଲେଜର ଅଧ୍ୟକ୍ଷ ଅମରେନ୍ଦ୍ର ଦଉଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଗବେଷକ ଡ. ଶ୍ରୀକାନ୍ତ ଚରଣ ପାତ୍ର, ମୁଖ୍ୟବକ୍ତା ତହସିଲଦାର ସତ୍ୟଜିତ ମହାନ୍ତି, ସମ୍ମାନିତ ଅତିଥି ଅବସରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ଘୋଷ, ପ୍ରାକ୍ତନ ପ୍ରଧାନଶିକ୍ଷକ ଚନ୍ଦ୍ରମୋହନ କାପୁଡି ଓ ପୂର୍ବତନ ସରପଞ୍ଚ ଯତୀନ୍ଦ୍ର ନାଥ ମହାନ୍ତି ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ତର୍କଶାସ୍ତ୍ର ଅଧ୍ୟାପକ ମୁରଲୀ ଧର ମହାନ୍ତି ଓ ଅର୍ଥନୀତି ଅଧ୍ୟାପିକା ଦୀପାଳି ଘୋଷ। ଓଡ଼ିଆ ଅଧ୍ୟାପକ ରମାକାନ୍ତ ଦେ ମଞ୍ଚ ସଂଚାଳନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଜହରଲାଲ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସନ୍ଧ୍ୟା ୫ଘଟିକାରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଚିନ୍ମୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଧାୟକ ଅଶ୍ୱିନୀ କୁମାର ପାତ୍ର, ମୁଖ୍ୟବକ୍ତା ସାଂସଦ ପ୍ରତିନିଧି ବ୍ରଜ ମୋହନ ପ୍ରଧାନ, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନଶିକ୍ଷୟିତ୍ରୀ କାଞ୍ଚନବାଳା ଚାନ୍ଦ, ବ୍ଲକ ଉପାଧ୍ୟକ୍ଷା ସଞ୍ଚିତା ସେନାପତି, ଅଧ୍ୟକ୍ଷ ଅମରେନ୍ଦ୍ର ଦଉ ଉପବେଶନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଓଡ଼ିଆ ଅଧ୍ୟାପକ ରମାକାନ୍ତ ଦେ ମଞ୍ଚ ଆହ୍ୱାନ କରିଥିଲେ। ଅଧ୍ୟକ୍ଷ ଅମରେନ୍ଦ୍ର ଦଉ ବିଦ୍ୟାଳୟର ଓ ଜହରଲାଲ ଅଧିକାରି ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଜ୍ଞାନେନ୍ଦ୍ର ନାଥ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଆକାଶ କୁମାର ବେହେରା ଓ ଶିବ ଶଙ୍କର କୁଇଲାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ଦୈତାରୀ ପ୍ରସାଦ ଦେ, ଦେବବ୍ରତ ପ୍ରଧାନ, ତୃପ୍ତି ପ୍ରଧାନ, ମାନସୀ ଘୋଷ, ଜ୍ୟୋତିର୍ମୟୀ ଅଧିକାରୀ, ପ୍ରବୀର କୁମାର ପ୍ରମାଣିକ, ମଦନ କୁମାର ନାୟକ, ଧନୁଜୟ ଦଉ, କୃଷ୍ଣମୋହନ ଜେନା, ସୁମିତ କୁମାର ଦଳାଇ, ଅଂଶୁମାନ ଗୋସ୍ୱାମୀ, ସତ୍ୟସୁନ୍ଦର ରଣା, ସୁକୁମାର ବେହେରା, ଦିବ୍ୟଜ୍ୟୋତି ବାଗ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବନାଗ୍ନି ରୋକିବା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ




ନୀଳଗିରି, ୭।୨ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ଚରଣାପାଳ ଗ୍ରାମରେ ଯୁବ ପରିବେଶବିତ୍ କମଳଲୋଚନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବନାଗ୍ନି ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖରାଦିନେ ଜଙ୍ଗଲକୁ କିପରି ରକ୍ଷା କରାଯାଇପାରିବ ଏ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲରେ ନିଆଁ ନ ଲଗାଇବା ଓ ଜଙ୍ଗଲକୁ ସୁରକ୍ଷା ଦେବା ପ୍ରଭୃତି ବାର୍ତ୍ତା ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବିଶେଷକରି ଜଙ୍ଗଲ ପାଦଦେଶ ଅଞ୍ଚଳର ଲୋକମାନେ ମହୁଲ ଫୁଲ ଓ ଶାଳ ମଞ୍ଜି ସଂଗ୍ରହ କରିବା ଉଦ୍ଦେଶ୍ୟରେ ଜଙ୍ଗଲରେ ନିଆଁ ଲଗାଇ ଦିଅନ୍ତି ତେଣୁ ସଚେତନତା ସୃଷ୍ଟି କରାଯାଇ ବନାଗ୍ନିକୁ ରୋକିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ସଂଗ୍ରାମ ସ୍ୱାଇଁ, ଅଜୟ ସିଂ, ରାଜେନ୍ଦ୍ର ସିଂ, ଦିଲ୍ଲିପ ସିଂ, ପାର୍ବତୀ ସିଂ, ମିଲି ସିଂ, ମାମା ସିଂ ପ୍ରମୁଖ ସହଯୋଗ କରିଥିଲେ।

# ନିୟମ ଉଲ୍ଲଂଘନ କରୁଛି ପୁରୁଣା ଗାଡ଼ି

**ପରିବହନ ବିଭାଗ ଓ ପୁଲିସ ପ୍ରଶାସନ ନିରବଦ୍ରଷ୍ଟା**

ବସ୍ତା ବ୍ଲକ, ୭।୨ (ସମିସ)



ଦୁର୍ଘଟଣା ଓ ପ୍ରଦୂଷଣ ରୋକର ଦ୍ୱାହି ଦେଇ ସରକାର ଆଣୁଛନ୍ତି ଗଦା ଗଦା ସରକାରୀ ନିୟମ। ମାତ୍ର ବାସ୍ତବରେ ଏହାର କାର୍ଯ୍ୟକାରିତା ହେଉ ନାହିଁ। ଏହି ସବୁ ଆଇନ ବଳରେ ବଳିଆନ ହୋଇ ପ୍ରଶାସନ ଶୋଷଣର ଶିକାର ହେଉଛନ୍ତି ସାଧାରଣ ଜନତା। ଯିଏ ଦୁର୍ଘଟଣାର ଶିକାର ହୋଇ ଧନ ଜୀବନ ହରାଉଛନ୍ତି ସେମାନଙ୍କ ଉପରେ ହେଉଛି ମୋଟା ଅଙ୍କର ଫାଇନ। ଯେଉଁମାନେ ଦୁର୍ଘଟଣା ଘଟାଉଛନ୍ତି ସେମାନେ ଖୋଲାଖୋଲି ସବୁ ନିୟମକୁ ଉଲ୍ଲଂଘନ କରି ସେମାନଙ୍କର କାର୍ଯ୍ୟ କରୁଛନ୍ତି। ସବୁ ଦେଖି ନୀରବ ହେଉଛି ପରିବହନ ବିଭାଗ ଓ ପୁଲିସ ପ୍ରଶାସନ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବେଆଇନ ରୋଜଗାରର ଲାଳସା ରଖୁଥିବା କିଛି ପ୍ରଶାସନିକ ଅଧିକାରୀଙ୍କ ପାଇଁ ସରକାରୀ ଆଇନ ବାଟବଣା ହେଉଥିବା ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ଦିନକୁ ଦିନ ଗାଡ଼ି ମୋଟର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବେପରୁଆ ଗାଡ଼ି ଚାଳନା ପାଇଁ ଦୁର୍ଘଟଣା ବଢ଼ି ଚାଲିଛି। ପୁରୁଣା ଗାଡ଼ି ବହୁ ଚଳାଚଳ ପାଇଁ ପ୍ରଦୂଷଣ ସୀମା ଲଂଘୁଛି। ଏହା ଉପରେ ରୋକ ପାଇଁ ସରକାରଙ୍କ ଘନ ଘନ ନିୟମ ପ୍ରଣୟନ କେବଳ କାଗଜ କଲମରେ ସୀମିତ ହୋଇ ରହୁଛି।

ସୂଚନା ଅନୁସାରେ ଗତ କିଛି ବର୍ଷ ପୂର୍ବରୁ ସରକାର ସବୁ ଗାଡ଼ିରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ବାଧ୍ୟତା ମୂଳକ ଆଇନ ଆଣିଥିଲେ। ଯାହାକୁ ନେଇ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଥିଲେ। ମାତ୍ର ଏବେ ବି ଶହ ଶହ ଗାଡି ବିନା ହାଇ ସିକ୍ୟୁରିଟି ନମ୍ବରରେ ଚାଲିଛି। ରାଜପଥ ଠାରୁ ଗ୍ରାମାଞ୍ଚଳ ମଧ୍ୟରେ ଏହି ଭଳି ଗାଡ଼ି ହଜାର ହଜାର ଚାଲିଛି। ସବୁଦେଖି ପରିବହନ ବିଭାଗ ନୀରବଦ୍ରଷ୍ଟା ସାଜିଛି। ସେହିପରି ବିନା ନମ୍ବର ପ୍ଲେଟ, ଘରୋଇ ନମ୍ବର ଥାଇ ବ୍ୟବସାୟିକ ଗାଡ଼ି ଚଳା ଚଳ କରୁଛି। ଦୁର୍ଘଟଣା ଘଟାଉଥିବା ବଡ଼ ବଡ଼ ଗାଡ଼ି ଯଥା ଟ୍ରକ୍, ଟ୍ରାକ୍ଟର ଠାରୁ ଆରମ୍ଭ କରି ଅନେକ ଭାରି ଓ ହାଲୁକା ଯାନରେ ଇନ୍ସୁରେନ୍ସ ନାହିଁ କି ଫିଟନେସ ନାହିଁ କିମ୍ବା ପ୍ରଦୂଷଣ ସାର୍ଟିଫିକଟ ନାହିଁ। ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଛନ୍ତି ଶହ ଶହ ଡ୍ରାଇଭର। ନିୟମ ପାଳନ ପାଇଁ ବାଇକ ଆରୋହୀଙ୍କୁ ରାସ୍ତା ମଝିରେ ମେସିନ ରେ ଫୁଙ୍କି ମଦ ଯାଞ୍ଚ ପୁଲିସ କରୁଥିବା ବେଳେ ମଦ ପିଇ ବଡ଼ ଗାଡ଼ି ଚଳାଉ ଥିବା ଡ୍ରାଇଭରଙ୍କୁ ମାଫ। ଯାହାକୁ ଧରିଲା ହତାଗୁଞ୍ଜା ନେଇ ଛାଡ଼ି ଦେଉଥିବା ଅଭିଯୋଗ ଆସିଛି। ସେହିପରି ସରକାର ଆଣିଥିବା ନିୟମ ହେଲମେଟ ପିନ୍ଧିଲେ ପେଟ୍ରୋଲ ପମ୍ପରେ ମିଳିବ ପେଟ୍ରୋଲ, ଖୋଲା ବୋତଲରେ ପେଟ୍ରୋଲ ପମ୍ପ ରୁ ପେଟ୍ରୋଲ କିଣିବା ଉପରେ ରୋକ ସବୁ ନିୟମ ଫାଇଲ ରେ ଚାପି ରହିଥିବା ବେଳେ ଏବେ ପ୍ରଦୂଷଣ ସାର୍ଟିଫିକେଟ ସହ ଗ୍ରୀନ ଷ୍ଟିକର ଲାଗିଲେ ପେଟ୍ରୋଲ ମିଳିବା ନିୟମ ପରେ ପ୍ରଦୂଷଣ ଯାଞ୍ଚ ସାର୍ଟିଫିକେଟ ଦେଉଥିବା ସଂସ୍ଥା ମାଲେମାଲ। ୨ଶହ ଟଙ୍କା ଦେଲେ ବିନା ଟେଷ୍ଟରେ ମିଳିଯାଉଛି ପ୍ରମାଣ ପତ୍ର। ଯେଉଁମାନେ ପ୍ରଦୂଷଣ ର ମୁଖ୍ୟ ପୁରୋଧା ସାଜିଛନ୍ତି ସେମାନେ ଛାତି ଖୋଲି ଯାତାୟାତ କରୁଛନ୍ତି। ମାଟି, ଗୋଡ଼ି, ମୋରମ, ବାଲି ବେଆଇନ ଚାଲାଣ କରୁଥିବା ଡମ୍ଫର୍, ଟ୍ରାକ୍ଟର, ଟ୍ରକ୍, ପିକଅପ୍ , ଟେମ୍ପୋ ଭଳି ଛୋଟ ଛୋଟ ଗାଡ଼ି, ବସ, ହାତତିଆରି ଯନ୍ତ୍ର ଚାଳିତ ରିକ୍ସା, ଏପରିକି ସରକାରୀ କାର୍ଯ୍ୟରେ ନିୟୋଜିତ ଭାରି ଓ ହାଲୁକା ଯାନ, ଠିକାଦାର ମାନେ ବ୍ୟବହାର କରୁଥିବା ବଡ଼ ବଡ଼ ଯନ୍ତ୍ରାଂଶ ଗାଡ଼ି ବିନା କାଗଜ ପତ୍ରରେ ଚଳାଚଳ କରୁଛି। ଲଘୁ ଖଣିଜ ପଦାର୍ଥ ପରିବହନ ହେଉଥିବା ମାଳ ମାଳ ଗାଡ଼ି ବିନା ପାଲ ଘୋଡାଇ ନିଆଯାଉଛି। ଯାହାଫଳରେ ପ୍ରଦୂଷଣ ଚରମ ସୀମା ଲଂଘିଛି। ଶବ୍ଦ ପ୍ରଦୂଷଣ ମଧ୍ୟ ଚରମ ସୀମା ଲାଘିଂଛି। ପୁରୁଣା ଭଙ୍ଗା ଦଦରା ଗାଡ଼ି, ବସକୁ ପରିବହନ ବିଭାଗ କିପରି ଫିଟ୍ ନେସ ଦେଉଛି ତାକୁ ନେଇ ବିଭାଗୀୟ ସ୍ୱଛତା ଉପରେ ଖୋଲା ଖୋଲି ପ୍ରଶ୍ନ ଉଠିଛି। ପୁଲିସ ସହିତ ପରିବହନ ବିଭାଗ, ମାଇନିଂ ବିଭାଗ, ତହସିଲଦାରଙ୍କ ସହିତ ରାଜସ୍ୱ ବିଭାଗ ର ଜିଲ୍ଲା ପ୍ରଶାସନ ଅଧିକାରୀ ଙ୍କ ନିଷ୍କ୍ରିୟତା ଦୁର୍ଘଟଣା ଓ ପ୍ରଦୂଷଣ ପାଇଁ ସିଧା ସଳଖ ଦାୟୀ ବୋଲି ପରିବେଶ ବିତ ଓ ବୁଦ୍ଧିଜୀବୀ ମାନେ ଅଭିଯୋଗ କରିଛନ୍ତି। ସେହିପରି ବର୍ଷ ବର୍ଷ ଧରି ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ନିର୍ମାଣ ସାମଗ୍ରୀ ରାସ୍ତା ଉପରେ ଜମା ରହୁଥିବାରୁ ଯାହା ଫଳରେ ଗାଡ଼ି ଚଳା ଚଳ କଲେ ପ୍ରବଳ ଧୂଳି ଅନ୍ୟ ଯାତାୟାତ ଯାତ୍ରୀଙ୍କୁ ସଙ୍କଟରେ ପକାଇବା ସହିତ ପରିବେଶ ଉପରେ ପ୍ରଭାବ ପକାଉଛି। ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରୁ ନଥିବା ବଡ଼ ଠାରୁ ଛୋଟ ଠିକାଦାରଙ୍କ ଉପରେ ସରକାର ଓ ପ୍ରଶାସନ ନୀରବ ହୋଇ ରହିବା ଲୋକଙ୍କୁ ବ୍ୟଥିତ କରିଛି। ନିୟମ କରି ଓଡ଼ିଶା ସରକାରଙ୍କ ସାଧାରଣ ଜନତାଙ୍କୁ ଶୋଷଣ କରିବା ପାଇଁ ପ୍ରୟାସ କରିବାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

## ହାମିରିଆ ନାଫରାଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୋଗରାଇ/ଚନ୍ଦନେଶ୍ୱର, ୭।୨(ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇର ଶ୍ରଦ୍ଧାପୁର ପଞ୍ଚାୟତର ହାମିରିଆ ନାଫରାଇ ନୋଡାଲ ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରାମେଶ୍ୱର ଦେଙ୍କ ସଂଚାଳନରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ଶ୍ରୀମାଶ୍ରୀ ଅରବିନ୍ଦଙ୍କ ଅନୁପ୍ରାଣିତ ଶିକ୍ଷାବିତ ସୁବାସ ଦାସ, ସମ୍ମାନିତ ଅତିଥି ଶିକ୍ଷାବିତ୍ ଶମ୍ଭୁନାଥ ଜେନା, ଧନଞ୍ଜୟ ପାତ୍ର, ଶ୍ରଦ୍ଧାପୁର ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଦେବ ପାତ୍ର, ସମାଜସେବୀ ଗୈରହରି ମଣ୍ଡଳ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କୃଷ୍ଣ ପ୍ରସାଦ ସାହୁ, ଗୋପୀନାଥ ଜେନା, ଜାମିନୀକାନ୍ତ ଦଳାଇ, ସୁଧୀର ଚନ୍ଦ୍ର ଗିରି, ବଂଶୀଧର ପରିଡ଼ା, ହରିହର ଜେନା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ଚନ୍ଦନ ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ସାମଲ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ସରୋଜ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗର କୃତୀ ପିଲାମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ନନ୍ଦିତା ପାତ୍ର, ଆରତୀବାଳା ଜେନା, ବିଭୁତି ଭଞ୍ଜ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ସହଯୋଗ କରିଥିଲେ।

# ଡବଲ ଇଞ୍ଜିନ ସରକାର ବିରୋଧରେ ଗର୍ଜିଲା ବିଜେଡି

ବୌଦ୍ଧ,୭ ।୨(ସମିସ)




ବୌଦ୍ଧରେ ଶନିବାର ବିଜୁ ଜନତା ଦଳ ଡବଲ ଇଞ୍ଜିନ ସରକାର ଉପରେ ଗର୍ଜିଛି । ବିଜେପି ସରକାରର ବିଫଳତା ବିରୋଧରେ ଦଳର ନେତାମାନେ ବର୍ଷିଥିଲେ । ବିଜୁ ଜନତା ଦଳର ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ଏକ ପ୍ରତିବାଦ ସଭାରେ ଦଳର ବରିଷ୍ଠ ନେତା ଅଶୋକ ସାହୁ ସଭାପତିତ୍ୱ କରିଥିଲେ । ଏହି ପ୍ରତିବାଦ ସଭାରେ ବିଜୁ ଜନତା ଦଳର ବୌଦ୍ଧ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତ, ପୂର୍ବତନ ବିଧାୟକ ମହୀଧର ରଣା, ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱଜିତ ମିଶ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ସାମାଜିକ ଗଣମାଧ୍ୟମ ସଂଯୋଜକ ଅବକାଶ ସାହୁ, ରାଧାବଲ୍ଲଭ ପ୍ରଧାନ, ଶ୍ରଦ୍ଧାଞ୍ଜଳି ବାରିକ ପ୍ରମୁଖ ବିଜେପି ସରକାର ବିରୋଧରେ ବକ୍ତବ୍ୟ ରଖିଥିଲେ । ବୌଦ୍ଧ ଜିଲ୍ଲାରେ ଚାଷୀ ଧାନବିକ୍ରି କ୍ଷେତ୍ରରେ ହନ୍ତସନ୍ତ ହେଉଛି । ଧାନ କୁଇଣ୍ଟାଲ ପିଛା ୬୯ଟଙ୍କା ଲୁଟ୍ କରାଯାଉଛି । ବ୍ୟାପକ କଟନୀ ଛଟନୀ ହେଉଛି । ଦ୍ୱିତୀୟ ପର୍ଯ୍ୟାୟ ଟୋକନ ଆସିନି । ଏଣୁ ମଣ୍ଡିରେ ଦିନ ଦିନ ଧରି ଧାନ ପଡି ରହୁଛି । ଏହା ଫଳରେ ସମଗ୍ର ଜିଲ୍ଲାରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛି । ଠିକ୍ ସେହିଭଳି ସମଗ୍ର ରାଜ୍ୟରେ ମହିଳା ଅତ୍ୟାଚାର ବଢ଼ି ଚାଲିଛି । ଆଇନଶୃଙ୍ଖଳା ପରିସ୍ଥିତିର ଦ୍ରୁତ ଅବନତି ଘଟିଛି । ପୂର୍ବ ସରକାର ଅମଳରେ ନିର୍ମିତ ବୌଦ୍ଧ ଡାକ୍ତରଖାନା ଗୃହ ଲୋକାର୍ପିତ ହେଉନି । ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା ମଞ୍ଜୁର ହେଉନି । ସରକାରଙ୍କ ପ୍ରତିଶ୍ରୁତି ମୁତାବକ ୩୫୦୦ଟଙ୍କା ଭତ୍ତା ସମସ୍ତଙ୍କୁ ପ୍ରଦାନ କରାଯାଉନି । ହରଭଙ୍ଗା ବ୍ଲକରେ ପୂର୍ବ ସରକାର ଅମଳରେ ନିର୍ମାଣାଧୀନ ପିଇବା ପାଣି ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଉନି । ଏଭଳି ବିଭିନ୍ନ ସମସ୍ୟା ନେଇ ଦଳୀୟ ନେତା ସରକାରଙ୍କ ଉପରେ ବର୍ଷିଥିଲେ । ବୌଦ୍ଧ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।

ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ବାଧ୍ୟହୋଇ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଅନ୍ୟମାନଙ୍କ ମଧ୍ୟରେ ସୁବୋଧ ପ୍ରଧାନଲ ବିଦ୍ୟାଧର ସ୍ୱାଇଁ, ସୁମନ୍ତ ସାହୁ, ପ୍ରଭାତ ପ୍ରଧାନ, ଅଶ୍ୱିନୀ ପ୍ରଧାନ, ରବୀନ୍ଦ୍ର ପ୍ରଧାନ, ନିହାର ଘୋଷ, ଅଶୋକ ସେଠି, ଅରୁଣ ବାଘ, ବସନ୍ତ ସ୍ୱାଇଁ, ଅଶୋକ ମେଣ୍ଡୁଲି, ପ୍ରେମରାଜ ରଣା, କଣ୍ଟାମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ବାଳମୁକୁନ୍ଦ ମେହେର, ଶୈଳେନ୍ଦ୍ର ବାରିକ ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

● ବାଇକ୍‌କୁ ଧକ୍କାଦେଲା ଅଟୋ

## ଆମ୍ବୁଲାନ୍ସ ଆସିଲାନି; ପୁଲିସ ଗାଡ଼ିରେ ବୁହାହେଲେ ୨ ଗୁରୁତର

ଶଗଡ଼ା,୭ ।୨(ସମିସ): ମନମୁଣ୍ଡା ଥାନା ସାନ ଝାଙ୍କରପାଲି ନିକଟରେ ଏକ ଅଟୋ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି । ଗୁରୁତର ମାନେ ହେଲେ ମନମୁଣ୍ଡା ଥାନା ଘରେଲ ମୁଣ୍ଡା ଗ୍ରାମର ବୈକୁଣ୍ଠ ନାଏକ ଓ ବାଉଁଶୁଣି ଥାନା ମନକାମନ ଗ୍ରାମର ମନୋଜ ପ୍ରଧାନ । ଶନିବାର ସନ୍ଧ୍ୟାରେ ବରଗୋଛା ପଟରୁ ଏକ ଅଟୋ ପାଲଝିର ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲା । ଅଟୋ ଚାଳକ ଘଟଣାସ୍ଥଳରୁ ଫେରାର ମାରିଥିବାବେଳେ ବାଇକରେ ଥିବା ଦୁଇଜଣ ଗୁରୁତର ଆହତ ହୋଇଛନ୍ତି । ଜଣକ ଗୋଡ଼ ଆଣ୍ଠୁରୁ ତଳକୁ ଛିଣ୍ଡି ଯାଇଥିବାବେଳେ ଅନ୍ୟଜଣକର ଗୋଡ଼ ଭାଙ୍ଗି ଯାଇଥିବା ଜଣାପଡ଼ିଛି । ସ୍ଥାନୀୟଲୋକ ଉଭୟ ଗୁରୁତରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଏକ ଘଣ୍ଟା ପରେ ମଧ୍ୟ ଆମ୍ବୁଲାନ୍ସ ଆସି ନ ଥିଲା । ଖବର ପାଇ ୧୧୨ ଓ ଶଗଡ଼ା ଫାଣ୍ଡି ପୁଲିସ ପହଞ୍ଚି ଗୁରୁତରଙ୍କୁ ମନମୁଣ୍ଡା ଡାକ୍ତରଖାନାକୁ ନେଇଥିଲେ ।

## ୩ କୁଇଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ

● ଖସିଗଲେ ମାଫିଆ



କଣ୍ଟାମାଳ,୭ ।୨(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ଅଧୀନ ସାଲେପାଲି ସଂରକ୍ଷିତ ଜଙ୍ଗଲରୁ ପୁଲିସ ବିପୁଳ ଗଞ୍ଜେଇ ଜବତ କରିଛି । ତେବେ ଏହି ଘଟଣାରେ ପୁଲିସ ଜଣକୁ ମଧ୍ୟ ଧରି ପାରିନି । ପୁଲିସକୁ ଗଞ୍ଜେଇ ମାଫିଆ ଖୋଲାଖୋଲି ଚ୍ୟାଲେଞ୍ଜ କରିଛନ୍ତି । ପୁଲିସ ଯେତିକି ଚାଲାକ ଗଞ୍ଜେଇ ମାଫିଆ ତାଠାରୁ ଅଧିକ ଚାଲକ ବୋଲି ପ୍ରମାଣ କରିଛନ୍ତି । ଘଟଣାସ୍ଥଳରୁ ପୁଲିସ କେବଳ ୩ କୁଇଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ କରି ସନ୍ତୁଷ୍ଟ ହେବା ସହ ବାହାବା ନେଉଛି । ଏଣୁ ପୁଲିସର ପାରିବା ପଣିଆ ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି । ସହଜେ ଜିଲ୍ଲାରେ ଗଞ୍ଜେଇ ଚୋରା କାରବାରରେ ମାଫିଆଙ୍କ ସହ କେତେକ ଅସାଧୁ ପୁଲିସ ଅଧିକାରୀ ତଥା କର୍ମଚାରୀଙ୍କ ହାତ ଥିବା ଲୋକେ ଅଭିଯୋଗ କରୁଛନ୍ତି । ତେବେ କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା । କଣ୍ଟାମାଳ ଥାନା ଅଧିକାରୀ ବସୁଦେବ ଭୋଇ, ଏସ୍‌ଆଇ ପ୍ରକାଶ ଭୋଇ, ଏଏସଆଇ ଅଭୟ ପ୍ରଧାନ, ହାବିଲଦାର ମାନସ ପ୍ରଧାନ ପ୍ରମୁଖ ଏହି ଚଢଉରେ ସାମିଲ ହୋଇଥିଲେ ।

## ଖେଳପଡ଼ିଆରୁ ୯,୪୫୦ ବୋତଲ କଫ ସିରପ ଜବତ

● ୨ ଗାଡ଼ି ଜବତ, ଜଣେ ଗିରଫ



ଡୁଙ୍ଗୁରିପାଲି,୭ ।୨(ସମିସ): ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ଥାନା ପୁଲିସ ସାହାବାହାଲ କେନାଲ ଛକ ନିକଟ ଖେଳ ପଡିଆରୁ ଶନିବାର ବିପୁଳ ପରିମାଣ କଫ ସିରଫ ଜବତ କରିଛି । ଏହା ସହ ୨ଟି ଗାଡି ଜବତ କରିଛି । ଏହି ଘଟଣାରେ ବରଗଡ ଜିଲା ବରପାଲି ଥାନା ସତଲମା ଗ୍ରାମର ଗୁଲ୍‌ସନ ସାହୁ (୨୪)କୁ ଗିରଫ କରିଛି । ତେବେ ଘଟଣାସ୍ଥଳରୁ ୩/୪ ଜଣ ଯୁବକ ଫେରାର ହୋଇ ଯାଇଛନ୍ତି । ଏକ ପିକ୍‌ଅପ ଓ ଗୋଟିଏ କାର୍‌ରେ ବହୁ ପରିମାଣରେ କଫ ସିରପ ଭର୍ତ୍ତି ଥିବା ଦେଖି ପୁଲିସ ଜବତ କରିଥିଲା । ଖବର ପାଇ ଆଡିସନାଲ ଏସପି କେ. କେ. ହରି ପ୍ରସାଦ, ଏସଡିପିଓ ରେଣୁକା ସୁନା, ରାମପୁର ଅତିରିକ୍ତ ତହସିଲଦାର ରୋହିତ ବାଗ ପହଞ୍ଚିଥିଲେ । ପୁଲିସ ୨ଟି ଗାଡିରୁ ୯,୪୫୦ ବୋତଲ କଫ ସିରପ ଜବତ କରିଛି । ଜବତ କଫ ସିରପର ଆନୁମାନିକ ମୂଲ୍ୟ ୧୭ଲକ୍ଷ ୮୨ହଜାର ଟଙ୍କା ହେବ । ମାତ୍ର ଏହାର ବଜାର ମୂଲ୍ୟ ୪୫ ଲକ୍ଷ ବୋଲି ଥାନା ଅଧିକାରୀ ଡୋଳାମଣୀ ନାଏକ କହିଛନ୍ତି ।

## ରମା ବାଇଙ୍କ ୧୨୮ ତମ ଜୟନ୍ତୀ

ଡୁଙ୍ଗୁରିପାଲି,୭ ।୨(ସମିସ): ଡୁଙ୍ଗୁରିପାଲି ବ୍ଲକ୍‌ସ୍ତରୀୟ ଲକ୍ଷେ ଘର ଗଣ୍ଡା ସମାଜ କାର୍ଯ୍ୟାଳୟରେ ରମା ବାଇଙ୍କ ୧୨୮ ତମ ଜୟନ୍ତୀ ପାଳିତ ହୋଇଛି । କୋଷାଧ୍ୟକ୍ଷ ସାନନ୍ଦ ତାଣ୍ଡି, ଲକ୍ଷେ ଘର ଗଣ୍ଡା ସମାଜର କାର୍ଯ୍ୟକାରୀ ସଭାପତି ଧୀମାନ କୃଷ୍ଣଚନ୍ଦ୍ର ବାଗ, ସମାଜର ବରିଷ୍ଠ ସଭ୍ୟ ଗଣେଶ ତାଣ୍ଡି, ସଙ୍ଘର ଉପଦେଷ୍ଟା ସୁନାରାମ ବାଗ, ରାଜକିଶୋର ତାଣ୍ଡି, କରୁଣାକର ତାଣ୍ଡି, ଦୁଃଖୁ ନାଗ, ଉତ୍ତମ ତାଣ୍ଡି, ଅସର୍ପି କୁମ୍ଭାର, ପ୍ରକାଶ କୁମ୍ଭାର, ଭୁବନେଶ୍ୱର ନାଗ, କେଶବ ବାଗ, ଉପେନ୍ଦ୍ର କୁମ୍ଭାର, ଗୋବିନ୍ଦ କୁମ୍ଭାର, ରିଙ୍କୁ ବାଗ, ସାନନ୍ଦ ତାଣ୍ଡି ପ୍ରମୁଖ ଏଥିରେ ଯୋଗ ଦେଇଥିଲେ ।

● ଜୟ ଜେନାବୁଢ଼ା କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ମୁଚେଲପଦର ଚାମ୍ପିଅନ



କଣ୍ଟାମାଳ,୭ ।୨(ସମିସ): ଲଣ୍ଡାଗାଁ ପଞ୍ଚାୟତ ମୁରିଆତୁଣ୍ଡି ଖେଳପଡ଼ିଆରେ ଅନୁଷ୍ଠିତ ଜୟ ଜେନାବୁଢ଼ା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ଖେଳ ମୁରିଆତୁଣ୍ଡି ଦଳ ଓ ମୁଚେଲପଦର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମୁରିଆତୁଣ୍ଡି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୮ ଓଭର ଖେଳରେ ୫୧ ରନ ସଂଗ୍ରହ କରିଥିଲା । ଯବାବରେ ମୁଚେଲପଦର ଦଳ ଲକ୍ଷ୍ୟ ହାସଲ କରି ଚାମ୍ପିଅନ ହୋଇଛି । ପୁରସ୍କାର ବିତରଣ ଉତ୍ସବରେ କନ୍ଧମାଳ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁଦେଇ ମୁଖ୍ୟ ଅତିଥି, ସମାଜସେବୀ ଅଭିରାମ ରଣା, ସାମ୍ବାଦିକ ବଂଶୀଧର ମାଝୀ, ସମାଜସେବୀ ଜିତେନ୍ଦ୍ର କୁଦେଇ, ଶେଷଦେବ ରଣା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

## ଏଇଏସ୍ କଲେଜରେ ଆତ୍ମ ସୁରକ୍ଷା ଶିବିର



ତରଭା,୭ ।୨(ସମିସ): ତରଭା ଏଇଏସ୍ ମହା ବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ଶିବିର କଲେଜ ଖେଳ ପଡିଆରେ ଉଦ୍‌ଘାଟିତ ହୋଇଛି । ଶିବିରକୁ କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ । ଅଧ୍ୟାପିକା ଡ. ସବିତା ମିଶ୍ର, ଅଧ୍ୟାପିକା ମୋନାଲିସା ପ୍ରଧାନ, କଲେଜ ପି.ଇ.ଟି ସଂଜୀବ ସାହୁଙ୍କ ସହ ମାଷ୍ଟର ଟ୍ରେନର ସନ୍ଧ୍ୟାରାଣୀ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଶିବିର ୮ ଦିନ ଧରି ଅନୁଷ୍ଠିତ ହେବ ।

## ବାଲ୍ୟ ବିବାହର କୁପରିଣାମ ସଚେତନତା କାର୍ଯ୍ୟକ୍ରମ

ବୌଦ୍ଧ,୭ ।୨(ସମିସ): ବୌଦ୍ଧ ବ୍ଲକ୍ ମୁଣ୍ଡିପଦର ପଞ୍ଚାୟତରେ ବିଶ୍ୱ ଯୁବ କେନ୍ଦ୍ର, ବଣିନାଳି ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ସରକାରୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ଏକ ସଚେତନତା ଓ ସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବଲାକିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କିଶୋରୀ ବାଳିକା ଓ ବାଳକଙ୍କ ସହ ଶିକ୍ଷକ ଯୋଗ ଦେଇଥିଲେ । ବନିତା ସମସ୍ତଙ୍କୁ ସ୍ୱାଗତ କରିଥିଲେ, ବାଲ୍ୟ ବିବାହର କୁପରିଣାମ ଓ ଏହାକୁ କିପରି ରୋକଯାଇ ପାରିବ ସେ ବିଷୟରେ ଆଲୋଚନା କରାଯାଇଥିଲା । ବାଲ୍ୟ ବିବାହର କୁପରିଣାମ ଓ ଦଣ୍ଡ ବିଧାନ ଉପରେ ଆଲୋଚନା ହୋଇଥିଲା ।

## ପୟୋନାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବୀରମହାରାଜପୁର,୭ ।୨(ସମିସ): ବୀରମହାରାଜପୁରସ୍ଥିତ ପୟୋନୀରା ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲ ଅଧ୍ୟକ୍ଷା ଶ୍ରଦ୍ଧାଞ୍ଜଳି ପଣ୍ଡାଙ୍କ ଅଧ୍ୟକ୍ଷତାରେ ଲୋକକବି ହଳଧର ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାଙ୍କ ଭବିଷ୍ୟତ କାମନା କରିବା ସହ ବିଭିନ୍ନ କବିତା ମାଧ୍ୟମ ରେ ଛାତ୍ରଛାତ୍ରୀଙ୍କୁ ବାନ୍ଧି ରଖିଥିଲେ । ଅନ୍ୟତମ ଅତିଥି ଭାବେ ଏସ୍‌ଡିପିଓ ହେମନ୍ତ ରାଓ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ଯୋଗ ଦେଇଥିଲେ । ସାମ୍ବାଦିକ ନୀଳକମଳ ମିଶ୍ର, ବ୍ରଜଗୋପାଳ ପଣ୍ଡା, ଭାଷ୍ୟକର ଅବିନଶ ହୋତା, ସଂଗିତକାର ପୀତବାସ ଶତପଥି, ଏଇ ବୈଷୟକରେ ଇଟାଲିରେ ଅଧ୍ୟୟନ କରୁଥିବା ଭୌମିକ ମିଶ୍ରଙ୍କ ସହିତ ବହୁ ପ୍ରତିଭାବାନଙ୍କୁ ସମ୍ମାନିତ କରିଥିଲେ ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିପ୍ରେରଣା କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି,୭ ।୨(ସମିସ): ମାୟାବାର୍ହା କ୍ଲଷ୍ଟରର ପଣ୍ଡକିଟାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଭିପ୍ରେରଣା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଶିକ୍ଷୟିତ୍ରୀ ତପସ୍ୱିନୀ ଦାଶ ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ସମାପ୍ତିସୂଚକ ମୂଲ୍ୟାୟନ ୨ରେ ଚାପମୁକ୍ତ ଓ ଭୟମୁକ୍ତ ରହିବା ପାଇଁ ଏହି ଅଭିନବ କାର୍ଯ୍ୟକ୍ରମ ସମ୍ପାଦନ କରିଥିଲେ । ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଦ୍ୱାରା ପ୍ରଦତ୍ତ ମୂଲ୍ୟାୟନ କାର୍ଯ୍ୟସୂଚୀ, ମୂଲ୍ୟାୟନର ଉପାଦାନ, ଉପ- ଉପାଦାନ ଓ ଗୁରୁତ୍ୱ, ପ୍ରଶ୍ନପତ୍ରର ପ୍ରକାର ଓ ପ୍ରଶ୍ନପତ୍ରର ଅଭ୍ୟାସ ବିଷୟରେ ପ୍ରାଞ୍ଜଳ ଭାବେ ସେ ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ । ପରୀକ୍ଷା ଢାଞ୍ଚାରେ ଲିଖିତ ଓ ପ୍ରକଳ୍ପ କାର୍ଯ୍ୟର ମୂଲ୍ୟାୟନ ବିଷୟରେ ଛାତ୍ରଛାତ୍ରୀଙ୍କୁ ସବିଶେଷ ଭାବେ ବୁଝାଇଥିଲେ । ଏହି ଅଭିନବ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ପରୀକ୍ଷାରେ ଚାପମୁକ୍ତ ଓ ଭୟମୁକ୍ତ ରହିବାର ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଇଛି ।

## ବୀରମମହାରାଜପୁର ଫଗୁନି ପୁନି ଯାତ୍ରା ନେଇ ପ୍ରସ୍ତୁତି

ବୀରମମହାରାଜପୁର,୭ ।୨(ସମିସ): ବୀରମହାରାଜପୁର ଅଞ୍ଚଳର ପ୍ରସିଦ୍ଧ ଦୋଳା ଯାତ୍ରା (ଫଗୁନି ପୁନି) ଅବସରରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୀରମହାରାଜପୁର ଉପ ଜିଲ୍ଲାପାଳ ସୁରେନ୍ଦ୍ର ମେହେର ଅଧ୍ୟକ୍ଷତା କରିଥିଲେ । ଏଥର ବିଜୁ ପଟ୍ଟନାୟକ ମିନି ଷ୍ଟଡିୟମରେ ହରିହର ଭେଟ କରିବାକୁ ପ୍ରଶାସନ ପସ୍ତାବ ଦେଇଛି । ଏହା ଉପରେ ୭ଟି କମିଟି ନିଜ ଗ୍ରାମ୍ୟ କମିଟିରେ ଆଲୋଚନା ପୂର୍ବକ ନିଷ୍ପତ୍ତି ନେବେ । ସେହିଭଳି ମେଳଣ ପଡିଆ ଏବଂ ମେଢ଼ ଗୁଡିକ ସହର ମଧ୍ୟକୁ ପ୍ରବେଶ ପୂର୍ବରୁ ବାଣ ଫୁଟାଇବାକୁ ମନା କରାଯାଇଛି । ଏଥିରେ ଅଜିତ ମିର୍ଦ୍ଧା, ବିରାମହରରାଜପୁର ଏସ୍‌ଡିପିଓ ହେମନ୍ତ ରାଓ, ତହସିଲଦାର ଶୁଚିସ୍ମିତା ପାଣିଗ୍ରାହୀ, ଉଲୁଣ୍ଡା ଭାରପ୍ରାପ୍ତ ତାହାସଲଦାର ଶଭମ୍ ଶୁଭାଶିଷ ଶତପଥୀ, ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ବିଡ଼ିଓ ରାଜୀବ ହାଁସଦା ପ୍ରମୁଖ ଯୋଗ ଦେଇଥଲେ । ଯୁଗଳ ମିଶ୍ର, କିଶୋର ହୋତା, ଦାମୋଦର ହୋତା, ନୀଳକମଲ ମିଶ୍ର, ବ୍ରଜଗୋପାଳ ପଣ୍ଡା, ବିପିନ ପଣ୍ଡା, ଗୁପ୍ତେଶ୍ୱର ରଣା ପ୍ରମୁଖ ଯୋଗ ଦେଇଥିଲେ ।

## ସରସରା ପିଏମ୍‌ଶ୍ରୀ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ

ବୌଦ୍ଧ,୭ ।୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ସରସରା ପିଏମ୍‌ଶ୍ରୀ ବାବା ବୈଦ୍ୟନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ରୂପେ ଉପ ଜିଲ୍ଲାପାଳ ବିନୟ ଭୋଇ ଯୋଗ ଦେଇ ପାଠ ସହ ଖେଳକୁଦର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଜିଲ୍ଲା କ୍ରୀଡା ଅଧିକାରୀ ଦାୟିତ୍ୱରେ ଥିବା ସୁଧର୍ମା ମଲ୍ଲିକ ବୌଦ୍ଧ ଜିଲ୍ଲାରେ କ୍ରୀଡା କ୍ଷେତ୍ରରେ ଥିବା ସନ୍ତରଣ ତଥା ଅନ୍ୟ ସୁବିଧା ସୁଯୋଗର ଲାଭ ଉଠାଇବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ବିଦ୍ୟାଳୟ ପଞ୍ଚସଖା ଶିକ୍ଷା ସେତୁର ସଭାପତି ଜୟାନନ୍ଦ ମିଶ୍ର, ଗାଁ କମିଟି ସମ୍ପାଦକ ପ୍ରଭାସ ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଶିକ୍ଷକ ଲିଲୁପାଣି ମହାକୁଡ଼ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରଧାନ ଶିକ୍ଷକ ପଦ୍ମଜା ପତି ସଭାପତିତ୍ୱ କରିଥିଲେ । ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ବିନୋଦ ପ୍ରଧାନ, କ୍ରୀଡା ଶିକ୍ଷକ ପ୍ରବୀଣ ବେହେରା, ବୁରୋଗୋରା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ କୃଷ୍ଣଚନ୍ଦ୍ର ସେଠି, ମାଉଳସିଙ୍ଗା ଜେବି ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁଧୀର ଭୋଇ, ବାଉଁଶୁଣୀ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁଦାମ ସେଠି, ବଡ଼ବନ୍ଧ ବାଳିକା ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅଲିଭା ପ୍ରଧାନ ଓ ରାମଗଡ଼ ଉଚ୍ଚ ବିଦ୍ୟାଳୟ କ୍ରୀଡା ଶିକ୍ଷକ ଦଶରଥ ଭୋଇ ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ ।

## ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ



ଜହ୍ନାପଙ୍କ,୭ ।୨(ସମିସ): ବୌଦ୍ଧ ଜିଲ୍ଲା ବଘିଆପଡା ପଞ୍ଚାୟତ ପାଲଝରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ୨୨ତମ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଚିପିଲିମା କୃଷି ଓ ଉଦ୍ୟାନ କୃଷି ମହାବିଦ୍ୟାଳୟ କୁଳପତି ତଥା ଅଧ୍ୟକ୍ଷ ଡ. ରଞ୍ଜନ କୁମାର ତରାଇ ଯୋଗ ଦେଇଥିଲେ । ଓଡିଶା କୃଷି ଓ ବୈଷୟକ ବିଶ୍ୱ ବିଦ୍ୟାଳୟର ସମ୍ପ୍ରସାରଣ ନିର୍ଦ୍ଦେଶାଳୟରୁ ଯୁଗ୍ମ ନିର୍ଦ୍ଦେଶକ ଡ. ଶର୍ବାଣୀ ଦାସ ଏହି ବୈଠକରେ ସଭାପତିତ୍ୱ କରିଥିଲେ । ଆଞ୍ଚଳିକ ଗବେଷଣା କେନ୍ଦ୍ର, ଚିପିଲିମାର ସହଯୋଗୀ ଗବେଷଣା ଅଧ୍ୟକ୍ଷ ଡ. ସଂଯୁକ୍ତା ମହାପାତ୍ର ଯୋଗ ଦେଇ ସମନ୍ୱିତ କୃଷି ପଦ୍ଧତି ଉପରେ କ୍ଷେତ୍ର ପରିଦର୍ଶନ କରିବାକୁ ମତ ରଖିଥିଲେ । ଆଭାସୀ ମାଧ୍ୟମରେ କୃଷି ସମ୍ପ୍ରସାରଣ ଅଧ୍ୟକ୍ଷ ଡ. ପ୍ରସଂଜିତ ମିଶ୍ର, କଲିକତା ଅତାରୀରୁ ପ୍ରଧାନ ବୈଜ୍ଞାନିକ ଡ. ଶ୍ୟାମଲ ମଣ୍ଡଳ ତଥା କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରର ପ୍ରଧାନ ବୈଜ୍ଞାନିକ ଡ. ଗୋବିନ୍ଦ ଚନ୍ଦ୍ର ଆଚାର୍ଯ୍ୟ ଯୋଗ ଦେଇଥିଲେ । ବୌଦ୍ଧ ଜିଲ୍ଲାର ଜିଲ୍ଲା କୃଷି ଅଧିକାରୀଙ୍କ ପ୍ରତିନିଧି, ଉଦ୍ୟାନ କୃଷି ସହ ନିର୍ଦ୍ଦେଶକ ଯୋଗୀନ୍ଦ୍ର ନାଥ ମହାପାତ୍ର, ରାଷ୍ଟ୍ରୀୟ ଉଦ୍ୟାନ କୃଷି ଗବେଷଣା ଏବଂ ଉନ୍ନୟନ ପ୍ରତିଷ୍ଠାନର ମୁଖ୍ୟ ଡଃ ସତେନ୍ଦ୍ର ସିଂ, ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ଡ. ରାମ ରାଓ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଦ୍ରୌପଦୀ ନାଏକ, କୃଷକ ପ୍ରତିନିଧି, ଜିଲ୍ଲା କୃଷି ବିଭାଗର ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, କୃଷି ପଲିଟେକନିକର ଅଧ୍ୟକ୍ଷ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତଥା ମୁଖ୍ୟ ତପନ କୁମାର ଦାସ ଅତିଥି ପରିଚୟ ଦେଇଥିଲେ । ବୈଜ୍ଞାନିକ ସସ୍ମିତା ପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜାତୀୟ ଶିକ୍ଷା ନୀତି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ

କଣ୍ଟାମାଳ,୭ ।୨(ସମିସ) ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାପୀଠରେ ୫ ଦିନ ଧରି ଚାଲିଥିବା ଜାତୀୟ ଶିକ୍ଷାନୀତି ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯଜ୍ଞସେନି ଖେତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭ ରଞ୍ଜନ ମାଳି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ



ଗୋଷ୍ଠୀ ଶିକ୍ଷାଧିକାରୀ ଦୁର୍ଗା ଚରଣ ପ୍ରଧାନ, ପୁରୁଣାପାଣି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଖଗେଶ୍ୱର ବସ୍ତିଆ, ବଉଳସିଂଗା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ବିକ୍ରମ ହାତୀ, ବିଜୟ ବସ୍ତିଆ, ନିର୍ମଳ ମହଲା ପ୍ରମୁଖ ତାଲିମଦାତା ଭାବେ ଯୋଗ ଦେଇଥିଲେ । ଶିକ୍ଷକମାନଙ୍କୁ ପାଞ୍ଚପଦି ପଦ୍ଧତି, ପଞ୍ଚକୋଷ ପଦ୍ଧତି, ନୂତନ ପାଠ୍ୟକ୍ରମ, ଯୋଗ, କଳା ଶିକ୍ଷା, ବୃତ୍ତିଗତ ଶିକ୍ଷା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ଶିକ୍ଷକ ବଳଦେବ ପ୍ରହରାଜ ମଞ୍ଚ ପରିଚାଳନା କରିଥିବାବେଳେ ପଥର୍ଲା ବିଦ୍ୟାଳୟର ପ୍ରଧ ଶିକ୍ଷକ ଶୁକଦେବ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜହ୍ନାପଙ୍କ ସରକାରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ

ଜହ୍ନାପଙ୍କ,୭ ।୨(ସମିସ): ବୌଦ୍ଧ ବ୍ଲକ୍ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ବାର୍ଷିକ ଉତ୍ସବ ୨ ଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବ୍ଲକ୍ ପୂର୍ବତନ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ସଭାପତି ସ୍ୱାଧୀନ ପ୍ରଧାନ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ପ୍ରମୋଦ ଖମାରୀ ସଭାରେ ଅଧ୍ୟକ୍ଷତା କରିଥିଲେ । ଶିକ୍ଷକ ଜିତେନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେବା ସହ ମଞ୍ଚ ପରିଚାଳନା କରିଥିଲେ । ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦୌଡ଼, ଉଚ୍ଚଡିଆଁ, ଲମ୍ବଡିଆଁ, ଡିସ୍କସ୍ ଥ୍ରୋ, ସଟ୍‌ପୁଟ୍, ଅଖା ଦୌଡ଼ ଆଦି ପ୍ରତିଯୋଗିତା ହୋଇଥିଲା । ଖେଳକୁ ଖେଳ ଶିକ୍ଷକ ସୁଶାନ୍ତ ବଳ ପରିଚାଳନା କରିଥିଲେ । ଶିକ୍ଷକ ପ୍ରଦୀପ ସାହୁ, ସୁଶାନ୍ତ ବିଶ୍ୱାଳ, ବରୁଣ ରଣାଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ସେହିପରି ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ ଖମାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ପୁରାତନ ଛାତ୍ର ସଂସଦର ସଭାପତି ଉତ୍ସବ ସାହୁ, ସମ୍ମାନିତ ଅତିଥି ଭାବେ ସମାଜସେବୀ ସହସ୍ରାଂଶୁ ମିଶ୍ର, ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନରଞ୍ଜନ ପୁରୋହିତ, ପୁରାତନ ଛାତ୍ର ମୋହନ ସାହୁ, ପୂର୍ବତନ ଖେଳ ଶିକ୍ଷକ ଜଗନ୍ନାଥ ବେହେରା, ବିଦ୍ୟାଳୟ ପରିଚାଳନା ସଭାପତି ସ୍ୱାଧୀନ ପ୍ରଧାନ ଯୋଗ ଦେଇଥିଲେ । ବିଭିନ୍ନ ଖେଳରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ । ସିନିୟର ବିଭାଗ ବାଳକରେ ରାମ କୁମାର ବେହେରା ଓ ବାଳିକାରେ ଅଙ୍କିତା ଭୋଇ ଚାମ୍ପିଅନ ହୋଇଥିଲେ । ଜୁନିୟର ବିଭାଗ ବାଳକରେ ଇନ୍ଦ୍ରଜିତ ବାରିକ ଓ ବାଳିକାରେ ପାୟଲ ପ୍ରଧାନ ଚାମ୍ପିଅନ ହୋଇଥିଲେ । ଶିକ୍ଷକ ଜିତେନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସୁଶାନ୍ତ ବଳ ଧନ୍ୟବାଦ ଅର୍ପଣ କରିଥିଲେ । ବିଜୟ ପ୍ରଧାନ, ଶିବାନନ୍ଦ ପାଳ, ବରୁଣ ରଣା, ପ୍ରଦୀପ ସାହୁ, ସୁଶାନ୍ତ ବିଶ୍ୱାଳ, ସୀତାରାମ କହଁର, ଶଶାଙ୍କ ମେହେର, ସୁଜିତ ସାହୁ, ସୁଷ୍ମନ୍ତ ସୁବୁଦ୍ଧି,ଆଦିତ୍ୟ ଦୀପ, ଦୀପାଞ୍ଜଳି ଦେହୁରୀ, ସରିତା ମାଝି, ରତନୀ ବେହେରା, ଅଞ୍ଜଳି ତ୍ରିପାଠୀ, ପ୍ରୀତିରଞ୍ଜନ ମହାଲିଙ୍ଗ, ସ୍ୱର୍ଣ୍ଣଲତା କହଁର, ରୀତା ବିଶ୍ୱାଳ ଏବଂ ନିରଞ୍ଜନ ମିର୍ଦ୍ଧା ସହଯୋଗ କରିଥିଲେ ।

# ବାଘନଦୀ-କନ୍ଧରିଆପଡ଼ା ଷ୍ଟେସନ ପାଇଁ ବିଧାୟକଙ୍କୁ ଫେରାଦ

ମନମୁଣ୍ଡା,୭ ।୨(ସମିସ)



ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ମନୁପାଲି ପଞ୍ଚାୟତ କନ୍ଧରିଆପଡ଼ା ଗ୍ରାମ ବାଘନଦୀ ନିକଟରେ ବାଘ ରେଳ ଷ୍ଟେସନ ନାମରେ ଏକ ଷ୍ଟେସନ ସ୍ଥାପନ ପାଇଁ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କୁ କମିଟି ସଦସ୍ୟମାନେ ଏକ ଦାବୀପତ୍ର ପ୍ରଦାନ କରିଛନ୍ତି । ତାଙ୍କ ସାହାଯ୍ୟ ପାଇଁ ନିବେଦନ କରିଛନ୍ତି । ବାଘ ରେଳ ଷ୍ଟେସନ ସଂଗ୍ରାମ ସମିତି ସଭାପତି କରୁଣାକର ଘଣ୍ଟୁଆଳଙ୍କ ନେତୃତ୍ୱରେ ନାରାୟଣ ଦେହୁରୀ, ନକୁଳ ପ୍ରଧାନ, ଚୈତନ୍ୟ ମଲ୍ଲିକ, ଦେବରାଜ ଭୋଇ, ଆହାଲ୍ଲାଦ ଖମାରୀ ପ୍ରମୁଖ ସଭ୍ୟମାନେ ଦାବିପତ୍ର ପ୍ରଦାନ କରିଥିଲେ । ପୂର୍ବରୁ ବାଘନଦୀ-କନ୍ଧରିଆପଡ଼ା ଷ୍ଟେସନ କରାଯିବାର ଡିପିଆର ପ୍ରସ୍ତୁତ କରାଯାଇ ପ୍ରସ୍ତାବିତ ବଲାଙ୍ଗୀର-ଖୋର୍ଦ୍ଧା ରେଳ ଲାଇନ ମ୍ୟାପରେ ମଧ୍ୟ ସ୍ଥାନ ପାଇଥିଲା । ସେଠାରେ ଷ୍ଟେସନ କରିବା ଉଦ୍ଦେଶ୍ୟରେ କନ୍ଧରିଆପଡ଼ା ମୌଜାର ପ୍ରାୟ ୭୪ ଏକର ଜମି ଅଧିଗ୍ରହଣ କରାଯାଇଥିଲା । ସମସ୍ତ ଭିତ୍ତିଭୂମି ମଧ୍ୟ ରହିଛି । ପୂର୍ବ ପ୍ରସ୍ତାବିତ ବାଘନଦୀ - କନ୍ଧରିଆପଡା ଷ୍ଟେସନ ଜାତୀୟ ରାଜପଥଠାରୁ ମାତ୍ର ୫୦୦ ମିଟର ଦୂର ଓ ବ୍ୟବସାୟ କେନ୍ଦ୍ର ବାଉଁଶୁଣିଠାରୁ ମାତ୍ର ୨ କିମି ଦୂର ହେବ । ସେଠାରେ ଷ୍ଟେସନ ହେଲେ ବୌଦ୍ଧ ଜିଲ୍ଲାର ବାଉଁଶୁଣି, ମନୁପାଲି, ଖଳିଆପାଲି (ପୁରୁମୁଣ୍ଡା), ରକ୍ସା (ଦହ୍ୟା), କସୁରବନ୍ଧ, ଗୁନ୍ଦୁଲିଆ , ଗୋଛାପଡା, ଶଗଡ଼ା, ବରଗୋଛା , ଅଁଳାପାଲି ପଞ୍ଚାୟତର ପ୍ରାୟ ୭୦ ହଜାର ଲୋକ ଏବଂ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଜନସାଧାରଣ ରେଳ ଯାତାୟାତର ସୁବିଧା ପାଇ ପାରିବେ ତଥା ଉପକୃତ ହେବେ । ପ୍ରକାଶଯୋଗ୍ୟ ଯେ, ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲ୍ଲାକୁ ଗମନାଗମନ ସୁବିଧା ପାଇଁ ବାଉଁଶୁଣି - ବୀରମହାରାଜପୁର ମହାନଦୀ ଉପରେ ସରକାର ଏକ ସେତୁ ନିର୍ମାଣ କରୁଛନ୍ତି; ଯାହାର ନିର୍ମାଣ ଦ୍ରୁତ ଗତିରେ ଆଗେଇ ଚାଲିଛି । ବାଉଁଶୁଣିଠାରୁ ବୀରମହାରାଜପୁର ମାତ୍ର ୫ କିମି ଦୂର ହେବ । ବିଧାୟକ ଶ୍ରୀ ଡ଼ାଙ୍ଗ ଏହି ଦାବି ସମ୍ପର୍କରେ ରେଳ ବିଭାଗର କର୍ତ୍ତୃପକ୍ଷ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ସମ୍ପୂର୍ଣ୍ଣ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ଚାଙ୍ଗୁଡ଼ିଆ ଗାଁ ଦେଇ ଭାରୀଯାନ ଚଳାଚଳକୁ ତୀବ୍ର ବିରୋଧ

ଛେଣ୍ଡିପଦା, ୭ ।୨(ସମିସ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଥାନା ଚାଙ୍ଗୁଡ଼ିଆ ଗାଁରେ ଭାରୀଯାନ ଚଳାଚଳକୁ ତୀବ୍ର ବିରୋଧ ପାଇଁ କଡ଼ା ନିଷ୍ପତ୍ତି ନେଇଛନ୍ତି ଗ୍ରାମବାସୀ। ଚାଙ୍ଗୁଡ଼ିଆ ଗ୍ରାମ ଦେଇ କୋଶଳା ଓ ଛେଣ୍ଡିପଦାରୁ କଣିହାଁ ଅଞ୍ଚଳକୁ ପୂର୍ତ୍ତ ବିଭାଗ ରାସ୍ତା ସଂଯୋଗ କରୁଛି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଜନବସତି ଥିବା ବେଳେ ରାସ୍ତାରେ ବାଲି ଓ ପାଉଁଶ ବୋଝେଇ ହାଇୱା ଚଳାଚଳ କରୁଛି। ଫଳରେ ଗ୍ରାମବାସୀ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ଅନ୍ୟପଟେ କଣିହାଁ ଅଞ୍ଚଳରେ ଥିବା କଳକାରଖାନାକୁ ଛେଣ୍ଡିପଦାରୁ କୋଇଲା ପରିବହନ ପାଇଁ ମସୁଧା ଚାଲିଛି। ଏନେଇ ଚାଙ୍ଗୁଡ଼ିଆ ଗ୍ରାମ ସଭାପତି ରତ୍ନାକର ପ୍ରଧାନଙ୍କ ନେତୃତ୍ୱରେ ଗ୍ରାମ କୋଠଘରେ ଗ୍ରାମବାସୀଙ୍କୁ ନେଇ ଏକ ଜରୁରୀ ବୈଠକ ବସିଥିଲା। ଗ୍ରାମଦେଇ କୋଇଲା ପରିବହନ ହେଲେ ଗ୍ରାମର ପରିବେଶ ନଷ୍ଟ ହେବା ସହ ଧନଜୀବନ ମଧ୍ୟ କ୍ଷତିହେବ। ଏପରିକି ଅଞ୍ଚଳରେ ପ୍ରଦୂଷଣ ବଢ଼ିବା ସହ ଧୂଳିଧୂଆଁରେ ରୋଷଇ କରିବା ମଧ୍ୟ ସମ୍ଭବ ହେବନାହିଁ। ତେଣୁ ଗ୍ରାମବାସୀ ଗ୍ରାମରେ ଭାରୀଯାନ ଚଳାଚଳକୁ ବିରୋଧ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଗାଁ କୋଠଘରଠାରେ ଲୋକ ଜଗିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏନେଇ ପ୍ରଶାସନକୁ ଗ୍ରାମବାସୀ ଅବଗତ କରିବେ। ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ଗାଁକୁ ସୁରକ୍ଷା ଦେବେ ଏବଂ ଗାଁ ଦେଇ କୌଣସି ଭାରୀଯାନ ଚଳାଇ ଦେବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ବୈଠକରେ ଗାଁର ୨ଶହରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ସାମିଲ ହୋଇଥିଲେ।



## ● ବାସି ଖାଦ୍ୟ ଓ ଜରି ଖାଇ ମୃତ୍ୟୁମୁଖରେ ପଡ଼ୁଛନ୍ତି ଗୋବଂଶ

# ଦୁଇ ମାସରେ ୭୦ରୁ ଊର୍ଦ୍ଧ୍ୱ ଗୋରୁ ମୃତ

ଅନୁଗୋଳ, ୭ ।୨(ସମିସ): ଅନୁଗୋଳରେ ଗୋଶାଳା ନ ଥିବାରୁ ରାସ୍ତାଘାଟ ଚାରିଆଡ଼େ ବୁଲା ଗୋରୁଙ୍କ ଉତ୍ପାତ ଦେଖିବାକୁ ମିଳୁଛି। ଅନେକ ଗୋରୁ ଟ୍ରକ୍ ଧକ୍କାରେ ମରୁଥିବା ବେଳେ ଆଉ କିଛି ବାହାଘର, ବ୍ରତ, ଏକାଦଶାହରେ ବଳୁଥିବା ଖାଦ୍ୟ ଖାଇ ଅସୁସ୍ଥ ହେବା ପରେ ମରୁଛନ୍ତି। କିଛି ଗୋରୁ ପଲିଥିନ ଖାଇ ମଧ୍ୟ ମରୁଥିବା ଜଣାପଡ଼ିଛି।



ଅନୁଗୋଳ ପୌରପାଳିକାର ରିପୋର୍ଟ ଅନୁସାରେ ଗତ ଦୁଇ ମାସରେ ୭୦ରୁ ଅଧିକ ଗୋରୁଙ୍କ ମୃତ୍ୟୁ ଘଟିଛି। ଏନେଇ ଅନୁଗୋଳ ଭିଏସ ପଲ୍ଲବୀ ଦାସ କହିଛନ୍ତି, ଏବର୍ଷ ଶୀତରେ ଗୋରୁଙ୍କୁ କୌଣସି ସଂକ୍ରାମକ ରୋଗ ହେବାର ନଜିର ନାହିଁ। ତେଣୁ ଏତେ ସଂଖ୍ୟାରେ ଗୋରୁ ବାସିଖାଦ୍ୟ ଖାଇ ବ୍ଲୋଟ କାରଣରୁ ମରିଥିବେ ନତୁବା ଜରି ଖାଇ ମରିଥିବେ। ଏହି କଥାକୁ ସମର୍ଥନ କରିଛନ୍ତି ଓୟୁଏଟିର ଡାକ୍ତର ମୋହିତ ତ୍ରିପାଠୀ। ଅନୁଗୋଳ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ଏ ସମ୍ପର୍କରେ କହିଛନ୍ତି, ଆମେ ଗୋରୁ ମରିବା ସୂଚନା ପାଇଲେ ମୃତଶରୀରକୁ ନେଇ ନିୟମ ଅନୁସାରେ ଅଞ୍ଚଳରେ ପୋତୁଛୁ। ଏତେ ସଂଖ୍ୟକ ଗୋରୁ ମରିବାର କାରଣ ନେଇ ପ୍ରାଣୀଧନ ବିଭାଗ କହିପାରିବ ବୋଲି ସେ କହିଛନ୍ତି। ପ୍ରାଣୀଧନ ବିଭାଗ ଗୋଟିଏ ଦୁଇଟି କେଶରେ ଶବ ବ୍ୟବଚ୍ଛେଦ କରି ମୃତ୍ୟୁର କାରଣ ସ୍ପଷ୍ଟ କରିବାକୁ ମତ ପ୍ରକାଶ ପାଇଛି।

## ● ହଟୁନି ତାଳଚେର ରାଣୀପାର୍କ ଜଙ୍ଗଲରୁ ଜବରଦଖଲ

# ଅଧାରେ ଅଟକିଛି ଡିଅରପାର୍କ ପାଚେରି ନିର୍ମାଣ କାର୍ଯ୍ୟ

ତାଳଚେର, ୭ ।୨(ସମିସ): ହଟୁନି ଜବରଦଖଲ, ସମ୍ପୂର୍ଣ୍ଣ ହୋଇପାରୁନି ରାଣୀପାର୍କ ପାଚେରୀ ନିର୍ମାଣ କାର୍ଯ୍ୟ। ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ, ଏଠାରୁ ପ୍ରଚୁର ରାଜସ୍ୱ ନେଲା ପରେ ବି ତାଳଚେର ଆଜି ଶ୍ରୀହୀନ। ଏଠାରେ ମାଳମାଳ କୋଇଲା ଖଣି ଓ ରାଷ୍ଟ୍ରାୟତ୍ତ କମ୍ପାନୀ ମୁଣ୍ଡ ଟେକୁଥିବା ବେଳେ ତାଳଚେରରୁ ଅର୍ଥ ଯାଇ ବାହାର ଜାଗାରେ ଚିଡ଼ିଆଖାନା, ପାର୍କ, ସୌନ୍ଦର୍ଯ୍ୟକରଣ, ବଡ଼ବଡ଼ ତୋରଣ ଏମିତି କି ବହୁତ କିଛି ନିର୍ମାଣ ହେଉଥିବା ବେଳେ ତାଳଚେରକୁ କାହିଁକି ଅଣଦେଖା କରାଯାଉଛି ତାକୁ ନେଇ ରାଜନୈତିକ ମହଲରେ କାଦୁଅ ଫିଙ୍ଗା ଚାଲିଛି।



ତାଳଚେର ସହର ମଧ୍ୟରେ ୭୧୪ ଏକର ପରିମିତ ରାଣୀପାର୍କ ଜଙ୍ଗଲର ପୁନରୁଦ୍ଧାର କରାଯାଇ ସେଥିରେ ଡିଅରପାର୍କ ନିର୍ମାଣ ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଆସୁଥିଲେ ମଧ୍ୟ ତାହା ଏବେ ନାଲିଫିତା ତଳେ ବନ୍ଧା ହୋଇଥିବା ଦୁର୍ଭାଗ୍ୟର ବିଷୟ ହୋଇଛି। ପୂର୍ବରୁ ଏହି ଜଙ୍ଗଲର ଶ୍ରୀହୀନ ହୋଇଯାଇଥିଲେ ମଧ୍ୟ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶହଶହ ବୃକ୍ଷ ଚାରା ରୋପଣ କରାଯାଇ ଏବେ ଅତ୍ୟନ୍ତ ମନଲୋଭା ହୋଇଥିବା ବେଳେ ଚାରିପାଖରେ ଜିଲ୍ଲା ଖଣିଜ ପାଣ୍ଠିରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପାଚେରି ନିର୍ମାଣ କରାଯାଉଛି। ତେବେ ଜବରଦଖଲ ଯୋଗୁଁ ଏହି ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ।

ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ରାଣୀପାର୍କ ମଧ୍ୟରେ ମିନି ନନ୍ଦନକାନନ କରିବାକୁ ସ୍ୱପ୍ନ ଦେଖି ଏହାକୁ ସାକାର କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ପରେ ପ୍ରାକ୍ତନ ପାଲଲହଡ଼ା ବିଧାୟକ ବିବୁଧେନ୍ଦୁ ପ୍ରତାପ ଦାସ ରାଣୀପାର୍କରେ ହରିଣପାର୍କ କରିବା ପାଇଁ ବିଭିନ୍ନ ଫୋରମରେ ବିଧାନସଭାରେ ଦାବି ଉପସ୍ଥାପନ କରିଥିଲେ ମଧ୍ୟ ସ୍ଥାନୀୟ ଡିଏଫଓ ବିଭିନ୍ନ ଆଳ ଦେଖାଇ ଟାଳଟୁଳି ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି। ଫଳରେ ତାଳଚେରବାସୀଙ୍କ ମନରୁ ଏବେ ଡିଅରପାର୍କ ସ୍ୱପ୍ନ ଲିଭିବାକୁ ବସିଲାଣି। ଡବଲ ଇଞ୍ଜିନ ସରକାର ତାଳଚେର ପାଇଁ କାହିଁକି ବିମୁଖ ତାକୁ ନେଇ ପ୍ରଶ୍ନ ଉଠିଛି।

## ● ଆଠମଲ୍ଲିକ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସୋନପୁରକୁ ହରାଇ ଫାଇନାଲରେ ଝାରସୁଗୁଡ଼ା

ଆଠମଲ୍ଲିକ, ୭ ।୨(ସମିସ): ଆଠମଲ୍ଲିକ ମିନି ଷ୍ଟାଡିଅମରେ କ୍ରୀଡ଼ା ସଂସଦ ଦ୍ୱାରା ଆୟୋଜିତ ଆଠମଲ୍ଲିକ କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଛି। ସୋନପୁର ଓ ଝାରସୁଗୁଡ଼ା ଦଳ ମଧ୍ୟରେ ଏହି ମ୍ୟାଚ ହୋଇଥିଲା। ଝାରସୁଗୁଡ଼ା ୩-୧ ଗୋଲରେ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଛି। ବରିଷ୍ଠ ରେଫରୀ ଦିଲୀପ କୁମାର ରାଉତ ମ୍ୟାଚ ପରିଚାଳନା କରିଥିଲେ। ଲାଇନ୍ସମ୍ୟାନ ଭାବେ ଗରିବ ବେହେରା, ସୁଶୀଲ ବେହେରା ସହଯୋଗ କରିଥିଲେ। ଶିକ୍ଷକ ପ୍ରଦୀପ କୁମାର ବାହୁକ ଧାରାବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ଓକିଲସଂଘ ସଭାପତି ସୁଶାନ୍ତ କୁମାର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଓକିଲସଂଘ ଉପସଭାପତି ବିଦ୍ୟୁତ କୁମାର ପାଣିଗ୍ରାହୀ, ସମ୍ପାଦକ ଅର୍ଜୁନ ରାଉଳ, କୋଷାଧ୍ୟକ୍ଷ ତଥା ଲାଇବ୍ରେରିଆନ ବିଶ୍ୱସୁନ୍ଦର ଶତପଥୀ, ସରକାରୀ ଓକିଲ ପୀତବାସ ସାହୁ, ଭବାନୀ ପ୍ରସାଦ ଜ୍ୟୋତିଷରାୟ, ଅନ୍ତର୍ଯ୍ୟାମୀ ରାଉଳ, ଓକିଲସଂଘର ପୂର୍ବତନ ସଭାପତି ଦୀନେଶ କୁମାର ସିଂହ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରବିବାର କୁଚିଣ୍ଡା ଓ ଝାରସୁଗୁଡ଼ା ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



# ଫେବୃଆରୀ ୧୨ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ

କଣିହାଁ, ୭ ।୨(ସମିସ): ଶ୍ରମିକ କର୍ମଚାରୀ ବିରୋଧୀ ୪ଟି ଶ୍ରମ କୋଡ୍ ବାତିଲ, ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ବନ୍ଦ, ସର୍ବନିମ୍ନ ମଜୁରି ମାସିକ ୨୬ ହଜାର, ସମାନ କାମକୁ ସମାନ ମଜୁରି, ଆଶା, ଅଙ୍ଗନବାଡ଼ି କର୍ମୀ ସମେତ ସମସ୍ତ ସ୍କିମ୍ ଶ୍ରମିକଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ଆକାଶଛୁଆଁ ଦରଦାମ ନିୟନ୍ତ୍ରଣ, ସ୍ମାର୍ଟ ମିଟର ପ୍ରଚଳନ ବନ୍ଦ ଆଦି ୨୧ଦଫା ଦାବିରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନର ମିଳିତ ମଞ୍ଚ ଆହ୍ୱାନରେ ଫେବୃଆରୀ ୧୨ରେ ସାରା ଭାରତରେ ସାଧାରଣ ଧର୍ମଘଟ ଡାକରା ଦିଆଯାଇଛି। ଏହି ଧର୍ମଘଟକୁ ସଫଳ କରିବା ପାଇଁ ଶୁକ୍ରବାର ସନ୍ଧ୍ୟା ରେ କରଡ଼େଇ ଛକ ନିକଟ ପିଟିଏସ୍ ଗେଟ୍ ସମ୍ମୁଖରେ ଶ୍ରମିକ ସଂଘଗୁଡ଼ିକ ପକ୍ଷରୁ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଛି। ଏଥିରେ ୟୁନାଇଟେଡ୍ ଏମ୍ପ୍ଲୋଇଜ ୟୁନିୟନର ଯୁଗ୍ମ ସମ୍ପାଦକ ଦୁଃଖିଶ୍ୟାମ ମଲ୍ଲିକ ଓ ତାଳଚେର ସୁପର ଥର୍ମାଲ ୱାର୍କର୍ସ ୟୁନିୟନର ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁ ଉପସ୍ଥିତ ରହି ଶ୍ରମଜୀବୀ ଜନ ସାଧାରଣଙ୍କ ଜୀବନ ଜୀବିକା ସୁରକ୍ଷା ପାଇଁ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ ଦେଇଛନ୍ତି। ଶ୍ରମକୋଡ୍ ଲାଗୁ ହେଲେ ଶ୍ରମିକମାନେ କେବଳ ଦାଣ୍ଡର ଭିକାରୀ ନୁହେଁ, ଆଧୁନିକ କ୍ରୀତଦାସରେ ପରିଣତ ହେବେ। ଯେକୌଣସି ମୂଲ୍ୟ ଦେଇ ଏହାକୁ ରୋକିବାକୁ ପଡ଼ିବ। ଧର୍ମଘଟରେ ସମସ୍ତେ ସାମିଲ ହୋଇ ସଫଳ କରିବାକୁ ନିବେଦନ କରିଥିଲେ।




# ରାଧାମାଧବ ହାଇସ୍କୁଲର ବାର୍ଷିକ ଉତ୍ସବ

କିଶୋରନଗର, ୭ ।୨(ସମିସ): ଆଠମଲ୍ଲିକ ବ୍ଲକ ପାଇକସାହି ପଞ୍ଚାୟତର ପିଏମ୍‌ଶ୍ରୀ ରାଧାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ପାଇକସାହି ସରପଞ୍ଚ ନିରଜକାନ୍ତ ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପାଇକସାହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ଗଡ଼ନାୟକ ଯୋଗଦେଇ ଶିକ୍ଷା ସହ ସଂସ୍କୃତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଇନାଳି ସେବାଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ବାରିକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶୁକଦେବ ସାହୁ, ପାଇକସାହି ସିଆରସିସି ନୃସିହ ଚରଣ ନାୟକ, ସାପଘରା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଜୟକୃଷ୍ଣ ପ୍ରଧାନ, ସ୍ୱେଚ୍ଛାସେବୀ ସିଦ୍ଧେଶ୍ୱର ନାୟକ ଓ ପଞ୍ଚସଖା ଶିକ୍ଷାସେତୁ ସଭାପତି ଲଳିତ ମୋହନ ପ୍ରଧାନ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପରିଶ୍ରମ ଓ ଶିକ୍ଷାଗତ ଉତ୍କର୍ଷ ପାଇଁ ପ୍ରେରଣା ଦେଇଥିଲେ। ରାଧାମାଧବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଜିତ୍ କୁମାର ଖାଡ଼ିଆ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ଗୀତ, ଲୋକନୃତ୍ୟ, ନାଟକ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶିକ୍ଷକ ବିନ୍ଦୁସାଗର ମହାନ୍ତି, ଶଶିଭୂଷଣ ସାହୁ ଶିକ୍ଷୟିତ୍ରୀ ମୋନାଲିସା ସାହୁ ପ୍ରମୁଖ ସହଯୋଗ କରିଥିଲେ।

# କ୍ୟାରିଅର ପରାମର୍ଶ ଓ ଭୋଟର ସଚେତନତା

କିଶୋରନଗର, ୭ ।୨(ସମିସ): ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ) ଅନୁଗୋଳ ଆଞ୍ଚଳିକ କେନ୍ଦ୍ର ଦ୍ୱାରା ତେନ୍ତୁଳିପଥର ଶ୍ରୀରାମ ଦେବ ଉଚ୍ଚ ମଧ୍ୟମିକ ବିଦ୍ୟାଳୟରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ନେଇ ଏକ କ୍ୟାରିଅର ପରାମର୍ଶ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା, ପ୍ରାକ୍ ଶିକ୍ଷା ପ୍ରସ୍ତୁତି, ଜୀବନ ଶିକ୍ଷା ଉପରେ ମାର୍ଗଦର୍ଶନ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟଜିତ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଇଗ୍ନୁର ଉପ ନିର୍ଦ୍ଦେଶକ ଡ. ବିଜୟ କୁମାର ସାହୁ ଓ ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ନାୟକ, ରତୁପର୍ଣ୍ଣା ସାହୁ, ସୁଲୋଚନା ପ୍ରଧାନ ଓ ଭାଗ୍ୟବତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୃତିବାସପୁର ଗ୍ରାମରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଡ. ବିଜୟ କୁମାର ସାହୁ ଓ ମନୋଜ କୁମାର ମହାପାତ୍ର ନାଗରିକତା ଓ ଭୋଟ ଅଧିକାର ଉପରେ ସଚେତନ କରାଇଥିଲେ। ଉପଯୁକ୍ତ ବ୍ୟକ୍ତିଙ୍କୁ ନିର୍ବାଚିତ କରିବା, ଭୋଟ ଦେବାକୁ ସମସ୍ତେ ପ୍ରସ୍ତୁତି ହେବା, ଭୋଟରର ଅଧିକାର ଉପରେ ଆଲୋଚନା କରାଯାଇଥିଲା। ଗ୍ରାମର ବରିଷ୍ଠ ନାଗରିକ ବିକ୍ରମ ବିଶ୍ୱାଳ, ପୀତବାସ ବିଶ୍ୱାଳ ଓ ସ୍ୱପ୍ନେଶ୍ୱର ପ୍ରଧାନଙ୍କ ସମେତ ମଣିନାଗେଶ୍ୱରୀ, ମା' ମଙ୍ଗଳା, ସୁନେଲି, ମା' ପଥରପୁଞ୍ଜି ଓ ଭୀମଅର୍ଜୁନ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଯୋଗଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର କର୍ମୀ ମାନସ ପ୍ରଧାନ ସହଯୋଗ କରିଥିଲେ।




# ବାଣ ବିସ୍ଫୋରଣ, ୫ ଆହତ

ଅନୁଗୋଳ, ୭ ।୨(ସମିସ): ଜରାସିଂହା ଗ୍ରାମରେ ସରସ୍ୱତୀ ପୂଜା ଭସାଣ ସମୟରେ ବାଣ ବିସ୍ଫୋରଣ ଘଟି ୫ ଜଣ ଆହତ ହୋଇଛନ୍ତି। ଭସାଣ ଶୋଭାଯାତ୍ରା ଚାଲିଥିବାବେଳେ ବାଣ ଫୁଟାଯାଉଥିଲା। ଏହି ସମୟରେ ଏକ ବାଣ ଆସି ଶୋଭାଯାତ୍ରାରେ ସାମିଲ ଥିବା ଏକ ଅଟୋରେ ପଡ଼ିଥିଲା ଯେଉଁଥିରେ କିଛି ଅଫୁଟା ବାଣ ଥିଲା। ଅଟୋରେ ଥିବା ବାଣରେ ନିଆଁ ଲାଗିଯିବାରୁ ସବୁ ଏକାଠି ଫୁଟିଯାଇଥିଲା। ଫଳରେ ଅଟୋରେ ଥିବା ଦୁଇଜଣ ଗୁରୁତର ଆହତ ହୋଇଥିବା ବେଳେ ଭସାଣ ଶୋଭାଯାତ୍ରା ଦେଖୁଥିବା ଅନ୍ୟ ୩ଜଣ ଆହତ ହୋଇଛନ୍ତି। ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି।

## ● ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍

# ତାଳଚେର ଓ ବାଗେଡ଼ିଆ ବିଜୟୀ

ଅନୁଗୋଳ, ୭ ।୨(ସମିସ): ଅନୁଗୋଳ ଫୁଟବଲର୍ସ ଆସୋସିଏସନ୍ ପକ୍ଷରୁ ପିଟିସି ପଡ଼ିଆରେ ଆୟୋଜିତ ଜିଲ୍ଲା ଗ୍ରାମାଞ୍ଚଳ ଫୁଟବଲ ଲିଗ୍‌ରେ ଶନିବାର ଦୁଇଟି ମ୍ୟାଚ୍ ଖେଳାଯାଇଛି। ପ୍ରଥମ ମ୍ୟାଚରେ ତାଳଚେର ଦଳ ଜରପଡ଼ାକୁ ୪-୦ ଗୋଲରେ ପରାସ୍ତ କରିଛି। ଦ୍ୱିତୀୟ ମ୍ୟାଚ୍‌ରେ ବାଗେଡ଼ିଆ ଦଳ ତଳମୂଳକୁ ୨-୦ ଗୋଲରେ ପରାସ୍ତ କରିଛି। ଶ୍ରୀମୁଖ ଗଡ଼ନାୟକ ଖେଳ ପରିଚାଳନା କରିଥିଲେ। ସଭାପତି ପବନ ସାହୁ ଏବଂ ସମ୍ପାଦକ ଶୁଭ୍ରାଂଶୁ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ଖେଳ ଅନୁଷ୍ଠିତ ହୋଇଥିଲା। ରବିବାର ତଳମୂଳ ବନାମ ତାଳଚେର ଏବଂ ଜରପଡ଼ା ବନାମ ବାଗେଡ଼ିଆ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

# ଜଳସେଚନ ଓ ରାସ୍ତା ପ୍ରକଳ୍ପର ଭୂମିପୂଜନ



କଣିହାଁ, ୭ ।୨(ସମିସ): କଣିହାଁ ବ୍ଲକ କର୍ଣ୍ଣପାଳ ପଞ୍ଚାୟତ ବାଲିଯୋଡ଼ି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଓ ରାସ୍ତାର ଉନ୍ନତୀକରଣ ପାଇଁ ଶୁକ୍ରବାର ଭୂମିପୂଜନ ହୋଇଛି। ୮୯ ଲକ୍ଷ ଟଙ୍କା ବ୍ୟୟରେ ମୁଖ୍ୟ ଓ ଶାଖା କେନାଲରେ ୧.୫ କିଲୋମିଟର କଂକ୍ରିଟ ଡ୍ରେନ ଏବଂ ୮୬ ଲକ୍ଷ ଟଙ୍କା ବ୍ୟୟରେ ମୁଖ୍ୟ କେନାଲ ବନ୍ଧରେ ୨ କିଲୋମିଟର ନୂତନ ପିଚୁ ରାସ୍ତା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମିପୂଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅଧିକାରୀ, ସାଂସଦଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ପରାବିଲ ସରପଞ୍ଚଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ସାହୁ, କର୍ଣ୍ଣପାଳ ସରପଞ୍ଚ ହୃଷୀକେଶ ସାମଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳିତ

ବଇଣ୍ଠା, ୭ ।୨(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଅଞ୍ଚଳରେ ଥିବା ହନୁମାନ ମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଛି। ଏନେଇ ମନ୍ଦିର ପରିଚାଳନା କମିଟି ଓ ଠାକୁରଗଡ଼ ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ସ୍ଥାନୀୟ ନାଳରୁ କଳସରେ ପବିତ୍ର ଜଳ ଆଣିବା ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂଜକ ବିଶ୍ୱଜିତ ମିଶ୍ର ପୂଜା କରିଥିଲେ। କର୍ତ୍ତା ଭାବେ ଦିବାକର ପ୍ରଧାନ, ବିନୀତା ପ୍ରଧାନ ଦାୟିତ୍ୱ ନିର୍ବାହ କରିଥିବା ବେଳେ କମିଟି ସଭାପତି ରଞ୍ଜନ କୁମାର ସାହୁ, ସମ୍ପାଦକ ନବ କୁମାର ବେହେରା, ଗୋକୁନାନନ୍ଦ ଶତପଥୀ, ପଦ୍ମନାଭ ରାଉତ, ଆଶୁତୋଷ ଶଣ୍ଢ, ପବନ କୁମାର ସାହୁ, ପ୍ରମୋଦ କୁମାର ମହାପାତ୍ର, ଅକ୍ଷୟ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।



# ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା

ଅନୁଗୋଳ, ୭ ।୨(ସମିସ): ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନିମନ୍ତେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ କମଳାକାନ୍ତ ନାୟକ, ସଦସ୍ୟ ସୁବାସ ଚନ୍ଦ୍ର ସାହୁ, ପୂର୍ବତନ ସଦସ୍ୟ ପରମାନନ୍ଦ ମିଶ୍ର, ଡିଏସ୍‌ପି ଯୋଗେଶ୍ୱରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସମାଜରେ ମହିଳା ଓ ପୁରୁଷଙ୍କର ସମାନ ଅଧିକାର ରହିଛି। ମହିଳାମାନଙ୍କୁ ସମ୍ମାନର ସହ ବଞ୍ଚିବାକୁ ଦେବା ଉଚିତ୍। ବାଲ୍ୟ ବିବାହ ସମାଜର କଳଙ୍କ। ଏହାକୁ ରୋକିବା ଆମ ଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ହୁଲୁରିସିଂହା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ କମଳାକାନ୍ତ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କୀର୍ତ୍ତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ

ଅନୁଗୋଳ, ୭ ।୨(ସମିସ): ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ୨୦୨୭ ଜନଗଣନା ନିମନ୍ତେ ଜିଲ୍ଲାସ୍ତରୀୟ ଜନଗଣନା ଅଧିକାରୀଙ୍କ ସମୀକ୍ଷା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଏଥିରେ ଅଧ୍ୟକ୍ଷତା କରି ଜନଗଣନା ଏକ ଦର୍ପଣ ସଦୃଶ ବୋଲି କହିଥିଲେ। ଜନଗଣନାରେ କେବଳ ବ୍ୟକ୍ତିବିଶେଷଙ୍କ ଗଣନା ନୁହେଁ, ପ୍ରତ୍ୟେକ ପରିବାରର ଆର୍ଥିକ, ସାମାଜିକ ଅବସ୍ଥାର ସମ୍ପୂର୍ଣ୍ଣ ବିବରଣୀ ସଂଗ୍ରହ କରାଯିବ ଯାହା ଯୋଜନା ଏବଂ ନୀତି ପ୍ରଣୟନରେ ସାହାଯ୍ୟ କରିବ ବୋଲି ସେ କହିଥିଲେ। ରାଜ୍ୟ ଜନଗଣନା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ପବିତ୍ର କୁମାର ମହଲା ଓ ପରିସଂଖ୍ୟାନ ଅନୁସନ୍ଧାନକାରୀ ଦୀପକ କୁମାର 'ଗୃହ ତାଲିକାକରଣ' ଏବଂ ଗୃହ ଗଣନାର ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଜନଗଣନାର ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆସନ୍ତା ଏପ୍ରିଲ ୧୬ରୁ ଆରମ୍ଭ ହୋଇ ମେ ୧୫ ପର୍ଯ୍ୟନ୍ତ ଚାଲିବ। ଏହା ଦେଶର ପ୍ରଥମ ଡିଜିଟାଲ ଜନଗଣନା ହୋଇଥିବାରୁ ଲୋକଙ୍କ ସୁବିଧା ପାଇଁ ଏପ୍ରିଲ ୧ରୁ ୧୫ ପର୍ଯ୍ୟନ୍ତ ନିଜସ୍ୱ ଗଣନା ବ୍ୟବସ୍ଥା ଉପଲବ୍ଧ ରହିବ। ଏହାଦ୍ୱାରା ନାଗରିକମାନେ ନିଜେ ନିଜ ତଥ୍ୟ ପ୍ରଦାନ କରିପାରିବେ। ମୋବାଇଲ୍ ଆପ୍ ବ୍ୟବହାର ଏବଂ ଜନଗଣନା ପରିଚାଳନା ଓ ନିରୀକ୍ଷଣ ପୋର୍ଟାଲ ସମ୍ପର୍କରେ ସମସ୍ତ ନିଯୁକ୍ତ ଅଧିକାରୀଙ୍କୁ ବିଧିବଦ୍ଧ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଗୋଳ ଉପଜିଲ୍ଲାପାଳ ମାୟାଧର ବେହେରା, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୋହା, ପାଲଲହଡ଼ା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ, ଡେପୁଟି କଲେକ୍ଟର ଜୟକୃଷ୍ଣ ପାତ୍ର, ସହକାରୀ ଜିଲ୍ଲାପାଳ ସଞ୍ଜୟ କୁମାର ଭୋଇଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ମ୍ୟୁନିସିପାଲିଟି ଓ ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।



## ମାଙ୍କଡ଼ା ନଦୀ ଜଳସେଚନ ପ୍ରକଳ୍ପ ନିର୍ମାଣ ଦାବି

# ମୁଖ୍ୟମନ୍ତ୍ରୀଙ୍କୁ କୃଷକ ସଙ୍ଗଠନର ଦାବିପତ୍ର

ପାଲଲହଡ଼ା, ୭ ।୨(ସମିସ)

ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକ ଏକ ଅଣଶିଳ୍ପାଞ୍ଚଳ ତଥା କୃଷିବହୁଳ ଅଞ୍ଚଳ। ଏଠିକାର ଜନସାଧାରଣ ବିଭିନ୍ନ ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ମାଙ୍କଡ଼ା ଓ କଖାରୁଆ ନଦୀ ଉପରେ ବାଙ୍କଦରଠାରେ ୧୯୬୬ରେ ନିର୍ମିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଡାହାଣ ଓ ବାମ କେନାଲ ଦ୍ୱାରା ମାତ୍ର ତିନି ପଞ୍ଚାୟତ (ନିଜିଗଡ଼, ଶିଗଡ଼ ଓ ବାଲିପଶି)ର ମାତ୍ର ୨୪୭୬ ହେକ୍ଟର ଚାଷଜମିକୁ ଖରିଫ ଧାନଚାଷ ପାଇଁ ଜଳସେଚନ ବ୍ୟବସ୍ଥା କରାଯାଇ ପାରୁଛି। ପ୍ରକଳ୍ପର ରକ୍ଷଣାବେକ୍ଷଣ ଅଭାବରୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଜମିକୁ ସଠିକ ଭାବେ ଜଳସେଚନ ହୋଇପାରୁନାହିଁ। ତେବେ କିଛିଦିନ ପୂର୍ବରୁ ରାଜ୍ୟ ସରକାର ମାଙ୍କଡ଼ା ନଦୀ ଉପରେ ବାଙ୍କଦରଠାରେ ଏକ ନୂତନ ପ୍ରକଳ୍ପ କରି ବ୍ଲକର ୮ ପଞ୍ଚାୟତକୁ ସବୁଦିନିଆ ଜଳସେଚନ ବ୍ୟବସ୍ଥା କରିବାକୁ ଘୋଷଣା କରିବା ସହ ପ୍ରକଳ୍ପକୁ ଅନମୋଦନ କରିଛନ୍ତି। ଏହି ଘୋଷଣାରେ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ନୂତନ ମାଙ୍କଡ଼ା ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପାଲଲହଡ଼ା ଅଞ୍ଚଳରେ ଦୁଇଫସଲି ଧାନ ସହ ବିଭିନ୍ନ ପନିପରିବା ଓ ଡାଲିଜାତୀୟ ଚାଷ କରି ଚାଷୀ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି। କିନ୍ତୁ ଉକ୍ତ ପ୍ରକଳ୍ପକୁ କିଛି ଲୋକ ଉଦ୍ଦେଶ୍ୟମୂଳକ ଭାବେ ବିରୋଧ କରି ବନ୍ଦ କରିବାକୁ ମସୁଧା କରୁଛନ୍ତି। ଉକ୍ତ ପ୍ରକଳ୍ପରେ କୌଣସି ଅଞ୍ଚଳ ଜଳମଗ୍ନ ହେବ ନାହିଁ କିମ୍ବା କୌଣସି ଲୋକଙ୍କ କିଛି କ୍ଷତି ହେବାର ନାହିଁ। ତେବେ ଲୋକଙ୍କୁ ବିଭିନ୍ନ ମିଛକଥା କହି ଏହି ପ୍ରକଳ୍ପ ବିରୋଧୀ ଆନ୍ଦୋଳନରେ ସାମିଲ କରାଯାଉଛି। ଅନ୍ୟପଟେ ନୂତନ ମାଙ୍କଡ଼ା ଜଳସେଚନ ପ୍ରକଳ୍ପକୁ ସମର୍ଥନ କରି ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ପାଲଲହଡ଼ା ଉପଖଣ୍ଡସ୍ତରୀୟ କୃଷକ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି। ଏଥିସହ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ଚାଷୀମାନଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ ପାଇଁ ସଂଗଠନ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ କରିବ ବୋଲି କହିଛି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ତୁରନ୍ତ କାର୍ଯ୍ୟକାରୀ କରିବାକୁ ନିବେଦନ କରାଯାଇଛି। ସଂଗଠନର ସଭାପତି ବିଷ୍ଣୁପ୍ରସାଦ ବେହେରାଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଉପଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।





# ସିଟି କଟକ

## ଜାଭିଅର୍ସ ପ୍ଲେ ସ୍କୁଲ୍‌ର ବାର୍ଷିକ ଉତ୍ସବ



**କଟକ, ୭।୨(ସମିସ):** କଟକ ଆଲମଚନ୍ଦ ବଜାରସ୍ଥିତ ଜାଭିଅର୍ସ ପ୍ଲେ ସ୍କୁଲ୍‌ର ୮ମ ବାର୍ଷିକ ଉତ୍ସବ ସ୍ଥାନୀୟ ଟାଉନ୍ ହଲ୍‌ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦୋସ ଯୋଗଦେଇ କୁନି କୁନି ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ କ୍ଷେତ୍ରରେ ସ୍କୁଲ୍‌ର ପ୍ରଧାନଶିକ୍ଷିକା ଅନସୂୟା ଆଚାର୍ଯ୍ୟଙ୍କ ନିରନ୍ତର ପ୍ରୟାସକୁ ବିଧାୟିକା ଉଚ୍ଚ ପ୍ରଶଂସା କରିଥିଲେ। ଉତ୍ସବରେ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ଶିକ୍ଷା ମୈତ୍ରୀ ସଂଗଠନର ନିର୍ଦ୍ଦେଶକ ନରେନ୍ଦ୍ର କୁମାର ଦାସ ଏବଂ ଭାରତୀୟ ସେନାର କର୍ଣ୍ଣେଲ୍ ରାଜୀବ ନନ୍ଦ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସ୍କୁଲ୍‌ର ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ, ସଙ୍ଗୀତ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା। ଏହି ସମଗ୍ର କାର୍ଯ୍ୟକ୍ରମକୁ ଦିଶା ଆଚାର୍ଯ୍ୟ ଓ ଲିପ୍ସା ଆଚାର୍ଯ୍ୟ ସୁଚାରୁରୂପେ ପରିଚାଳନା କରିଥିଲେ। ସ୍କୁଲ୍‌ର ଶିକ୍ଷୟିତ୍ରୀ ମଧୁସ୍ମିତା ସାହୁ ଏବଂ ମୋନାଲିସା ସିଂ କାର୍ଯ୍ୟକ୍ରମ ସମ୍ପାଦନରେ ସକ୍ରିୟ ସହାୟତା କରିଥିଲେ। ଉତ୍ସବରେ ବହୁ ସଂଖ୍ୟାରେ ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ଶିଶୁମାନଙ୍କର ଏହି କଳା ନୈପୁଣ୍ୟକୁ ଉପଭୋଗ କରିଥିଲେ।

# ବନ୍ଦ ହୋଇଗଲା ୨ଟି ଥାନା ସ୍ଥାନାନ୍ତରଣ ପ୍ରକ୍ରିୟା

**କଟକ, ୭ ।୨(ସମିସ)**

କମିସନରେଟ୍ ପୁଲିସ ପକ୍ଷରୁ ଦୀର୍ଘ ବର୍ଷ ହେବ ୨ଟି ଥାନା ନିର୍ମାଣ କରାଯିବାକୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରିନାହିଁ ଏବଂ ଆଗକୁ ମଧ୍ୟ ଅନିଶ୍ଚିତତା ରହିଛି। ସ୍ୱଳ୍ପ ଜମିରେ ଫାଣ୍ଡିରୁ ରୂପାନ୍ତରିତ ହୋଇଥିବା ବାଦାମବାଡ଼ି ଥାନା ପାଇଁ ନୂତନ ଥାନା ନିର୍ମାଣ ଜରୁରୀ ହୋଇପଡ଼ିଥିବା ବେଳେ ମାଲଗୋଦାମ ଥାନା ପାଇଁ ନୂତନ ଥାନା ନିର୍ମାଣର ଆବଶ୍ୟକତା ରହିଥିଲା। ଆବଶ୍ୟକ ପଦକ୍ଷେପ ନନିଆଯିବାରୁ ଏବେ ୨ଟି ଥାନାର ସ୍ଥାନାନ୍ତରଣ ପ୍ରକ୍ରିୟା ବନ୍ଦ ହେବାକୁ ବସିଛି। ଡିସିପିଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବାଦାମବାଡ଼ି ଥାନା ନିର୍ମାଣ ହେବାକୁ ଥିବା ଜମିକୁ ଓଏସ୍ଆର୍‌ଟିସି(ରାଜ୍ୟ ସଡ଼କ ପରିବହନ ନିଗମ) ଦେବାକୁ ଚାହୁଁନାହିଁ। ପୂର୍ବରୁ ଓଏସଆର୍‌ଟିସି ଜମି ଦେବାକୁ ସବୁଜ ସଙ୍କେତ ଦେଇଥିବା ବେଳେ ଏବେ ପୁଲିସକୁ କୌଣସି ସହଯୋଗ ଯୋଗାଇ ଦେଉନାହିଁ। ଯାହାଫଳରେ ବାଦାମବାଡ଼ି ନୂତନ ଥାନା ନିର୍ମାଣ ଯୋଜନା ବନ୍ଦ ହୋଇଯାଇଛି। ସେହିପରି ମାଲଗୋଦାମ ଥାନା ନିର୍ମାଣ ନିମନ୍ତେ ଚିହ୍ନଟ ହୋଇଥିବା ଜମିକୁ ପ୍ରଶାସନିକ ଅନୁମତି ନମିଳିବାରୁ ଥାନା ନିର୍ମାଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

କମିସନରେଟ୍ ପୁଲିସ ପକ୍ଷରୁ ମାଲଗୋଦାମ ଥାନା ସ୍ଥାନାନ୍ତର କରିବାକୁ ଜମି ଚିହ୍ନଟ ପ୍ରକ୍ରିୟା ବର୍ଷେ ହେବ ଶେଷ ହୋଇଥିଲା। ତାଳଦଣ୍ଡା କେନାଲ୍ ପାର୍ଶ୍ୱ ତଥା ମାଛ ବ୍ୟବସାୟୀ ବସୁଥିବା ସ୍ଥାନରେ ନୂତନ ଥାନା କରା ନ ଯାଇ 'ଆଇ ଲଭ୍ କଟକ' ଲୋଗୋ ସମ୍ମୁଖସ୍ଥ ଫାଙ୍କା ଜମିରେ ନୂତନ ଥାନା ନିର୍ମାଣ କରାଯିବାର ପ୍ରସ୍ତାବ ଥିଲା। ଏଥି ନିମନ୍ତେ ଡିସିପିଙ୍କ କାର୍ଯ୍ୟାଳୟରୁ ଜିଲ୍ଲାପାଳ ଓ ତହସିଲଦାରଙ୍କୁ ଚିଠି ଲେଖାଯାଇଥିଲା। କେବଳ ସରକାରୀ ଅନୁମୋଦନ ମିଳିବା ପରେ ନୂଆ ଥାନା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥାଆନ୍ତା। କିନ୍ତୁ ଏସବୁ ପ୍ରକ୍ରିୟା ଅଧାରେ ଅଟକିଛି। ବାଦାମବାଡି ଥାନା ନିର୍ମାଣ ପାଇଁ ୨୦୧୫ ମସିହାରେ ଗୃହ ବିଭାଗ ପକ୍ଷରୁ ଓଏସଆର୍‌ଟିସିକୁ ବାଦାମବାଡି ବସ୍ ଷ୍ଟାଣ୍ଡ ଭିତରେ ଜମି ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବସ୍ ଷ୍ଟାଣ୍ଡ ଭିତରେ ଜମି ନ ଥିବାରୁ ଏବଂ ବସ୍ ଚଳାଚଳ କରୁଥିବାରୁ ଓଏସ୍ଆର୍‌ଟିସି ଏଥିପ୍ରତି ଗୁରୁତ୍ୱ ଦେଇ ନଥିଲା। ଏବେ ନେତାଜୀ ବସ୍ ଟର୍ମିନାଲ୍‌କୁ ପୁରୁଣା ବାଦାମବାଡ଼ି ବସ୍ ଷ୍ଟାଣ୍ଡ ଉଠିଯିବା ପରେ ପର୍ଯ୍ୟାପ୍ତ ଭାବେ ଜମି ଫାଙ୍କା ପଡ଼ିଛି। ଏଣୁ ଓଏସଆର୍‌ଟିସି କର୍ତ୍ତୃପକ୍ଷ ଗୃହ ବିଭାଗକୁ ଜମି ହସ୍ତାନ୍ତର କରିବାରେ କୌଣସି ପ୍ରତିବନ୍ଧକ ନାହିଁ। ଏଯାବତ୍ ଜମି ହସ୍ତାନ୍ତର ହୋଇ ପାରୁନାହିଁ। ୮ ମାସ ପୂର୍ବେ ପୁରୁଣା ବସ୍‌ଷ୍ଟାଣ୍ଡର ଷ୍ଟାଟସ୍ ତଥା ଜମିର ପରିସୀମା ଏବଂ ଥାନା ନିର୍ମାଣ ନିମନ୍ତେ କେତେ ଜମିର ଆବଶ୍ୟକତା ରହିଛି, ତାହାର ତଥ୍ୟ ପୁଲିସ ବିଭାଗ ରାଜ୍ୟ ସରକାରଙ୍କୁ ଜଣାଇବାକୁ କୁହାଯାଇଥିଲା। କମିସନରେଟ୍ ପୁଲିସ ପକ୍ଷରୁ ଥାନା ନିର୍ମାଣ ନିମନ୍ତେ ପ୍ରସ୍ତୁତ ହୋଇଥିବା ବ୍ଲୁ ପ୍ରିଣ୍ଟର ତଥ୍ୟ ଅନୁସାରେ, ସର୍ବନିମ୍ନ ୪ହଜାର ୮୦୦ବର୍ଗଫୁଟ୍ ଜମି ଆବଶ୍ୟକ ଏବଂ ୩କୋଟି ୫୦ଲକ୍ଷ ଟଙ୍କାର ନିର୍ମାଣ ବ୍ୟୟବରାଦ କରାଯାଇଥିଲା। ହେଲେ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ଭଳି ଏହି ଯୋଜନାର କାର୍ଯ୍ୟକାରିତା କଣ୍ଟକିତ ହୋଇ ରହିଛି।

ପ୍ରକାଶ ଥାଉ କି, ବାଦାମବାଡି ଟ୍ରାଫିକ୍ ପୋଷ୍ଟ କଡରେ ଏକ ଅଣଓସାରିଆ ବିଲ୍ଡିଂରେ ଏବେ ଚାଲିଛି ବାଦାମବାଡ଼ି ଥାନା। ସ୍ଥାନାଭାବରୁ ଏହି ବିଲ୍ଡିଂରେ କାର୍ଯ୍ୟ କରିବା ସମ୍ଭବପର ହେଉ ନାହିଁ। ଅଭ୍ୟର୍ଥନା ପ୍ରକୋଷ୍ଠକୁ ଗୋଟିଏ ଛୋଟିଆ ଘରେ ଖୋଲିଥିବା ବେଳେ ତଳ ମହଲାରେ ମାତ୍ର ୨ଟି ଘର। ତା' ଭିତରେ ଛୋଟିଆ ହାଜତ। ଉପର ମହଲାରେ ଏକ ଛୋଟିଆ ଘରେ ଆଇଆଇସିଙ୍କ ରୁମ୍ ରହିଛି। ଥାନା ସମ୍ମୁଖରେ ଗୋଟିଏ ଗାଡି ରଖିବାକୁ ବି ଜାଗା ନାହିଁ। ମାଲଖାନା ଓ ଜବତ ଗାଡି ରଖିବାକୁ ଥାନା କର୍ତ୍ତୃପକ୍ଷ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ମାତ୍ର ୩ଟି ଘରେ ସହରର ପ୍ରମୁଖ ଥାନା କାର୍ଯ୍ୟକ୍ଷମ କରାଯାଉଥିବା ବେଳେ ନୂତନ ବିଲ୍ଡିଂ ନିର୍ମାଣ ନେଇ ଅନିଶ୍ଚିତତା ଲାଗି ରହିଛି।

**ମଉଳିଲା ବାଦାମବାଡ଼ି ଥାନା ନିର୍ମାଣ ଆଶା; ଜମି ଛାଡୁନି ଓଏସ୍ଆର୍‌ଟିସି**

**ମାଲଗୋଦାମ ଥାନା ନିମନ୍ତେ ଚିହ୍ନଟ ଜମିକୁ ମିଳୁନି ପ୍ରଶାସନିକ ଅନୁମତି**







## ୫୧ତମ ରାଜ୍ୟ ଅବକାରୀ କ୍ରୀଡ଼ା ସମାରୋହ | ଅବକାରୀ ଅଧିକାରୀଙ୍କୁ ବଡି କ୍ୟାମେରା ବଣ୍ଟନ




**କଟକ, ୭ ।୨(ସମିସ):** କଟକସ୍ଥିତ ସତ୍ୟବ୍ରତ ଷ୍ଟାଡିୟମଠାରେ ଅବକାରୀ ବିଭାଗର ୫୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦଘାଟନ କରିଛନ୍ତି। ଅବକାରୀ ବିଭାଗର କ୍ଷେତ୍ରସ୍ତରର କାର୍ଯ୍ୟଦକ୍ଷତା ଓ ପ୍ରଯୁକ୍ତିମୂଳକ ସୁଦୃଢତାକୁ ଆହୁରି ସଶକ୍ତ କରିବା ଉଦ୍ଦେଶ୍ୟରେ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଅବକାରୀ ଜିଲ୍ଲାର ଅଧିକାରୀମାନଙ୍କୁ ୪୮ଟି ବଡି କ୍ୟାମେରା ବଣ୍ଟନ କରିଥିଲେ ମନ୍ତ୍ରୀ। ଆଗାମୀ ଦିନରେ ସମସ୍ତ ଜିଲ୍ଲାର ଅଧିକାରୀଙ୍କୁ ଉକ୍ତ କ୍ୟାମେରା ପ୍ରଦାନ କରାଯିବାର ଯୋଜନା ରହିଛି। ସମ୍ମାନିତ ଅତିଥି ଭାବେ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମା, ଅବକାରୀ ଆୟୁକ୍ତ ପି. ଅନ୍ୱେଷା ରେଡ୍ଡୀ, ପୂର୍ବତନ ଅଲିମ୍ପିକ କ୍ରୀଡ଼ାବିତ ଡ଼. ଅନୁରାଧା ବିଶ୍ୱାଳ ଏବଂ କଳାକାର ତଥା ସମାଜସେବୀ ପିଙ୍କି ପ୍ରଧାନ ଥିଲେ। ଉତ୍ସବରେ ଅବକାରୀ ବିଭାଗ, ଅବକାରୀ ନିର୍ଦ୍ଦେଶାଳୟର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଡିଏସଇ ଧନେଶ୍ୱର ବରାଦଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ଦ୍ୱାରା ପରେଡ ଆୟୋଜିତ ହୋଇଥିଲା। ଏହି ଅବସରରେ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅବକାରୀ ବିଭାଗର ସଫଳତା ସମ୍ବଳିତ ଏକ ପୁସ୍ତିକା ଏବଂ ନିଶାଦ୍ରବ୍ୟ ଦ୍ରବ୍ୟ ବିରୁଦ୍ଧରେ ଜନସଚେତନତା ବୃଦ୍ଧି ନିମନ୍ତେ ପ୍ରସ୍ତୁତ ଭିଡିଓକୁ ଉନ୍ମୋଚନ କରିଥିଲେ। ଧରପଗଡ଼ କାର୍ଯ୍ୟକଳାପରେ ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରିଥିବା ବାଲେଶ୍ୱର, ମୟୂରଭଞ୍ଜ, ଭୁବନେଶ୍ୱର, ଭଦ୍ରକ, ଗଞ୍ଜାମ, ପୁରୀ ଜିଲ୍ଲାମାନଙ୍କୁ ଏବଂ ସମ୍ବଲପୁରକୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି କ୍ରୀଡା ଉତ୍ସବରେ ଓଡ଼ିଶାର ସମସ୍ତ ୩୩ଟି ଅବକାରୀ ଜିଲ୍ଲା ଓ ୪ଟି ଅବକାରୀ ଗୁଇନ୍ଦା ୟୁନିଟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରୁଛନ୍ତି। ସର୍ବମୋଟ ୧୬ଟି ବିଭାଗରେ ୮୦୯ ଜଣ ପୁରୁଷ ପ୍ରତିଯୋଗୀ ଏବଂ ୧୧ଟି ବିଭାଗରେ ୧୮୧ ଜଣ ମହିଳା ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେଗୁଡ଼ିକ ମଧ୍ୟରେ ମୁଖ୍ୟତଃ ୧୦୦ ମି ଦୌଡ଼, ୨୦୦ ମି ଦୌଡ଼, ୪୦୦ମି ଦୌଡ଼, ୮୦୦ ମି ଦୌଡ଼, ୧୫୦୦ ମି ଦୌଡ଼, ୩୦୦୦ ମି ଦୌଡ଼, ଲମ୍ବା ଡିଆଁ, ଉଚ୍ଚ ଡ଼ିଆଁ, ଟ୍ରିପଲ ଜମ୍ପ, ସଟପୁଟ ଥ୍ରୋ, ଡିସ୍କସ ଥ୍ରୋ, ଜାଭେଲିନ ଥ୍ରୋ, ଭଲିବଲ୍, ବ୍ୟାଡମିଣ୍ଟନ ଇତ୍ୟାଦି ଅନ୍ତର୍ଭୁକ୍ତ ରହିଛି।

## ନ୍ୟାୟିକ ଅଧିକାରୀଙ୍କ ପାଇଁ ଏକଦିବସୀୟ ମଧ୍ୟସ୍ଥତା ପ୍ରଶିକ୍ଷଣ

**କଟକ, ୭ ।୨(ସମିସ):** ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ ପକ୍ଷରୁ ନ୍ୟାୟିକ ଅଧିକାରୀମାନଙ୍କ ପାଇଁ ଏକଦିବସୀୟ ମଧ୍ୟସ୍ଥତା ପ୍ରଶିକ୍ଷଣ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ସର୍ବୋଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା ଓ ସମନ୍ୱୟ ପ୍ରକଳ୍ପ କମିଟିର ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି ଶିବିରଟି କଟକସ୍ଥିତ ଜୁଡିସିଆଲ ଏକାଡେମୀ ସମେତ ଗଞ୍ଜାମ ଏବଂ ସମ୍ବଲପୁରର ଆଞ୍ଚଳିକ ନ୍ୟାୟିକ ଏକାଡେମୀରେ ପରିଚାଳିତ ହୋଇଥିଲା। ନ୍ୟାୟପାଳିକା ବ୍ୟବସ୍ଥାରେ ମଧ୍ୟସ୍ଥତା ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବା ଏବଂ ସାଧାରଣ ଜନତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ଏହି ଶିବିରର ମୂଳ ଲକ୍ଷ୍ୟ ବୋଲି କୁହାଯାଇଥିଲା। ସେଥିପାଇଁ ନ୍ୟାୟିକ ଅଧିକାରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ତାଲିମ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସର୍ବୋଚ୍ଚ ନ୍ୟାୟାଳୟର ବରିଷ୍ଠ ପ୍ରଶିକ୍ଷକ ବ୍ରଜେଶ ଗୁରୁନାନୀ (ନୂଆଦିଲ୍ଲୀ), ବି.ପି. ଅର୍ଜୁନ ଏବଂ ପି.ଜି. ସୁରେଶ (କେରଳ) ନ୍ୟାୟିକ ଅଧିକାରୀମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର ଜେନେରାଲ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ, ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ ଏବଂ ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

## ରେଭେନ୍ସାରେ ବଜେଟ୍ ସମ୍ପର୍କିତ ଆଲୋଚନାଚକ୍ର



**କଟକ, ୭।୨(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାଜବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ବଜେଟ୍ ୨୦୨୬-୨୭ ବିସ୍ତୃତ ବିଶ୍ଳେଷଣ ସମସ୍ୟା ଓ ଆହ୍ୱାନ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଅର୍ଥଶାସ୍ତ୍ରୀ ଡ. ଆଶିଷ କୁମାର ସେନାପତି ମୁଖ୍ୟବକ୍ତା ଭାବେ ଚଳିତ ବଜେଟ୍‌ର ବିଭିନ୍ନ ଦିଗ, ଆର୍ଥିକ ପ୍ରଭାବ ଏବଂ ଏହାର ଆହ୍ୱାନ ସମ୍ପର୍କରେ ଆଲୋଚନା କରିଥିଲେ। ୨୦୨୬-୨୭ ବଜେଟ୍ ଭାରତର ଅର୍ଥନୀତି, ରାଜନୀତି ଏବଂ ଦେଶର ବିକାଶ କ୍ଷେତ୍ରରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିବ ବୋଲି ସେ ନିଜ ବକ୍ତବ୍ୟରେ ମତ ରଖିଥିଲେ। ଏହି ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ପ୍ରଫେସର ବିକ୍ରମ କେଶରୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବଜେଟ୍‌ର ବିଭିନ୍ନ ସାମାଜିକ ଦିଗ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗର ଅଧ୍ୟାପକ ଡ. ଈଶ୍ୱର ଚନ୍ଦ୍ର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ମନସ୍ମିତା ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ମନୋରଞ୍ଜନ ଦାସ, ଜେମ୍ସ କିଣ୍ଡୋ ଏବଂ ଚିନ୍ମୟୀ ମହଲ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭାଗର ବହୁ ଛାତ୍ରଛାତ୍ରୀ, ଗବେଷକ ଓ ଗବେଷିକା ଅଂଶଗ୍ରହଣ କରିଥିଲେ।

## ଫେବୃଆରୀ ୧୨ରେ ଦେଶବ୍ୟାପୀ ହରତାଳ

**କଟକ, ୭।୨(ସମିସ):** କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ଏବଂ ନୂତନ ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ ଆସନ୍ତା ୧୨ ଫେବୃଆରୀ ୨୦୨୬ରେ ଦେଶବ୍ୟାପି ସାଧାରଣ ହରତାଳ ପାଇଁ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଜାତୀୟ ସମନ୍ୱୟ ସମିତି ପେନ୍ସନର୍ସ ଆସୋସିଏସନ ଏବଂ ଅଖିଳ ଭାରତ ଡାକ ଓ ରେଳ ଡାକ ସେବା ପେନ୍ସନର୍ସ ଆସୋସିଏସନ ପକ୍ଷରୁ ଏହି ଧର୍ମଘଟକୁ ପୂର୍ଣ୍ଣ ସମର୍ଥନ ଘୋଷଣା କରାଯିବା ସହ ସମସ୍ତ ସଂଲଗ୍ନ ସଂଗଠନକୁ ସକ୍ରିୟ ଭାବେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଗୁଡ଼ିକ ସମେତ କେନ୍ଦ୍ର ସରକାରୀ କର୍ମଚାରୀ ସଂଘ, ଜାତୀୟ ଡାକ ବିଭାଗ କର୍ମଚାରୀ ଫେଡେରେସନ ଏବଂ ଆଏନଟିୟୁସି ସମର୍ଥିତ ସଂଘଗୁଡ଼ିକ ଏଥିରେ ସାମିଲ ହେଉଛନ୍ତି। ଓଡ଼ିଶାରେ ମଧ୍ୟ ଏହି ହରତାଳର ପ୍ରଭାବ ଦେଖିବାକୁ ମିଳିବ ଏବଂ ଏଥିପାଇଁ ମୁଖ୍ୟ ମହାଡାକପାଳଙ୍କୁ ଆନୁଷ୍ଠାନିକ ଭାବେ ନୋଟିସ ପ୍ରଦାନ କରାସାରିଛି। ଏଆଇପିଆରଏର ରାଜ୍ୟ ସଚିବ ତଥା ଏନସିପିପିଏ ଓଡ଼ିଶାର ସଂଯୋଜକ ରବୀନ୍ଦ୍ରନାଥ ଧଳ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ଯେ, ସରକାର ନିଓ-ଲିବରାଲ ନୀତି ଓ ଶ୍ରମିକ ବିରୋଧୀ ପଦକ୍ଷେପ ଫେରସ୍ତ ନ ନେବା ପର୍ଯ୍ୟନ୍ତ ଏହି ସଂଘର୍ଷ ଜାରି ରହିବ। ଫେବୃଆରୀ ୧୨ ତାରିଖରେ ଏନସିସିପିଏ ଏବଂ ଏଆଇପିଆରପିଏର କର୍ମକର୍ତ୍ତାମାନେ ବିଭିନ୍ନ କେନ୍ଦ୍ର ସରକାରୀ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରି ହରତାଳକୁ ସଫଳ କରିବେ ବୋଲି ସେ ପ୍ରକାଶ କରିଛନ୍ତି।

**ସହଯୋଗ ପାଇଁ ପେନ୍ସନର୍ସ ଆସୋସିଏସନର ନିବେଦନ**

## ଖ୍ରୀଷ୍ଟ କଲେଜ ବାଣିଜ୍ୟ ବିଭାଗର ବାର୍ଷିକ ପାଠଚକ୍ର

**କଟକ, ୭।୨(ସମିସ):** ଖ୍ରୀଷ୍ଟ କଲେଜର ବାଣିଜ୍ୟ ବିଭାଗ ପକ୍ଷରୁ ବଜେଟ୍ ପରବର୍ତ୍ତୀ ବିତୀୟ କ୍ଷେତ୍ରର ପରିଦୃଶ୍ୟ ସମ୍ପର୍କରେ ବିଶ୍ଳେଷଣ ଶୀର୍ଷକ ବାର୍ଷିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ମଧୁମିତା ପାତ୍ର ପାଠଚକ୍ରକୁ ସଭାପତିତ୍ୱ କରିଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ସୁବ୍ରତ ବଳ ପାଠଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଜାଭିୟର୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ବିଶ୍ୱବିଦ୍ୟାଳୟର ପ୍ରଫେସର ଦେବୀପ୍ରସାଦ ଶତପଥୀ ବଜେଟ୍-୨୦୨୬ର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ବ୍ୟାଙ୍କ, ଶିକ୍ଷା, ମ୍ୟୁଚୁଆଲ୍ ଫଣ୍ଡ ଆଦି ବିତ୍ତୀୟ କ୍ଷେତ୍ର ସହ ସାଧାରଣ ଜନଜୀବନ ପାଇଁ ଏହା କେତେ ଉପଯୋଗିତା ଉପରେ ସମସ୍ତେ ସଚେତନ ହେବା ପାଇଁ ଆହ୍ୱାନ କରିଥିଲେ। ପରିଚାଳନା ସମିତିର ସଭାପତି ଅନୁପମ ପାତ୍ର ଓ ସମ୍ପାଦକ ଶୁଭାଶିଷ ସାହୁ ସମ୍ମାନିତ ଅତିଥି ଭାବେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ଜୀବନ ଝୁନ୍‌ଝୁନ୍‌ୱାଲା ବାର୍ଷିକ ବିବରଣୀ ପାଠ କରିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଡ. ମଙ୍ଗରାଜ ପାତ୍ର। ପରିଚାଳନା କରିଥିଲେ ଡ. ସଞ୍ଜୁ ଶର୍ମା ଓ ଅଧ୍ୟାପକ ଶିବାନନ୍ଦ ମହାନ୍ତି। କଲେଜର ଅଧ୍ୟାପକ ଅଧ୍ୟାପିକା ଓ ବିଦ୍ୟାର୍ଥୀ ପାଠଚକ୍ରରେ ଅଂଶଗ୍ରହଣ କରିଥିଲେ।




# ସରୁନି ସର୍ଭେ, ଅସୁରକ୍ଷିତ କୋଠା ଭଙ୍ଗାଯିବା କାର୍ଯ୍ୟ ମନ୍ଥର

**କଟକ, ୭ ।୨(ସମିସ)**




କଟକ ସହରରେ ବିପଦସଂକୁଳ ଅବସ୍ଥାରେ ଥିବା କୋଠାଗୁଡିକ ଭାଙ୍ଗିବା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଏହି ସବୁ କୋଠାକୁ ଭାଙ୍ଗିବା କାର୍ଯ୍ୟ ଏବେ ମନ୍ଥର ଗତିରେ ଚାଲିଛି। ଚିହ୍ନଟ କୋଠାଗୁଡିକୁ ଭାଙ୍ଗିବା ପାଇଁ ଆବଶ୍ୟକ ସର୍ଭେ କାର୍ଯ୍ୟ ସରୁ ନଥିବା ବେଳେ ଏହି ଭାଙ୍ଗିବା କାମ ପଛାଇଛି। ଅଦାଲତଙ୍କ ନିର୍ଦ୍ଦେଶ ପରେ ମାତ୍ର ହାତଗଣତି କେତେକ ଛୋଟ କୋଠା ଭଙ୍ଗାଯାଇପାରିଛି। ମିଳିଥିବା ସୂଚନାନୁସାରେ, ଚିହ୍ନଟ ହୋଇଥିବା ୨୨୧ଟି କୋଠା ମଧ୍ୟରୁ ୨୧୯ଟି ସରକାରୀ କୋଠା ହୋଇଥିବା ବେଳେ ୨ଟି ଘରୋଇ କୋଠା। କୋଠାଗୁଡିକୁ ଭାଙ୍ଗିବା ପାଇଁ ଯେଉଁ ବିଭାଗର କୋଠା ସମ୍ପୃକ୍ତ ବିଭାଗକୁ କୋଠା ଖାଲି କରିବାକୁ ପର୍ଯ୍ୟାୟ କ୍ରମେ କୁହାଯାଉଛି। ଏଥିସହ ଉଚ୍ଛେଦ ପାଇଁ ଆବଶ୍ୟକ ବ୍ୟୟଅଟକଳ ମଞ୍ଜୁରୀ ହେବା ପରେ କୋଠା ଭଙ୍ଗାଯାଉଥିବା କହିଛନ୍ତି ବିଭାଗୀୟ କର୍ତ୍ତୃପକ୍ଷ।

ପ୍ରକାଶଥାଉକି, ଦୀର୍ଘ ବର୍ଷ ଧରି ମାଳମାଳ ପୁରୁଣା କୋଠା ବିପଦସଂକୁଳ ଅବସ୍ଥାରେ ରହିଛି। ଏହି କୋଠାଗୁଡିକର ଚିହ୍ନଟ ପ୍ରକ୍ରିୟା ଦୀର୍ଘ ବର୍ଷ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ଏଗୁଡିକୁ ଭାଙ୍ଗିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ। କଟକ ମହାନଗର ନିଗମ ଅଞ୍ଚଳରେ ୱାର୍ଡୱାରୀ ବିପଦସଂକୁଳ କୋଠା ସର୍ଭେ ପାଇଁ ପ୍ରଶାସନିକ ସ୍ତରରେ କମିଟି ଗଠନ କରାଯାଇଛି। ଏହି କମିଟିର ସଦସ୍ୟ ମାନେ ମଧ୍ୟ ସର୍ଭେ କାର୍ଯ୍ୟ ଜାରି ରଖିଥିଲେ ସୁଦ୍ଧା ଚୂଡାନ୍ତ ହୋଇପାରିନି। ପ୍ରଥମେ ଚିହ୍ନଟ ହୋଇଥିବା କୋଠା ଯାଞ୍ଚ କରାଯିବା ପରେ ନୋଟିସ ପ୍ରଦାନ କରାଯିବ ଓ ପରେ ଏହାକୁ ଭାଙ୍ଗିବା ପାଇଁ ପଦକ୍ଷେପ ନିଆଯାଉଥିବା କୁହାଯାଉଛି।

ଗତ ୨୦୨୫ ନଭେମ୍ବର ୮ ତାରିଖରେ କଟକ ବକ୍ସିବଜାର ହାଡିବନ୍ଧୁସାହୁଛକ ନିକଟରେ ଏକ ଆପାର୍ଟମେଣ୍ଟ ବାଲକୋନି ଭୁଶୁଡି ୩ଜଣଙ୍କ ମୃତ୍ୟୁ ଭଳି ଅଭାବନୀୟ ଘଟଣା ଘଟିଥିବା ନଜିର ରହିଛି। ଏହାପରେ ପ୍ରଶାସନ ସାମାନ୍ୟ ତତ୍ପର ହୋଇଛି। ନିକଟରେ ମଧ୍ୟ ବିପଦସଂକୁଳ କୋଠା ପ୍ରସଂଗରେ ଜିଲ୍ଲା ପ୍ରଶାସନକୁ ହାଇକୋର୍ଟ ତାଗିଦ କରିଥିବାର ନଜିର ରହିଛି। ଏପରିକି ସେହି ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ରିପୋର୍ଟ ଅନୁସାରେ ସହରରେ ମୋଟ ୨୨୧ଟି କୋଠା ଅସୁରକ୍ଷିତ ଥିବା ଦର୍ଶାଯାଇଥିଲା। ସର୍ବାଧିକ ବିପଦସଂକୁଳ କୋଠା ଚୌ÷ଧୁରୀବଜାର, ନିମସାହି, ବାଖରାବାଦ, ମଙ୍ଗଳାବାଗ, ନିମଚଉଡି ଓ ସୂତାହାଟ ଅଞ୍ଚଳରେ ରହିଛି। ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ, ମିସନ ସ୍କୁଲ, ବାଦାମବାଡି ସେସୁ କଲୋନୀ, ଯୋବ୍ରା ମ୍ୟୁନସିପାଲ କଲୋନୀ ଓ ପାରେଶ୍ୱରସାହି ରେଳବାଇ କଲୋନୀ ଆଦି ରହିଛି। ଯାହା ବିପଦସଂକୁଳ ବୋଲି ଘୋଷଣା ହୋଇଥିବା ସତ୍ତ୍ୱେ ବିଭିନ୍ନ କାରଣରୁ ବର୍ଷ ବର୍ଷ ଏହି କୋଠା ସବୁ ଭଙ୍ଗାଯିବା ସମ୍ଭବ ହୋଇପାରିନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନ ତରଫରୁ ବିଏନଏସ ଧାରା ୧୫୨ରେ କେବଳ ନୋଟିସ ଜାରି ହୋଇଛି। ବିଭିନ୍ନ ଅଞ୍ଚଳରେ ରହିଥିବା ବିପଦସଂକୁଳ କୋଠା ମଧ୍ୟରେ ସରକାରୀ କ୍ୱାର୍ଟର, ଅଫିସ, ଅବ୍ୟବହୃତ ଗୋଦାମ ଘର, ଘରୋଇ କୋଠା, ମାର୍କେଟ କମ୍ପ୍ଲେକ୍ସ ଆଦି ରହିଛି।

**ତାଲିକାରେ ରହିଛି ୨୨୧ କୋଠା**

## ହସ୍ତତନ୍ତ ଓ ଝୋଟ ମାର୍କ ଉପରେ କର୍ମଶାଳା




**କଟକ, ୭।୨(ସମିସ):** ହସ୍ତତନ୍ତ ଏବଂ ଝୋଟ ମାର୍କ ବା (ହାଣ୍ଡଲୁମ ଏଣ୍ଡ ଜ୍ୟୁଟ୍ ମାର୍କ) ଉପରେ ଏକ ସ୍ୱତନ୍ତ୍ର ସଚେତନତା କର୍ମଶାଳା ଆଜି ତଳ ବାଲିଯାତ୍ରା ପଡ଼ିଆରେ ଚାଲିଥିବା ସ୍ୱଦେଶୀ ମେଳା ୨୦୨୬ରେ ଆୟୋଜିତ ହୋଇଯାଇଛି। ଭାରତ ସରକାରଙ୍କ ବୟନ ଶିଳ୍ପ ବିଭାଗ ସହ ମିଳିତ ଭାବରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ତତ୍ତ୍ୱାବଧାନରେ ଓରମାସ ଦ୍ୱାରା ଅନୁଷ୍ଠିତ ଏହି କର୍ମଶାଳାରେ ସ୍ୱଦେଶୀ ଅର୍ଥନୀତି ପାଇଁ ହସ୍ତତନ୍ତ ଓ ଝୋଟର ମାର୍କ ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ସ୍ୱୟଂ ସହାୟକ ଗୋଷ୍ଠୀ, ଉତ୍ପାଦକ ଗୋଷ୍ଠୀ, ଏଫପିଓ, କାରିଗର ଏବଂ ଉଦ୍ୟୋଗୀମାନଙ୍କୁ ଉତ୍ପାଦର ପ୍ରାମାଣିକତା, ଗୁଣବତା ସୁନିଶ୍ଚିତ କରିବା ଏବଂ ଉତ୍ତମ ବଜାର ଚିହ୍ନଟ କରିବାର ହସ୍ତତନ୍ତ ମାର୍କ ଓ ଝୋଟ ମାର୍କର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା। ବୟନଶିଳ୍ପ ବିଭାଗର ବିଶେଷଜ୍ଞମାନେ ପଞ୍ଜିକରଣ ପ୍ରକ୍ରିୟା, ପ୍ରମାଣପତ୍ରର ଲାଭ ଏବଂ ଗ୍ରାହକଙ୍କ ବିଶ୍ୱାସ ବୃଦ୍ଧି କରିବା ସହିତ ଏହି ମାର୍କଗୁଡିକ ପାରମ୍ପରିକ କାରିଗରମାନଙ୍କୁ ସୁରକ୍ଷା ଦେବାରେ କିପରି ସାହାଯ୍ୟ କରିଥାଏ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପଦକ୍ଷେପ ସ୍ୱଦେଶୀ ଶିଳ୍ପକୁ ସୁଦୃଢ କରିବା, ପ୍ରକୃତ ହସ୍ତତନ୍ତ ଏବଂ ଝୋଟ ଉତ୍ପାଦକୁ ପ୍ରୋତ୍ସାହିତ କରିବା ଏବଂ ସଚେତନତା ଓ କ୍ଷମତା ନିର୍ମାଣ ମାଧ୍ୟମରେ ତୃଣମୂଳସ୍ତରର ଉତ୍ପାଦକଙ୍କୁ ସଶକ୍ତ କରିବା ଦିଗରେ ଓରମାସର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ● ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା ଘଟଣା

# ଜିଲ୍ଲା କୋର୍ଟରେ ଭିଡିଓ କନ୍‌ଫରେନ୍ସରେ ସାକ୍ଷ୍ୟ ଦେଲେ ମୁଖ୍ୟସାକ୍ଷୀ

ମାଲକାନଗିରି, ୭।୨(ସମିସ): ୨୦୦୮ ମସିହାରେ ଜନ୍ମାଷ୍ଟମୀ ଦିନ କନ୍ଧମାଳ ଜିଲ୍ଲାର ଜାଲେଶପଟ୍ଟା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ସହିତ ଅନ୍ୟ ଚାରିଜଣଙ୍କୁ ନିର୍ମମ ଭାବେ ହତ୍ୟା ଘଟଣାରେ ଆଜି ମାଲକାନଗିରି ଜିଲ୍ଲା କୋର୍ଟରେ ଭିଡିଓ କନ୍‌ଫରେନ୍ସରେ ସାକ୍ଷ୍ୟ ଦେଲେ ମୁଖ୍ୟ ସାକ୍ଷୀ ବ୍ରହ୍ମଚାରୀ ମାଧବ ଚୈତନ୍ୟ ମହାରାଜ। ଏହି ଘଟଣାରେ ମୁଖ୍ୟ ଆସାମୀ କୁହାଯାଉଥିବା ଆଜାଦ୍ ଆଜି ପାରଳାଖେମୁଣ୍ଡି କୋର୍ଟରେ ହାଜର ହୋଇଥିଲା। କୋର୍ଟଙ୍କ ତତ୍ତ୍ୱାବଧାନରେ ମାଲକାନଗିରି ଜିଲ୍ଲାକୋର୍ଟରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟ ସାକ୍ଷୀ ବ୍ରହ୍ମଚାରୀ ମାଧବ ଚୈତନ୍ୟ ମହାରାଜ ସାକ୍ଷ୍ୟ ଦେଇଛନ୍ତି। ସେ ଉକ୍ତ ଘଟଣା ଦିନ ସେଠାରେ ଉପସ୍ଥିତ ଥିବା ବେଳେ ଘଟଣାକୁ ସ୍ୱ ଚକ୍ଷୁରେ ଦେଖିଥିଲେ। ବର୍ତ୍ତମାନ ସେ ଏହି ଘଟଣାର ମୁଖ୍ୟ ସାକ୍ଷୀ ହୋଇଥିବା ବେଳେ ଏହି ଘଟଣାର ବର୍ତ୍ତମାନ ଯାଏଁ ଟିଆଇ ପ୍ୟାରେଡ ହୋଇ ନଥିବା ପ୍ରକାଶ କରିଛନ୍ତି। ଏହାସହ ଏହି ହତ୍ୟାକାଣ୍ଡରେ ଅନେକ ଜଣ ସାମିଲ ଥିବା ବେଳେ ସେମାନେ ନିଦ୍ୱର୍ନ୍ଦ୍ୱରେ ବୁଲୁଛନ୍ତି। ତେଣୁ ଘଟଣାର ସିବିଆଇ ତଦନ୍ତ କରିବାକୁ ସେ ଅନୁରୋଧ କରିଛନ୍ତି। ତାଙ୍କର ଦିଆଯାଇଥିବା ସ୍କେଚ ଅନୁଯାୟୀ ପୁଲିସ ମୁଖ୍ୟ ଆସାମୀ କୁହାଯାଉଥିବା ଆଜାଦ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିବା ବେଳେ ଦୋଷୀଙ୍କୁ କଠୋର ଦଣ୍ଡ ଦେବାକୁ ବ୍ରହ୍ମଚାରୀ ମାଧବ ଚୈତନ୍ୟ ମହାରାଜ ଅନୁରୋଧ କରିଛନ୍ତି।

## ଓଡ଼ିଶା ଉପରେ ଆନ୍ଧ୍ରର ନଜର

# ଜୁମଡାଙ୍ଗକୁ ହାତେଇବାକୁ ଶିକ୍ଷକ ନିଯୁକ୍ତି ଦେଲା ଆନ୍ଧ୍ର

ମାଲକାନଗିରି, ୭।୨(ସମିସ)

ଦୀର୍ଘ ବର୍ଷ ଧରି ଓଡ଼ିଶା ଉପରେ ଆନ୍ଧ୍ରର ଦାଦାଗିରି ସହ ଓଡ଼ିଶାର ବିଭିନ୍ନ ଗ୍ରାମକୁ ହାତେଇବା ପାଇଁ ଆନ୍ଧ୍ର ପ୍ରୟାସ ଜାରି ରଖିଛି। ତେବେ ଏହାରି ମଧ୍ୟରେ ଆନ୍ଧ୍ର ଅବିଭକ୍ତ କୋରାପୁଟ ଜିଲ୍ଲାର ଅନେକ ଗ୍ରାମ ଉପରେ ନଜର ପକାଇ ସେଠାରେ ଲୋକଙ୍କୁ ବିଭିନ୍ନ ସହାୟତା ଯୋଗାଇ ନିଜ ସହ ମିଶାଇବା ପାଇଁ ପ୍ରୟାସ କରୁଛି। ଆନ୍ଧ୍ର ମାଲକାନଗିରି ଜିଲ୍ଲାର ଜୁମଡାଙ୍ଗ ଗ୍ରାମକୁ ମଧ୍ୟ ହାତେଇବା ପାଇଁ ଅହରହ ପ୍ରୟାସ ଜାରି ରହଥିବା ବେଳେ ଏହା ଉପରେ ରୋକ ଲଗାଇବାରେ ରାଜ୍ୟ ସରାକର ସେଭଳି କୌଣସି ଠୋସ ପଦକ୍ଷେପ ନେଉ ନଥିବାରୁ ବର୍ତ୍ତମାନ ପୁଣି ଆନ୍ଧ୍ର ନିଜର ମନମାନି ଆରମ୍ଭ କରିଛି। ଏହି ଜୁମଡାଙ୍ଗ ଗ୍ରାମରେ ପୂର୍ବରୁ ଆନ୍ଧ୍ର ଅନେକ କିଛି ଯୋଗାଇବା ସହ ଜମି ପଟ୍ଟା ବଣ୍ଟନ କରିଥିବା ବେଳେ ବର୍ତ୍ତମାନ ଗ୍ରାମର ପିଲାଙ୍କୁ ଶିକ୍ଷା କ୍ଷେତ୍ରରେ ଯୋଡିବା ପାଇଁ ଆନ୍ଧ୍ର ସରକାର ଏହି ଗ୍ରାମରେ ଏକ ଅସ୍ଥାୟୀ ବିଦ୍ୟାଳୟ କରି ଶିକ୍ଷକ ନିଯୁକ୍ତି ଦେଇଛି। ସ୍ୱାଭିମାନ ଅଞ୍ଚଳର ଧୂଳିପୁଟ ପଞ୍ଚାୟତ ସ୍ଥିତ ଜୁମଡାଙ୍ଗ ଗ୍ରାମରେ ପିଲାଙ୍କୁ ଶିକ୍ଷା ଦେବା ପାଇଁ ଆନ୍ଧ୍ର ପକ୍ଷରୁ ଗ୍ରାମର ଜଣେ ଯୁବକଙ୍କୁ ଦାୟିତ୍ୱ ଦେଇଛି। କୁନି କୁନି ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଏହି ଯୁବକଙ୍କୁ ଆନ୍ଧ୍ର ସରକାର ଅର୍ଥରାଶି ପ୍ରଦାନ କରିବେ ବୋଲି ସୂଚନା ମିଳିଥିବା ବେଳେ ଓଡ଼ିଆ ଭାଷା ଛାଡି ଏବେ ଆନ୍ଧ୍ରର ତେଲୁଗୁ ଭାଷାରେ ସ୍ଥାନୀୟ ପିଲାଙ୍କୁ ଶିକ୍ଷାଦାନ କରାଯାଉଛି। ଫଳରେ ଅଞ୍ଚଳର କୁନି କୁନି ପିଲା ନିଜ ଭାଷା ଛାଡି ତେଲୁଗୁ ଭାଷା ଶିଖୁଛନ୍ତି। କିଛି ମାସ ପୂର୍ବେ ଆନ୍ଧ୍ର ସରକାର ଏହି ଗ୍ରାମବାସୀଙ୍କୁ ଆବାସ ଘର, ସହ ପାନୀୟ ଜଳ ବ୍ୟବସ୍ଥା କରି ଗ୍ରାମବାସୀଙ୍କୁ ନିଜର କରିବା ଉଦ୍ୟମ କରିଥିଲା। ଏବେ ପୁଣି ସ୍କୁଲ ଖୋଲି ତେଲୁଗୁ ଭାଷାରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେଉଛି। ଯାହା ଏବେ ଚିନ୍ତାର ବିଷୟ ପାଲଟିଛି। ପ୍ରତ୍ୟେକ ଥର ଗଳାବାଟ ଦେଖି ଆନ୍ଧ୍ର ଓଡ଼ିଶା ସୀମାବର୍ତ୍ତୀ ଗ୍ରାମରେ ଏଭଳି ସମସ୍ୟା ସୃଷ୍ଟି କରୁଛି। ଯଦି ବେଳ ଥାଉଁଣୁ ଓଡ଼ିଶା ସଜାଗ ନହୁଏ, ତେବେ ଏହି ଗ୍ରାମ ସହ ଆହୁରି ଅନେକ ଆଖପାଖ ଗ୍ରାମକୁ ନିଜ ସୀମାରେ ଯୋଡିବାକୁ ଆନ୍ଧ୍ର ପ୍ରୟାସ କରିବ ବୋଲି ଚର୍ଚ୍ଚା ହେଉଛି।



# ସୀମାନ୍ତରେ ମାଓ ସ୍ତୂପକୁ ଧ୍ୱଂସ କଲେ ଯବାନ

ମାଲକାନଗିରି, ୭।୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁରରେ ପୋଲିସ ଦ୍ୱାରା ଏକ ବିଶାଳ ମାଓ ସ୍ତୂପକୁ ଧ୍ୱଂସ କରାଯାଇଛି। ସୂଚନାନୁଯାୟୀ, ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ଫରେଶଗାଓଁ ଅଞ୍ଚଳରେ ମାଓ ଦମନ ପାଇଁ ସ୍ଥାନୀୟ ପୁଲିସ ଓ ଆଇଟିବିପିର ଯବାନମାନେ ତଲାସି ଅଭିଯାନ କରୁଥିଲେ। ଏହି ସମୟରେ ଯବାନମାନେ ମାଓବାଦୀଙ୍କ ଦ୍ୱାରା ନିର୍ମିତ ଏକ ବିଶାଳ ମାଓ ସ୍ତୂପକୁ ଠାବ କରିଥିଲେ। ଏହି ସ୍ତୂପ ଅଞ୍ଚଳରେ ମାଓ ଉପସ୍ଥିତିକୁ ଦର୍ଶାଉଥିବା ବେଳେ ଏହାକୁ ଯବାନମାନେ ଭାଙ୍ଗି ଧ୍ୱଂସ କରିଛନ୍ତି। ପ୍ରାୟ ୨୦ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚତା ବିଶିଷ୍ଟ ଏହି ମାଓ ସ୍ତୂପକୁ ଯବାନମାନେ ଭାଙ୍ଗିବା ସହ ଅଞ୍ଚଳରେ ମାଓ ଭୟକୁ ଦୂର କରିବା ପାଇଁ ଲୋକଙ୍କ ମନବଳ ବଢ଼ାଇବାକୁ ଅଞ୍ଚଳରେ ତଲାସି ଅଭିଯାନକୁ ଆହୁରି ଜୋର୍‌ଦାର କରିଛନ୍ତି।



# ଗୁଣିଗାରେଡି ସନ୍ଦେହରେ ହତ୍ୟା ଘଟଣାରେ ଜଣେ ଗିରଫ

ମୁନିଗୁଡ଼ା, ୭।୨(ସମିସ): ଗୁଣିଗାରେଡି ସନ୍ଦେହରେ ହତ୍ୟା ଘଟଣାରେ ଅମ୍ବାଦଳା ପୁଲିସ ଜଣକୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତ ଜଣଙ୍କ ଶୁଣ୍ଡିପଦର ଗ୍ରାମର ଶୁକଦେବ ବାଗ। ଗତ ୩ ତାରିଖରେ ରାୟଗଡ଼ା ଜିଲ୍ଲା ଆମ୍ବାଦଳାଓ ଥାନା ସରଧାପୁର ପଞ୍ଚାୟତ ଶୁଣ୍ଡୀପଦର ଗ୍ରାମର ଚିଟି ରାମ ବାଗ(୮୧) ନାମକ ବୃଦ୍ଧଙ୍କ ମୁଣ୍ଡକୁ କାତି ଦ୍ୱାରା ହାଣି ପରେ ପଥରରେ ଛେଚି ଦେଇ ହତ୍ୟା କରିଥିଲା ଶୁକଦେବ। ଏନେଇ ଅମ୍ବାଦଳା ଥାନାରେ ଏତଲା ହୋଇଥିଲା। ଏତଲା ପରେ ଘଟଣା ସ୍ଥଳରେ ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିବା ସହ ମୃତଦେହ ନିକଟରୁ ଏକ ଟର୍ଚ୍ଚ ଲାଇଟ୍, ଏକ କାତି ଜବତ କରିଥିଲା। ତଦନ୍ତ ପରେ ୬ ମାସ ପୂର୍ବରୁ ଗୁଣି ଗାରେଡ଼ି ସନ୍ଦେହ କରି କିଛି ଲୋକ ବୃଦ୍ଧଙ୍କ ସାଥିରେ ପାଟି ତୁଣ୍ଡ କରିଥିଲେ। ଏହି ଘଟଣା ପରେ ବୃଦ୍ଧ ଜଣଙ୍କ ନିଜ ବିବାହିତ ଝିଅର ଗ୍ରାମ ଲୋହରାପଦରକୁ ଚାଲିଯାଇଥିଲେ। କିଛି ମାସ ପରେ ଗ୍ରାମକୁ ଫେରିବା ପରେ କାଳେ ଚିଟିରାଓ ଗୁଡି ଗାରେଡି କରି ତାଙ୍କୁ ମାରିଦେବେ୍ ବୋଲି ସନ୍ଦେହ କରି ଶୁକଦେବ ବୃଦ୍ଧଙ୍କୁ ହତ୍ୟା କରିଥିବା ଜଣାପଡ଼ିଥିଲା। ଏହି ଘଟଣାରେ ଅଭିଯୁକ୍ତ ଶୁକଦେବକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ତଦନ୍ତ ଜାରି ରହିଥିବା ଅମ୍ବାଦଳା ଆଇଆଇସି କଳ୍ପନା ବେହେରା ସୂଚନା ଦେଇଛନ୍ତି।

# ସାଇବର ସୁରକ୍ଷା ସଚେତନତା



କାଲିମେଳା, ୭।୨(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ତତ୍ତ୍ୱାବଧାନରେ ସ୍ଥାନୀୟ ସ୍କୁଲ ପିଲାମାନଙ୍କ ପାଇଁ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମୟରେ ମନୁଷ୍ୟ ତାର କାର୍ଯ୍ୟ ଭାର କମାଇବା ପାଇଁ ଟେକ୍ନୋଲୋଜି ଉପରେ ନିର୍ଭର କରୁଛି। ସମସ୍ତ ଜରୁରୀ କାର୍ଯ୍ୟ ଇଣ୍ଟରନେଟ ଓ କମ୍ପ୍ୟୁଟର ମାଧ୍ୟମରେ ଖୁବ୍ କମ୍ ସମୟରେ ହୋଇପାରୁଛି। ଟିକେ ସତର୍କତା ଅବଲମ୍ବନ ନ କଲେ ସାଇବର ଅପରାଧୀଙ୍କ ଠକାମିର ଶିକାର ହେବାକୁ ପଡ଼ିବ। ଛୋଟ ପିଲାମାନେ କିପରି ସାଇବର ଠକାମୀର ଶିକାର ନ ହେବେ ସେଥିପାଇଁ ଶନିବାର କାଲିମେଳା ଥାନା ଅଧିକାରୀ ପ୍ରଦ୍ଯୁମ୍ନ ବିଶ୍ୱାଳ ସାଇବର ସୁରକ୍ଷା ପାଇଁ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ।

# ଗୋ ମହିମା ପ୍ରଚାର ରଥଯାତ୍ରା



ଗୁଣପୁର, ୭।୨(ସମିସ): ଗୋ ହତ୍ୟାର ପ୍ରତିବାଦ ଓ ମନୁଷ୍ୟ ହୃଦୟରେ ସୁପ୍ତ ହୋଇ ରହିଥିବା ଗୋ ପ୍ରେମକୁ ଜାଗ୍ରତ କରିବା ଉଦ୍ଦେଶ୍ୟରେ ଗୋ ମହିମା ପ୍ରଚାର ରଥଯାତ୍ରା ଆରମ୍ଭ ହୋଇଛି। ଗୋ ମାତାଙ୍କ ରକ୍ଷା ପାଇଁ ଜନସଚେତନତା ସୃଷ୍ଟି ନେଇ ପୁରୀ ଗୋବର୍ଦ୍ଧନ ପୀଠ ଓ ଉମରକୋଟ ଜଗନ୍ନାଥ ମନ୍ଦିରର ଦୁଇଟି ଗୋ ମହିମା ପ୍ରଚାର ରଥ ଗୁଣୁପୁର ଅଞ୍ଚଳରେ ଗ୍ରାମ ଗ୍ରାମରେ ବୁଲୁଥିବା ଦେଖାଯାଇଛି। ଏହି ଗୋ ରଥ ଯାତ୍ରା ସମୟରେ ସାଥିରେ ଆସିଥିବା ସୌମେନ୍ଦ୍ର କୁମାର ଦାସ ଏବଂ ଗୁଣପୁରରୁ ସ୍ୱାମୀ ନିର୍ବାଣ ନନ୍ଦ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ବିଜେଡିର ନୂତନ କମିଟିରେ ଗୁଡାରୀ ପରିଷଦ ଓ ବ୍ଲକରୁ ଚାରିଜଣ ମନୋନୀତ



ଗୁଡାରୀ, ୭।୨(ସମିସ): ରାୟଗଡ଼ା ଜିଲ୍ଲା ବିଜେଡିର ୪୬ ଜଣିଆ କମିଟି ସଦସ୍ୟଙ୍କ ନାମ ଶୁକ୍ରବାର ଦିନ ଘୋଷଣା କରାଯାଇଛି। ଦଳର ସୁପ୍ରିମ ନବୀନ ପଟ୍ଟନାୟକ ଜିଲ୍ଲା ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଦାୟିତ୍ୱ ଦେଇଥିବା ବେଳେ ବର୍ତ୍ତମାନ ଉପ ସଭାପତି, କୋଷାଧ୍ୟକ୍ଷ, ସାଧାରଣ ସମ୍ପାଦକ, ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଗୁଡିକ ପୂରଣ ହୋଇଛି। ଏଥିରୁ ଗୁଡାରୀ ପରିଷଦରୁ ସାଧାରଣ ସମ୍ପାଦକ ସୁବାଷ ଗୌଡ(ଟୁନା) ଏବଂ ଏମ.ପ୍ରାସାଦାଙ୍କୁ ମନୋନୀତ କରାଯାଇଥିବାବେଳେ ପଞ୍ଚାୟତ ପାଇଁ ବିଷ୍ଣୁ ପ୍ରସାଦ ଦେଓ ଏବଂ ସହଦେବ ଲିମା ସମ୍ପାଦକ ରୂପେ ମନୋନୀତ ହୋଇଛନ୍ତି। ସମ୍ପାଦକ, ସାଧାରଣ ସମ୍ପାଦକ ତାଙ୍କ ଉପରେ ରାଜ୍ୟ ବିଜେଡି ସଭାପତି ଆଶା ବିଶ୍ୱାସ ରଖି ତାଙ୍କୁ ପଦପଦବୀରେ ମନୋନୀତ କରିଥିବା ଯୋଗୁଁ ଧନ୍ୟବାଦ ଜଣାଇଛନ୍ତି। ଏଥିରେ ପରିଷଦର ବରିଷ୍ଠ କର୍ମୀ ସନ୍ତୋଷ ମହାନ୍ତି, ଦିଲିପ ସାହୁ, କେଦାର ସାହୁ, ଶୁସିଳ ଗୁରୁ, ଚନ୍ଦ୍ର ପଣ୍ଡା, ସଦା ପାଣିଗ୍ରାହୀ, ବିଜେଡି ସଭାପତି ଇଶ୍ୱର ପାଣିଗ୍ରାହୀ ୪ ପଦଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଦ୍ୟାଳୟସ୍ତରୀୟ ପରିଭ୍ରମଣ କାର୍ଯ୍ୟକ୍ରମ

ମାଥିଲି, ୭।୨(ସମିସ): ମାଲକାନଗିରି ଜିଲ୍ଲା ଉପାନ୍ତ ମାଥିଲି ବ୍ଲକ ଟେମୁରୁପାଲି ପଞ୍ଚାୟତ କୁକୁରକୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ତରୀୟ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଲିମି ପଞ୍ଚାୟତ ଚାମୁଣ୍ଡାରାଣି ନିକଟରେ ଥିବା ଏକାଗୋଡ଼ି ଜଳପ୍ରପାତ ପରିଭ୍ରମଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ବାଲ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟାମାନଙ୍କ ସହ କେତେକ ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ନକୁଳ ଚନ୍ଦ୍ର ବିଶ୍ୱାଳ ଛାତ୍ରଛାତ୍ରୀମାନଙ୍କୁ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଜଳପ୍ରପାତ କିପରି ସୃଷ୍ଟି ହେଉଛି, ଏବଂ ଭୂମିରୂପ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇ ଥିଲେ। ସେହିପରି ସହକାରୀ ଶିକ୍ଷକ ପି. ଜାନକୀ ରାଓ ପ୍ରାକୃତିକ ଭାବେ ଜଙ୍ଗଲ ସୃଷ୍ଟି ସହ ବୃକ୍ଷର ବିଭିନ୍ନ ଅଂଶ ଉପରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଭାରପ୍ରାପ୍ତ ଶିକ୍ଷକ ପ୍ରଧାନ ଶିକ୍ଷକ ରତ୍ନାକର ପାଳଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ଟେମୁରୁପାଲି ପଞ୍ଚାୟତ ସରପଞ୍ଚ ତୁମେଶ୍ୱର ସମରଥ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ସିଆରସି ସତ୍ୟବ୍ରତ ବେହେରା, ଟେମୁରୁପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଜେନା, ପରିଚାଳନା କମିଟି ସଭାପତି ମାରୁ ଦୂରୂଆ ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସ ଦୂରଭାଷ ଯୋଗେ ଛାତ୍ରଛାତ୍ରୀମାନଙ୍କୁ ବାର୍ତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଆଶିଷ କୁମାର ଓଡ଼ିଆ, ନିଳାରାମ ଦୁରୁଆ, ସନା ସୋଡ଼ି, ମଙ୍ଗଲି ସୋଡି, ମଙ୍ଗଳା ମିଡିଆମି, ବଳରାମ ଦୁରୁଆ, ବୁଦ୍ରୀ ସୋଡି, ବାଲମତି ଦୁରୁଆ, ସୁନୀଲ ଦୁରୁଆ ଉପସ୍ଥିତ ଥିଲେ।




# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ତେନ୍ତୁଲିଖୁଣ୍ଟି, ୭।୨(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ସ୍ଥିତ ସରକାରୀ ସ୍ନାତକ ମହାବିଦ୍ୟାଳୟତରେ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଶୁକ୍ରବାର ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଇନ୍ଦ୍ରାବତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିନୟ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଇନ୍ଦ୍ରାବତୀର ବିଶିଷ୍ଟ ବ୍ୟବସାୟୀ କୃପାନିଧି ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ରଶ୍ମିତାଞ୍ଜଳି କର୍କରାଙ୍କ ସହଯୋଗରେ ଏହି ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସରକାରୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ଡ. ଆଲବିନ ରିକୋ ଖାଲଖୋ ପରିଚାଳନା କରି ଛାତ୍ରଛାତ୍ରୀମାନଙ୍କୁ 'ନିଜେ ଶିକ୍ଷିତ ହେବା ସହ ଅନ୍ୟମାନଙ୍କୁ ଶିକ୍ଷା ଦେବା ଓ ନିଜେ ସୁରକ୍ଷିତ ରହିବା ସହ ଅନ୍ୟମାନଙ୍କୁ ସୁରକ୍ଷା ଦେବାରେ ଏହା ବେଶ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଆତ୍ମସୁରକ୍ଷା ତାଲିମ ଦାୟିତ୍ୱରେ ଥିବା ସୁଶ୍ରୀ ପୂର୍ବା ଭତ୍ରା, ଜି. ସୁନିତା, ଅଧ୍ୟାପକ ଡ. ବିରାଜ ଚଲାନ, ନିରଞ୍ଜନ ସାହୁ, କପିଳାସ କୁମ୍ଭାର, ଶ୍ରବଣ କୁମାର ପୂଜାରୀ, ଯୁଧିଷ୍ଠିର ବିଷୋୟୀ ଓ କଲେଜର ସମସ୍ତ କର୍ମଚାରୀ ତଥା ଛାତ୍ରଛାତ୍ରୀ ଉପସ୍ଥିତ ରହି ଶିବିରରେ ସକ୍ରିୟ ସହଯୋଗ କରିଥିଲେ।



# ବିଷମକଟକରେ ଜିଲ୍ଲାସ୍ତରୀୟ ନିଯୁକ୍ତିମେଳା

## ● ୧୨୮୧ ଆବେଦନ ପତ୍ର ଗ୍ରହଣ



ବିଷମ କଟକ, ୭।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକର ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ଜିଲ୍ଲାସ୍ତରୀୟ ନିଯୁକ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନିଯୁକ୍ତମେଳା ଆୟୋଜିତ ହୋଇଛି। ଏହି ମେଳାରେ ବିଷମ କଟକ ବିଧାୟକ ନିଳମାଧବ ହିକାକା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଗୁଣପୁର ଉପଜିଲ୍ଲାପାଳ ଅବିଶେଖ ଦୁଲାଲ, ଜିଲ୍ଲା ସ୍କିଲ ଡେଭଲପମେଣ୍ଟ ଅଧିକାରୀ ସ୍ୱର୍ଣ୍ଣ ଲତା ରାଉତ, ଗୋଳାବନ୍ଧ ଆର୍ମି ଲେଫ୍ଟନାଣ୍ଟ କର୍ଣ୍ଣଲ ଗଗନ ଦିପ ସିଂ, ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ବ୍ଲକ ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲ୍ଲା ତଥା ଜିଲ୍ଲା ବାହାରୁ ୬୨ ଟି ସରକାରୀ ସ୍ୱିକୃତିପ୍ରାପ୍ତ ଏବଂ କମ୍ପାନର ଷ୍ଟଲ ଖୋଲି ବିଭିନ୍ନ କ୍ଷେତ୍ରରେ ନିଯୁକ୍ତ ଆଶାୟୀମାନଙ୍କ ଅବେଦନ ପତ୍ର ଗ୍ରହଣ କରିଛନ୍ତି। ନିଯୁକ୍ତି ମେଳାରେ ସମୁଦାୟ ୧୨୮୧ଜଣ ଆବେଦନକାରୀ ନାମ ପଞ୍ଜିକୃତ କରିଛନ୍ତି। ଜିଲ୍ଲାସ୍ତରୀୟ ନିଯୁକ୍ତ ମେଳାରେ ବ୍ଲକ ବିଏସ୍‌ଏସ୍‌ଓ ମୁନା ତାଡିଙ୍ଗି, ସହକାରୀ ଯନ୍ତ୍ରୀ ରମେଶ ଚନ୍ଦ୍ର ସାହୁ, ଝରଣା ତ୍ରିପାଠୀ, ବ୍ଲକ ମଙ୍ଗଳ ଅଧିକାରୀ ଶୁଭପ୍ରଦା ଶାସମଲ, ସମସ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

# ତେଲେଙ୍ଗାନା ଚାଷୀଙ୍କ ଓଡ଼ିଶାର ଏପିସି ମଡେଲ ପରିଦର୍ଶନ

ପଟ୍ଟାଙ୍ଗି, ୭।୨(ସମିସ): ତୃଣମୂଳ ସ୍ତରରୁ ବଜାର ସଂଯୋଗ ପର୍ଯ୍ୟନ୍ତ କୃଷି ଉତ୍ପାଦନ କ୍ଲଷ୍ଟର୍-ଏପିସି ମଡେଲର କାର୍ଯ୍ୟକାରିତା ବୁଝିବା ଉଦ୍ଦେଶ୍ୟରେ ତେଲେଙ୍ଗାନାର ରାଜ୍ୟର ୭୫ରୁ ଉର୍ଦ୍ଧ୍ୱ ଚାଷୀ ଗଣ ପଟ୍ଟାଙ୍ଗି ଓ ସେମିଳିଗୁଡ଼ା ବ୍ଲକର କୃଷି ଉତ୍ପାଦନ କ୍ଲଷ୍ଟର୍ ଗୁଡ଼ିକୁ ପରିଦର୍ଶନ କରିଛନ୍ତି। ଭାରତ ରୁରାଲ୍ ଲାଇଭଲିହୁଡ୍ ଫାଉଣ୍ଡେସନ୍-ବିଆର୍‌ଏଲ୍‌ଏଫ୍‌ର ଏସ୍‌ପିଏମ୍ୟୁ ଟିମ୍ ସହ ଆସିଥିବା ଏହି ଚାଷୀମାନଙ୍କୁ ଫାଉଣ୍ଡେସନ୍ ଫର୍ ଇକୋଲୋଜିକାଲ୍ ସିକ୍ୟୁରିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଦୁଇଟି ପର୍ଯ୍ୟାୟରେ ହୋଇଥିବା ଏହି ଚାରି ଦିନିଆ ଶିକ୍ଷାମୂଳକ କାର୍ଯ୍ୟକ୍ରମରେ ଚାଷୀମାନେ ଉତ୍ପାଦନରୁ ବଜାର ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ବିଷୟରେ ତଥା ବିଶେଷକରି ଉତ୍ପାଦକ ଗୋଷ୍ଠୀ ଏବଂ ମହିଳା କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ ତଥା ସରକାରୀ ଯୋଜନାର ସଫଳ ରୂପାୟନ ମାଧ୍ୟମରେ ଜୀବିକା ବିକାଶ ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ନୂତନ ଜ୍ଞାନକୌଶଳ ଓ ମୂଲ୍ୟଯୁକ୍ତ ପ୍ରକ୍ରିୟାରେ ଚାଷୀମାନେ କୃଷି କ୍ଷେତ୍ରରେ ନୂତନ ପଦ୍ଧତି, ଗ୍ରୀନ୍ କଲେଜ୍ ଓଡ଼ିଶା ମାଧ୍ୟମରେ କରାଯାଇଥିବା ସେଠାରେ 'ମୃତ୍ତିକାବିହୀନ ନର୍ସରୀ' ମଡେଲ୍ ଏବଂ ଏହାବ୍ୟତୀତ 'ଅନ୍ନଦାତା' ଏବଂ 'ସନ୍ତୋଷୀ' ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଅଦା ପ୍ରକ୍ରିୟାକରଣ ୟୁନିଟ୍ ବୁଲି ଦେଖିଥିଲେ। କ୍ଷୁଦ୍ର ଚାଷୀମାନେ କିପରି ସ୍ଥାନୀୟସ୍ତରରେ ନିଜ ଉତ୍ପାଦର ମୂଲ୍ୟ ବୃଦ୍ଧି କରି ଲାଭବାନ ହୋଇପାରୁଛନ୍ତି। ସାମୂହିକ ଚାଷର ସଫଳତାରେ ଗୋଷ୍ଠୀ ଭିତ୍ତିକ କୃଷିର ଶକ୍ତିକୁ ପ୍ରଦର୍ଶିତ କରିଥିଲା 'ଶ୍ରୀରାମ', 'ଛୋଟିଗାଙ୍ଗାମା' ଏବଂ 'ମାଲିମାର୍ଲା' ଉତ୍ପାଦକ ଗୋଷ୍ଠୀର କାର୍ଯ୍ୟଧାରା। ଏଠାରେ ଚାଷୀମାନେ କିପରି ସାମୂହିକ ଭାବେ ପନିପରିବା ଏକତ୍ରୀକରଣ କରୁଛନ୍ତି, ତାହା ତେଲେଙ୍ଗାନା ଦଳ ଦେଖିଥିଲେ। ଏହି ବିଭିନ୍ନ ଚାଷର ମାଧ୍ୟମ ଗୁଡ଼ିକୁ ପରିଦର୍ଶନ କରି ଦେଖିଥିଲେ। ପଟ୍ଟାଙ୍ଗି ଓ ସେମିଳିଗୁଡ଼ା ଏପିସିର ସଫଳ ଯାତ୍ରା ତେଲେଙ୍ଗାନା ଚାଷୀଙ୍କ ପାଇଁ ଏକ ପ୍ରେରଣାର ଉତ୍ସ ପାଲଟିଛି। ଏହି ଅନୁଭୂତିକୁ ପାଥେୟ କରି ସେମାନେ ନିଜ ରାଜ୍ୟରେ ଏଭଳି ସଫଳ ମଡେଲ୍ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଆରଏଲଏଫ ତେଲେଙ୍ଗନା ଟିମ ତରଫରୁ ଟି ତରୁଣ, ନୀରଜ କୁମାର ଏବଂ ଲିଜାଲିନ ମହାରଣା, ଫାଉଣ୍ଡେସନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି ପଟ୍ଟାଙ୍ଗୀ ଓ ସେମିଳିଗୁଡାରୁ ଦିଲ୍ଲୀପ କୁମାର ଚମ୍ପି, ରମେଶ ଚୌଧୁରୀ, କୃତିକା ମହାନ୍ତି, କେ. ମୁରଲୀ କ୍ରୀଷ୍ଣା ଏବଂ ଗୋଷ୍ଠୀ ସାଧନ ବ୍ୟକ୍ତି ଜୟନ୍ତୀ ଧଳ, ତ୍ରିନାଥ ଖିଲ ସମେତ ଆଞ୍ଚଳିକ ମହିଳା ଫାର୍ମର୍ସ ପ୍ରଡ୍ୟୁସର୍ କମ୍ପାନୀ ନିର୍ଦ୍ଦେଶିକା ଲାକି ଜାନି ଓ ନିର୍ବାହୀ ଅଧିକାରୀ ବସନ୍ତ ଅଠର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ସଭ୍ୟପଦ ନ ଥାଇ ସରପଞ୍ଚ ଓ ସମିତି ସଭ୍ୟ କଂଗ୍ରେସରୁ ବହିଷ୍କାର ଅଭିଯୋଗ

ଗୁଡାରୀ, ୭।୨(ସମିସ)

ଗୁଡାରୀ ବ୍ଲକରେ ଆଗତ ହୋଇଥିବା ଅନସ୍ଥା ପ୍ରସ୍ତାବରେ କଂଗ୍ରେସ ଦଳରୁ ୮ ଜଣ ସମିତିସଭ୍ୟ, ସରପଞ୍ଚ, ବରିଷ୍ଠ ନେତା ରଘୁନାଥ ପାତ୍ର ସହଯୋଗ କରିଥିଲେ। ଏଥିରେ ପ୍ରଦେଶ କଂଗ୍ରେସ କମିଟି ଖପ୍ପା ହୋଇ ବୁଧବାର ଦିନ ଉକ୍ତ ୮ଜଣକୁ ଦଳରୁ ବହିଷ୍କାର କରିଥିବା ଚିଠିରେ ଉଲ୍ଲେଖ କରିଛି। ଏହା ଶୁଣିବା ପରେ ଏମକେ ରାଇ ସମିତି ସଭ୍ୟ ଅର୍ଜୁନ ଶବର ଏବଂ ମଧୁବନ ସରପଞ୍ଚ ବଂଶିଧର ଶବର ସେମାନେ କୌଣସି ଦଳର ସଭ୍ୟ ପଦ ଗ୍ରହଣକରି ନଥିବା କହିବା ସହ କଂଗ୍ରେସ ଦଳ କାହା କଥା ଶୁଣି ଆମକୁ ବହିଷ୍କାର କରିଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଏହା ଦଳ ପାଇଁ ହାସ୍ୟାସ୍ପଦର କଥା ବୋଲି ସେ କହିଛନ୍ତି। ଅନ୍ୟପଟେ ବଂଶି କହିଛନ୍ତି, ଆମେ ଗୁଣପୁର ଉପାଧ୍ୟକ୍ଷ ସାନଗୌଡ ହିଁ ଆମର ସବୁ କିଛି ଓ ସେହି ସମୟରେ ଶ୍ରୀ ଗୌଡ ସମର୍ଥନ କରିବା ପାଇଁ କହିଥିଲେ, ଏଣୁ ଦଳକୁ ସମର୍ଥନ କରିଥିଲୁ। କିନ୍ତୁ କଂଗ୍ରେସ ଦଳ ସଭ୍ୟ ଗ୍ରହଣ କରିନୁ ବୋଲି ରୋକ୍‌ଠୋକ୍ ମନା କରିଦେଇଛନ୍ତି। ଯାହାକୁ କର୍ମୀ ମହଲରେ ତୀବ୍ର ନିନ୍ଦା କରାଯାଯାଇଛି। ଏଠାରେ ସୂଚନାଯୋଗ୍ୟ, ଗୁଡ଼ାରୀ ବ୍ଲକ ରାଜନୀତିରେ ଦୀର୍ଘ ମାସ ଧରି ଆଇନଗତ ଲଢ଼େଇ ପରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀ ଶବର ଅନାସ୍ଥା ଭୋଟରେ ପରାଜିତ ହୋଇ ପଦ ହରାଇଛନ୍ତି। ଭାରପ୍ରାପ୍ତ ବ୍ଲକ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ବିଶ୍ୱନାଥ ଶବର। ଏହି ଘଟଣା ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ସହଯୋଗୀମାନଙ୍କୁ ଶକ୍ତ ଧକ୍କା ଲାଗିଛି। ସେ ପୂର୍ବ ଅଧ୍ୟକ୍ଷା ଲକ୍ଷ୍ମୀ ଶବର ବଞ୍ଚାଇବା ପାଇଁ ହାଇକୋର୍ଟ ପର୍ଯ୍ୟନ୍ତ ଲଢ଼େଇ କରି ମଧ୍ୟ ବିଫଳ ହୋଇଥିଲେ। ଏବେ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ଉପରେ ଦୋଷ ଲଦିବାକୁ ଦେଇ ପ୍ରଦେଶ କଂଗ୍ରେସ ଶୃଙ୍ଖଳା କାର୍ଯ୍ୟାନୁଷ୍ଠାନ କମିଟିର ଅଧ୍ୟକ୍ଷ ସୁଜିତ ପାଢ଼ି ବହିଷ୍କାର ଆଦେଶ ଜାରି କରିଛନ୍ତି। କିନ୍ତୁ ଏଥିରୁ ଏମକେ ରାଇ ସମିତି ସଭ୍ୟ ଏବଂ ମଧୁବନ ସରପଞ୍ଚ ଦଳର କୌଣସି ସଭ୍ୟ ପଦରେ ନାହୁଁ ବୋଲି କହିବା କେତେ ଦୂର ଯଥାର୍ଥ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହୋଇଛି।

**ସାଧାରଣରେ ଚର୍ଚ୍ଚା**

# କାଣଶୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

କଲ୍ୟାଣସିଂହପୁର, ୭।୨(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାରସାଲି ପଞ୍ଚାୟତର କାଣଶୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତହସିଲଦାର ରଞ୍ଜନ କୁମାର ମାନସେଠ, ସମ୍ମାନିତ ଅତିଥି ଅଞ୍ଚଳବାଡ଼ି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିନାଥ ଶବର, ଆଦର୍ଶ ବିଦ୍ୟାଳୟର ଅଧ୍ୟାପକ ସଙ୍ଗିତ ପାଳାକା, ଶିବ ନାରାୟଣ ବାରିହା, ଆଲୋକ କୁମାରଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ମଞ୍ଚାସିନ ରହିଥିଲେ। ଛାତ୍ରଛାତ୍ରୀମାନେ ରଙ୍ଗୀନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଙ୍ଗୀତ ଓ ନାଟକ ପରିବେଶନ କରି ସମସ୍ତଙ୍କୁ ମୁଗ୍ଧ କରିଥିଲେ। କ୍ରୀଡା, ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଧଳ ସଭାପତିତ୍ୱ କରିଥିଲେ।



# ଅାଣ୍ଡେଇଛି ଧାନ କିଣା ବ୍ୟବସ୍ଥା

## ମଣ୍ଡି ବୁଲିଲେ ଉପଜିଲ୍ଲାପାଳ



**ବିଞ୍ଝାରପୁର/ପ୍ରୀତିପୁର, ୭।୨(ସମିସ)**

ବିଞ୍ଝାରପୁର ବ୍ଲକର ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ କରିଛନ୍ତି ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ। ଆଜି ପୂର୍ବାହ୍ନରେ ଯାଜପୁର ଉପଜିଲ୍ଲାପାଳ ଚିକଣା, ଘଣ୍ଟିଆଳି, ଅରେଇ ଆଦି ସ୍ଥାନରେ ଥିବା ଧାନ ମଣ୍ଡିକୁ ଗସ୍ତ କରି ସ୍ଥିତି ସମୀକ୍ଷା କରିଛନ୍ତି। ବିଞ୍ଝାରପୁର ବ୍ଲକରେ ୧ ଲକ୍ଷ ୪୬ ହଜାର କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ସରକାରଙ୍କ ପକ୍ଷରୁ ଟୋକନ ବ୍ୟବସ୍ଥା ହୋଇଥିବା ବେଳେ ଅଦ୍ୟାବଧି ମାତ୍ର ୪୬ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି। ମିଲରମାନଙ୍କ ମନମାନି ପାଇଁ ଅଧିକାଂଶ ସ୍ଥାନରେ ଧାନ ଉଠିପାରୁନଥିବା ଚାଷୀ ଅଭିଯୋଗ କରିଥିଲେ। ଚାଷୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ମିଲର ମାନେ ଧାନ କ୍ରୟରେ ବିଳମ୍ବ ନକରିବାକୁ ଉପଜିଲ୍ଲାପାଳ କହିବା ସହିତ ପ୍ରତ୍ୟେକ ଧାନ ମଣ୍ଡିକୁ ନୋଡାଲ ଅଫିସର ଓ ଦାୟିତ୍ୱରେ ଥିବା ଅଧିକାରୀ ମାନେ ଗସ୍ତ କରି କିଭଳି ଚାଷୀଙ୍କ ଠାରୁ ସୂଚାରୁ ଭାବେ ଧାନ କିଣାଯିବ ସେନେଇ ବ୍ୟବସ୍ଥା କରିବାକୁ ତାଗିଦ କରିଛନ୍ତି। ଯଦି ଅଧିକାରୀ ମାନଙ୍କ ଅବହେଳାରୁ ଧାନ କିଣାରେ ଅନିୟମିତତା ନଜରକୁ ଆସେ ତେବେ ସେମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଉପଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଚାଷୀଙ୍କ ଠାରୁ କଟ୍‌ନୀ ଛଟ୍‌ନୀ କରାଯାଉଥିବା ପ୍ରଶ୍ନର ଉତ୍ତରରେ ଉପଜିଲ୍ଲାପାଳ କହିଛନ୍ତି ଉପଯୁକ୍ତ ପ୍ରମାଣ ସହିତ ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଉପଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ତହସିଲଦାର ସାରସ୍ୱତ ସାହୁ, ଯୋଗାଣ ଅଧିକାରିଣୀ ରଶ୍ମି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସିପିଆଇ ପକ୍ଷରୁ ଦାବିପତ୍ର ପ୍ରଦାନ



**ଦଶରଥପୁର, ୭।୨(ସମିସ):** ଧାନ କିଣାରେ ଅବ୍ୟବସ୍ଥା, କଟ୍‌ନୀ ଛଟ୍‌ନୀ ବନ୍ଦ କରିବା, ୩୧୦୦ଟଙ୍କା କୁଣ୍ଟାଲ ପ୍ରତି ମୂଲ୍ୟରେ ସମସ୍ତ ଚାଷୀର ଧାନ କ୍ରୟ କରିବା ଆଦି ୧୨ଟି ଦାବିକୁ ନେଇ ସିପିଆଇ ପକ୍ଷରୁ ଆନ୍ଦୋଳନ କରାଯାଇଛି। ଦଶରଥପୁର ବ୍ଲକ କାଟିଆ ଛକରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଫାଟକ ନିକଟରେ ପହଞ୍ଚିଥିଲେ। ବର୍ଷିୟାନ କୃଷକ ନେତା ସନାତନ ତ୍ରିପାଠୀଙ୍କ ସଭାପତିତ୍ୱରେ ବ୍ଲକ ମୁଖ୍ୟ ଫାଟକ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ କମିଟିର ସମ୍ପାଦକ ଏସ୍ ଶତପଥୀ, ଜିଲ୍ଲା ସହ ସମ୍ପାଦକ ଅଭୟ କୁମାର ପଣ୍ଡା, ବିଜୟ କୁମାର ନାୟକ, ଚୌଧୁରୀ ଜେନା, ଶିକ୍ଷକ ନେତା ନିରଞ୍ଜନ ବିଶ୍ୱାଳ, ଦୁର୍ଯ୍ୟୋଧନ ବାରିକ, ସୁରେନ୍ଦ୍ର ମଲ୍ଲିକ, ମଳୟ କୁମାର ପଣ୍ଡା ଉଦବୋଧନ ଦେଇଥିଲେ। ରାଧେଶ୍ୟାମ ରାଉତ, ଲକ୍ଷ୍ମୀକାନ୍ତ ବାରିକ, ପୁରସ୍ତମ ବେହେରା, ବନମାଳୀ ଦାସ, ପ୍ରାଣକୃଷ୍ଣ ଦଳାଇ, ବଂଶୀଧର ଦାସ, ପୂର୍ଣ୍ଣ ଜେନା, ବିଷ୍ଣୁ ଚରଣ ଦାସ, ରମେଶ ବେହୁରାଙ୍କ ସମେତ ଶତାଧିକ କୃଷକ, କ୍ଷେତ ମଜଦୁର, ମହିଳା, ଯୁବ, ଛାତ୍ରଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶେଷରେ ଏକ ପ୍ରତିନିଧି ଦଳ ବ୍ଲକ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ୧୨ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ଜରାଶ୍ରମରେ ପାଳିଲେ ସଙ୍ଘର ବାର୍ଷିକ ଉତ୍ସବ

**ବ୍ରହ୍ମବରଦା, ୭।୨(ସମିସ):** ରସୁଲପୁର ବ୍ଲକ ଅର୍ନ୍ତଗତ ବ୍ରହ୍ମବରଦା ପଞ୍ଚାୟତ ଠାରେ ଥିବା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ୧୬ତମ ବାର୍ଷିକ ଉତ୍ସବ ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ପତିଙ୍କ ସଭାପତିତ୍ୱରେ ବରିଷ୍ଠ ନାଗରିକ ଗୃହ ସାହାପଡ଼ା ବ୍ରହ୍ମବରଦା ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ମହମ୍ମଦ ଇବ୍ରାହିମ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ପଦ୍ମନାଭ ସାହୁ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ, ଯୁବନେତା ପ୍ରଦୀପ ଦାସ, ପ୍ରଫୁଲ୍ଲ ଗିରି ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ବ୍ରହ୍ମବରଦା ଓ ବନ୍ଧଡିହ ଅଞ୍ଚଳର ଡାକ୍ତରୀ ପାଠ ଅଧ୍ୟୟନ କରୁଥିବା ଅନୁପମା ବାରିକ ଓ ପତିତପାବନ ବେହେରାଙ୍କୁ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧିତ କରିବା ସହ ଜରାଶ୍ରମର ସଭାପତି ସତ୍ୟସୁନ୍ଦର ସାହଙ୍କୁ ମଧ୍ୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜରାଶ୍ରମର ୧୪ଜଣ ମହିଳା ଓ ୧୧ଜଣ ପୁରୁଷଙ୍କୁ ସଙ୍ଘ ପକ୍ଷରୁ ବସ୍ତ୍ର ପ୍ରଦାନ କରାଯାଇଥିଲା। ଏହି ସଭାରେ ସଙ୍ଘର ସଭାପତି ବିଶ୍ୱନାଥ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିଶୁକବି ଡା. ରାଜକିଶୋର ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ ଏବଂ ଜାବିର ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ। ସଙ୍ଘର ସଭାପତି ଅକ୍ତର ହୁସେନ ଖାଁ, ସଦସ୍ୟ ନାରାୟଣ ଦାସ, ନିମାଇଁ ଚରଣ ଦାସ, ତ୍ରିଲୋଚନ ମହାପାତ୍ର, ବିଷ୍ଣୁଚରଣ ସାହୁ, ବାଇଧର ସାହୁ, ତଜମୁଲ ହୁସେନ, ଡ. ଅବଦୁଲ ରୋପ ଖାଁ, ଶହିଦ ଅଲ୍ଲୀ, ଜଗବନ୍ଧୁ ଶତପଥି ଏବଂ ଅକ୍ଷୟ ଜେନା ପ୍ରମୁଖ ଉପସ୍ଥିତ ରହି ସଭାକାର୍ଯ୍ୟରେ ସହଯୋଗ କରିଥିଲେ।

## ଧରମପୁର ବିଦ୍ୟାଳୟର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ




**ମଙ୍ଗଳପୁର, ୭।୨(ସମିସ):** ଦଶରଥପୁର ବ୍ଲକ କୟାଁ ଧରମପୁର ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ବାର୍ଷିକ କ୍ରୀଡା ଓ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ବ୍ଲକ ଏବିଓ ନୃସିଂହ ଚରଣ ମହାନ୍ତି, ମୁଖ୍ୟବକ୍ତା ଭାବେ କୟାଁ ପଞ୍ଚାୟତର ସମିତିସଭ୍ୟ ରୋଶନ ଦାସ, ସମ୍ମାନିତ ଅତିଥି ଭାବେ ଜୟଚଣ୍ଡୀ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରିୟରଞ୍ଜନ ଦାଶ, କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁଃଶାସନ ନାୟକ, ଲୋକନାଥ ଦାସ, ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ଶିକ୍ଷକ ଅମିତ ମହାପାତ୍ର, ଦୁଃଶାସନ ସେଠୀ, ରଜନୀ ରାଣୀ ସାହୁ ବାର୍ଷିକ କ୍ରୀଡ଼ାଟିକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତାରେ ତାପସ ରଣା, ପ୍ରିୟଦର୍ଶିନୀ ସାମଲ, ନରେଶ ଦାସ ବିଚାରକ ରୂପେ ଯୋଗ ଦେଇଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଦାନଗଦି, ୭।୨(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ଗହିରପାଟୁଳି ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବିନୋଦ ବିହାରୀ ଆଇଚଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଡ.ପ୍ରଦୀପ ବଳସାମନ୍ତ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟର ଜୋନ୍ ଅଧ୍ୟକ୍ଷ ଦିଲ୍ଲୀପ କୁମାର ସାହୁ, ଦାନଗଦି ବ୍ଲକ ବିଡିଓ ପ୍ରଦୀପ କୁମାର ସେଠୀ, ବିଜେପି ଜିଲ୍ଲା ସମ୍ପାଦକ ସୁଧାଂଶୁ ଶେଖର ଭଞ୍ଜ, ରାଣୀପଡ଼ା ସରପଞ୍ଚ ଗୀତାଞ୍ଜଳି ବେହେରା, ବ୍ଲକ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ପୁହାଣ ସହିତ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିମାନେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ମଧୁପୁର ମହାବିଦ୍ୟାଳୟ ବାର୍ଷିକ ଉତ୍ସବ

**ମଧୁବନ, ୭।୨(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ କଳଣ ପଞ୍ଚାୟତସ୍ଥିତ ମଧୁପୁର ମହାବିଦ୍ୟାଳୟର ୪୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଏହି କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ରମାକାନ୍ତ ନାୟକ, ଅନ୍ୟତମ ସମ୍ମାନିତ ଅତିଥି ଏହି କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲ। ସଂସ୍କୃତି ବିଭାଗର ଅଧ୍ୟାପକ ବିନୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ଶୁଭାଶିଷ ନାୟକ, ବିଷ୍ଣୁପ୍ରିୟା ମଳିକ ଓ ରୋହିଣୀ ଗମାଙ୍ଗ ସଂଯୋଜନା କରିଥିଲେ। ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସଂସ୍କୃତି ସପ୍ତାହର ଚାମ୍ପିୟନ ଯୁକ୍ତ ୨ର ଶ୍ରୀକାନ୍ତ ଲେଙ୍କା ଓ ଯୁକ୍ତ ୩ର ଅସିୟା ସାହୁ ଏବଂ ଅନ୍ୟ କୃତି ପ୍ରତିଯୋଗୀଙ୍କୁ ଅତିଥି ମାନେ ମାନପତ୍ର ପୁରସ୍କାର ପ୍ରଦାନ କରିଥିଲେ। ଅଧ୍ୟାପକ ଡ ସତ୍ୟପ୍ରିୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ୱେଷଣ ପରିବାର ପକ୍ଷରୁ ନରନାରାୟଣ ସେବା



**ଯାଜପୁର, ୭।୨(ସମିସ):** ଯାଜପୁର ଜିଲ୍ଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପର କୋର କମିଟିର ଅଧ୍ୟକ୍ଷ ସେକ୍ ଅବଦୁଲ୍ ସାଜିଦ ଙ୍କ ଜନ୍ମଦିନ ଅବସରରେ ମେଡିକାଲ ଛକ ନିକଟରେ ପଥଚାରୀମାନଙ୍କୁ ଅନ୍ନ ଯଜ୍ଞ ମାଧ୍ୟମରେ ନାରନାରାୟଣ ସେବା ପ୍ରଦାନ କରାଯାଇଥିଲା। ଏହି ମହତ୍ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତି ଭୂଷଣ ମିଶ୍ର ଓ ପ୍ରବଚକ ଅଧିକାରୀ ନବକିଶୋର ଦାସ, ସମାଜସେବୀ ଟୁନି ସାହୁ, ସମାଜସେବୀ ସ୍ୱଦେଶ ପଟ୍ଟନାୟକ, କାଉନସିଲର ମାନସ ଗୋବିନ୍ଦ ପତି ପ୍ରଥମେ ଶୁଭାରମ୍ଭ କରି ପଥଚାରୀମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ଉପସଭାପତି ସୁବାସ ଚନ୍ଦ୍ର ଦେବତା, ସହ ସମ୍ପାଦିକା ଶକୁନ୍ତଳା ବେହେରା, କୋର୍ କମିଟିର ସଦସ୍ୟ ଭରତ ଚନ୍ଦ୍ର ବେହେରା, ରବିନାରାୟଣ ରାଉତ, ଅଶୋକ କୁମାର ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ରାଉତରାୟ, ସୂର୍ଯ୍ୟକାନ୍ତ ସେଠୀ, କୋଷାଧ୍ୟକ୍ଷ ଜିତେନ୍ଦ୍ର ନାଥ ରାଉତ, ସହ ସଙ୍ଗଠନ ସମ୍ପାଦକ ତାରାକାନ୍ତ ମଲ୍ଲିକ, ବରିଷ୍ଠ ସଦସ୍ୟ ଶିଶିର କୁମାର ମହାପାତ୍ର, ରଜତ କୁମାର ମିଶ୍ର, ଗୋପାଳ ଚନ୍ଦ୍ର ବେହେରା, ଶ୍ୟାମସୁନ୍ଦର ନାୟକ, କିଶୋର କୁମାର ଦାସ, ଗୌତମ ମହାରଣ୍ୟ, ସଦସ୍ୟ ମାମାଲୀ ସାହୁ, ରଶ୍ମି ସାହୁ, ମୁସ୍ତରି ବେଗମ, ଅନୱାର ଅଲ୍ଲୀ, ସରଫରାଜ୍ ଖାଁ ପ୍ରମୁଖ ସହଯୋଗ କରିଥିଲେ। ସମ୍ପାଦକ ଅଭିମନ୍ୟୁ ମିଶ୍ର ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ।

## ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




**ଧର୍ମଶାଳା, ୭।୨(ସମିସ):** ଜାରକାସ୍ଥିତ ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟ ଏବଂ ଉଚ୍ଚ ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଯୁକ୍ତ ୩ ଶ୍ରେଣୀର ପ୍ରଥମ ବର୍ଷର ଛାତ୍ରୀ ମାନଙ୍କୁ ନେଇ 'ଆତ୍ମ ସୁରକ୍ଷା ଶିବିର' ଗତକାଲି ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିର ରେ ମୋଟ ୭୨ ଜଣ ଛାତ୍ରୀ ଅଂଶଗ୍ରହଣ କରିବେ। ଏହି ଆତ୍ମସୁରକ୍ଷା କାର୍ଯ୍ୟକ୍ରମରେ ସଂଯୋଜିକା ଭାବେ ସସ୍ମିତା ରାଉତରାୟ, ଅଧ୍ୟାପିକା, ଇଂରାଜୀ ବିଭାଗ ଥିବା ବେଳେ ଟ୍ରେନର ଭାବେ ସୁଶ୍ରୀ ଜ୍ୟୋତ୍ସ୍ନାମୟୀ ୮ ଦିନ ଧରି ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ କଳା କୌଶଳ ପ୍ରଶିକ୍ଷଣ ମାଧ୍ୟମରେ ଛାତ୍ରୀ ମାନଙ୍କୁ ପ୍ରଦାନ କରିବେ। ଏଥିରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ମାନେ ସହଯୋଗ କରିଥଲେ।

## ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷା ପାଇଁ ସମୀକ୍ଷା

# ଜିଲ୍ଲାରେ ୧୫୧ଟି ମାଟ୍ରିକ ପରୀକ୍ଷା କେନ୍ଦ୍ର




**ଯାଜପୁର, ୭।୨(ସମିସ):** ଚଳିତ ବର୍ଷ ହେବାକୁ ଥିବା ମାଟ୍ରିକ ପରୀକ୍ଷା ଏବଂ ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ଏକ ସମୀକ୍ଷା ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଶିକ୍ଷା ବିଭାଗର ସଚିବ, ନିର୍ଦ୍ଦେଶକଙ୍କ ସମେତ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ, ଏସ୍‌ପି, ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀ ଯୋଗ ଦେଇଥିଲେ। ମାଟ୍ରିକ ଓ ଯୁକ୍ତ ଦୁଇ ପରୀକ୍ଷାକୁ କିପରି ଶାନ୍ତିଶୃଙ୍ଖଳାର ସହ ବିନା କୌଣସି ବିଭ୍ରାଟରେ କରାଯାଇପାରିବ, ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଯାଜପୁର ଜିଲ୍ଲାରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ମୋଟ ୧୦ଟି ନୋଡାଲ କେନ୍ଦ୍ର ଏବଂ ୧୫୧ଟି ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଯୁକ୍ତ ଦୁଇ ପରୀକ୍ଷା ପାଇଁ ଯାଜପୁର ଜିଲ୍ଲାରେ ମୋଟ ୭ଟି ପରୀକ୍ଷା ପରିଚାଳନା ହବ୍ ସହ ୫୬ଟି ପରୀକ୍ଷା କେନ୍ଦ୍ର ଏହି ସମସ୍ତ ପରୀକ୍ଷା କେନ୍ଦ୍ରଗୁଡିକୁ ଏକ ସମନ୍ୱିତ କମାଣ୍ଡ କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ନିରୀକ୍ଷଣ କରାଯିବ। ପରୀକ୍ଷା ପରିଚାଳନା ହବଗୁଡିକରେ ସିସିଟିଭି ସ୍ଥାପନ କରାଯାଇଛି। ପ୍ରଶ୍ନପତ୍ର ଯେପରି ଲିକ୍ ନ ହୁଏ, ସେ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ପରୀକ୍ଷା କେନ୍ଦ୍ରଗୁଡିକରେ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରିବା ସହ ପ୍ରଶ୍ନପତ୍ରର ସୁରକ୍ଷା ପାଇଁ ପର୍ଯ୍ୟାପ୍ତ ପୁଲିସ କର୍ମଚାରୀ ନିୟୋଜିତ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପରୀକ୍ଷାର୍ଥୀ ଏବଂ ପରୀକ୍ଷା କେନ୍ଦ୍ରରେ ନିୟୋଜିତ କର୍ମଚାରୀ କୌଣସି ପ୍ରକାର ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଏବଂ ମୋବାଇଲ ପରୀକ୍ଷା ହଲ୍ ଭିତରକୁ ନେଇପାରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହି ଆଭାସୀ ବୈଠକରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁଙ୍କ ସହ ବିଭିନ୍ନ କଲେଜ ଅଧ୍ୟକ୍ଷମାନେ ଉପସ୍ଥିତ ଥିଲେ।

## ମଦ୍ୟପ ଡ୍ରାଇଭରଙ୍କ ଗାଡ଼ି ଧକ୍କାରେ ଯୁବକ ମୃତ

**ମଙ୍ଗଳପୁର, ୭।୨(ସମିସ):** ମଦ୍ୟପ ଡ୍ରାଇଭରଙ୍କ ଗାଡି ଧକ୍କାରେ ଚାଲିଗଲା ଏକ ନିରୀହ ଜୀବନ। କାର୍ ଚଢ଼େଇ ନେଇଗଲା ୨୫ବର୍ଷୀୟ ଯୁବକଙ୍କ ଜୀବନ। ବାଇକରେ ଫେରୁଥିଲେ ଦୁଇ ସାଙ୍ଗ। ପଛପଟୁ ସିଧା ଗାଡ଼ି ଚଢ଼େଇଦେଲା ମଦ୍ୟପ ଡ୍ରାଇଭର। ଏମିତି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି ଭୁବନେଶ୍ୱର ଧଉଳି ଥାନା ଅଧୀନସ୍ଥ ବଡ଼ଧାନପୁର ଠାରେ। ସୂଚନା ଅନୁସାରେ ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତ କସବା ଗ୍ରାମର ଚକ୍ରଧର ମହାରଣାଙ୍କ ଏକମାତ୍ର ପୁତ୍ର ଚନ୍ଦ୍ରକାନ୍ତ ମହାରଣା (୨୫) ବାଇକ୍‌ରେ ସେ ଓ ତାଙ୍କ ସାଙ୍ଗ (ଗଞ୍ଜାମ) ଗତ ୪ତାରିଖ ରାତିରେ ଏକ ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ କାରଟି ସିଧା ପଛପଟୁ ବାଡେଇଦେଇଥିଲା। କିଛି ବୁଝିବା ଆଗରୁ ଚାଲିଗଲା ନିରୀହ ଚନ୍ଦ୍ରକାନ୍ତଙ୍କ ଜୀବନ ଓ ତାଙ୍କ ସାଙ୍ଗ ଗୁରୁତର ଅବସ୍ଥାରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଧଉଳି ଥାନା ଅଧିକାରୀ ଖବର ପାଇ ଘଟଣା ସ୍ଥଳକୁ ଯାଇ ୧୦୮ ଆମ୍ବୁଲାନ୍ସରେ ଉଭୟଙ୍କୁ ମେଡିକାଲ ପଠାଇଥିବା ବେଳେ ଡାକ୍ତର ଚନ୍ଦ୍ରକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ଚନ୍ଦ୍ରକାନ୍ତଙ୍କ ବିୟୋଗରେ ଶୋକର ଗ୍ରାମରେ ଛାୟା ଖେଳି ଯାଇଛି। ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହିତ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ।

## ଜାତୀୟ ରଗ୍‌ବି ଖେଳାଳିଙ୍କୁ ସମ୍ବର୍ଦ୍ଧନା



**ଦଶରଥପୁର, ୭।୨(ସମିସ):** ଦିଲ୍ଲୀ ସ୍ଥିତ ତ୍ୟାଗରାଜ ସ୍ପୋର୍ଟସ କମ୍ପ୍ଲେକ୍ସ ଷ୍ଟାଡିୟମରେ ଜାତୀୟ ଉଚ୍ଚ ବିଦ୍ୟାଳୟ ରଗବି ଫୁଟବଲ ଚାମ୍ପିଅନସିପ ପାଇଁ ଓଡ଼ିଶା ଉଚ୍ଚ ବିଦ୍ୟାଳୟ ଶିକ୍ଷା ବିଭାଗ ଦଳରେ ଯାଜପୁର ଜିଲ୍ଲାର ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ଛାତ୍ର ସାଇଶ୍ରୀ ସତ୍ୟବ୍ରତ ସାହୁ ଓ ଶୁଭ୍ରଜିତ୍ ମହାପାତ୍ର ସ୍ଥାନ ପାଇ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ତାଙ୍କର ଏହି ସଫଳତାରେ ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଶନିବାର ଅଧ୍ୟକ୍ଷ ଡ.କାହ୍ନୁଚରଣ ମିଶ୍ରଙ୍କ ସଭାପତିତ୍ୱରେ ବରିଷ୍ଠ ଶିକ୍ଷାବିତ୍ ଲକ୍ଷ୍ମୀପ୍ରିୟା ପୃଷ୍ଟି, କୈଳାଶ ସେନାପତି, ସୁରେଶ କୁମାର ପାଢ଼ୀ, ମନୋରଞ୍ଜନ କର, ଅମ୍ରିତ୍ ତ୍ରିପାଠୀ, ଅମିତାଞ୍ଜଳି ନନ୍ଦ, ସ୍ନେହମୟୀ ତ୍ରିପାଠୀ, ବିଭୁଦତ୍ତ ପଣ୍ଡା, ସୁନୀତା ହୋତା, ଶର୍ମିଷ୍ଠା ଦାସ, ବନିତା ତରାଇ ପ୍ରମୁଖ ଯୋଗଦେଇ ଦୁଇ ଜଣ କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିରଜା ପ୍ରାସାଦ ଦାସ, ଶରତ ସାହୁ, ପ୍ରଫୁଲ୍ଲ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ତାଙ୍କର ଏହି ସଫଳତାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକିର ମୋହନ୍ ଟୁଡୁ, ଜିଲ୍ଲା ରଗବୀ ଫୁଟବଲ ଆସୋସିଏସନ୍‌ର ସଭାପତି ନାରାୟଣ ଚନ୍ଦ୍ର ସାହୁ ଓ ସମ୍ପାଦକ ଭରତ ସାହୁ ଓ ତାଙ୍କ କୋଚ୍ ବିଶାଳ ଚୌଧୁରୀଙ୍କ ସମେତ ବହୁ କ୍ରୀଡାବିତ୍ ଶୁଭେଚ୍ଛା ଜଣାଇଛନ୍ତି।

## ଚଷାଖଣ୍ଡ-ପାଳଟପୁର ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର

# ଜିଲ୍ଲାପାଳ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି

**ମଙ୍ଗଳପୁର, ୭।୨(ସମିସ)**



ସରକାର ରାସ୍ତା ଘାଟର ଉନ୍ନତି କରଣ ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କେତେକ ସ୍ଥାନରେ ଦୁର୍ନୀତିଗ୍ରସ୍ତ ଠିକାଦାର ଓ ବେପରୁଆ ବିଭାଗୀୟ ଅଧିକାରୀମାନଙ୍କ ପାଇଁ ସରକାରଙ୍କ ଯୋଜନା ଗୁଡିକର ସଫଳ ରୂପାୟନ ହୋଇପାରୁନଥିବା ଦେଖିବା ପାଇଁ ମିଳିଛି। ଏପରିକି କୋଟି କୋଟି ଟଙ୍କାରେ ନିର୍ମିତ ପ୍ରକଳ୍ପ ଗୁଡିକ ଅଳ୍ପ ଦିନ ମଧ୍ୟରେ ନଷ୍ଟ ହୋଇଯାଉଥିବା ନେଇ ଜନସାଧାରଣରେ ଅଭିଯୋଗ ହୋଇଛି। ଏମିତି ଏକ ଘଟଣା ଦେଖିବା ପାଇଁ ମିଳିଛି ଦଶରଥପୁର ବ୍ଲକ ପାଳଟପୁର ପଞ୍ଚାୟତସ୍ତ ଚଷାଖଣ୍ଡ -ପାଳଟପୁର ଭାୟା ମୁରାରୀପୁର ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣ କ୍ଷେତ୍ରରେ। ଦୀର୍ଘଦିନ ହେବ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ୍ୟ ଉକ୍ତ ରାସ୍ତା ନିର୍ମାଣ ପାଇଁ ଅବଧି ଶେଷ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଉକ୍ତ ରାସ୍ତା କାର୍ଯ୍ୟ ଶେଷ ହୋଇପାରିନାହିଁ। ପିଚୁ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ଭାବେ କରାଯାଇ ଥିବାରୁ ଅଳ୍ପ ଦିନ ମଧ୍ୟରେ ଉକ୍ତ ସ୍ଥାନରୁ ପିଚୁ ଗୁଡିକ ଉଠିଯିବ ବୋଲି ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରିକି ଯେଉଁ ପିଚୁ କାର୍ଯ୍ୟ କରାଯାଉଛି ପିଚୁର ଫାଷ୍ଟ କୋଟ୍‌ରେ ଯେଉଁ ନିୟମ ଆଧାରରେ ପିଚୁ କାର୍ଯ୍ୟ କରାଯିବାର ନିୟମ ରହିଛି ସେହି ନିୟମକୁ ଉଲ୍ଲଘଂନ କରି ଠିକାଦାର ଜଣକ ବଡ଼ ଚିପ୍ସରେ ପିଚୁ କାର୍ଯ୍ୟ କରିଥିବା ବେଳେ ଜନସାଧାରଣ ତଥା ବିଭାଗୀୟ ଅଧିକାରୀ ମାନଙ୍କୁ ଠକିବା ପାଇଁ ସଙ୍ଗେ ସଙ୍ଗେ ଫାଷ୍ଟ କୋଟ ପିଚୁ ଉପରେ ସେକେଣ୍ଡ କୋଟ ପିଚୁ କାର୍ଯ୍ୟ କରାଯାଇ ଥିବା ନେଇ ଅଭିଯୋଗ ହୋଇଛି। ସେହିପରି ମୁରାରୀପୁର ଗାଁ ଭିତରେ ଯେଉଁ ଫେବର ଇଟାରେ ରାସ୍ତା କାର୍ଯ୍ୟ କରାଯାଇଛି ସେଥିମଧ୍ୟରୁ ଅଧିକାଂଶ ସ୍ଥାନରେ ରାସ୍ତା ଗୁଡିକ ଦବିଯିବା ସହ ଫେବର ଇଟା ଗୁଡିକ ବାହାରି ଯାଇଥିବା ଦେଖିବା ପାଇଁ ମିଳିଛି। ସେହିପରି ଫେବର ରାସ୍ତା ଦୁଇ ପାର୍ଶ୍ୱରେ କରାଯାଇ ଥିବା ଢଳେଇ ବିମ ଗୁଡିକ ମଧ୍ୟ ଅଧିକାଂଶ ସ୍ଥାନରେ ଭାଙ୍ଗି ଯିବା ସହ ରାସ୍ତାରେ ସମାନତା ନଥିବା ଦେଖିବା ପାଇଁ ମିଳିଛ। ଏଭଳି ନିମ୍ନମାନର କାର୍ଯ୍ୟ କରୁଥିବା ଠିକାଦାରଙ୍କ ବିରୋଧରେ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀ ମାନଙ୍କ ନିକଟରେ ଅଭିଯୋଗ କଲେ ମଧ୍ୟ ବିଭାଗୀୟ ଅଧିକାରୀ ମାନେ ଜନସାଧାରଣ ମାନଙ୍କ ଅଭିଯୋଗ ଉପରେ କୌଣସି ଗୁରୁତ୍ୱ ଦେଉନଥିବା ବେଳେ ଠିକାଦାରଙ୍କୁ ସୁରକ୍ଷା ଯୋଗେଇ ଦେଉଛନ୍ତି ବୋଲି ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଏଠାରେ ପ୍ରକାଶ ଥାଉକି ରାସ୍ତାର ଅଧିକାଂଶ ସ୍ଥାନରୁ ଫେବର ଇଟା ଗୁଡିକ ଉଠିଯିବା ସହ ରାସ୍ତା ଭାଙ୍ଗି ରାସ୍ତା ଉପରେ ଘାସ ଉଠିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ତଦନ୍ତରେ ଯାଉଥିବା ସମୟରେ ସେମାନଙ୍କ ଦୃଷ୍ଟିରେ ପଡୁନି କିପରି ବୋଲି ଗ୍ରାମବାସୀ ଅଭିଯୋଗ କରିବା ସହ ଅଧିକାରୀ ମାନେ ମୋଟା ଅଙ୍କରେ ପିସି ନେଇ ଠିକାଦାରଙ୍କୁ ସୁରକ୍ଷା ଯୋଗାଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଖୁବଶୀଘ୍ର ଯାଜପୁର ଜିଲ୍ଲାପାଳ ଉକ୍ତ ରାସ୍ତା କାର୍ଯ୍ୟରେ ହୋଇଥିବା ଅନିୟମିତତାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜିଲ୍ଲାପାଳଙ୍କ ନିକଟରେ ଜନସାଧାରଣ ଦାବି କରିଛନ୍ତି।

# ଚା’ ଦୋକାନ କର୍ମଚାରୀଙ୍କୁ ସଂଘବଦ୍ଧ ହତ୍ୟା

ରାଉରକେଲା, ୭।୨(ସମିସ)



ସ୍ଥାନୀୟ ରେଳଷ୍ଟେସନ ନିକଟରେ ଶୁକ୍ରବାର ରାତିରେ ଜଣେ ଚା’ ଦୋକାନ କର୍ମଚାରୀଙ୍କୁ ସଂଘବଦ୍ଧ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଷ୍ଟେସନ ନିକଟରେ ଥିବା ଶୌଚାଳୟ ଠାରେ ତିନିଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଗୋପବନ୍ଧୁପାଲି ଅଞ୍ଚଳର ୩୫ ବର୍ଷୀୟ ଅଭିନାଶ ଯାଦବଙ୍କୁ ନିର୍ମମ ଭାବରେ ଛୁରୀରେ ଆକ୍ରମଣ କରି ହତ୍ୟା କରିଥିଲେ। ଘଟଣାଟି ରାତି ପ୍ରାୟ ୯ଟା ୧୫ ମିନିଟ ସମୟରେ ଘଟିଥିଲା। ପ୍ରକାଶ ଯେ, ସ୍ଥାନୀୟ ଅମରଭବନକୁ ଏକ ବିବାହ ଶୋଭାଯାତ୍ରା ଯାଉଥିବା ଯୋଗୁଁ ଅଭିନାଶଙ୍କ ଚିତ୍କାର କେହି ଶୁଣି ପାରି ନଥିଲେ।

ସୂଚନା ମୁତାବକ, ଅଭିନାଶ ଶୁକ୍ରବାର ଶୌଚାଳୟରୁ ବାହାରିବା ମାତ୍ରେ ପୂର୍ବରୁ ଅପେକ୍ଷା କରିଥିବା ତିନି ଜଣ ଆକ୍ରମଣକାରୀ ତାଙ୍କୁ ଛୁରୀରେ ଆକ୍ରମଣ କରିଥିଲେ। ଶୌଚାଳୟ ଦାୟିତ୍ୱରେ ଥିବା କର୍ମଚାରୀମାନେ ପାଟି କରି ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଆକ୍ରମଣକାରୀ ମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଭିନାଶଙ୍କୁ ତୁରନ୍ତ ରାଉରକେଲା ସରକାରୀ ଡାକ୍ତରଖାନାକୁ ନିଆଯାଇ ଥିଲା। ସେଠାରେ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ଏକ ଘରୋଇ ଡାକ୍ତରଖାନାକୁ ଡାକ୍ତର ସ୍ଥାନାନ୍ତର କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ଶନିବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଘଟଣାସ୍ଥଳରୁ ଗୋଟିଏ ଛୁରୀ ଖୋଳ ଜବତ କରାଯାଇଛି। ଏହି ଘଟଣାକୁ ଟାର୍ଗେଟ୍

**ଜୁନ୍‌ରେ ହୋଇଥାନ୍ତା ବିବାହ; ସନ୍ଦେହରେ ପୂର୍ବ ଶତ୍ରୁତା**

କିଲିଂ ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ଷ୍ଟେସନ ପାର୍କିଂ ସମ୍ମୁଖରେ ଧର୍ମେନ୍ଦ୍ର ଚା ଦୋକାନରେ ଅଭିନାଶ କାମ କରନ୍ତି। ଆସନ୍ତା ଜୁନ୍ ମାସରେ ତାଙ୍କର ବିବାହ ସ୍ଥିର ହୋଇଥିଲା। ଗତ ଗଣେଶପୂଜା ବେଳେ କୌଣସି କଥାକୁ ନେଇ ତାଙ୍କର କିଛି ଯୁବକଙ୍କ ସହ ଝଗଡ଼ା ହୋଇଥିଲା। ଉକ୍ତ ଘଟଣା ଥାନାରେ ମଧ ଆପୋଷ ବୁଝାମଣା ହୋଇଥିଲା।

# ଆର୍‌ଏସ୍‌ପିରେ କର୍ମଚାରୀ ସହାୟତା କର୍ମଶାଳା



**ରାଉରକେଲା, ୭।୨(ସମିସ):** ରାଉରକେଲା ଇସ୍ପାତ କାରଖାନାର ଏଲ୍‌ଆଣ୍ଡଡି ବିଭାଗରେ କାରଖାନାର ଅଧିକାରୀ ଏବଂ କର୍ମଚାରୀଙ୍କ ନିମନ୍ତେ କର୍ମଚାରୀ ସହାୟତା କାର୍ଯ୍ୟକ୍ରମ (ଇଏପି) ଆଧାରିତ ଏକ ଦିନିକିଆ ସଚେତନଭିତ୍ତିକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଚାରୀମାନଙ୍କ ମଧ୍ୟରେ ମାନସିକ, ସ୍ୱାସ୍ଥ୍ୟ ତଥା କାର୍ଯ୍ୟକ୍ଷେତ୍ରରେ ସାମଗ୍ରିକ ସୁସ୍ଥତା ବିଷୟରେ ସଚେତନତା ସୃଷ୍ଟି କରିବା ସହିତ କର୍ମଚାରୀମାନଙ୍କୁ ମାନସିକ ପରାମର୍ଶ ପ୍ରଦାନ କରି ସେମାନଙ୍କର ବ୍ୟକ୍ତିଗତ ଏବଂ ବୃତ୍ତିଗତ ସମସ୍ୟାର ସମାଧାନ କରିବାରେ ସାହାଯ୍ୟ କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କର୍ମଶାଳାର ଉକ୍ତ ଦିନ ଅନୁଷ୍ଠିତ ଦୁଇଟି ଅଧିବେଶନରେ କର୍ମଚାରୀ ଓ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳା ବରିଷ୍ଠ ମନସ୍ତତ୍ତ୍ୱବିତ ପି ପୋଦ୍ଦାର ଏବଂ ମେସର୍ସ ଇଏପିର ମନୀଷ ତୋମାର ପରିଚାଳନା କରିବା ସହିତ ଶୈଶବ ଆଘାତର ମୁକାବିଲା, କାର୍ଯ୍ୟକ୍ଷେତ୍ର ଚାପ ପରିଚାଳନା ଏବଂ ମାନସିକ ସ୍ୱାସ୍ଥ୍ୟ ସଚେତନତାର ଗୁରୁତ୍ୱ ଭଳି ବହୁ ମହତ୍ତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ମାନବ ସମ୍ବଳ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଦିବ୍ୟା ସାହୁ ଉଦ୍‌ଘାଟନୀ ଅଧିବେଶନ ସଂଯୋଜନା କରିଥିଲେ। ଉଲ୍ଲେଖନୀୟ ଯେ, ସେଲ୍‌ର କର୍ମଚାରୀ ଏବଂ ସେମାନଙ୍କର ୩ ଜଣ ନିର୍ଭରଶୀଳ ପରିବାର ସଦସ୍ୟଙ୍କ ପାଇଁ ଏକ ପରାମର୍ଶଦାୟୀ ସେବା ଆରମ୍ଭ କରାଯାଇଛି। କାର୍ଯ୍ୟକ୍ରମଟି ସେଲ ଆରଏସପି ର ସମସ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାରରେ ନିକଟତମ ସଦସ୍ୟଙ୍କ ପାଇଁ ଉପଲବ୍ଧ ଏକ ଗୋପନୀୟ ଏବଂ ବୃତ୍ତିଗତ ସହାୟତା ସେବା ଅଟେ। ଏହା ମଧ୍ୟ ମାନସିକ ସ୍ୱାସ୍ଥ୍ୟ ସନ୍ତୁଳନତା, ଚାପ ପରିଚାଳନା, ଆର୍ଥିକ ଏବଂ ଆଇନଗତ ଚିନ୍ତା, କାର୍ଯ୍ୟ-ଜୀବନ ସନ୍ତୁଳନ ଏବଂ ପରିବାର ଓ ସମ୍ପର୍କ ସମସ୍ୟା ସମେତ ବିଭିନ୍ନ ବ୍ୟକ୍ତିଗତ ତଥା କାର୍ଯ୍ୟ-ସମ୍ବନ୍ଧୀୟ ପ୍ରସଙ୍ଗରେ ବିଶେଷଜ୍ଞ ମାର୍ଗଦର୍ଶନ ଏବଂ ପରାମର୍ଶ ପ୍ରଦାନ କରିବ। ଏହି କାର୍ଯ୍ୟକ୍ରମଟି ଅଂଶଗ୍ରହଣକାରୀମାନଙ୍କ ଦ୍ୱାରା ବେଶ ଆଦୃତ ହୋଇଥିବାବେଳେ ସେମାନେ ଏଥିରେ ଆଲୋଚନା କରିବା ସହିତ ନିଜର ଅଭିଜ୍ଞତା ବାଣ୍ଟିଥିଲେ। ଏସ୍‌କେ ସେନାପତି ପରିଚାଳନା କରିଥିଲେ।

## ବସୁଧୈବ କୁଟୁମ୍ବକମ୍ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା




**ରାଉରକେଲା, ୭।୨(ସମିସ):** ଭଞ୍ଜଭବନଠାରେ ଚାଲିଥିବା ପୁସ୍ତକମେଳାରେ ସ୍ଥାନୀୟ ଛେଣ୍ଡ କଲୋନୀ ସ୍ଥିତ ବସୁଧୈବ କୁଟୁମ୍ବକମ୍ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପିଲାମାନଙ୍କୁ ନେଇ ଓଡ଼ିଆ ଭାଷାରେ ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ବିଷୟରେ ଏକ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ କବି ରାଜୀବ ପାଣି, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ, ପ୍ରାକ୍ତନ ଅତିରିକ୍ତ ମହାପ୍ରବନ୍ଧକ ସୁବାସ ଚନ୍ଦ୍ର ମହାପାତ୍ର ଯୋଗ ଦେଇ ସାଂସ୍କୃତିକ ସଙ୍କଟରେ ପୁସ୍ତକର ଅବଦାନ ଉପରେ ଆଲୋଚନା ପ୍ରଧାନ କରିଥିଲେ। ଅନୁଷ୍ଠାନର ସଭାନେତ୍ରୀ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ସୁସ୍ମିତା ମହାପାତ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ଅନୀଲ ଦାଶ କାର୍ଯ୍ୟକ୍ରମ ଉପରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଆବାହକ ହରିହର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଞ୍ଜ କଳାକେନ୍ଦ୍ରର ସାଧାରଣ ସମ୍ପାଦକ ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ଟ୍ରଷ୍ଟି ରାଧାକୃଷ୍ଣ ମହାପାତ୍ର ଓ ତାଙ୍କର ସହଯୋଗୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସଚ୍ଚିକାନ୍ତ ବିଶ୍ୱାଳ, ସୂର୍ଯ୍ୟ ନାରାୟଣ ପଣ୍ଡା, ପ୍ରତିମା ମିଶ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପିରେ ଜନଜାତି ଓ ମହିଳା ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମ

**ରାଉରକେଲା, ୭।୨(ସମିସ):** ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପରିଚାଳନା ବିଭାଗର ସମ୍ମିଳନୀ କକ୍ଷରେ ଅନୁସୂଚିତ ଜାତି /ଅନୁସୂଚିତ ଜନଜାତି ଏବଂ ମହିଳା ଉଦ୍ୟୋଗୀଙ୍କ ନିମନ୍ତେ ଏକ ବିକ୍ରେତା ବିକାଶ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅଧିବେଶନରେ ସାମଗ୍ରୀ ପରିଚାଳନା ବିଭାଗର ସିଜିଏମ ଟି. ବିନୋଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଧିବେଶନରେ ୧୫ ଜଣ ସ୍ଥାନୀୟ ଏମ୍‌ଏସ୍‌ଏମ୍‌ଇ ବିକ୍ରେତାଙ୍କ ସହ ଆରଏସପିର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ବିକ୍ରେତା ଅଂଶଗ୍ରହଣକୁ ପ୍ରୋତ୍ସାହିତ କରିବା ଏବଂ ଶିଳ୍ପ-ବିକ୍ରେତା ମତବିନିମୟ ତଥା ଆଲୋଚନାକୁ ସୁଦୃଢ଼ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ଅବସରରେ ଶ୍ରୀବିନୋଦ ଉଦୀୟମାନ ଉଦ୍ୟୋଗଗୁଡ଼ିକର ଅନ୍ତର୍ଭୁକ୍ତ କ୍ରୟ ପଦ୍ଧତି ଏବଂ କ୍ଷମତା ନିର୍ମାଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ଆରଏସପିର ବିଭିନ୍ନ ଯୋଜନାରୁ ଲାଭ ଉଠାଇବାକୁ ମଧ୍ୟ ବିକ୍ରେତାମାନଙ୍କୁ ପରାମର୍ଶ ଦେଇଥିଲେ। ପରିଚାଳନା (କ୍ରୟ) ବିଭାଗର ଜିଏମ ଜି.ଏସ୍. ଗୋସ୍ୱାମୀ ନିଜ ସ୍ୱାଗତ ଭାଷଣରେ ଯୋଗାଣ ଶୃଙ୍ଖଳରେ ଏସସି/ଏସଟି ଏବଂ ମହିଳା ଉଦ୍ୟୋଗୀଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରିବା ସହ ଦୀର୍ଘକାଳୀନ, ପାରସ୍ପରିକ ଲାଭଦାୟକ ସହଭାଗୀତାକୁ ପ୍ରୋତ୍ସାହିତ କରିବା ପ୍ରତି ଆରଏସପିର ପ୍ରତିବଦ୍ଧତା ଦୋହରାଇଥିଲେ। ଏହି ଅବସରରେ ସାମଗ୍ରୀ ପରିଚାଳନା ବିଭାଗର ଡେପୁଟି ମ୍ୟାନେଜର ଏମ୍‌ସି କୁମାର ଆର୍‌ଏସ୍‌ପିରେ ସାମଗ୍ରୀ ପରିଚାଳନା ସମ୍ବନ୍ଧରେ ଏକ ସଂକ୍ଷିପ୍ତ ଉପସ୍ଥାପନା ପ୍ରଦାନ କରିଥିଲେ, ଯେଉଁଥିରେ କ୍ରୟ ପ୍ରକ୍ରିୟା ଏବଂ ବିକ୍ରେତାଙ୍କ ପାଇଁ ସୁଯୋଗର ଏକ ସାରାଂସ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ, ଟ୍ରେଡ୍ସର ନିଖିଲ ପାସୱାନ ବିଲ୍ ରିହାତି ଉପରେ ଏକ ଉପସ୍ଥାପନା କରିବା ସହ ବିକ୍ରେତାମାନଙ୍କୁ ସେମାନଙ୍କ ପାଇଁ ଉପଲବ୍ଧ ଆର୍ଥିକ ସୁବିଧା ବ୍ୟବସ୍ଥା ବିଷୟରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ସାମଗ୍ରୀ ପରିଚାଳନା ବିଭାଗର ଏଜିଏମ ସୁସ୍ମିତା ତିର୍କୀ ପରିଚାଳନା କରିଥିବାବେଳେ ସାମଗ୍ରୀ ପରିଚାଳନା (କ୍ରୟ) ବିଭାଗର ଜିଏମ ଅସିମ ଅପୂର୍ବ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୁଣିଗାରେଡ଼ି ଓ ଡାହାଣୀ ନିବାରଣ ସମ୍ବନ୍ଧୀୟ କର୍ମଶାଳା




**ରାଉରକେଲା, ୭।୨(ସମିସ):** ଗୁଣିଗାରେଡ଼ି ଓ ଡାହାଣୀ ନିବାରଣ ସମ୍ବନ୍ଧୀୟ କର୍ମଶାଳା ରାଉରକେଲା ପୁଲିସ ପକ୍ଷରୁ ପାନ୍ଥ ନିବାସ ଠାରେ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାଏଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମହିଳାଙ୍କୁ ଡାହାଣୀ କହିବା କିମ୍ବା ଡାହାଣୀ ଭାବି ଅତ୍ୟାଚାର କରିବା ଏକ ଦଣ୍ଡନୀୟ ଅପରାଧ। ଡାହାଣୀ, ଗୁଣିଗାରେଡି, କଳାଯାଦୁ ବୋଲି କିଛି ନାହିଁ। ଡାହାଣୀ ବୋଲି ଡାକିବା ତାଙ୍କ ପ୍ରତି ଅତ୍ୟାଚାର। ଯେଉଁମାନେ ମହିଳାଙ୍କୁ ଡାହାଣୀ ବୋଲି ଡାକୁଛନ୍ତି ସେମାନଙ୍କୁ ଓଡ଼ିଶା ଡାହାଣୀ ଶିକାର ନିବାରଣ ଆଇନ ୨୦୧୩ ଅନୁଦାୟୀ ଦଣ୍ଡ ଦିଆଯିବା ଜରୁରୀ। ଗୁଣିଗାରେଡ଼ିକୁ ରୋକିବା ପାଇଁ ସ୍କୁଲରେ ପିଲାମାନଙ୍କ ପାଠ୍ୟକ୍ରମରେ କିଭଳି ଏହାକୁ ସାମିଲ କରାଯିବ, ଗୁଣିଗାରେଡ଼ି ହେଉଥିବା ସୁନ୍ଦରଗଡ଼ ସମେତ ଅନ୍ୟ ଜିଲ୍ଲାରେ ଲୋକଙ୍କୁ ସଚେତନ କରାଯିବ ବୋଲି ମତ ପ୍ରକାଶ ପାଇଛି। ଏହି ଅବସରରେ ଏସ୍‌ପି ନୀତେଶ ୱାଧୱାନୀ, ସାଧନକର୍ମୀ ତଥା ପୂର୍ବତନ ସୂଚନା କମିସନର ଶଶିପ୍ରଭା ବିନ୍ଧାଣୀ, ଅନ୍ୟତମ ସାଧନକର୍ମୀ ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଆଇନ ସ୍ନାତକୋତ୍ତର ବିଭାଗର ପ୍ରଫେସର ଡ. ମୀନକେତନ ସାହୁ, ସହକାରୀ ପ୍ରଫେସର ଅଙ୍କିତା ଖମାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଏସପି ରାଜ କିଶୋର ମିଶ୍ର ଅତିଥି ପରିଚୟ ଓ ସ୍?ାଗତ ଭାଷଣ ଦେଇଥିବା ବେଳେ ଅତିରିକ୍ତ ଏସପି ଶ୍ରାବଣୀ ନାୟକ, ଡିଏସପି ମନୋରଞ୍ଜନ ପ୍ରଧାନ, ଜତିନ୍ଦ୍ରନାଥ ସେଠୀ ସମେତ ଅନ୍ୟ ପୁଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ପର୍ଯ୍ୟବେକ୍ଷଣ ଓ ଦକ୍ଷତା ବିକାଶ ପ୍ରଶିକ୍ଷଣ



**ରାଉରକେଲା, ୭।୨(ସମିସ) :** ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲ୍ୟୁଓଡିଏଲ୍‌ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସଆର) ବିଭାଗ ପକ୍ଷରୁ ରାଉରକେଲା ସହରସ୍ଥିତ ପର୍ଯ୍ୟବେକ୍ଷଣ ଏବଂ ସ୍ୱତନ୍ତ୍ର ଗୃହର ଯୁବକଙ୍କ ପାଇଁ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ହୋଇଛି। ବିଚାରଧୀନ ବନ୍ଦୀ ଯୁବକମାନଙ୍କୁ ନିଯୁକ୍ତିଯୋଗ୍ୟ ଦକ୍ଷତା ପ୍ରଦାନ କରିବା ସହିତ ସମାଜର ମୁଖ୍ୟଧାରାରେ ସାମିଲ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟକ୍ରମ ଅଧୀନରେ ମୋଟ ୬୫ ଯୁବକ ଅଂଶଗ୍ରହଣ କରି ‘ଡୋମେଷ୍ଟିକ୍ ଇଲେକ୍ଟ୍ରିସିଆନ୍’ ବୃତ୍ତିମୂଳକ ପ୍ରଶିକ୍ଷଣ ସଫଳତାର ସହିତ ସମାପ୍ତ କରିଛନ୍ତି। ତାଲିମର ସଫଳ ସମାପ୍ତିକୁ ଲକ୍ଷ୍ୟରେ ରଖି ଟିପିଡବ୍ଲୁଓଡିଏଲ୍ ତରଫରୁ ଗତ ଗୁରୁବାର ପର୍ଯ୍ୟବେକ୍ଷଣ ଏବଂ ସ୍ୱତନ୍ତ୍ର ଗୃହରେ ଏକ ପ୍ରମାଣପତ୍ର ବଣ୍ଟନ ସମାରୋହ ଆୟୋଜନ କରାଯାଇଥିଲା। ଏହି ପ୍ରମାଣପତ୍ର ବଣ୍ଟନ ଉତ୍ସବରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟ କଳ୍ପନା ଲେଙ୍କା, ସୁନ୍ଦରଗଡ଼ର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା, ସମ୍ବଲପୁରର କିଶୋର ନ୍ୟାୟ ବୋର୍ଡର ମାଜିଷ୍ଟ୍ରେଟ୍ ଦିବ୍ୟା ସଚ୍ଚି ବେହେରା, ରଷିନାଥ ନାୟକ, ସୁପରିଣ୍ଟେଣ୍ଡେଣ୍ଟ, ସ୍ପେସିଆଲ୍ ଜେଲ୍ ଓ ଇନ୍-ଚାର୍ଜ୍ ସୁପରିଣ୍ଟେଣ୍ଡେଣ୍ଟ, ଅବଜର୍ଭେସନ୍ ଓ ସ୍ପେସିଆଲ୍ ହୋମ୍, ରାଉରକେଲା ଏବଂ ଟିପିଡବ୍ଲୁଓଡିଏଲର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବକମାନଙ୍କୁ କେବଳ ଯେ, ଟେକ୍ନିକାଲ୍ ଦକ୍ଷତା ନୁହେଁ, ବରଂ ଆତ୍ମବିଶ୍ୱାସ, ଆତ୍ମସମ୍ମାନ ଓ ସକରାତ୍ମକ ଚିନ୍ତାଧାରା ସହିତ ସମାଜର ମୁଖ୍ୟ ଧାରାକୁ ଫେରାଇ ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଅଛି। ଏହିପରି ପଦକ୍ଷେପ ମାଧ୍ୟମରେ, ଟିପିଡବ୍ଲୁଓଡିଏଲ୍ ସମଗ୍ର ପଶ୍ଚିମ ଓଡ଼ିଶାରେ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ସାମାଜିକ ପୁନର୍ବାସ ଏବଂ ସମ୍ପ୍ରଦାୟ ବିକାଶ ପ୍ରତି ଏହାର ପ୍ରତିବଦ୍ଧତା ପ୍ରଦର୍ଶନ ଜାରି ରଖିଥିବା ଜଣାପଡ଼ିଛି।

## ଶ୍ରୀଅରବିନ୍ଦ ଯୋଗ ସାଧକଙ୍କ ବିୟୋଗରେ ସ୍ମୃତିଚାରଣ



**ରାଉରକେଲା, ୭।୨(ସମିସ):** ରାଉରକେଲାରେ ଶ୍ରୀ ଅରବିନ୍ଦଙ୍କ ଯୋଗର ଅଦ୍ୱିତୀୟ ସାଧକ ପ୍ରୟାତ ବିଶ୍ୱ ନାରାୟଣ ଘୋଷଙ୍କ ବିୟୋଗରେ ଶ୍ରୀ ଅରବିନ୍ଦ ସ୍କୁଲର ସଭା ଗୃହରେ ଏକ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକଦିନ ପ୍ରାତଃ କାଳରେ ସହଯାତ୍ରୀ ଅନୁଜ ଅନୁଜା ମାନଙ୍କ ସହ ଶ୍ରୀ ଅରବିନ୍ଦଙ୍କ ସମାଧିରେ ଫୁଲ ସଜାଇବା ପରେ ସେ ପ୍ରାର୍ଥନା କକ୍ଷରେ ଘଣ୍ଟା ଘଣ୍ଟା ଧରି ଧ୍ୟାନ ମଗ୍ନ ରହୁଥିଲେ। ଶ୍ରୀଅରବିନ୍ଦଙ୍କ ରଚିତ ପବିତ୍ର ‘ସାବିତ୍ରୀ’ ମହାକାବ୍ୟକୁ ଘଣ୍ଟା ଘଣ୍ଟା ଧରି ଆବୃତ୍ତି କରିବା ତାଙ୍କ ଦୈନନ୍ଦିନ ଜୀବନଚର୍ଯ୍ୟାର ଅଂଶବିଶେଷ ଥିଲା। ସିଦ୍ଧ ଯୋଗୀଙ୍କ ପରିପୂର୍ଣ୍ଣ ବିକଶିତ ଚୈତ୍ୟ ପୁରୁଷଙ୍କୁ ବହନ କରୁଥିବା ସବୁରି ପ୍ରିୟ, ନିତ୍ୟ ମୁକ୍ତ ଘୋଷ ଦାଦା ସରସ୍ୱତୀ ପୂଜା ଦିନ ମଧ୍ୟାହ୍ନରେ ପ୍ରାଣତ୍ୟାଗ କରିଥିଲେ। ତାଙ୍କ ବିୟୋଗରେ ଅନୁଷ୍ଠାନର ସଭାପତି ଡ.ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସଚିବ ଡାକ୍ତର ପ୍ରଶାନ୍ତ କୁମାର ପାତ୍ର, ଭାରତଭୂଷଣ ମହାନ୍ତି, ଡ. କିଶୋରୀ ଦାଶ, ଜାନକୀ ସାମଲ, ସ୍ୱପ୍ନାଦାସ, ସଙ୍ଗୀତା ପଣ୍ଡା, ରବିନାରାୟଣ କବି, ସଞ୍ଜୟ ଆଚାର୍ଯ୍ୟ, ଶ୍ରୀଧର ସାମଲ ଓ କୁବେର ନାୟକ ପ୍ରମୁଖ ପଚାଶରୁ ଉର୍ଦ୍ଧ୍ୱ ସାଧକ ସାଧିକା ଯୋଗ ଦେଇଥିଲେ। ସାଧକ ବିଶ୍ୱନାଥ ଆଇଚ ପରିଚାଳନା କରିଥିଲେ।

## ସ୍କ୍ରାପ୍ ବ୍ୟବସାୟ ଉପରେ ଚଢ଼ଉ

**ରାଉରକେଲା, ୭ ।୨(ସମିସ):** ବେଆଇନ୍ ସ୍କ୍ରାପ କାରବାର ଉପରେ ରାଉରକେଲା ପୁଲିସ ପକ୍ଷରୁ ଚଢ଼ଉ ଜାରି ରହିଛି। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଚଢଉରେ ବର୍ତ୍ତମାନ୍ ସୁଦ୍ଧା ୧୮ଟି ମାମଲା ରୁଜୁ ହୋଇଛି। ଏଥିରେ ପ୍ରାୟ ୯ ଟନ୍ ଓଜନର ସ୍କ୍ରାପ ଜବତ ହୋଇଥିବା ବେଳେ ପ୍ରାୟ ୧୮ ଜଣଙ୍କୁ ଅଟକ ରଖାଯାଇଥିବା ସୂଚନା ମିଳିଛି। ସୂଚନା ମୁତାବକ, ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ୍ ଟିମ୍ ବ୍ରାହ୍ମଣୀ ତରଙ୍ଗ, ରଘୁନାଥପାଲି, ସେକ୍ଟର -୧୫, ଝିରପାଣି, ଉଦିତନଗର ଥାନା ଅଞ୍ଚଳରେ ଥିବା ପ୍ରାୟ ୫୦ଟି ସ୍କ୍ରାପ୍ ଗୋଦାମରେ ଏକକାଳୀନ ଚଢଉ କରିଥିଲା। ଆଗାମୀ ଦିନରେ ଏହି ସ୍ୱତନ୍ତ୍ର ଅଭିଯାନ ଜାରି ରହିବ ବୋଲି ଜଣାପଡ଼ିଛି।

## ଦନ୍ତ ଚିକିତ୍ସାଳୟ ଉଦ୍‌ଘାଟିତ



**ରାଉରକେଲା, ୭।୨(ସମିସ):** ଉଦିତନଗର ସୁପର ମାର୍କେଟ ଠାରେ ଏମ୍‌ବ୍ରେସ ନାମକ ଦାନ୍ତ ଚିକିତ୍ସାଳୟ ଡ. ମାସୁମ୍ ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇଥିଲେ। ଡ. ମହାପାତ୍ରଙ୍କ ମାଆ ତଥା ପୂର୍ବତନ ଜିଲ୍ଲା ମଙ୍ଗଳ ଅଧିକାରୀ ସଙ୍ଗୀତା ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମାଜସେବୀ ହିମାଂଶୁ ମହାପାତ୍ର, ପୂର୍ବତନ ନଗରପାଳ ନିହାର ରାୟ, ବିଜେପି ରାଜ୍ୟ ମୁଖପାତ୍ର ଧିରେନ ସେନାପତି, ଭଗବାନ ରାଉତ, ପ୍ରଶାନ୍ତ ବେହେରା, ଡ. କିରଣ ମିଶ୍ର, ସୁବ୍ରତ ମହାନ୍ତି, ପ୍ରଦୀପ ମହାନ୍ତି ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆଜି ଯୁଜିଆଇଇର ୪ର୍ଥ ଆଲୁମ୍‌ନୀ ଉତ୍ସବ ‘ଟେକ୍ ଫ୍ୟୁଜନ୍’

**ରାଉରକେଲା, ୭ ।୨(ସମିସ):** ଯୁଜିଆଇଇର ୪ର୍ଥ ଆଲୁମ୍‌ନୀ ଉତ୍ସବ ୮ ଫେବୃଆରୀରେ ଅନୁଷ୍ଠିତ ହେବ। ମୁଖ୍ୟଅତିଥି ଭାବେ କେନ୍ଦ୍ର ଆଦିବାସୀ ଓ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଦେବେ। ଉଦ୍‌ଘାଟକ ଭାବେ ରାଉରକେଲା ଇସ୍ପାତ କାରଖନାର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଇଂ ଆଲୋକ ବର୍ମା ଯୋଗ ଦେଉଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଉରକେଲାର ବିଧାୟକ ଇଂ ସାରଦା ପ୍ରସାଦ ନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ, ରଘୁନାଥପଲ୍ଲୀର ବିଧାୟକ ଦୁର୍ଗାଚରଣ ତନ୍ତୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଦ୍ୱିତୀୟ ପର୍ଯ୍ୟାୟରେ ମୁଖ୍ୟଅତିଥି ଭାବେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଉଦ୍‌ଘାଟକ ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ତଥା ଆରଏମ୍‌ସି କମିଶନର ଦୀନାଃ ଦସ୍ତାଗିର୍, ଯଶସ୍ୱିନୀ ମିଶ୍ର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଯୁଜିଆଇଇର ମୁଖ୍ୟ ଦ୍ୱାର ‘ଜ୍ଞାନଦ୍ୱାର’ ଉଦ୍‌ଘାଟନ ହେବାର କାର୍ଯ୍ୟକ୍ରମ ଅଛି। ଯୁଜିଆଇଇର ପୁରାତନ ଛାତ୍ରମାନଙ୍କ ସମେତ ଯୁଜିଆଇଇରେ କୃତିତ୍ୱ ହାସଲ କରିଥିବା ଶ୍ରେଷ୍ଠ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ।

# ୧ କୋଟି ଟଙ୍କାର ଅଫିମ ଚାଷ ନଷ୍ଟ; ୨ ଗିରଫ





ରାଉରକେଲା /କୋଇଡା, ୭ ।୨ (ସମିସ)

ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ଖଣି ଅଞ୍ଚଳରୁ ଶନିବାର ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅଫିମ ଗଛ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ନଷ୍ଟ କରାଯାଇଛି। ଏହି ଘଟଣାରେ ୨ ଜଣ ଅଫିମ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ବଳରାମ ବୁଣ୍ଡାରି (୩୨) ଓ ବୁଦରାମ ହର (୨୩)। ତେବେ ସେମାନଙ୍କୁ ମେଡିକାଲ ଚେକଅପ୍ ପାଇଁ ନେବାବେଳେ ବଳରାମ ବୁଣ୍ଡାରି ପୁଲିସ ହେପାଜତରୁ ଡେଇଁ ଫେରାର ହୋଇଯାଇଥିଲା। ତାକୁ କାବୁ କରିବା ପାଇଁ ପୁଲିସ ୪ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିଲା। ହେଲେ ପୁଲିସ ତାକୁ କାବୁ କରିବାରେ ସକ୍ଷମ ହୋଇ ନ ଥିଲା।

**▶▶ ପୁଲିସ୍ ହେପାଜତରୁ ଅଫିମ ଚାଷୀ ଫେରାର**
**▶▶ ଧରିବା ପାଇଁ ପୁଲିସର ଗୁଳି ଚାଳନା**

ସୂଚନାଯୋଗ୍ୟ, କୋଇଡ଼ା ଥାନା ଅଧୀନ ପୁଣ୍ଡିପୋଖରୀ ନିକଟସ୍ଥ ଜଙ୍ଗଲ ଅଞ୍ଚଳରେ ଗଛ କାଟି ପ୍ରାୟ ୫ ଏକର ଜମିରେ ଅଫିମ ଚାଷ କରାଯାଇଥିଲା। ଯାହାକି ଗଛଗୁଡ଼ିକ ବଡ଼ ହୋଇ ଫୁଲ ମଧ୍ୟ ଆସି ଯାଇଥିଲା। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ବଣାଇଁ ଉପଖଣ୍ଡ ପୁଲିସ୍ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ କୋଇଡା ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ ଓ କେ.ବଲାଙ୍ଗ ଥାନା ଅଧିକାରୀ ଅଶୋକ ବେହେରା ଏବଂ ଅବକାରୀ ବିଭାଗ ଅଧିକାରୀ ହେମନ୍ତ ମହାନନ୍ଦିଆ ମିଳିତରେ ଆଜି ଅଫିମ ଚାଷ ଉପରେ ଚଢ଼ଉ କରିଥିଲେ। ଏହି ଚାଷ ପଛରେ ଓଡ଼ିଶାରୁ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ପର୍ଯ୍ୟନ୍ତ ଚେର ଲମ୍ବି ଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ମିଳିଛି ବୋଲି ପୁଲିସ ପ୍ରକାଶ କରିଛି। ଏଠାରେ ପ୍ରଶ୍ନ ଉଠେ ଏହି ଅଞ୍ଚଳରେ ହାତୀଙ୍କ ରାଜ ଚାଲିଛି। ହାତୀଙ୍କୁ ଘୋଉଡ଼ାଇବା ପାଇଁ ସ୍କ୍ୱାଡ୍ ଗଠନ ହୋଇଛି। ଏତେ ଗଛ କୋଟି ୫ ଏକର ଜାଗାରେ ଅଫିମ ଚାଷ ହୋଇଥିବା ବେଳେ ଅବକାରୀ ଓ ଜଙ୍ଗଲ ବିଭଗ ଜାଣି ପାରିଲା ନାହିଁ କେମିତି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅବକାରୀ ଓ ଜଙ୍ଗଲ ବିଭାଗର ଜାଣନ୍ତରେ ଏହି ବେଆଇନ ବ୍ୟବସାୟ ଚାଲିଥିଲା ବୋଲି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି।

# କୁର୍ମାରେ ଭବ୍ୟ ହିନ୍ଦୁ ସମ୍ମିଳନୀ



ଝାରବନ୍ଧ, ୭।୨(ସମିସ): ଝାରବନ୍ଧ ବ୍ଲକ ସ୍ଥିତକୁର୍ମା ଗାଁରେ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଗ୍ରାମ୍ୟ ସଂକୀର୍ତନ ମଣ୍ଡଳୀ ଦ୍ୱାରା ନଗର ପରିକ୍ରମା ହୋଇ ଅନ୍ତର୍ଯ୍ୟାମୀ ମେହେର, ଦେବରାଜ ପ୍ରଧାନ, ସାନ୍ତୁନୁ ସାହୁଙ୍କ ତତ୍ତ୍ୱାବଧାନରେ ହୋମ ଯଜ୍ଞ ସହିତ ହନୁମାନ ଚାଳିଶା ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରବଣ ଭୋଇ ଓ ତାଙ୍କ ଧର୍ମପତ୍ନୀ କଲ୍ୟାଣୀ ଭୋଇ ହୋମ କାର୍ଯ୍ୟରେ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପରେ ହିନ୍ଦୁ ସମ୍ମିଳନୀ ସମିତିର ସଭାପତି ବିଶାଳୁ ସାହୁଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାବା ବଳରାମ ଦାଶ ଏବଂ ବକ୍ତା ଭାବେ ଡକ୍ଟର ବାଞ୍ଛାନିଧି ପଣ୍ଡା ଯୋଗଦାନ କରିଥିଲେ। ଅଧ୍ୟାପକ ଦିବ୍ୟ କିଶୋର ପଣ୍ଡା ଅତିଥି ପରିଚୟ କରିଥିବା ବେଳେ ଶିକ୍ଷକ ଶରତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସମିତି ସଂଯୋଜକ ମନୋହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିତେନ୍ ବାରିକ ସାଧୁଚରଣ ବରିହା, ହରେକୃଷ୍ଣ ପଟେଲ, ମନୋଜ ପ୍ରଧାନ, କୁର୍ତ୍ତିବାସ ପ୍ରଧାନ, ସୁରେଶ ରାମଚନ୍ଦାନୀ, ଗୁଣମଣୀ ପଟେଲ, ବୃନ୍ଦାବନ ସାହୁ, ସତ୍ୟ ଛତର, ସୁଶୀଲ ସେଠ, ପ୍ରଦୀପ ଛତର, ରଙ୍କମଣୀ ସାହୁ, ଆଶିଷ ସାହୁ, ମନବୋଧ ବୁଡେକ, ଆଲୋକ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଡୁଙ୍ଗୁରିପାଲି, ଯଟେଶିରା, ଜଗଦଲପୁର, ଧୌରାଭଟା, ଗୌଡମାଳ, ଶିକାରୀପାଲି, ବଡକୁଞ୍ଜାରୀ, ପୁଟୁକା ତଥା ଆଖ ପାଖ ଗାଁର ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ।

## ଜିଲ୍ଲା ପରିଷଦର ଅଷ୍ଟମ ବୈଠକ

# ଲୋକ ପ୍ରତିନିଧି ଓ ଅଧିକାରୀ ମିଳିତ ଭାବେ କାର୍ଯ୍ୟକଲେ ଜିଲ୍ଲାର ଉନ୍ନତି ସମ୍ଭବ

ବରଗଡ଼, ୭।୨(ସମିସ)

ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଷଷ୍ଠ ଜିଲ୍ଲା ପରିଷଦର ଅଷ୍ଟମ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବିଜେପୁର ବିଧାୟକ ସନତ ଗଡ଼ତିଆ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ, ବରଗଡ଼ ବିଧାୟକ ପ୍ରତିନିଧି ଅବନୀକାନ୍ତ ପଣ୍ଡା, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ ଲୁହା ଏବଂ ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳ ଚେୟାରମ୍ୟାନ/ଅଧକ୍ଷଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଲୁହା ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ପରିଷଦ ଅଧକ୍ଷା ମାନିନୀ ଭୋଇ ସମସ୍ତ ଲୋକ ପ୍ରତିନିଧି ଏବଂ ଅଧିକାରୀ ମିଳିତ ଭାବେ ସାମୂହିକ କାର୍ଯ୍ୟକଲେ ବରଗଡ଼ ଜିଲ୍ଲାର ଉନ୍ନତି ହୋଇପାରିବ




ବୋଲି କହିଥିଲେ। ପୂର୍ବ ବୈଠକର ସଭା ବିବରଣୀ ଅନୁଯାୟୀ ବିଭାଗୱାରୀ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ ଏବଂ ଯୋଜନାର କାର୍ଯ୍ୟକାରିତା ବିଷୟରେ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥାପନ କରିଥିଲେ। ବୈଠକ ପ୍ରାରମ୍ଭରେ ଅର୍ଥ କମିଶନ ଗ୍ରାଣ୍ଟ ଯଥାଶୀଘ୍ର ଯୋଗାଇବା ପାଇଁ ସମସ୍ତ ବ୍ଲକ୍ ଚେୟାରମ୍ୟାନ ମତ ରଖିଥିଲେ। ଏହାପରେ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ ଶିକ୍ଷା ବିଭାଗର କାର୍ଯ୍ୟକାରିତା ବିଷୟରେ ସମସ୍ତଙ୍କୁ ଅବଗତ କରିବା ସହ ଦଶମ ପରୀକ୍ଷା ଆୟୋଜନ ପ୍ରସ୍ତୁତି, ମଧ୍ୟାହ୍ନ ଭୋଜନ, ପାଠ୍ୟ ସାମଗ୍ରୀ, ସ୍କୁଲ ୟୁନିଫର୍ମ, କ୍ରୀଡ଼ା ସାମଗ୍ରୀ ଆଦି ବିତରଣ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପିଏମଶ୍ରୀ ବିଦ୍ୟାଳୟ ଏବଂ ଆଦର୍ଶ ବିଦ୍ୟାଳୟର କାର୍ଯ୍ୟକାରିତା, ଶିକ୍ଷକ ଓ ଶିଶୁ ସେବିକା ନିଯୁକ୍ତି ପ୍ରକ୍ରିୟା ଆଦି ବିଷୟରେ ନିଜ ମତ ଉପସ୍ଥାପନ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ସମସ୍ତ ଡାକ୍ତରଖାନାରେ ଉପଲବ୍ଧ ସୁବିଧା, ଡାକ୍ତରଙ୍କ ସଂଖ୍ୟା ପଦବୀ, ପୋଲିଓ ରୋଗର ନିରାକରଣ, ମାତୃ ପ୍ରସୂତି ବ୍ୟବସ୍ଥା, ଆରବିଏସକେ ଚିକିତ୍ସା ବ୍ୟବସ୍ଥା, ଡାଏଲିସିସ ଏବଂ ଆଇସିୟୁ ବ୍ୟବସ୍ଥା, ନିରାମୟ ଯୋଜନାର ସମସ୍ତ ଔଷଧ ଉପଲବ୍ଧତା ଆଦି ବିଭିନ୍ନ ବିଷୟରେ ଉପସ୍ଥାପନ କରିଥିଲେ। ଆଗକୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାର ସମସ୍ତ ଗାଁରେ ପାନୀୟଜଳ ଯୋଗାଣ ବିଷୟରେ ନିର୍ବାହୀ ଯନ୍ତ୍ରୀ ଶ୍ରୀଧର ବେହେରା କହିଥିଲେ। ବିଦ୍ୟୁତ ଯୋଗାଣ, ପିଏମ ସୂର୍ଯ୍ୟଘର ଯୋଜନାର ଅଗ୍ରଗତି ବିଷୟରେ ଟିପିଡବ୍ଲ୍ୟୁଓଡିଏଲ ମୁଖ୍ୟ ଯନ୍ତ୍ରୀ ଉପସ୍ଥାପନ କରିବା ସହ ଉଠା ଜଳସେଚନ ବିଭାଗ ସହ ସମନ୍ୱୟ ରଖି ବୋରୱେଲ ଜଳ ଯୋଗାଣର ତ୍ୱରାନିତ ପ୍ରକ୍ରିୟା ବିଷୟରେ ଉପସ୍ଥାପନ କରିବା ପରେ ପୂର୍ତ୍ତ ବିଭାଗ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ରାସ୍ତା ଓ କଲଭର୍ଟ ନିର୍ମାଣ ଆଦି ବିଷୟରେ ଆଲୋଚନା କରିଥିଲେ। ଏହାପରେ କୃଷି ବିଭାଗର ସମସ୍ତ ଅଗ୍ରଗତି ଆଲୋଚନା ହେବା ସହ ସାମଜିକ ମଙ୍ଗଳ ତଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ତଥା ସୁଭଦ୍ରା ଯୋଜନାର ଅଗ୍ରଗତି, କେନାଲ ଡିଭିଜନ ତଥା ଜଳ ଯୋଗାଣ ବିଭାଗ, ଗଙ୍ଗାଧର ମେହେର ଓ ପାର୍ବତୀ ଗିରି ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ, ଚେକ ଡ୍ୟାମ ତଥା କ୍ଷୁଦ୍ର ଏବଂ ବୃହତ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗ ଦ୍ୱାରା ପିଡିଏସ ଚାଉଳ ବିତରଣ, ଧାନ ସଂଗ୍ରହ ବ୍ୟବସ୍ଥା ଓ ପଞ୍ଜିକୃତ ଚାଷୀଙ୍କୁ ଟୋକନ ବିତରଣ ସ୍ଥିତି ବିଷୟରେ ଆଲୋଚନା କରିବା ପରେ ଯଥା ଶୀଘ୍ର ସମସ୍ତ ଚାଷୀଙ୍କ ଧାନ ଉଠାଇବା ସହ ଠିକ ସମୟରେ ପଇସା ଦେବା ବ୍ୟବସ୍ଥା କରିବା, ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମୁଖ୍ୟ ମନ୍ତ୍ରୀ ସଡ଼କ ଯୋଜନା ଓ ପିଏମଜୀଏସୱାଇ ରାସ୍ତା ନିର୍ମାଣ, ସେତୁବନ୍ଧ ଯୋଜନାର କାର୍ଯ୍ୟକାରିତା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ପୋଖରୀ ଖନନ, ମାଛ ଓ ଚିଙ୍ଗୁଡ଼ି ଚାଷ, ମତ୍ସ୍ୟ ଚାଷୀ ପଞ୍ଜୀକରଣ, ୱାଟରସେଡ଼ ବିଭାଗର ପ୍ରଧାନମନ୍ତ୍ରୀ କୃଷି ସିଚାୟୀ ଯୋଜନା, ଜଳଧାରା ଯୋଜନା, ଆଦି ବିଷୟରେ ଆଲୋଚନା କରାଯାଇଥିଲା।

## ● ସ୍ୱପ୍ନେଶ୍ୱର ମହାଦେବଙ୍କ ଶୀତଳ ଷଷ୍ଠୀ ଉତ୍ସବ

# ସାଧାରଣ ବୈଠକ, ନୂତନ କର୍ମକର୍ତ୍ତା ଚୟନ

ପଦ୍ମପୁର, ୭।୨(ସମିସ): ବରଗଡ଼ ଜିଲ୍ଲା ପଦ୍ମପୁର କଣ୍ଟା ବନ୍ଧ ସଂଲଗ୍ନ ସ୍ୱପ୍ନେଶ୍ୱର ମହାଦେବଙ୍କ ୪ର୍ଥ ଶୀତଳ ଷଷ୍ଠୀ ଉତ୍ସବ ଚଳିତ ବର୍ଷ ୨୦୨୬ ମହାସମାରୋହରେ ପାଳନ କରିବା ପାଇଁ ମନ୍ଦିର ପରିସରରେ ସାଧାରଣ ବୈଠକ ଆୟୋଜିତ ହୋଇଛି। ପ୍ରିତମ ମେହେର ଏଥିରେ ସଭାପତିତ୍ୱ କରିଥିଲେ। ବୈଠକ ପ୍ରାରମ୍ଭରେ ଉପସ୍ଥିତ ସମସ୍ତ ସଦସ୍ୟ/ସଦସ୍ୟା ମାନଙ୍କୁ ସ୍ୱାଗତ ଜଣାଇବା ସହିତ ଗତବର୍ଷ ଉତ୍ସବର ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରାଯାଇ ଥିଲା। ଶୀତଳ ଷଷ୍ଠୀ ଉତ୍ସବରେ କନ୍ୟା ପିତା, ମାତା ଭାବେ ଦାୟିତ୍ୱ ନିର୍ବାହ କରିବା ପାଇଁ ଶୁଭଦ୍ରା ନାୟକ ଏବଂ ଜୟନ୍ତ ନାୟକଙ୍କ ଅନୁରୋଧକୁ ସର୍ବସମ୍ମତି କ୍ରମେ ଗ୍ରହଣ କରାଗଲା। ଉତ୍ସବ ପାଳନ ପାଇଁ ସଭାପତି ଭାବେ ପ୍ରିତମ ମେହେର, ଉପସଭାପତି ସୁରେଶ ରାମଚନ୍ଦାଣୀ, ଦିଲିପ ବାରିକ, ଯୁଗଳ କିଶୋର ସାହୁ (ବୁଲୁ), ପ୍ରିତିରଞ୍ଜନ ପ୍ରଧାନ, ସାଧାରଣ ସମ୍ପାଦକ ଶେଷଦେବ ମେହେର, ସହସମ୍ପାଦକ ମନୋଜ ମହାନ୍ତି, ଆନନ୍ଦ ଜାଲ, ପ୍ରଶାନ୍ତ ସାହୁ, କୋଷାଧକ୍ଷ ନରସିଂହ ଅଗ୍ରୱାଲ, ସହକୋଷାଧକ୍ଷ ଚୂଳସୁନ୍ଦର ମେହେର, ସଂଗଠନ ସମ୍ପାଦକ ଜୟରାମ ମହାପାତ୍ର, ଅରୁଣ ଦାନୀ, ସାଂସ୍କୃତିକ ସମ୍ପାଦକ ବଳି ନାୟକ, ମହିପାଲ ସାହୁ, କାର୍ଯ୍ୟକାରୀ ସଦସ୍ୟ ନବ କିଶୋର ବରିହା, ବିଜୟ ବହିଦାର, ରୁଦ୍ର ପ୍ରତାପ ସାହୁ, ବଳରାମ ସରାପ, କେଦାର ସାହୁ, ଭାସ୍କର ମହାନ୍ତି, ପ୍ରକାଶ ସାହୁ, ଇନ୍ଦ୍ରଜିତ ମେହେର ଅରବିନ୍ଦ ଦାସ, ଗଙ୍ଗାଧର ଚିର୍ଗୁନଙ୍କୁ ମନୋନୀତ କରିବା ଥିବା ବେଳେ ଉପଦେଷ୍ଟା ଭାବେ ଟଙ୍କଧର ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ସନ୍ତୋଷ ମହାନ୍ତି, କୈଳାଶ ଅଗ୍ରୱାଲ, ବିଜୟ ସାହୁ, କାହ୍ନୁ ଚରଣ ମେହେର, ଲକ୍ଷପତି ରଣାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଶେଷରେ ସମ୍ପାଦକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଏବଂ ସଭାପତି ସଭା ସାଙ୍ଗ କରିଥିଲେ।

# କଳାହାଣ୍ଡି କପ୍ ପାଇଁ ବରଗଡ଼ ଜିଲ୍ଲା ଦଳର ଚୟନ

ବରଗଡ଼, ୭।୨(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଆରମ୍ଭ ହେବାକୁ ଥିବା କଳାହାଣ୍ଡି କପ୍ ପାଇଁ ବରଗଡ଼ ଜିଲ୍ଲା ଦଳର ଚୟନ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଆଗାମୀ ୧୧ ରୁ ଆରମ୍ଭ ହେବ ବୋଲି ଜିଲ୍ଲା କ୍ରିକେଟ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ଚୟନ ସମୟରେ ବୟସ ଓ ଶାରୀରିକ ଦକ୍ଷତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏଥିରେ ଭାଗ ନେବାକୁ ଇଚ୍ଛୁକ ଥିବା ଖେଳାଳି ମାନେ ଉକ୍ତ ଦିନ ସକାଳ ୮ ରେ ଷ୍ଟାଡ଼ିୟମ୍‌ରେ ନିଜର ଖେଳ ସାମଗ୍ରୀ ନେଇ ଉପସ୍ଥିତ ରହିବେ ବୋଲି ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର ସମ୍ପାଦକ ରବି ପଣ୍ଡା ଜଣାଇଛନ୍ତି।

# ଜାତିଗତ ଆକ୍ଷେପ ଓ ହତ୍ୟା ଧମକ ଅଭିଯୋଗରେ ୨ ଦୋଷୀ ସାବ୍ୟସ୍ତ

## ଅଭିଯୁକ୍ତଙ୍କୁ ହଜାରେ ଟଙ୍କା ଲେଖାଏଁ ଅର୍ଥଦଣ୍ଡ

ପଦ୍ମପୁର, ୭।୨(ସମିସ): ଝାରବନ୍ଧ ଥାନା ଅଞ୍ଚଳର ଆପରାଧିକ ମାମଲାରେ ଅଦାଳତ ରାୟ ପ୍ରକାଶ କରି ଦୁଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଅତିରିକ୍ତ ଜିଲ୍ଲା ଓ ଦୌରା ନ୍ୟାୟାଧୀଶ, ପଦ୍ମପୁର ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ପବିତ୍ର ବେହେରା ଓ ସୁକଦେବ ବେହେରା। ଅଦାଲତଙ୍କ ରାୟ ଅନୁସାରେ, ଉଭୟ ଅଭିଯୁକ୍ତଙ୍କୁ ଧାରା ୩୨୩/୩୪ ଭାରତୀୟ ପିଙ୍ଗଳ କୋଡ ଅନ୍ତର୍ଗତ ଦୋଷୀ ସାବ୍ୟସ୍ତ କରାଯାଇ, ପ୍ରତ୍ୟେକଙ୍କୁ ୧, ୦୦୦ ଟଙ୍କା ଅର୍ଥଦଣ୍ଡ ଦିଆଯାଇଛି। ଅର୍ଥଦଣ୍ଡ ପୈଠ ନ କଲେ ୨ ମାସ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଅଦାଳତ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁଯାୟୀ, ସୂଚନାଦାତା ଚନ୍ଦନ ବେହେରାଙ୍କୁ ଅଭିଯୁକ୍ତମାନେ ଅଟକାଇ ଜାତିଗତ ଅପମାନଜନକ ଗାଳି ଗୁଲଜ କରିଥିଲେ। ଏହାସହ ଲୁହାରଡରେ ଆକ୍ରମଣ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସୂଚନାଦାତା ଭୟଭୀତ ହୋଇ ଘଟଣାସ୍ଥଳରେ ଠେଲାକୁ ଛାଡି ପଳାଇଯାଇଥିଲେ। ମାମଲାର ତଦନ୍ତ ଜି. ବାର୍ଲା, ଓଡ଼ିଶା ପୁଲିସର ପୂର୍ବତନ ଡେପୁଟି ଆରକ୍ଷୀ ଅଧୀକ୍ଷକ ବରଗଡ଼ଙ୍କ ଦ୍ୱାରା କରାଯାଇଥିଲା। ମକଦ୍ଦମାକୁ ସରକାରୀ ଅଭିଯୋଜକ ପଦ୍ମପୁର ଆରଆର ପୁରୋହିତ ଓ ଆରକେ ସାହୁ ମକଦ୍ଦମା ପରିଚାଳନା କରୁଥିଲେ।

# ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକଙ୍କ ବରଗଡ଼ ଜିଲ୍ଲା ଗସ୍ତ

ବରଗଡ଼, ୭।୨(ସମିସ): ଭୁବନେଶ୍ୱର ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ନିର୍ଦ୍ଦେଶକ ସୁବ୍ରତ ପଣ୍ଡା ବରଗଡ଼ ଜିଲ୍ଲା ଦିନିକିଆ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ଓ କ୍ଷେତ୍ର ପରିଦର୍ଶନ କରିବା ସହ ଜିଲ୍ଲା ସ୍ତରୀୟ ସମିକ୍ଷା ବୈଠକ କରିଛନ୍ତି। ଆମ୍ବପାଲି ସ୍ଥିତ ସର୍କିଟ ହାଉସକୁ ପହଞ୍ଚିବା ପରେ ପ୍ରଶାସନ ତରଫରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ଶ୍ରୀ ପଣ୍ଡା ପଦ୍ମପୁର ବ୍ଲକ ପୁରେନା ଗାଁ ପୁରେନା ପଞ୍ଚାୟତର ତେଲିବନ୍ଧ ନାଳା କ୍ଷୁଦ୍ର ଜଳ ବିଭାଜିକାର ବିଜୟଲକ୍ଷ୍ମୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବିଭିନ୍ନ କିସମର ଲଡୁ ପ୍ରସ୍ତୁତି ଦେଖିଥିଲେ। ତାପରେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାୟୀ ଯୋଜନା ମାଧ୍ୟମରେ କରାଯାଇଥିବା ବିରଞ୍ଚି ଧରୁଆ, ପରମେଶ୍ୱର ଧରୁଆ, ଚିନ୍ତାମଣି ଧରୁଆ ଚାଷୀଙ୍କ କ୍ଷେତ୍ର ପୋଖରୀ ସହ ବିଭିନ୍ନ ପ୍ରକାର ପନିପରିବା ଚାଷ ପରିଦର୍ଶନ କରିଥିଲେ। ବସନ୍ତ ବଡଗୁଛିଆ ଚାଷୀଙ୍କ ଆମ୍ବ ବଗିଚାକୁ ନିରୀକ୍ଷଣ କରିଥିଲେ। ପରେ ସାନ୍ତୁନୁ ପ୍ରଧାନ ଚାଷୀ ପେଟୁପାଲି ପଞ୍ଚାୟତ ପେଟୁପାଲି,





ସୋହେଲା ବ୍ଲକ ସ୍ଥିତ କ୍ଷେତ୍ର ପୋଖରୀ, ଜଳଧାରା ଯୋଜନାରେ କରାଯାଇଥିବା ପ୍ରକଳ୍ପ ବୁଲି ଦେଖିଥିଲେ। ଜଳ ସଂରକ୍ଷଣ ମାଧ୍ୟମରେ କୃଷି ଉତ୍ପାଦନ ବୃଦ୍ଧି ଓ ଭୂତଳ ଜଳସ୍ତର ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସରକାରଙ୍କ ତରଫରୁ ଚାଲିଥିବା ବିଭିନ୍ନ ଜନକଲ୍ୟାଣ ସମ୍ପର୍କୀତ ଯୋଜନା ଓ ଏହାର କାର୍ଯ୍ୟକାରିତା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ସମୀକ୍ଷା କରିଥିଲେ। ଉପ ନିର୍ଦ୍ଦେଶକ ମୃତ୍ତିକା ସଂରକ୍ଷଣ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ମୁଖ୍ୟ ସୁଶେନ ମିର୍ଦ୍ଧା, ମୃତ୍ତିକା ସଂରକ୍ଷଣ ସହକାରୀ ନିର୍ଦ୍ଦେଶକ ସୌଭାଗିନି ବେହେରା, ସୁଗାତା ମିଶ୍ର, ବିଶ୍ୱଜିତ୍ ରାଉତ, ଦ୍ରୁପଦ ବେହେରାଙ୍କ ସମେତ ବହୁ ବିଶିଷ୍ଟ ଅଧିକାରୀ ଉପସ୍ଥିତ ଥିଲେ।

# ଟାଇଲଙ୍କୁ ବରଗଡ଼ ଜିଲ୍ଲା ବିଜେଡି ଉପସଭାପତି ଦାୟିତ୍ୱ

ପାଇକମାଲ, ୭।୨(ସମିସ): ପାଇକମାଲ ବ୍ଲକ ବୋଇଦପାଲି ଗାଁର ସମାଜସେବୀ ତଥା ବିଜେଡି ନେତା ଟାଇଲ ଚନ୍ଦ୍ର ଭୋଇ ବରଗଡ଼ ଜିଲ୍ଲା ବିଜେଡି ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ବରଗଡ଼ ଜିଲ୍ଲାର ସଙ୍ଗଠନ ସୁଦୃଢ଼ କରିବା ପାଇଁ ନେତୃବୃନ୍ଦଙ୍କୁ ନିଯୁକ୍ତି ଦେଇଛନ୍ତି। ପାଇକମାଲ ବ୍ଲକର ଟାଇଲ ଚନ୍ଦ୍ର ଭୋଇଙ୍କୁ ଜିଲ୍ଲା ଉପସଭାପତି ଓ ଭୀଷ୍ମଦେବ ସାହୁଙ୍କୁ ଜିଲ୍ଲା ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ଶ୍ରୀ ଭୋଇ ବିଜୁ ଜନତା ଦଳର ଫାଉଣ୍ଡର ମେମ୍ବର ହେବା ସହ ପଦ୍ମପୁର ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ଥିଲେ। ପାଇକମାଲ ଅଞ୍ଚଳର ଅଧିକାଂଶ ସଙ୍ଗଠନ ସହ ସବୁବେଳେ ଜଡିତ ରହିଥାନ୍ତି।



# ପୁରାଣ ପାଠକ ମନସୀ ଦାଶଙ୍କ ପରଲୋକ

ବରଗଡ଼, ୭।୨(ସମିସ): ଆଧ୍ୟାତ୍ମିକ ଚେତନା ଓ ଭକ୍ତିଭାବର ମଶାଲଧାରୀ ଧର୍ମପ୍ରଚାରକ ତଥା ବିଦଗ୍ଧ ପୁରାଣ ପାଠକ ମନସୀ ଦାଶଙ୍କ ୯୩ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କର ଦେହାବସାନର ଖବର ପ୍ରଚାରିତ ହେବା ପରେ କପାଶିରା ଓ ପାଶ୍ୱବର୍ତ୍ତୀ ଅଞ୍ଚଳରେ ଗଭୀର ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶତାଧିକ ଶ୍ରଦ୍ଧାଳୁ, ତାଙ୍କୁ ଭଲ ପାଉଥିବା ବ୍ୟକ୍ତି ଓ ଅଞ୍ଚଳବାସୀ ତାଙ୍କ ନିବାସକୁ ପହଞ୍ଚି ନିରବ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ଶେଷଯାତ୍ରା ଅବସରରେ ହରିନାମ ସଙ୍କୀର୍ତ୍ତନ ମଧ୍ୟରେ ଏକ ଶୋଭାଯାତ୍ରା ଆୟୋଜିତ ହୋଇ ଗାଁ ଓ ମନ୍ଦିର ପରିକ୍ରମା ପରେ ପାର୍ଥିବ ଶରୀରକୁ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା।



## ଓଡ଼ିଶା ବନାମ ବେଙ୍ଗଲ ସିକେ ନାଇଡୁ ଟ୍ରଫି

# ଓଡ଼ିଶା ପକ୍ଷରୁ ଦୃଢ଼ ଜବାବ

ବରଗଡ଼, ୭।୨(ସମିସ)

- ବେଙ୍ଗଲ ୩୪୩, ଓଡ଼ିଶା ୨୧୯/୪
- ଓଡ଼ିଶାର ବାଦଲଙ୍କୁ ୬ ୱିକେଟ
- ସୁଜଲ ସିଂଙ୍କ ୬୫ରନ





ବରଗଡ଼ କ୍ରିଷ୍ଣା ବିକାଶ ଗ୍ରାଉଣ୍ଡରେ ଓଡ଼ିଶା ଓ ବେଙ୍ଗଲ ମଧ୍ୟରେ ଚାଲିଥିବା ସିକେ ନାଇଡୁ ଟ୍ରଫିର ଦ୍ୱିତୀୟ ଦିନରେ ବେଙ୍ଗଲ ଦଳ ୩୪୩ ରନରେ ଅଲ୍‌ଆଉଟ୍ ହୋଇଛି। ଆଜି ଓଡ଼ିଶା ଦଳର ସ୍କୋର ୨୧୯/୪ ହୋଇଛି। ଗତକାଲିର ଅସମାପ୍ତ ସ୍କୋର ୩୦୧/୬ ରୁ ଖେଳ ଆରମ୍ଭ କରି ବେଙ୍ଗଲ ଦଳର ସମସ୍ତ ଖେଳାଳି ୧୦୬.୫ ଓଭର ଖେଳି ୩୪୩ ରନରେ ଅଲ୍‌ଆଉଟ୍ ହୋଇ ଯାଇଥିଲେ। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ରବି ଶେଷ ପର୍ଯ୍ୟନ୍ତ ୨୫ରନ କରି ଅପରାଜିତ ରହିଥିଲେ। ହେଲେ ଆଉ ଅନ୍ୟ କୌଣସି ଶେଷ ଭାଗ ଖେଳାଳି ଆଖି ଦୃଶିଆ ରନ କରି ନ ପାରିବାରୁ ଦଳ ୩୪୩ରନ କରି ଅଲ୍ ଆଉଟ୍ ହୋଇଥିଲା।

ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ୯୩ ରନରେ ୬ ୱିକେଟ, ସାଇ ସୁବ୍ରତ ଜେନା ୪୨ ରନରେ ୨ ୱିକେଟ, ସାଇଦୀପ ମହାପାତ୍ର ୫୦ ରନରେ ୨ ୱିକେଟ ନେଇଥିଲେ। ବେଙ୍ଗଲର ୩୪୩ ରନର ପିଛା କରି ଓଡ଼ିଶା ଦଳ ନିଜର ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରିଥିଲା।

ଓଡ଼ିଶା ପକ୍ଷରୁ ଦିନେଶ ମାଝୀ ୩୦ରନ, ଶ୍ରେୟନ୍ସ ଭରଦ୍ୱାଜ ୪୯, ସୁଜଲ ସିଂ ୬୫ ତଥା ଆଶୀର୍ବାଦ ସ୍ୱାଇଁ ଅପରାଜିତ ୧୯ରନ ଓ ସମ୍ବିତ ବେଜା ଅପରାଜିତ ୩୪ରନ କରିଛନ୍ତି। ଫଳରେ ଦଳ ୭୧ ଓଭର ଖେଳି ୪ ୱିକେଟ ବିନିମୟରେ ୨୧୯ ରନ କରିଛି। ଏହି ଖେଳକୁ ବିସିସିଆଇର ଅମ୍ପାୟାର ରଞ୍ଜୀବ ଶର୍ମା ଓ ଗଣେଶ ଚରହଟେ ପରିଚାଳନା କରିଥିବା ବେଳେ ମ୍ୟାଚ୍ ରେଫରି ଗୌରବ ବଶିଷ୍ଟ ରହିଛନ୍ତି।

# କୁର୍ମା ଗାଁରେ କିଶୋରୀ ମେଳା

ଝାରବନ୍ଧ, ୭।୨(ସମିସ): ଝାରବନ୍ଧ ବ୍ଲକ ଲୌଡିଦର୍ହା ପଞ୍ଚାୟତ ଅଧୀନ ଡୁଙ୍ଗୁରିପାଲି ସେକ୍ଟର କୁର୍ମା ଗାଁରେ କିଶୋରୀ ମେଳା ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସିଆରସିସି ପୁରନ୍ଦର କୁମ୍ଭାର ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଶୋରୀ ମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, ସୁଷମ ଖାଦ୍ୟ ଗ୍ରହଣ ଓ ପରିଷ୍କାର ପରିଚ୍ଛନ୍ନତାର ଗୁରୁତ୍ୱ ବିଷୟରେ ସଚେତନତା ମୂଳକ ଉଦ୍‌ବୋଧନ ଦେଇଥିଲେ।



କୁର୍ମା ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ କିଶୋରୀ ମାନଙ୍କ ସାମାଜିକ ଓ ଶିକ୍ଷାଗତ ଉନ୍ନତି ପାଇଁ ନିୟମିତ ପଢ଼ାଶୁଣା, ଆତ୍ମବିଶ୍ୱାସ ବୃଦ୍ଧି ସହିତ ସ୍ୱାସ୍ଥ୍ୟକର ଜୀବନଶୈଳୀ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ସୁପରଭାଇଜର ହରିପ୍ରିୟା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲିର ସେକ୍ଟରର ୨୯ ସେଣ୍ଟରର ଅଙ୍ଗନବାଡି କର୍ମୀ ମାନେ ଉପସ୍ଥିତ ଥିଲେ। ମେଳାରେ ବହୁ ସଂଖ୍ୟକ କିଶୋରୀ ବାଳିକା ଅଂଶଗ୍ରହଣ କରିଥିଲେ। କୁର୍ମା ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା 'ବେଟି ବଚାଓ, ବେଟି ପଢ଼ାଓ' ବିଷୟରେ ଏକ କ୍ଷୁଦ୍ର ନାଟିକା ପ୍ରଦର୍ଶିତ ହୋଇଥିଲା। ଏହା ସହ କିଶୋରୀ ମାନଙ୍କୁ ସୁଷମ ଖାଦ୍ୟ ଗ୍ରହଣ, ରକ୍ତହୀନତା ପ୍ରତିରୋଧ ଓ ଦୈନନ୍ଦିନ ପରିଷ୍କାର ପରିଚ୍ଛନ୍ନତା ଅଭ୍ୟାସ ଉପରେ ଜଣା ହୋଇଥିଲା। ଏହି ମେଳା ମାଧ୍ୟମରେ କିଶୋରୀ ମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି ସହ ନିଜ ସ୍ୱାସ୍ଥ୍ୟ ଓ ଶିକ୍ଷା ପ୍ରତି ଆଗ୍ରହ ବଢ଼ାଇବା ଲକ୍ଷ୍ୟ ରହିଛି।

## ଶୁଖିଗଲାଣି ରେବ ନଦୀ

# ବିପଦରେ ଚାଷୀ ଓ ମତ୍ସ୍ୟଜୀବୀଙ୍କ ଜୀବନଜୀବିକା

**ଅସୁରାଳି, ୭।୨(ସମିସ)**

ଧାମନଗର ବ୍ଲକ ମଧ୍ୟ ଦେଇ ପ୍ରବାହିତ ରେବ ନଦୀ ଏବେ ପ୍ରାୟ ଶୁଷ୍କ। ପ୍ରାୟ ୧୨ ବର୍ଷ ପୂର୍ବେ ନଦୀ ସଂସ୍କାର ଯୋଜନାରେ ୯ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ନଦୀଶଯ୍ୟା ଖନନ କରାଯାଇଥିଲା। କିନ୍ତୁ ସେହି ପ୍ରୟାସ ଫଳଦାୟକ ହୋଇ ନ ଥିବାରୁ ଏବେ ଚାଷୀ, ମତ୍ସ୍ୟଜୀବୀ ଓ ସାଧାରଣ ଲୋକଙ୍କ ଜୀବନଜୀବିକା ବିପଦରେ ପଡ଼ିଛି।



କେନ୍ଦୁଝର ଜିଲ୍ଲାର ନନ୍ଦିପଦାରୁ ଉତ୍ପତ୍ତି ହୋଇ ରେବ ନଦୀ ପ୍ରାୟ ୫୨ କିମି ଦୈର୍ଘ୍ୟରେ ଭଦ୍ରକ ଜିଲ୍ଲାର ୫ଟି ବ୍ଲକର ୯୦୦ ଗାଁକୁ ଜୀବନଦାୟିନୀ। ଧାମନଗର ବ୍ଲକର ୧୦ରୁ ଅଧିକ ଗ୍ରାମର ୫ହଜାର ଚାଷୀ ଏହି ନଦୀ ଉପରେ ନିର୍ଭରଶୀଳ। ପ୍ରାୟ ୭୦୦ ହେକ୍ଟର ଜମିରେ ଧାନ, ମୁଗ, ବିରି ସହିତ ରବି ଋତୁରେ ପନିପରିବା ଚାଷ ହୋଇଥାଏ। ବର୍ତ୍ତମାନ ନଦୀରେ ପାଣି ନ ଥିବାରୁ ଚାଷୀଙ୍କ ଚାଷ ବିପଦରେ। ୯ କୋଟି ଟଙ୍କା ଖର୍ଚ୍ଚ କରି ହୋଇଥିବା ଖନନ ପରେ କୌଣସି ରକ୍ଷଣାବେକ୍ଷଣ ନ ହେବାରୁ ଘାସ, ଦଳ, ଆବର୍ଜନା ଜମି, ପୋତି ହୋଇ ଜଳ ପ୍ରବାହରେ ବାଧାପ୍ରାପ୍ତ। ଆଡ଼ିବନ୍ଧ ମୁକୁଳା ପଡ଼ିଥିବାରୁ ବର୍ଷାଦିନେ ବନ୍ୟା ପାଣି ଗାଁଗୁଡ଼ିକୁ ପଶି ଫସଲ ନଷ୍ଟ କରୁଛି। ଧାମନଗର ବ୍ଲକର ଦଇପୁର, ଚୁଡ଼ାକୁଟି, କଲ୍ୟାଣୀ, ଗୋବିନ୍ଦପୁର, ଅସୁରାଳି, ଫତେପୁର, କାଶିନ୍ଦପୁର ପଞ୍ଚାୟତର ଚାଷୀମାନେ ଏବେ ନିଜ ଚାଷକୁ କେମିତି ବଞ୍ଚାଇବେ ସେ ଚିନ୍ତାରେ ଅଛନ୍ତି। ମତ୍ସ୍ୟଜୀବୀଙ୍କ ବେଉସା ମଧ୍ୟ ପାଣି ନ ଥିବାରୁ ବୁଡ଼ିଯିବାକୁ ବସିଛି। ସମାଧାନ ପ୍ରସ୍ତାବ ଅନୁଯାୟୀ, କାକୁଡ଼ିଗଡ଼ିଆରେ ଏକ ଚେକ୍‌ଡ୍ୟାମ୍ ନିର୍ମାଣ କରାଗଲେ, ଚାଷୀମାନେ ବହୁତ ଉପକୃତ ହୁଅନ୍ତେ। ନଦୀର ପୁନଃଖନନ, ଆଡ଼ିବନ୍ଧ ମରାମତି ଓ ପ୍ରବାହ ସୁଚଳ କରିବା ପାଇଁ ଯଥାଶୀଘ୍ର ପଦକ୍ଷେପ ଆବଶ୍ୟକ। ପ୍ରଶାସନର ପ୍ରତିକ୍ରିୟା ଅନୁଯାୟୀ, ଭଦ୍ରକ ଜଳ ନିଷ୍କାସନ ବିଭାଗର ଯନ୍ତ୍ରୀ ପ୍ରଦୀପ୍ତ ମଲ୍ଲିକ କହିଛନ୍ତି, ଖୁବ୍‌ଶୀଘ୍ର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ। ରେବ ନଦୀର

- ୯ କୋଟି ଟଙ୍କା ବିନିଯୋଗ କରି ଖୋଳାଯାଇଥିଲା
- ରକ୍ଷଣାବେକ୍ଷଣ ଅଭାବରୁ ପୋତି ହୋଇ ଜଳ ପ୍ରବାହ ବାଧାପ୍ରାପ୍ତ

ଶୁଷ୍କତା କେବଳ ପରିବେଶୀୟ ସମସ୍ୟା ନୁହେଁ, ଏହା ଭଦ୍ରକର ହଜାର ଚାଷୀଙ୍କ ଜୀବନଜୀବିକାକୁ ସିଧାସଳଖ ପ୍ରଭାବିତ କରୁଛି। ପୁନଃଖନନ, ଚେକ୍‌ଡ୍ୟାମ୍ ନିର୍ମାଣ ଓ ସଂରକ୍ଷଣ ପଦକ୍ଷେପ ନିଆଗଲେ, ଏହି ନଦୀ ପୁଣିଥରେ ଗାଁଗୁଡ଼ିକର ଜୀବନଦାୟିନୀ ହୋଇପାରିବ।

## ୨୦ରେ ରେଲରୋକକୁ ସଫଳ କରିବା ପାଇଁ ବୈଠକ



**ଭଦ୍ରକ, ୭।୨(ସମିସ):** ଭଦ୍ରକ-ଧାମରା ରେଳପଥରେ ସରକାରୀ ଯାତ୍ରୀବାହୀ ରେଳ ଚଳାଚଳ କରିବା, ଧାମରା ବନ୍ଦର ଓ ଧାମରା-ଭଦ୍ରକ ରେଳପଥକୁ ସରକାରଙ୍କ ମାଲିକାନାକୁ ଫେରାଇ ଆଣିବା ଦାବିରେ ଆସନ୍ତା ୨୦ ତାରିଖରେ ଭଦ୍ରକ-ଧାମରା ରେଳପଥରେ ଜନୁଆଳି ଛକଠାରେ ଭଦ୍ରକ-ଧାମରା ରେଳ ସଂଗ୍ରାମ ସମିତି ପକ୍ଷରୁ ସକାଳ ୮ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ୮ ଘଣ୍ଟିଆ ରେଲରୋକ ଆନ୍ଦୋଳନ ଡକରା ଦିଆଯାଇଛି। ଏହି ରେଲରୋକ ଆନ୍ଦୋଳନକୁ ସିପିଆଇ(ଏମ୍) ଘଣ୍ଟେଶ୍ୱର ଶାଖା ପକ୍ଷରୁ ଗୋପିନାଥପୁରଠାରେ ଆହୂତ ସାଧାରଣ ବୈଠକରେ ସମର୍ଥନ କରାଯାଇଛି। ହଜାର ହଜାର ଏକର ଚାଷଜମି, ସାଧାରଣ ଲୋକଙ୍କ ଘରଡିହ, ବିଭିନ୍ନ ଗ୍ରାମର ଶ୍ମଶାନ ଜମି, ଗୋଚର ଆଦି ଭଦ୍ରକ ଜିଲ୍ଲାବାସୀ ସବୁଦିନ ପାଇଁ ହରାଇଥିବାବେଳେ ଭଦ୍ରକ-ଧାମରା ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବା ଜିଲ୍ଲାବାସୀଙ୍କ ନ୍ୟାଯ୍ୟ ଦାବି ବୋଲି ସିପିଆଇ(ଏମ୍) ପକ୍ଷରୁ ସାଧାରଣ ବୈଠକରେ ଶନିବାର ପ୍ରକାଶ କରାଯାଇଛି।

ଚାନ୍ଦବାଲି ବ୍ଲକ ବାଂଶଡ଼ା ଥାନା ଅଧୀନସ୍ଥ ଚର୍ଚ୍ଚିଆଠାରେ ଭିଡ଼ ହିଂସା ଯୋଗୁଁ ଜଣେ ଚାଷୀ ଆତ୍ମହତ୍ୟା କରିବା, ମଉସୁଧାଠାରେ ଭୂଇଁବୃତ୍ତି ପଞ୍ଚାୟତର ଜଣେ ନାବାଳକକୁ କିଛି ଅସାମାଜିକ ଯୁବକ ଗଛରେ ବାନ୍ଧି ପିଟିବା ଘଟଣାକୁ ସିପିଆଇ(ଏମ୍) ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ରାଜ୍ୟରେ ସୃଷ୍ଟି ହୋଇଥିବା ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ମନ୍ତେଇ ନଦୀରେ ବାଲିଆପାଳ ପୋଲ ନିର୍ମାଣ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବା, ପଞ୍ଚୁଟିକ୍ରି ପୋଲ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା, ଗଦି-ପଞ୍ଚୁଟିକ୍ରି ରାସ୍ତା, ଦିଗଛିଆ- ବାଲିଆପାଳ ରାସ୍ତାର ପୁନଃନିର୍ମାଣ, ଘଣ୍ଟେଶ୍ୱର ବଜାରରେ ଭେଣ୍ଡି ଜୋନ୍ ନିର୍ମାଣ କରିବା ଆଦି ଦାବିରେ ଆନ୍ଦୋଳନ କରିବା ପାଇଁ ବ୍ରାଞ୍ଚ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ରାଜ୍ୟରେ ଧାନ ବିକ୍ରିରେ ସରକାରୀ ଅବ୍ୟବସ୍ଥାରେ ସୁଧାର ଆଣିବା, ଶ୍ରମିକ ବିରୋଧୀ ଶ୍ରମକୋଡ୍ ବାତିଲ୍ କରିବା, ପୂର୍ବପରି ମନରେଗା ଯୋଜନାକୁ କାର୍ଯ୍ୟକାରୀ କରିବା ଆଦି ଦାବି ନେଇ ଆସନ୍ତା ୧୨ ତାରିଖ ଭାରତ ବନ୍ଦ ପରିପ୍ରେକ୍ଷୀରେ ଘଣ୍ଟେଶ୍ୱର ଅଞ୍ଚଳରେ ଏହି ବନ୍ଦକୁ ସଫଳ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ସିପିଆଇ(ଏମ୍) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଚାନ୍ଦବାଲି ଆଞ୍ଚଳିକ କମିଟି ସମ୍ପାଦକ ଗୌରାଙ୍ଗ ଯେନା, ଇଂ. କାହ୍ନୁ କିଶୋର ସାହୁ, ଯୁବନେତା ଦୀପକ ଦାସ, କାର୍ତ୍ତିକ ନାଥ, ବିଜୟ ଜେନା, ବରିଷ୍ଠ ନେତା ଜୟରାମ ଦାସ, ଘଣ୍ଟେଶ୍ୱର ବ୍ରାଞ୍ଚ ସମ୍ପାଦକ ଚକ୍ରଧର ଦାସ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ।

## ଆଗରପଡ଼ା କଲେଜରେ ସାଂସ୍କୃତିକ ସମାରୋହ



**ବନ୍ତ/ଆଗରପଡ଼ା, ୭।୨(ସମିସ):** ଜିଲ୍ଲାର ଅନ୍ୟତମ ପ୍ରମୁଖ ଆଗରପଡ଼ା କଲେଜର ୪୬ତମ ବାର୍ଷିକ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ନାରାୟଣ ପାତ୍ରଙ୍କ ସଭାପତିତ୍ୱ ଓ ଅଧ୍ୟାପିକା ସାବିତ୍ରୀ ମଞ୍ଜରୀ ଦାସଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଭଦ୍ରକ ସ୍ୱୟଂଶାସିତ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ରାମଚନ୍ଦ୍ର ପଣ୍ଡା, ବଉଳା କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ କଲେଜ ଉତ୍କୃଷ୍ଟ କଳା, ସାହିତ୍ୟ, ଐତିହ୍ୟ, ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ସାଂସ୍କୃତିକ ପରିଷଦ ସଭ୍ୟ ମହେଶ୍ୱର ମଲ୍ଲିକ ଅତିଥି ପରିଚୟ, ଉପସଭାପତି ଅଧ୍ୟାପକ ବିଜୟ ସେଣ୍ଠ ବାର୍ଷିକ ବିବରଣୀ ପାଠ ଓ ସଭ୍ୟ ଅଧ୍ୟାପକ ବ୍ରଜମୋହନ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଅଧ୍ୟାପକ ଡ. ହରିହର ଦାସ, ଅଧ୍ୟାପକ ପ୍ରଶାନ୍ତ ନାୟକ, ରାଜେନ୍ଦ୍ର ପାଣିଗ୍ରାହୀ, ମୁଖ୍ୟ ସହାୟକ ଅଶୋକ ସାହୁ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ। ଶେଷରେ କଣ୍ଠଶିଳ୍ପୀ ଗୌତମ ବାରିକଙ୍କ ଟିମ୍ ଦ୍ୱାରା ମେଲୋଡ଼ି କାର୍ଯ୍ୟକ୍ରମ ହୋଇଥିଲା।

## ନଟରାଜ ନାଟ୍ୟ ମହୋତ୍ସବର ୩ୟ ସନ୍ଧ୍ୟାରେ 'ଜନ୍ମମାଟି'

# 'ନାଟକ ପ୍ରତି ଦର୍ଶକଙ୍କ ସ୍ୱତନ୍ତ୍ର ରୁଚି ବଢ଼ିଛି'

**ଭଦ୍ରକ, ୭।୨(ସମିସ):** ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର ଓ ସଙ୍ଗୀତ ନାଟକ ଏକାଡେମୀ ମିଳିତ ସହଯୋଗରେ ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଭଦ୍ରକର ଦ୍ୱାବିଂଶତମ ୪ଦିବସୀୟ ନାଟ୍ୟ ମହୋତ୍ସବ-୨୦୨୬ ତା'ର ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ନାଟକ ପରିବେଷଣ କରିଛନ୍ତି ସୁଦୂର ରାଉରକେଲାର ନାଟ୍ୟ ସଂସ୍ଥା ସମ୍ପର୍କ ତାର ନାଟକ ଜନ୍ମମାଟି। ପ୍ରଥମ ଓ ଦ୍ୱିତୀୟ ଦିନରେ ଅଭୁତ ସଫଳତା ପରେ ୩ୟ ଦିବସରେ ମଧ୍ୟ ଅଭୁତ ଦର୍ଶକଙ୍କ ଉପସ୍ଥିତି ଭଦ୍ରକରେ ନାଟକକୁ ଲୋକେ ପସନ୍ଦ କରୁଥିବା ଏବଂ ନାଟକ ପ୍ରତି ଲୋକଙ୍କ ସ୍ୱତନ୍ତ୍ର ରୁଚି ବଢ଼ିଥିବା ପ୍ରଦୟମାନ ହୋଇଥିଲା। ନାଟ୍ୟକାର ପଦ୍ମଶ୍ରୀ ମନୋରଞ୍ଜନ ଦାସଙ୍କ ରଚନା ଓ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ନାଟକ ଜନ୍ମମାଟି ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ତୃତୀୟ ସନ୍ଧ୍ୟାରେ ବିଶିଷ୍ଟ ନାଟ୍ୟକାର ଡ. ସୁଧାଂଶୁ ନାୟକ ସଭାପତିତ୍ୱ କରିଥିଲେ। ରାଉରକେଲାରୁ ଆସିଥିବା ନାଟ୍ୟ ସଂସ୍ଥା ସମ୍ପର୍କ ନାଟ୍ୟ ସଂସ୍ଥାର ନାଟକ ଜନ୍ମମାଟି ବିଷୟରେ ସୂଚନା ଦେଇଥିଲେ। ୩ୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଭଦ୍ରକରେ ନାଟକକୁ ଏକ ମହୋତ୍ସବରେ ପରିଣତ କରିଥିବା ନାଟ୍ୟ ଅନୁଷ୍ଠାନ ନଟରାଜକୁ ଧନ୍ୟବାଦ ଦେଇଥିଲେ ଶ୍ରୀ ମଲ୍ଲିକ। ଆଗାମୀ ଦିନରେ କିପରି ନାଟକ ଦର୍ଶକଙ୍କ ଆଦୃତ ହେବ ସେ ନେଇ ଆଲୋଚନା କରିଥିଲେ ଶ୍ରୀ ମଲ୍ଲିକ। ନାଟ୍ୟ ଅନୁଷ୍ଠାନ ତରଫରୁ ଦୁଇ ନାଟ୍ୟକାର ଓଡ଼ିଶା ସଙ୍ଗୀତ ଏକାଡେମୀ ପୁରସ୍କାରପ୍ରାପ୍ତ ଅନୁଗୁଳର ନାଟ୍ୟକାର ସୁଧାଂଶୁ ଶେଖର ଦ୍ୱିବେଦୀ ଓ ଭଦ୍ରକର ମୋଗଲ ତାମ୍‌ସା ମାଧ୍ୟମରେ ସାରା ଦେଶରେ ସୁନାମ ଅର୍ଜନ କରିଥିବା ନାଟ୍ୟକାର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ତରଫରୁ ପୁରସ୍କାରପ୍ରାପ୍ତ ନାଟ୍ୟକାର ବିଜୟ ବହଳି ଏବଂ ବାଦଲ ସିକଦାରଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନାରେ ଉପସଭାପତି ଶିବ ପ୍ରସାଦ ମହାନ୍ତି, ସମ୍ପାଦକ ଦେବବ୍ରତ ମହାନ୍ତି, ପ୍ରଦୀପ ବାରିକ, କମଳଲୋଚନ ପଣ୍ଡା, ବୃନ୍ଦାବନ ସାହୁ, କାଳନ୍ଦୀ ମଲ୍ଲିକ, ଶୁଭେନ୍ଦୁ ସାହୁ, ନିର୍ମଳ ପରିଡ଼ା, ମନୋଜ ମିଶ୍ର, ଭବେଶ ସାହୁ, ସୁମତି ପଣ୍ଡା, ସନିଆ ସା ସହଯୋଗ କରିଥିଲେ।



## ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଭଦ୍ରକ, ୭।୨(ସମିସ):** ଭଦ୍ରକ ଜିଲ୍ଲା ଯୁବ ଯାଦବ ମହାସଭା ଓ ଚରମ୍ପା ମର୍ଣ୍ଣିଂ ଷ୍ଟାର୍ ଫୁଟ୍‌ବଲ କ୍ଲବ୍ ପକ୍ଷରୁ ଅଲ୍ ଓଡ଼ିଶା ଏମ୍‌ଆର୍ ମେମୋରିଆଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ଶନିବାର ଭଦ୍ରକର ଚରମ୍ପା ରେଲ୍‌ୱେ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟସ୍ତରୀୟ ଏହି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ଟୁର୍ଣ୍ଣାମେଣ୍ଟକୁ ଜିଲ୍ଲା ଯୁବ ଯାଦବ ମହାସଭା ସଭାପତି ରବିନାରାୟଣ ଖିଲାରଙ୍କ ସଭାପତିତ୍ୱରେ ରାଜ୍ୟ ଯୁବ ଯାଦବ ମହାସଭା ସଭାପତି ଅମର ନାୟକ ଉଦ୍‌ଘାଟନ କରିଛନ୍ତି। ଚରମ୍ପା ମର୍ଣ୍ଣିଂ ଷ୍ଟାର୍ ଫୁଟବଲ କ୍ଲବ୍‌ର କର୍ମକର୍ତ୍ତା ଓ ଜିଲ୍ଲା ଯୁବ ଯାଦବ ସଂଘର ସଭାପତି ଓ କର୍ମକର୍ତ୍ତାଙ୍କ ମିଳିତ ଉଦ୍ୟମରେ ଏହା ହୋଇଛି। ଏଥିସହ ୮ ତାରିଖ ଉଦ୍‌ଯାପନୀ ଦିବସରେ ଦୁଇ ଖେଳାଳିଙ୍କ ସ୍ମୃତିରେ ସକାଳେ ରକ୍ତଦାନ ଶିବିର ଅନୁଷ୍ଠିତ ହେବା ସହ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଯୋଗଦେବେ ବୋଲି କମିଟିର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। କମଳାକାନ୍ତ ବାରିକ, ମନୋଜ ଚୌଧୁରୀ, ରବୀନ୍ଦ୍ର ପ୍ରଧାନ, ଚନ୍ଦନ ରାଉତ, ଗିରିଜା ନନ୍ଦନ ସିଂ, ଦେବରାଜ କିସ୍କୋ, ଗିରିଶ ଚନ୍ଦ୍ର ରାଓ, ଗଙ୍ଗା ମୁଣ୍ଡା ପ୍ରମୁଖ ଆୟୋଜକ ଭାବେ ଉପସ୍ଥିତ ଥିଲେ।

## ପିଏମ୍‌ଶ୍ରୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ଛାତ୍ରଛାତ୍ରୀମାନେ ଉଜ୍ୱଳ ଭବିଷ୍ୟତର ଜ୍ୟୋତି

**ବାରିକପୁର, ୭।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକର ଏକମାତ୍ର ପିଏମ୍‌ଶ୍ରୀ ରହଣିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦେବଦତ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ମୁଖ୍ୟବକ୍ତା ଭାବେ ଭଦ୍ରକ ମହାବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ବିନୋଦ ବିହାରୀ ମଲ୍ଲିକ, ମଞ୍ଜୁରୀରୋଡ୍ ହାଇସ୍କୁଲ ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ଜେନା, ସମ୍ମାନିତ ଅତିଥି ସରପଞ୍ଚ ରଞ୍ଜନ କୁମାର ପରିଡ଼ା, ଶିକ୍ଷାବିତ୍ ପ୍ରୀତିକାନ୍ତ ରାଉତ, ଯଦୁମଣି ଦାସ, ପଞ୍ଚସଖା ଶିକ୍ଷାସେତୁ ଉପସଭାପତି କରୁଣାକର ତରାଇ, ପରିଚାଳନା କମିଟି ଉପସଭାନେତ୍ରୀ ମୀନାରାଣୀ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ଉଜ୍ୱଳ ଭବିଷ୍ୟତର ଜ୍ୟୋତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଉଚ୍ଚକୋଟିର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ତାପସ କୁମାର ପଣ୍ଡା ବାର୍ଷିକ ବିବରଣୀ ପ୍ରଦାନ କରିଥିବାବେଳେ ପ୍ରିୟବ୍ରତ ବାରିକ ସ୍ୱାଗତ ଭାଷଣ, ସ୍ମୃତିରେଖା ନାୟକ ଅତିଥି ପରିଚୟ ପ୍ରଦାନ ଓ ନିର୍ମଳ ଚନ୍ଦ୍ର ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ଉତ୍ସବକୁ ଶିକ୍ଷୟିତ୍ରୀ ଇତିଶ୍ରୀ ନିବେଦିତା ସାହା, ପୂର୍ଣ୍ଣିମା ଧଳ, ବିଜୟଲକ୍ଷ୍ମୀ ସାହୁ, ଭକ୍ତ ପ୍ରସାଦ ମିଶ୍ର, ଭୀମ ଚରଣ ଟୁଡୁ, ବନିତା ପରିଡ଼ା, ସଞ୍ଜୁଲତା ବେଉରିଆ ପ୍ରମୁଖ ପରିଚାଳନା କରିଥିଲେ।



## ପାଲସାହି ପଞ୍ଚାୟତରେ ବିଜେଡିର ବନ୍ଧୁ ମିଳନ

# ଦଳୀୟ ଏକତା ଓ ସଂଗଠନ ସୁଦୃଢ଼ ନିମନ୍ତେ ଆହ୍ୱାନ



**ଭଦ୍ରକ, ୭।୨(ସମିସ):** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ପାଲସାହି ପଞ୍ଚାୟତ ବେତାଳିଗାଁ ବୈଦ ଘେରାରେ ବ୍ଲକ ବିଜେଡି ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ବିଜେଡିର ପଞ୍ଚାୟତସ୍ତରୀୟ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ସଭାରେ ଦଳୀୟ ଏକତା ଓ ସଂଗଠନକୁ ଆହୁରି ସୁଦୃଢ଼ କରିବାକୁ ନେତାମାନେ ଆହ୍ୱାନ କରିଥିଲେ। ଏହି ଅବସରରେ ନିର୍ବାଚନମଣ୍ଡଳୀ ନେତା ଡ. ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ଧୂଷୁରୀ ସେବା ସମବାୟ ସମିତି ସଭାପତି ସନ୍ଦୀପ ସ୍ୱାଇଁ, ରଇପୁର ସରପଞ୍ଚ ଜଗଦାନନ୍ଦ ସେଠୀ, ପୂର୍ବତନ ପାଲସାହି ସମିତିସଭ୍ୟା ରଞ୍ଜୁଲତା ମହାଲିକ, ପୂର୍ବତନ ସମିତିସଭ୍ୟ ନିମାଇଁ ଚରଣ ସାହୁ, ପୂର୍ବତନ ସଭାପତି ଅନିଲ କୁମାର ଦାସ, ପଞ୍ଚାୟତ ସଭାପତି ବ୍ରଜେନ୍ଦ୍ର ମହାନ୍ତିଙ୍କ ସହିତ ଦଳର ଅନେକ କର୍ମୀ ଓ ବରିଷ୍ଠ ନେତାମାନେ ଯୋଗଦେଇଥିଲେ। ସଭାରେ ଉପସ୍ଥିତ ନେତାମାନେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ସଂଗଠନକୁ ତଳସ୍ତରରୁ ଶକ୍ତିଶାଳୀ କରିବା, ସମସ୍ତ କର୍ମୀ ଏକତାବଦ୍ଧ ହୋଇ କାମ କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ମହିଳା କର୍ମୀ, ଯୁବ କର୍ମୀ ଓ ଦଳର ଶୁଭେଚ୍ଛୁମାନଙ୍କର ବ୍ୟାପକ ଉପସ୍ଥିତି ଦେଖାଯାଇଥିଲା। ଶେଷରେ ସମସ୍ତେ ଦଳର ସଫଳତା ଓ ଅଞ୍ଚଳର ଉନ୍ନତି ପାଇଁ ସଂକଳ୍ପ ଗ୍ରହଣ କରିଥିଲେ।

## ଅଭିରାମ ପରମହଂସଙ୍କ ୧୪ତମ ଭକ୍ତ ସମ୍ମିଳନୀ



**ବନ୍ତ/ଆଗରପଡ଼ା, ୭।୨(ସମିସ):** ବନ୍ତ ଗଣିଜାଙ୍ଗ ପଞ୍ଚାୟତ ତାରିଣୀ ଛକ ନିକଟ ପଡ଼ିଆରେ ଜଗଦ୍‌ଗୁରୁ ଠାକୁର ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ୨ଦିନିଆ ୧୪ତମ ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗଣିଜାଙ୍ଗ, ଛୟାଳସିଂହ, ବରପଦା, ରାମକୃଷ୍ଣପୁର ସମେତ ବିଭିନ୍ନ ସ୍ଥାନରୁ ଆସିଥିବା ହଜାର ହଜାର ସଂଖ୍ୟାରେ ଭକ୍ତ ଉପସ୍ଥିତ ଜୀବନ ଦର୍ଶନର ମାର୍ଗ ବିଷୟରେ ଶୁଣିଥିଲେ। ଏହି କାର୍ଯ୍ୟକ୍ରମରେ ବାବାଜୀ ହରିଶଙ୍କର ଦାସ ମହାରାଜ, ବାବାଜୀ ଧର୍ମାନନ୍ଦ ଦାସ ମହାରାଜ, ବାବାଜୀ ଶ୍ୟାମ ସୁନ୍ଦର ଦାସ ମହାରାଜ, ବାବାଜୀ ଯୋଗାନନ୍ଦ ଦାସ ମହାରାଜ ପ୍ରମୁଖ ଯୋଗଦେଇ ଠାକୁରଙ୍କ ଭଜନ ଓ ଜଣାଣ ତଥା ତପ ସାଧନା ସମ୍ପର୍କରେ ଆଲୋଚନା କରି ଭକ୍ତଙ୍କ ଜୀବନଚର୍ଯ୍ୟା ଓ ଲକ୍ଷ୍ୟ ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ମଦନ ମୋହନ ମହାନ୍ତି, ଦେବେନ୍ଦ୍ର ବେହେରା, ଶୁଭଙ୍କର ମହାପାତ୍ର, ବ୍ରହ୍ମା ଘଡ଼ାଇ, ପ୍ରଫୁଲ୍ଲ ପରିଡ଼ା, ଉଦୟ ନାଥ ସାହୁ, ପଦ୍ମନାଭ ନାୟକ, ବାବୁ ପ୍ରଧାନ, ସନ୍ତୋଷ ବେହେରା, ରାମ ଚନ୍ଦ୍ର ପଣ୍ଡା, ନାରାୟଣ ବାରିକ୍, ଅନିମା ରାଉତ୍, ସନାତନ ଜେନା, ଅନ୍ତର୍ଯ୍ୟାମୀ ପରିଡ଼ା, ନାରାୟଣ ଧଳ, ସତ୍ୟବ୍ରତ ପଣ୍ଡା, ନିରଞ୍ଜନ ନାୟକ, ନବୀନ ଘିଆ, ନାରାୟଣ ବେହେରାଙ୍କ ସମେତ ସମସ୍ତ ଉପସ୍ଥିତ ଭକ୍ତ ପ୍ରମୁଖ ଏହି ୨ ଦିନିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜାଗୁଳାଇ ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

**ଧାମନଗର, ୭।୨(ସମିସ):** ଧାମନଗର ବ୍ଲକ ରାଧାବଲ୍ଲଭପୁର ଜାଗୁଳାଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୩୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରେନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଫୁଲ୍ଲ ସାହୁ, ସମ୍ମାନିତ ଅତିଥି ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷକ ନିର୍ମଳ ଚନ୍ଦ୍ର ସେଠୀ, ଅଧ୍ୟାପକ ଚିତ୍ତରଞ୍ଜନ ଦାଶ, ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ପ୍ରୀତମ୍ ଦାସ, ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସମୀର ଗୋସ୍ୱାମୀ, ସିଆର୍‌ସିସି ସେକ୍ ମୋଜାଫର ହୋସେନ, ଶିକ୍ଷକ ମନ୍ମଥ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ଉନ୍ନତମାନର ପାଠପଢ଼ା, ବିଦ୍ୟାଳୟର ଉନ୍ନତି ଏବଂ ବାର୍ଷିକ ଉତ୍ସବ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଗଣେଶଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଦୀପ, ଧୂପ ଜାଳି ପୂଜାର୍ଚ୍ଚନା ପରେ ବନ୍ଦେ ଉତ୍କଳ ଜନନୀ ଗାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପଡ଼ୋଶୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ ସିଂହ ଅତିଥି ପରିଚୟ ପ୍ରଦାନ, ଉକ୍ତ ବିଦ୍ୟାଳୟ ସହକାରୀ ଶିକ୍ଷକ ରବୀନ୍ଦ୍ର ସେଠୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ



ବିଦ୍ୟାଳୟ ପ୍ରତିଷ୍ଠାନବେଳେ ସହଯୋଗ କରିଥିଲେ। ୫ ବ୍ୟକ୍ତିଙ୍କୁ ବିଦ୍ୟାଳୟ ତରଫରୁ ଜାଗୁଳାଇ ସମ୍ମାନିତ କରାଯାଇଥିଲା। ସେହିପରି ବିଦ୍ୟାଳୟର ବିଭିନ୍ନ ବର୍ଗର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଶେଷରେ ସହକାରୀ ଶିକ୍ଷୟିତ୍ରୀ ଦିପାନ୍ୱିତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ମିଲର୍ ଓ ପ୍ରଶାସନ ଛକାପଞ୍ଝା; ବଳି ପଡୁଛନ୍ତି ଚାଷୀ

**ବାରିକପୁର, ୭।୨(ସମିସ):**

ଚଳିତ ବର୍ଷ ଖରିଫ ଧାନ କ୍ରୟ ବ୍ୟବସ୍ଥା ସୁଚାରୁରୂପେ ପରିଚାଳନା ହେଉ ନ ଥିବା ଅଭିଯୋଗ ହେଉଛି। ପ୍ରଥମତଃ ବିଳମ୍ବରେ ଧାନ କିଣା ହୋଇଥିବାବେଳେ ଏବେ ସୁଦ୍ଧା ବ୍ୟବସ୍ଥା ତ୍ୱରାନ୍ୱିତ ହୋଇନାହିଁ। ମିଲର ଓ ପ୍ରଶାସନ ମଧ୍ୟରେ ଛକାପଞ୍ଝା ଲାଗିରହିଥିବା ବେଳେ ବିଚରା ଚାଷୀମାନେ ବଳି ପଡୁଛନ୍ତି।

ସୂଚନା ମୁତାବକ, ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ସରକାରୀ ଭାବେ ୧୬ଟି ମଣ୍ଡିରେ ଚାଷୀମାନେ ଧାନ ବିକ୍ରି କରିବା ପାଇଁ ବ୍ୟବସ୍ଥା ରହିଛି। ତନ୍ମଧ୍ୟରୁ ୮ଟି ସମବାୟ ସମିତି ଓ ୮ଟି ଏସ୍‌ଏଚ୍‌ଜି ରହିଛି। ମଣ୍ଡି ଖୋଲିବାକୁ ଏକ ମାସ ବିତି ଯାଇଥିଲେ ମଧ୍ୟ ଏଯାଏଁ ୨୦ ପ୍ରତିଶତ ଧାନ କ୍ରୟ ହୋଇନାହିଁ। ପାଖାପାଖି ୬ ଲକ୍ଷ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ଏବେ ମାତ୍ର ୧ ଲକ୍ଷ କ୍ୱିଣ୍ଟାଲରୁ ସାମାନ୍ୟ କିଛି ଅଧିକ ଶସ୍ୟ ଚାଷୀମାନେ ବିକ୍ରି କରିଛନ୍ତି। ମନ୍ଥର ଗତିରେ ମଣ୍ଡି ଚାଲିବା ଯୋଗୁଁ ଧାନ ବିକ୍ରି ପାଇଁ ଯୋଗ୍ୟ ବିବେଚିତ ହୋଇଥିବା କିଛି ଚାଷୀଙ୍କ ଟୋକନ୍ କଟିଯାଇପାରେ ବୋଲି ଅନୁମାନ କରାଯାଉଛି। ଏପଟେ ମିଲରମାନେ ନିଜ ସୁବିଧାକୁ ଦେଖି ମଣ୍ଡିକୁ ଗାଡ଼ି ପଠାଇବା ଯୋଗୁଁ ଆବଶ୍ୟକ ପରିମାଣର ଧାନ କ୍ରୟ ହୋଇପାରୁ ନାହିଁ। ଅନେକ ଅସୁବିଧା ଓ ସମସ୍ୟା ଭିତରେ କଷ୍ଟେମଷ୍ଟେ ଧାନ କିଣା ହେଉଥିବାବେଳେ ରବିବାରଠାରୁ ଭଦ୍ରକ ଜିଲ୍ଲାର ମିଲରମାନେ ପ୍ରଶାସନକୁ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ତାଙ୍କୁ ସରକାର ଓ ପ୍ରଶାସନ ଆବଶ୍ୟକ ସୁବିଧା ଦେଉନାହାନ୍ତି। ତେଣୁ ମିଲର ସଂଘ ମଣ୍ଡିରୁ ଧାନ ନେବାକୁ ଅରାଜି ହେଉଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ଓ ମିଲରମାନଙ୍କ ମଧ୍ୟରେ ଏକପ୍ରକାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଏ ବାବଦରେ ସନ୍ଧ୍ୟାକାଳୀନ ବୈଠକ ଆହୁତ ହୋଇଥିବାବେଳେ ମିଲର ସଂଘ ଆନ୍ଦୋଳନରୁ ଓହରିବ କି ନାହିଁ ସୂଚନା ମିଳିପାରି ନାହିଁ।



## ନକଲି ଡାକ୍ତର ମାମଲା

# ପୁଲିସ ତଦନ୍ତ ରିପୋର୍ଟ ମାଗିଲେ ହାଇକୋର୍ଟ

ନିଶ୍ଚିନ୍ତକୋଇଲି,୭।୨(ସମିସ): ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ କଟିକଟା ବଜାରରେ ଜଣେ ନକଲି ଡାକ୍ତର ଦୀର୍ଘଦିନ ଧରି ରୋଗୀ ସେବା ନାଁରେ ଲୋକଙ୍କ ଜୀବନ ସହ ଖେଳ ଖେଳୁଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଗତ ୨୦୨୫ ଅଗଷ୍ଟ ୨୭ ତାରିଖରେ ନିଶ୍ଚିନ୍ତକୋଇଲି ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୋଗ ଅନୁସାରେ, ସ୍ଥାନୀୟ "ଟୁକୁନା ମେଡିସିନ ଷ୍ଟୋର' ପରିସରରେ ଜଣେ ବ୍ୟକ୍ତି ନିଜକୁ ଡାକ୍ତର ପରିଚୟ ଦେଇ ରୋଗୀ ଦେଖୁଥିଲେ। ଏହି ମାମଲାରେ ସମ୍ପୃକ୍ତ ଥିବା ମେଡିସିନ ଷ୍ଟୋରର ମାଲିକ ପ୍ରଫୁଲ୍ଲ ସାହୁ ଏବଂ ତାଙ୍କ ପୁଅ ପ୍ରଦୀପ୍ତ ସାହୁ ୨୦୨୫ ସେପ୍ଟେମ୍ବର ୨ ତାରିଖରେ ସ୍ଥାନୀୟ ଜେଏମ୍‌ଏଫ୍‌ସି କୋର୍ଟରେ ଆତ୍ମସମର୍ପଣ କରି ଜାମିନ ପାଇଥିଲେ। ମାତ୍ର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନକଲି ଡାକ୍ତର ଏ.କେ. ଜୟସିଂଙ୍କ ବିରୋଧରେ ପୁଲିସ ପ୍ରଶାସନର ନିଷ୍କ୍ରିୟତା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମାମଲା ରୁଜୁ ହେବାର ଦୀର୍ଘ ୪ ମାସ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ନକଲି ଡାକ୍ତରଙ୍କ ଶିକ୍ଷାଗତ ପ୍ରମାଣପତ୍ର କିମ୍ବା ପଞ୍ଜିକୃତ ନମ୍ବର ସଂଗ୍ରହ କରିବାରେ ପୁଲିସ ସମ୍ପୂର୍ଣ୍ଣ ବିଫଳ ହୋଇଛି। ପୁଲିସର ଏହି ଶିଥିଳ ତଦନ୍ତ ପ୍ରକ୍ରିୟା ଯୋଗୁଁ ଅଭିଯୋଗକାରୀ ଅସିତ୍ ସାମଲ ଶେଷରେ ନ୍ୟାୟ ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକାରୀଙ୍କ ପକ୍ଷରୁ ଦାୟର ହୋଇଥିବା ପିଟିସନର ଶୁଣାଣି କରି ମାନ୍ୟବର ବିଚାରପତି ସାବିତ୍ରୀ

**୪ ମାସହେଲା ପୁଲିସ ନିରବ ଥିଲା**

**ଫେବୃଆରୀ ୧୮ ସୁଦ୍ଧା ରିପୋର୍ଟ ତଲବ**

ରାଠୋ ପୁଲିସର କାର୍ଯ୍ୟକଳାପ ଉପରେ କଡ଼ା ସମାଲୋଚନା କରିଛନ୍ତି। ଅଦାଲତରେ ଦାଖଲ ହୋଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି ଯେ ହାଇକୋର୍ଟରେ ମାମଲା ପହଞ୍ଚିବା ପରେ ପୁଲିସ ନିଦରୁ ଶୋଇ ଉଠିଛି ଏବଂ ମାମଲାକୁ ଚାପିବା ପାଇଁ ହୋଇଥିବା ପ୍ରୟାସ ଏବେ ପଦାରେ ପଡ଼ିଛି। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ନିଶ୍ଚିନ୍ତକୋଇଲି ଆଇଆଇସି ତରବରିଆ ଭାବେ ଗତ ଜାନୁଆରୀ ୨ ତାରିଖରେ କଟକ ସିଡିଏମଓଙ୍କୁ ଏକ ପତ୍ର ଲେଖି ଡାକ୍ତରଙ୍କ ସମ୍ପର୍କରେ ତଥ୍ୟ ମାଗିଛନ୍ତି। ପୁଲିସର ଏହି ବିଳମ୍ବିତ ଆଭିମୁଖ୍ୟକୁ ନେଇ ଅଦାଲତ କ୍ଷୋଭ ପ୍ରକାଶ କରିବା ସହ ଏହା ଜନସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ ବୋଲି ଅଭିହିତ କରିଛନ୍ତି। ପୁଲିସର ଅବହେଳା ଯୋଗୁଁ ଅଭିଯୁକ୍ତମାନେ ସୁଯୋଗ ପାଉଛନ୍ତି ଏବଂ ରୋଗୀମାନଙ୍କ ଜୀବନ ସଙ୍କଟାପନ୍ନ ହେଉଛି ବୋଲି ବିଚାରପତି ମତ ରଖିଛନ୍ତି। ବିଗତ ୪ ମାସ ମଧ୍ୟରେ ତଦନ୍ତର ଅଗ୍ରଗତି କ'ଣ ହୋଇଛି ଏବଂ କାହିଁକି କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ନାହିଁ, ସେନେଇ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ନିଶ୍ଚିନ୍ତକୋଇଲି ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଫେବୃଆରୀ ୧୮ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। କୋର୍ଟଙ୍କ କଡ଼ା ନିର୍ଦ୍ଦେଶ ଅନୁସାରେ, ପୁଲିସକୁ ଉକ୍ତ ତାରିଖ ପୂର୍ବରୁ ସମସ୍ତ ତଦନ୍ତ ରିପୋର୍ଟ ଏବଂ ସଂଗୃହୀତ ତଥ୍ୟ ଉପସ୍ଥାପନ କରିବାକୁ ପଡ଼ିବ। ଅଭିଯୋଗକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ସିଂ ମାମଲା ପରିଚାଳନା କରୁଥିବା ବେଳେ, ହାଇକୋର୍ଟଙ୍କ ଏହି କଠୋର ଆଭିମୁଖ୍ୟ ପରେ ସ୍ଥାନୀୟ ପୁଲିସ ପ୍ରଶାସନ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ଏହି ଘଟଣା ଏବେ ସମଗ୍ର ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ଏବଂ ସାଧାରଣ ଲୋକେ ଏବେ ନ୍ୟାୟପାଳିକା ଉପରେ ଆଶା ରଖିଛନ୍ତି।

## ପ୍ରସ୍ତାବିତ ୱାର୍ଡ ଗଠନକୁ ନେଇ ଅସନ୍ତୋଷ

ସାଲେପୁର,୭।୨(ସମିସ): ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ନୂତନ ଏନ୍‌ଏସି ଗୁଡ଼ିକର ୱାର୍ଡ ଗଠନ କାର୍ଯ୍ୟକ୍ରମ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି। ତେବେ, ପ୍ରସ୍ତାବିତ ୱାର୍ଡ ଗଠନରେ ବିଭ୍ରାଟ ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସାଲେପୁରର ୩ଟି ପଞ୍ଚାୟତକୁ ନେଇ ସାଲେପୁର ଏନ୍‌ଏସି ଘୋଷଣା କରାଯାଇଛି। ପ୍ରସ୍ତାବିତ ତାଲିକାରେ ପ୍ରଶାସନ ପକ୍ଷରୁ ଯେଉଁ ୱାର୍ଡ ଗଠନ କରାଯାଇଛି, ତାହା ସଠିକ୍ ଭାବେ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଭୌଗଳିକ ସ୍ଥିତି ଅନୁଯାୟୀ ୱାର୍ଡ ଗଠନ କରାଯାଉଥିବା ବେଳେ ଭୋଟରମାନଙ୍କ ସଂଖ୍ୟାକୁ ନେଇ ୱାର୍ଡ ଗଠନ କରାଯାଉନାହିଁ। ଫଳରେ ଗୋଟିଏ ୱାର୍ଡର ଭୋଟର ଅନ୍ୟ ଏକ ୱାର୍ଡରେ ସାମିଲ ହେବା ପାଇଁ ପ୍ରସ୍ତାବ ଦିଆଯାଉଛି। ସରକାର ଭୌଗଳିକ ସ୍ଥିତିରେ ୱାର୍ଡ ଗଠନ ନକରି ଭୋଟର ସଂଖ୍ୟା ଓ ଗ୍ରାମକୁ ନୂତନ ୱାର୍ଡ ଗଠନ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି। ରୋଧପୁର ଗ୍ରାମର କିଛି ଅଂଶକୁ ମାଛୁଆତି ଗ୍ରାମକୁ ୱାର୍ଡ ଗଠନ ପାଇଁ ଦେଇଥିବା ପ୍ରସ୍ତାବରେ ସାମିଲ କରାଯାଇଥିବାବେଳେ ରୋଧପୁର ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ରୋଧପୁରର ୩ଟି ୱାର୍ଡକୁ ନେଇ ଗୋଟିଏ ଏନ୍‌ଏସି ୱାର୍ଡ ଗଠନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ଦୁର୍ଘଟଣାରେ ସାମ୍ବାଦିକଙ୍କ ସମେତ ୩ ଆହତ



ସାଲେପୁର,୭।୨(ସମିସ): ସାଲେପୁର ଥାନା କୁଳିଆ ବଜାର ନିକଟରେ ଶନିବାର ସନ୍ଧ୍ୟାରେ ଏକ ଦ୍ରୁତଗାମୀ କାର୍ ଧକ୍କାରେ ଜଣେ ସାମ୍ବାଦିକଙ୍କ ସମେତ ତିନିଜଣ ଆହତ ହୋଇଛନ୍ତି। ଗୁରୁତର ଆହତ ସାମ୍ବାଦିକ ଅମୀୟ ବିଶ୍ୱାଳଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଛି। ଶ୍ରୀ ବିଶ୍ୱାଳ ସାଲେପୁରରୁ ନିଜ ଘର କେନ୍ଦୁପାଟଣା ଅଭିମୁଖେ ମୋଟର ସାଇକଲରେ ଫେରୁଥିଲେ। ଏହି ସମୟରେ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ କାର୍ (ଓଡି ୦୫ ବିଏ ୬୮୨୩) ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ମୋଟର ସାଇକଲଟି ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିବା ବେଳେ କାର୍‌ଟି ଅନ୍ୟ ଏକ ମୋଟର ସାଇକଲକୁ ମଧ୍ୟ ଧକ୍କା ଦେଇଥିଲା। ଏଥିରେ ବାବୁଜଙ୍ଗ ଅଞ୍ଚଳର ଦୁଇଜଣ ଆରୋହୀ ଆହତ ହୋଇଛନ୍ତି। ସାଲେପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା କାର୍‌କୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଦ୍ରୁତଗତି ଓ ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ବିଦ୍ୟୁତ ଟ୍ରାନ୍ସଫର୍ମର ଚୋରି ଉଦ୍ୟମ ବିଫଳ



ନରସିଂହପୁର,୭।୨(ସମିସ): ନରସିଂହପୁର ଥାନା ବାଲିସାହି ପଞ୍ଚାୟତର ନଖପଡା ଗ୍ରାମରେ ଶୁକ୍ରବାର ରାତିରେ ଗ୍ରାମରେ ସ୍ଥାପନ ହୋଇଥିବା ବିପିଏଲ ଟ୍ରାନ୍ସଫର୍ମରକୁ ୩ ଜଣ ଦୁର୍ବୃତ୍ତ ଚୋରି କରିବାକୁ ଉଦ୍ୟମ କରୁଥଲେ। କୁକୁର ଭୁକିବାରୁ ସ୍ଥାନୀୟ ଜନସାଧାରଣ ଘଟଣାସ୍ଥଳରେ ପହଞ୍ଚିଯିବାରୁ ସେମାନଙ୍କ ଉଦ୍ୟମ ବିଫଳ ହୋଇଛି। ତେବେ ସଂପୃକ୍ତ ଘଟଣା ନିକଟରେ ଲାଗିଥିବା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ରାତି ପ୍ରାୟ ୧୧ଟାରେ ଗ୍ରାମରେ ଏହି ଘଟଣା ଘଟିଥିଲା। ଘଟଣା ସମ୍ପର୍କରେ ବିଦ୍ୟୁତ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଥାନା କର୍ମଚାରୀ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ କରୁଛନ୍ତି।

## ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତଙ୍କୁ ସହାୟତା



ଚୌଦ୍ୱାର,୭।୨(ସମିସ): ଚୌଦ୍ୱାର ଥାନା ଶାଳଗାଁ ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ହୃଦାନନ୍ଦ ସ୍ୱାଇଁ, ଶ୍ରଦ୍ଧାନନ୍ଦ ସ୍ୱାଇଁ ଓ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ୬ ବଖରା ଘର ସମ୍ପୂର୍ଣ୍ଣ ପୋଡ଼ିଯିବା ସହ ୩ଟି ଯାକ ପରିବାର ବିପନ୍ନ ହୋଇଯାଇଛନ୍ତି। ଉକ୍ତ ବିପନ୍ନ ପରିବାରକୁ ଚୌଦ୍ୱାରସ୍ଥିତ ଡାଳିଯୋଡ଼ା ସାହିତ୍ୟ ସଂସଦ ତରଫରୁ ସହାୟତା ପ୍ରଦାନ କରାଯାଇଛି। ସଂସଦ ସଭାପତି କେ.ସି.ପ୍ରତାପସିଂହ, ଶୈଳେନ୍ଦ୍ର ମୁଖି, ସହଦେବ ବରାଳ, ପ୍ରଦୀପ ପାଣି ପ୍ରମୁଖ ବିପନ୍ନ ପରିବାର ପାଖରେ ପହଞ୍ଚି ଶାଢ଼ି, ଲୁଙ୍ଗି, ଗାମୁଛା ସହିତ ଚୁଡ଼ା, ବିସ୍କୁଟ ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରଦାନ କରିବା ସହ ପରିବାରର ସଦସ୍ୟ ସଦସ୍ୟାଙ୍କୁ ସମବେଦନା ଜଣାଇଥିଲେ। ଅନୁରୂପଭାବେ ରୋଟାରୀ କ୍ଲବ୍ କଟକ ଅଭିନବ ପକ୍ଷରୁ ବିପନ୍ନଙ୍କୁ ମଧ୍ୟ ସହାୟତା ପ୍ରଦାନ କରାଯାଇଛି। କ୍ଲବ୍ ସଭାପତି ଜୀବନ ପଟ୍ଟନାୟକ, ଆରସିସି କୁଜୀବରର ସଦସ୍ୟ ଉମେଶଚନ୍ଦ୍ର ସାହାଣୀ, ଅନ୍ତର୍ଯ୍ୟାମୀ ଦାସ ପ୍ରମୁଖ କ୍ଷତିଗ୍ରସ୍ତ ପରିବାରକୁ ଭେଟି ସାନ୍ତ୍ୱନା ଦେବା ସହ ରୋଷେଇ ଉପକରଣ, ବାସନ କୁସନ, ରାସନ୍ ସାମଗ୍ରୀ, ଖାଦ୍ୟ ସାମଗ୍ରୀ ଆଦି ପ୍ରଦାନ କରିଥିଲେ।

## ପଞ୍ଚାୟତ ଭବନ ନିର୍ମାଣ ଦାବି; ପ୍ରଶାସନକୁ ୭ ଦିନର ମହଲତ

କଣ୍ଠାପଡ଼ା,୭।୨(ସମିସ): କଣ୍ଠାପଡ଼ା ବ୍ଲକ ବ୍ରାହ୍ମଣବାଟୀ ପଞ୍ଚାୟତରେ ନୂତନ ପଞ୍ଚାୟତ ଭବନ ନିର୍ମାଣ କାର୍ଯ୍ୟ ଆରମ୍ଭ ନ ହେବା ପ୍ରତିବାଦରେ ସରପଞ୍ଚ ସଞ୍ଜୟ କୁମାର ରାଉତରାୟ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି। ଗତ ଅକ୍ଟୋବରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏହି ଭବନର ଶିଳାନ୍ୟାସ କରିଥିଲେ ଏବଂ ନିଆଳି ବିଧାୟକଙ୍କ ଉପସ୍ଥିତିରେ ଭୂମି ପୂଜନ ସମ୍ପନ୍ନ ହୋଇଥିଲା। ଶିଳାନ୍ୟାସକୁ ୪ ମାସ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ସରପଞ୍ଚ ଶ୍ରୀ ରାଉତରାୟ ନିଜେ ଶାସକ ବିଜେପି ଦଳର ହୋଇଥିବା ସତ୍ତ୍ୱେ ପ୍ରଶାସନର ଉପେକ୍ଷାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀ, ପଞ୍ଚାୟତିରାଜ ସଚିବ, ଜିଲ୍ଲାପାଳ ଏବଂ ପୁଲିସ ପ୍ରଶାସନକୁ ଲିଖିତ ଭାବେ ଅବଗତ କରାଇଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଯଦି ଆସନ୍ତା ୭ ଦିନ ମଧ୍ୟରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନକରେ, ସେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଜେପି ଦଳୀୟ ପତାକା ତଳେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ବୋଲି କହିଛନ୍ତି।

## ଗ୍ରାମାଞ୍ଚଳ କ୍ରିକେଟ: ବିନ୍ଧାଣିମା ଚାମ୍ପିଅନ

ତିଗିରିଆ,୭।୨(ସମିସ): ତିଗିରିଆ ବ୍ଲକ ନୂଆପାଟଣା ଛତ୍ରପତି ଶିବାଜୀ ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତାର ଶନିବାର ଆୟୋଜିତ ଫାଇନାଲରେ ମ୍ୟାଚରେ ଆୟୋଜକ ନୂଆପାଟଣାକୁ ୬ ୱିକେଟରେ ହରାଇ ବିନ୍ଧାଣିମାର ଆରଏସିଏ କ୍ରିକେଟ କ୍ଲବ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଖେଳରେ ମୁଖ୍ୟଅତିଥି ଭାବେ ପୂର୍ବତନ ପଞ୍ଚାୟତସମିତି ଅଧ୍ୟକ୍ଷ ତଥା ରାଜ୍ୟ ସେରିଫେଡର ସଭାପତି ଭାଗୀରଥି ନନ୍ଦ, ସମ୍ମାନିତ ଅତିଥି ଭାବେ



ସରପଞ୍ଚ ସୋମନାଥ ଦାସ ଯୋଗ ଦେଇଥିଲେ। ବିନ୍ଧାଣିମା ଦଳର ଖେଳାଳି ମୁସ୍ତାକ ବେଗଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ସଞ୍ଜୀବ ଦାସଙ୍କୁ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରିଥିଲେ। ଖେଳକୁ ଅଜୟ କୁଣ୍ଡୁ ଓ ଧନଞ୍ଜୟ ଭଞ୍ଜ ପରିଚାଳନା କରିଥିଲେ।

### ନେମାଳରେ ଶାସ୍ ମହୋତ୍ସବ

## ସମାଜ ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ



ନେମାଳ,୭।୧(ସମିସ): ନେମାଳ ଶାସ୍ ଅନୁଷ୍ଠାନ ପରିସରରେ ଶାସ୍ ମହୋତ୍ସବ ଓ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଡ. ବିନୟ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବକୁ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଶ୍ୱଶାନ୍ତି ଓ ସଂହତି ନିମନ୍ତେ ଏକ ମଶାଲ ଶୋଭାଯାତ୍ରା ନେମାଳ ଆଇଆଇସି ଜ୍ୟୋତିରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ପରିବେଶବିତ ପ୍ରମୋଦ ଦାସ ସଂଯୋଜନା କରିଥିବା ବେଳେ ଅତିଥି ଭାବେ ଚଳଚ୍ଚିତ୍ର ନିର୍ମାତା ବୋମ୍ମାଲି କାନ୍ତା ରାଓ, ଅଭିନେତା ସମ୍ବିତ୍ ସାହୁ, ପ୍ରଯୋଜକ ନବକିଶୋର ଭୋଳ ଏବଂ ଶିକ୍ଷାବିତ୍ ଅନନ୍ତକିଶୋର ଭୂୟାଁ ପ୍ରମୁଖ ଯୋଗଦେଇଥିଲେ। ମହୋତ୍ସବରେ ଏକ ସଂଗ୍ରହାଳୟ ପ୍ରଦର୍ଶନୀ ମାଧ୍ୟମରେ ପୁରାତନ ସାମଗ୍ରୀଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକ ରତ୍ନାକର ବାରିକ, ସାହିତ୍ୟିକ ତନ୍ମୟ କିଶୋର ଦାସ, ନୃତ୍ୟଶିଳ୍ପୀ ବନଜା ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବର ଶେଷ ଭାଗରେ ଲୁଣା ଚିତ୍ରୋତ୍ପଳା ସଂଗୀତ ନୃତ୍ୟ ଏକାଡେମୀର କଳାକାରମାନଙ୍କ ଦ୍ୱାରା "ନରସିଂହଅବତାର' ଓ "ଦଶଅବତାର' ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିବେଶରେ ବହୁ ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ଶିକ୍ଷାବିତ କ୍ଷୀରୋଦ ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଶୁଭେନ୍ଦୁ କଟକ ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ

ଚୌଦ୍ୱାର,୭।୨(ସମିସ): ଚୌଦ୍ୱାର ପୌରପାଳିକା ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କୁ କଟକ ଜିଲ୍ଲା ବିଜେଡିର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ସାମଲ ଦଳର ସୁପ୍ରିମୋ ତଥା ସମସ୍ତ ବରିଷ୍ଠ କର୍ମକର୍ତ୍ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଦଳ ପାଇଁ ପୂର୍ବଭଳି କାମ କରିବେ ବୋଲି ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଦୀର୍ଘ ବର୍ଷ ଧରି ଶ୍ରୀ ସାମଲ ଦଳରେ ଶୃଙ୍ଖଳିତ ସଦସ୍ୟ ଭାବେ କାମ କରିବା ସହ ବିଭିନ୍ନ ଦାୟିତ୍ୱକୁ ସୁଚାରୁ ଭାବେ ନିର୍ବାହ କରିଛନ୍ତି। ଅଧୁନା ସେ ରାଜ୍ୟ ପୌରପରିଷଦ ମହାସଂଘର ସାଂଗଠନିକ ସମ୍ପାଦକ ତଥା ସଂଯୋଜକ ରହିଛନ୍ତି। ସେହିଭଳି ପୂର୍ବରୁ ଯୋଜନା ବୋର୍ଡର ସଦସ୍ୟ ଦାୟିତ୍ୱରେ ଥିଲେ। ବିଭିନ୍ନ ଜିଲ୍ଲାସ୍ତରୀୟ ତଥା ରାଜ୍ୟସ୍ତରୀୟ କମିଟିରେ ସଦସ୍ୟ ମଧ୍ୟ ଅଛନ୍ତି। ପୁନଶ୍ଚ ଜେଲ ପରିଦର୍ଶକ କମିଟି ସଦସ୍ୟ ଅଛନ୍ତି।



ସେ ପୂର୍ବରୁ ଦଳର ଉପସଭାପତି ଭାବେ କାର୍ଯ୍ୟ କରିଥିଲେ। ସେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ସହ କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ, ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ, ବର୍ତ୍ତମାନର ବିଧାୟକ ସୌଭିକ ବିଶ୍ୱାଳଙ୍କୁ ସେ ଧନ୍ୟବାଦ ଦେଇଛନ୍ତି।

## ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ



ଟାଙ୍ଗୀ,୭।୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ଉତ୍ସବ ଟାଙ୍ଗୀଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ସୁରେନ୍ଦ୍ରନାଥ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସମ୍ମାନିତ ବକ୍ତା ସିଦ୍ଧଗିରୀ ଆଶ୍ରମର ମହନ୍ତ ବାବାଜୀ ବିଶ୍ୱନାଥ ଦାସ, ବରେଣ୍ୟ ଅତିଥିଭାବେ ପରିଷଦ ପୃଷ୍ଠପୋଷକ ତଥା ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା, ବିଶିଷ୍ଟ ଅତିଥି କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଚୌଧୁରୀ ହେମନ୍ତ ସାହୁ, ସମାଜସେବୀ ପ୍ରଫୁଲ୍ଲ ସ୍ୱାଇଁ, ସମ୍ମାନିତ ଅତିଥି ଓଡ଼ିଶା ବରିଷ୍ଠ ନାଗରିକ ପରିଷଦର ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ମିଶ୍ର, ସମାଜସେବୀ ତାପସ ରଞ୍ଜନ ମଲ୍ଲିକ, ଦର୍ଶନ ବିଦ୍ୟାର୍ଥୀ କବିନ୍ଦ୍ର ମହାରାଜ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରକ୍ତଦାନ କ୍ଷେତ୍ରରେ କଟକ ଜିଲ୍ଲା ଯୁଥ୍ ରେଡକ୍ରସ ଆବାହିକା ଡ଼ ସସ୍ମିତା ପଟ୍ଟନାୟକ, ସମାଜସେବା କ୍ଷେତ୍ରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଯୁବ ସମାଜସେବୀ ଗଙ୍ଗାଧର ବେହେରାଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୧୫ଜଣଙ୍କୁ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ଯଦୁମଣି ପାଠାଗାର ପକ୍ଷରୁ ବ୍ଲକର ଗରିବ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଷଦର ସମ୍ପାଦକ ବିଜୟ କୁମାର ସାହୁ ବାର୍ଷିକ ବିବରଣୀ ପାଠ କରିଥିବାବେଳେ କ୍ଷେତ୍ରବାସୀ ତ୍ରିପାଠୀ ଅତିଥି ପରିଚୟ ଓ ଶ୍ରୀନିବାସ ସାହୁ ମାନପତ୍ର ପଠନ କରିଥିଲେ। ବିଭୂତି ଭୂଷଣ ସାହୁ ଧନ୍ୟବାଦ ଦେଇଥିଲେ। ଦୟାନିଧି ସାହୁ, ଭୀମସେନ ମହାନ୍ତି, ଅଜୟ ସାହୁ, ଅଶୋକ ପୃଷ୍ଟି, ଭାଗ୍ୟଧର ସେଠୀ, ପ୍ରଶାନ୍ତ ପରିଡ଼ା, ଧନେଶ୍ୱର ସାହୁ ଓ ପ୍ରସନ୍ନ ଜେନାଙ୍କ ସମେତ ପରିଷଦର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସଡ଼କ ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୭।୨(ସମିସ): କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ବ୍ଲକ ମାତକତପୁରଠାରେ ଥିବା ବିବିଏନ୍ ପ୍ଲାଷ୍ଟିକ୍ କାରଖାନା ନିକଟରେ ସଡକ ଦୁର୍ଘଟଣାରେ ଜଣେ ବୃଦ୍ଧଙ୍କ ଶନିବାର ଅପରାହ୍ନରେ ମୃତ୍ୟୁ ହୋଇଛି। ସେ ହେଲେ କିଶୋରନଗର ଥାନା ସାଲେପୁର ବ୍ଲକ ରାଧାନଗର ଗ୍ରାମର ଅକ୍ଷୟ ମହାନ୍ତି (୬୫)। ରାସ୍ତା ପାରି ହେଉଥିବା ସମୟରେ କେନ୍ଦ୍ରାପଡାରୁ କଟକ ଅଭିମୁଖେ ଯାଉଥିବା ଏକ ଟ୍ରକ୍ ତାକୁ ଧକ୍କା ଦେଇଥିଲା। ପରେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଗାଡି ରଖିଦେଇ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ସାଲେପୁର ପୁଲିସ ଜବତ କରିଛି। ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇ ନ ଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଶବଗୃହରେ ମୃତଦେହ ରହିଛି।

## ଯୁବକଙ୍କ ଟଙ୍କା ଝାମ୍ପିନେଲେ ଦୁର୍ବୃତ୍ତ

ସାଲେପୁର,୭।୨(ସମିସ): ଏକ ବିବାହ କାର୍ଯ୍ୟରୁ ଗତକାଲି ବିଳମ୍ବିତ ରାତିରେ ଫେରୁଥିବାବେଳେ ୨ ଜଣ ଯୁବକ ବଟେଶ୍ୱର ଗ୍ରାମର ବଂଶୀଧର ଦୀକ୍ଷିତଙ୍କୁ ଧକ୍କା ଦେଇ ତାଙ୍କଠାରୁ ଟଙ୍କା ଛଡ଼ାଇ ନେଇଯାଇଥିବା ଜଣାଯାଇଛି। ବଟେଶ୍ୱର ଗ୍ରାମର ବଂଶୀଧର ଦୀକ୍ଷିତ ମାଛୁଆତି ରାସ୍ତା ଦେଇ ଘରକୁ ଫେରୁଥିଲେ। ଏକ ମୋଟର ସାଇକଲରେ ଆସି ତାଙ୍କୁ ଧକ୍କା ଦେଇ ତାଙ୍କ ନିକଟରେ ଥିବା ୨ହଜାର ଟଙ୍କା ଓ ବ୍ୟାଗ୍ ଦୁଇ ଜଣ ଛଡ଼ାଇ ନେଇଥିଲେ। ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ହେଲମେଟ୍ ପିନ୍ଧିଥିବାବେଳେ ଅନ୍ୟ ଜଣେ ମୁହଁରେ ଗାମୁଛା ଗୁଡାଇଥିବା ବଂଶୀଧର ପ୍ରକାଶ କରିଛନ୍ତି। ଏବେ ସାଲେପୁରର ବିଭିନ୍ନ ସ୍ଥାନରେ ବିଳମ୍ବିତ ରାତ୍ରିରେ ଏହିଭଳି ଘଟଣା ଘଟୁଥିବା ଅଭିଯୋଗ ହେଉଛି। ସାଲେପୁର ପୁଲିସ ପକ୍ଷରୁ ରାତ୍ର ପାଟ୍ରୋଲିଂକୁ କଡ଼ାକଡ଼ି କରିବା ପାଇଁ ଦାବି ହୋଇଛି।

### ଓଏମ୍‌ସି ଖଣିରେ ଶ୍ରମିକ ଅଶାନ୍ତି

## ବିନା ନୋଟିସରେ ୭ ଶ୍ରମିକଙ୍କୁ ଛଟେଇ

ଟାଙ୍ଗୀ,୭।୨(ସମିସ): କଟକ ଜିଲ୍ଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ଗୋକଳପୁର

**ବାହାର ଲୋକଙ୍କୁ ନିଯୁକ୍ତି ଅଭିଯୋଗ**

**ନ୍ୟାୟ ନ ମିଳିଲେ ଅନଶନ ଚେତାବନୀ**

ମୌଜାରେ ଓଡ଼ିଶା ଖଣି ନିଗମ (ଓଏମସି) ପକ୍ଷରୁ ଚାଲିଥିବା ଖଣ୍ଡୋଲାଇଟ୍ ପଥର ଖଣିରେ ଶ୍ରମିକ ଅଶାନ୍ତି ଦେଖାଦେଇଛି। କମ୍ପାନୀ ଆରମ୍ଭ ବେଳେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ହୋଇଥିବା ପ୍ରତିଶ୍ରୁତିକୁ ଜଳାଞ୍ଜଳି ଦିଆଯାଇଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଯୁବକଙ୍କୁ କାର୍ଯ୍ୟରୁ



ବାହାର କରିଦେଇ ବାହାର ଅଞ୍ଚଳର ଲୋକଙ୍କୁ ନିଯୁକ୍ତି ଦିଆଯିବା ଘଟଣାକୁ ନେଇ ଶନିବାର ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଗୋବିନ୍ଦପୁର ଓ ଗୋକଳପୁର ମୌଜାର କୃପାସିନ୍ଧୁ ଜେନା, କାହ୍ନା ନାୟକ, ଦୁର୍ଯ୍ୟୋଧନ ସେଠୀ, ଖଗେଶ୍ୱର ଦାସ, ହିତେଶ ଜେନା, ଅଜୁ ପ୍ରଧାନ ଓ ବସନ୍ତ ଜେନା ନାମକ ୭ ଜଣ ଯୁବକ ଗତ ସାଢ଼େ ୩ ବର୍ଷ ହେଲା ଏହି ଖଣିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ମାତ୍ର ଗତ ଜାନୁଆରୀ ୩ ତାରିଖରେ କମ୍ପାନୀ କର୍ତ୍ତୃପକ୍ଷ କୌଣସି ନୋଟିସ୍ ନ ଦେଇ "କାମ ନାହିଁ' କହି ସେମାନଙ୍କୁ ଛଟେଇ କରିଥିଲେ। ପରେ କାମ ଆରମ୍ଭ ହେଲେ ଡକାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଛଟେଇ ହୋଇଥିବା ଶ୍ରମିକମାନେ କିଛି ଦିନ ଅପେକ୍ଷା କରିବା ପରେ ଚଳିତ ମାସରେ ଦେଖିବାକୁ ପାଇଲେ ଯେ, କମ୍ପାନୀ କର୍ତ୍ତୃପକ୍ଷ ବାହାର ଅଞ୍ଚଳର ଲୋକଙ୍କୁ ଆଣି ପଥର କଟିଂ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହାକୁ ନେଇ ଶୁକ୍ରବାର କମ୍ପାନୀ ପରିସରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ଯୁବକମାନେ ଏହାର ପ୍ରତିବାଦ କରିବାରୁ କମ୍ପାନୀର କେତେକ କର୍ମଚାରୀ ସେମାନଙ୍କୁ ଧମକଚମକ ଦେଇଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇଁ ଉକ୍ତ ୭ ଜଣ ଶ୍ରମିକ ଶନିବାର ଟାଙ୍ଗୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଯଦି ସେମାନଙ୍କୁ ତୁରନ୍ତ କାର୍ଯ୍ୟରେ ପୁନଃ ନିଯୁକ୍ତି ନ ମିଳେ, ତେବେ ଆଗାମୀ ଦିନରେ କମ୍ପାନୀ ଫାଟକ ଆଗରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ କରାଯିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ, ଏହି ସମ୍ପର୍କରେ ଓଏମସି କିମ୍ବା ସମ୍ପୃକ୍ତ କଣ୍ଟ୍ରାକ୍ଟର ସଂସ୍ଥାର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।





# ଦୁଷ୍କର୍ମ ଅଭିଯୋଗରେ କ୍ଲବ୍ ଫଟୋଗ୍ରାଫର ଗିରଫ

ଭୁବନେଶ୍ୱର, ୭।୨(ସମିସ): ଇଞ୍ଜିନିୟରିଂ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୁଲିସ ରାଜଧାନୀର ଏକ ପ୍ରତିଷ୍ଠିତ କ୍ଲବ୍‌ର ଫଟୋଗ୍ରାଫରଙ୍କୁ ଗିରଫ କରିଛି। ତାଙ୍କ ନାମ ଚିନ୍ମୟ ବୋଲି ଜଣାପଡ଼ିଛି। ଗିରଫ କରାଯିବା ପରେ ତାଙ୍କୁ କୋର୍ଟଚାଲାଣ ହୋଇଛି। ଶନିବାର ସକାଳେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଏହାପରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ସେ ବିପିଓ ସଂସ୍ଥାରେ ପାର୍ଟଟାଇମ୍ କାମ କରୁଥିଲେ। ଉକ୍ତ କ୍ଲବ୍‌ରେ କମ୍ପାନୀ କର୍ମଚାରୀମାନେ ଛୁଟିଦିନ ପାର୍ଟି ଠାରୁ ଆରମ୍ଭ କରି ଅନ୍ୟ ଜନ୍ମଦିନ ପାର୍ଟି ପାଳନ କରନ୍ତି। ଏଠାରେ ଦେଢ ବର୍ଷ ତଳେ ଛାତ୍ରୀଙ୍କ ଫଟୋ ଉଠାଇ କ୍ଲବ୍‌ର ଫଟୋଗ୍ରାଫର ଛାତ୍ରୀଙ୍କ ନିକଟତର ହୋଇଥିଲେ। ପରବର୍ତ୍ତୀ ସମୟରେ ଫଟୋଗ୍ରାଫର ଅବିବାହିତ ବୋଲି ପରିଚୟ ଦେଇ ପ୍ରେମ ନିବେଦନ କଲେ। ଦେଢ ମାସ ତଳେ କୋର୍ଟରେ ବିବାହ କରିଥିଲେ। ବିବାହ ସମ୍ପର୍କରେ ଫଟୋଗ୍ରାଫର ଛାତ୍ରୀ ମା'ଙ୍କୁ ମଧ୍ୟ ଜଣାଇଥିଲେ। ଏହାସହ ଉଭୟ ସାଙ୍ଗ ହୋଇ ଝାରପଡ଼ାରେ ଏକ ଭଡା ନେଇ ଦୁଇମାସ ରହିଥିଲେ। ହେଲେ ପରବର୍ତ୍ତୀ ସମୟରେ ଛାତ୍ରୀ ଜଣଙ୍କ ଜାଣିବାକୁ ପାଇଲେ ଯେ ବିବାହ ଅବୈଧ। ବିବାହ କୌଣସି କାରଣରୁ ସନ୍ଦେହ ପ୍ରକାଶ କରି ଫଟୋଗ୍ରାଫରଙ୍କ ପାଖରୁ ଦୂରେଇ ଯିବାକୁ ଚେଷ୍ଟା କରିଥିଲେ। ଏଣୁ ଫଟୋଗ୍ରାଫରଙ୍କ ପାଖରୁ ଜାନୁଆରୀ ୩୧ ତାରିଖରେ ଚାଲିଯିବାକୁ କହିଥିଲେ।

ହେଲେ ଫଟୋଗ୍ରାଫର ଛାତ୍ରୀଙ୍କୁ ଯିବାକୁ ନ ଦେଇ ତାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ବନ୍ଧକ ରଖି ହାତ ଗୋଡ ବାନ୍ଧି ବାରମ୍ବାର ଦୁଷ୍କର୍ମ କରିଥିଲେ। ଛାତ୍ରୀଙ୍କ ଭାଇ ଆସି ତାଙ୍କୁ ଉକ୍ତ ଘରୁ ଉଦ୍ଧାର କରିଥିଲେ। ଛାତ୍ରୀଙ୍କ ଭାଇ ରାତାରାତି ତାଙ୍କୁ ବ୍ରହ୍ମପୁର ନେଇ ଯାଇଥିଲେ। ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ପରିବାର ଲୋକେ ପ୍ରଥମେ ବୈଦ୍ୟନାଥପୁର ଥାନରେ ଫେବୃଆରୀ ୧ ତାରିଖ ସନ୍ଧ୍ୟା ୭ଟା ବେଳେ ଜଣାଇଥିଲେ। ହେଲେ ଥାନାରେ ଉପସ୍ଥିତ ପୁଲିସ କର୍ମଚାରୀ ଏହା ମହିଳା ମାମଲା କହି ମହିଳା ଥାନାକୁ ପଠାଇଥିଲେ। ବ୍ରହ୍ମପୁର ମହିଳା ଥାନା ଏତଲା ରଖିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। କିମ୍ବା ମାମଲା ମଧ୍ୟ ରୁଜୁ କରି ନଥିଲା। ବ୍ରହ୍ମପୁର ମହିଳା ଥାନା ପୁଲିସ ଘଟଣା ଭୁବନେଶ୍ୱରରେ ଘଟିଛି କହି ପୁଣି ଛାତ୍ରୀଙ୍କୁ ଲକ୍ଷ୍ମୀସାଗର ଥାନାକୁ ପଠାଇ ଦେଇଥିଲେ। ଛାତ୍ରୀ ଜଣଙ୍କ ଗତ ୫ ତାରିଖରେ ଆସି ଏତଲା ଦେଇଥିଲେ। ହେଲେ ଲକ୍ଷ୍ମୀସାଗର ଥାନା ପୁଲିସ ପୁଣି ବ୍ରହ୍ମପୁରକୁ ପଠାଇ ଦେଇଥିଲେ। ମାମଲା ରୁଜୁ କରିବାକୁ ପୁଲିସର ଚାଲିଥିବା ଏଭଳି ଖେଳରେ ଏବେ ଛାତ୍ରୀ ଜଣଙ୍କ ଅସହାୟ ମନେ କରୁଥିଲେ। ଦୈନିକ ସକାଳରେ ଶୁକ୍ରବାର ସଂସ୍କରଣରେ ଖବର ପ୍ରକାଶିତ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଶନିବାର ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଗିରଫ କରିଛି।

## ବିଶ୍ୱଭୂଷଣ ହରିଚନ୍ଦନଙ୍କ ୨ଟି ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୭।୨(ସମିସ): ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ରଚିତ ଓଡ଼ିଆ ପୁସ୍ତକ 'ଏ ମାଟି କଥା କହେ' ଏବଂ ଇଂରାଜୀ ପୁସ୍ତକ 'ବକ୍ସି ଜଗବନ୍ଧୁ: ଦ ଗ୍ରେଟ୍ କମାଣ୍ଡର'ର ଉନ୍ମୋଚନ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଏହି ଦୁଇଟି ପୁସ୍ତକ ଉନ୍ମୋଚନ କରି ଓଡ଼ିଶା ରାଜନୀତିର ଇତିହାସରେ ଯେବେ ବି ପ୍ରମୁଖ ରାଜନେତାଙ୍କ ନାମ ଉଲ୍ଲେଖ ହୁଏ, ବିଶ୍ୱଭୂଷଣ ହରିଚନ୍ଦନଙ୍କ ନାମ ସ୍ୱାଭାବିକ ଭାବେ ସର୍ବାଗ୍ରେ ରହିଥାଏ ବୋଲି କହିଛନ୍ତି।

## ଗାଁ ପରିବେଶ ଅନ୍ୟ କେଉଁଠି ମିଳିବନି



ଆମେ ଗାଁରୁ ଆସିଛୁ

ସୁନ୍ଦର ପରିବେଶରେ ପରିପୂର୍ଣ୍ଣ ମୋ ଗାଁ। ବିଲ ବାଡି, ବଡ ବରଗଛ, ପୋଖରୀ, ମନ୍ଦିର ଆଦିକୁ ନେଇ ଆମ ଗାଁ ବେଶ ମନୋରମ ଦିଶେ। ଯେତେ ଦେଖିଲେ ବି ମନ ଭରେନି। ସେଇ ମାଟିରେ ଗଢି ହେଇଛି ଜୀବନର କେତେ ଅଭୁଲା ସ୍ମୃତି। ଚିହ୍ନା ଅଚିହ୍ନା କେତେ ସମ୍ପର୍କଙ୍କ ଭିତରେ ସବୁ ସେଠି ନିଜର ଭଳିଆ ଲାଗନ୍ତି।

ଏପରି ଜଣେ ଗାଁ ପ୍ରେମୀ ହେଲେ ୪୬ ବର୍ଷୀୟ ପ୍ରଭାତୀ ରାଉତ। ତାଙ୍କ ଗାଁ ହେଉଛି ପୁରୀ ଜିଲ୍ଲାର ଗୋପ ବ୍ଲକ ଅନ୍ତର୍ଗତ ଗଡ଼ରୂପାସ ଗାଁ। ସେ ଭୁବନେଶ୍ୱରରେ ୨୫ ବର୍ଷ ହେଲାଣି ରହୁଛନ୍ତି। ବର୍ତ୍ତମାନ ତାଙ୍କର ଠିକଣା ହେଉଛି ପୁରୁଣା ଭୁବନେଶ୍ୱର। ସେ ଜଣେ ମହିଳା ବ୍ୟବସାୟୀ ଭାବେ ନିଜ ପରିଚୟ ଗଢିଛନ୍ତି। ଗାଁ ବିଷୟରେ ସେ କୁହନ୍ତି ସେତେବେଳର ଗାଁ ଆଉ ଏବେର ଗାଁ ଭିତରେ ବହୁତ ଫରକ ଅଛି। ସେ ସମୟରେ ସମସ୍ତେ ମିଳିମିଶି ଚଳୁଥିଲେ। ଭଲରେ ମନ୍ଦରେ ଏକଜୁଟ ହୋଇ ରହୁଥିଲେ। ହେଲେ ଏବେ ଗାଁକୁ ଧୀରେ ଧୀରେ ସହରୀକରଣ ପଶିଗଲାଣି। ତଥାବି ମୋ ଗାଁ ବହୁତ ସୁନ୍ଦର। ପିଲାବେଳେ ସବୁ ପର୍ବପର୍ବାଣୀରେ ସାଙ୍ଗସାଥୀଙ୍କ ସହ ବହୁତ ଆନନ୍ଦରେ ଦିନ କଟିଛି। ଗାଁ ମଝି ପଡ଼ିଆରେ ଖେଳ, ରଜରେ ବଡ ବରଗଛରେ ବାଉଁଶ ପଟା ଦୋଳିର ମଜା ବହୁତ ମନେ ପଡେ। ଗାଁରେ ଏକ ବହୁ ପୁରୁଣା ବରଗଛ ରହିଛି। ଯେଉଁଠି ତା ଛାଇ ମୂଳେ ଆମେ ସବୁ ମିଶି କେତେ ଗପସପ କରିଛୁ। ଯାହା ଆଜି ବି ସେ ଗଛକୁ ଦେଖିଲେ କେତେ ସ୍ମୃତି ସବୁ ମନେ ପଡ଼ିଯାଏ। ଏଠି ସହରରେ ସେସବୁ ଦେଖିବାକୁ ମିଳେନି। ସହରର ଚାକଚମକ କେବଳ ଦେଖିବାକୁ ସୁନ୍ଦର ହେଲେ ଗାଁରେ ବିଭିନ୍ନ ପ୍ରକାରର ଅନୁଭୂତି ମିଳିଥାଏ। ଗାଁରେ ଗହୀର ଧାନ ବିଲର ମନୋରମ ଦୃଶ୍ୟକୁ ଆଜିବି ମନ ଝୁରେ। ବାଡି ତୋଟା ବୁଲିବା ସାଙ୍ଗକୁ ବିରି ମୁଗ ତୋଳିବା ଏସବୁ ଏବେ ଯେମିତି ସ୍ୱପ୍ନ। କାରଣ ସେ ପରିବେଶ ଆଉ କେଉଁଠି ବି ଖୋଜିଲେ ମିଳେନି। ଗାଁ ଦାଣ୍ଡରେ କୁମାର ପୂର୍ଣ୍ଣମୀ, ରଜ, ଦୋଳ ଆଦି କେତେ ପର୍ବପର୍ବାଣୀ କଟିଛି। ସନ୍ଧ୍ୟା ହେଲେ ସେଠି ଗାଁର ବରିଷ୍ଠଙ୍କ ମେଳରେ ଆଧ୍ୟାତ୍ମିକ ଚର୍ଚ୍ଚା ଶୁଣିବାକୁ ଭଲ ଲାଗେ। ଆଜିବି ସେଠିକି ଗଲେ ସବୁ ଆଖି ଆଗରେ ନାଚି ଗଲା ପରି ଲାଗେ। ଏସବୁ ସହରରେ ଖୋଜି ଆସିଲେ ମଧ୍ୟ ମିଳିବନି। ତେଣୁ ଗାଁ ସବୁବେଳେ ସ୍ୱତନ୍ତ୍ର।

## ଧାର ଟଙ୍କା ନ ଫେରାଇବାରୁ ବାପ, ପୁଅଙ୍କୁ ଆକ୍ରମଣ

ଭୁବନେଶ୍ୱର, ୭।୨(ସମିସ): ଧାର ଟଙ୍କା ନ ଫେରାଇବାରୁ ବାପ ଓ ପୁଅକୁ ଆକ୍ରମଣ ଅଭିଯୋଗରେ ମେଞ୍ଚେଶ୍ୱର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ମଞ୍ଚେଶ୍ୱର ଗ୍ରାମର ବିକାଶ ସ୍ୱାଇଁ।

ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ମଞ୍ଚେଶ୍ୱର ଗ୍ରାମରେ ରୁହନ୍ତି। ଅଭିଯୁକ୍ତ ବିକାଶ ସ୍ୱାଇଁ ପୂର୍ବରୁ ଆହତ ଦୀପକ ଜେନାଙ୍କୁ ୩, ୫୦୦ ଟଙ୍କା ହାତଉଧାରି ଦେଇଥିଲେ। ଗତକାଲି ଦିନ ପ୍ରାୟ ୧୧.୩୦ ସମୟରେ ବିକାଶ ସ୍ୱାଇଁ, ଦୀପକ ଜେନାଙ୍କ କାର୍ଯ୍ୟାଳୟକୁ ଆସି ଦେଇଥିବା ଟଙ୍କା ଫେରସ୍ତ ମାଗିଥିଲେ। ସେତେବେଳେ ଦୀପକ ଜେନା ସନ୍ଧ୍ୟାରେ ଘରକୁ ଫେରିଲା ପରେ ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସନ୍ଧ୍ୟାରେ ଦୀପକ ଜେନା ଘରକୁ ଫେରିବା ପରେ, ବିକାଶ ସ୍ୱାଇଁ ତାଙ୍କ ଘରକୁ ଆସି ଗାଳିଗୁଲଜ କରି ଟଙ୍କା ଫେରସ୍ତ ପାଇଁ କହିଥିଲେ। ଦୀପକ ଜେନା ଟଙ୍କା ଦେଇପାରିବେ ନାହିଁ ବୋଲି କହିବାରୁ, ବିକାଶ ସ୍ୱାଇଁ କ୍ରୋଧିତ ହୋଇ ତାଙ୍କୁ ଆକ୍ରମଣ କରିଥିଲେ। ଯାହାଫଳରେ ତାଙ୍କ ଶରୀରର ଏକାଧିକ ସ୍ଥାନରେ ଆଘାତ ଲାଗିଥିଲା। ପରେ ଅଭିଯୁକ୍ତ ବିକାଶ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପରେ ଆହତଙ୍କ ବାପା ଭାସ୍କର ଜେନା ଘଟଣା ବିଷୟରେ ଜାଣିବ ପରେ, ଅଭିଯୁକ୍ତ ବିକାଶ ସ୍ୱାଇଁଙ୍କ ଘରକୁ ଯାଇ ପୁଅକୁ ବାଡେଇବାର କାରଣ ପଚାରିଥିଲେ। ସେହି ସମୟରେ ବିକାଶ ସ୍ୱାଇଁ ଅତ୍ୟଧିକ ଉତ୍ତେଜିତ ହୋଇ ଭାସ୍କର ଜେନାଙ୍କ ମୁଣ୍ଡକୁ ଲକ୍ଷ କରି ପଥର ଫୋପାଡିଥିଲେ। ଯାହାଫଳରେ ତାଙ୍କ ମୁଣ୍ଡରୁ ରକ୍ତସ୍ରାବ ହୋଇଥିଲା ଏବଂ ତାଙ୍କ ଡାହାଣ ହାତ ଓ ବାମ ଗୋଡରେ ମଧ୍ୟ ଆଘାତ ଲାଗିଥିଲା। ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ।

## ଯୌତୁକ ନିର୍ଯାତନା ଯୋଗୁଁ ମହିଳାଙ୍କ ଆତ୍ମହତ୍ୟା; ସ୍ୱାମୀ ଗିରଫ

ଭୁବନେଶ୍ୱର, ୭।୨(ସମିସ): ଯୌତୁକ ନିର୍ଯାତନା ଯୋଗୁଁ ମହିଳାଙ୍କ ଆତ୍ମହତ୍ୟା ଘଟଣାରେ ମଞ୍ଚେଶ୍ୱର ଥାନା ପୁଲିସ ସ୍ୱାମୀଙ୍କୁ ଅମିତ କୁମାର ବେହେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ମୃତ ଲିଜା ସାହୁ ଅଭିଯୁକ୍ତ ଅମିତଙ୍କୁ ଗତ ୨୦୨୩ ମସିହାରେ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଆର୍ଥିକ ସମସ୍ୟା ତଥା ଅନ୍ୟାନ୍ୟ ପାରିବାରିକ କାରଣକୁ ନେଇ ପରସ୍ପର ମଧ୍ୟରେ ମନମାଳିନ୍ୟ ଦେଖାଦେଇଥିଲା। ଅଭିଯୁକ୍ତ ସ୍ୱାମୀ ଲିଜାଙ୍କୁ ବାପ ଘରୁ ଅଧିକ ଯୌତୁକ ଦାବି କରି ତାଙ୍କ ଉପରେ ଅତ୍ୟାଚାର କରିଆସୁଥିଲେ। ଶୁକ୍ରବାର ସ୍ୱାମୀ କର୍ମକ୍ଷେତ୍ରରୁ ଆସି ଶୋଇବା ଲାଗି ଚାଲିଯାଇଥିଲେ। ରାତି ପ୍ରାୟ ୧୧.୩୦ ସମୟରେ ପତ୍ନୀ ଲିଜା ତାଙ୍କୁ ନିଦରୁ ଉଠାଇବା ଲାଗି ପ୍ରୟାସ କରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଖୁବ ଝଗଡ଼ା ହୋଇଥିଲା। ସ୍ୱାମୀ ଅମିତ ତାଙ୍କୁ ପ୍ରବଳ ମାଡ଼ ମାରିଥିଲେ। ପୂର୍ବରୁ ମାନସିକ ଚପରେ ଥିବା ପତ୍ନୀ ଲିଜା ଗତକାଲିର ଘଟଣା ପରେ ମାନସିକ ଭାରସାମ୍ୟ ହରାଇ ଗେଷ୍ଟ ରୁମ ଭିତରେ ଓଢଣି ସାହାଯ୍ୟରେ ଆତ୍ମହତ୍ୟା କରିଥିଲେ। ସେ ପତ୍ନୀଙ୍କୁ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅମିତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## କ୍ରିକେଟ୍ ମ୍ୟାଚ୍ ବେଳେ ଗଣ୍ଡଗୋଳ; ଜଣେ ଗିରଫ

ଭୁବନେଶ୍ୱର, ୭।୨(ସମିସ): ଏୟାରଫିଲ୍ଡ ଥାନା ଅଞ୍ଚଳରେ କ୍ରିକେଟ୍ ମ୍ୟାଚ୍‌କୁ ନେଇ ଅସଭ୍ୟ ଭାଷାରେ ଗାଳିଗୁଲଜ ଏବଂ ଗଣ୍ଡଗୋଳ ଘଟଣାରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ସୌମ୍ୟାକାନ୍ତ ହରିଚନ୍ଦନ ଓରଫ ଚିଣ୍ଟୁ। ପୁଲିସ ଆକ୍ରମଣରେ ବ୍ୟବହୃତ ଏକ ଅସ୍ତ୍ର ଜବତ ହୋଇଛି।

ପୁଲିସ ସୂଚନା ମୁତାବକ, ଶୁକ୍ରବାର ସନ୍ଧ୍ୟା ପ୍ରାୟ ୮ ଟାରେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ପାଞ୍ଚଗାଁର ଏମ୍‌ଇ ସ୍କୁଲ ଖେଳ ପଡ଼ିଆରେ ଏକ କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍ ଶେଷରେ ଦୁଇ ପକ୍ଷର ଖେଳାଳି ଏବଂ ସମର୍ଥକ ପଡ଼ିଆରେ ଏକତ୍ର ହୋଇଥିଲେ। ଅଭିଯୋଗକାରୀ ଓ ଅଭିଯୁକ୍ତ ଭିନ୍ନ ଟିମ୍‌ର ସଦସ୍ୟ। ଚିଣ୍ଟୁ ଯେଉଁ ଟିମ୍‌ରେ ଖେଳୁଥିଲେ, ସେହି ଟିମ୍ ମ୍ୟାଚ୍ ଜିତିଥିଲା। ସେ ଅଭିଯୋଗକାରୀ ଲିଟୁଙ୍କୁ ନେଇ ଖରାପ ଟିପ୍ପଣୀ କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଲିଟୁ ଏହାକୁ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଚିଣ୍ଟୁଙ୍କ ବାପା ତୋଫାନ ହରିଚନ୍ଦନ ଘଟଣାସ୍ଥଳକୁ ଆସିଥିଲେ। ଘଟଣା ସମୟରେ ଅଭିଯୁକ୍ତ ସୌମ୍ୟକାନ୍ତ ହରିଚନ୍ଦନ ଓରଫ ଚିଣ୍ଟୁ ପାଖରେ ପଡ଼ିଥିବା କାଠ ଷ୍ଟମ୍ପ ଉଠାଇ ରାଗରେ ଅଭିଯୋଗକାରୀଙ୍କ ମୁଣ୍ଡରେ ଆଘାତ କରିଥିଲେ। ଯାହାଦ୍ୱାରା ଅଭିଯୋଗକାରୀଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଥାନାରେ ଅଭିଯୋଗ ହେବା ପରେ ପୁଲିସ ଚିଣ୍ଟୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ଆମ ବସ୍‌ରୁ ଚୋରି; ଯୁବକ ଗିରଫ

ଭୁବନେଶ୍ୱର, ୭।୨(ସମିସ): ଆମ୍ ବସ୍ ଯାତ୍ରୀଙ୍କ ଠାରୁ ମୋବାଇଲ୍ ଚୋରି ଅଭିଯୋଗ ମଞ୍ଚେଶ୍ୱର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ପଶ୍ଚିମବଙ୍ଗର ଭାଗୀରଥ ସିଂ। ତାଙ୍କଠାରୁ ଚୋରା ମୋବାଇଲ୍ ଜବତ ହୋଇଛି। ଏନେଇ ଅଭିଯୋଗକାରୀ ଗୌତମ ବେହେରା ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ବାଲେଶ୍ୱର ଜିଲ୍ଲା ସୋରୋ ବାସିନ୍ଦା। ହାଇଟେକ ଛକରୁ ରସୁଲଗଡ଼ ଅଭିମୁଖେ ଆମ-ବସ ଯୋଗେ ଆସୁଥିବା ବେଳେ ରସୁଲଗଡ଼ ବସ ରହଣି ସ୍ଥଳ ନିକଟରେ ଗହଳିର ସୁଯୋଗ ନେଇ ଅଭିଯୁକ୍ତ ଭାଗୀରଥ ସିଂହ ଟଙ୍କା ନିକଟରୁ ତାଙ୍କ ଦାମୀ ମୋବାଇଲ ଫୋନକୁ ଜୋରଜବରଦସ୍ତ ଛାଡି ନେଇ ଫେରାର ହେବ ଲାଗି ଉଦ୍ୟମ କରିଥିଲେ। ଭାଗୀରଥଙ୍କୁ ସାହାଯାତ୍ରୀଙ୍କ ସହଯୋଗରେ କାବୁ କରିବାରେ ସମର୍ଥ ହୋଇଥିଲେ। ଅଭିଯୁକ୍ତଙ୍କ ପୂର୍ବ ଅପରାଧିକ ରେକର୍ଡ ଯାଞ୍ଚରୁ ଜଣାପଡ଼ିଛି ଯେ, ତାଙ୍କ ନାମରେ ଭୁବନେଶ୍ୱରର ସହିଦନଗର ଥାନାରେ ୨ ଟି, ଖଣ୍ଡଗିରି ଥାନାରେ ଗୋଟିଏ, ପୁରୀ ଟାଉନ ଥାନା ଏବଂ ରାଉରକେଲା ତଅଁରପାଲି ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଛି।



ଶୁକ୍ରବାର ବିଳମ୍ବିତ ରାତିରେ ଭୁବନେଶ୍ୱର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥରେ ଘନ କୁହୁଡିର ଆସ୍ତରଣ

## 'ଭାରତ ବନ୍ଦ' ସଫଳ ପାଇଁ ପଥପ୍ରାନ୍ତ ସଭା, ଶୋଭାଯାତ୍ରା

ଭୁବନେଶ୍ୱର, ୭।୨(ସମିସ): ବିଜେପି ସରକାର ୩ୟ ପାଳି କ୍ଷମତାକୁ ଆସିବା ପରେ ଶ୍ରମିକ କର୍ମଚାରୀ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ୍ ଲାଗୁ କରାଇବା 'ଏମ୍‌ଏନ୍‌ଆର୍‌ଇଜିଏ'କୁ ହଟାଇ ଭିବି-ଜୀ ରାମ୍ ଜୀ ଆଇନ ପ୍ରଣୟନ, କୃଷି ଆଇନ ପ୍ରତ୍ୟାହାର ବେଳେ କୃଷି ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟ ଆଇନ ପ୍ରଣୟନର ପ୍ରତିଶ୍ରୁତି ଦେଇ ମଧ୍ୟ ଏ ପର୍ଯ୍ୟନ୍ତ ଆଇନ ପ୍ରଣୟନ ନ କରିବା ବିଦ୍ୟୁତ୍ ସଂଶୋଧନ ବିଲ୍, ବିହନ ବିଲ୍ ଶାନ୍ତି ବିଲ୍, ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍, 'ସବ୍‌କା ବୀମା, ସବ୍‌କା ରକ୍ଷା' ବିଲ୍, ଆଗତ କରି ଦେଶର ଜନଗଣଙ୍କ ବିରୋଧରେ ମୋଦି ସରକାର ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ଏହାର ପ୍ରତିବାଦ ସହ ସ୍କିମ୍ ୱାର୍କରଙ୍କୁ ୱାର୍କର ମାନ୍ୟତା ପ୍ରଦାନ କରିବା, ଶ୍ରମିକଙ୍କୁ ମାସିକ ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା ହାରରେ ପ୍ରଦାନ କରିବା ଦାବିରେ ଦେଶର ୧୦ଟି କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଓ ସ୍ୱାଧୀନ କର୍ମଚାରୀ ଫେଡ଼େରେସନମାନଙ୍କ ସଂଯୁକ୍ତ ମୋର୍ଚ୍ଚା ପକ୍ଷରୁ ଆସନ୍ତା ୧୨ ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଆହ୍ୱାନ ଦେଇଛନ୍ତି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବାଠାରୁ ସମାନ ପରିସ୍ଥିତି ଲାଗି ରହିଛି। କର୍ମ ନିଯୁକ୍ତିରେ ଦୁର୍ନୀତି, ଦରଦାମ୍ ବୃଦ୍ଧି ଜୀବନ ଧାରଣକୁ ଦୁର୍ବିସହ କଲାଣି। ଏହାର ପ୍ରତିବାଦରେ ଆସନ୍ତା ୧୨ ତାରିଖରେ ଦେଶବ୍ୟାପୀ ସାଧାରଣ ଧର୍ମଘଟ- ହରତାଳ ଓ ଭାରତ ବନ୍ଦ ସଫଳ କରିବା ପାଇଁ ଶନିବାର ସିପିଆଇ ଭୁବନେଶ୍ୱର ଅଞ୍ଚଳ କମିଟି, ଏଆଇଟିୟୁସି ଓ ବିକେଏମ୍‌ୟୁ ପକ୍ଷରୁ ଶୋଭାଯାତ୍ରା ଏବଂ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଭଗବତୀ ଭବନଠାରୁ ବାହାରିଥିବା ଶୋଭାଯାତ୍ରା ବାହାରି ରାଜମହଲ ଛକ ଓ ଅଶୋକନଗର ବସ୍‌ଷ୍ଟାଣ୍ଡଠାରେ ପହଞ୍ଚିଥିଲା। ଏଆଇଟିୟୁସି ଜିଲ୍ଲା ସଭାପତି ସାଥୀ ସୁର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିପିଆଇ ରାଜ୍ୟ ସହସମ୍ପାଦକ ସାଥୀ ଜୟନ୍ତ ଦାସ, ଭୁବନେଶ୍ୱର ଅଞ୍ଚଳ ସମ୍ପାଦକ କୈଳାସ ପୁହାଣ, ସହ ସମ୍ପାଦକ ବିଶ୍ୱଜିତ୍ ନାୟକ, ଛେତମ୍ବର ଭୋଇ, ଅଭୟ ବାରିକ, କୁନା ଜାଲି, ବିଦ୍ୟୁତ୍ ଶାଖା ସମ୍ପାଦକ ପରମାନନ୍ଦ ବେହେରା ଓ ଉଗ୍ରସେନ ଦାସ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ଶିଶୁ ଗଳ୍ପ ପୁସ୍ତକ 'ଚନ୍ଦ୍ରରେ ଚନ୍ଦ୍ରଯାନ' ଉନ୍ମୋଚିତ

ଭୁବନେଶ୍ୱର, ୭।୨(ସମିସ): କବି ମାଧୁରୀ ଅଧିକାରୀଙ୍କ ଦ୍ୱାରା ରଚିତ ମହାକାଶ ବିଜ୍ଞାନ ଉପରେ ଆଧାରିତ ଗଳ୍ପ ପୁସ୍ତକ 'ଚନ୍ଦ୍ରରେ ଚନ୍ଦ୍ରଯାନ' ଶୁକ୍ରବାର ଉନ୍ମୋଚିତ ହୋଇଛି। ଏହି ପୁସ୍ତକକୁ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉନ୍ମୋଚିନ କରିଛନ୍ତି। କବି ମାଧୁରୀ ଅଧିକାରୀଙ୍କ ୮୦ତମ ଜନ୍ମଦିବସ ଅବସରରେ ଭୁବନେଶ୍ୱରରେ ଆୟୋଜିତ ଏକ ଉତ୍ସବରେ ଏହି ପୁସ୍ତକ ଲୋକାର୍ପିତ ହୋଇଛି। ଶ୍ରୀମତୀ ଅଧିକାରୀ ଏପର୍ଯ୍ୟନ୍ତ ୪୦ରୁ ଅଧିକ ଜନପ୍ରିୟ ପୁସ୍ତକ ରଚନା କରିଛନ୍ତି। ଯେଉଁଥିରେ ଶିଶୁ ସାହିତ୍ୟ, ଉପନ୍ୟାସ, ଗଳ୍ପ ସଂକଳନ ଓ କବିତା ସଂଗ୍ରହ ରହିଛି। 'ଚନ୍ଦ୍ରରେ ଚନ୍ଦ୍ରଯାନ' ପୁସ୍ତକରେ ଚନ୍ଦ୍ରଯାନ-୧ ଓ ଚନ୍ଦ୍ରଯାନ-୨ର ଆଂଶିକ ବିଫଳତା ପରେ ଚନ୍ଦ୍ରଯାନ-୩ର ସଫଳତାରେ ଭାରତୀୟ ମହାକାଶ ବିଜ୍ଞାନୀମାନଙ୍କର ଉତ୍କର୍ଷତା ବିଷୟରେ ଗଳ୍ପ ରହିଛି। ଏହା ଛାତ୍ରଛାତ୍ରୀମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ସହିତ ସେମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପ୍ରେରଣା ଯୋଗାଇବ ବୋଲି ସେ କହିଥିଲେ। ଲେଖିକା ଓ ଅନୁବାଦିକା ଡ. ଶକୁନ୍ତଳା ବଳିଆରସିଂହ ପୁସ୍ତକର ବର୍ଣ୍ଣନା ଓ ସାରାଂଶ ଉପସ୍ଥାପନ କରିଥିଲେ। ମାଧୁରୀ ଅଧିକାରୀଙ୍କ ପୁଅ ଉମେଶ ଅଧିକାରୀ ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ।



## ଦୁର୍ଘଟଣାରେ ଯୁବକ ମୃତ

ଭୁବନେଶ୍ୱର, ୭।୨(ସମିସ): ଗାଡ଼ିକୁ ଓଭରଟେକ୍ କରୁଥିବା ସମୟରେ ଖଣ୍ଡଗିରି ଥାନା ୧୬ ନମ୍ବର ଜାତୀୟ ରାଜପଥ ପାତ୍ରପଡ଼ା ନିକଟରେ ଏକ ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ତମାଣ୍ଡୋ ଥାନା ସହଜପୁର ଗ୍ରାମର ସନ୍ତୋଷ ବାରିକଙ୍କ ପୁଅ ନାରାୟଣ ବାରିକ (୨୨)। ନାରାୟଣ ପାତ୍ରପଡ଼ାସ୍ଥିତ ଏକ କପଡ଼ା ସୋରୁମରେ କାମ କରନ୍ତି। ମିଳିଥିବା ସୂଚନା ଅନୁସାରେ ନାରାୟଣ ପାତ୍ରପଡ଼ାସ୍ଥିତ ଏକ କପଡ଼ା ସୋରୁମରେ କାମ କରନ୍ତି। ଶନିବାର ଅପରାହ୍ନ ସାଢେ ଗୋଟାଏ ବେଳେ ସୋରୁମରୁ ବାହାରି ଖାଇବାକୁ ଘରକୁ ଯାଉଥିଲେ। ଯିବା ସମୟରେ ତାଙ୍କ ଆଗେ ଆଗେ ଏକ ବସ ଓ ଅନ୍ୟ ଏକ ଲୁନା ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। ସେହିଭଳି ସମୟରେ ନାରାୟଣ ଅତିକ୍ରମ କରିବାକୁ ଚେଷ୍ଟା କଲାବେଳେ ଲୁନାରେ ଲଦା ହୋଇଥିବା ଅଖାରେ ବାଜି ଭାରସାମ୍ୟ ହରାଇ ବସରେ ପିଟି ହୋଇ ପଡ଼ି ଯାଇଥିଲେ। ତାଙ୍କ ମୁଣ୍ଡରେ ଗଭିର ଆଘାତ ଲାଗିବା ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ସହ ଲୁନା ଚାଳକ ଜଣକ ମଧ୍ୟ ପଡ଼ି ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଘଟାଇଥିବା ବସଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଖବର ପାଇ ଖଣ୍ଡଗିରି ଥାନା ପୁଲିସ ଘଟଣା ସ୍ଥଳରେ ପହଁଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍ସ ପଠାଇଛି। ଗୁରୁତର ଆହତ ହୋଇଥିବା ବ୍ୟକ୍ତି ଜଣକୁ ଚିକିତ୍ସା ପାଇଁ କ୍ୟାପିଟାଲ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

## ବାଟରେ ଅଟକାଇ 'ଅନ୍‌ଲାଇନ୍' ଲୁଟ୍; ୩ ଗିରଫ



ଭୁବନେଶ୍ୱର, ୭।୨(ସମିସ): ଖାରବେଳନଗର ଥାନା ଅଞ୍ଚଳରେ ୩ ଜଣ ଦୁର୍ବୃତ୍ତ ଏକ ନିଛାଟିଆ ସ୍ଥାନରେ ଜଣେ ବ୍ୟକ୍ତିଙ୍କୁ ଡରାଇ ଅନ୍‌ଲାଇନ୍ ମାଧ୍ୟମରେ ଟଙ୍କା ଲୁଟ୍ କରିଛନ୍ତି। ଏହି ଅଭିଯୋଗରେ ପୁଲିସ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବିଜୁ ବେହେରା, ଅଭିଯୁକ୍ତ ସାଇଜାଦ୍ ଖାଁ ଓ ସୁବ୍ରତ କୁମାର ମହାନ୍ତି।

ସୂଚନାଯୋଗ୍ୟ ଯେ, ଗତ ୫ ତାରିଖ ସକାଳ ୬ଟା ସମୟରେ ଅଭିଯୋଗକାରୀ ନିଜ ସମ୍ପର୍କୀୟଙ୍କୁ ସାକ୍ଷାତ କରିବା ଲାଗି ଭୁବନେଶ୍ୱର ରେଲୱେ ଷ୍ଟେସନ ଯାଇଥିଲେ। ସେଠାରୁ ଫେରିବା ବେଳେ ରିଲାଏନ୍ସ ସୋରୁମ ନିକଟରେ ଉପରୋକ୍ତ ତିନି ଅଭିଯୁକ୍ତ ଏବଂ ତାଙ୍କର ଅନ୍ୟ ସହଯୋଗୀ ମାନେ ତାଙ୍କୁ ଘେରି ଯାଇଥିଲେ। ତାଙ୍କୁ ନିକଟସ୍ଥ ଏକ ନିଛାଟିଆ ସ୍ଥାନକୁ ନେଇ ତାଙ୍କୁ ଭୟଭୀତ କରିବା ସହ ଅନଲାଇନ ଟଙ୍କା ପଠାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗକାରୀ ଭୟରେ ଅଭିଯୁକ୍ତ ମାନଙ୍କ ନିର୍ଦ୍ଦେଶ ମୁତାବକ ଏସକେ. ଆଲମିନ ନାମକ ଜଣେ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ୫୫, ୦୦୦ ଟଙ୍କା ଏବଂ ପ୍ରଶାନ୍ତ ବାରିକ ନାମକ ଅନ୍ୟ ଜଣେ ବ୍ୟକ୍ତିଙ୍କ ଦ୍ୱାରା ପରିଚାଳିତ 'ଶ୍ରୀରାମ ଟି ଷ୍ଟଲ' ନାମରେ ଥିବା ଅକାଉଣ୍ଟକୁ ୨୦, ୫୦୦ ଟଙ୍କା ପଠାଇ ଦେଇଥିଲେ। ଟଙ୍କା ପାଇବା ପରେ ଅଭିଯୁକ୍ତମାନେ ଘଟଣାକୁ ବାହାରେ ପ୍ରକାଶ କଲେ ଭୟଙ୍କର ପରିଣାମ ଭୋଗିବା ଲାଗି ତାଙ୍କୁ ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତିନି ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ହେପାଜତରୁ ୩୦, ୦୦୦ ଟଙ୍କା ଜବତ କରିଥିଲା।

# ବାୟୋମାସ୍ ବ୍ରିକେଟ୍ ପ୍ରତିଷ୍ଠା ପାଇଁ ବିଏମ୍‌ସିର ଚୁକ୍ତିପତ୍ର ସ୍ୱାକ୍ଷର

ଭୁବନେଶ୍ୱର, ୭।୨(ସମିସ): ବାୟୋମାସ ବ୍ରିକେଟ୍ ଉତ୍ପାଦନ କାରଖାନାର ପ୍ରତିଷ୍ଠା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ପାଇଁ ଦୂରଦୃଷ୍ଟି ସମ୍ପନ୍ନ ମଡେଲ ଗ୍ରହଣ କରି ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ନିଲାମୀ ପ୍ରକ୍ରିୟା ଜରିଆରେ ଟେଣ୍ଡରକୁ ସଫଳତାର ସହ ଚୂଡ଼ାନ୍ତ କରିଛି। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ଅଯଥା ନଷ୍ଟ କରିଦିଆଯାଉଥିବା ବୃକ୍ଷ ଶାଖା, ପତ୍ର, କାଠ ଗଣ୍ଡି ଏବଂ ଅନ୍ୟାନ୍ୟ ଉଦ୍ୟାନ କୃଷି ଅବଶିଷ୍ଟାଂଶ ଭଳି ସବୁଜ ବର୍ଜ୍ୟବସ୍ତୁଗୁଡ଼ିକର ବୈଜ୍ଞାନିକ ପ୍ରକ୍ରିୟାକରଣ ଏବଂ ସେଗୁଡ଼ିକୁ ମୂଲ୍ୟଯୁକ୍ତ ବାୟୋମାସ ବ୍ରିକେଟରେ ପରିଣତ କରିବା। କାର୍ଯ୍ୟର ସର୍ତ୍ତାବଳୀ ଅନୁଯାୟୀ, ମନୋନୀତ ଏଜେନ୍ସି ଭୁବନେଶ୍ୱର ମହାନଗର ନିଗମର କୌଣସି ଆର୍ଥିକ ବିନିଯୋଗ ବିନା ସମ୍ପୂର୍ଣ୍ଣ ନିଜ ଖର୍ଚ୍ଚରେ ପ୍ଲାଣ୍ଟର ଡିଜାଇନ୍, ପ୍ରତିଷ୍ଠା, ପରିଚାଳନା ଏବଂ ରକ୍ଷଣାବେକ୍ଷଣ କରିବ। ଏହାର ପ୍ରତିବଦଳରେ ଏଜେନ୍ସି ଏକ ନିର୍ଦ୍ଦିଷ୍ଟ ମାସିକ ରୟାଲଟି ବାବଦକୁ ୭୫, ୦୦୦ ଟଙ୍କା ଲେଖାଏଁ ୧୦ ବର୍ଷ ପର୍ଯ୍ୟନ୍ତ ବିଏମସିକୁ ପ୍ରଦାନ କରିବ। ଏହି ବ୍ୟବସ୍ଥା ସୁନିଶ୍ଚିତ କରେ ଯେ ପ୍ରକଳ୍ପଟି ମହାନଗର ନିଗମର ସମ୍ବଳ ଉପରେ କୌଣସି ଅତିରିକ୍ତ ବୋଝ ନ ପକାଇ ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ହେବ। ଏଜେନ୍ସି ନିକଟସ୍ଥ ଶିଳ୍ପ ପାଇଁ ଏକ ଉତ୍ସର୍ଗୀକୃତ ବିକ୍ରୟ ଏବଂ ଯୋଗାଣ ଶୃଙ୍ଖଳା ମଧ୍ୟ ପ୍ରତିଷ୍ଠା କରିବ, ଯାହା ଶିଳ୍ପ ଶକ୍ତି ଆବଶ୍ୟକତା ପାଇଁ ଏକ ବିକଳ୍ପ ଏବଂ ନବୀକରଣଯୋଗ୍ୟ ଇନ୍ଧନ ଉତ୍ସ ଭାବରେ ବାୟୋମାସ ବ୍ରିକେଟ୍ର ଉପଯୋଗକୁ ସକ୍ଷମ କରିବ। ଏହା କେବଳ ଶିଳ୍ପ ପ୍ରକ୍ରିୟାରେ ସ୍ୱଚ୍ଛ ଇନ୍ଧନ ବ୍ୟବହାରକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ମହାନଗର ନିଗମର ସବୁଜ ବର୍ଜ୍ୟକୁ ବ୍ୟବସାୟିକ ଦୃଷ୍ଟିରୁ ଲାଭଦାୟକ ଶକ୍ତି ଉତ୍ପାଦରେ ପରିଣତ କରି ଚକ୍ରାକାର ଅର୍ଥନୀତିକୁ ମଧ୍ୟ ମଜବୁତ କରିବ। ଏହି ପଦକ୍ଷେପ ଭାରତରେ ଏକ ଅନନ୍ୟ ଏବଂ ଅଗ୍ରଣୀ ମଡେଲକୁ ପ୍ରତିନିଧିତ୍ୱ କରେ, ଯେଉଁଥିରେ ପୌର ନିଗମ ଏକାସାଙ୍ଗରେ ସ୍ଥାୟୀ ସବୁଜ ବର୍ଜ୍ୟ ପରିଚାଳନା ହାସଲ କରେ ଏବଂ ନିଶ୍ଚିତ ପୁନରାବୃତ୍ତ ରାଜସ୍ୱ ସୃଷ୍ଟି କରେ। ପୌର ପାଣ୍ଠି କିମ୍ବା ସବସିଡି ଉପରେ ନିର୍ଭର କରୁଥିବା ପାରମ୍ପାରିକ ବର୍ଜ୍ୟ ପରିଚାଳନା ପ୍ରକଳ୍ପଗୁଡ଼ିକ ତୁଳନାରେ ଏହି ମଡେଲ୍ ପ୍ରକଳ୍ପକୁ ଆତ୍ମନିର୍ଭରଶୀଳ କରିଥାଏ। ଲ୍ୟାଣ୍ଡଫିଲ୍‌କୁ ପଠାଯାଇଥିବା ସବୁଜ ବର୍ଜ୍ୟବସ୍ତୁ ହ୍ରାସ କରିଥାଏ, ପରିଚାଳନା ଦକ୍ଷତା ବୃଦ୍ଧି କରେ ଏବଂ ନିଗମର ଆର୍ଥିକ ସ୍ଥିତିକୁ ମଜବୁତ କରେ। ଏହି ପଦକ୍ଷେପ ଅଭିନବ ସହରାଞ୍ଚଳ ଶାସନ, ପରିବେଶ ସ୍ଥିରତା ଓ ସ୍ୱଚ୍ଛ ଭାରତ ମିଶନ ଏବଂ ସର୍କୁଲାର ଅର୍ଥନୀତି ନୀତି ଅଧୀନରେ ଜାତୀୟ ଉଦ୍ଦେଶ୍ୟ ସହିତ ସମନ୍ୱୟ ପ୍ରତି ବିଏମସିର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ସମଗ୍ର ଦେଶରେ ଅନ୍ୟ ସହରାଞ୍ଚଳ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥା ପାଇଁ ଏକ ପ୍ରତିକୃତି ଶ୍ରେଷ୍ଠ-ଅଭ୍ୟାସ ମଡେଲ ଭାବରେ ମଧ୍ୟ କାର୍ଯ୍ୟକରେ।

## ଭଗବତୀପଡ଼ା ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟର ପ୍ରତିଷ୍ଠା ଦିବସ



**କଣାସ,୭।୨(ସମିସ):** କଣାସ ବ୍ଲକ୍ ଅନ୍ତର୍ଗତ ଦିବ୍ୟସିଂହପୁର ପଞ୍ଚାୟତ ତଇଲା ଭଗବତୀପଡ଼ା ଗ୍ରାମରେ ପ୍ରତିଷ୍ଠିତ ତଇଲା ଭଗବତୀପଡ଼ା ପ୍ରକଳ୍ପ ଉ. ପ୍ରା. ବିଦ୍ୟାଳୟର ୭୩ତମ ପ୍ରତିଷ୍ଠା ଦିବସ ତଥା ଶିଶୁ ପ୍ରତିଭା ସମ୍ମାନ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଶିକ୍ଷାବିତ୍ ପ୍ରତାପ କେଶରୀ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଣାସ ବ୍ଲକ୍ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସହଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ବେହେରା, ପ୍ରଫୁଲ୍ଲ ବେହେରା, ପୂର୍ବତନ ଶିକ୍ଷା ଅଧିକାରୀ ମୀନକେତନ ସାମନ୍ତରାୟ, ପୂର୍ବତନ ସହଶିକ୍ଷା ଅଧିକାରୀ ସର୍ବେଶ୍ୱର ଜେନା, ବୀରକିଶ୍ୱର ପ୍ରଧାନ, କାଶୀନାଥ ପାଣିଗ୍ରାହୀ, ସରପଞ୍ଚ ଝରଣା ମିଶ୍ର, ସୁବାସିନୀ ଦେଇ, ପରିଚାଳନା କମିଟି ଅଧ୍ୟକ୍ଷ ନିର୍ମଳ କୁମାର ମାଝୀ, ସାର୍ଆର୍ସିସି ଅଜୟ ବେହେରା, ପ୍ରହଲ୍ଲାଦ ମାନସିଂହ, ଭାଗିରଥି ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଭାରତୀୟ ଶିକ୍ଷା ଓ ପରମ୍ପରାକୁ ନିଜ ଜୀବନ ଭିତକୁ ଆଣିପାରିଲେ ଜଣେ ଭଲ ମଣିଷ ହୋଇପାରିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ବିଭାଗ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୦୧ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଡ. ସାରଥୀ ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିବା ସହିତ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷକ ସୁମନ୍ତ କୁମାର ବେହେରା ଓ ପ୍ରଭାତୀ ବରାଳ, ଈଶ୍ୱର ଚନ୍ଦ୍ର ମାଝୀ, ପ୍ରଦୀପ ପ୍ରଧାନଙ୍କ ସମେତ କମିଟି ସଦସ୍ୟ ଓ ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଚଉଦ ମୌଜା ବିଦ୍ୟୁତ୍ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




**କଣାସ,୭।୨(ସମିସ):** କଣାସ ବ୍ଲକ୍ ଗଡ଼ସାନପୁଟ ପଞ୍ଚାୟତରେ ପ୍ରତିଷ୍ଠିତ ଚଉଦ ମୌଜା ବିଦ୍ୟୁତ ମହାବିଦ୍ୟାଳୟର ୩୪ତମ ବାର୍ଷିକ ଉତ୍ସବ ଶନିବାର ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଶିକ୍ଷାବିତ୍ ରବିନ୍ଦ୍ର କୁମାର ସାମନ୍ତରାୟ ଯୋଗଦେଇ ପ୍ରଥମେ ଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିବା ପରେ ଅଧ୍ୟକ୍ଷ ଶ୍ରୀ ସାମନ୍ତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଗଡ଼ସାନପୁଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ କିଶୋର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳିତ ହୋଇ ପାଠପଢ଼ି ଜଣେ ଜଣେ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ଶର୍ମିଷ୍ଠା ଛୁଆଳସିଂହ, ରାମଚଣ୍ଡୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ସଂଗ୍ରାମ କେଶରୀ ଭୂଜବଳ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଅଜୟ କୁମାର ମିଶ୍ର ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସୋସିଆଲ ମିଡିଆରେ ଜୀବନରେ ଘଟୁଥିବା ଘଟଣାକୁ ଆଲୋକପାତ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କୁ ଜିଲ୍ଲାସ୍ତର ଓ ରାଜ୍ୟସ୍ତରରେ ପ୍ରତିଯୋଗିତା ମାଧ୍ୟମରେ ପହଞ୍ଚାଇବା ପାଇଁ ଉତ୍ସାହିତ କରାଯାଇଥିବାରୁ ପୁରସ୍କୃତ କରାଯାଇଥିଲା। କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

## ନିର୍ମାଲ୍ୟ ନର୍ସିଂ ହୋମ୍‌ର ବାର୍ଷିକ ଉତ୍ସବ ଓ ରକ୍ତଦାନ ଶିବିର

**ନିମାପଡ଼ା,୭।୨(ସମିସ):** ନିମାପଡ଼ା ବ୍ଲକ୍ ଚାରିଛକସ୍ଥିତ ନିର୍ମାଲ୍ୟ ନର୍ସିଂ ହୋମ୍‌ର ଚତୁର୍ଥ ବାର୍ଷିକ ଉତ୍ସବ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ସାମନ୍ତରାୟ, ଛଣିଜଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ଅଜୟ କୁମାର ପରିଡ଼ା, ବରିଷ୍ଠ ଆଇନଜୀବୀ ଜୟଦେବ ମିଶ୍ର, ଚାରିଛକ ପ୍ରେସ୍ କ୍ଲବ୍ ସଭାପତି ପ୍ରଫୁଲ୍ଲ କୁମାର କର, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ଚାରିଛକ ବଜାର କମିଟି ସଭାପତି ସନ୍ତୋଷ କୁମାର ପରିଡ଼ା, ଡା. କୈଳାଶ ଚନ୍ଦ୍ର ଦାଶ, ଡା. ପୁଲକ୍ ରଞ୍ଜନ ପଣ୍ଡା, ସମାଜସେବୀ ଗୋବିନ୍ଦ ଚନ୍ଦ୍ର ସାହୁ, ଚାରିଛକ ଥାନା ଏସ୍ଆଇ କୃଷ୍ଣ ଚନ୍ଦ୍ର ପୃଷ୍ଟି ପ୍ରମୁଖ ଯୋଗଦେଇ ଡାକ୍ତର ଓ କର୍ମଚାରୀମାନଙ୍କ ସେବା ମନୋଭାବ ପାଇଁ ଏଠାରେ ଅନେକ ରୋଗୀ ଉତ୍ତମ ସେବା ପାଇପାରୁଛନ୍ତି। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ନର୍ସିଂ ହୋମ୍ ଏମ୍‌ଡି ବିଶ୍ୱଜିତ୍ ମହାନ୍ତି ଓ ଛବି ରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ନିରଞ୍ଜନ ପଳତା ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନର୍ସିଂ ହୋମ୍‌ର ସମସ୍ତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ଥିଲେ।




### ନବ ବିବାହିତା ମହିଳା ନିଖୋଜ

# ରାସ୍ତା ଅବରୋଧ କଲେ ବାପ ଘର ଲୋକେ

**କଣାସ,୭।୨(ସମିସ):**

କଣାସ ବ୍ଲକ୍ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ କାଳିଘଡ଼ି ଗ୍ରାମରେ ଜନୈକା ନବ ବିବାହିତା ମହିଳା ନିଖୋଜ ଥିବାକୁ ନେଇ ବାପ ଘର ଲୋକଙ୍କ ପକ୍ଷରୁ ଚୁପୁରିଙ୍ଗ ନିକଟ ନୂଆ ଜଗନ୍ନାଥ ସଡ଼କକୁ ଟାୟାର ଜାଳି ଅବରୋଧ କରିଛନ୍ତି। ଶାଶୂ ଘର ପକ୍ଷରୁ ଏକ ନିଖୋଜ ମାମଲା ରୁଜୁ ହୋଇଥିବାବେଳେ ବାପ ଘର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଛି।

ପ୍ରକାଶ ଯେ, କଣାସ ବ୍ଲକ୍ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ କାଳିଘଡ଼ି ଗ୍ରାମର ରାମ ପାତ୍ରଙ୍କ ଝିଅ ଦୁଃଖିନୀ ପାତ୍ର ୩ ମାସ ତଳେ ନିକଟବର୍ତ୍ତୀ ସୁନାଖଳା ଗ୍ରାମର ବ୍ରଜ ଚମ୍ପତିଙ୍କ ପୁତ୍ର ଟୁଲୁ ଚମ୍ପତିଙ୍କୁ ବିବାହ କରିଥିଲେ। ଶୁକ୍ରବାର ରାତିରେ ଦୁଃଖିନୀ କେଉଁ ଆଡ଼େ ପଳାଇ ଯାଇଥିବା ନେଇ ତାଙ୍କ ଶଶୁର ବ୍ରଜ ଚମ୍ପତି ଶନିବାର ଗଡ଼ିଶାଗୋଦା ଥାନାରେ ଏତଲା ଦେଇଛନ୍ତି। ଗଡ଼ିଶାଗୋଦା ଥାନା ଅଧିକାରୀ ଏକ ମିସ୍ କେସ୍ ଦାୟର କରିବା ସହିତ ଦୁଃଖିନୀଙ୍କ ଶାଶୂ ଓ ଶଶୁରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚାଲିଛନ୍ତି। ଅନ୍ୟପକ୍ଷରେ ଦୁଃଖିନୀଙ୍କ ବାପା ରାମ ପାତ୍ର ତାଙ୍କ ଝିଅକୁ ମାରିଦିଆଯାଇଥିବା ନେଇ ଏକ ଅଭିଯୋଗ ଗଡ଼ିଶାଗୋଦା ଥାନାରେ ଦେବା ସହିତ ବାପ ଘର ଲୋକେ ଚୁପୁରିଙ୍ଗ ନିକଟ ନୂଆ ଜଗନ୍ନାଥ ସଡ଼କକୁ ଟାୟର ଜାଳି ଅବରୋଧ କରିଛନ୍ତି। ଝିଅକୁ ଖୋଜି ବାହାର କରିବା ପାଇଁ ସେ ଦାବି କରି ବସି ରହିଛନ୍ତି। ଘଟଣାସ୍ଥଳରେ ଗଡ଼ିଶାଗୋଦା ଥାନା ଅଧିକାରୀ ଓ କଣାସ ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀ ପହଞ୍ଚି ଅବରୋଧକାରୀଙ୍କୁ ବୁଝାସୁଝା କରୁଛନ୍ତି। ରାସ୍ତାରେ ଶହଶହ ଗାଡ଼ି ମୋଟର ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକି ରହିଛନ୍ତି।



### ■ ସଦର ଓଏଭିର ବାର୍ଷିକୋତ୍ସବ 'ମିଲେଞ୍ଜ'ରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ

## 'ଶିକ୍ଷା ଗ୍ରହଣ ସହ ଜଣେ ଭଲ ମଣିଷ ହୁଅ'



**ପୁରୀ,୭।୨(ସମିସ):** ପୁରୀ ସଦର ବ୍ଲକ୍ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକୋତ୍ସବ "ମିଲେଞ୍ଜ-୨୦୨୬' ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦର ବିଡିଓ ସମ୍ବିତ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବର୍ତ୍ତମାନ ସମୟରେ ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ମୁଖ୍ୟବକ୍ତା ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦୁର୍ଗାମାଧବ ନନ୍ଦ, ସ୍ୱତନ୍ତ୍ର ଅତିଥି ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରାଧ୍ୟାପକ ଡ. ଆଶୁତୋଷ ମଲ୍ଲିକ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଗ୍ରହଣ ସହ ଉତ୍ତମ ଚରିତ୍ର ଗଠନ ଏବଂ ଜଣେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସଦର ବ୍ଲକ୍ ପ୍ରାକ୍ତନ ବିଇଓ ପ୍ରମୋଦ କର, ବାଲିଗୁଆଳି ସରପଞ୍ଚ ସିଲୁ ସେନାପତି, ବେଲଦଳ ସରପଞ୍ଚ ବିପିନ ଦାସ, ଶାରଦା ବିହାର ହାଇସ୍କୁଲର ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ରବୀନ୍ଦ୍ରନାଥ ସ୍ୱାଇଁ, ଗୋପ ବ୍ଲକ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଚିନ୍ମୟ ସେନାପତି, ସତ୍ୟବାଦୀ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ପାଢ଼ୀ ଓ ବ୍ରହ୍ମଗିରି ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ମୋହନ ରାଉତ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ମହାପ୍ରଭୁଙ୍କ ନିକଟରେ ଅତିଥିଙ୍କ ପ୍ରଦୀପ ପ୍ରଜ୍ୱଳନ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପରେ ପୁରୀ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ରମେଶ କୁମାର ଦଳବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ ନିବେଦିତା ସାବୁତ। ରାଜ୍ୟ ଏବଂ ଜାତୀୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପୁରୀର ଖେଳ ପଡ଼ିଆ ନ ଥିବା ଜାଣିବା ପରେ ବିଡିଓ ଶ୍ରୀ ଶତପଥୀ ଏବଂ ବଳିଗୁଆଳି ସରପଞ୍ଚ ଶ୍ରୀ ସେନାପତି ଆଗାମୀ ଦିନରେ ଏକ ଉନ୍ନତମାନର ଖେଳ ପଡ଼ିଆ ପ୍ରସ୍ତୁତ କରିବା ପାଇଁ ସମସ୍ତ ସହାୟତା ପ୍ରଦାନ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ରାନୁଙ୍କୁ ରାଜ୍ୟସ୍ତରୀୟ ଷ୍ଟେମ୍ ଏକ୍ସିଲେନ୍ସ ଆୱାର୍ଡ



**କୃଷ୍ଣପ୍ରସାଦ,୭।୨(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ସିଆଣ୍ଡି ପଞ୍ଚାୟତ ଓରାଠାରେ ଅବସ୍ଥିତ ସାନସୀମା ନୋଡାଲ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କର ଗଣିତ ଓ ବିଜ୍ଞାନରେ ବିଷୟଗତ ଅଗ୍ରଗତି ପାଇଁ ଷ୍ଟେମ୍ ଇନିସିଏଟିଭ୍ ଅନ୍ତର୍ଗତ "ଖାନ୍ ଏକାଡେମୀ'ରେ ଗଣିତ ଓ ବିଜ୍ଞାନ ଶିକ୍ଷୟିତ୍ରୀ ରାନୁ ତରେଇଙ୍କ ନେତୃତ୍ୱରେ ସାନସୀମା ନୋଡାଲ ହାଇସ୍କୁଲ ରାଜ୍ୟସ୍ତରରେ ୩୪ତମ ସ୍ଥାନ ଅଧିକାର କରିଛି। ଗତ ୬ ତାରିଖ ଦିନ ଆଇସିଟି ୱେଲ୍‌କମ୍ ହୋଟେଲ୍, ତୁମୁଡୁମା, ଭୁବନେଶ୍ୱରଠାରେ ଶିକ୍ଷୟିତ୍ରୀ ରାନୁ ତରେଇଙ୍କୁ ରାଜ୍ୟସ୍ତରୀୟ ଷ୍ଟେମ୍ ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଥିବାରୁ ସ୍କୁଲରେ ସମସ୍ତ ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ଖୁସିର ମାହୋଲ ଖେଳିଯାଇଛି।

## ଜମିବାଡ଼ି ବିବାଦକୁ ନେଇ ବୋମାମାଡ଼; ଦମ୍ପତି ଗୁରୁତର

### ● ସହଯୋଗୀ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର୍

**ଗୋପ,୭।୨(ସମିସ):** ଗୋପ ଥାନା ଅଧୀନ ବନ୍ତଲୀଗ୍ରାମ ପଞ୍ଚାୟତସ୍ଥିତ ତରଣା ଗ୍ରାମରେ ଜମିଜମା ବିବାଦକୁ ନେଇ ବୋମାମାଡ଼ ହୋଇଥିବାବେଳେ ଏହି ଘଟଣାରେ ଜଣେ ଅଭିଯୁକ୍ତକୁ ପୁଲିସ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଫେରାର୍ ହୋଇଥିବା ଜଣାପଡ଼ିଛି। ଏଥିରେ ସ୍ୱାମୀ-ସ୍ତ୍ରୀ ଗୁରୁତର ଆହତ ହୋଇଥିବାବେଳେ ତାଙ୍କୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଗୋପ ଥାନା ଅଧୀନସ୍ଥ ତରଣା ଗ୍ରାମର ସବେଇ ପଲେଇ ଓ ସାହେବ ପଲେଇଙ୍କ ପରିବାର ସହିତ ସେହି ଗ୍ରାମର ଅନ୍ୟ ଏକ ପରିବାର ମଧ୍ୟରେ ଦୀର୍ଘ ଦିନ ଧରି ଜମିବାଡ଼ିକୁ ନେଇ ବିବାଦ ଲାଗି ରହିଥିବାବେଳେ ଶୁକ୍ରବାର ଏହି ବିବାଦ ଉଗ୍ରରୂପ ଧାରଣ କରିଥିଲା। ଏହି ଘଟଣାକୁ ନେଇ ସାହେବ ପଲେଇଙ୍କ ପତ୍ନୀ ଅନୁପମା ପଲେଇ ପରିବାର ବର୍ଗଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ ନିମନ୍ତେ ଗୋପ ଥାନାରେ ଗତ ଶୁକ୍ରବାର ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ଶୁକ୍ରବାର ରାତିରେ ସବେଇ ପଲେଇ ଓ ତାଙ୍କ ସ୍ତ୍ରୀ ଦାଣ୍ଡ ବାରଣ୍ଡାରେ ଛିଡ଼ା ହୋଇଥିବାବେଳେ ଜମିବାଡ଼ି ବିବାଦକୁ ନେଇ ଗ୍ରାମର ସାହେବ ଓ ସବେଇଙ୍କ ଘର ଉପରକୁ ବୋମାମାଡ଼ ହୋଇଥିଲା। ଖବର ପାଇ ଗୋପ ପୁଲିସ ତରଣା ଗ୍ରାମରେ ପହଞ୍ଚି ବୋମାମାଡ଼ ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ସବେଇ ଓ ତାଙ୍କ ସ୍ତ୍ରୀଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଉକ୍ତ ଗ୍ରାମରେ ଚଢ଼ଉ କରି ସହଯୋଗୀ ଅଭିଯୁକ୍ତ ମଙ୍ଗରାଜ ପଲେଇକୁ ଗିରଫ କରିଥିଲାବେଳେ ମୁଖ୍ୟ ଅଭିଯୁକ୍ତ ପପୁ ପଲେଇକୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରଖିଛି। ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ଲାଗିରହିଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ପିପିଲି,୭।୨(ସମିସ):** ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ପିପିଲି ଥାନା ଅନ୍ତର୍ଗତ ସିଉଳା ଛକ ନିକଟରେ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତକ ହେଲେ ଭୁବନେଶ୍ୱର ନୂଆପଲ୍ଲୀ ଥାନା ଆଇଆର୍‌ସି ଭିଲେଜ୍ ଅଞ୍ଚଳର ଅଶ୍ୱିନୀ କୁମାର ଦାଶ (୫୦) ବୋଲି ପାଟ୍ରୋଲିଂ ଅଧିକାରୀ ମାୟାଧର ବେହେରାଙ୍କଠାରୁ ସୂଚନା ମିଳିଛି। ପ୍ରାପ୍ତ ସୂଚନା ମୁତାବକ, ଅଶ୍ୱିନୀ ପିପିଲିରୁ ଏକ ବାଇକ୍ ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଉଥିବାବେଳେ ସିଉଳା ଛକ ନିକଟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲେ। ସ୍ଥାନୀୟ ଲୋକମାନଙ୍କ ସହିତ ଜାତୀୟ ରାଜପଥ ପୁଲିସ ପାଟ୍ରୋଲିଂ ଅଧିକାରୀଙ୍କ ସମେତ କର୍ମଚାରୀମାନେ ଆହତଙ୍କୁ ଉଦ୍ଧାର କରି ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପିପିଲି ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କଠାରୁ ପ୍ରକାଶ।

## ପିଏମ୍‌ଶ୍ରୀ ନୟାହାଟ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ନୟାହାଟ,୭।୨(ସମିସ):** ପୁରୀ ଜିଲ୍ଲା ଗୋପ ବ୍ଲକ୍ ଅନ୍ତର୍ଗତ ପିଏମ୍‌ଶ୍ରୀ ନୟାହାଟ ଉଚ୍ଚ ବିଦ୍ୟାଳୟର ୪୭ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ବିଦ୍ୟାଳୟର ଉନ୍ନତି ପାଇଁ ୧୦ ଲକ୍ଷ ଟଙ୍କା ଅନୁଦାନ ଦେବେ ବୋଲି ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ୧୪ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ସାଗରିକା ନାୟକ, ଧୂମାଲ ସରପଞ୍ଚ ମୋନାଲିସା ସିଂହ, କାହ୍ନୁ ଚରଣ ସାହୁ, ବାସୁଦେବ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ଉନ୍ନତି ପାଇଁ ବାକିଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ସରପଞ୍ଚ ଓ ଜିଲ୍ଲା ପରିଷଦ ସଭ୍ୟା କହିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଶୋକ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଶ୍ରୀକାନ୍ତ ସେନାପତି, ମନୋରଞ୍ଜନ ନାୟକ, ମାନସ ରଞ୍ଜନ ପାତ୍ର, ଶିପ୍ରା ପଟ୍ଟନାୟକ, ରାଜଲକ୍ଷ୍ମୀ, ସସ୍ମିତା, ମାନିନୀ, ମନୋରମା, ମଞ୍ଜୁଲତା, ଦେବପ୍ରିୟା, ଦୀପ୍ତିମୟୀ ପ୍ରମୁଖ କୁନିକୁନି ପିଲାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାସୁଦେବଙ୍କ ଷଷ୍ଠ ବାର୍ଷିକ ଉତ୍ସବ



**ନୟାହାଟ,୭।୨(ସମିସ):** ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ପଞ୍ଚାୟତର ଆଳୁଦଣ୍ଡା ପାଟଣା ଗ୍ରାମର ବାସୁଦେବ ଠାକୁରଙ୍କ ଷଷ୍ଠ ବାର୍ଷିକ ଉତ୍ସବ ଶନିବାର ରାତି ୮ଟାରେ ଆରମ୍ଭ ହୋଇଛି। ମୁଖ୍ୟ କର୍ତ୍ତା ଭାଗିରଥି ବେହେରା କହିଛନ୍ତି ଯେ, ଏହା ୩ଦିନ ଧରି ଚାଲିବ। ଏଠାରେ ଗରିବ ଲୋକମାନଙ୍କୁ ନୂଆ ଲୁଗା ଓ ଆର୍ଥିକ ସହାୟତା ମାଗଣାରେ ଦାନ କରାଯିବ। ପ୍ରଥମ ଦିନରେ ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିବା ବେଳେ ଏହାକୁ ଦେଖିବା ପାଇଁ ବହୁଳ ଜନସମାଗମ ହୋଇଥିଲା।

### ସତ୍ୟବାଦୀ ମହୋତ୍ସବର ତୃତୀୟ ସନ୍ଧ୍ୟା

# ଦର୍ଶକଙ୍କ ମନ ଜିଣିଲେ ରୁକୁ ସୁନା ଓ ସୋହିଲି ମିଶ୍ର



**ସାକ୍ଷୀଗୋପାଳ,୭।୨(ସମିସ):**

ଦଶମ ସତ୍ୟବାଦୀ ମହୋତ୍ସବକୁ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ତୃତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ସମାଜସେବୀ ନିଶିକାନ୍ତ ମିଶ୍ରଙ୍କ ସହିତ ସତ୍ୟବାଦୀ ମହୋତ୍ସବର ସଭାପତି ତଥା ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ମହୋତ୍ସବର ସଭାପତି ତଥା ବିଧାୟକ ଶ୍ରୀ ମିଶ୍ର ସଭାପତିତ୍ୱ କରିଥିଲେ। ଅତିଥିମାନଙ୍କୁ ମହୋତ୍ସବର ସମ୍ପାଦକ ଦୀପକ ଶତପଥୀ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବ ପକ୍ଷରୁ ବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଷୀରୋଦ ପ୍ରଧାନଙ୍କ ନେତୃତ୍ୱରେ ଷ୍ଟାର୍ ଧମକା ନୃତ୍ୟ ପରିବେଷଣ କରିଥିଲେ। ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ଶିଳ୍ପୀକା କ୍ରିଏଟିଭ ଡ୍ୟାନ୍ସ ତରଫରୁ ନୃତ୍ୟ ପରିବେଷଣ କରାଯାଇଥିଲା। ସାକ୍ଷୀଗୋପାଳ ହାନା ଟାଏକ୍ୱୋଣ୍ଡୋର ଛାତ୍ରଛାତ୍ରୀମାନେ କଳା ପ୍ରଦର୍ଶନ କରିଥିଲେ। ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ସାଇ ସମୃଦ୍ଧି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ। ପରେ ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ସତ୍ୟବାଦୀ ସଂଳାପ ପରିବେଷଣ କରିଥିଲେ। ବିଳମ୍ବିତ ସଞ୍ଜରେ ରୁକୁ ସୁନା ଓ ତାଙ୍କ ଟିମ୍ ଓ ସୋହିଲି ମିଶ୍ରଙ୍କ ଟିମ୍ ସଂଗୀତ ପରିବେଷଣ କରିଥିଲେ। ମନଭରି ଉପଭୋଗ କରିଥିଲେ ଦର୍ଶକମାନେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ପ୍ରେରଣା ପ୍ରତୀକ୍ ସିଂ। ସତ୍ୟବାଦୀ ତହସିଲ୍‌ଦାର ସନ୍ତୋଷ କୁମାର ପାଣିଗ୍ରାହୀ, ବିଡିଓ ଦେବାଶିଷ ନାୟକ, ଅତିରିକ୍ତ ତହସିଲ୍‌ଦାର ଓମ୍ ପ୍ରକାଶ ପରିଡ଼ା, ଏସ୍‌ଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମହାଲିକ ଉପସ୍ଥିତ ଥିଲେ। ସତ୍ୟବାଦୀର ସାମ୍ବାଦିକ କିଶୋର ମହାପାତ୍ର ଓ ଅଶୋକ ବେହେରାଙ୍କୁ ସତ୍ୟବାଦୀ ମହୋତ୍ସବ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଖାଉଟି ସୁରକ୍ଷା ସଚେତନତା କର୍ମଶାଳା

**କଣାସ,୭।୨(ସମିସ):** ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଶୋଭା' (ସୋସିଆଲ ଅର୍ଗାନାଇଜେସନ ଫର୍ ଭଲ୍ୟୁଣ୍ଟାରୀ ଆକ୍ସନ) ପକ୍ଷରୁ ଏକ ଖାଉଟି ସଚେତନତା କାର୍ଯ୍ୟକ୍ରମ କଣାସ ବ୍ଲକ୍ ସିରେଇ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ପରିଡ଼ା, ସମ୍ମାନିତ ଅତିଥି ଭାବେ ବୈଧମାପ ବିଜ୍ଞାନ ବିଭାଗର ସହନିରୀକ୍ଷକ ପାଓ୍ୱଲିନା ଜଗଦେବ, ମୁଖ୍ୟବକ୍ତା ଭାବେ ଟିପୁରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିଶିର କୁମାର ସାହୁ, ବୈଧମାପ ବିଜ୍ଞାନ ବିଭାଗର ସହାୟକ ଯନ୍ତ୍ରୀ ଦେବାଶିଷ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦିକା ମଣିମାଳା ସେନାପତି ସ୍ୱାଗତ ଭାଷଣ ଦେବା ସହିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଆଇୱାଇଡବ୍ଲ୍ୟୁର ସମ୍ପାଦକ ଶିବ ପ୍ରସାଦ ପାଟଯୋଶୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆମେ ବଜାରରୁ କିଣୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ସୁନା, ରୁପା, ଗ୍ୟାସ୍ ସିଲିଣ୍ଡର ଆଦିରେ ଉପଭୋକ୍ତାମାନେ କିପରି ଠକେଇର ଶିକାର ନ ହେବେ ଏବଂ ନିଜର ଅଧିକାର କିପରି ସାବ୍ୟସ୍ତ କରିବେ ସେ ସମ୍ପର୍କରେ ଅତିଥିମାନେ ଅବଗତ କରାଇଥିଲେ। ଗତ ୩୦ ତାରିଖ "ଶୋଭା' ଅନୁଷ୍ଠାନ ପକ୍ଷରୁ ଟିପୁରୀ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ "ଖାଉଟି ସଚେତନତା' ଉପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ରଚନା ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ପାଢ଼ୀ, ଦୀନବନ୍ଧୁ ବସ୍ତିଆ, ସାଗରିକା ଚିନ୍ନରା, ସ୍ଥାନୀୟ ୱାର୍ଡମେମ୍ବର ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ।



# ତ୍ରିକୋଣୀୟ ପ୍ରେମକୁ ନେଇ ଛାତ୍ରଙ୍କୁ ଆକ୍ରମଣ

ଜୟପୁର,୭ ।୨(ସମିସ):

ତ୍ରିକୋଣୀୟ ପ୍ରେମକୁ ନେଇ ଜୟପୁର ସହରର ଜଣେ ଛାତ୍ରଙ୍କୁ ଆକ୍ରମଣ ହୋଇଛି। ଏନେଇ ଶନିବାର ଟାଉନଥାନା ପୁଲିସ ସ୍ପଷ୍ଟ କରିଛି। ଜୟପୁର ସହରରେ ଗତ

## ନାବାଳକ ସୁଧାରଗୃହକୁ ଗଲେ

ଗୁରବାର ଅପରାହ୍ନ ସାଢେ ୪ ଟା ସମୟରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରଙ୍କୁ ଅପହରଣ କରାଯାଇଥିବା ନେଇ ଉକ୍ତ ପୀଡିତ ଛାତ୍ର ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ତଦନ୍ତ ବେଳେ କୌଣସି ଅପହରଣ ଉଦ୍ୟମ ନଥିବା ଜଣାପଡିବା ସହ ପ୍ରେମ ଜନିତ ବିବାଦରୁ ଛାତ୍ରଙ୍କୁ ଆକ୍ରମଣ ହୋଇଥିବା ପୁଲିସ ସ୍ପଷ୍ଟ ହୋଇଥିଲା। ଛାତ୍ରୀଙ୍କୁ ଉଭୟ ଛାତ୍ର ପ୍ରେମ କରୁଥିବାରୁ ବିବାଦ ଉପଜିଥିଲା। ପରେ ଅଭିଯୁକ୍ତ ଛାତ୍ର ପୀଡିତଙ୍କୁ ହତ୍ୟା ଉଦ୍ୟମ ରଖି ମରଣାନ୍ତକ ଆକ୍ରମଣ କରିଥିବା ଟାଉନଥାନା ପୁଲିସ ସ୍ପଷ୍ଟ କରିଛି। ଅଭିଯୋଗକାରୀ ତଥା ଆକ୍ରମଣର ଶିକାର ହୋଇଥିବା ଛାତ୍ର ଜଣକ ହେଲେ ଯୁକ୍ତ ୩ ବାଣିଜ୍ୟ ବିଭାଗର ୨ୟ ବର୍ଷର ଛାତ୍ର ମୌକିତ ଆଚାର୍ଯ୍ୟ। ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଜଣେ ଯୁକ୍ତ ୩ ପ୍ରଥମବର୍ଷର ନାବାଳକ ଛାତ୍ରଙ୍କୁ ପୁଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରି ମାଲକାନଗିରି ସ୍ଥିତ ସୁଧାରଗୃହକୁ ପଠାଯାଇଛି। ଅଭିଯୋଗକାରୀ ଛାତ୍ରଙ୍କୁ ଅପରହଣ ଯୋଜନାକୁ ପୁଲିସ ଅସ୍ୱିକାର କରି କହିଛି, ଅଭିଯୋଗକାରୀ ଛାତ୍ର ଜଣେ ଛାତ୍ରୀଙ୍କୁ ପ୍ରେମ କରୁଥିଲେ। ନାବାଳକ ଛାତ୍ର ମଧ ଉକ୍ତ ଛାତ୍ରୀଙ୍କୁ ପ୍ରେମ କରୁଥିଲେ। ଏନେଇ ଗତ ଦୁଇଦିନ ପୂର୍ବରୁ ଉଭୟ ଛାତ୍ରଙ୍କ ମଧ୍ୟରେ ସାମାନ୍ୟ ବିବାଦ ଦେଖାଦେଇଥିଲା। ଅଭିଯୋଗକାରୀ ଛାତ୍ରଙ୍କୁ ଏହି ପ୍ରେମ ଘଟଣାକୁ ନେଇ ଆଲୋଚନା କରିବାକୁ କେନାଲ ନିକଟକୁ ନାବାଳାକ ଛାତ୍ର ତାଙ୍କ ବାଇକରେ ବସି ନେଇଥିଲେ। କିନ୍ତୁ ସେଠାରେ ପୂର୍ବରୁ କିଛି ଯୁବକ ଉପସ୍ଥିତ ରହିଥିବା ଦେଖି ପୀଡିତ ଛାତ୍ରଙ୍କ ସନ୍ଦେହ ହେବାରୁ ବାଇକ ବୁଲାଇ ପୁଣି ଫେରିଆସୁଥିବା ବେଳେ ପଛପଟେ ବସିଥିବା ନାବାଳକ ଛାତ୍ର ତାଙ୍କ ବେକକୁ ଜୋରରେ ଚାପି ଧରିବାରୁ ବାଇକ ସ୍ଥାନୀୟ ପାରାବେଡା ଏକ କଲ୍ୟାଣ ମଣ୍ଡପ ସମ୍ମୁଖରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉଭୟ ଛାତ୍ର ଗାଡିରୁ ପଡିଯାଇଥିଲେ। ପରେ ପୀଡିତ ଛାତ୍ରଙ୍କୁ ମାଡ ବାଜିଥିଲା। ନାବାଳକ ଛାତ୍ର ଏବଂ ତାଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଫଳରେ ପୀଡିତଙ୍କ ମୁହଁ, ହାତ ଓ ଗୋଡରେ ଆଘାତ ଲାଗିଥିଲା। ଘଟଣାସ୍ଥଳରୁ ନାବାଳକ ଛାତ୍ର ତାଙ୍କ ବନ୍ଧୁଙ୍କ ସହିତ ବାଇକରେ ଚମ୍ପଟ ମାରିଥିଲେ। ଏନେଇ ପୀଡିତ ଛାତ୍ରଙ୍କ ମାମୁଁ ଏବଂ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ସୂଚନା ଦେବା ପରେ ପାଟ୍ରୋଲିଂ ଗାଡି ଘଟଣାସ୍ଥଳରେ ପହଞ୍ଚି ପୀଡିତଙ୍କୁ ଉଦ୍ଧାର କରିବା ସହିତ ଚିକିତ୍ସାଳୟକୁ ନେଇଥିଲେ। ଉକ୍ତ ଆକ୍ରମଣକାରୀଙ୍କୁ ଧରିବା ନେଇ ତଦନ୍ତକାରୀ ଅଧିକାରୀ ଏସ୍ଆଇ ଗୋବିନ୍ଦ ଚନ୍ଦ୍ର ହାଂସଦା ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ ନାବାଳକଙ୍କୁ ଛାତ୍ରଙ୍କୁ ଧରିବା ପରେ ଘଟଣା ସମ୍ପର୍କରେ ସତ୍ୟାସତ୍ୟ ପଦାକୁ ଆସିଥିଲା ବୋଲି ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି।

# ଦିବ୍ୟାଙ୍ଗ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଯାପିତ



ସେମିଲିଗୁଡା,୭।୨(ସମିସ): ଓଡ଼ିଶା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ କୋରାପୁଟ ଜିଲ୍ଲା ସେମିଲିଗୁଡା ବ୍ଲକ ଓ ସୁନାବେଢ଼ା ପୌର ପରିଷଦସ୍ତରୀୟ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତା ଶନିବାର ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି। ।ସେମିଲିଗୁଡାର ମିନି ଷ୍ଟାଡିୟମରେ ଆୟୋଜିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡାମ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟକ କାଡାମ କୁନିକୁନି ପ୍ରତିଭାମାନଙ୍କୁ ଉତ୍ସାହିତ କରି ଜୀବନରେ ସୁନାମ ଅର୍ଜନ କରିବାକୁ ଅହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ୍ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ବସନ୍ତ କୁମାର୍ ପ୍ରଧାନ, ଜନ ପ୍ରତିନିଧି, ଶିକ୍ଷକ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ଟି ସୁରଭି, ଗୌତମ ଗୁମାଲଙ୍କୁ ନେତୃତ୍ୱରେ ଶୁକ୍ରବାରରୁ ଆରମ୍ଭ ହୋଇଥିବା ବେଳେ ଦୁଇ ଦିନ ଧରି ଆୟୋଜିତ ପ୍ରତିଯୋଗିତାରେ ୨୦୦ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। ଶନିବାର ବିଜେତାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ, ଦୃତୀୟ, ତୃତୀୟ ସ୍ଥାନ ର ପୁରସ୍କାର ପାଇଥିବା ବିଜେତାମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ଚୟନ ହାଇଛନ୍ତି। ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଏଥିରେ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ସୁନାବେଢ଼ା,୭।୨(ସମିସ):** ସୁନାବେଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀ କାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ୩୬ତମ ବାର୍ଷିକ ଉତ୍ସବ ବହୁ ଆଡ଼ମ୍ବର ଓ ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଭାରତୀୟ ଜନତା ପାର୍ଟିର କୋରାପୁଟ ଜିଲ୍ଲା ସଭାପତି ଶିବ ମୁଦୁଲି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ହିଣ୍ଡାଲକୋ (ସିଏସଆର) ମ୍ୟାନେଜର ମାନନୀୟ ପ୍ରକାଶ କୁମାର ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଡଃ ଜଳେନ୍ଦ୍ର ତ୍ରିପାଠୀ, ବିଦ୍ୟାଳୟ ସଭାପତି ଚିରଞ୍ଜୀବୀ ପରିଚ୍ଛା ଯୋଗ ଦେଇଥିଲେ। ବିଜୟ ହନ୍ତାଳ ଏବଂ ଜ୍ଞାନେନ୍ଦ୍ର ଖୁଣ୍ଟିଆଙ୍କ ଦ୍ୱାରା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟୁତ ଲତା ଜେନା ମଞ୍ଚାସୀନ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ସୌମ୍ୟ ରଞ୍ଜନ ପଣ୍ଡାଙ୍କ ଦ୍ୱାରା ଉତ୍ସବର ବିବରଣୀ ପଠନ ସହ ଧନ୍ୟବାଦ ଅର୍ପଣ କରାଯାଇଥିଲା। ମିତଞ୍ଜଳି ପାଢୀ, ଗାୟତ୍ରୀ ପ୍ରଭା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସର୍ବଶ୍ରେଷ୍ଠ ଛାତ୍ରୀ ଭାବେ ଶ୍ରେୟଶ୍ରୀ ସାମଲଙ୍କୁ ସମ୍ମାନିତ କରାଯାଇଥିଲା। ଚଳିତ ବର୍ଷର ୧୭୦ ଜଣ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସଫଳ ହୋଇଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା। ପରେପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଆଚାର୍ଯ୍ୟ ଆଚାର୍ଯ୍ୟା ବଙ୍କୁ ଚରଣ ସେଠୀ ,ମଞ୍ଜୁକ୍ତାଞ୍ଜଳୀ ସ୍ୱାଇଁ, ରଶ୍ମିତା ରାଉତ ,ଗାୟତ୍ରୀ ଦେବୀ ,ଜୟଶ୍ରୀ ପରିଡା,ନଳିନୀ ରାଉତ,ରାଜଲକ୍ଷ୍ମୀ ଦାସ ,ପୁଷ୍ପଲତା ପାତ୍ର ,ପ୍ରଭାଞ୍ଜଳି ପଟ୍ଟନାୟକ, ମନସ୍ୱିନୀ ପାଢ଼ୀ ,ଶ୍ରଦ୍ଧାଞ୍ଜଳି ରାଉତ, ବନିତା ନାୟକ ,ପ୍ରିୟଙ୍କା ମହାପାତ୍ର, ଯମୁନା ହନ୍ତାଳ,ପଲ୍ଲବୀ ସେଠୀ, ସୁନିତା ମହାନ୍ତି ,ସ୍ୱର୍ଣ୍ଣ ମୟୀ ଶତପଥୀ ,ବନିତା ଭୋଇ ,ସୁପ୍ରିୟା ନାୟକ,ମନୀଷା ପାଣି ଉପସ୍ଥିତ ରହି ସହଯୋଗ କରିଥିଲେ।

# କେକେ ଲାଇନ୍ ଦ୍ୱିତୀୟ ଟ୍ରାକ୍‌ରେ ଗଡ଼ିବ ଟ୍ରେନ୍

**କୋରାପୁଟ,୭।୨(ସମିସ):** ଦୀର୍ଘ ଦିନର ଅପେକ୍ଷା ପରେ କୋତାବାଲାସା କିରୋଣ୍ଡୁଲ ରେଳ ଲାଇନ ଅନ୍ତର୍ଗତ କୋରାପୁଟ ଠାରୁ ଜୟପୁର ଯାଇଥିବା ମାନବାର ଜରଟି ମଧ୍ୟରେ ଦ୍ୱିତୀୟ ଲାଇନରେ ଖୁବଶୀଘ୍ର ରେଳ ଚଳାଚଳ

## ସୋମବାର ହେବ ଟ୍ରାଏଲ୍ ରନ୍



କରିବ। ଏନେଇ ପୂର୍ବତଟ ରେଳ ଜୋନ ୱାଲ୍ଟେର ଡିଭିଜନ ପକ୍ଷରୁ ପ୍ରେସ ଇସ୍ତାହାର ଦିଆଯାଇଥିବା ବେଳେ ଫେବୃଆରୀ ୯ ତାରିଖ ସୋମବାର ଦିନ ଟ୍ରାଏଲ୍ ରନ୍ କରାଯିବ ବୋଲି ଜଣାପଡ଼ିଛି। ସୋମବାର ଅପରାହ୍ନ ୨ ଟା ଠାରୁ ସନ୍ଧ୍ୟା ୬ଟା ମଧ୍ୟରେ କୋଲକାତା ସ୍ଥିତ କମିଶନର ଅଫ୍ ରେଲୱେ ସିଫ୍ଟି ବିଭାଗର ଏକ ଟିମ୍ ଉପସ୍ଥିତ ରହି ମାନବାର ଜରଟି ମଧ୍ୟରେ ନବ ନିର୍ମିତ ଦ୍ୱିତୀୟ ଲାଇନର ୯ କିଲୋମିଟର ବ୍ୟାପୀ ଦୁରତାରେ ଟ୍ରାଏଲ ରନ ନେବେ। ତେଣୁ ଉକ୍ତ ଦିନ ନବ ନିର୍ମିତ ଲାଇନରେ ଜନସାଧାରଣ ଚଳ ପ୍ରଚଳ ନକରିବାକୁ ଚେତାବନୀ ଦିଆଯାଇଛି। ଟ୍ରାଏଲ ରନ ପରେ ପରବର୍ତ୍ତୀ ସମୟରେ ଉକ୍ତ ଲାଇନରେ ମାଲବାହୀ ଟ୍ରେନ ସହ ସମସ୍ତ ପାସେଞ୍ଜର୍ ଏବଂ ଏକ୍ସପ୍ରେସ ଟ୍ରେନ ଚଳାଚଳ କରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ନୂତନ ପାଠ୍ୟ ପୁସ୍ତକ ପ୍ରଶିକ୍ଷଣ ଶିବିର ଉଦଯାପିତ



ବୈପାରୀଗୁଡା,୭।୨(ସମିସ): ବୈପାରୀଗୁଡା ବ୍ଲକ୍ ସଦର ମହକୁମା ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡିଶା ପାଠ୍ୟକ୍ରମ ରୂପରେଖ ୨୦୨୫ ଓ ନୂତନ ପାଠ୍ୟ ପୁସ୍ତକ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସଞ୍ଚାଳନ ନିମନ୍ତେ ବ୍ଲକ୍‌ସ୍ତରୀୟ ପାଞ୍ଚ ଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଏହି ପ୍ରଶିକ୍ଷଣ ଶିବିରକୁ ମୁଖ୍ୟ ଅତିଥି ଭାବରେ ବୈପାରୀଗୁଡା ଗୋଷ୍ଠୀ ଶିକ୍ଷାଧିକାରୀ ସୁକାନ୍ତ କର୍ତ୍ତମୀ ଯୋଗଦେଇ ଉଦଯାପନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପାପେୟା ବେହେରା ଯୋଗଦେଇଥିଲେ। ଚଳିତ ମାସ ୩ ତାରିଖଠାରୁ ୭ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ଶିବିର। ଏଥିରେ ମାଷ୍ଟର ରିସୋର୍ସ ପର୍ସନ ଭାବରେ ଆଠ ଜଣ ଶିକ୍ଷକ ଯୋଗଦାନ କରି ପ୍ରଶିକ୍ଷଣ ଶିବିରର ଲକ୍ଷ୍ୟ, ଉଦ୍ଦେଶ୍ୟ ସଂପର୍କରେ ଧାରଣା ପ୍ରଦାନ କରି ପ୍ରଶିକ୍ଷଣ କାର୍ଯ୍ୟ ଆରମ୍ଭ କରିଥିଲେ। ବୈପାରୀଗୁଡା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୧୦୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ଏହି ପାଞ୍ଚ ଦିନିଆ ଶିବିର ଅନୁଷ୍ଠିତ ହୋଇଯାଇଛି।

# ଉମୁରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**କୋରାପୁଟ,୭।୨(ସମିସ):** କୋରାପୁଟ ବ୍ଲକ ଅନ୍ତର୍ଗତ ଉମୁରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ଶିକ୍ଷାଦାନକୁ ସେ ଭୂୟସୀ ପ୍ରଶଂସା କରିଥିଲେ। କୋରାପୁଟ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୀତା ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଦ୍ୟାଳୟରେ ୧୩୧ ଜଣ ବାଳକ ଓ ୫୧ ଜଣ ବାଳିକା ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ପାଇଁ ଏକ ଖେଳ ପଡିଆର ଆବଶ୍ୟକ ରହିଛି ବୋଲି ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ରଥ ଦାବି ଉପସ୍ଥାପନା କରିଥିଲେ। ପିଲାମାନଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରିବାର ଆବଶ୍ୟକତା ରହିଥିବା ସେ ଦର୍ଶାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଦେବକୀ ହନ୍ତାଳ, ଉପଦେଷ୍ଟା ବିଶୋଇ ଖିଲ, ଭଗବାନ ଖିଲ, ପଦଲାମ ଖରା, ପବିତ୍ର ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଟିଡିସିସି ଗୋଦାମରୁ ମାଣ୍ଡିଆ ଚୋରି ଅଭିଯୋଗ



**ଜୟପୁର, ୭ ।୨(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ଅଞ୍ଚଳର ଗାଗନାପୁର ଠାରେ ରହିଥିବା ଟ୍ରାଇବଲ ଡେଭଲପମେଣ୍ଟ କୋଅପରଟିଭ କୋର୍ପରେସନ (ଟିଡିସିସି) ଗୋଦାମ ଗୃହରୁ ମାଣ୍ଡିଆ ଚୋରି ହୋଇଥିବା ନେଇ ଗତ କିଛି ଦିନ ପୂର୍ବରୁ ସଦରଥାନାରେ ଅଭିଯୋଗ ହୋଇଥିଲା। କିନ୍ତୁ ଗୋଦାମ ଦାୟୀତ୍ୱରେ ରହିଥିବା କର୍ମଚାରୀ ପ୍ରକୃତରେ ଗୋଦାମରେ କେତେ ପରିମାଣରେ ମାଣ୍ଡିଆବସ୍ତା ଚୋରି ହୋଇଥିଲା ଏବଂ ବର୍ତ୍ତମାନ କେତେ ମହଜୁଦ ରହିଛି ଏତଲାରେ ଦର୍ଶାଇ ନଥିବାରୁ ପୁଲିସ ତଦନ୍ତକୁ ଆଗକୁ ବଢାଇବାରେ ବାଧା ସୃଷ୍ଟି ହେଉଛି। ଟିଡିସିସି ଅଧିକାରୀମାନେ ଘଟଣା ବିଷୟରେ ଗଣମାଧମକୁ କହିବା ନିମନ୍ତେ ଦାୟୀତ୍ୱ ପ୍ରଦାନ କରାଯାଇ ନଥିବା କହି ଘଟଣାକୁ ଏକ ପ୍ରକାର ରଫାଦଫା କରିବାକୁ ପ୍ରୟାସ କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ଧରିଛି। ଉକ୍ତ ଗୋଦାମ ଗୃହ ପରିସରରେ ପାଚେରୀ ନଥିବା ବେଳେ ଜଣେ ଜଗୁଆଳୀ ନିଜର ପରିବାରକୁ ନେଇ ବାରଣ୍ଡା ଏବଂ ଗୋଟିଏ କକ୍ଷରେ ରହୁଛନ୍ତି। ସେଠାରେ ବିଦ୍ୟୁତ ସଂଯୋଗ କିମ୍ବା ଅନ୍ୟାନ୍ୟ କୌଣସି ବ୍ୟବସ୍ଥା ନାହିଁ। ଗତବର୍ଷ ମାର୍ଚ୍ଚ ,ଏପ୍ରେଲ ଏବଂ ମେ ମାସରେ ଚାଷୀଙ୍କ ଠାରୁ ମଣ୍ଡିରେ ମାଣ୍ଡିଆ କ୍ରୟ କରାଯାଇ ଟିଡିସିସିର ଉକ୍ତ ଗୋଦାମ ଗୃହରେ ରଖାଯାଇଥିଲା। ଜୁଲାଇ ମାସରେ ଏକ ପିକଅପ ଭ୍ୟାନରେ ଉକ୍ତ ଗୋଦାମର ଜୈନିକ କର୍ମଚାରୀ ତାଲା ଖୋଲି ପ୍ରାୟ ୬୦ ବସ୍ତା ମାଣ୍ଡିଆ ନେଇଥିଲେ। କିନ୍ତୁ କେଉଁ ଆଡେ ନେଇଥିଲେ ଏବଂ କାହାର ଅନୁମତିରେ ନେଇଥିଲେ, ସେନେଇ କୌଣସି ସୂଚନା ନାହିଁ। ଅନ୍ୟପକ୍ଷରେ ଯୋଗାଣ ବିଭାଗ ପକ୍ଷରୁ ହିତାଧିକାରୀଙ୍କ ସରକାରୀ ରିଟେଲର ଦୋକାନରେ ମାଣ୍ଡିଆ ପ୍ରଦାନ ପାଇଁ ଏଠାରୁ ଉକ୍ତ ରିଟେସଲ ଦୋକାନର ମାଲିକ ନିଜେ ଆସି ମାଣ୍ଡିଆ ମାଲବାହୀ ଗାଡିରେ ନେଇଥାଏ। କିନ୍ତୁ ଗତ ଜୁଲାଇ ମାସରେ ଦୈନିକ କର୍ମଚାରୀ ନିଜେ ଉପସ୍ଥିତିରେ ଭ୍ୟାନରେ ମାଣ୍ଡିଆ ବୋଝେଇ କରି ନେଇଥିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଗତ କିଛି ଦିନ ପୂର୍ବରୁ ଗୋଦାମର ପ୍ରାୟ ୨୦ ଫୁଟ ଉଚ୍ଚତାରେ ରହିଥିବା ଭେଣ୍ଟିଲେଟର ଦେଇ ମାଣ୍ଡିଆ ଚୋରି ହୋଇଥିବା ବେଳେ ୨ ବସ୍ତା ମାଣ୍ଡିଆ ଗୋଦାମର ସେଠାରେ ଜଗୁଆଳି ଭାବେ କାର୍ଯ୍ୟରତ ଖ୍ରୀଷ୍ଟଦାନ ସୁନା ଉଠିପଡିବା ଯୋଗୁଁ ଚୋର ମାନେ ଦୁଇ ବସ୍ତା ମାଣ୍ଡିଆ ଛାଡି ଚାଲିଯାଇଥିବା ବେଳେ ସେମାନଙ୍କ ପିନ୍ଧିଥିବା ଚପଲ ସେଠାରେ ଛାଡିଯାଇଥିଲେ। ଜଗୁଆଳି ଖ୍ରୀଷ୍ଟଦାନ ଗୋଦାମ ଦାୟୀତ୍ୱରେ ରହିଥିବା କର୍ମଚାରୀଙ୍କ ଜଣାଇବା ପରେ ଗାଗନାପୁର ଫାଣ୍ଡିରେ ଏତଲା ଦିଆଯାଇଥିଲା। କିନ୍ତୁ ଉପଯୁକ୍ତ ତଥ୍ୟ ଗୋଦାମ ଦାୟୀତ୍ୱରେ ରହିଥିବା କର୍ମଚାରୀ ଦେଇନଥିବା ଯୋଗୁଁ ତଦନ୍ତ ଆଗକୁ ବଢି ପାରୁନାହିଁ ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଏହି ବିଷୟରେ ଟିଡିସିସି ଶାଖା ପରିଚାଳକ ରାକେଶ ବିଶ୍ୱାଳଙ୍କୁ ଫୋନ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଗତ ଏକ ମାସ ପୂର୍ବରୁ ସେ ଦାୟୀତ୍ୱ ଗ୍ରହଣ କରିଛନ୍ତି। ଏହିପରି କୌଣସି ବିଷୟରେ କହିବାକୁ ତାଙ୍କୁ ଦାୟୀତ୍ୱ ଦିଆଯାଇନାହିଁ ବୋଲି କହି ଘଟଣାର ସୂଚନା ଦେବା ନେଇ ଏଡାଇ ଯାଇଥିଲେ। ତେଣୁ ସରକାରୀ ନିଗମର ଏପରି ବେପରୁଆ ଭାବେ ରହିଥିବା ଗୋଦାମ ଗୃହର ସୁରକ୍ଷା ଏବଂ ପରିଚାଳନାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସତ୍ୟାସତ୍ୟକୁ ନେଇ ସନ୍ଦେହ

# ସରକାରୀ ଡିଏଭି ମହାବିଦ୍ୟାଳୟରେ ବଜେଟ୍ ଆଲୋଚନା



**କୋରାପୁଟ,୭।୨(ସମିସ):** ସରକାରୀ ଡିଏଭି ମହାବିଦ୍ୟାଳୟଠାରେ ବଜେଟ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଦୀପକ ପଟ୍ଟନାୟକ ବଜେଟକୁ ଦୂରଦୃଷ୍ଟିପୂର୍ଣ୍ଣ ବୋଲି ବର୍ଣ୍ଣନା କରି ଏହି ବଜେଟ୍ ବିକଶିତ ଭାରତ ପାଇଁ ଏକ ବ୍ଲୁପ୍ରିଣ୍ଟ କହିଥିଲେ।ସ୍ୱଦେଶୀ ଜାଗରଣ ମଞ୍ଚର ଅଖିଳ ଭାରତୀୟ ସଂଘର୍ଷ ବାହିନୀ ପ୍ରମୁଖ ଇଂ ଅନ୍ନଦା ଶଙ୍କର ପାଣିଗ୍ରାହୀ ଯୋଗଦେଇ ଏହି ବଜେଟ ପରିସଂଖ୍ୟାନର ଏକ ଦଲିଲ ନୁହେଁ, ବରଂ ଦେଶର ଅର୍ଥନୈତିକ ଦିଗ ଏବଂ ପ୍ରାଥମିକତାର ପ୍ରତିଫଳନ ବୋଲି କହିଥିଲେ। ଏହା ଭାରତକୁ ବିକାଶ ପଥରେ ଦ୍ରୁତ ଗତିରେ ଆଗକୁ ନେବାରେ ସହାୟକ ହେବ। ଏହି ବଜେଟ୍ ଆଜନିର୍ଭରଶୀଳତା, ବିକାଶ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ଶିକ୍ଷା ସହ ନିଯୁକ୍ତି ଏବଂ ଉଦ୍ୟୋଗୀତା ଉପରେ ଗୁରୁତ୍ୱାରୋପ କରାଯାଇଛି। ସରଳ ଉପସ୍ଥାପନା ମାଧ୍ୟମରେ କେନ୍ଦ୍ର ବଜେଟର ଗଠନ, ଏହାର ପ୍ରମୁଖ ବ୍ୟବସ୍ଥା ଏବଂ ଟିକସ ବ୍ୟବସ୍ଥାରେ ପରିବର୍ତ୍ତନ ବିଷୟରେ ସେ ବ୍ୟାଖ୍ୟା କରିଥିଲେ। ଅଧାପିକା ଡ଼ ଲହରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଜଣାଇ ବଜେଟକୁ ସନ୍ତୋଷଜନକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସ୍ୱଦେଶୀ ଜାଗରଣ ମଞ୍ଚର ରାଜ୍ୟ ସହ ସଂଯୋଜକ ମନୋରଞ୍ଜନ ରାଉତରାୟ ଉପସ୍ଥିତ ଥିବା ବେଳେ ଅଧାପକ ଶ୍ରୀଚନ୍ଦନ ମିଶ୍ର, ଲୋପମୁଦ୍ରା ସ୍ୱାଇଁ, ବ୍ରହ୍ମଚାରୀ ଖମାରି, ସରିତାବାଲା ଭତ୍ରା ପ୍ରମୁଖ କାର୍ଯ୍ୟକ୍ରମ ପ୍ରରିଚାଳନା କରିଥିଲେ। ସ୍ନାତକ ଏବଂ ସ୍ନାତକୋତ୍ତର ବିଭାଗର ୨୦୦ରୁ ଅଧିକ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ରରେ କିଶୋରୀମେଳା



**ଉମରକୋଟ, ୭।୨(ସମିସ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧିନସ୍ଥ ବକୋଦା ନୂଆପାରା ଅନ୍ତର୍ଗତ ଅଙ୍ଗନବାଡ଼ି କେନ୍ଦ୍ର ପରିସରରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସରପଞ୍ଚ କିଆବତୀ ଗଣ୍ଡ, ମୁଖ୍ୟବକ୍ତା ଭାବେ ଆଇସିଡିଏସ ସୁପରଭାଇଜର ପ୍ରାଚୀ ବିସ୍ମୟା ଦେ, ସମ୍ମାନିତ ଅତିଥି ଭାବେ ନୂଆପାରା ଗ୍ରାମର ସମାଜସେବୀ ସଦା ଗଣ୍ଡ, କୋପେନା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଙ୍କର ଗଣ୍ଡ , କେଶରୀ ବେଢ଼ା ସିଆରସିସି ମୋତିରାମ ଗଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ। କୋପେନାର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୂଚାରୁ ରୂପେ ତୁଲାଇଥିଲେ। ଏହି କାର୍ଯ୍ୟକ୍ରମକୁ ବିରସିଂ ପରିଜା ପରିଚାଳନା କରିଥିଲେ। ମଞ୍ଚାସୀନ ଅତିଥିମାନେ ସରକାରଙ୍କ ସମସ୍ତ ସରକାରୀ ସୁବିଧା ବିଷୟରେ ଆଲୋକପାତ କରିଥିଲେ। ୨୮ ଟି କେନ୍ଦ୍ରରୁ କିଶୋରୀ ଯୋଗଦେଇ ଥିଲେ। କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ଲେଙ୍ଗଡାଗୁଡା ଅଙ୍ଗନବାଡ଼ି କର୍ମୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନନ୍ଦପୁରରେ ଆଉ ଏକ ନାଗେଶ୍ୱରୀ ପାହାଡ଼ ବିମଣ୍ଡିପାର

ନନ୍ଦପୁର,୭।୨(ସମିସ):

ପର୍ଯ୍ୟଟନ କ୍ଷେତ୍ରରେ ଏବେ ନୂତନ ଭାବେ ଯୋଡି ହୋଇଛି ନନ୍ଦପୁର ବ୍ଲକ୍‌ର ତାଲଗୁଡ଼ା ଡଙ୍ଗରର ବିମଣ୍ଡି ପାର। ଯାହା ନନ୍ଦପୁର ବ୍ଲକର ଆଉ ଏକ ନାଗେଶ୍ୱର ପାହାଡ। ଓଡ଼ିଶା ସମେତ ରାଜ୍ୟ ବାହାରେ ପର୍ଯ୍ୟଟନ ସ୍ଥଳ ତାଲିକାରେ କୋରାପୁଟର ପର୍ଯ୍ୟଟନ ସ୍ଥଳୀ ଗଣତି ରହିଛି। କୋରାପୁଟର ପର୍ଯ୍ୟଟନ ସ୍ଥଳ ମଧ୍ୟରେ ନନ୍ଦପୁର ବ୍ଲକ୍ ନାଗେଶ୍ୱରୀ ପାହାଡ଼ ଅନ୍ୟତମ। ଯାହା ପର୍ଯ୍ୟଟନ ସ୍ଥଳ ଭାବେ ବେଶ ପରିଚୟ ସୃଷ୍ଟି କରି ରାଜ୍ୟ ସାରା ପର୍ଯ୍ୟଟକ ଓ ଫିଲ୍ମ ନିର୍ମାତାକୁ ଟାଣୁଛି। ବର୍ତ୍ତମାନ ନନ୍ଦପୁର ବ୍ଲକ୍‌ର ତାଲଗୁଡ଼ା ଡଙ୍ଗର ଗୁମ୍ଫାର ଦୃଶ୍ୟ ନାଗେଶ୍ୱରି ପାହାଡ଼ ଦୃଶ୍ୟ ର ଭ୍ରମ ସୃଷ୍ଟି କରିଛି। ଏହି ଦୃଶ୍ୟ ଧୀରେ ଧୀରେ ଲୋକ ଲୋଚନକୁ ଆସିବାରେ ଲାଗିଥିବା ବେଳେ ତାଲଗୁଡ଼ା ଡଙ୍ଗରର ଗୁମ୍ଫା ଭିତରେ ଓ ବାହାରର ଦୃଶ୍ୟ ନାଗେଶ୍ୱରି ପାହାଡ଼ର ଦୃଶ୍ୟ ପରି ରହିଥିବାରୁ ଏହା ପର୍ଯ୍ୟଟକକୁ ବେଶ ଆକର୍ଷିକ କରୁଥିବା ନଜରକୁ ଆସିଛି। ତାଲଗୁଡା ଗ୍ରାମର ବିମ୍‌ଣ୍ଡି ପାର ଡଙ୍ଗର ଗ୍ରାମବାସୀଙ୍କ ଅସ୍ଥା ସହ ଜଡିତ ରହିଛି। ପ୍ରତି ବର୍ଷ ଏହି ପାହାଡ଼ରେ ଚୈତ୍ର ମାସରେ ପୂଜା କରିଥାନ୍ତି ଗ୍ରାମବାସୀ। ପାହାଡ଼ ଗୁମ୍ଫାରେ ବିମଣ୍ଡି ପାର ଦେବୀ ରହିଥିବା ବେଳେ ଉଭୟ ନାଗେଶ୍ୱରୀ ପାହାଡ଼ ସହ ତାଲଗୁଡା ବିମଣ୍ଡି ପାହାଡ଼ ଦୃଶ୍ୟ ବର୍ତ୍ତମାନ ମେଳ ଖାଉଥିବା ଦେଖିବାକୁ ମିଳିଛି। ଏହିପରି ନନ୍ଦପୁର ବ୍ଲକର ଅନେକ ପର୍ଯ୍ୟଟନ ସ୍ଥଳୀ ରହିଛି ଯାହାର ଉଦ୍ଧାର କାର୍ଯ୍ୟକରି ପାରିଲେ ଅଞ୍ଚଳବାସି ଉପକୃତ ହେବା ସହ ବେକାର ଯୁବକ ଯୁବତୀଙ୍କ ହାତକୁ କାମ ଆସି ପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ଯଥାଶୀଘ୍ର ଜିଲ୍ଲା ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେଇ ଉନ୍ନୟନ କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହୋଇଛି।



## କେଉଁଠି ରହିଛି, କିପରି ଯିବେ..

କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍‌ର କୁଲାବିର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅବସ୍ଥିତ ତାଲଗୁଡ ଗ୍ରାମର ଉପରି ମୁଣ୍ଡରେ ରହିଛି ତାଲଗୁଡ଼ା ଡଙ୍ଗର। ନନ୍ଦପୁର ବ୍ଲକ୍‌ରୁ ତାଲଗୁଡା ଗ୍ରାମ ପାଖପାଖି ୨୫ କିମି ଦୂରତା ରହିଥିବା ବେଳେ ଜିଲ୍ଲା ମୁଖ୍ୟାଳୟ ଠାରୁ ୫୦ କିମି ଦୂରତା ରହିଛି। ତେବେ ତାଲଗୁଡା ଗ୍ରାମ ଉପରିମୁଣ୍ଡରେ ରହିଥିବା ଏହି ବିମ୍‌ଣ୍ଡି ଡଙ୍ଗର ଉପର ମୁଣ୍ଡକୁ ଯିବାକୁ ହେଲେ ପାଦଚଲା ରାସ୍ତାରେ ଯିବାକୁ ପଡ଼ିବ। ଗ୍ରାମଠାରୁ ପ୍ରାୟ ତିନି କିମି ପାଦ ଚଲା ରାସ୍ତାରେ ଯିବା ପରେ ପାହାଡ଼ ମୁଣ୍ଡରେ ଅବସ୍ଥିତ ବିମଣ୍ଡି ଦେବୀଙ୍କ ଏହି ଗୁମ୍ଫା ଓ ପାହାଡ ରହିଛି। ଯାହା ନାଗେଶ୍ୱରୀ ଗୁମ୍ଫାର ଭ୍ରମ ସୃଷ୍ଟି କରୁଛି।

## ଶିଶୁ ସେବିକା ଚୟନରେ ଅନିୟମିତତା

# ଅଫିସ ବାରଣ୍ଡାରେ ଆବେଦନକାରୀଙ୍କ ଧାରଣା

ମୋରଡା, ୭ା୨(ସମିସ): ରାଜ୍ୟ ସରକାର ଯେଉଁ ବିଦ୍ୟାଳୟରେ ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟଶ୍ରେଣୀରେ ୩୦ରୁ ଅଧିକ ପିଲା ଅଛନ୍ତି, ସେଠାରେ ଜଣେ ଶିଶୁ ସେବିକା ନିଯୁକ୍ତ କରାଯିବା ନିମନ୍ତେ ନିର୍ଦ୍ଦେଶାବଳୀ ଗତବର୍ଷ ଜୁନ ମାସରୁ ଜାରି କରିଛନ୍ତି। ତେବେ ଶନିବାର ମୋରଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନ ନୂଆଗାଁ ପଞ୍ଚାୟତରେ ଥିବା ହରପ୍ରସାଦ ଉଚ୍ଚବିଦ୍ୟାଳୟର ଶିଶୁବାଟିକା ନିମନ୍ତେ ଶିଶୁ ସେବିକା ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ କରି ଆବେଦନକାରୀ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି।



ଧାରଣାରେ ବସିଥିବା ମହିଳାଙ୍କ ମଧ୍ୟରୁ ସେବତୀ ମହାନ୍ତଙ୍କ କହିବା ମୁତାବକ ଶିଶୁ ସେବିକା ପଦବୀ ପାଇଁ ୧୪ ଜଣ ମହିଳା ପୂର୍ବରୁ ଆବେଦନ କରିଥିଲେ। ସ୍କୁଲ ମ୍ୟାନେଜିଂ କମିଟି ଓ ପ୍ରଧାନଶିକ୍ଷକ ସରକାରୀ ନିୟମକୁ ଉଲ୍ଲଂଘନ କରି ମ୍ୟାନେଜିଂ କମିଟି ଚେୟାରମ୍ୟାନଙ୍କ ସ୍ତ୍ରୀଙ୍କୁ ଶିଶୁ ସେବିକା ପାଇଁ ଚୟନ କରିଛନ୍ତି। ଯାହାକି ଗାଇଡଲାଇନ ଅନୁସାରେ ହୋଇନାହିଁ। ତେଣୁ ମହିଳାମାନେ ଆବେଦନକାରୀଙ୍କ ମଧ୍ୟରୁ ବିଧବା ମହିଳା କିମ୍ବା ମାର୍କ ଅନୁସାରେ ଯାହାର ଅଧିକ ନମ୍ବର କିମ୍ବା ଅଧିକ ଶିକ୍ଷାଗତ ସାର୍ଟିଫିକେଟ ଅନୁସାରେ ଚୟନ ପାଇଁ ଅନୁରୋଧ କରିଛନ୍ତି। ପ୍ରଧାନଶିକ୍ଷକ କୁଳମଣି ଭୋଇଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ସୋମବାର ଦିନ ପୁନର୍ବାର ବୈଠକ ଡାକି ଚୟନ ନିୟମକୁ କଡାକଡି ପାଳନ କରାଯାଇ ନିଯୁକ୍ତି ଦିଆଯିବ ବୋଲି କହିଛନ୍ତି। ସ୍କୁଲ ମ୍ୟାନେଜିଂ କମିଟିର ଚେୟାରମ୍ୟାନ ଗତ ଡିସେମ୍ବର ମାସରେ ରିଜାଇନ ଦେଇଥିବା କଥା ସେ ପ୍ରକାଶ କରିଛନ୍ତି।

# ଯଶିପୁରରେ ରାଷ୍ଟ୍ରୀୟ ଇକୋ ଟୁରିଷ୍ଟ ଗାଇଡ୍ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତିଷ୍ଠା ପ୍ରସ୍ତାବ

ବାରିପଦା/କରଞ୍ଜିଆ, ୭ ା୨(ସମିସ): ଯଶିପୁର ବ୍ଲକର ଗୁଡଗୁଡ଼ିଆକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଗମନ ଅବସରରେ ଜାତୀୟ ସବୁଜ ବାହିନୀ (ଇକୋ କ୍ଲବ)ର ମାଷ୍ଟର ଟ୍ରେନର ତଥା ଶିମିଳିପାଳ ଇକୋ ଫ୍ରେଣ୍ଡସର ସମ୍ପାଦକ ଡକ୍ଟର ରମାକାନ୍ତ ମହାନ୍ତ ତାଙ୍କୁ ସାକ୍ଷାତ କରି ଯଶିପୁରଠାରେ ଏକ ରାଷ୍ଟ୍ରୀୟ ଇକୋ ଟୁରିଷ୍ଟ ଗାଇଡ୍ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତିଷ୍ଠା କରିବା ପାଇଁ ଲିଖିତ ଭାବରେ ଅନୁରୋଧ କରିଛନ୍ତି। ଗତ ନଭେମ୍ବର ମାସରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ମଧ୍ୟପ୍ରଦେଶର ରିୱାଠାରେ ଅନୁଷ୍ଠିତ ରାଷ୍ଟ୍ରୀୟ ଅଧିବେଶନରେ ଯୋଗଦାନ କରିବା ଅବସରରେ ମଧ୍ୟପ୍ରଦେଶର ମୁକୁନ୍ଦପୁରଠାରେ ଥିବା ଧଳାବାଘ ସଫାରୀ ପରିଦର୍ଶନ କରିବାର ସୁଯୋଗ ପାଇଥଲେ। ସେଠାରେ ଇକୋ ଟୁରିଷ୍ଟ ଗାଇଡ୍ଙ୍କ କାର୍ଯ୍ୟକଳାପ, ଉଚ୍ଚାରଣ, ଆଚରଣ ଅନୁଧ୍ୟାନ କରି ଅନେକ କଥା ଜାଣି ପାରିଥିଲେ। ମଧ୍ୟପ୍ରଦେଶ ଭଳି ଭାରତର ବିଭିନ୍ନ ରାଜ୍ୟରେ ହଜାର ହଜାର ଇକୋ ଟୁରିଷ୍ଟ ଗାଇଡ୍ କାର୍ଯ୍ୟ କରୁଛନ୍ତି। ଶିମିଳିପାଳରେ ଇକୋ ଟୁରିଷ୍ଟ ଗାଇଡ୍ଙ୍କ ଆବଶ୍ୟକତାକୁ ଉପଲବ୍ଧି କରି ଅତୀତରେ ୨୦୦୩ରେ ଶିମିଳିପାଳ କର୍ତ୍ତୃପକ୍ଷ ଯଶିପୁରର ରାମତୀର୍ଥର କୁମ୍ଭୀର ସଂରକ୍ଷଣ କ୍ୟାମ୍ପସ ସମେତ ଶିମିଳିପାଳ ଟ୍ୟୁରିଜିମ ରୁଟରେ ବହୁତ ବିଶଦ ତଥା ଉପଯୋଗୀ ଟ୍ରେନିଂର କେତୋଟି ବ୍ୟାଚରେ ପ୍ରଶିକ୍ଷଣ ବ୍ୟବସ୍ଥା କରିଥିଲେ। ଡକ୍ଟର ମହାନ୍ତ ମଧ ଶିମିଳିପାଳରେ ଉକ୍ତ ଇକୋ ଟୁରିଷ୍ଟ ଗାଇଡ୍ ଟ୍ରେନିଂରେ ଯୋଗଦାନ କରିଥିଲେ। ଶିମିଳିପାଳର ବିଭିନ୍ନ ଇଲାକା ଦର୍ଶନ କରି ପର୍ଯ୍ୟଟକଙ୍କୁ ପ୍ରଭାବିତ କରିବାର କଳା କୌଶଳ ଶିକ୍ଷାଲାଭ କରିଥିଲେ। କେସକାଡ ଇକୋ ଟୁରିଜିମ ପରିଚାଳନାରେ ଶିମିଳିପାଳର ସୁରକ୍ଷା ଓ ଦୀର୍ଘ ଜୀବନ ନିହିତ ଅଛି ବୋଲି ଅନୁଭବ କରିଥିଲେ।

ଶିମିଳିପାଳର ଚାରି ପାଖରେ ଥିବା ସମଗ୍ର ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଭଦ୍ରକ ଓ ବାଲେଶ୍ୱରର ଇକୋ ଟୁରିଷ୍ଟ ଗାଇଡ୍ଙ୍କ ଯୋଗ୍ୟତା ଓ ଦକ୍ଷତା ବିକାଶର ଆବଶ୍ୟକତା ରହୁଛି। ଭାରତର ସବୁ ରାଜ୍ୟର ଇକୋ ସିଷ୍ଟମକୁ ସଂରକ୍ଷଣ ଓ ବିକାଶ କରିବା ପାଇଁ ଇକୋ ଟୁରିଷ୍ଟଙ୍କ ଯୋଗ୍ୟତା ଓ ଦକ୍ଷତାର ବିକାଶ ପାଇଁ ଶିମିଳିପାଳର ବିଶ୍ୱ ବିଖ୍ୟାତ ବାଘୁଣୀ ଖଇରୀର ସ୍ମୃତିରେ ଏକ ରାଷ୍ଟ୍ରୀୟ ଇକୋ ଟୁରିଷ୍ଟ ଗାଇଡ୍ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତିଷ୍ଠା କରିବା ଆବଶ୍ୟକ ରାଷ୍ଟ୍ରପତିଙ୍କୁ ଲିଖିତ ଭାବରେ ଜଣାଇଛନ୍ତି। ଏହି ଇକୋ ଟୁରିଷ୍ଟ ଗାଇଡ୍ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତିଷ୍ଠା ହେଲେ ମୟୂରଭଞ୍ଜର ଆର୍ଥିକ, ଶୈକ୍ଷିକ, ସାଂସ୍କୃତିକ, ସାମାଜିକ ଇତ୍ୟାଦି ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ସେ ଆଶା ଓ ବିଶ୍ୱାସ କରିଛନ୍ତି। ତେଣୁ ସେ ଇକୋ ଟୁରିଷ୍ଟ ଗାଇଡ୍ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ରାଷ୍ଟ୍ରପତିଙ୍କ ନିକଟରେ ଅନୁରୋଧ କରିଥିବା ଜଣାପଡ଼ିଛି।

# ମେଘାସନ କଲେଜ ଆତ୍ମରକ୍ଷା ତାଲିମ ଶିବିର ଉଦ୍ଯାପିତ

ପିଙ୍ଗୁ, ୭ା୨(ସମିସ): ମେଘାସନ କଲେଜରେ +୩ ପ୍ରଥମବର୍ଷ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍ଯାପିତ ହୋଇଛି। ୮ ଦିନ ଧରି ଅନୁଷ୍ଠିତ ଏହି ଶିବିରରେ ୭୩ ଜଣ ଛାତ୍ରୀ ଭାଗ ନେଇଥିଲେ। ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟର ପୂର୍ବତନ ଛାତ୍ରୀ ଜ୍ୟୋତ୍ସ୍ନା ସିଂ ଓ ଚମ୍ପାବତୀ ହେମ୍ବ୍ରମ ତାଲିମ ଦେଇଥିଲେ। ଉଦ୍ଯାପନୀ ଉତ୍ସବରେ ଅଧ୍ୟକ୍ଷ ପ୍ରମୋଦ ରାଉଳ ସଭାପତିତ୍ୱ କରି ଛାତ୍ରୀ ନିଜର ନୈତିକ ମନୋବଳ ବୃଦ୍ଧି ସହିତ ସାହସର ସହିତ ଆଗକୁ ଆଗେଇ ଆସିଲେ ଯେକୌଣସି ବିପଦର ମୁକାବିଲା କରିବା ସହଜ ହେବ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଇଂରାଜୀ ବିଭାଗ ମୁଖ୍ୟ ଡ. ଫନୀଭୂଷଣ ପୋଥାଳ ଛାତ୍ରୀ ଶାରିରୀକ, ମାନସିକ ଓ ଆଧ୍ୟାତ୍ମିକ ବଳରେ ବଳିଆନ ହେବା ସହିତ ଶାସ୍ତ୍ରର ଉପଯୋଗ କରିବା ଉଚିତ ବୋଲି ପରାମର୍ଶ ଦେଇଥିବାବେଳେ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ ଡଃ ନିରଞ୍ଜନ ପାଠୀ, ଆଇସିସିର ପ୍ରିଜାଇଡିଂ ଅଫିସର ଡଃ ଶୁଭଦର୍ଶନୀ, ଗ୍ରନ୍ଥାଗାରିକ ମନୋରଞ୍ଜନ ମଲିକ ଯୋଗ ଦେଇଥିଲେ। ସଂଯୋଜିକା ଅଧ୍ୟାପିକା ସ୍ୱାତୀ ସୁଚରିକା ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ସହ ସଂଯୋଜିକା ଡଃ କମଳିନୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




# ରୋଟାରୀ ହେରିଟେଜ ପକ୍ଷରୁ ସାଧାରଣ ଜ୍ଞାନ ପରୀକ୍ଷା

ବାରିପଦା/କୁଳିଅଣା, ୭ ା୨(ସମିସ): ଶିକ୍ଷା, ସ୍ୱାସ୍ଥ୍ୟ, ଶାନ୍ତି ଓ ସମାଜ ସେବା କ୍ଷେତ୍ରରେ ରୋଟାରୀ ଇଣ୍ଟରନ୍ୟାସନାଲର ଭୂମିକା ଅନସ୍ୱୀକାର୍ଯ୍ୟ। ଏହାକୁ ବିଧେୟ କରି ପିଲାଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପରିସ୍ଫୁଟ କରିବା ପାଇଁ ରୋଟାରୀ କ୍ଲବ ଅଫ ବାରିପଦା ହେରିଟେଜ ତରଫରୁ କ୍ଲବ ସଭାପତି ରୋଟାରିୟାନ ବ୍ରହ୍ମାନନ୍ଦ ପ୍ରଧାନଙ୍କ ନେତୃତ୍ୱ ଓ ପିପି ସନ୍ତୋଷ କାନ୍ତଙ୍କ ତତ୍ତ୍ୱାବଧାନରେ କୁଳିଅଣା ବ୍ଲକ ଅନ୍ତର୍ଗତ ଭଞ୍ଜଭୂମି ବାଳିକା ଉଚ୍ଚବିଦ୍ୟାଳୟ ଛାତ୍ରୀଙ୍କ ମଧ୍ୟରେ ଏକ ସାଧାରଣ ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ୩୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଳାସ ସାହୁଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। କ୍ଲବ ପକ୍ଷରୁ ଆଇପିପି ନଳୀନ କୁମାର ଚୌଧୁରୀ ଓ ସଭ୍ୟ ସଞ୍ଜୀବ ଦଣ୍ଡପାଟ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଆଗାମୀ ହାଇସ୍କୁଲ ବୋର୍ଡ଼ ପରୀକ୍ଷା ପାଇଁ ଉପାଦେୟ ବକ୍ତବ୍ୟ ରଖିଥିଲେ। ସୁନନ୍ଦିତା ନାଏକ ଦଶମ, ମିନତୀ ମୁର୍ମୁ ଦଶମ ଓ ଶୁଭସ୍ମିତା ନାଏକ ନବମ ଶ୍ରେଣୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବାରୁ କ୍ଲବ ତରଫରୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିରେ ରୋଟାରିୟାନ ଅନିରୁଦ୍ଧ ପୃଷ୍ଟି, ଅମୀୟ ଗିରିଙ୍କ ଉପସ୍ଥିତି ଓ ଶିକ୍ଷକ ନିମାଇଁ ଚରଣ ପାଲ, ଶିକ୍ଷୟିତ୍ରୀ ସୁମତୀ ଦାସ, ଛାତ୍ରୀ ବନ୍ଦନା ମୁଖୀ, ସୁପ୍ରିୟା ନାଏକ ଓ ଅଞ୍ଜଳି ମୁଖୀ ସହଯୋଗ କରିଥିଲେ। ଶିକ୍ଷକ ଅନନ୍ତ ସେଠୀ ଧନ୍ୟବାଦ ଦେଇଥିଲେ।




## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ସଫଳତା

କୁଆମରା, ୭ ା୨(ସମିସ): ୨୦୨୫-୨୬ ଶିକ୍ଷାବର୍ଷର ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଗୋପବନ୍ଧୁ ନଗର ବ୍ଲକର ପୁରୁଣା ବାରିପଦା ଶିକ୍ଷାକେନ୍ଦ୍ରକୁ ସଫଳତା ମିଳିଛି। ପଞ୍ଚମ ଶ୍ରେଣୀ ଛାତ୍ରୀ ସାଇ ସ୍ନିଗ୍ଧା ପଣ୍ଡା ବ୍ଲକରେ ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଗିରିଜା ଶଙ୍କର ମହାରଣା ତୃତୀୟ ସ୍ଥାନରେ ଅଛନ୍ତି। ସେହିପରି ତୃତୀୟ ଶ୍ରେଣୀରେ ଦେବସ୍ମିତା ଜେନା ଓ ପ୍ରତ୍ୟୁଷ କୁମାର ବାରିକ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

# ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ବେତନଟୀ, ୭ ା୨(ସମିସ):ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅର୍ଜୁନ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଉତ୍ସବରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବୁଜୁଳି, ମୁଖ୍ୟବକ୍ତା ଗୋଷ୍ଠୀ ଶିକ୍ଷା ଅଧିକାରୀ ବିପ୍ଳବ କର, ସମ୍ମାନିତ ଅତିଥି ଜିଲ୍ଲା ପରିଷଦ ସଭ୍ୟ ବିଶ୍ୱନାଥ ହେମ୍ବ୍ରମ, ପଞ୍ଚାୟତ ସମିତି ସଭ୍ୟ ରଣଜିତ କୁମାର ସିଂ, ଯୁବ ନେତା ଜୀବନ କୁମାର ପରିଡ଼ା, ଉପସଭାପତି ଟୁନି ପ୍ରଧାନ, ସଭାପତି ଜୟନ୍ତ ପଟ୍ଟନାୟକ ଯୋଗ ଦେଇଥିଲେ। ଶିକ୍ଷକ ନିରୋଜ ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ସୁବୋଧ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏ ଅବସରରେ ବିଭିନ୍ନ ପରୀକ୍ଷା, କ୍ରୀଡା ଓ ସହ-ପାଠ୍ୟକ୍ରମୀୟ କାର୍ଯ୍ୟକଳାପରେ ସଫଳ




ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରକାଶ ଗିରି ପୁରସ୍କାର ବିତରଣୀ ଉତ୍ସବକୁ ପରିଚାଳନା କରିଥିଲେ। ୨୦୨୪-୨୫ ଶିକ୍ଷାବର୍ଷ ରେ ସର୍ବାଧିକ ନମ୍ବର ରଖି ଜିଲ୍ଲା ଓ ବ୍ଲକସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ହାଇସ୍କୁଲ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ଅଲିଭା ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ଇତିଶ୍ରୀ ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ନିରୋଜ ମହାନ୍ତ, ସୁବୋଧ ସାହୁ, ପ୍ରକାଶ ଗିରି, ହେମନ୍ତ ଦାସ, ଅମରଜ୍ୟୋତି ସ୍ୱାଇଁ, ଶିକ୍ଷୟିତ୍ରୀ ମନସ୍ୱିନୀ ପଟ୍ଟନାୟକ, କାପୁରା ସୋରେନ, ଯାଜ୍ଞସେନୀ ବେହେରା, ମୌସୁମୀ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

**କୁଳିଅଣା:** କୁଳିଅଣା ବ୍ଲକ ଅଧୀନ କାଠରୁମା ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରମାକାନ୍ତ ପାତ୍ରଙ୍କ



ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କୁଳିଅଣା ଗୋଷ୍ଠୀ ଶିକ୍ଷାଧିକାରୀ ରଶ୍ମିରଞ୍ଜନ ଗିରି ଯୋଗଦେଇ ପିଲାଙ୍କ ଭବିଷ୍ୟତ ଗଠନରେ ଶିକ୍ଷକ ସମେତ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଉନ୍ନତିରେ ମଧ ଶିକ୍ଷକ ଓ ପିତାମାତା ଯତ୍ନବାନ ହେବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସରସ୍ୱତୀ ସିଂ, ସମ୍ମାନିତ ଅତିଥି ଭାବେ ପାତିହିଞ୍ଜା ସରପଞ୍ଚ ଦୁଃଖିଆ ହେମ୍ବ୍ରମ, ସମିତି ସଭ୍ୟ ବାବଲୁ ହାଁସଦା, ସିଆରସିସି ଶ୍ୟାମସୁନ୍ଦର ଟୁଡ୍ଡୁ, ପରିଚାଳନା କମିଟି ଅଧ୍ୟକ୍ଷ ଦୁର୍ଗାପ୍ରସାଦ ହେମ୍ବ୍ରମ ଯୋଗ ଦେଇଥିଲେ। ଏ ଅବସରରେ କ୍ରୀଡାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ରୋହିତ ମାଝୀ ମଞ୍ଚ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ହାଡିବନ୍ଧୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପର୍ଶୁରାମ ସାହୁ, ରାଜେନ୍ଦ୍ର ବାରିକ, ଶିକ୍ଷୟିତ୍ରୀ ରୁପାଲୀ ବେସ୍ରା ଓ ପରିଚାଳନା କମିଟି ସଭ୍ୟସଭ୍ୟା ସହଯୋଗ କରିଥିଲେ।

**ସାରସକଣା:** ସ୍ଥାନୀୟ ଶୀର୍ଷା ପଞ୍ଚାୟତ ଅନ୍ତର୍ଗତ ଶୀର୍ଷା ପୁରାତନ ବିଦ୍ୟାଳୟର ବାର୍ଷିକ ଦିବସ ଝଲକ-୨ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ଗୋବିନ୍ଦ ମାହାଲିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସୀମାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରହ୍ଲାଦ ଅଗସ୍ତି, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବାଣିଜ୍ୟିକ ବିଭାଗ ପ୍ରାଧ୍ୟାପକ ସରୋଜ ମିଶ୍ର, ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ବସା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ଗୋବିନ୍ଦ ମାହାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରଥମେ ସହକାରୀ ଶିକ୍ଷକ ରଞ୍ଜନ




ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନୁଷ୍ଠାନ ତରଫରୁ ଅତିଥିଙ୍କୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ।

**ବଡ଼ସାହି:** ବଡ଼ସାହି ବ୍ଲକ ଅନ୍ତର୍ଗତ ଶାଳଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ରିତାମଣି ଦେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବାବା କଖାରୁଆ ବୈଦ୍ୟନାଥ ଉଚ୍ଚ ମାଧମିକ ବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଅନ୍ତର୍ଯ୍ୟାମୀ ନାୟକ, ମୁଖ୍ୟବକ୍ତା ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପ୍ରଧାନଶିଧକ ସନ୍ତୋଷ ବେହେରା, ସ୍ୱତନ୍ତ୍ର ଅତିଥି ଆଞ୍ଚଳିକ ସାଧନ କେନ୍ଦ୍ରର କାହ୍ନୁଚରଣ ବାରିକ, ସମ୍ମାନିତ ଅତିଥି ଭାବେ ପ୍ରଫୁଲ୍ଲ କୁମାର ମହାଳିକ, ତୋଫାନ ମହାଳିକ, ସୁଧାଂଶୁ କୁମାର ପତି, ଚୈତନ୍ୟ ସିଂ, ବଳଭଦ୍ର ମହାଳିକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ



ଭବିଷ୍ୟତ କାମନା କରିଥିଲେ। ଏ ଅବସରରେ କ୍ରୀଡ଼ା ପ୍ରତିଯୋଗିତାର ସଫଳ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ଏକାଙ୍କିକା ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ମଧୁସ୍ମିତା ମହାଳିକ ବାର୍ଷିକ ବିବରଣୀ ପାଠ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ମାଣତ୍ରୀ:** ତଳଗୌଡଗାଁ ଚନ୍ଦନପୁର (ପୁରାତନ) ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ସେଠୀ ସଭାପତିତ୍ୱ କରିଥିବାବେଳେ ମୟୂରଭଞ୍ଜ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ ମୁଖ୍ୟଅତିଥ, ମୁଖ୍ୟବକ୍ତା ଭାବେ ମୟୂରଭଞ୍ଜ ଜିଲ୍ଲା ଅତିରିକ୍ତ ମଙ୍ଗଳ ଅଧିକାରୀ ଅଜୟ ଜେନା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଙ୍ଗଳ ଅଧିକାରିଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗ ବାରିପଦାର ସୁଶ୍ରୀ ସ୍ମୃତିଲିପି ସାହୁ, ବଡ଼ସାହି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ବାସନ୍ତୀ ସିଂ, ଯୋଗିନୂଆଗାଁ ଆଶ୍ରମ



ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦେବେନ୍ଦ୍ର ପଣ୍ଡା, ଚନ୍ଦନପୁର (ନୂତନ) ଆଶ୍ରମ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ ଭୂୟାଁ, ବାଗୁଲି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବିନୟ ବେହେରା ବାର୍ଷିକ ବିବରଣୀ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**କୁଆମରା:** ଗୋପବନ୍ଧୁନଗର ବ୍ଲକ ରାଣୀବନ୍ଧ ପଞ୍ଚାୟତ ବାଙ୍କିଶୋଳ ସେବା ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବନ୍ଦିତା



ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସତ୍ୟଭାନୁ ସର୍ଦାର ସିଂ, ମୁଖ୍ୟବକ୍ତା ଏବିଇଓ କୁଳମଣି ନାଏକ, ସମ୍ମାନିତ ଅତିଥି ରାଣୀବନ୍ଧ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ ସେଠୀ, ରାଣୀବନ୍ଧ କ୍ଲଷ୍ଟର ସିଆରସିସି ତ୍ରିଦ୍ୱୀପ ମହାକୁଡ, ରାଣୀବନ୍ଧ ପଞ୍ଚାୟତ ସରପଞ୍ଚ ମମତା ଖଟୁଆ, ଆରପଟା ସରପଞ୍ଚ ସଞ୍ଜୟ ସିଂ, କୁଶଳଦା ସରପଞ୍ଚ ଦୀପାଳି ସିଂ ପ୍ରମୁଖ ଯୋଗଦେଇ ଆଶା ଓ ବିଶ୍ୱାସ ମଣିଷର ଭବିଷ୍ୟତକୁ ଉଜ୍ଜ୍ୱଳ କରାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷକ ବଙ୍କିମ ବାରିକ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏ ଅବସରରେ ବାର୍ଷିକ କ୍ରୀଡ଼ାର ୪୪ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଭବାନୀ ଚୌଧୁରୀ, ନନ୍ଦିତା ପୃଷ୍ଟି, ରଶ୍ମିତା ପଟ୍ଟନାୟକ, ସଙ୍ଗୀତା ଦାସ ପ୍ରମୁଖ ପରିଚାଳନା କରିଥିବାବେଳେ ସନ୍ଧ୍ୟାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଉଦଳା:** ଉଦଳା ମହାବିଦ୍ୟାଳୟର ୬୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶ୍ରୀକାନ୍ତ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡ. ସୁବ୍ରତ ରଣା, ସମ୍ମାନିତ ଅତିଥି ଭାବେ ଉଦଳା ଏନ୍ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଅନ୍ୟତମ ସମ୍ମାନିତ ଅତିଥି କପ୍ତିପଦା ଉପଖଣ୍ଡ ଉପଜିଲ୍ଲାପାଳ ସୁଶାନ୍ତ ବାରିକ ଯୋଗ ଦେଇଥିଲେ। ଅଧ୍ୟାପକ ସୌମେନ୍ଦ୍ର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ଡ. ମୀନାକ୍ଷୀ ପରିଡ଼ା ଅତିଥି ପରିଚୟ, ଅଧ୍ୟାପକ ସନ୍ତୋଷ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ. ଦିବ୍ୟଲୋଚନ ଭୂୟାଁ ବାର୍ଷିକ ବିବରଣୀ ପାଠ କରିଥିଲେ। ଅତିଥିମାନେ ମହାବିଦ୍ୟାଳୟର ବାର୍ଷିକ



ପତ୍ରିକା କାନନିକା ଉନ୍ମୋଚନ କରିଥିବାବେଳେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ସାନକେରକୋ:** ବଡ଼ସାହି ବ୍ଲକ ଅନ୍ତର୍ଗତ ସାନକେରକୋ ଗ୍ରାମସ୍ଥ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସଦାନନ୍ଦ ମୁର୍ମୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଲୁମିନି ସଭାପତି ଜିତେନ୍ଦ୍ର ମହାନ୍ତ, ମୁଖ୍ୟବକ୍ତା ସାନକେରକୋ କ୍ଲଷ୍ଟରର ସିଆରସିସି ରାମଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଆଲୁମିନି ସମ୍ପାଦକ ଅନନ୍ତ ମହାନ୍ତ ଓ ଆଲୁମିନି ସଭ୍ୟ ନରେଶ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ କ୍ରିଷ୍ଣାରାଣୀ ପଲେଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ବବି ଦାସ ଓ ଅଶ୍ୱିନୀ ପାତ୍ର, ନିର୍ମଳା ବେହେରା, ଆରତୀ ସିଂ,




ଅନୀଲ ମହାପାତ୍ର, ସତ୍ୟଜିତ ତରେଇ, ରିତେଶ ସାହୁ, ଶରତ ସିଂ, ତୁଳସୀ ପୃଷ୍ଟି, କାର୍ଯ୍ୟାଳୟସହକାରୀ ବିଶ୍ୱେଶ୍ୱର ମହାନ୍ତ, ସହକର୍ମୀ ରତିକାନ୍ତ ବେହେରା ସହଯୋଗ କରିଥିଲେ। ସିଆରସିସି ରାମଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ନିର୍ମଳା ବେହେରା ମଞ୍ଚ ପରିଚାଳନା କରିଥିଲେ।

**ଉଦଳା:** ଉଦଳା ବ୍ଲକ ପାଟଶାଣିପୁର ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମୋଢେଇ, ପ୍ରଧାନଶିକ୍ଷକ ନୀତିଶ ଘୋଷ, ସରପଞ୍ଚ ବାରି ମୁର୍ମୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶ୍ରୀଧର ସିଂହ, ଶିକ୍ଷାବିତ ବ୍ରହ୍ମାନନ୍ଦ ସିଂ, ବୁଦ୍ଧିରାମ ସିଂ, ପୂର୍ବତନ ସରପଞ୍ଚ କରୁଣାକର ମାଝୀ, ଏବିଇଓ ମିନତୀ ମଞ୍ଜରୀ ପଣ୍ଡ ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଉଦଳା ବ୍ଲକ ଶିକ୍ଷା ଅଧିକାରୀ ଦୀପକ ମିଶ୍ର, ବରିଷ୍ଠ ସାମ୍ବାଦିକ ସନ୍ତୋଷ ବାଞ୍ଛିନୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କିଶୋର ସିଂ



ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମାଳତୀଲତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରଯାଇଥିଲା। ଶିକ୍ଷକ ପ୍ରଭାତ ଶଙ୍ଖୁଆ, ହିରଣ୍ୟ ବେହେରା, ରମେଶ ଖଣ୍ଡେଇ, ଅଞ୍ଜଳି ସିଂ, ରେଣୁବାଳା ସିଂ, ସୁଧାଂଶୁ ବେହେରା, ରବୀନ୍ଦ୍ର ନାଥ ସିଂ ଓ ମଧୁସୂଦନ କିସ୍କୁ ପ୍ରମୁଖ ସହଯୋଗ କରିଥିଲେ।

**ମୋରଡା:** ସ୍ଥାନୀୟ ଧାନଶୋଳା ଗ୍ରାମ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବାର୍ଷିକ



ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୋରଡା ଏବିଇଓ ପାଲୁ ହଁସଦା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ମୋରଡା ସିଆରସିସି ସେକ ତାମିଜ୍ଉଦ୍ଦିନ, ମୁଖ୍ୟବକ୍ତା ସରପଞ୍ଚ ରବି ସିଂ, ଧାନଶୋଳା ଗ୍ରାମର ୱାର୍ଡ ମେଂବର କମଳାକାନ୍ତ ମହାନ୍ତ, ଡବ୍ଲୁଇଓ ପାର୍ବତୀ ହାଁସଦା ଓ ବିଦ୍ୟାଳୟ କମିଟି ସଭାପତି ପ୍ରମୁଖ ଯୋଗ ଦେଇଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଡବ୍ଲୁଇଓ ପାର୍ବତୀ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ବିଶୋଇ:** ଦେଓପଟା ପିଏମ୍ଶ୍ରୀ ଏସ୍ଏସ୍ଡି ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ କୃପାସିନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ



ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡିଓ ସାଗରଚନ୍ଦ୍ର ମୁର୍ମୁ, ମୁଖ୍ୟବ୍ୟକ୍ତା ଭାବେ ବିଶୋଇ ତହସିଲଦାର ସତ୍ୟବାନ ନାୟକ, ସମ୍ମାନିତ ଅତିଥି ଭାବେ ସହକାରୀ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ, କମଳାକାନ୍ତ ସ୍ୱାଇଁ, ସିଡିପିଓ ଶ୍ରୀମତୀ ବିଟୁ ଟୁଡୁ, ବିଶୋଇ ଗୋଷ୍ଠୀ ଶିକ୍ଷାଧିକାରୀ କପିଳେନ୍ଦ୍ର ଦାସ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିକାଶ ନାୟକ, ବନେଇକଳା ବିଦ୍ୟାଳୟ ପ୍ରଧାନଶିକ୍ଷକ ବଳରାମ ସାହୁ, ପରିଚାଳନା କମିଟି ସଭାପତି ସୋନିଆ ମୁଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ଦିଗରେ ବିଭିନ୍ନ ପରାମର୍ଶ ଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏ ଅବସରରେ ବାଲ୍ୟ ବିବାହ ରୋକିବାକୁ ସିଡିପିଓ ଶ୍ରୀମତୀ ଟୁଡୁ ସଚେତନତା କରାଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ପ୍ରଜ୍ଞାପରମିତା ପଣ୍ଡା, ଦେବେନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ବେହେରା, କୌଶିକ ଦାସ, ରାନୁକିଶୋରୀ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ପାର୍କ ଓ ହଲ୍‌ରେ କଟିଲା ପ୍ରେମ ସପ୍ତାହରେ ପ୍ରଥମ ଦିନ

ଆଜି ପ୍ରପୋଜ୍ ଡେ'



ଭୁବନେଶ୍ୱର, ୭।୨(ସମିସ): ଆରମ୍ଭ ହୋଇଛି ପ୍ରେମ ସପ୍ତାହ। ପ୍ରେମ ସପ୍ତାହର ପ୍ରଥମ ଦିନକୁ ରୋଜ୍ ଡେ' ବା ଗୋଲାପ ଦିବସ ଭାବେ ପାଳନ କରିଛନ୍ତି ଯୁବପିଢ଼ି। ଏଥିପାଇଁ ସକାଳୁ ସକାଳୁ ବିଭିନ୍ନ ଫୁଲ ଦୋକାନରେ ଦେଖିବାକୁ ମିଳିଥିଲା ଭିଡ଼। କେବଳ ଯୁବପିଢ଼ି ନୁହଁନ୍ତି ବରଂ ବିବାହିତ ଦମ୍ପତି ନିଜ ମନର ମଣିଷକୁ ପ୍ରେମର ପ୍ରତୀକ ଭାବରେ ଗୋଲାପ ଦେଇଛନ୍ତି। ଚଳିତ ବର୍ଷ ରାଜଧାନୀର ବିଭିନ୍ନ ଫୁଲ ଦୋକାନରେ ଭଳିକିଭଳି ଗୋଲାପ ଦେଖିବାକୁ ମିଳିଥିଲା। ପ୍ରେମ ସପ୍ତାହର ପ୍ରଥମ ଦିନ ରାଜଧାନୀର ବିଭିନ୍ନ ପାର୍କ ଓ ସିନେମା ହଲ୍‌ରେ ପ୍ରେମୀଯୁଗଳଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପ୍ରେକ୍ଷାଳୟରେ ପ୍ରାୟ ସମସ୍ତ ସ୍ଲଟ୍ ହାଉସଫୁଲ ଥିବା ଜଣାପଡ଼ିଛି। ଏହାସହିତ ସପିଂ ମଲରେ ମଧ୍ୟ ପ୍ରେମୀଯୁଗୋଳଙ୍କୁ ଦେଖିବାକୁ ମିଳିଥିଲା। ଅନେକ ମନ୍ଦିରରେ ଠାକୁରଙ୍କ ଚରଣ ତଳେ ଗୋଲାପ ଅର୍ପଣ କରିଥିଲେ।

ଭାଲେଣ୍ଟାଇନ୍ ସପ୍ତାହକୁ ସ୍ୱତନ୍ତ୍ର କରିବାକୁ କେବଳ ପ୍ରେମୀଯୁଗଳ ନୁହଁନ୍ତି ବରଂ ବିବାହିତ ଦମ୍ପତିମାନେ ମଧ୍ୟ ଏହି ସପ୍ତାହକୁ ସ୍ୱତନ୍ତ୍ର ଭାବେ ପାଳନ କରୁଥିବା ସାମାଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଛି। ଫେସବୁକ୍, ଇନଷ୍ଟା ସମେତ ହ୍ୱାଟସଆପ୍ ଷ୍ଟାଟସରେ ଅପଲୋଡ଼୍ କରି ସେଥିରେ ନିଜ ମନର ଭାବନାକୁ ବ୍ୟକ୍ତ କରିଥିବା ଦେଖିବାକୁ ମିଳିଛି। ଗୋଲାପ ଦିବସ ପାଇଁ ଗୋଲାପ ଗୋଟାକ ୩୫ରୁ ୪୦ଟଙ୍କା ରହିଥିବା ବେଳେ ଗୋଲାପ ତୋଡ଼ାର ଦାମ୍ ୨୦୦ଟଙ୍କାରୁ ଆରମ୍ଭ ହୋଇ ୧ହଜାର ଟଙ୍କା ପର୍ଯ୍ୟନ୍ତ ରହିଥିଲା। ଏଥର ଗୋଲାପ ଦିବସ ପାଇଁ ବେଙ୍ଗାଲୁରୁ, ରାୟପୁର ସମେତ ଓଡ଼ିଶାରୁ ମଧ୍ୟ ଗୋଲାପ ଆମଦାନୀ ହୋଇଥିବା ସୂଚନା ରହିଛି। ତେବେ ରୋଜ୍ ଡେ ଉପଲକ୍ଷେ ରାଜଧାନୀରେ ପ୍ରାୟ ୨୦ ହଜାରରୁ ଅଧିକ ଗୋଲାପ ବିକ୍ରି ହୋଇଥିବା ଜଣାପଡ଼ିଛି।

● ଲାବଣ୍ୟ ନାଟ୍ୟ ମହୋତ୍ସବ

## ମଞ୍ଚ କହିଲା 'ରାଜଜେମା'ର କାହାଣୀ



ଭୁବନେଶ୍ୱର, ୭।୨(ସମିସ): ଚିତ୍ରଶିଳ୍ପୀ ଚିତ୍ରସେନଙ୍କୁ ରାଜ୍ୟ ଚିତ୍ରଶାଳାରେ ଉଦ୍‌ଘାଟନ ହେବାକୁ ଥିବା ରାଜଜେମା ଗ୍ୟାଲେରୀରେ ତିନି ରାଜଜେମାଙ୍କ ଚିତ୍ର ଆଙ୍କିବାକୁ ଦାୟିତ୍ୱ ମିଳିଥାଏ। ବିତିଯାଏ ପନ୍ଦର ଦିନ। କିନ୍ତୁ, ଚିତ୍ର ଆଙ୍କି ପାରନ୍ତିନି ଚିତ୍ରସେନ। ଭେଟ ହୁଏ କଳ୍ପନା ସହ ଯିଏ ଚିତ୍ରସେନଙ୍କୁ ପର୍ଯ୍ୟାୟକ୍ରମେ ତିନି ରାଜଜେମା ମହାଭାରତ ଯୁଗର ମାଧବୀ, ୧୮ ଶହ ଶତାବ୍ଦୀର ମେବାର ଉଦୟପୁର ରଜାଜେମା କୃଷ୍ଣାକୁମାରୀ ଓ ଶୋଡଷ ଶତାବ୍ଦୀର ଖୋର୍ଦ୍ଧା ଗଜପତି ପୁରୁଷୋତ୍ତମଦେବଙ୍କ ଅଲିଅଳି ରାଜଜେମା ମୁକ୍ତାଦେଇଙ୍କ କଥା ଶୁଣାଏ। ପ୍ରତିଟି କାନଭାସରୁ ବାହାରି ଆସନ୍ତି ଏକ ଏକ ରାଜଜେମା ଆଉ ଚିତ୍ରସେନଙ୍କୁ ଶୁଣାନ୍ତି ନିଜ କାହାଣୀ। ଶେଷରେ କଣ୍ଟ ପୂରିଯାଏ। ମାସ ସରିଯାଏ କିନ୍ତୁ ଚିତ୍ର ଆଙ୍କି ପାରନ୍ତିନି ଚିତ୍ରସେନ୍। ଆଉ ପରାଜୟ ସ୍ୱୀକାର କରି ଫେରିଯାଆନ୍ତି। ଏହି କାହାଣୀକୁ ନେଇ ଉତ୍ତର ପୁରୁଷ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଭଞ୍ଜକଳା ମଣ୍ଡପଠାରେ ପରିବେଷିତ ହୋଇଛି ନାଟକ 'ରାଜଜେମା'। ନିଜ ପିତାଙ୍କ ସମ୍ମାନ ଓ ମାତୃଭୂମିର ମାନ ରକ୍ଷା କରିବା ପାଇଁ ବଳିଦାନ ଦେଇଥିବା ରାଜକୁମାରୀଙ୍କ ଚରିତ୍ରରେ ରୂପଶ୍ରୀ, ଇଶୁ ଓ ଦୀପ୍ତି ଅଭିନୟ କରିଛନ୍ତି। ସୁମିତ ପଣ୍ଡାଙ୍କ ଗୀତକୁ ସ୍ୱରରେ ସଜେଇ ଶୀତଲ ଗୀତ ଗାଇଛନ୍ତି। ରାଜଜେମାମାନଙ୍କ ଜଟିଳ ଓ କରୁଣ କାହାଣୀ ସାଙ୍ଗକୁ ନାଟକରେ ଲୋକଗୀତ, ବାଦ୍ୟ, ଯୁଦ୍ଧ, ଛଉର ଅପୂର୍ବ ମିଶ୍ରଣ ଦେଖିବାକୁ ମିଳିଥିଲା। ନାଟକରେ ଲକ୍ଷ୍ମୀ ନାରାୟଣ ଆଚାର୍ଯ୍ୟ, ଦେବଦତ୍ତ ପତି, ରାକେଶ, ଶତାବ୍ଦୀ, ତନ୍ମୟ, କ୍ରିଷ୍ଣା ପ୍ରମୁଖ ରହିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଓ ସହ ନିର୍ଦ୍ଦେଶନା ଗୌରବ ପାଣିଗ୍ରାହୀ ଦେଇଥିବାବେଳେ ମୂଳ ଗଳ୍ପ ଓ ନାଟ୍ୟରୂପ ଦେଇଛନ୍ତି ଗୌରହରି ଦାସ। ସେହିପରି ଚିତ୍ରନାଟ୍ୟ ଓ ସଂଳାପ ଦେବଦତ୍ତ ପତି ଦେଇଛନ୍ତି।

## ପାତ୍ରପଡ଼ା ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ



ଭୁବନେଶ୍ୱର, ୭।୨(ସମିସ): ପାତ୍ରପଡ଼ା ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପାଟ୍ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟସାଣୀ, ମୁଖ୍ୟବକ୍ତା ଭାବେ ରବୀନ୍ଦ୍ର ନାଥ ସାହୁ, ସମ୍ମାନିତ ଅତିଥି ଭାବେ ଜ୍ୟୋତିର୍ମୟୀ ସ୍ୱାଇଁ ଓ ଅତିସ କୁମାର ମାର୍ଥା ଯୋଗଦେଇ କୃତି ପ୍ରତିଯୋଗିମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଲିପିକା ଦାସ, କାହ୍ନୁ ଚରଣ ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମାନିନୀ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସରକଣା ପଞ୍ଚାୟତରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ବାଲିଅନ୍ତା, ୭।୨(ସମିସ): ସରକଣା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଚିକିତ୍ସା ଶିବର ଅନୁଷ୍ଠିତ ହୋଇଯାଇଛି। ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ, ଜୟଦେବ ହେଲଥ କେୟାର ଓ ଅଗ୍ରୱାଲ ଆଇ ହସ୍ପିଟାଲ ମିଳିତ ସହଯୋଗରେ ୨୬୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧପତ୍ର ବଣ୍ଟନ କରାଯାଇଥିଲା। ସରପଞ୍ଚ ବିଷ୍ଣୁପ୍ରିୟା ସାହୁ ଓ ପୂର୍ବତନ ସମିତି ସଭ୍ୟ ନାରାୟଣ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶିବିର ଶୁଭାରମ୍ଭ କରିଥିଲେ। ଶତାଧିକ ଲୋକଙ୍କର ଚକ୍ଷୁ ପରୀକ୍ଷା କରାଯାଇ ମାଗଣା ଚଷମା ଏବଂ ଔଷଧ ବଣ୍ଟନ କରାଯାଇଥିଲା। ସେହିପରି ମେଡିସିନ, ଅସ୍ଥିଶଲ୍ୟ, ଦନ୍ତ, ଶିଶୁ ରୋଗ, ମଧୁମେହ ଆଦି ବିଭାଗର ଡାକ୍ତର ପରାମର୍ଶ ଦେଇଥିଲେ। ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା, ଜୟଦେବ ହେଲଥ କେୟାର ଅଧ୍ୟକ୍ଷ ଡାକ୍ତର ତାପସ ରଞ୍ଜନ ଦାଶ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଡାକ୍ତର ଆରତୀ ବିଶ୍ୱାଳ, ଡାକ୍ତର ଦିଲ୍ଲୀପ ମଲ୍ଲିକ ପ୍ରମୁଖ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରଞ୍ଜିତ ରାଉତ, ସତ୍ୟଜିତ ସେଠୀ ଓ କାଜଲ ବେହେରା ସହଯୋଗ କରିଥିଲେ।

## ଶୋଭା ପକ୍ଷରୁ ଖାଉଟି ସଚେତନତା କାର୍ଯ୍ୟକ୍ରମ




ଭୁବନେଶ୍ୱର, ୭।୨(ସମିସ): ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶୋଭା (ସୋସିଆଲ ଅର୍ଗାନାଇଜେସନ ଫର୍ ଭଲ୍ୟୁଣ୍ଟାରୀ ଆକ୍ସନ) ପକ୍ଷରୁ ଖାଉଟି ସଚେତନତା କାର୍ଯ୍ୟକ୍ରମ କଣାସ ବ୍ଲକ ସିରେଇ ଗ୍ରାମ କାର୍ଯ୍ୟାଳୟ ଗୃହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ଦେବଦତ ପରିଡ଼ା, ବୈଧମାପ ବିଜ୍ଞାନ ବିଭାଗର ସହନିରୀକ୍ଷକ ପାଭ୍ଲୀନା ଜଗଦ୍ଦେବ, ପ୍ରଧାନ ଶିକ୍ଷକ ଶିଶିର କୁମାର ସାହୁ, ବୈଧମାପ ବିଜ୍ଞାନ ବିଭାଗର ସହାୟକ ଯନ୍ତ୍ରୀ ଦେବାଶିଷ ମହାପାତ୍ର ପ୍ରମୁଖ ଯୋଗ ଦେଇ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦିକା ମଣିମାଳା ସେନାପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଆଇୱାଇଡବ୍ଲ୍ୟୁଡବ୍ଲ୍ୟୁର ସମ୍ପାଦକ ଶିବ ପ୍ରସାଦ ପାଟଯୋଶୀ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଉପଲକ୍ଷେ 'ଖାଉଟି ସଚେତନତା' ଉପରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ରଚନା ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀଧର ପାଢ଼ୀ, ଦୀନବନ୍ଧୁ ବସ୍ତିଆ, ସାଗରିକା ଚିନ୍ନରା, ସ୍ଥାନୀୟ ୱାର୍ଡମେମ୍ବର ଏବଂ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ।

## ସ୍ୱର ସାମ୍ରାଜ୍ଞୀଙ୍କୁ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି

■ ସିନେକ୍ରିଟିକ୍‌ର 'ଲତା ନାଇଟ୍-୨୦୨୬'
■ ଲତା ଥିଲେ ସଙ୍ଗୀତର କାଳଜୟୀ ସ୍ରଷ୍ଟା

ଭୁବନେଶ୍ୱର, ୭।୨(ସମିସ): ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶା ସିନେକ୍ରିଟିକ ଆସୋସିଏସନ, ସଂସ୍କୃତି ଓ ସଂସ୍କୃତି ଏବଂ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଭାରତର ଅଗ୍ରଗଣ୍ୟ କଣ୍ଠଶିଳ୍ପୀ, ସ୍ୱର ସାମ୍ରାଜ୍ଞୀ ଭାରତରତ୍ନ ଲତା ମଙ୍ଗେସକରଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ଅବସରରେ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି 'ଲତା ନାଇଟ୍-୨୦୨୬'। କାର୍ଯ୍ୟକ୍ରମରେ ସ୍ୱର ସାମ୍ରାଜ୍ଞୀଙ୍କର ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ମହାବୋଧି ସୋସାଇଟିର ସମ୍ପାଦକ ଡ. ସୌରେନ୍ଦ୍ର କୁମାର ମହାପାତ୍ର, କାଦମ୍ବିନୀ ସମ୍ପାଦିକା ଡ. ଇତି ସାମନ୍ତ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ସ୍ୱର ସାମ୍ରାଜ୍ଞୀ ଲତାଙ୍କ ସଙ୍ଗୀତ ଯୁଗେ ଯୁଗେ କାଳଜୟୀ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୨୦୨୬ ବର୍ଷ ପାଇଁ କଣ୍ଠଶିଳ୍ପୀ ଶର୍ମିଳା ସିଂଙ୍କୁ 'ଲତା ସମ୍ମାନ'ରେ ସମ୍ମାନିତ କରାଯାଇଥିଲା ଓ କଳା ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ବେହେରାଙ୍କୁ ମଞ୍ଚ ସଜ୍ଜା ନିମନ୍ତେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଲତା ନାଇଟ୍ ସଙ୍ଗୀତ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଶୈଳଭାମା, ଅଦ୍ୟାଶା ଦାସ, ଛନ୍ଦା ମିଶ୍ର, ପ୍ରୀତିନନ୍ଦା, ପ୍ରତିଭା ପ୍ରଧାନ, କୁମାର ବିଷ୍ଣୁ, ରୀତିକା ରିମ୍‌ଝିମ୍, ସିଦ୍ଧାନ୍ତ ଶତପଥୀ, ଆଶିଷ ଦତ୍ତ, ଦେବାଂଶୀ ନାୟକ, ତମନ୍ନା ତ୍ରିପାଠୀ ଓ ରୁଦ୍ରାଂଶୁ ପ୍ରମୁଖ ଲତାଙ୍କ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିଥିଲେ। ଭାଓଲିନ୍ ବାଦକ ରାକେଶ ବିଶ୍ୱାଳ ଭାଓଲିନ୍ ମାଧ୍ୟମରେ ଲତାଙ୍କ ସଙ୍ଗୀତର ସ୍ୱର ବାଦନ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସଭାପତି ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ତଥା ସିନେ ସମୀକ୍ଷକ ଦିଲ୍ଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଗୁଲ୍‌ସନ ନଦୀମ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନ ପକ୍ଷରୁ ସର୍ବଶ୍ରୀ ରୁଦ୍ର ପ୍ରସାଦ ମହାନ୍ତି, ଲୁଟୁ ମହାନ୍ତି, ରବୀନ୍ଦ୍ର ବିଶ୍ୱାଳ, ଡ. ତନ୍ମୟ ସ୍ୱାଇଁ, ମଣ୍ଟୁ ସିଂହ ପ୍ରମୁଖ ପରିଚାଳନା କରିଥିଲେ।

## ୭ ଜଣଙ୍କୁ ମିଳିବ ସାରସ୍ୱତ ସରଗଶଶୀ ସମ୍ମାନ

ଭୁବନେଶ୍ୱର, ୭।୨(ସମିସ): ସରଗଶଶୀ (ଶିଶୁ -କିଶୋର ସାହିତ୍ୟ ପତ୍ରିକ) ତରଫରୁ ଶିଶୁ -ସାହିତ୍ୟ ତଥା ଅନ୍ୟ ବିଦଗ୍ଧ ସାହିତ୍ୟ କ୍ଷେତ୍ରରେ ଲେଖନୀ ଚାଳନା କରି ଉଲ୍ଲେଖନୀୟ କୃତି ହାସଲ କରିଥିବା ମୂର୍ଦ୍ଧନ୍ୟ ରାଜ୍ୟସ୍ତରୀୟ ସାତଜଣ ସ୍ରଷ୍ଟାଙ୍କୁ ସମ୍ମାନିତ କରାଯିବ। ଏହିକ୍ରମରେ ଜୟକୃଷ୍ଣ ସାହୁଙ୍କୁ ସ୍ନେହସୁଧା ଶିଶୁ ସାହିତ୍ୟ ସମ୍ମାନ, ଅଧ୍ୟାପକ ଶରତ କୁମାର ଦାସଙ୍କୁ ସରଗଶଶୀ ଶିଶୁ ସାହିତ୍ୟ ସମ୍ମାନ, ନୀଳମଣି ଚାନ୍ଦଙ୍କୁ ଚିତ୍ତରଞ୍ଜନ ପଟ୍ଟନାୟକ ସ୍ମୃତି ଶିଶୁ ସାହିତ୍ୟ ସମ୍ମାନ, ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ ରବୀନ୍ଦ୍ର ବିଶ୍ୱାଳ ସ୍ମୃତି ଶିଶୁ ସାହିତ୍ୟ ସମ୍ମାନ, ନିରଞ୍ଜନ ସାହୁଙ୍କୁ ପଣ୍ଡିତ ଆର୍ତ୍ତତ୍ରାଣ ଦାଶ କବିତା ସମ୍ମାନ, କମଳିନୀ ମଲ୍ଲିକଙ୍କୁ ବିଜୟା ଶିଶୁ ସାହିତ୍ୟ ସମ୍ମାନ ଓ ସାରସ୍ୱତ ସାଧିକା ବେବିଲତା ଶତପଥୀଙ୍କୁ ଉତ୍କଳ ଭାରତୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯିବ। ଚଳିତ ଫେବୃଆରୀ ମାସ ୨୨ତାରିଖରେ ଭୁବନେଶ୍ୱରସ୍ଥ ଗୀତଗୋବିନ୍ଦ ସଦନ ପ୍ରେକ୍ଷାଳୟରେ ପ୍ରଦାନ କରାଯିବ। ଉକ୍ତ ଉତ୍ସବରେ ପ୍ରଖ୍ୟାତ ସାହିତ୍ୟିକ ପ୍ରଫେସର ମହେଶ୍ୱର ମହାନ୍ତି ପ୍ରଫେସର ଦାଶ ବେନହୁର, ଡକ୍ଟର ନରେନ୍ଦ୍ର ପ୍ରସାଦ ଦାସ, ଡକ୍ଟର ସୁନମଣି ରାଉତ, ଡକ୍ଟର ବିଜୟା ପାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉକ୍ତ ଉତ୍ସବରେ ରାଜ୍ୟର ଶତାଧିକ ଲେଖକ ଯୋଗଦେଇ କବିତା ପଠନ କରିବେ ବୋଲି ସମ୍ପାଦକ ପ୍ରଶାନ୍ତ କୁମାର ଦାଶ ଜଣାଇଛନ୍ତି।

## ଗାନ୍ଧିବାଦୀ ଡ. ସୁବାରାଓଙ୍କ ଜୟନ୍ତୀରେ ରକ୍ତଦାନ ଶିବିର

ଭୁବନେଶ୍ୱର, ୭।୨(ସମିସ): ଗାନ୍ଧିବାଦୀ ଓ ସର୍ବୋଦୟ ନେତା ଡ. ଏସ୍‌ଏନ୍ ସୁବାରାଓଙ୍କ ୯୭ତମ ଜୟନ୍ତୀ ଅବସରରେ ରାଜଧାନୀ ଡାକ୍ତରଖାନା ରକ୍ତ କେନ୍ଦ୍ର ପରିସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ଏହି ଶିବିରକୁ ଡ. ଅରୁନ୍ଧତୀ ଦେବୀ ଉଦ୍‌ଘାଟନ କରିଥିଲେ। ଜାତୀୟ ଯୁବ ପ୍ରକଳ୍ପ ଓଡ଼ିଶା ସଭାପତି ସୂର୍ଯ୍ୟ ରଥ, ଅହିଂସା ବିଚାର ଫାଉଣ୍ଡେସନର ଅଧ୍ୟକ୍ଷ ସୋମ, ଆଦର୍ଶ କୁମାର ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରୁ ୨୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବିଭୂତି ଭୂଷଣ ସାହୁ, ସଞ୍ଜୟ ନାୟକ, ଚନ୍ଦ୍ରକାନ୍ତ ଭୋଇ, ଶଶିକାନ୍ତ ବେହେରା, ପ୍ରଜ୍ଞା ଦାସ, ସୁମିରନ୍ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଧଉଳି-କଳିଙ୍ଗ ମହୋତ୍ସବ
## ଦ୍ୱିତୀୟ ସନ୍ଧ୍ୟାରେ ଓଡ଼ିଶୀ, ଭାରତନାଟ୍ୟମ ଓ ଛଉ



ଧଉଳି/ଭୁବନେଶ୍ୱର, ୭।୨(ସମିସ):ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡେମୀ ଏବଂ ଆର୍ଟ ଭିଜନ୍ ଦ୍ୱାରା ଆୟୋଜିତ ୨୨ତମ ଧଉଳି କଳିଙ୍ଗ ମହୋତ୍ସବର ଆଜିଥିଲା ଦ୍ୱିତୀୟ ଦିନ। ସନ୍ଧ୍ୟାର ପ୍ରଥମ ପ୍ରସ୍ତୁତିରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ସେମାନଙ୍କ ପ୍ରସ୍ତୁତିରେ ଥିଲା ଶକ୍ତି। ନୃତ୍ୟକୁ ଗୁରୁ ଲିଙ୍ଗରାଜ ପ୍ରଧାନ ଏବଂ ଗୁରୁ ପଙ୍କଜ କୁମାର ପ୍ରଧାନଙ୍କ ଦ୍ୱାରା ନୃତ୍ୟ ସଂରଚିତ ଏବଂ ଗୁରୁ ଡ. ବିଜୟ କୁମାର ଜେନା ସଙ୍ଗୀତ ସଂଯୋଜନା କରାଯାଇଥିବା ବେଳେ ଗୁରୁ ବିଜୟ କୁମାର ବାରିକ ବାଦ୍ୟ ସଂଯୋଜନା କରିଛନ୍ତି। ସନ୍ଧ୍ୟାର ଦ୍ୱିତୀୟ ଉପସ୍ଥାପନାରେ ଗୁଜରାଟର ଅରୂପା ଲାହିରୀ ଏବଂ ସାଥିଙ୍କ ଦ୍ୱାରା ଭାରତନାଟ୍ୟମ୍ ନୃତ୍ୟ ଏବଂ ଶେଷ ଉପସ୍ଥାପନାରେ ଥିଲା ମୟୂରଭଞ୍ଜର ନିଚୁଆପଡ଼ା ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନର ପ୍ରତିଷ୍ଠାତା ହରିପଦ ମହାନ୍ତ ଏବଂ ସାଥିଙ୍କ ଦ୍ୱାରା ମୟୂରଭଞ୍ଜ ଛଉ ନୃତ୍ୟ। ସେମାନେ ହିନ୍ଦୁ ଦର୍ଶନରେ ମନମୋହକ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଭାବରେ ଭାରତର ପୂର୍ବତନ ମୁଖ୍ୟ ସୂଚନା ଆୟୁକ୍ତ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସଭାପତି ସତ୍ୟାନନ୍ଦ ମିଶ୍ର, ସେଲ୍‌ଫ ବୋର୍ଡର ସ୍ୱାଧୀନ ନିର୍ଦ୍ଦେଶକ ଏବଂ ଓଡ଼ିଶାରେ ଶିକ୍ଷକଙ୍କ ଦାବିକୁ ସମାଧାନ କରୁଥିବା ରାଜ୍ୟସ୍ତରୀୟ ପ୍ୟାନେଲର ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ, ନାଲକୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ, ଚଳଚ୍ଚିତ୍ର ବ୍ୟକ୍ତିତ୍ୱ ରାମଜୀ ନଟରାଜନ୍, ସଂସ୍କୃତି ବିଭାଗର ଉପନିର୍ଦ୍ଦେଶିକା ସୁଚିସ୍ମିତା ମନ୍ତ୍ରୀ, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଗୁରୁ ଡ. ଅରୁଣା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ ଏବଂ ଡକ୍ଟର ନାଜିଆ ଆଲାମ୍।

## ଯାଁଳା ପଞ୍ଚାୟତରେ କିଶୋରୀ ମେଳା



ଯାଁଳା, ୭।୨(ସମିସ): ଜଟଣୀ ବ୍ଲକ ଯାଁଳା ଓ ମଦନପୁର ପଞ୍ଚାୟତର କିଶୋରୀମାନଙ୍କୁ ନେଇ ଯାଁଳା ପଞ୍ଚାୟତ କାର୍ଯ୍ୟାଳୟରେ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ କିଶୋରୀମାନଙ୍କର ବିଭିନ୍ନ ପ୍ରକାର ପ୍ରତିଯୋଗିତା କରି ପୁରସ୍କୃତ କରାଯାଇଛି। କିଶୋରୀମାନଙ୍କ ଉପରେ ବାଲ୍ୟ ବିବାହକୁ ନା ଉପରେ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଝୋଟି, ବିଭିନ୍ନ ପ୍ରକାର ଫଳ, ପନିପରିବା, ଶସ୍ୟ ଜାତୀୟ ଖାଦ୍ୟ ଓ ପିଠା ଆଦି ଷ୍ଟଲପଡ଼ିଥିଲା। ସୁପରଭାଇଜର ସୁବାସିନୀ ଦାସ ଓ ସରପଞ୍ଚ ଶ୍ରଦ୍ଧାଞ୍ଜଳି ବେହେରା, ସହଯୋଗୀ ସୁଶାନ୍ତ ବେହେରା, ଅଙ୍ଗନବାଡି କର୍ମୀ କଳ୍ପନା, ମାନସୀ, ପ୍ରତିଭା, ଇତିଶ୍ରୀ, ସଙ୍ଗୀତା, ଲିତା, ମୈତ୍ରୀ, ସୁନିତା, ମୋହିନି, ଗ୍ରୀତା, ମଗିଲତା, ନିରୂପମା, ପିଙ୍କି, ସାଗରିକା, ସଞ୍ଜୁ, ସତ୍ୟଭମା, ସୁଚି, ପ୍ରତିମା ଏ. ପ୍ରତିମା ବି ଆଦି କର୍ମୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ଉଦ୍‌ଘାଟିତ

## ଆକର୍ଷଣରେ ଶାନ୍ତିସ୍ତୂପ ଥିମ୍ ପାଭିଲିୟନ



ଭୁବନେଶ୍ୱର, ୭।୨(ସମିସ): ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ୟୁନିଟ୍-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆରମ୍ଭ ହୋଇଛି। ଏହି ମେଳାକୁ ଆନୁଷ୍ଠାନିକ ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଉଦ୍‌ଘାଟନ କରିଛନ୍ତି।

କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିସନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ମଧ୍ୟ ଉପସ୍ଥିତ ଥିଲେ। ଏହି ମେଳା ୨୨ ଫେବୃଆରୀ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ୧୧ରୁ ରାତି ୯.୩୦ ପର୍ଯ୍ୟନ୍ତ ମେଳା ଖୋଲାରହିବ। ଚଳିତଥର ମୋଟ୍ ୮୦ଟି ଷ୍ଟଲ୍ ଖୋଲାଯାଇଛି। ଓଡ଼ିଶାର ୫୦ଟି ପ୍ରାଥମିକ ବୁଣାକାର ସମବାୟ ସମିତି, ଗୋପାଳପୁର ଟାଟା ଅନ୍ତରନ ସମେତ ବୟନିକା, ଉତ୍କଳିକା, ସମ୍ବଲପୁରୀ ବସ୍ତ୍ରାଳୟ ଏବଂ ରେଶମ ଓଡ଼ିଶା ଏଥିରେ ଅଂଶଗ୍ରହଣ କରିଛନ୍ତି। ଏହା ବ୍ୟତୀତ ରାଜ୍ୟ ବାହାରୁ ୨୦ ଜଣ ତଥା ଉତ୍ତରପ୍ରଦେଶ, ଜମ୍ମୁ-କାଶ୍ମୀର, ରାଜସ୍ଥାନ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ହରିୟାଣା, ତାମିଲନାଡୁର ବୁଣାକାର ଏଥିରେ ସାମିଲ ଅଛନ୍ତି। ଏହି ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ଥିମ୍ ପାଭିଲିୟନ, ଯାହା ଧଉଳି ଶାନ୍ତିସ୍ତୁପ ଥିମ୍ ଉପରେ ନିର୍ମାଣ କରାଯାଇଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳର ବୟନବସ୍ତ୍ର ଯଥା: ସମ୍ବଲପୁରୀ ଇକ୍କତ, ସୋନପୁରୀ, ବମକାଇ, ଖଣ୍ଡୁଆପାଟ, ମାଣିଆବନ୍ଧି, କୋଟପାଡ୍ ଆଦି ଉପଲବ୍ଧ ହେବ। ଉଦଘାଟନୀ ସନ୍ଧ୍ୟାରେ ବୟନିକାର ପରିଚାଳନା ନିର୍ଦ୍ଦେଶକ ନିବେଦିତା ପୃଷ୍ଟି, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଖଦି ମହୋତ୍ସବରେ ବଞ୍ଜାର କ୍ରାଫ୍ଟ



ଭୁବନେଶ୍ୱର, ୭।୨(ସମିସ): ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ ସୂକ୍ଷ୍ମ, ଲଘୁ ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ହେଉଛି ଖଦି ମହୋତ୍ସବ ୨୦୨୬। ଏହି ମହୋତ୍ସବ ଫେବୃଆରି ୧୪ ତାରିଖ ଯାଏଁ ଥିବାବେଳେ ଏଥିରେ ବିଭିନ୍ନ ରାଜ୍ୟରୁ ଖଦି, ଗ୍ରାମୋଦ୍ୟୋଗ ଏବଂ ପିଏମଇଜିପି ୟୁନିଟ୍‌ରୁ ପାଖାପାଖି ଶହେରୁ ଅଧିକ ଷ୍ଟଲ ରହିଛି। ଏଥିରେ ଖଦି ବସ୍ତ୍ର ତିଆରି, ମାଟି ଉପକରଣର ପ୍ରସ୍ତୁତି ଭଳି ଲାଇଭ ଡେମୋନଷ୍ଟ୍ରେସନ୍ ମଧ୍ୟ ଦେଖିବାକୁ ଲୋକ ଭିଡ ଜମାଉଛନ୍ତି।

ମେଳାର ଆଉ ଏକ ଷ୍ଟଲରେ ଦେଖିବାକୁ ମିଳୁଛି ପିପିଲି ଚାନ୍ଦୁଆର ଝଲକ। ହେଲେ ତାହା ପିପିଲି ଚାନ୍ଦୁଆ ନୁହଁ ବରଂ ତେଲେଙ୍ଗାନାର ବଞ୍ଜାର କ୍ରାଫ୍ଟ। ଯାହାର କାରିଗରି ପାଖାପାଖି ପିପିଲି ଚାନ୍ଦୁଆ ଭଳି ହୋଇଥିଲେ ହେଁ ତାଠାରୁ ଟିକିଏ ଭିନ୍ନ। ତେଲେଙ୍ଗାନାରୁ ଆସିଥିବା ଦୋକାନୀ କେ. ଜ୍ୟୋତି କୁହନ୍ତି, ଏହି କାରିଗରୀ ତେଲେଙ୍ଗାନାରେ ବେଶ ପରିଚିତ। ବିଶେଷକରି ନିଜାମାବାଦ ଜିଲ୍ଲାର ମହିଳାଙ୍କ ଗ୍ରୁପ ଏହାକୁ ବିଭିନ୍ନ ଡିଜାଇନର ତିଆରି କରୁଛନ୍ତି। ଯେପରି କଏନ ପର୍ସ, ପୋଟ୍‌ଲି, ଫୋନ ପର୍ସ, ୱାଲ ହ୍ୟାଙ୍ଗିଙ୍ଗ୍, ବ୍ୟାଗ ପର୍ସ ଇତ୍ୟାଦି। ଏସବୁର ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହୋଇ ଦୁଇ ହଜାର ପର୍ଯ୍ୟନ୍ତ ରହିଛି। ଏହି ବଞ୍ଜାର କ୍ରାଫ୍ଟ ନିର୍ମିତ ପର୍ସକୁ ମହିଳାମାନେ ବେଶ ପସନ୍ଦ କରୁଛନ୍ତି।

### ଆକର୍ଷିତ କରୁଛି ୱେଷ୍ଟରୁ ନିର୍ମିତ ଉପକରଣ

ବିଭିନ୍ନ ରାଜ୍ୟରୁ ପଡ଼ିଥିବା ଷ୍ଟଲ ମଧ୍ୟରୁ ଲୋକଙ୍କୁ ଆକୃଷ୍ଟ କରୁଛି ଯୁପିର ମହାରାଜା ହସ୍ତକଳା କେନ୍ଦ୍ର ନାମକ ଷ୍ଟଲ। ଯେଉଁଠି ଘରକୁ ସଜେଇବା ପାଇଁ ଲେଦରର ବିଭିନ୍ନ ଉପକରଣ ଦେଖିବାକୁ ମିଳିଥିଲା। ମୁଖ୍ୟତ ଏଠାରେ ବିଭିନ୍ନ ପଶୁ ପକ୍ଷୀଙ୍କ ଛୋଟରୁ ବଡ ଆକୃତିର ମଡେଲ ରହିଥିଲା। ଯାହା ଦେଖିଲେ ଲେଦରରୁ ନିର୍ମିତ ବୋଲି ଲାଗିଥାଏ। ହେଲେ ଦୋକାନୀ ରାମ ଗୋପାଲ ଯାଦବ କୁହନ୍ତି, ଏହି ସବୁ ଉପକରଣକୁ ପ୍ରଥମେ ଶୁଖିଲା ଘାସରେ ଏକ ମଡେଲ ତିଆରି ହୁଏ। ପରେ ପରେ ୱେଷ୍ଟ କାର୍ଡ ବୋର୍ଡ ଏବଂ ଘର ପାଖରେ ମିଳୁଥିବା ବିଭିନ୍ନ ପ୍ରକାରର ପେଟି, କାର୍ଡକୁ ସେମାନେ ପାଣିରେ ଭିଜାଇ ମଣ୍ଡ ତିଆରି କରିଥାନ୍ତି। ଶେଷରେ ତାଉପରେ ଲେଦରର ଏକ ଆସ୍ତରଣ ଦିଆଯାଇ ତାକୁ ସଜାଯାଏ। ଏପରି କାର୍ଯ୍ୟ ସେ କାହାରିଠୁ ଶିଖି ନାହାନ୍ତି ବରଂ ମୂର୍ତ୍ତି କଳା କାର୍ଯ୍ୟରୁ ପ୍ରେରିତ ହୋଇ ଏପରି କିଛି ତିଆରି କଲେ, ଯାହା ଏବେ ସବୁଠି ଲୋକଦୃତ ମଧ୍ୟ ହେଉଛି। ଏସବୁର ମୂଲ୍ୟ ୩ ଶହରୁ ୩ ହଜାର ପର୍ଯ୍ୟନ୍ତ ରହିଛି।

### ପିଲାଙ୍କ ପସନ୍ଦ ପାଲଟିଛି ଡୋକ୍ରା ଆର୍ଟ

ଢେଙ୍କାନାଳର ଡୋକ୍ରା ଆର୍ଟ ବେଶ ପୁରୁଣା ଏବଂ ପରିଚିତ। ସେହିଭଳି ମେଳାରେ ମଧ୍ୟ ଏହାର ଏକ ଷ୍ଟଲ ରହିଛି। ଯାହା ଛୋଟ ପିଲାଙ୍କୁ ବେଶ ଆକୃଷ୍ଟ କରୁଛି। କାରଣ ଏଠାରେ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ସହ ଛୋଟ ପିଲାଙ୍କ ଖେଳନା ଭଳି ଡୋକ୍ରା ଆର୍ଟରେ ପ୍ରସ୍ତୁତ ଛୋଟ ଛୋଟ ଅଟୋରିକ୍ସା, ଘୋଡା ଗାଡି, ବଳଦ ଗାଡି, ସାଇକେଲ ଆଦି ପିଲାମାନଙ୍କୁ ଆକର୍ଷିତ କରୁଛି। ଏହା ବ୍ୟତିତ ସେଠାରେ ଟ୍ରାଇବାଲ ଆର୍ଟ, ଟ୍ରାଇବାଲ ଗହଣା ଆଦି ବିକ୍ରି ହେଉଛି। ଯାହାର ମୂଲ୍ୟ ୪ ଶହରୁ ୫ ହଜାର ପର୍ଯ୍ୟନ୍ତ ରହିଛି।

**କନକା ଗ୍ରାମରୁ ଶିଶୁ ନିଖୋଜ ଘଟଣା**

# ଦେଢ଼ମାସ ପରେ ବି ମିଳୁନି ପତ୍ତା

ହିନ୍ଦୋଳ,୭ ।୨(ସମିସ):




ହିନ୍ଦୋଳ ଉପଖଣ୍ଡରେ ଶିଶୁପୁତ୍ର ନିଖୋଜ ହେବାର ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ଏଯାଏ ପତ୍ତା ମିଳିନାହିଁ। ଦେଢ଼ ମାସ ତଳେ ହିନ୍ଦୋଳ ବ୍ଲକ ତଥା ରାସୋଳ ଥାନା ଅନ୍ତର୍ଗତ କନକା ଗ୍ରାମର ହୃଦାନନ୍ଦ ପ୍ରଧାନ କାମକୁ ଯାଇଥିବାବେଳେ ସ୍ତ୍ରୀ ବର୍ଷା ପ୍ରଧାନ ଦେଢ଼ ବର୍ଷର ଶିଶୁପୁତ୍ରକୁ ଘରେ ଛାଡ଼ି ପଛପଟ ଜଙ୍ଗଲକୁ ଛେଳି ଛାଡ଼ିବାକୁ ଯାଇଥିଲେ। ଘରେ ହୃଦାନନ୍ଦଙ୍କ ମା' କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ମାତ୍ର ୫ମିନିଟ ପରେ ବର୍ଷା ଛେଳି ଛାଡ଼ି ଆସିବା ପରେ ଘରେ ପୁଅ ନ ଥିବା ଦେଖିଥିଲେ। ଖୋଜାଖୋଜି ପରେ ପୁଅକୁ ନ ପାଇବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଗ୍ରାମରେ ପହଞ୍ଚି ଘର ନିକଟ ବିଭିନ୍ନ ସ୍ଥାନ, କୂଅ, ପୋଖରୀରେ ଖୋଜାଖୋଜି କରିବା ସତ୍ତ୍ୱେ ଶିଶୁର ସନ୍ଧାନ ମିଳି ନ ଥିଲା। ପରେ ସାଇଣ୍ଟିଫିକ ଟିମ, ସନ୍ଧାନୀ କୁକୁର ଓ ପୁଲିସ ପହଞ୍ଚି ତଦନ୍ତ କରି ଫେରିଥିଲେ। ଘଟଣାକୁ ଇତିମଧ୍ୟରେ ଦେଢ଼ ମାସ ବିତିଯାଇଥିଲେ ମଧ୍ୟ ଶିଶୁର ସନ୍ଧାନ ମିଳିପାରିନାହିଁ। ପୂର୍ବ ଶତ୍ରୁତାରୁ କେହି ଶିଶୁକୁ ଅପହରଣ କରିଛି କିମ୍ବା ବଳି ଉଦ୍ଦେଶ୍ୟରେ ଅପହରଣ କରାଯାଇଥିବା ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରାସୋଳ ଥାନାଧିକାରୀ ବିଦ୍ୟୁଭୂଷଣ ମିଶ୍ରଙ୍କୁ ଯୋଗାଯୋଗ କରିବାରେ ଶିଶୁର ସନ୍ଧାନ ପାଇଁ ସମସ୍ତ ଉଦ୍ୟମ କରାଯାଉଥିବା କହିଛନ୍ତି।

## ନବୋଦୟ ବିଦ୍ୟାଳୟରେ ପାର୍ଶ୍ୱ ଚୟନ ପରୀକ୍ଷା

ପରଜଙ୍ଗ,୭ ।୨(ସମିସ): ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଲେଷ୍ଟ ଲାଟେରାଲ ସିଲେକସନ୍ ଟେଷ୍ଟ-୨୦୨୬ ନବମ ଓ ଏକାଦଶ ଶ୍ରେଣୀ ପିଲାଙ୍କ ପାଇଁ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷା ଡ. ପ୍ରତିମା ମିଶ୍ର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ବିଦ୍ୟାର୍ଥୀଙ୍କୁ ସଫଳତାର ମନ୍ତ୍ର ଦେଇ ପରୀକ୍ଷା କକ୍ଷକୁ ପଠାଇଥିଲେ। ନବମ ଶ୍ରେଣୀ ପାଇଁ ୧୦୮ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିବା ବେଳେ ୪୧ ଜଣ ପରୀକ୍ଷା ଦେଇଥିଲେ। ସେହିପରି ଏକାଦଶ ଶ୍ରେଣୀ ପାଇଁ ୧୪୧ ଛାତ୍ରଛାତ୍ରୀ



ପଞ୍ଜୀକରଣ କରିଥିବା ବେଳେ ୫୯ ଜଣ ଉପସ୍ଥିତ ଥିଲେ। ସ୍ନାତକୋତ୍ତର ହିନ୍ଦୀ ଶିକ୍ଷକ ସୀତାରାମ ରାୟ, ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ଶିକ୍ଷକ ମୀନକେତନ ସାହୁ, ସ୍ନାତକ ବିଜ୍ଞାନ ଶିକ୍ଷକ ମୁନ୍ନା ମହାପାତ୍ର ପରୀକ୍ଷା ପରିଚାଳନା କରିଥିବା ବେଳେ ପରଜଙ୍ଗ ଏବିଇଓ ତରିଣୀ କୁମାର ସିଂହ ପର୍ଯ୍ୟବେକ୍ଷକ ଭାବେ ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ଥିଲେ।

## ଢେଙ୍କାନାଳ ଜିଲ୍ଲା ବିଜେଡି ଉପସଭାପତି ହେଲେ ହିମାଂଶୁ

କାମାକ୍ଷାନଗର,୭ ।୨(ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶୁକ୍ରବାର ସନ୍ଧ୍ୟାରେ ଦଳର ଢେଙ୍କାନାଳ ଜିଲ୍ଲା କମିଟି ଘୋଷଣା କରାଯାଇଛି। କମିଟିରେ ମୋଟ ୯ ଜଣଙ୍କ ଉପସଭାପତି, ୨୦ ସାଧାରଣ ସମ୍ପାଦକ ଓ ୧୮ ସମ୍ପାଦକ ରହିଛନ୍ତି। କାମାକ୍ଷାନଗର ଏନ୍ଏସିର ହିମାଂଶୁ ଶେଖର ମହାପାତ୍ରଙ୍କୁ ଜିଲ୍ଲା ଉପସଭାପତି ଭାବେ ନିଯୁକ୍ତ କରାଯାଇଛି। ଏଥିପାଇଁ



ହିମାଂଶୁ ଦଳ ସଭାପତି ନବୀନ ପଟ୍ଟନାୟକ, ଢେଙ୍କାନାଳ ଜିଲ୍ଲା ବିଜେଡି ସଭାପତି ଡ. ନୃସିଂହ ଚରଣ ସାହୁ ଏବଂ ଜିଲ୍ଲା ଯୁବ ବିଜେଡି ସଭାପତି ତଥା କାମାକ୍ଷାନଗର ଏନ୍ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ହିମାଂଶୁ ୨୦୦୮ରେ ୪ନଂ ୱାର୍ଡ଼ରୁ କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ପୂର୍ବରୁ କାମାକ୍ଷାନଗର ଏନଏସି ବିଜେଡି ସମ୍ପାଦକ ମଧ୍ୟ ଥିଲେ। ଏବେ ସେ କାମାକ୍ଷାନଗର ସାମ୍ବାଦିକ ସଂଘ ସଭାପତି, ନବଜ୍ୟୋତି କ୍ଲବ୍ ସମ୍ପାଦକ, ଡାଇମଣ୍ଡ କ୍ଲବ୍ ସଭାପତି ଭାବେ କାର୍ଯ୍ୟରତ ଅଛନ୍ତି। ଏକଦା ଢେଙ୍କାନାଳକୁ ବିଜେଡିର ଗଡ଼ କୁହାଯାଉଥିବା ବେଳେ ଗତ ବିଧାନସଭା ନିର୍ବାଚନରେ ୭ ବିଧାନସଭା ଆସନରୁ କେବଳ ତାଳଚେରକୁ ଛାଡ଼ିଦେଲେ ଅନ୍ୟ ୬ଟିରେ ଦଳ ପରାସ୍ତ ହୋଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳକୁ କିପରି ପୁଣି ଥରେ ବିଜୟୀ କରାଯାଇପାରିବ ସେ ନେଇ ସମସ୍ତ କର୍ମୀଙ୍କୁ ଏକଜୁଟ କରି କାମ କରିବା ଆମ ପାଇଁ ଏକ ଚ୍ୟାଲେଞ୍ଜ ହେବ ବୋଲି ହିମାଂଶୁ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଖଜୁରିଆକଟା ସ୍ୱାସ୍ଥ୍ୟକେନ୍ଦ୍ରରେ ମାଳ ମାଳ ସମସ୍ୟା

ଖଜୁରିଆକଟା,୭ ।୨(ସମିସ): ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଏ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ର ସମସ୍ୟା ସମାଧାନ କରିବାକୁ ବୈଠକରେ ଦାବି କରାଯାଇଛି।

ବ୍ଲକର ୮ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ୱାର୍ଡ଼ ମେମ୍ବର ହିନ୍ଦୋଳ ବିଧାୟିକା ସୀମାରାଣୀ ନାଏକ ଏବଂ ସରକାରଙ୍କୁ ଏକ ଅଭିଯୋଗ ପ୍ରଦାନ କରିଥିଲେ। ପରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶରେ ଏକ ଟିମ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅଭିଯୋଗ କରିଥିବା ସରପଞ୍ଚ ଏବଂ ସମିତି ସଭ୍ୟଙ୍କୁ ନେଇ ଏକ ସଭା କରିଥିଲେ। ବିଭିନ୍ନ ବିଭାଗରେ ଖାଦ୍ୟ ନଦିଆଯାଇ କେବଳ ବିସ୍କୁଟ, ପାଉଚ ପାଣି ଦେବା, ରୋଗୀମାନଙ୍କୁ କର୍ମଚାରୀମାନେ ଦୁର୍ବ୍ୟବହାର କରିବା, ସୁରକ୍ଷା କର୍ମୀମାନେ ଲୋକଙ୍କୁ ଉପଯୁକ୍ତ ବ୍ୟବହାର ନ ଦେଖାଇବା ଆଦି ଅଭିଯୋଗ ଉପରେ ଆଲୋଚନା ହୋଇଥିଲା। ମେଡିକାଲ ଇନଚାର୍ଜ ସାଗର ପ୍ରଧାନ ମେଡିକାଲରେ ଅଧିକାଂଶ ସମୟ ରହୁନାହାନ୍ତି। ରହୁଥିବା ସମୟରେ ଦବଙ୍ଗଗିରି ଦେଖାଉଛନ୍ତି ବୋଲି ପ୍ରକାଶ କରିଥିଲେ। ଯଥାଶୀଘ୍ର ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଟିମ୍‌ର ସଦସ୍ୟମାନେ ପ୍ରତିଶ୍ରୁତି ଦେଇଥିଲେ।

ସୂଚନାଯୋଗ୍ୟ, ପ୍ରତେକ ସିଏଚଓରେ ଜାତୀୟ ଟିକା କାର୍ଯ୍ୟକ୍ରମ ଓ ଭିଟାମିନ-ଇ ପିଲାଙ୍କୁ ବୁଧବାର ପ୍ରଦାନ କରାଯାଉଥିଲା। ତେବେ ଏହି କାର୍ଯ୍ୟରେ ନିୟୋଜିତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ହଠାତ କାମ ବନ୍ଦକରି ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ଫଳରେ ଶିଶୁମାନେ ଭିଟାମିନ ଓ ଟିକା ପାଇବାରୁ ବଞ୍ଚିତ ହେଲେ। ଏ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏଭଳି ହଠାତ ମେଡିକାଲ ଛାଡ଼ି ଟିକା ପ୍ରଦାନ ନ କରି ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ କାହା ନିର୍ଦ୍ଦେଶରେ ମେଡିକାଲ ଛାଡ଼ିଲେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## କିନ୍ନର ସଂଘର କ୍ୟାଣ୍ଡେଲ ଶୋଭାଯାତ୍ରା




ପରଜଙ୍ଗ,୭ ।୨(ସମିସ): ରାଜଧାନୀରେ ସଂଘଟିତ କିନ୍ନର ଅଞ୍ଜଳି ହତ୍ୟାକାଣ୍ଡ ନେଇ ଶନିବାର ସନ୍ଧ୍ୟାରେ ପରଜଙ୍ଗ ମା' ମଙ୍ଗଳା କିନ୍ନର ସଙ୍ଘ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରା ସ୍ଥାନୀୟ ବିଶ୍ୱାଳ ମାର୍କେଟରୁ ବାହାରି ପରଜଙ୍ଗ ବଜାର ପରିକ୍ରମା କରିଥିଲା। କିନ୍ନରମାନେ ଅଞ୍ଜଳିଙ୍କ ଆତ୍ମାର ସଦଗତି କାମନା କରିବା ସହ ତାଙ୍କ ହତ୍ୟାକାରୀଙ୍କୁ ଗିରଫ ଓ ପରିବାରରୁ ଦଶଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ ଦାବି କରିଥିଲେ। ଏଥିସହ କିନ୍ନରମାନଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବାକୁ ଦାବି କରିଥିଲେ। ଶୋଭାଯାତ୍ରାରେ ପରଜଙ୍ଗ, ବଡ଼ଝରା, ତାଳଚେର ଅଞ୍ଚଳର ବହୁ କିନ୍ନର ସାମିଲ ହୋଇଥିଲେ।

## ବଡ଼ପଣ୍ଡା ସାହିରେ ଅଷ୍ଟପ୍ରହର ନାମଯଜ୍ଞ

ଢେଙ୍କାନାଳ,୭ ।୨(ସମିସ): ସ୍ଥାନୀୟ ବଡ଼ପଣ୍ଡା ସାହିରେ ୩୬ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଶୁକ୍ରବାର କଳସଯାତ୍ରା କରାଯାଇ କୁଞ୍ଜରେ ରାଧାକୃଷ୍ଣ ଫଟୋଚିତ୍ର ସ୍ଥାପନ କରାଯାଇ ଅଖଣ୍ଡଦୀପ ସ୍ଥାପନ ଓ ଅଧିବାସ ପୂଜା ହୋଇଥିଲା। ଶନିବାର ଆଖପାଖ ଅଞ୍ଚଳର ୧୨ ଦଳ ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ



କରିଥିଲେ। ସନ୍ଧ୍ୟା ଆଳତି ସହି କୁଞ୍ଜରେ ବିଭିନ୍ନ ଭୋଗ ଲାଗି କରାଯାଇଥିଲା। ସନ୍ଧ୍ୟାରେ ଭକ୍ତମାନେ ପ୍ରସାଦସେବନ କରିଥିଲେ। ଆସନ୍ତା ୮ ତାରିଖ ବୈଠକ କୀର୍ତ୍ତନ, ନଗର ଭ୍ରମଣ ଓ ଦଧିହାଣ୍ଡି ଭଗ୍ନ ଅନୁଷ୍ଠିତ ହେବ। ପୂଜକ ରଘୁନାଥ ଦାସ, କର୍ତ୍ତା ଯଶୋବନ୍ତ ଦାସ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

## ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ

ଭୁବନ,୭ ।୨(ସମିସ): ଭୁବନ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ 'ଡାଇନା ଫେଷ୍ଟ' ଅନୁଷ୍ଠିତ ହୋଛି। ଅଧ୍ୟକ୍ଷା ରଶ୍ମିପ୍ରଭା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ମୁଖ୍ୟବକ୍ତା ଭାବେ ମାତୃପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ଭାବେ ଭୁବନ ପଞ୍ଚାୟତ ସମିତି ଅଧ୍ୟକ୍ଷା ସିପ୍ରା ବରାଳ, ଭାରପ୍ରାପ୍ତ ଭୁବନ ଏନ୍ଏସି ଅଧ୍ୟକ୍ଷା ମାନିନୀ ସାହୁ, ଭୁବନ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ, ଏକତାଳି ସରପଞ୍ଚ ଝିଲ୍ଲିପ୍ରଭା ବେହେରା ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନୋଡାଲ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗଦେଇ ଆଦର୍ଶ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

## କୁଞ୍ଜକାନ୍ତରେ ଭାଗବତ ପାରାୟଣ

ଢେଙ୍କାନାଳ,୭ ।୨(ସମିସ): ଢେଙ୍କାନାଳ ସହରସ୍ଥିତ କୁଞ୍ଜକାନ୍ତଠାରେ ୩୯ତମ କୁଞ୍ଜକାନ୍ତ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଫେବୃଆରୀ ୩ ତାରିଖରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ପୁରୀ ଚନ୍ଦନପୁରର ପଣ୍ଡିତ ବସନ୍ତ କୁମାର ପଣ୍ଡା ପ୍ରବଚନ ଦେଉଛନ୍ତି। ପ୍ରତିଦିନ ସନ୍ଧ୍ୟା ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପ୍ରବଚନ କାର୍ଯ୍ୟକ୍ରମ ଚାଲୁଛି। ୧୦ ତାରିଖ ଅପରାହ୍ନରେ ପୂର୍ଣ୍ଣାହୁତି



ଅନୁଷ୍ଠିତ ହେବ। ରାତି ୮ଟାରେ ପ୍ରସାଦସେବନ ବ୍ୟବସ୍ଥା ରହିଛି। ସଭାପତି ନବକିଶୋର ବିଶ୍ୱାଳ, ଉପ-ସଭାପତି ଶରତ କୁମାର ଦାସ, ସମ୍ପାଦକ ସର୍ବେଶ୍ୱର ବିଶ୍ୱାଳ, କୋଷାଧ୍ୟକ୍ଷ ଉମେଶ କୁମାର ମିଶ୍ର, ବରିଷ୍ଠ ସଦସ୍ୟ ଅପର୍ତ୍ତି ନାୟକ, ଶ୍ୟାମସୁନ୍ଦର ରଣା, ଭବାନୀ ଶଙ୍କର ତ୍ରିପାଠୀ ଓ ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରୁଛନ୍ତି।

## ବ୍ଲକ ବିଜେଡି ସଭାପତିଙ୍କ ବିୟୋଗରେ ଶୋକ




ଗଁଦିଆ,୭ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନାଙ୍କ ଅକାଳ ବିୟୋଗେରେ ଶନିବାର ସର୍ବଦଳୀୟ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ଗଁଦିଆ ଆଞ୍ଚଳିକ ବିକାଶ ମଞ୍ଚ ଆବାହକ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ଗଁଦିଆ ଗ୍ରାମ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ବିଚାରପତି ଭିକାରୀ ଚରଣ ରାଉତ, ପୂର୍ବତନ ସରପଞ୍ଚ ମଙ୍ଗରାଜ ବାରିକି, ଅବସରପ୍ରାପ୍ତ ରେଞ୍ଜର ଉପେନ୍ଦ୍ର ବେହେରା, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ସନ୍ଦୀପ ଷଡ଼ଙ୍ଗୀ, ଡ. ଶାନ୍ତିଭୂଷଣ ପଣ୍ଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ମହାନ୍ତି, କୁନିଲତା ଦେହୁରୀ, ଭୁବନ ଏନ୍ଏସିର ପୂର୍ବତନ ଅଧ୍ୟକ୍ଷ ଶୁଭେନ୍ଦୁ ସାହୁ, ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ରଥ, ସାମ୍ବାଦିକ ଶିଶିର କୁମାର ଶତପଥୀ, ଗଁଦିଆ ବାର୍ ସଭାପତି ପ୍ରଦୀପ କୁମାର ସାହୁ, ସରପଞ୍ଚ ପ୍ରଦୀପ କୁମାର ରାଉତ, ବିଜୟ କୁମାର ଦେହୁରୀ, ଗୌତମ ପ୍ରଧାନ, ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ସମୀର କୁମାର ସାହୁ, ସମାଜସେବୀ ତାପସ କୁମାର ରାଉତ, ସମିତି ସଭ୍ୟ ବଳରାମ ପରିଡ଼ା, ପବିତ୍ର କୁମାର ସାହୁ, ଜିଲ୍ଲା କଂଗ୍ରେସ ଉପ ସଭାପତି ଡମ୍ବରୁଧର ସେଠୀ, ଥିଙ୍କର୍ସ ଫୋରମ ସଭାପତି ସୁବ୍ରତ କୁମାର ସାହୁ, ବରିଷ୍ଠ ନାଗରିକ ଖଗେଶ୍ୱର ମହାନ୍ତି, ସଚ୍ଚିଦାନନ୍ଦ ବେହେରା, ନୀଳାମ୍ବର ସାହୁଙ୍କ ସମେତ ବହୁ ପ୍ରାଥମିକ କୃଷି ସମବାୟ ସମିତିର ସଭାପତି, ପୂର୍ବତନ ସରପଞ୍ଚ, ସମିତି ସଭ୍ୟ ଯୋଗଦେଇ ବିଶ୍ୱନାଥଙ୍କ ସ୍ମୃତିଚାରଣ କରିଥିଲେ।

## ଅଭିଯୋଗ ଶୁଣିଲେ ସାଂସଦ

ଢେଙ୍କାନାଳ,୭ ।୨(ସମିସ): ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଶନିବାର ସଂସଦ ଅଧିବେଶନରୁ ଫେରିବା ସମୟରେ ହିନ୍ଦୋଳଠାରେ ସ୍ଥାନୀୟ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଶୁଣି ତାହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଗତ ପଞ୍ଚାୟତ ନିର୍ବାଚନେର ହାତୁରା ଜୋନରୁ ଦଳୀୟ ପ୍ରାର୍ଥୀ ହୋଇଥିବା ନରେନ୍ଦ୍ର ଗଡ଼ନାୟକଙ୍କ ପିତୃବିୟୋଗ ହୋଇଥିବା ବେଳେ ସାଂସଦ ପାଣି ନରେନ୍ଦ୍ରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ପଞ୍ଚାୟତର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ସମସ୍ୟା ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

## ସାଧାରଣ ଧର୍ମଘଟ ସଫଳ କରିବାକୁ ଆହ୍ୱାନ

ଢେଙ୍କାନାଳ,୭ ।୨(ସମିସ): ଢେଙ୍କାନାଳ ମେହେନ୍ତର ସଂଗଠନ କାର୍ଯ୍ୟାଳୟରେ କେନ୍ଦ୍ରୀୟ ଶ୍ରମିକ ସଂଘ ସ୍ୱାଧୀନ ଫେଡେରେସନ୍ ଆହ୍ୱାନରେ ଶ୍ରୀନିବାସ ସାହୁଙ୍କ ସଭାପତିତ୍ୱରେ ଗଣ କନଭେନସନ୍ ଅନୁଷ୍ଠିତ ହୋଇଛି। ବୈଠକରେ ଆସନ୍ତା ୧୨ ତାରିଖ ହେବାକୁ ଯାଉଥିବା ସାଧାରଣ ଧର୍ମଘଟ ଉପରେ ଆଲୋଚନା ହୋଇଥିଲା। ଶ୍ରମିକ ବିରୋଧୀ ୪ଟି ଶ୍ରମକୋଡ୍ ବାତିଲ୍, ସ୍କିମ୍ ୱାର୍କରଙ୍କୁ ଶ୍ରମିକ ମାନ୍ୟତା,



ବିଦ୍ୟୁତ୍ ବିଲ୍ ସଂଶୋଧନ ଆଇନ-୨୦୨୫ ପ୍ରତ୍ୟାହାର, ସର୍ବନିମ୍ନ ମଜୁରି, କୃଷି ଶ୍ରମିକଙ୍କୁ ବର୍ଷସାରା କାମ ଯୋଗାଇଦେବା ସହ ମନରେଗା ଯୋଜନାର ମଜୁରି ୬୦୦ ଟଙ୍କାକୁ ବୃଦ୍ଧି, ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ବନ୍ଦ, ପୁରୁଣା ପେନ୍‌ସନ୍ ଲାଗୁ, ଫସଲର ଏମ୍ଏସ୍‌ପି ଲାଗୁ, ମଣ୍ଡିରେ ସୁବ୍ୟବସ୍ଥା କରିବା, ପ୍ରତି ବ୍ଲକ୍‌ରେ କୋଲ୍ଡ ଷ୍ଟୋର ପ୍ରତିଷ୍ଠା ପ୍ରଭୃତି ବିଭିନ୍ନ ଦାବି ଉପରେ ଆଲୋଚନା ହୋଇଥିଲା। ଧର୍ମଘଟରେ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, ଗାଡ଼ି ଚଳାଚଳ, ଦୋକାନ ବଜାର ବନ୍ଦ କରି ଏହାକ ସଫଳ କରିବା ପାଇଁ ଜିଲ୍ଲାବାସୀଙ୍କୁ ଆହ୍ୱାନ ଦିଆଯାଇଛି। କନ୍‌ଭେନ୍‌ସନ୍‌ରେ ସର୍ବଜ୍ଞ ସାହୁ, ହରପ୍ରିୟା ସ୍ୱାଇଁ, ରବି ରଥ, ସ୍ୱରୂପାନନ୍ଦ ଦାସ, ସରୋଜ ଶତପଥୀ, ବିନୟ କୁମାର ସାହୁ, ସମଲେଶ୍ୱରୀ ପ୍ରସାଦ ମଲ୍ଲିକ, ଅରୁଣ କୁମାର ସାହୁ, ଆଭାସୀ ଯୋଗେ ଲକ୍ଷ୍ମୀଧର ସାହୁ, ଅଯୋଧ୍ୟା ସାହୁ, କମଳା ସାହୁ ଓ ବାବୁଲି ସିଂ ପ୍ରମୁଖ ଉପସ୍ଥିତ ଥିଲେ।

**● କିନ୍ନର ଅଞ୍ଜଳି ହତ୍ୟା ଘଟଣା**

## କାମାକ୍ଷାନଗରରେ କ୍ୟାଣ୍ଡେଲ ଶୋଭାଯାତ୍ରା




କାମାକ୍ଷାନଗର,୭ ।୨(ସମିସ): ରାଜଧାନୀରେ କିଛିଦିନ ତଳେ କିନ୍ନର ଅଞ୍ଜଳିଙ୍କୁ ହତ୍ୟା କରାଯାଇଥିଲା। ଏ ନେଇ କାମାକ୍ଷାନଗର ମା' ମଙ୍ଗଳା କିନ୍ନର ସଙ୍ଘ ତରଫରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶୋଭାଯାତ୍ରା ସ୍ଥାନୀୟ ବସଷ୍ଟାଣ୍ଡଠାରୁ ବାହାରି ସହର ପରିକ୍ରମା କରିଥିଲା। କିନ୍ନରମାନେ ଅଞ୍ଜଳିଙ୍କ ଆତ୍ମାର ସଦଗତି କାମନା କରିବା ସହ ହତ୍ୟାକାରୀଙ୍କୁ ଗିରଫ ଓ ପରିବାରକୁ ସରକାରଙ୍କ ତରଫରୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଦାବି କରିଥିଲେ। ସରକାର କିନ୍ନରମାନଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ କରିବାକୁ ଦାବି କରିଥିଲେ। ଶୋଭାଯାତ୍ରାରେ କାମାକ୍ଷାନଗର, ପରଜଙ୍ଗ, ଭୁବନ ଓ କଙ୍କଡ଼ାହାଡ଼ ଅଞ୍ଚଳର ବହୁ କିନ୍ନର ସାମିଲ ରହିଥିଲେ।

## ଅନଳ ହାଇସ୍କୁଲର ବାର୍ଷିକ ଉତ୍ସବ



ଭୁବନ,୭ ।୨(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ଅନଳ ଶ୍ରୀ ମା' ଶ୍ରୀ ଅରବିନ୍ଦ ହାଇସ୍କୁଲର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମନସ୍ମିତା ମହାଖୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବନମାଳୀ ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଗାୟତ୍ରୀ ପାତ୍ର ଯୋଗଦେଇଥିଲେ। କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି। ବିଦ୍ୟାର୍ଥୀମାନେ ଏହାକୁ ଅନୁପାଳନ କଲେ ଉଚ୍ଚ ସୋପାନକୁ ଉଠିପାରିବେ ବୋଲି ଅତିଥିମାନେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ରେମଶ ଚନ୍ଦ୍ର ସାହୁ, ସରପଞ୍ଚ ଶ୍ରୀନିବାସ ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀଧର ପୃଷ୍ଟି ଉପସ୍ଥିତ ଥିଲେ। ପ୍ରିୟବ୍ରତ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ଋତୁରାଜ ବେହେରା ଧନ୍ୟବାଦ ଦେଇଥିଲେ। ପୁଷ୍ପାଞ୍ଜଳି ବେହେରା, କାମିନୀ କାଞ୍ଚନ ଦେହୁରୀ, ଡକୁ ଦେଓଗମ, ରମା ସେନାପତି, ମଧୁସୂଦନ ନାୟକ ସହଯୋଗ କରିଥିଲେ। ବାର୍ଷିକ କ୍ରୀଡ଼ା ବାଳକ ବର୍ଗରେ ଚାମ୍ପିଅନ ହୋଇଥିବା ବାଦଲ କାଣ୍ଡି ଓ ବାଳିକାରେ କାପୁରା ମୁଣ୍ଡାଙ୍କୁ ଅତିଥି ପୁରସ୍କୃତ କରିଥିଲେ।

# ଓପିଏସ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଜୁରିଆକଟା,୭ ।୨(ସମିସ):

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳରୋଡ୍‌ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉପଜିଲ୍ଲାପାଳ ବିବୁଧ ଗଡ଼ନାୟକ, ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବଦ୍ୟାଳୟ ସମ୍ବାଦ ଓ ଗଣଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ଡ. ଦେବୀଲାଲ ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ତନ୍ମୟସୀ ମହାପାତ୍ର ଯୋଗଦେଇଥିଲେ। ମୁଖ୍ୟଅତିଥି ଗଡ଼ନାୟକ ସମୃଦ୍ଧ ଭାରତ ଗଠନ ପାଇଁ ଶିକ୍ଷା ଏକ ମୁଖ୍ୟ ଉପାଦାନ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ତନ୍ମୟସୀ ମହାପାତ୍ର



ମହାବିଦ୍ୟାଳୟର ଉତ୍ତମ ଶୈକ୍ଷିକ ପରିବେଶ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ମାଣ ପାଇଁ ସହାୟକ ହୋଇଥାଏ ବୋଲି କହିଥିଲେ। ସଭାପତି ଡ. ପ୍ରଧାନ ସମୃଦ୍ଧ ଓ ବିକଶିତ ଭାରତ ଗଠନରେ ଛାତ୍ରଛାତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଡ. ମିଶ୍ର ଶିକ୍ଷା ଓ ପ୍ରତିଭା ମଣିଷକୁ ମାର୍ଜିତ କରି ବିଶ୍ୱ ଦରବାରରେ ପରିଚିତ କରାଏ ବୋଲି ଉଦବୋଧନ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟର ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। +୨ ସାଂସ୍କୃତିକ ବିଭାଗରେ ସୌମ୍ୟରଞ୍ଜନ ନାୟକ ଓ +୩ ସାଂସ୍କୃତିକ ବିଭାଗରେ ସତଫା ବେହେରା ଚାମ୍ପିଅନ ହୋଇଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ଓ ଅଧ୍ୟାପକ ଡ. ଦେବାନନ୍ଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ମନୋଜ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଡ. ଦେବାନନ୍ଦ ଦାସଙ୍କ ରଚିତ ଓ ନିର୍ଦ୍ଦେଶିତ ନାଟକ 'ଆଶ୍ରୟ' ଛାତ୍ରଛାତ୍ରୀଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା।

## ପରିମଳ ଓ ବିଭିନ୍ନ ସମସ୍ୟା ବିରୋଧରେ ଦାବିପତ୍ର

**ଝାରସୁଗୁଡ଼ା, ୭।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦରେ ବିଭିନ୍ନ ସମସ୍ୟା ସହିତ ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବା ନେଇ ଅଭିଯୋଗ ହୋଇଛି। ଏହି ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଓଡ଼ିଶା ୟୁଥ ଏଗେନସ୍ଟ କରପ୍ସନ ପକ୍ଷରୁ ଶନିବାର ବ୍ରଜରାଜନଗର ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓପିଏମ୍ ସ୍ୱିମିଂ ପୁଲ ପଡ଼ିଆ ପଛପଟେ, ରାମପୁର ଶନି ମନ୍ଦିର ନିକଟରେ, ରାମପୁର ଶ୍ମଶାନ ନିକଟରେ ଅଳିଆ ଗଦା କରାଯାଉଛି। ଫଳରେ ସାରା ଅଞ୍ଚଳରେ ଭୀଷଣ ଦୁର୍ଗନ୍ଧ ହେବା ସହିତ ପରିବେଶ ଦୂଷିତ ହେଉଥିବା ଅଭିଯୋଗ ହୋଇଛି। ଏହାସହ ବ୍ରଜରାଜନଗର ପୁରୁଣା ବସଷ୍ଟାଣ୍ଡ ନିକଟରେ ଶୌଚାଳୟ, ବିଜୁ ପଟ୍ଟନାୟକ ଛକ ଓ ଗାନ୍ଧୀଛକ ନିକଟରେ ନିର୍ମିତ ଶୌଚାଳୟରେ ପାଣି ସୁବିଧା, ବ୍ରଜରାଜନଗର ପୌରପରିଷଦ ଗୁଡ଼ିକର ରାସ୍ତା ସଫେଇ, ସିଏଚସି ଖଳିଆକାନିରୁ ମାହାରଣାପଡ଼ା ମିନି ଷ୍ଟାଡିୟମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଠାକୁରପଡ଼ାରୁ ଚାନ୍ଦନୀଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଆଦି ବିଭିନ୍ନ ଦାବି ନେଇ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ୧୫ ଦିନରେ ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଛି।

## ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କ ପରଲୋକ

**ବରଗଡ଼, ୭।୨(ସମିସ):** ବରଗଡ଼ ୱାର୍ଡ ନମ୍ବର ୧୫ ରହୁଥିବା ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ବହଲପାଲି ମୂଳନିବାସୀ ଅବସରପ୍ରାପ୍ତ ପୁଲିସ କର୍ମଚାରୀ ଦିବାକର ଦାଶଙ୍କ ୮୯ ବର୍ଷ ବୟସରେ



ପରଲୋକ ଘଟିଛି। ମୃତ୍ୟୁବେଳେ ତାଙ୍କ ନିକଟରେ ଦୁଇ ପୁଅ, ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତିନାତୁଣୀଙ୍କ ।ଡିକୁଟୁମ୍ବ ଉପସ୍ଥିତ ଥିଲେ। ଗୋବିନ୍ଦ ପାଲି ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ଶବାଧାରରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବଡପୁଅ ସୁରେଶ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଦାଶଙ୍କ ମୃତ୍ୟୁରେ ବରଗଡ଼ ତଥା ଗୋବିନ୍ଦ ପାଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଝାରସୁଗୁଡ଼ାରେ ଆର୍ଥିକ ସାକ୍ଷରତା ଶିବିର

**ଝାରସୁଗୁଡ଼ା, ୭।୨(ସମିସ):** ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ଆନୁକୂଲ୍ୟରେ ଶନିବାର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟା ସୁନିତା ଦତ୍ତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହିତ ଶିବିରର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସୁମନା ପଣ୍ଡା ମୁଖ୍ୟ ବକ୍ତା ଭାବେ ଆର୍ଥିକ ଅନ୍ତର୍ଭୁକ୍ତିକରଣର ଆବଶ୍ୟକତା ଏବଂ ଦୈନନ୍ଦିନ ଜୀବନରେ ସଠିକ୍ ଆର୍ଥିକ ପରିଚାଳନାର ଗୁରୁତ୍ୱ ଉପରେ ତଥ୍ୟଭିତ୍ତିକ ବିବରଣୀ ପ୍ରଦାନ କରିଥିଲେ। ଶିବିରରେ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଉପଡ଼ାକଘରର ସବ୍ ପୋଷ୍ଟମାଷ୍ଟର ଜୟାସୁଧା ବିନୋଦ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା ଓ ସୁଲଭ ବୀମା ଯୋଜନାଗୁଡିକ ଉପରେ ସବିଶେଷ ଆଲୋକପାତ କରିବା ସହ ଜନସାଧାରଣ ଏହାର ସୁଫଳ କିପରି ପାଇପାରିବେ ସେ ବିଷୟରେ ବୁଝାଇଥିଲେ। ସେହିପରି ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଅଧିକାରୀ ସୁମିତ ପ୍ରମାଣିକ ଆଧୁନିକ ସମୟର ସାଇବର ଅପରାଧ ଏବଂ ଚିଟ୍‌ଫଣ୍ଡ ଭଳି ଆର୍ଥିକ ଠକାମିରୁ ନିଜକୁ ସୁରକ୍ଷିତ ରଖିବାର ଉପାୟ ସମ୍ପର୍କରେ ସଚେତନ କରିଥିଲେ। ଜିଲ୍ଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗର କର୍ମଚାରୀ ହେମକାନ୍ତ ବାଗ ଓ ଜଗନ୍ନାଥ ରାଉତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ କୋଷାଧ୍ୟକ୍ଷା ଅହଲ୍ୟା ସ୍ୱାଇଁ ସମସ୍ତ ଅତିଥି ଓ ସହଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### କୁକୁରିକାନି ହତ୍ୟାକାଣ୍ଡ ଘଟଣା

# ୫ ନାବାଳକ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ଝାରସୁଗୁଡ଼ା, ୭।୨(ସମିସ)**




ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ଅଧୀନ କୁକରିକାନି ନିକଟରେ ଜଣେ ଯୁବକ ସାହିଲ ସହିସଙ୍କୁ ନିର୍ମମ ଭାବେ ହତ୍ୟା ଘଟଣାରେ ୫ ନାବାଳକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏକ ଚାପଡରେ ମୃତକଙ୍କ ନାବାଳକ ସାଙ୍ଗ ମାନେ ତାଙ୍କୁ ହତ୍ୟା କରି ପଲିଥିନରେ ଗୁଡ଼ାଇ ଫିଙ୍ଗି ଦେଇଥିବା ଝାରସୁଗୁଡ଼ା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମସ୍ତ ନାବାଳକ ଅଭିଯୁକ୍ତ ସ୍କୁଲ ଡ୍ରପଆଉଟ ହୋଇଥିବା ବେଳେ ସାମାନ୍ୟ ରୁପା ଚେନ ପାଇଁ ଏହି ଲୋମଟାଙ୍କୁରା ହତ୍ୟାକାଣ୍ଡ ଘଟିଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ବ୍ରଜରାଜନଗର ଥାନା କୁକୁରିକାନି ଠାରେ ଗତ ୫ତାରିଖରେ ରାମପୁର ଅଞ୍ଚଳର ୧୮ ବର୍ଷୀୟ ଯୁବକ ସାହିଲଙ୍କ ମୃତଦେହ ପୁଲିସ ଉଦ୍ଧାର କରିଥିଲା। ପୁଲିସ ପକ୍ଷରୁ ଏକ ହତ୍ୟା ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ଗତ ୧ ତାରିଖ ୫ ଜଣ ନାବାଳକ ମିଶି ରାମପୁର ଅଞ୍ଚଳର ସାହିଲ ସାହିସଙ୍କୁ ଏକ ରୁପା ଚେନ୍ ପାଇଁ ଚାପଡ ସାହାଯ୍ୟରେ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ହତ୍ୟା କରିବା ସହିତ ହାତ ଗୋଡ ବାନ୍ଧି ପଲିଥିନରେ ଗୁଡ଼ାଇ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଏପରିକି ହତ୍ୟା ପରେ ଭିଡିଓ ଉତ୍ତୋଳନ କରିଥିଲେ ଏବଂ ପରଦିନ ମୃତ ସାହିଲଙ୍କୁ ଦେଖିବାକୁ ମଧ ଅଭିଯୁକ୍ତ ମାନେ ଯାଇଥିଲେ। ୫ ତାରିଖ ତିନି ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଅନ୍ୟ ୨ ଜଣ ନାବାଳକଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଶନିବାର ସମସ୍ତ ନାବାଳକ ଅଭିଯୁକ୍ତ ମାନଙ୍କୁ ଗିରଫ କରି ପୁଲିସ ଜୁଭେନାଇଲ କୋର୍ଟ ଚାଲାଣ ହୋଇଥିବା ସାମ୍ବାଦିକ ସମ୍ମିଳନୀରେ ଏସପି ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

# ଚୋରି ଅଭିଯୋଗରେ ୩ ଗିରଫ, ସାମଗ୍ରୀ ଜବତ





**ଝାରସୁଗୁଡ଼ା, ୭।୨(ସମିସ):** ଝାରସୁଗୁଡ଼ା ଜିଲ୍ଲା ଓରିଏଣ୍ଟ ଥାନା ଅଞ୍ଚଳରୁ ୨ ଟି ମାମଲାରେ ଜଡିତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଓରିଏଣ୍ଟ ଥାନା ଆଦର୍ଶନଗର ପଦ୍ମନ ନାହାକଙ୍କ କ୍ୱାର୍ଟରରୁ ଦୁର୍ବୃତ୍ତ ମାନେ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରିବା ସହିତ ଓରିଏଣ୍ଟ ଥାନା ଅଧିକାରୀଙ୍କ ନେତୃତ୍ୱରେ ଏକ ଦଳ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତରେ ୨ଜଣ ଅଭିଯୁକ୍ତ ବ୍ରଜରାଜନଗର ଥାନା ଲୁହୁରାପଡ଼ାର ସାହିଲ ସୁନା ଓ ଗଙ୍ଗାନଗରର ଲକ୍ଷ୍ମଣ ଖମାରି ଓରଫ ଚିକି ଏବଂ ଚୋରି ସାମଗ୍ରୀ ରଖିବା ଅଭିଯୋଗରେ ରାମପୁର ବିନାସିପଡ଼ାର ହରବିନ୍ଦର ସହିସଙ୍କୁ ଗିରଫ କରାହୋଇଥିବା ନେଇ ପୁଲିସ ତରଫରୁ ସୂଚନା ଦିଆଯାଇଛି। ଏହା ସହିତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିବା ଏବଂ ଅଭିଯୁକ୍ତ ମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ନେଇ ପୁଲିସ ସୂଚନା ଦେଇଛି।

## ତଳିବାହାଲ ଗାଁରେ ଜଂଘା ବଡ଼ଦେଓ ପୂଜା



**ଇବଥର୍ମାଲ, ୭।୨(ସମିସ):** ଲଖନପୁର ବ୍ଲକ ତଳିବାହାଲ (ସରଣ୍ଡାମାଲ) ଆଞ୍ଚଳିକ ଗୁଡ଼ି ଷଡ଼ବଂଶୀୟ ଗୋଁଡ଼ ସମାଜ ପକ୍ଷରୁ ଜଂଘା ବଡ଼ଦେଓଙ୍କ ପୂଜା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲିଗୁଡ଼ିରୁ ମହାପ୍ରଭୁଙ୍କୁ ତଳିବାହାଲ ଗାଁକୁ ବରଣ କରାଯାଇଥିଲା। ମହାପ୍ରଭୁଙ୍କୁ ଗାଁ ପୋଖରୀରେ ସ୍ନାନ କରାଯାଇ କଳସ ଶୋଭାଯାତ୍ରା ହୋଇଥିଲା। ମହାପ୍ରଭୁଙ୍କ ପୂଜାର୍ଚ୍ଚନା ଗୋଁଡ଼ ସମାଜ ରୀତିନୀତିରେ ସମ୍ପନ୍ନ ହୋଇଥିଲା। ଷଡ଼ବଂଶୀ ଭାଇ ମାନେ ସପତ୍ନିକ କର୍ତ୍ତା ଭୂମିକା ନିର୍ବାହ କରିଥିଲେ। ରେଙ୍ଗାଲୀଗୁଡ଼ିର ପୂଜକ ଶିବ ଧୁରୁଆ, କାର୍ତ୍ତୀକକୁମୁରା, ବୁଟୁ ଧୁରୁଆ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ। ଆଖ ପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମହତ୍ସୋବ ପରିଚାଳନାରେ ସଭାପତି ପ୍ରହ୍ଲାଦ ଭୋଇ, ସମ୍ପାଦକ ମୋହନ ନାଏକ, ଦେବସ୍ଥାନ ଜଗତ୍, ଅକ୍ଷୟ କୁମୁରା, ଲଳିତ କୁମୁରା, ଭ୍ରମରାଜ ଧୁରୁଆ, ଜିତେନ କୁମୁରା, ଚିନ୍ତାମଣୀ କୁମୁରା, ପଦ୍ମଲୋଚନ କୁମୁରା, ଦେବେନ୍ଦ୍ର କୁମୁରା, ଜନ୍ମାଜୟ ଭୋଇ, ଚୈତନ୍ୟ ଭୁଏ, ଶିବାନନ୍ଦ ଭୋଇ, ଜିତେନ ଭୋଇ, କ୍ରିତିବାସ ଅଟି, ନିବାସ ମରେଇ, ଫକିର ତ ଦାଉ ତଥା ସମାଜର ପୁରୁଷ ମହିଳା ସମସ୍ତେ ସହଯୋଗ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବରପାଲି, ୭।୨(ସମିସ):** ବରପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ 'ଅଭ୍ୟୁଦୟ' ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ବଲାଙ୍ଗିର ଅର୍ଡିନାନ୍ସ ଫାକ୍ଟ୍ରି ସ୍କୁଲ ଶିକ୍ଷକ ରାଜମଣି ସାହୁ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ସନ୍ତୋଷ ସାହୁ କାର୍ଯ୍ୟକ୍ରମର ସଭାପତିତ୍ୱ ଓ ପରଚାଳନା କରିବା ସହ ବିବରଣୀ ଉପସ୍ଥାପନ କରିଥିଲେ। ମଞ୍ଚାସୀନ ଅତିଥି ମାନଙ୍କ ଦ୍ୱାରା କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଶିକ୍ଷକ ଶିବାଶିଷ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ଈଶ୍ୱର ଗଡ଼ତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବରେ ଗଙ୍ଗାଧର ଏନଏସି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ଓଏଭି ବିଦ୍ୟାଳୟ ଭିଏମଡିସି ସଭ୍ୟ ମନୋଜ ବାରିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କମିଟି କର୍ମକର୍ତ୍ତା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ୩୧ ୟୁନିଟ୍ ରକ୍ତ ସଂଗ୍ରହ



**ବରଗଡ଼, ୭।୨(ସମିସ):** ବରଗଡ଼ ସ୍ଥିତ ବଦ୍ରି ପ୍ରସାଦ ଇ-ବ୍ଲକ ଠାରେ ନିଷ୍ଠା ପରିବାରର ମହିଳା ଶାଖା ସଂଯୋଜିକା ତ୍ରିପୁରା ସୁହୁଲାଙ୍କର ବଡ ଭଉଣୀ ମଞ୍ଜୁ ସୁହୁଲାଙ୍କ ୩୮ ତମ ଜନ୍ମଦିନ ଅବସରରେ ନିଷ୍ଠା ପରିବାର ଓ ସୁହୁଲା ପରିବାରର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ମଞ୍ଜୁଙ୍କ ମାଁ ମଞ୍ଜରୀ ସୁହୁଲା ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଶିବିରରୁ ସର୍ବମୋଟ ୩୧ ୟୁନିଟ ରକ୍ତ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସଂଗ୍ରହ ହୋଇଥିଲା। ଶିବିରକୁ ଅଜୟ ସୁହୁଲା, ତ୍ରିପୁରା ସୁହୁଲା, ମୋନିକା ମିଶ୍ର ଓ ନିଷ୍ଠା ପରିବାରର ସଦସ୍ୟ ସଦସ୍ୟା ମାନେ ପରିଚାଳନା କରିଥିଲେ। ଶେଷରେ ରକ୍ତଦାନ ଶିବିର ଆୟୋଜନ ପାଇଁ ସୁହୁଲା ପରିବାରକୁ ନିଷ୍ଠା ପରିବାର ତରଫରୁ ଏକ ସ୍ମୃତିଫଳକ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ରକ୍ତଦାତା, ଶୁଭେଚ୍ଛୁ, ସହଯୋଗୀ ମାନଙ୍କୁ ନିଷ୍ଠା ପରିବାର ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଦିଆଯିବା ସହ ମଞ୍ଜୁଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ।

## ଦିବ୍ୟାଙ୍ଗ ଆଶ୍ରମରେ ଡାକ୍ତର ଦମ୍ପତିଙ୍କ ନିଃଶୁଳ୍କ ଚିକିତ୍ସା

**ଗାଇସିଲେଟ, ୭।୨(ସମିସ):** ବୃଦ୍ଧାବସ୍ଥାରେ ଯଥାଯଥ ସ୍ୱାସ୍ଥ୍ୟସେବା ପ୍ରାପ୍ତି ଏକ ଚ୍ୟାଲେଞ୍ଜ ହୋଇଥିବା ବେଳେ ଏକ ଯୁବ ଡାକ୍ତର ଦମ୍ପତିଙ୍କ



ସମାଜସେବା ମନୋବୃତି ଲୋକଙ୍କ ପ୍ରଶଂସା ସାଉଁଟିଛି। ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ବାଗଝୁଲା ସ୍ଥିତ ସମିର ଦିବ୍ୟାଙ୍ଗ ଆଶ୍ରମରେ ଡାକ୍ତର ସୁମିତ ମିଶ୍ର ଏବଂ ତାଙ୍କ ଧର୍ମପତ୍ନୀ ଡାକ୍ତର ସମାପ୍ତି ସମାପିକା ମିଶ୍ର ଅନ୍ତେବାସୀମାନଙ୍କ ପାଇଁ ନିଃଶୁଳ୍କ ଚିକିତ୍ସା ସେବା ପ୍ରଦାନ କରିଛନ୍ତି। ମିଶ୍ର ଡାକ୍ତର ଦମ୍ପତି ଆଶ୍ରମରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ଅନ୍ତେବାସୀଙ୍କ ରକ୍ତଚାପ, ରକ୍ତ ଶର୍କରା ଯାଞ୍ଚ କରି ଆବଶ୍ୟକ ଔଷଧ ବଣ୍ଟନ କରିଥିଲେ। ଏହା ସହିତ ବସ୍ତ୍ର ଓ ଶୁଖିଲା ଖାଦ୍ୟ ମଧ ପ୍ରଦାନ କରିଥିଲେ। ବୟସ ଜନିତ ବିଭିନ୍ନ ରୋଗରେ ପୀଡ଼ିତ ଅନ୍ତେବାସୀ ମାନଙ୍କୁ ସେ ଯଥୋଚିତ ପରାମର୍ଶ ମଧ ଦେଇଥିଲେ। ଡାକ୍ତର ଦମ୍ପତିଙ୍କ ଏତାଦୃଶ ସେବାଦାନରେ ଆଶ୍ରମ ଅନ୍ତେବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଭିନ୍ନ ସମୟରେ ଏହି ଯୁବ ଡାକ୍ତର ଦମ୍ପତି ସମାଜସେବା କ୍ଷେତ୍ରରେ ଅନେକ ପ୍ରଶଂସନୀୟ କାର୍ଯ୍ୟ କରି ଆସୁଛନ୍ତି।

### ଝାରବନ୍ଧରେ ଗ୍ରାହକ ହନ୍ତସନ୍ତ

## ୫ ଦିନ ଧରି ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଅଚଳ

**ଝାରବନ୍ଧ, ୭।୨(ସମିସ):** ଝାରବନ୍ଧ ମୁଖ୍ୟାଳୟରେ ଥିବା ଏକମାତ୍ର ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଗତ ୫ ଦିନ ହେଲା ବନ୍ଦ ରହିଥିବାରୁ ସ୍ଥାନୀୟ ଅଞ୍ଚଳରେ ଆର୍ଥିକ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ପ୍ରତିଦିନ ଟଙ୍କା ଉଠାଇବା ଆଶାରେ ଏଟିଏମ୍ କାଉଣ୍ଟରକୁ ପହଞ୍ଚୁଥିବା ଗ୍ରାହକ ମାନେ ବାହାରେ ତାଲା ଦେଖି ନିରାଶ ହୋଇ ଫେରୁଥିବା ଦେଖାଦେଉଛି। ସ୍ଥାନୀୟ ଲୋକ ମାନଙ୍କ କହିବା ଅନୁସାରେ, ହଠାତ୍ ସେବା ବନ୍ଦ ହେବାରୁ ଦୈନିକ ଆବଶ୍ୟକତା ପୂରଣରେ ଭୀଷଣ ସମସ୍ୟା ସୃଷ୍ଟି ହୋଇଛି। ବିଶେଷକରି ଜରୁରୀକାଳୀନ ଚିକିତ୍ସା, କ୍ଷୁଦ୍ର ବ୍ୟବସାୟୀଙ୍କ ଲେଣଦେଣ ଓ ପରିବାର ଚଳାଇବାକୁ ଅସୁବିଧା ହେଉଛି। ଅନେକ ବାଧ ହୋଇ ଦୂର ଅଞ୍ଚଳର ଏଟିଏମ୍ କିମ୍ବା ବ୍ୟାଙ୍କ ଶାଖାକୁ ଯାଉଛନ୍ତି। ଯାହାଦ୍ୱାରା ସମୟ ଓ ଯାତାୟାତ ଖର୍ଚ୍ଚ ବୃଦ୍ଧି ପାଉଛି। ଫଳରେ ସ୍ଥାନୀୟ ଜନସାଧାରଣଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି। ଶୀଘ୍ର ସମାଧାନ କରି ଏଟିଏମ୍ ସେବା ପୁନଃ ସଞ୍ଚାଳନ ପାଇଁ ଲୋକମାନେ ସମ୍ପୃକ୍ତ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ପ୍ରଶାସନଙ୍କ ହସ୍ତକ୍ଷେପ ଦାବି କରିଛନ୍ତି।

# ଜଙ୍ଗଲ ନିଆଁ ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ



**ଝାରସୁଗୁଡ଼ା, ୭।୨(ସମିସ):** ଝାରସୁଗୁଡ଼ା ବନଖଣ୍ଡ ବାଗଡ଼ିହି ବନାଞ୍ଚଳ ଅଧୀନ ବିଭିନ୍ନ ବନ ସୁରକ୍ଷା ସମିତି ତଥା ଗାଁ ମାନଙ୍କରେ ଜଙ୍ଗଲ ନିଆଁ ନିରାକରଣ ଏବଂ ସଚେତନତା ନିମନ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ମାଧ୍ୟମରେ ଲୋକମାନଙ୍କୁ ସଚେତନତା କରାଯାଉଛି। ବାଗଡ଼ିହି ବନାଞ୍ଚଳ ଅଧିକାରିଣୀ ଡ.ବନ୍ଦନା ପସାୟତଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ଦିନର କାର୍ଯ୍ୟକ୍ରମ ହୋଇଯାଇଛି। ବାଗଡ଼ିହି ସେକ୍ସନ ଅଧୀନ ଭୀମଜୋର, ଦେଓପାନ, ବାଙ୍କୀ, ପାଖେଲଖୋଲ, ବରପାନ ଏବଂ ମଲ୍ଲି ବନ ସୁରକ୍ଷା ସମିତି ତଥା ଗାଁରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ କିପରି ବାଗଡ଼ିହି ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲ ମାନଙ୍କରେ ନିଆଁ ନ ଲାଗିବ ତାକୁ ଦୃଷ୍ଟିରେ ରଖି ସଚେତନ କରାଯାଉଛି। 'ଘର ପୋଡ଼ିଲେ ଜଙ୍ଗଲକୁ ଯିବା ଜଙ୍ଗଲ ପୋଡ଼ିଲେ କୁଆଡ଼େ ଯିବା' ସ୍ଲୋଗାନ ଦିଆଯାଇଛି। କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀଣି ବନ୍ଦନା ପସାୟତ, ସେକ୍ସନ ଫରେଷ୍ଟର, ହରେନ୍ଦ୍ର ସାହୁ, ମୁରାରୀ ସାହୁ, ଟିମ ଲିଡର ଚୁଡ଼ାମଣି ବେହେରା, ଫରେଷ୍ଟ ଗାର୍ଡ଼ ସୋନିରାଣୀ ଦାସ, ସତ୍ୟବ୍ରତ ସାହୁ, ରାଜକିଶୋର ପାଣିଗ୍ରାହୀ, ଡିଓ ସିଡିଏଲ ସତ୍ୟସ୍ମିତା ବେହେରା, ଡିଓଏନଆରମ ଭକ୍ତି ଜେନା ଏବଂ ବାଗଡ଼ିହି ବନାଞ୍ଚଳର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଓପିଜିସି ତରଫରୁ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର



**ଇବଥର୍ମାଲ, ୭।୨(ସମିସ):** ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ (ଓପିଜିସି) ପକ୍ଷରୁ ଶନିବାର ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ୍ ଅଧୀନ ତେଲେନପାଲି ପଞ୍ଚାୟତ କାର୍ଯ୍ୟାଳୟରେ ବିଶେଷଜ୍ଞ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ତେଲେନପାଲି ସରପଞ୍ଚ ଆକାଶ ସାହୁ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟନ କରିଥିଲେ। ଶିବିରରେ ଇବଥର୍ମାଲ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡ.ମାନସ ପାଣିଗ୍ରାହୀ, ଡ.ଅଙ୍କିତ ଆଚାର୍ଯ୍ୟ, ଶିଶୁରୋଗ ବିଶେଷଜ୍ଞ ଡ.ବୈକୁଣ୍ଠନାଥ କଶ୍ୟପଙ୍କ ସମେତ ସମ୍ବଲପୁରରୁ ଆମନ୍ତ୍ରିତ ଭେଷଜ ବିଶେଷଜ୍ଞ ଡ.ବଳରାମ ଖମାରି ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସକାଳ ୧୦.୩୦ରୁ ଦିନ ୩ଟା ପର୍ଯ୍ୟନ୍ତ ଶିବିର ଚାଲିଥିଲା। ତେଲେନପାଲି, ଛଡ଼ାରମା, ବନହରପାଲି, ଧୋବାଡେରା, ପମ୍ପ ହାଉସପଡ଼ା, ବିନିକା, ସାପାଲି ଏବଂ ଫଲସଓମୁଣ୍ଡା ଆଦି ଗାଁର ୧୨୧ରୋଗୀଙ୍କୁ ରକ୍ତହୀନତା, ଶାରୀରିକ ଦୁର୍ବଳତା, ମଧୁମେହ, ଆଣ୍ଠୁଗଣ୍ଠି ଯନ୍ତ୍ରଣା, ରକ୍ତଚାପ, ଗ୍ୟାସ୍ଟ୍ରିକ, ପେଟବ୍ୟଥା ଆଦି ରୋଗର ପରୀକ୍ଷା କରାଯାଇ ଔଷଧ ଓ ଡାକ୍ତରୀ ଉପଦେଶ ପ୍ରଦାନ କରାଯାଇଥିଲା। ଓପିଜିସିର ସିଏସଆର ବିଭାଗ ଏବଂ ଇବଥର୍ମାଲ ଚିକିତ୍ସାଳୟର ମିଳିତ ଉଦ୍ୟମରେ ପରିଚାଳିତ ଶିବିରରେ ଇବଥର୍ମାଲ ଚିକିତ୍ସାଳୟର ସୁଜାତା ନାୟକ, ସଂଯୁକ୍ତା ମହାନନ୍ଦ, ସନ୍ଧ୍ୟାରାଣୀ କିଷାନ, ପ୍ରଭାତ ବାରିକ, ପ୍ରଭାତ ବିଶ୍ୱାଳ, ଅଭିମନ୍ୟୁ ଭୋଇ, ଦୁବରାଜ କିଷାନ, ପ୍ରଫୁଲ୍ଲ ପ୍ରଧାନ ଏବଂ କର୍ଣ୍ଣ ବାଗ ପ୍ରମୁଖ ସ୍ୱାସ୍ଥ୍ୟ ଶିବିର ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ସଦର ବ୍ଲକ୍ ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା ନିର୍ବାଚିତ

**ବରଗଡ଼, ୭।୨(ସମିସ):** ବରଗଡ଼ ଉପକଣ୍ଠ ନାଗେନପାଲି ସ୍ଥିତ ନାଗେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ବରଗଡ଼ ସଦର ବ୍ଲକ ବରିଷ୍ଠ ନାଗରିକ ସଂଘର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ ସମାଜସେବୀ ତଥା ଶିକ୍ଷାବିତ ଚନ୍ଦ୍ର




ଶେଖର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ନାଗରିକ ସଂଘ ସଭାପତି କେଦାର ମିଶ୍ର, ସମ୍ପାଦକ ଗୋବିନ୍ଦ ଦାଶ, ସଂଗଠନ ସମ୍ପାଦକ ଯୋଗେଶ ଚନ୍ଦ୍ର ଦାଶ, ଉପଦେଷ୍ଟା ଗୌର ଚନ୍ଦ୍ର କର ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଗାଁର ବରିଷ୍ଠ ଶିକ୍ଷାବିତ ମୂରଲୀଧର ପାତ୍ରଙ୍କୁ ଜିଲ୍ଲା ସଭାପତି କେଦାର ମିଶ୍ର ଉପଢୌକନ, ପୁଷ୍ପ, ସହ ଶ୍ରୀମଭାଗବଦ୍ ଗୀତା ପୁସ୍ତକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବୈଠକରେ ନୂତନ ବ୍ଲକ କର୍ମକର୍ତ୍ତାଙ୍କୁ ଆଗାମୀ ୨ ବର୍ଷ ପାଇଁ ନିର୍ବାଚିତ କରାଯାଇଥିଲା। ସର୍ବସମ୍ମତି କ୍ରମେ ବ୍ଲକ ସଭାପତି ରୂପେ ଚନ୍ଦ୍ରଶେଖର ସାହୁ, ଉପସଭାପତି ତିଳକରାମ ପ୍ରଧାନ, ସମ୍ପାଦକ ମୁହୁରିଆ ପ୍ରଧାନ, ସହ ସମ୍ପାଦକ ବଳିଷ୍ଠ ପ୍ରଧାନ, କୋଷାଧ୍ୟକ୍ଷ କପିଳ କଠାର ଏବଂ ସଂଗଠନ ସମ୍ପାଦକ ରୂପେ ଡ.ତୋଳକ୍ଷମଣୀ ଶତପଥୀ ନିର୍ବାଚିତ ହୋଇଥିଲେ। ସେହିପରି ଉପଦେଷ୍ଟା ରୂପେ ଗୋବିନ୍ଦ ସାହୁ, ମନବୋଧ ସାହୁ ଓ କିଶୋର ଚନ୍ଦ୍ର ବିଶ୍ୱାଳ ମନୋନୀତ ହୋଇଥିଲେ। ଜିଲ୍ଲା ସଂଗଠନରୁ ଦେବୀ ପଟ୍ଟନାୟକ, ଲମ୍ବୋଦର ମିଶ୍ର, ରାଜେନ୍ଦ୍ର ସାହୁ ପ୍ରମୁଖ ତଥା ବିଭିନ୍ନ ଗାଁ ପଞ୍ଚାୟତରୁ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଶେଷରେ ଗୌର ଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ।

# ଗୁଜା ପାହାଡ଼ରେ ପ୍ଲାଷ୍ଟିକ ମୁକ୍ତ ପର୍ଯ୍ୟଟନ ସ୍ଥଳୀ ସଚେତନତା

**ଝାରସୁଗୁଡ଼ା, ୭।୨(ସମିସ)**



ଝାରସୁଗୁଡ଼ା ବନଖଣ୍ଡ ଅଧୀନ ବ୍ରଜରାଜନଗର ବନାଞ୍ଚଳର ପର୍ଯ୍ୟଟନ ସ୍ଥଳୀ ତଥା ପିକନିକ ସ୍ଥଳୀ ଗୁଜା ପାହାଡ ଠାରେ ଶନିବାର ଏକକ ବ୍ୟବହାର୍ଯ୍ୟ ପ୍ଲାଷ୍ଟିକ ମୁକ୍ତ ପର୍ଯ୍ୟଟନ ସ୍ଥଳୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ରେଞ୍ଜ ଅଫିସରରେ ସନା ଜାମୁଡାଲିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଝାରସୁଗୁଡ଼ାର ଆଞ୍ଚଳିକ ଅଧିକାରୀ ହିରନ୍ୟ ନାୟକ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଝାରସୁଗୁଡ଼ା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରହ୍ଲାଦ ନାୟକ, ଜିଲ୍ଲା ପରିବେଶ ସମିତିର ଆଜୀବନ ସଭ୍ୟ ବେଣୁଧର ନାୟକ, ଗୋବିନ୍ଦ ସକୁନିଆ, ବେଲପାହାଡ ଜୁନିୟର କଲେଜ ଅଧକ୍ଷ ସୁରେନ୍ଦ୍ର ଭୋଇ, ଇକୋ କ୍ଲବ୍ ମାଷ୍ଟର ଟ୍ରେନର ହମିଦ ମହାପାତ୍ର, ଏଇତ ଜୀବନ (ଇଜେଭି ଫାଉଣ୍ଡେସନ) ଅନୁଷ୍ଠାନର ସଭାପତି ମାନସୀ ପଣ୍ଡା, ଏଇତ ଜୀବନର ଉପଦେଷ୍ଟା ହେମଲତା ମେହେର, କବି ଜ୍ୟୋତିର୍ମୟୀ ବେହେରା, ସରପଞ୍ଚ ତିଲିଆ ପୁଷ୍ପାଞ୍ଜଳୀ ପ୍ରଧାନ, ଗୁଜା ପାହାଡ କମିଟିର ସମ୍ପାଦକ ଜୟ ପ୍ରକାଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ ନିଜ ବକ୍ତବ୍ୟରେ ପ୍ଲାଷ୍ଟିକ ବ୍ୟବହାରକୁ କେମିତି କମ୍ କରିପାରିବା, ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଗୁଜା ପାହାଡକୁ କିପରି ପ୍ଲାଷ୍ଟିକ ମୁକ୍ତ କରିପାରିବ ସେ ବିଷୟରେ ମତବ୍ୟକ୍ତ କରିଥିଲେ। ହମିଦ ମହାପାତ୍ର ସମସ୍ତ ଅତିଥି, ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ଶପଥ ପାଠ କରାଇଥିଲେ। ଏକ ରାଲି କରି ବିଭିନ୍ନ ସ୍ଲୋଗାନ ଦ୍ୱାରା ଲୋକ ମାନଙ୍କୁ ସଚେତନ କରିଥିଲେ। ଶେଷରେ ସମସ୍ତେ ମିଶି ଗୁଜାପାହାଡ ପରିସରକୁ ସଫା କରିଥିଲେ। ଏଥିରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ତିଲିଆ, ତୁଲସି ସାହୁ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ପୂର୍ବରୁ ବନାଞ୍ଚଳ ଦ୍ୱାରା ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗତାର ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ରଜରାଜନଗର ବନାଞ୍ଚଳର ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ ଓ କର୍ମଚାରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଟ୍ରେଲର-ବାଇକ ମୁହାଁମୁହିଁ ଧକ୍କା, ଯୁବକ ଗୁରୁତର



**ରେଢ଼ାଖୋଲ, ୭।୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ-ବୌଦ୍ଧ ରାସ୍ତାର ଗ୍ରିଡକୋ ଅଫିସ ନିକଟରେ ଶନିବାର ଦିନ ଏକ ଟ୍ରେଲର ସହ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ବାଇକ୍ ଆରୋହୀ ରେଢ଼ାଖୋଲ ସହରର ପାତୁଲିପାଲି ଗ୍ରାମର ସମୀର ଭୁକ୍ତା। ସୂଚନା ଯୋଗ୍ୟ ଯେ ଯୁବକ ଜଣଙ୍କ ବାଇକ୍ ଯୋଗେ ରେଢ଼ାଖୋଲ ସହର ପଟକୁ ଆସୁଥିବା ବେଳେ ସମ୍ମୁଖ ପଟରୁ ଟ୍ରେଲର ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସମୀର ଭୁକ୍ତା ଗୁରୁତର ହୋଇଥିଲେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ଟ୍ରେଲରକୁ ରେଢ଼ାଖୋଲ ପୁଲିସ ଜବତ କରି ତଦନ୍ତ କରୁଛି।

## ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଉଦୟମାନ ପ୍ରଯୁକ୍ତି ବିଦ୍ୟା ଶିବିର

**ରେଢ଼ାଖୋଲ, ୭।୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଶନିବାର ଦିନ ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ ସେଣ୍ଟର ତରଫରୁ ଓଡ଼ିଶା ନୋଲେଜ କର୍ପୋରେସନ ଲିମିଟେଡ଼ ଜରିଆରେ ଉଦୟମାନ ପ୍ରଯୁକ୍ତି ବିଦ୍ୟା ଶିବିର ଅନୁଷ୍ଠିତ ହୋଇଯାଇଛି।ଏଥିରେ ଅନ ଲାଇନ୍ ଏମର୍ଜିଂ ଟେକ୍ନୋଲୋଜି ନାମରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ ଏବଂ ସାଇବର ସିକ୍ୟୁରିଟି ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଣୁଧର ବରିହାଙ୍କ ଉଦ୍‌ବୋଧନକ୍ରମେ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନ ହୋଇଥିଲା। ଓକେସିଏଲ୍ ପକ୍ଷରୁ ଜିଲ୍ଲା ସଂଯୋଜକ ଉମେଶ ଚନ୍ଦ୍ର ଶତପଥି, ଦୀନେଶ ଶତପଥି ଏବଂ ଦେବେନ୍ଦ୍ର ମହାକୁଡ଼ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।ଶେଷରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିବା ବେଳେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଗୀତାରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



### ବରଗଡ଼ ସହରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

# ଗୋଷ୍ଠୀ ସଂଘର୍ଷରେ ଗଡ଼ିଲା ୨ ମୁଣ୍ଡ







**ବରଗଡ଼, ୭।୨(ସମିସ)**

ଭାଇଚାରାର ସହର ବରଗଡ଼ ଅଶାନ୍ତ ପାଲଟିଛି। ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅପରାଧ, ଗୋଷ୍ଠୀ ସଂଘର୍ଷ ଜନଜୀବନ କରୁଛି ନଷ୍ଟ। ବରଗଡ଼ ସହରରେ ଝଗଡ଼ା, ଗୋଷ୍ଠୀ ସଂଘର୍ଷ ହତ୍ୟା ଯେ ଏବେ ନିତିଦିନିଆ ଘଟଣାରେ ପରିଣତ ହେବାକୁ ଯାଉଛି। ଆୟତ୍ତ କରିପାରୁନାହିଁ ପୁଲିସ ବିଭାଗ। ଯାହାକୁ ନେଇ ବରଗଡ଼ ସହରବାସୀ ଭୟଭୀତ ଓ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସନ୍ଧ୍ୟା ହେଲେରାସ୍ତା ଘାଟ ଶୁନଶାନ୍ ହୋଇପଡୁଛି। ଗୁରୁବାର ରାତ୍ର ୯ ଘଣ୍ଟା ସମୟରେ ବରଗଡ଼ ହାଟପଦା ସାଇ ମନ୍ଦିର ପାଖରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଯାହା ଏତେ ଭୟଙ୍କର ଥିଲାଯେ ଜଣେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଅବସ୍ଥାରେ ଭୀମସାର ବଡ଼ ମେଡିକାଲକୁ ସ୍ଥାନାନ୍ତରିତ ହୋଇଛନ୍ତି। କୌଣସି କାରଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବଚସା ଓ ପରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଭୁଜାଲି ଆକ୍ରମଣରେ ଗୁରୁତର ଆହତ ହୋଇଥିବା ତିନିଜଣଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ଡାକ୍ତର ଜଣଙ୍କୁ ମୃତ ଘୋଷଣା କରିଥିଲେ।ମୃତ ଯୁବକ କଲେଜରୋଡ଼ରେ ରହୁଥିବା ପ୍ରଦୀପ ଲୁହା (୨୪)ବୋଲି ଜଣାପଡ଼ିଛି।ମୃତ ପ୍ରଦୀପଙ୍କ ମୁଣ୍ଡ, ବେକ ସହ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ପ୍ରଦୀପ ଲୁହାଙ୍କ ଶବ ବ୍ୟବଚ୍ଛେଦ ପରେ ତାଙ୍କର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରଦୀପଙ୍କ ପରିବାରରେ ତାଙ୍କର ଦୁଇଜଣ ସାନ ଭାଇ ରହିଥିବା ବେଳେ ପୂର୍ବରୁ ବାପା ମାଁଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଦୁଇଜଣ ରୀତିକ ଓ ସୁରଜଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଭୀମସାରକୁ ସ୍ଥାନାନ୍ତର କରିଥିଲେ। ଭୀମସାର ବଡ ମେଡିକାଲରେ ସୁରଜ ବାରିକଙ୍କ ମୃତ୍ୟୁ ଘଟିଛି। ମୃତ ସୁରଜଙ୍କ ଘର ବରଗଡ଼ ଗୋବିନ୍ଦପାଲିର ହୋଇଥିବା ସୂଚନା ମିଳିଛି। ଘଟଣାସ୍ଥଳେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ରହିଥିବାରୁ ବ୍ୟାପକ ପୁଲିସ ମୁତୟନ ହୋଇଛନ୍ତି।

ଏହି ଘଟଣାରେ ୬ ଜଣଙ୍କୁ ଟାଉନଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୨ ନାବାଳକ ରହିଛନ୍ତି। ପୂର୍ବ ଶତ୍ରୁତାକୁ ନେଇ ଘଟିଥିଲା ଏତେ ବଡ଼ କାଣ୍ଡ ଓ ସରସ୍ୱତୀ ପୂଜା ବେଳେ ୨ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାକୁ କେନ୍ଦ୍ର କରି ଗତ ଗୁରୁବାର ସନ୍ଧ୍ୟାରେଗୋଷ୍ଠୀ ସଂଘର୍ଷ ଓ ବିତ୍‌ରାସ୍ତା ଜନଗହଳି ପୂର୍ଣ୍ଣ ସ୍ଥାନରେ ଗୋଟିଏ ଗୋଷ୍ଠୀ ଅନ୍ୟ ଗୋଟିଏ ଗୋଷ୍ଠୀର ଯୁବକଙ୍କ ଉପରକୁ ଆକ୍ରମଣ କରିଥିଲେ। ଗିରଫ ୬ ଜଣଙ୍କ ପାଖରୁ ୪ଟି ଛୁରି ଓ ୨ଟି ଭୁଜାଲି ଜବତ କରିଛି ବରଗଡ଼ ପୁଲିସ। ଗିରଫ ଅଭିଯୁକ୍ତମାନେ ବରଗଡ଼ର ଅପରିଚିତ ଶିନ୍ଧିରୀୟା, କାହ୍ନଓ ବେହେରା, ଅରୁଣ ସିନ୍ଧିରୀୟା, ସୂଜଲ ସିନ୍ଧିରୀୟା ଓ ୨ ନାବାଳକ ରହିଛନ୍ତି। ଘଟଣାକୁ ନେଇ ସହରରେ ଅଶାନ୍ତ ପରିବେଶ ଲାଗିରହିଥିବା ବେଳେ ଘଟଣାରେ ଆଉ କାହା କାହାର ସମ୍ପୃକ୍ତି ଅଛି ପୁଲିସ ତଦନ୍ତ ଚଳାଇଛି ବୋଲି ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ କହିଛନ୍ତି।

**୬ ଗିରଫ, ଅନେକ ଫେରାର**

**ଆତଙ୍କିତ ଅବସ୍ଥାରେ ବରଗଡ଼ ସହରବାସୀ**

**ସନ୍ଧ୍ୟା ହେଲେରାସ୍ତା ଘାଟ ଶୂନ୍‌ଶାନ୍**



ବଜାର ଭିତରେ ରାତି ଅପେକ୍ଷା ଦିନ ବେଳା ମଧ୍ୟ ଖାଁ ଖାଁ ରହୁଛି। ସାଧାରଣରଲୋକେ ସନ୍ଧ୍ୟା ସମୟରେ ଘରୁ ବାହାରିବା ନିରାପତ୍ତା ମନେ କରୁନାହାନ୍ତି। ସହରର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ଏବେ ସବୁମହଲରେ ଚର୍ଚ୍ଚା ଜୋର ଧରିଛି। ତେବେ ଶନିବାର ଦିନ ତମାମ ବରଗଡ଼ ହାଟପଦା ସମେତ ସହରର ବିଭିନ୍ନ ଅଞ୍ଚଳରେ ପୁଲିସ ସକ୍ରିୟରହିଥିବା ସତ୍ତ୍ୱେ ଦିନ ୧୧ ଘଣ୍ଟା ସମୟରେ କିଛି ଲୋକ ଖଣ୍ଡା, ତଲୱାର, ଭୁଜାଲି ଧରି ହାଟପଦା ଅଞ୍ଚଳର ଜଣେ ବ୍ୟବସାୟିଙ୍କୁ ଗୋଡ଼ାଉ ଥିବା ଦେଖିବାକୁ ମିଳିଥିଲା ପରେ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ପରେ କୌଣସି ଏକ ବଡ଼ ଦୁର୍ଘଟଣା ଘଟିବାରୁ ବର୍ତ୍ତୀ ଯାଇଥିଲା। ବରଗଡ଼ ସହରରେ ଏବେ ଅଶାନ୍ତର ବାତାବରଣ ଲାଗିରହିଛି ସମସ୍ତେ ଭୟଭୀତ ଅବସ୍ଥାରେ ଅଛନ୍ତି।

## ଜିଲ୍ଲାପାଳଙ୍କୁ ଭେଟିଲେ ବରଗଡ଼ ନାଗରିକ ମଞ୍ଚ



ଗତ କିଛି ଦିନ ହେଲା ବରଗଡ଼ ସହର ଅଶାନ୍ତ ହୋଇ ପଡ଼ିଛି। ବରଗଡ଼ରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ଏହାକୁ ନେଇ ବରଗଡ଼ ନାଗରିକ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ବରଗଡ଼ ସହରରେ ଗୋଷ୍ଠୀ ସଂଘର୍ଷ ଓ ଦୁଇ ଜଣ ଯୁବକଙ୍କ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ବରଗଡ଼ର ଜନ ସାଧାରଣ ଏବେ ଅସୁରକ୍ଷିତ ମନେ କରୁଛନ୍ତି। ବରଗଡ଼ ଭଳି ଏକ ଶାନ୍ତି ପ୍ରିୟ ସହରରେ ଏଭଳି ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଆଗରୁ କେବେ ହୋଇ ନଥିଲା ଯାହାକି ଚିନ୍ତାର ବିଷୟ ବର୍ତ୍ତମାନର ସମୟରେ ଏହି ସବୁ ପରିସ୍ଥିତି ପାଇଁ ମୁଖ୍ୟତଃ ନିଶା ସେବନ ଓ ନିଶା କାରବାର ବ୍ୟାପକ ଭାବେ ବୃଦ୍ଧି ପାଉଛି। ନିଶାରେ ଯୁବ ସମାଜ ସମ୍ପୂର୍ଣ୍ଣ ଭାବେ ଗ୍ରସୀତ ହୋଇ ମରଣଯନ୍ତାରେ ପଡୁଛନ୍ତି ବୋଲି ସଭାପତି ତଥା ବରିଷ୍ଠ ଆଇନଜୀବୀ ଭୀଷ୍ମଦେବ ସରାଫ କହିଛନ୍ତି। ଜିଲ୍ଲାରେ ନିଶା ସେବନ ଓ କାରବାରକୁ ବନ୍ଦ କରିବା ସହ ପୁଲିସର ସକ୍ରିୟତାକୁ ବଢ଼େଇବା ଓ ଆଇନ ଶୃଙ୍ଖଳାକୁ ଠିକ କରିବାକୁ ନାଗରିକ ମଞ୍ଚ ଦାବି କରିଛି। ମଞ୍ଚର ଭବାନୀ ସାହୁ, ଶୟନ ପଣ୍ଡା, ମାମୁଲୁ ମହାପାତ୍ର, ସମୀର ପ୍ରଧାନ, ନିତ୍ୟା ନନ୍ଦ ବାଗ, ଗୋବିନ୍ଦ ଶର୍ମା, ନିଖିଳ ପାଣିଗ୍ରାହୀ, ଶିବାନନ୍ଦ ମଟାରୀ, ଜିଭିରାଓ, ଗଙ୍ଗା ପୂଝରୀ, ବିଘ୍ନେଶ୍ୱର ମିଶ୍ର, ଲିଙ୍ଗରାଜ ପୁରୋହିତ, ବାସୁଦେବ ବୁଡେକ, ଅନିରୁଦ୍ଧ ନାଏକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏ ବିଷୟରେ ନିଶ୍ଚିତ ଭାବେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

### ■ ଗ୍ରାମାଞ୍ଚଳ ଲୋକଙ୍କ ଦୁଃଖ ବୁଝୁନାହିଁ ସରକାର

## ଚାନ୍ଦା କରି ରାସ୍ତା ନିର୍ମାଣ କଲେ ପଡ଼ାବାସୀ



**ଅନୁରୋଧ କରି କରି ଥକିଗଲେ ବାଞ୍ଜିପଡ଼ାବାସୀ**

**ଶୁଣିଲାନି ପଞ୍ଚାୟତ କି ବ୍ଲକ୍ ପ୍ରଶାସନ**

**ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ମୁହଁ ମୋଡ଼ିଦେଲେ**

**ତୁରେକେଲା, ୭।୨(ସମିସ):** ରାଜ୍ୟର ଡବଲ ଇଂଜିନ ସରକାର ଗ୍ରାମାଞ୍ଚଳର ବିକାଶ କଥା କହୁଛି। ଗ୍ରାମାଞ୍ଚଳ ଲୋକଙ୍କ କଥା କିନ୍ତୁ ଶୁଣୁନି। ଅନେକଥର ପଡ଼ାବାସୀ ରାସ୍ତା ନିର୍ମାଣ କରିବାକୁ ପଞ୍ଚାୟତରୁ ବ୍ଲକ ପ୍ରଶାସନ ଏବଂ ପଞ୍ଚାୟତରାଜ ବିଭାଗ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। କେହି କିନ୍ତୁ ସେମାନଙ୍କ ଦୁଃଖ ବୁଝିଲେନି। ଶେଷରେ ସମସ୍ୟା ସମାଧାନ ଲାଗି ସେମାନେ ନିଜ ଭିତରେ ନିଷ୍ପତ୍ତି ନେଲେ। ନିରାଶ ହୋଇ ଗରିବ ଅସହାୟ ପରିବାର ଲୋକେ ଘର ପିଛା ୧ ହଜାର ଟଙ୍କା ଲେଖାଏଁ ଚାନ୍ଦା କରିଥିଲେ। ଏହି ଟଙ୍କାରେ ରାସ୍ତା ନିର୍ମାଣ କରିଥିବା ଦେଖିବାକୁ ମିଳିଛି। ବଲାଙ୍ଗୀର ଜିଲ୍ଲାର ଉପାନ୍ତ ଅଞ୍ଚଳ ଢୋଲାମାନ୍ଦଳ ପଞ୍ଚାୟତର ବାଞ୍ଜିପଡ଼ାର ଏହି କାହାଣୀ। ଏଠାରେ ଆଦିବାସୀ ସମ୍ପ୍ରଦାୟର ପ୍ରାୟ ୧୦ ଘର ପରିବାର ବସବାସ କରନ୍ତି। ବାଞ୍ଜିପଡ଼ାଠାରୁ ବହଳପଡ଼ାକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ। ଏହାଫଳରେ ଏମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବାଞ୍ଜିପଡ଼ାବାସୀ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟରେ ସେମାନଙ୍କ ସମସ୍ୟା କହୁଛନ୍ତି; ହେଲେ ଏହାର ସମାଧାନ ହେଉନାହିଁ। ଗତ କିଛି ଦିନ ତଳେ ଏହି ଅଞ୍ଚଳକୁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ଗସ୍ତ କରିଥଲେ। ସେତେବେଳେ ମଧ୍ୟ ଏମାନେ ମନ୍ତ୍ରୀଙ୍କୁ ଦରଖାସ୍ତ ଦେଇଥିଲେ; ହେଲେ ଫଳ ଶୂନ। ଶେଷରେ ଶନିବାର ନିଜେ ରାସ୍ତାରେ ମାଟି, ମୋରମ ପକାଇ ନିର୍ମାଣ କରିଛନ୍ତି।

## ଧାନ ମଣ୍ଡିରେ ଚାଷୀଙ୍କ ଧାରଣା

**ଗୋଲାମୁଣ୍ଡା, ୭।୨ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚପରିଆ ପେକ୍ସର ସାନଚେରଗାଁ ଧାନମଣ୍ଡିରେ ଚାଷୀମାନେ ଧାରଣା ଦେଇଛନ୍ତି। ସୂଚନାରୁ ପ୍ରକାଶ ଧାନ ମଣ୍ଡିର ଟାର୍ଗେଟ ଶେଷ ହେବା ଫଳରେ ଅନେକ ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ହୋଇଛନ୍ତି। ଏନେଇ କେଗାଁ, ସିନାପାଲି ଓ ନୂଆଗାଁ ପଞ୍ଚାୟତର ଚାଷୀମାନେ ସାନଚେରଗାଁ ଧାନ ମଣ୍ଡି ସମ୍ମୁଖରେ ଧାରଣା ଦେଇଥିଲେ। ଉକ୍ତ ଧାରଣା ସ୍ଥଳରେ ଧର୍ମଗଡ଼ ଉପଖଣ୍ଡସ୍ତରୀୟ ଏସିଏସଓ ରାଜାରାମ ହୋତା ଓ ଏଆରସିଏସ୍ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ସତ୍ତ୍ୱେ ବି ଚାଷୀ ଧାରଣାରୁ ହଟି ନଥିଲେ। ପରେ ଗୋଲାମୁଣ୍ଡା ଅତିରକ୍ତ ତହସିଲଦାର ଅନୁଭବ ମହାନ୍ତି ପହଞ୍ଚିବା ସହିତ କେଗାଁ ଥାନା ଆଇଆଇସି ସଙ୍ଗୀତ ବେକ ମଧ୍ୟ ପହଞ୍ଚିଥିଲେ। ଚାଷୀ ଓ ପ୍ରଶାସନ ମଧ୍ୟରେ ଦୀର୍ଘ ତିନି ଘଣ୍ଟା ଧରି ଆଲୋଚନା ହୋଇଥିଲା। ଧାରଣାସ୍ଥଳରେ ହିଁ ପ୍ରଥମେ ୧୪ ଶହ କୁଇଣ୍ଟାଲ ଟାର୍ଗେଟ ଦିଆଯାଇଥିଲା। ଏହା ଶେଷ ନ ହେବା ପୂର୍ବରୁ ପୁଣି ୨ ହଜାର କୁଇଣ୍ଟାଲ ଟାର୍ଗେଟ ଦିଆଯିବ। ଏପରି ମଣ୍ଡିରେ ଥିବା ସମସ୍ତ ଧାନ ଉଠାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀ ଧାରଣାରୁ ହଟିଥିଲେ।



### ବନ୍ଦ ହେଲାଣି ପ୍ରାୟ ୧୦୦ ମଣ୍ଡି

# ଶତାଧିକ ମଣ୍ଡିରେ ପଡ଼ିଛି ୬ ଲକ୍ଷରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ

**ଭବାନୀପାଟଣା, ୭।୨(ସମିସ)**

ଚଳିତ ଖରିଫ ଧାନ ବିକ୍ରି ପ୍ରକ୍ରିୟାରେ ଚାଷୀ ହନ୍ତସନ୍ତ ହେବା ସାର ହୋଇଛି। ବିଳମ୍ବରେ ମଣ୍ଡି ଖୋଲିବା ଠାରୁ ଆରମ୍ଭ କରି ମିଲର୍ସଙ୍କ ଧାନ ନଉଠାଇବା ଧମକ ଚାଷୀଙ୍କୁ ପ୍ରଥମରୁ ନିରାଶ କରିଥିଲା।ପରେ ଟୋକନ୍ ଠିକ୍ ସମୟରେ ଆସିନଥିଲା। ଟୋକନ ଆସିଲେ ଧାନ ନଉଠିବା ଏବଂ ଧାନ ଉଠିଲେ ଠିକଣା ସମୟରେ ଚାଷୀ ନିଜ ପ୍ରାପ୍ୟ ନପାଇବା ଏକ ପ୍ରକାର ମୁସ୍କିଲ ପରିସ୍ଥିତି ସୃଷ୍ଟି କରିଥିଲା। କଂଗ୍ରେସ ଓ ବିଜୁ ଜନତା ଦଳ ନେତୃବର୍ଗ ମଣ୍ଡି ପରିଦର୍ଶନ କରି ବାସ୍ତବିକ ସମସ୍ୟା ବୁଝିବା ସହିତ ଚାଷୀର ଦୁଃଖରେ ସମବେଦନା ଜଣାଇଛନ୍ତି। ଅନ୍ୟପକ୍ଷରେ ଇତିମଧ୍ୟରେ ୫୮ଲକ୍ଷ କୁଇଣ୍ଟାଲ ଧାନ ମଣ୍ଡିରୁ ଉଠିବା ସତ୍ତ୍ୱେ ଶାସକ ଦଳର କୌଣସି ନେତା ଚାଷୀର ମୌଳିକ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିନଥିବା କୁହାଯାଉଛି। ମଣ୍ଡିରେ କାହା ପାଦ ପଡ଼ିନାହିଁ। ସଭା ସମିତି ଓ ମେଳା, ଉତ୍ସବ ମହୋତ୍ସବ ସହ ବିଭିନ୍ନ କାର୍ଯ୍ୟରେ ଫିତାକଟା ଉଦ୍‌ଘାଟନ ପର୍ବ ଯୋଗଦେବାରେ ଲିପ୍ତ ରହିଲେ। କେବଳ ସେତିକି ନୁହେଁ ସୋସିଆଲ ମିଡିଆରେ ପୋଷ୍ଟ କରିବାରେ ଯେମିତି ପ୍ରତିଯୋଗିତା ଚାଲୁଥିବା ଅନୁଭବ ହେଉଛି। ଜିଲ୍ଲାରେ ଚଳିତ ଖରିଫ୍ ଧାନ କିଣା ଆରମ୍ଭରୁ ଅବ୍ୟବସ୍ଥା ଜାରି ରହିଥିବା ଜାଣିସୁଦ୍ଧା ତିଳେମାତ୍ର ସହାନୁଭୂତି ପ୍ରଦର୍ଶନ କରିବା ନଜରକୁ ଆସିନଥିଲା। ଜିଲ୍ଲାରେ ଧାନ କିଣା ଶେଷ ପର୍ଯ୍ୟାୟର ପହଞ୍ଚିଛି। କିନ୍ତୁ ୨ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇନାହିଁ ଧାନ କିଣା ବ୍ୟବସ୍ଥା। ଏବେ ବି ଜିଲ୍ଲାର ଶତାଧିକ ମଣ୍ଡିରେ ୬ ଲକ୍ଷରୁ ଉର୍ଦ୍ଧ୍ୱରୁ କୁଇଣ୍ଟାଲ ଧାନ ପଡ଼ି ରହିଥିବା ବେଳେ



୬୪ ଲକ୍ଷ ୫୮ ହଜାର କୁଇଣ୍ଟାଲ ଟାର୍ଗେଟ ରହିଛି।୬୪ଲକ୍ଷ କୁଣ୍ଟାଲରୁ ଶୁକ୍ରବାର ସୁଦ୍ଧା ପ୍ରାୟ ୫୮ ଲକ୍ଷରୁ ଉର୍ଦ୍ଧ୍ୱରୁ କୁଇଣ୍ଟାଲ ଧାନ ମଣ୍ଡିରୁ ଉଠାଯାଇଛି ବୋଲି ରିପୋର୍ଟ ଯୋଗାଣ ବିଭାଗ ପ୍ରସ୍ତୁତ କରିଛି। ସେଥିମଧ୍ୟରୁ ୪୯ଲକ୍ଷ ୧୧ହଜାର ୧୪୧କୁଇଣ୍ଟାଲ ଧାନର ଟଙ୍କା ବ୍ୟାଙ୍କରେ ପଡ଼ିଥିବା ଜଣାଯାଇଛି। ଆଉ ୬ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଗଲେ ମୁଣ୍ଡ ବିନ୍ଧା ଦୂରହେବ ବୋଲି ଚିନ୍ତା କରୁଛି ପ୍ରଶାସନ। ଚଳିତ ବର୍ଷ ପାଖାପାଖି ୬୪ଲକ୍ଷ କୁଇଣ୍ଟାଲ ଧାନ ପାଇଁ ଟୋକନ ମହଜୁଦ ଥିବାକଥା କହୁଥିଲେ ମଧ୍ୟ ଚାଷୀଙ୍କ ଖଳାରେ ଘରେ ଶହ ଶହ କ୍‌?ଣ୍ଟାଲ ଧାନ ଗଚ୍ଛିତ ଥିବା ଚାଷୀ ପ୍ରକାଶ କରିଛନ୍ତି। ରବି ଚାଷବେଳେ ଖରିଫର ବଳକା ଧାନ ଚାଷୀ ମଣ୍ଡିରେ ବିକ୍ରି କରିବା ସବୁଠାରୁ ବଡ ସମସ୍ୟା ହୋଇ ଅଡୁଆରେ ପକାଇବା ନିଶ୍ଚିତ। କାରଣ ଧାନ ମଣ୍ଡିରୁ ନେଇ ମିଲରେ ରଖିବା ପାଇଁ ଆଉ ସ୍ଥାନ ନାହିଁ। ଗତ ୨୦୨୪/୨୫ର ୧୧ଲକ୍ଷ କୁଇଣ୍ଟାଲ ଧାନ ସେମିତି ମିଲ ଗୁଡିକରେ ପଡ଼ିରହିଛି। ତାହା ଲିଫ୍ଟ ହେଉନାହିଁ। ଏଫ୍‌ସିଆଇ ସହଯୋଗ କରୁନଥିବା ମିଲର୍ସ ଅଭିଯୋଗ କରିଛନ୍ତି। ସେପଟେ ଅଧିକ କୁଇଣ୍ଟାଲ ଧାନ ରଖି ଚାଷୀ ଅପେକ୍ଷା କରି ରହିଛନ୍ତି। ଗତ ବର୍ଷରୁ ଶାସକ ଦଳ ଦାମ୍ଭିକତାର ସହିତ କହିଥିଲେ କଟ୍‌ନୀ ଛଟ୍‌ନୀ ହେବ ନାହିଁ। କିନ୍ତୁ ଅନ୍ୟାନ୍ୟ ବର୍ଷ ତୁଳନାରେ ମଣ୍ଡି ଗୁଡିକରେ ଭୟଙ୍କର କଟନି ଛଟନିକୁ ଚାଷୀ ସାମ୍ନା କରିଛି। ସେତିକି ନୁହେଁ ପ୍ରବଳ ଥଣ୍ଡା ଆଉ ଖୋଲା ଆକାଶ ତଳେ ମଣ୍ଡିରେ ଜଗିରହି ଧାନ ବିକ୍ରି କରିବାର ବିକଳ ସ୍ଥିତିକୁ ଚାଷୀ କେବେ ଭୁଲିବାର ନାହିଁ। ଜିଲ୍ଲାର ଧାନ ବିକ୍ରି ପ୍ରକ୍ରିୟାରେ ଦେଖାଦେଇଥିବା ମନ୍ଥରଗତି ସମ୍ପର୍କରେ ରାଜ୍ୟ ସରକାର ଜିଲ୍ଲା ପ୍ରଶାସନ

**ଖରିଫ ଧାନ ବିକ୍ରିରେ ଚାଷୀ ଅଧିକ ହିନସ୍ତା ହୋଇଛନ୍ତି**

**ଶାସକ ଦଳ ନେତା ଚାଷୀଙ୍କ ପାଖ ମାଡ଼ିନାହାନ୍ତି**

**ଯୋଗାଣ ବିଭାଗ ରିପୋର୍ଟ ୫୮ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ**

ଓ ଯୋଗାଣ ବିଭାଗ ଏବଂ ମିଲର୍ସ ସମସ୍ତେ ଯେମିତି ଅବଗତ ଥାଇ ଚାଷୀଙ୍କୁ ଅନ୍ଧାରରେ ରଖି ଆସିଥିବା କଥା ଅନେକ ନିଜ ଅନୁଭବରୁ ପ୍ରକାଶ କରିଛନ୍ତି। କେସିଙ୍ଗା ବ୍ଲକର କାଣ୍ଡେଲ ହେଉ କି କେ ଗାଆଁ ମଣ୍ଡିରେ ଏବଂ କର୍ଲାମୁଣ୍ଡା ବ୍ଲକର ଜୋରାଡୋବ୍ରା ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ିଥିବା ଜଣାପଡ଼ିଛି। ରବି ଚାଷ ପାଇଁ ଇନ୍ଦ୍ରାବତୀ କେନାଲରେ ପାଣି ଛାଡିବା ପରେ ଚାଷୀମାନେ ପହ୍ନା ରୁଆ ଆରମ୍ଭ କରିଥିବା ବେଳେ କିଛି ଚାଷୀ ରୁଆ ମଧ୍ୟ ଆରମ୍ଭ କଲେଣି। ହେଲେ ଏ ଯାଏଁ ମଣ୍ଡିରୁ ଖରିଫ୍ ଧାନ ଉଠୁନଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଗୋଟିଏ ପଟେ ଟୋକନରେ ବିଭ୍ରାଟ ଯୋଗୁଁ ବଡ଼ ଚାଷୀମାନେ ଧାନ ବିକ୍ରି କରି ପାରୁନଥିବା ବେଳେ ଟୋକନ ଥିବା ଧାନ ମଧ୍ୟ ବିକ୍ରି ହେବାର ନାଁ ଧରୁନାହିଁ। କେତେକ ଚାଷୀ ସେମାନଙ୍କର କଷ୍ଟ ଉପାର୍ଜିତ ଧାନକୁ ମଣ୍ଡିରେ ଜଗି ରହିବା ପରିବର୍ତ୍ତେ ଶାଗ ମାଛ ଦରରେ ବିକ୍ରୀ କରିବାକୁ ମନ ସ୍ଥିର କରିଥିବା ଲକ୍ଷ୍ୟ କରାଯାଇଛି। ଏମିତି କହିବାକୁଗଲେ ଧାନକୁ ଦଲାଲମାନେ ଏବେ ମଧ୍ୟ କୁଇଣ୍ଟାଲ ପିଛା ୧୭ଶହ ଟଙ୍କାରେ କିଣି ମିଲ୍ ପଏଣ୍ଟକୁ ପହଞ୍ଚାଉଥିବା କାର୍ଯ୍ୟରେ ସଫଳ ହେଉଛନ୍ତି ବୋଲି ଅଭିଯୋଗ ଶୁଣିବାକୁ ମିଳୁଛି। ଦଲାଲମାନେ କମ୍ ମୂଲ୍ୟରେ ଧାନ କିଣି ଚାଷୀଙ୍କ ଟୋକନରେ ବିକ୍ରି କରି ବୋନସ ଚଳୁ କରୁଥିବା ବେଳେ ଚାଷୀମାନେ ଜଳକା ହୋଇ ରହିଛନ୍ତି। ରବିଚାଷ ଆରମ୍ଭ ହୋଇଥିବା ବେଳେ ଧାନ ବିକ୍ରି ହେଉ ନଥିବା ଯୋଗୁଁ ଅଧିକାଂଶ ଚାଷୀ ନିରୁପାୟ ହୋଇ କିଛି ଚାଷୀ ଧାନ ଘରକୁ ନେଇସାରିଛନ୍ତି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ରଙ୍କୁ ପଚାରିବାରୁ ମଣ୍ଡିରେ କେତେ ଧାନ ପଡ଼ି ରହିଛି କିନ୍ତୁ ସବୁ ଧାନ ଉଠାଇବା ଚେଷ୍ଟା ଜାରି ରହିଥିବା ପ୍ରକାଶ କରିଛନ୍ତି।

## ଜଳିଗଲା ହାଇୱା



**କଲମପୁର, ୭।୨(ସମିସ):** ରାସ୍ତାରେ ଯାଉଥିବା ଏକ ପିଚୁ ବୋଝେଇ ହାଇୱା ଗାଡ଼ି ରାସ୍ତା ଉପରେ ଜଳିଯାଇଛି। ହାଇୱା ଗାଡି ନଂ-ଓଡି୦୮ଟି-୮୫୫୫ ସାରେସମାଲ ପିଚୁ ପ୍ଲାଣ୍ଟରୁ ପିଚୁ ବୋଝେଇ କରି ଜୟପାଟଣା ବ୍ଲକ ସାନପୁଝାରୀ ଗଡ଼ା ଗ୍ରାମକୁ ଯାଉଥିଲା। କଲମପୁର ବ୍ଲକ ବିଜମରା ନିକଟରେ କୌଣସି କାରଣ ବଶତଃ ଚାଲୁଥିବା ସମୟରେ ଗାଡ଼ିରେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିବା ଜାଣି ଚାଲକ ଗାଡିରୁ ଓହ୍ଲାଇ ଦୌଡ଼ି ପଳାଇ ଜୀବନ ବଞ୍ଚାଇ ଥିଲେ। ସୂଚନା ପାଇ ଜୟପାଟଣା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।ବଡ ଅଘଟଣ ହେବା ପୂର୍ବରୁ ନିଆଁକୁ ଆୟତ୍ତ କରାଯିବା ଦ୍ୱାରା ଜନ ସାଧାରଣ ଆଶ୍ୱସ୍ତ ହୋଇଥିଲେ।ଘଟଣାସ୍ଥଳରେ କଲମପୁର ଥାନା ଅଧିକାରୀ ବିଶ୍ୱମ୍ବର କହଁର, ଏଏସ୍‌ଆଇ ଶିବ ଶଙ୍କର ମହାନ୍ତି, ବଡକୁଟ୍ଟ ଫାଣ୍ଡି ଅଧିକାରୀ ଅସିତ କୁମାର ପଣ୍ଡା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

# ରାସ୍ତା, ଡ୍ରେନ୍ କାମ ସାରିବାକୁ ଚେତାବନୀ

**କୋମନା, ୭ ।୨(ସମିସ)**

ସ୍ଥାନୀୟ ଜନସାଧାରଣଙ୍କ ଧୈର୍ଯ୍ୟର ସୀମା ଟପିଛି।କୋମନା ସହର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥର ଦୟନୀୟ ଅବସ୍ଥାକୁ ନେଇ ଏବେ ସ୍ଥାନୀୟଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦୀର୍ଘ ୧୦ ବର୍ଷ ଧରି କାମ ଅଧପନ୍ତରିଆ ହୋଇ ପଡ଼ିରହିଛି। ଜାତୀୟ ରାଜପଥ ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ରଣହୁଙ୍କାର ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୪ ମସିହାରେ କୋମନା ସହରରେ ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତା ଓ ଡ୍ରେନ କାମ ଅଧପନ୍ତରିଆ ଛାଡି ଦେଇ ଥିବା ବେଳେ ରାସ୍ତା କଡ଼ରେ ପେପର ବ୍ଲକ ବିଛାଇବା କାମ ଏଯାଏଁ ଆରମ୍ଭ କରାଯାଇ ନାହିଁ। କିନ୍ତୁ କୌଣସି ଅଜଣା କାରଣରୁ ବିଭାଗ କାମକୁ ଅଧାରୁ



ଛାଡ଼ି ଦେଇଥିଲା। ଅଧାଗଡ଼ା କାମ ଯୋଗୁଁ ରାସ୍ତାକଡ଼ର ଅବସ୍ଥା ଅତିବେଶୀ ବିପଜ୍ଜନକ ହୋଇଛି। ଯାହାଫଳରେ ଯାତାୟାତ ସମୟରେ ଅନେକ ସମୟରେ ଗାଡ଼ିଗୁଡ଼ିକ ଦୁର୍ଘଟଣାଗ୍ରସ୍ତ ହେଉଛି। କୋମନାର ପ୍ରମୁଖ ସମାଜସେବୀ ଭୁବନେଶ୍ୱର ନାଏକ, ଜୟ ଗୋପାଳ ପଣ୍ଡା ଏବଂ ନିର୍ମଳ ପାଢ଼ୀ, ଗୁପ୍ତେଶ୍ୱର କୁମ୍ଭାର, କୈଳାଶ ଚନ୍ଦ୍ର ଭୋଇ, ସୂର୍ଯ୍ୟମଣି ପଣ୍ଡା ଓ ଜ୍ୟୋତିରଞ୍ଜନ ଯୋଶୀଙ୍କ ସମେତ ଅନେକ ସ୍ଥାନୀୟବାସିନ୍ଦା ଏକତ୍ରିତ ହୋଇ ବିଭାଗୀୟ ଅବହେଳା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ରାସ୍ତା କାମ ସମ୍ପୂର୍ଣ୍ଣ ହେଉ ନଥିବାରୁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଡ୍ରେନେଜ ବ୍ୟବସ୍ଥା ଠିକ୍ ନଥିବାରୁ ସାମାନ୍ୟ ବର୍ଷାରେ ସହରରେ ଜଳବନ୍ଦୀ ସମସ୍ୟା ଉପୁଜୁଛି। ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉନାହାନ୍ତି। ତୁରନ୍ତ ପେପର ବ୍ଲକ ଏବଂ ଡ୍ରେନ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାନଗଲେ ଆଗାମୀ ଦିନରେ କୋମନାବାସୀ ରାଜପଥକୁ ଓହ୍ଲାଇବେ। ଦରକାର ପଡ଼ିଲେ ରାସ୍ତାରୋକ ଭଳି କଠୋର ପଦକ୍ଷେପ ନିଆଯିବ ବୋଲି ପ୍ରଶାସନ ଓ ବିଭାଗକୁ ଚେତାବନୀ ଦେଇଛନ୍ତି।

# ଧାନ ମଣ୍ଡିରେ ଚାଷୀଙ୍କ ଧାରଣା

**ଗୋଲାମୁଣ୍ଡା, ୭ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚପରିଆ ପେକ୍ସର ସାନଚେରଗାଁ ଧାନମଣ୍ଡିରେ ଚାଷୀମାନେ ଧାରଣା ଦେଇଛନ୍ତି। ସୂଚନାରୁ ପ୍ରକାଶ ଧାନ ମଣ୍ଡିର ଟାର୍ଗେଟ ଶେଷ ହେବା ଫଳରେ ଅନେକ ଚାଷୀ ଧାନ ବିକ୍ରୟରୁ ବଞ୍ଚିତ ହୋଇଛନ୍ତି। ଏନେଇ



କେଗାଁ, ସିନାପାଲି ଓ ନୂଆଗାଁ ପଞ୍ଚାୟତର ଚାଷୀମାନେ ସାନଚେରଗାଁ ଧାନ ମଣ୍ଡି ସମ୍ମୁଖରେ ଧାରଣା ଦେଇଥିଲେ। ଉକ୍ତ ଧାରଣା ସ୍ଥଳରେ ଧର୍ମଗଡ଼ ଉପଖଣ୍ଡସ୍ତରୀୟ ଏସିଏସଓ ରାଜାରାମ ହୋତା ଓ ଏଆରସିଏସ୍ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବା ସତ୍ତ୍ୱେ ବି ଚାଷୀ ଧାରଣାରୁ ହଟି ନଥିଲେ। ପରେ ଗୋଲାମୁଣ୍ଡା ଅତିରକ୍ତ ତହସିଲଦାର ଅନୁଭବ ମହାନ୍ତି ପହଞ୍ଚିବା ସହିତ କେଗାଁ ଥାନା ଆଇଆଇସି ସଙ୍ଗୀତ ବେକ ମଧ୍ୟ ପହଞ୍ଚିଥିଲେ। ଚାଷୀ ଓ ପ୍ରଶାସନ ମଧ୍ୟରେ ଦୀର୍ଘ ତିନି ଘଣ୍ଟା ଧରି ଆଲୋଚନା ହୋଇଥିଲା। ଧାରଣାସ୍ଥଳରେ ହିଁ ପ୍ରଥମେ ୧୪ ଶହ କୁଇଣ୍ଟାଲ ଟାର୍ଗେଟ ଦିଆଯାଇଥିଲା। ଏହା ଶେଷ ନ ହେବା ପୂର୍ବରୁ ପୁଣି ୨ ହଜାର କୁଇଣ୍ଟାଲ ଟାର୍ଗେଟ ଦିଆଯିବ। ଏପରି ମଣ୍ଡିରେ ଥିବା ସମସ୍ତ ଧାନ ଉଠାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀ ଧାରଣାରୁ ହଟିଥିଲେ।

## କଲମପୁର ଅଞ୍ଚଳରେ ରନ୍ଧନ ଗ୍ୟାସ୍ ଏଜେନ୍ସି ନାହିଁ

**କଲମପୁର, ୭ ।୨(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଞ୍ଚଳରେ ରନ୍ଧନ ଗ୍ୟାସ ଏଜେନ୍ସି ବ୍ୟବସ୍ଥା ନାହିଁ। ଫଳରେ ଲୋକେ ଜୟପାଟଣା ଓ ଜୁନାଗଡ଼ ଏଜେନ୍ସି ଉପରେ ନିର୍ଭର କରି ଆସୁଛନ୍ତି। ଉଭୟ ଏଜେନ୍ସି ରନ୍ଧନ ଗ୍ୟାସ ଯୋଗାଣ କରିବାରେ ଅବହେଳା କରି ଆସୁଛନ୍ତି। ଗ୍ୟାସ ବୁକ କଲେ ମଧ୍ୟ ଠିକ ସମୟରେ ଯୋଗାଣ ହେଉନଥିବା ବେଳେ ଏଜେନ୍ସି ନିକଟକୁ ଗ୍ୟାସ ପାଇଁ ଯାଇ ମଧ୍ୟ ଖାଲି ହାତରେ ଫେରି ଆସିବାକୁ ପଡୁଛି। ଏଥିପାଇଁ ଘରର ରୋଷେଇ ଉପରେ ମାଡ଼ ହେବାରେ ଲାଗିଛି। ରନ୍ଧନ ଗ୍ୟାସ ବ୍ୟବହାର ହେବା ପରେ ଜାଳେଣି କାଠ ମଧ୍ୟ ମିଳୁନାହିଁ। ଏହାର ଅତ୍ୟନ୍ତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗ୍ରାମବାସୀ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ବିଧାୟକ ଶ୍ରୀ ପଟ୍ଟଯୋଷୀ ନିଶ୍ଚିତ ପଦକ୍ଷେପ ଗ୍ରହଣ କରିବି ବୋଲି କହିଛନ୍ତି।

## ଘର ଆଗରୁ ବୁଲେଟ ଚୋରି

**ଗୋଲାମୁଣ୍ଡା, ୭ ।୨(ସମିସ):** ଗୋଲାମୁଣ୍ଡା ଥାନା ବୃନ୍ଦାବାହାଲ ଗ୍ରାମରୁ ବିଳମ୍ବିତ ରାତ୍ରିରେ ଘର ଆଗରୁ ବୁଲେଟ ଗାଡି ଚୋରି ହୋଇଥିବା ନେଇ ଥାନାରେ ଏତଲା ଦିଆଯାଇଛି। ସୂଚନାମତେ ବୃନ୍ଦାବାହାଲ ଗ୍ରାମର ଉଦିତ ରାଉତ (୩୬)ଙ୍କ ବୁଲେଟ ଗାଡି ନଂ-ଓଡି୦୮ଭି ୭୩୪୮ ଘର ଆଗରେ ଲକ କରି ରଖିଥିଲେ। ସକାଳୁ ଉଠି ଦେଖିଲା ବେଳକୁ ଗାଡି ନଥିବା ଦେଖିବାକୁ ପାଇଥିଲେ। କୌଣସି ଦୁର୍ବୃତ୍ତ ଗାଡି ଚୋରି କରି ନେଇଥିବା ସନ୍ଦେହ ଉପୁଜୁଛି। ବିଭିନ୍ନ ଜାଗାରେ ବହୁ ଖୋଜାଖୋଜି ପରେ ମଧ୍ୟ କୌଣସି ସନ୍ଧାନ ମିଳିପାରିନାହିଁ। ଅନ୍ୟପଟେ ଜଣେ ଦୋକାନୀଙ୍କ ସିସିଟିଭି କ୍ୟାମେରା ରେ ବିଳମ୍ବିତ ରାତ୍ରିରେ ୧.୧୭ ସମୟରେ ୩ଜଣ ଯୁବକ ଗାଡି ନେଉଥିବା ଭିଡିଓ କଏଦ ହୋଇଛି। ଏନେଇ ଗୋଲାମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ଗୋଲାମୁଣ୍ଡା ପୁଲିସ ପହଞ୍ଚି ତଦନ୍ତ କରୁଛି। ତେବେ ରାତ୍ରିରେ ପୁଲିସ ପାଟ୍ରୋଲିଂ କରୁନଥିବାରୁ ଚୋରି ବଢୁଥିବା ହେତୁ ଜନସାଧାରଣ ଭୟଭୀତ ରହୁଥିବା ଅଭିଯୋଗ ହୋଇଛି।

## ମ.ରାମପୁରରେ ସମ୍ପୂର୍ଣ୍ଣତା ଅଭିଯାନ




**ମ.ରାମପୁର, ୭ ।୨(ସମିସ):** ଭାରତ ସରକାରଙ୍କର ନୀତି ଆୟୋଗର ତତ୍ତ୍ୱାବଧାନରେ ଦେଶର ଅନୁନ୍ନତ ଅଞ୍ଚଳର ଦୃତ ବିକାଶ ପାଇଁ କାର୍ଯ୍ୟକ୍ରମ ଆକାଂକ୍ଷି ବ୍ଲକ ଅଧିନରେ ଆରମ୍ଭ ହୋଇଛି। ଶୁକ୍ରବାର ପଞ୍ଚାୟତ ସମିତି ମ.ରାମପୁର ତରଫରୁ ମ.ରାମପୁର ବିଜୁ କଲ୍ୟାଣ ମଣ୍ଡପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠୀଙ୍କ ତତ୍ତ୍ୱାବଧାନ ଓ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନିତ ଅତିଥି କଳାହାଣ୍ଡି ଲୋକ ସଭା ସାଂସଦଙ୍କ ପ୍ରତିନିଧି ପଦ୍ମ ଲୋଚନ ମିଶ୍ର, ବିଧାୟକ ନର୍ଲା ପ୍ରତିନିଧି ସତ୍ୟ ନାରାୟଣ ସାହୁ, ଉପନିର୍ଦ୍ଦେଶକ ଜିଲ୍ଲା ଯୋଜନା ଓ ପରିସଂଖ୍ୟାନ ଶ୍ରୀକାନ୍ତ ଦଲେଇ, ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଶୈଳଜା ନନ୍ଦନ ମିଶ୍ର, ଶିଶୁ ବିକାଶ ପ୍ରକଳ୍ପ ମହିଳା ପରିଦର୍ଶିକା ଶର୍ମିଳା ବେହେରା, ଗୋଷ୍ଠି କୃଷି ଅଧିକାରୀ ପୂଜାରାଣୀ ବାଗ, ଗୋଷ୍ଠୀ ପ୍ରାଣୀସମ୍ପଦ ବିଭାଗର ଅତିରିକ୍ତ ଅଧିକାରୀ ପ୍ରତିଭା ମାଝୀ ପ୍ରମୁଖ ମଞ୍ଚାସିନ ଥିଲେ। ବିଡିଓ ଶ୍ରୀ ସେଠୀ ଆକାଂକ୍ଷି ବ୍ଲକର ସମ୍ପୂର୍ଣ୍ଣତା ଅଭିଯାନ ୨.୦ର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ବ୍ଲକକୁ ଦିଆଯାଇଥିବା ୬ଟି ସୂଚକାଙ୍କ ଲକ୍ଷ୍ୟ ସମ୍ବନ୍ଧରେ ବିସ୍ତୃତ ରୂପରେ ଜଣାଇଥିଲେ।ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥିଗଣ ସମସ୍ତଙ୍କ ସମନ୍ୱୟ ଓ ସହଭାଗିତା କାମନା କରି ବ୍ଲକର ଦ୍ରୁତ ବିକାଶ ସହ ସାମଗ୍ରିକ ଉନ୍ନତି ଉପରେ ଗୁରୁତ୍ୱ ଦେଇଥିଲେ। ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଓ ବିଭିନ୍ନ ଭତ୍ତା ବିତରଣ କରାଯାଇଥିଲା। ସମସ୍ତ ବିଭାଗୀୟ କର୍ମଚାରୀ, ସମସ୍ତ ଜନପ୍ରତିନିଧି, ଜନ ସାଧାରଣ, ପ୍ରାଶାସନିକ ଅଧିକାରୀ ଓ କର୍ମଚାରୀ ଆଦି ସମସ୍ତେ ଏକହୋଇ କାର୍ଯ୍ୟ କରି ବ୍ଲକକୁ ସୁସ୍ଥ, ସମୃଦ୍ଧ ଭାବରେ ଗଢି ତୋଳିବା ପାଇଁ ଶପଥ ପାଠ କରିଥିଲେ। ବିଭାଗଙ୍କ ଦ୍ୱାରା ପ୍ରଦର୍ଶନୀ ଷ୍ଟଲ୍ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାମ୍ବାଦିକ ହେମନ୍ତ ସାହୁ ପରିଚାଳନା କରିଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ପଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ର ଛାତ୍ରୀ, ସମସ୍ତ ବିଭାଗୀୟ ତୃଣମୂଳସ୍ତର କର୍ମଚାରୀ, ଚାଷୀ, ଜନସାଧାରଣ, ପିରାମଲ ଫାଉଣ୍ଡେସନ, ମହାଶକ୍ତି ଫାଉଣ୍ଡେସନର କର୍ମଚାରୀ ଆଦି ଉପସ୍ଥିତ ଥିଲେ।

## ଡୁମେରପଦର ହାଇସ୍କୁଲର ବାର୍ଷିକ ଉତ୍ସବ

**ଥୁଆମୂଳରାମପୁର, ୭ ।୨ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଡୁମେରପଦର ଏସ୍ଏସ୍ଡି ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ମଙ୍ଗଳ ଅଧିକାରୀ ଶୁଭଜିତ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଏମ୍ଏମ୍ପିଏସ୍ ଯୁକ ଦୁଇ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ଅଧ୍ୟାପକ ଉଦ୍ଧବ ବାରିକ, ଅଧ୍ୟାପକ ଶେଖ୍ ଅଖତର, ପ୍ରଶାନ୍ତ କୁମାର ମୁଣ୍ଡଛିନା ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଧାନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଜୁନିୟର ସିନିୟର ବର୍ଗରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ସଫଳ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶିକ୍ଷକ କିଶୋର ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ କର୍ମଚାରୀଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୂଚାରୁରୂପେ ସମ୍ପାଦନା କରିଥିଲେ।

## ଜଳିଗଲା ହାଇୱା



**କଲମପୁର, ୭ ।୨(ସମିସ):** ରାସ୍ତାରେ ଯାଉଥିବା ଏକ ପିଚୁ ବୋଝେଇ ହାଇୱା ଗାଡ଼ି ରାସ୍ତା ଉପରେ ଜଳିଯାଇଛି। ହାଇୱା ଗାଡି ନଂ-ଓଡି୦୮ଟି-୮୫୫୫ ସାରେସମାଲ ପିଚୁ ପ୍ଲାଣ୍ଟରୁ ପିଚୁ ବୋଝେଇ କରି ଜୟପାଟଣା ବ୍ଲକ ସାନପୁଝାରୀ ଗଡ଼ା ଗ୍ରାମକୁ ଯାଉଥିଲା। କଲମପୁର ବ୍ଲକ ବିଜମରା ନିକଟରେ କୌଣସି କାରଣ ବଶତଃ ଚାଲୁଥିବା ସମୟରେ ଗାଡ଼ିରେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିବା ଜାଣି ଚାଳକ ଗାଡିରୁ ଓହ୍ଲାଇ ଦୌଡ଼ି ପଳାଇ ଜୀବନ ବଞ୍ଚାଇ ଥିଲେ। ସୂଚନା ପାଇ ଜୟପାଟଣା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।ବଡ ଅଘଟଣ ହେବା ପୂର୍ବରୁ ନିଆଁକୁ ଆୟତ୍ତ କରାଯିବା ଦ୍ୱାରା ଜନ ସାଧାରଣ ଆଶ୍ୱସ୍ତ ହୋଇଥିଲେ।ଘଟଣାସ୍ଥଳରେ କଲମପୁର ଥାନା ଅଧିକାରୀ ବିଶ୍ୱମ୍ବର କହଁର, ଏଏସ୍ଆଇ ଶିବ ଶଙ୍କର ମହାନ୍ତି, ବଡକୁଟୁ ଫାଣ୍ଡି ଅଧିକାରୀ ଅସିତ କୁମାର ପଣ୍ଡା ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ରିଷିଡ଼ା ପିଏମଶ୍ରୀ ବାପୁଜୀ ହାଇସ୍କୁଲର ବାର୍ଷିକ ଉତ୍ସବ

**କର୍ଲାମୁଣ୍ଡା ୭।୨(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ପିଏମଶ୍ରୀ ସରକାରୀ ବାପୁଜୀ ହାଇସ୍କୁଲ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟତ୍ରୀ ଦିପ୍ତିମୟୀ ଦୋରାଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ



କୋକସରା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ ଭାଟି ମୁଖ୍ୟଅତିଥି, ଜଗନ୍ନାଥ ଡିଗ୍ରୀ କଲେଜ ଇଂରାଜୀ ଅଧ୍ୟାପକ ହିରୋଜ କୁମାର ଚାନ୍ଦ ମୁଖ୍ୟବକ୍ତା, ରିଷିଡା ସରପଞ୍ଚ ସରପଞ୍ଚ ସେବତୀ ରଣା, ତେରେସିଂହା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗରୁଡଧ୍ୱଜ ଗହୀର, ବାଞ୍ଚିପଦର ଉନ୍ନୀତ ହାଇସ୍କୁଲର ପ୍ରଧାନଶିକ୍ଷକ ରୂପାଚନ୍ଦ୍ର ସାହୁ, ପରିଚାଳନା ସମିତି ସଭାପତି ସଚ୍ଚିଦାନନ୍ଦ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଦିପ୍ତିମୟୀ ଦୋରା ସ୍ୱାଗତ ଓ ବାର୍ଷିକ ବିବରଣୀ ପଠନ କରିଥିଲେ। ଉଦ୍ଯାପନୀ ସମାରୋହ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ରିଷିଡା ସରପଞ୍ଚ ସେବତୀ ରଣା, ପରିଚାଳନା ସମିତି ସଭାପତି ସଚ୍ଚିଦାନନ୍ଦ ନାଏକ, ଉପସଭାପତି ବୀଣାପାଣି ସୁନା ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ମନୋଜ କୁମାର ସୁନା ମଞ୍ଚପରିଚାଳନା କରିଥିବା ବେଳେ ବରିଷ୍ଠଶିକ୍ଷକ ସାଗର ରଣା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ହେମନ୍ତ ସାହୁ ପରିଚାଳନା କରିଥିଲେ। ଶିକ୍ଷକ ମେନେଜର ହରିଜନ, ଅଭିମନ୍ୟୁ ରଣା, ସୁଶାନ୍ତ ସେଠ, ମୁଖିରାମ କମ୍ପ, ରାଜେଶ ପାତ୍ରଙ୍କ ସମେତ ଅନେକ ଶିକ୍ଷକ ଶିକ୍ଷୟତ୍ରୀ, କର୍ମଚାରୀ ଓ ପରିଚାଳନା ସମିତି ସଭ୍ୟ ସଭ୍ୟା ସହଯୋଗ କରିଥିଲେ।

## ଜୁନାଗଡ଼ ମହୋତ୍ସବ ଉଦ୍ଯାପିତ

**ଜୁନାଗଡ଼, ୭ ।୨(ସମିସ):** ଜୁନାଗଡ଼ରେ ତିନିଦିନ ଧରି ଚାଲିଥିବା ଜୁନାଗଡ଼ ମହୋତ୍ସବ ଗୁରୁବାର ଉଦ୍ଯାପିତ ହୋଇଯାଇଛି। ମହୋତ୍ସବରେ ଜୁନାଗଡ଼ ଏକତା ଦେଖାଇଥାଏ। ଯିଏ ଯେଉଁ ଦଳର ଥିଲେ ମଧ୍ୟ ଜୁନାଗଡ଼ର ବିକାଶ ପାଇଁ ସମସ୍ତେ ଏକ ହୋଇ ଛିଡା ହୁଅନ୍ତି। ଜୁନାଗଡ଼ ମହୋତ୍ସବ ଏକ ଉତ୍ସବ ନୁହେଁ, ଏହି ଉତ୍ସବ ମଧ୍ୟରେ



ଜୁନାଗଡ଼ର କଳା, ସଂସ୍କୃତି, ପରମ୍ପରାକୁ ଆଗାମୀ ପିଢ଼ି କିଭଳି ଆଗକୁ ନେବ ମହୋତ୍ସବର ମୁଖ୍ୟ ଭୂମିକା ବୋଲି ମୁଖ୍ୟଅତିଥି କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଜୁନାଗଡ଼ ମହୋତ୍ସବ କମିଟିର ଅଧ୍ୟକ୍ଷ ଦୁର୍ଗାପ୍ରସାଦ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ ଡ଼ଃ ଉମେଶ ଚନ୍ଦ୍ର ସତପଥୀ, ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, କଳାହାଣ୍ଡି ଡିଏଫଓ ପ୍ରଭାକର ବର୍ମା, ଜିଲ୍ଲାପରିଷଦ ଉପାଧକ୍ଷ୍ୟା ସବିତା ମେହେର, ବିସିସି ବ୍ୟାଙ୍କ ସଭାପତି ଗିରିଶ ଚନ୍ଦ୍ର ବେହେରା, କଳାହାଣ୍ଡି ଡିସିଓ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ପୂର୍ବ ଜିଲ୍ଲା ପରିଷଦ ଉପାଧକ୍ଷ ଭବସିନ୍ଧୁ ମଙ୍ଗରାଜ, ଜିଲ୍ଲାପରିଷଦ ସଭ୍ୟ ସଙ୍ଗୀତା ଖରସେଲ, ଜୁନାଗଡ଼ ବ୍ଲକ ଅଧକ୍ଷ୍ୟା ସବିତା ମେହେର, ଏନ୍ଏସି ଅଧକ୍ଷ୍ୟା ହିମାଦ୍ରୀ ନାଏକ, ଜୁନାଗଡ଼ ବ୍ଲକ ସରପଞ୍ଚ ସଂଘ ସଭାପତି ତାରାଶଙ୍କର ରାୟଗୁରୁ, ଜୁନାଗଡ଼ ମହୋତ୍ସବ କମିଟିର ଉପସଭାପତି ଆଶିଷ ଗୋଏଲ, ସନ୍ତୋଷ ସାହୁ, କାଉନସିଲର ଗୋପାଳ ଚନ୍ଦନ, ସଚିନ ଆଦାନି, କାହ୍ନୁ ବୈଠାରୁ, ହିମାଦ୍ରୀ ସିନ୍ଦୁର, ପୁଷ୍ପାଞ୍ଜଳି ଦଣ୍ଡସେନା, ମାଧବୀ ବାଗ, ମଞ୍ଜୁଲତା ସେଠି, କୁନି ଶବର, ଭୂପେନ୍ଦ୍ର ଦଣ୍ଡସେନା, ମିନତୀ ମାଝୀ, ଚକ୍ରଧର ବାଗ ପ୍ରମୁଖ ଉଦବୋଧନ ଦେଇଥିଲେ। ଜୁନାଗଡ଼ ମହୋତ୍ସବ କମିଟିର ସମ୍ପାଦକ ହିମାଂଶୁ ଶେଖର ବରାଡ଼ ମଞ୍ଚ ପରିଚଳନା କରିଥିଲେ। ଭବାନୀପାଟଣାର ପ୍ରତିଭା ଅନୁଷ୍ଠାନ, ଜୁନାଗଡ଼ର କଳାବିକାଶ କେନ୍ଦ୍ର ଏବଂ ସମ୍ବଲପୁରରଉମାକାନ୍ତ ବାରିକ ଏବଂ ସାଥିଙ୍କ ଦ୍ୱାରା ସମ୍ବଲପୁରି ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ସାରା ରାତି ଦର୍ଶକଙ୍କୁ ବାନ୍ଧି ରଖିଥିଲା।

## ମହେଶ୍ୱର ସାହୁଙ୍କ ପରଲୋକ

**ଭବାନୀପାଟଣା/ଧର୍ମଗଡ଼, ୭ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରର ପୂର୍ବତନ ଏସ୍ବିଆଇ ଅଧିକାରୀ ତଥା ପ୍ରଜାପତି ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଆଜୀବନ ସଦସ୍ୟ ମହେଶ୍ୱର ସାହୁଙ୍କ ୭୮ ବର୍ଷ ବୟସରେ ପରଲୋକ ହୋଇ ଯାଇଛି।



ସେ କିଛି ଦିନ ହେଲା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଦେହାନ୍ତ ହୋଇଛି। ଶୁକ୍ରବାର ତାଙ୍କ ପାର୍ଥିବଶରୀର ଭବାନୀପାଟଣାରେ ପହଞ୍ଚିବା ପରେ ଆତ୍ମିୟ ସ୍ୱଜନ, ପରିବାରବର୍ଗଙ୍କ ଗହଣରେ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ ପୁଅ ସୁବୋଧ କୁମାର ସାହୁ ମୁଖାଗ୍ନି ପ୍ରଦାନ କରିଥଲେ। ପ୍ରଜାପତି ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଭବାନୀପାଟଣା ଶାଖାର କର୍ମକର୍ତ୍ତା, ଦକ୍ଷିଣୀ ଶୌଣ୍ଡିକ ସାଂସ୍କୃତିକ ମହାସଂଘ ଭବାନୀପାଟଣା ଓ ଟିଟିଲାଗଡ଼ ସବ ଡିଭିଜନର ସଦସ୍ୟ ତଥା ସହ ର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ତାଙ୍କର ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

## ସିଏମ୍ ଟ୍ରଫି କବାଡ଼ି ପ୍ରତିଯୋଗିତା ପାଇଁ ଚୟନ



**ନୂଆପଡ଼ା, ୭ ।୨(ସମିସ):** ନୂଆପଡ଼ା ସ୍ଥିତ ପିଏମଶ୍ରୀ ନେସନାଲ ଉଚ୍ଚ ବିଦ୍ୟାଳୟରେ ସିଏମ୍ ଟ୍ରଫି କବାଡି ପ୍ରତିଯୋଗିତା ପାଇଁ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଚୟନ ପ୍ରକ୍ରିୟାରେ ଜିଲ୍ଲାର ସମସ୍ତ ବ୍ଲକରୁ ଏବଂ ସମସ୍ତ ବିଜ୍ଞାପିତ ଅଞ୍ଚଳ ପରିଷଦରୁ ବାଳକ ବିଭାଗରେ ୨୦୫ ଜଣ ଓ ବାଳିକା ବିଭାଗରେ ୯୪ ଜଣ କବାଡି ଖେଳାଳି ଅଂଶ ଗ୍ରହଣ କରିଥିଲେ। ନ୍ୟାସନାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ଖେଳ ଇଣ୍ଡିଆ କବାଡି ସେଣ୍ଟରରେ ଚୟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।ଜିଲ୍ଲାର ବିଶିଷ୍ଟ କ୍ରୀଡାବିତ୍ ତଥା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ତଥା ଓସିଏର ଉପସଭାପତି ଭୈରବ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ କୁମାର ମହରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ, ନ୍ୟାସନାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ, ସମାଜସେବୀ ଯାଜ୍ଞସେନି ମହାପାତ୍ର, ପ୍ରତିଭା ହୋତା ପ୍ରମୁଖ ଯୋଗ ଦେଇଥିଲେ। ମହତାବ ଆଡଜୁଆଡ଼, ମୋହନ କୁମାର ମହନ୍ତ, ଅନିଲ ରାଉତ, ସୁରୁବାବୁ ପ୍ରଧାନ, ଭରତ ପ୍ରଧାନ, ଶ୍ରୀମତୀ ନିରୁପମା ପଟେଲ, କୁମକ୍ଷରୀ ରିଙ୍କି ଦଣ୍ଡସେନା, ଚମନଲାଲ ରାଉତ ଇତ୍ୟାଦି ସମସ୍ତ ଖେଳ ଶିକ୍ଷକମାନେ ଚୟନ ପ୍ରକ୍ରିୟାକୁ ସୁଚାରୁରୂପେ କାର୍ଯ୍ୟକାରୀ କରିଥିଲେ। ଚୟନ ପ୍ରକ୍ରିୟାରୁ ୧୬ ବର୍ଷରୁ କମ ବାଳକ ବିଭାଗରେ ୧୦ଟି ଦଳ ଓ ୧୬ବର୍ଷରୁ କମ ବାଳିକା ବିଭାଗରେ ୬ଟି ଦଳ ଚୟନ କରାଯିବ। ଏହି ଦଳ ମାନେ ଆଗାମୀ ଫାଇନାଲରେ ହେବାକୁ ଥିବା ସିଏମ୍ ଟ୍ରଫି କବାଡି ପ୍ରତିଯୋଗିତା ରେ ଭାଗ ନେବେ। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଠିକ ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇ ଚଳିତ ସିଏମ ଟ୍ରଫି କବାଡିରେ ଉଚ୍ଚତର ଖେଳ ପ୍ରଦର୍ଶନ କରି ଜିଲ୍ଲା ପାଇଁ ନିଶ୍ଚୟ ପ୍ରଶଂସା ଆଣିବେ।ଜିଲ୍ଲା କ୍ରୀଡା ଅଧିକାରୀ ଜିଲ୍ଲାର ସମସ୍ତ ରେଜିଷ୍ଟ୍ରୀଭୁକ୍ତ ଖୋ ଖୋ, ଫୁଟବଲ ଓ ଭଲିବଲ୍ ଖେଳାଳିଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ ଅଳ୍ପ ଦିନ ମଧ୍ୟରେ ଅନ୍ୟ ତିନିଟି ଖେଳର ଚୟନ ପ୍ରକ୍ରିୟା ଆରମ୍ଭ ହେବ। ସେଥିପାଇଁ ରେଜିଷ୍ଟ୍ରିଭୁକ୍ତ ଖେଳାଳିମାନେ ପ୍ରସ୍ତୁତ ହୋଇ ରହିବାକୁ ଅନୁରୋଧ କରିଛନ୍ତି।

### ସାମାଜିକ ସୁରକ୍ଷା ଯୋଜନାର ସମୀକ୍ଷା

# ପ୍ରଥମ ଦିବ୍ୟାଙ୍ଗ ମିତ୍ର ଭାବେ ପିଲାଲାଲ ଜଗତ ସମ୍ମାନିତ

**ନୂଆପଡ଼ା, ୭ ।୨(ସମିସ)**

ନୂଆପଡ଼ା ଜିଲ୍ଲାରେ ସାମାଜିକ ସୁରକ୍ଷା ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ପ୍ରାରମ୍ଭରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଅନନ୍ତ କୁମାର ହେମ୍ବ୍ରମ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ଦିବ୍ୟାଙ୍ଗଙ୍କ ପାଇଁ ଦିନଟିଏ ଓ ବିଧବା ସହାୟତା ଯୋଜନାରେ କଣ ଅଗ୍ରଗତି ହୋଇଛି ଜିଲ୍ଲାପାଳ ଜାଣିବାକୁ ଚାହିଁଥିଲେ। ସମୀକ୍ଷାରୁ ଜିଲ୍ଲାରେ ମଧୁବାବୁ ପେନସନ ଯୋଜନାରେ ୬୧, ୩୬୧ ଜଣ ଏବଂ ଜାତୀୟ ପେନସନ ଯୋଜନାରେ ୪୯, ୪୧୮ ଜଣ ହିତାଧୀକାରୀ ସୁବିଧା ପାଉଥିବାରୁ ସରକାରୀ ତଥ୍ୟରୁ ପ୍ରକାଶ। ଭତ୍ତା ପାଇବା ପାଇଁ ଆବେଦନ କରିଥିବା ୧୯୨ ଜଣଙ୍କ ମଧ୍ୟରୁ ୧୫୭ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇ ଦିଆଯାଇଛି। ଭିନ୍ନକ୍ଷମ ୫୬ ଜଣ ଦମ୍ପତ୍ତିଙ୍କୁ ଗତବର୍ଷ ଦୁଇ ଲକ୍ଷ ପଚାଶ ହଜାର ଟଙ୍କା ହିସାବରେ ମୋଟ ଏକ କୋଟି ୪୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ୪୧ ଜଣ ଭିନ୍ନକ୍ଷମ ପରିବାରର ଛାତ୍ର ଛାତ୍ରୀଙ୍କୁ ୧୨, ୨୩, ୫୧୦ ଟଙ୍କା



ବୃତ୍ତି ଦିଆଯାଇଛି। ବାଣୀଶ୍ରୀ ଯୋଜନାରେ ୪୬୨ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ବୃତ୍ତି ପାଇଁ ଆବେଦନ କରିଛନ୍ତି।ଜିଲ୍ଲାରେ ୧୦୪ ଜଣ ତୃତୀୟ ଲିଙ୍ଗୀଙ୍କୁ ଚିହ୍ନଟ କରି ୭୧ ଜଣଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ବିଧବା ସହାୟତା ଯୋଜନା ପାଇଁ ଜିଲ୍ଲାରେ ୧୮, ୯୩୨ ଜଣଙ୍କୁ ଚିହ୍ନଟ କରା ଯାଇଛି। ଜିଲ୍ଲାପାଳ ଉପସ୍ଥିତ ଅଧିକାରୀଙ୍କୁ ଜିଲ୍ଲାରେ ଖୁବ୍ ଶୀଘ୍ର ବିଧବା ଓ ଭିନ୍ନକ୍ଷମଙ୍କ ଏକ ଡାଟା ବେସ ତିଆରି ହେବ ବୋଲି କହିଥିଲେ।ଏହାଦ୍ୱାରା ସେମାନଙ୍କୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯୋଜନାର ସମସ୍ତ ଲାଭ ପହଞ୍ଚାଇ ଦିଆଯିବ। ଏହି ଅବସରରେ ନୂଆପଡ଼ା ଜିଲ୍ଲାରେ ଆରମ୍ଭ ହୋଇଥିବା ' ଦିବ୍ୟାଙ୍ଗ ମିତ୍ର ପୁରସ୍କାର ' ପ୍ରଥମ ଥର ପାଇଁ ପିଲାଲାଲ ଜଗତ, ଗ୍ରାମ ହଳଦୀ, ଡୁମରପାଣି ପଞ୍ଚାୟତଙ୍କୁ ଜିଲ୍ଲାପାଳ ପ୍ରଦାନ କରିଥିଲେ। ଦିବ୍ୟାଙ୍ଗ ଜନଙ୍କ ସାମାଜିକ ସଶକ୍ତିକରଣ, ମର୍ଯ୍ୟାଦା ଓ ସମାବେଶ ନିମନ୍ତେ ତାଙ୍କର ଅସାଧାରଣ ନିଷ୍ଠା, ସମର୍ପଣ ଓ ମାନବିକ ସେବା ପାଇଁ ଏହି ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି। ସିନାପାଲି ବ୍ଲକ ସାଗୁନବାଡି ଗ୍ରାମର ଭିନ୍ନକ୍ଷମ ଛାତ୍ର ଖଗେଶ୍ୱର ତୋଲତିଆଙ୍କୁ ଜିଲ୍ଲାପାଳ ଲାପ୍ ଟପ୍ ପ୍ରଦାନ କରିଥିଲେ। ବୈଠକରେ ଉପଜିଲ୍ଲାପାଳ ସୁର୍ମୀ ସୋରେନ୍, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦ୍ୱାରିକାନାଥ ଶତପଥୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତି ରେଖା ନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ବିଭାଗୀୟ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ଗ୍ରୀନ୍ ଭ୍ୟାଲି ଏକାଡେମୀ ବିଦ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ




**କଳମପୁର, ୭ ।୨(ସମିସ):** କଳମପୁରରେ ଅସ୍ଥାୟୀ ସ୍ଥାନରେ ଗ୍ରୀନ ଭ୍ୟାଲି ଏକାଡେମୀ ବିଦ୍ୟାଳୟ ପରିଚାଳିତ ହୋଇ ଆସୁଥିଲା। ପରିଚାଳନା କମିଟିର ଉଦ୍ୟମକ୍ରମେ ତାହାକୁ ନୂତନ ସ୍ଥାନକୁ ସ୍ଥାନାନ୍ତର ହୋଇଛି। ନୂତନ କୋଠା ଘର ନିର୍ମିତ ହୋଇ ଉଦ୍‌ଘାଟନ ହୋଇଯାଇଛି।ଉଦ୍‌ଘାଟନ ଉତ୍ସବରେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଥୁଆମୂଳରାମପୁର କଲେଜ ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଥୁଆମୂଳ ରାମପୁର ବିଜେପି ମଣ୍ଡଳ ପ୍ରଭାରି ଘନଶ୍ୟାମ ନାଏକ, ବିଜୟ ପଣ୍ଡା, ଥାନା ଅଧିକାରୀ ବିଶ୍ୱମ୍ବର କହଁର, ପଣ୍ଡିଗାଁ ସରପଞ୍ଚ କବିତା ଜୈନ, ମିନଗୁର ସରପଞ୍ଚ ନୀହାରିକା ବେହେରା, ଦେପୁର ସରପଞ୍ଚ ଟ୍ୱିଙ୍କଲ ପାତ୍ର, କୋଟା ଗାଁ ସରପଞ୍ଚ ଚନ୍ଦନ ପଣ୍ଡା, ନୂଆଗାଁ ସରପଞ୍ଚ ସୁଶାନ୍ତ ମାଝୀ, ଯୋଗଦେଇ ଥିଲେ, ପରିଚାଳନା କମିଟି ସଭାପତି ମନୋଜ ଅଗ୍ରୱାଲ ସଭାପତିତ୍ୱ କରିଥିବା ବେଳେ ସୁଶିଲ ଜୈନ, ଶିବ ସାହୁ, ଦେବରାଜ ମିଶ୍ର, ମୁକେଶ ଅଗ୍ରୱାଲ, ଜଗୁ ଶର୍ମା, ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶିବାନୀ ଶର୍ମା ବିଦ୍ୟାଳୟର ବିବରଣୀ ପାଠ କରିଥିଲେ।

ବନ୍ଦ ହେଲାଣି ପ୍ରାୟ ୧୦୦ ମଣ୍ଡି

## ଶତାଧିକ ମଣ୍ଡିରେ ପଡ଼ିଛି ୬ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଧାନ

**ଭବାନୀପାଟଣା, ୭ ।୨(ସମିସ)**

ଚଳିତ ଖରିଫ ଧାନ ବିକ୍ରି ପ୍ରକ୍ରିୟାରେ ଚାଷୀ ହନ୍ତସନ୍ତ ହେବା ସାର ହୋଇଛି। ବିଳମ୍ବରେ ମଣ୍ଡି ଖୋଲିବା ଠାରୁ ଆରମ୍ଭ କରି ମିଲର୍ସଙ୍କ ଧାନ ନଉଠାଇବା ଧମକ ଚାଷୀଙ୍କୁ ପ୍ରଥମରୁ ନିରାଶ କରିଥିଲା।ପରେ ଟୋକନ୍ ଠିକ୍ ସମୟରେ ଆସିନଥିଲା। ଟୋକନ ଆସିଲେ ଧାନ ନଉଠିବା ଏବଂ ଧାନ ଉଠିଲେ ଠିକଣା ସମୟରେ ଚାଷୀ ନିଜ ପ୍ରାପ୍ୟ ନପାଇବା ଏକ ପ୍ରକାର ମୁସ୍କିଲ ପରିସ୍ଥିତି ସୃଷ୍ଟି କରିଥିଲା। କଂଗ୍ରେସ ଓ ବିଜୁ ଜନତା ଦଳ ନେତୃବର୍ଗ ମଣ୍ଡି ପରିଦର୍ଶନ କରି ବାସ୍ତବିକ ସମସ୍ୟା ବୁଝିବା ସହିତ ଚାଷୀର ଦୁଃଖରେ ସମବେଦନା ଜଣାଇଛନ୍ତି। ଅନ୍ୟପକ୍ଷରେ ଇତିମଧ୍ୟରେ ୫୮ଲକ୍ଷ କୁଇଣ୍ଟାଲ ଧାନ ମଣ୍ଡିରୁ ଉଠିବା ସତ୍ତ୍ୱେ ଶାସକ ଦଳର କୌଣସି ନେତା ଚାଷୀର ମୌଳିକ ସମସ୍ୟାର ସମାଧାନ ପାଇଁ ଚେଷ୍ଟା କରିନଥିବା କୁହାଯାଉଛି। ମଣ୍ଡିରେ କାହା ପାଦ ପଡ଼ିନାହିଁ। ସଭା ସମିତି ଓ ମେଳା, ଉତ୍ସବ ମହୋତ୍ସବ ସହ ବିଭିନ୍ନ କାର୍ଯ୍ୟରେ ଫିତାକଟା ଉଦ୍‌ଘାଟନ ପର୍ବ ଯୋଗଦେବାରେ ଲିପ୍ତ ରହିଲେ। କେବଳ ସେତିକି ନୁହେଁ ସୋସିଆଲ ମିଡିଆରେ ପୋଷ୍ଟ କରିବାରେ ଯେମିତି ପ୍ରତିଯୋଗିତା ଚାଲୁଥିବା ଅନୁଭବ ହେଉଛି। ଜିଲ୍ଲାରେ ଚଳିତ ଖରିଫ୍ ଧାନ କିଣା ଆରମ୍ଭରୁ ଅବ୍ୟବସ୍ଥା ଜାରି ରହିଥିବା ଜାଣିସୁଦ୍ଧା ତିଳେମାତ୍ର ସହାନୁଭୂତି ପ୍ରଦର୍ଶନ କରିବା ନଜରକୁ ଆସିନଥିଲା। ଜିଲ୍ଲାରେ ଧାନ କିଣା ଶେଷ ପର୍ଯ୍ୟାୟର ପହଞ୍ଚିଛି। କିନ୍ତୁ ୨ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇନାହିଁ ଧାନ କିଣା ବ୍ୟବସ୍ଥା। ଏବେ ବି ଜିଲ୍ଲାର ଶତାଧିକ ମଣ୍ଡିରେ ୬ ଲକ୍ଷରୁ ଊର୍ଦ୍ଧ୍ୱରୁ କୁଇଣ୍ଟାଲ ଧାନ ପଡ଼ି ରହିଥିବା ବେଳେ



୬୪ ଲକ୍ଷ ୫୮ ହଜାର କୁଇଣ୍ଟାଲ ଟାର୍ଗେଟ ରହିଛି।୬୪ଲକ୍ଷ କୁଣ୍ଟାଲରୁ ଶୁକ୍ରବାର ସୁଦ୍ଧା ପ୍ରାୟ ୫୮ ଲକ୍ଷରୁ ଊର୍ଦ୍ଧ୍ୱରୁ କୁଇଣ୍ଟାଲ ଧାନ ମଣ୍ଡିରୁ ଉଠାଯାଇଛି ବୋଲି ରିପୋର୍ଟ ଯୋଗାଣ ବିଭାଗ ପ୍ରସ୍ତୁତ କରିଛି। ସେଥିମଧ୍ୟରୁ ୪୯ଲକ୍ଷ ୧୧ହଜାର ୧୪୧କୁଇଣ୍ଟାଲ ଧାନର ଟଙ୍କା ବ୍ୟାଙ୍କରେ ପଡ଼ିଥିବା ଜଣାଯାଇଛି। ଆଉ ୬ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଗଲେ ମୁଣ୍ଡ ବିନ୍ଧା ଦୂରହେବ ବୋଲି ଚିନ୍ତା କରୁଛି ପ୍ରଶାସନ। ଚଳିତ ବର୍ଷ ପାଖାପାଖି ୬୪ଲକ୍ଷ କୁଇଣ୍ଟାଲ ଧାନ ପାଇଁ ଟୋକନ ମହଜୁଦ ଥିବାକଥା କହୁଥିଲେ ମଧ୍ୟ ଚାଷୀଙ୍କ ଖଳାରେ ଘରେ ଶହ ଶହ କ୍ୱିଣ୍ଟାଲ ଧାନ ଗଚ୍ଛିତ ଥିବା ଚାଷୀ ପ୍ରକାଶ କରିଛନ୍ତି। ରବି ଚାଷବେଳେ ଖରିଫର ବଳକା ଧାନ ଚାଷୀ ମଣ୍ଡିରେ ବିକ୍ରି କରିବା ସବୁଠାରୁ ବଡ ସମସ୍ୟା ହୋଇ ଅଡୁଆରେ ପକାଇବା ନିଶ୍ଚିତ। କାରଣ ଧାନ ମଣ୍ଡିରୁ ନେଇ ମିଲରେ ରଖିବା ପାଇଁ ଆଉ ସ୍ଥାନ ନାହିଁ। ଗତ ୨୦୨୪/୨୫ର ୧୧ଲକ୍ଷ କୁଇଣ୍ଟାଲ ଧାନ ସେମିତି ମିଲ ଗୁଡିକରେ ପଡ଼ିରହିଛି। ତାହା ଲିଫ୍ଟ ହେଉନାହିଁ। ଏଫ୍‌ସିଆଇ ସହଯୋଗ କରୁନଥିବା ମିଲର୍ସ ଅଭିଯୋଗ କରିଛନ୍ତି। ସେପଟେ ଅଧିକ କୁଇଣ୍ଟାଲ ଧାନ ରଖି ଚାଷୀ ଅପେକ୍ଷା କରି ରହିଛନ୍ତି। ଗତ ବର୍ଷରୁ ଶାସକ ଦଳ ଦାମ୍ଭିକତାର ସହିତ କହିଥିଲେ କଟ୍‌ନୀ ଛଟ୍‌ନୀ ହେବ ନାହିଁ। କିନ୍ତୁ ଅନ୍ୟାନ୍ୟ ବର୍ଷ ତୁଳନାରେ ମଣ୍ଡି ଗୁଡିକରେ ଭୟଙ୍କର କଟନି ଛଟନିକୁ ଚାଷୀ ସାମ୍ନା କରିଛି। ସେତିକି ନୁହେଁ ପ୍ରବଳ ଥଣ୍ଡା ଆଉ ଖୋଲା ଆକାଶ ତଳେ ମଣ୍ଡିରେ ଜଗିରହି ଧାନ ବିକ୍ରି କରିବାର ବିକଳ ସ୍ଥିତିକୁ ଚାଷୀ କେବେ ଭୁଲିବାର ନାହିଁ। ଜିଲ୍ଲାର ଧାନ ବିକ୍ରି ପ୍ରକ୍ରିୟାରେ ଦେଖାଦେଇଥିବା ମନ୍ଥରଗତି ସମ୍ପର୍କରେ ରାଜ୍ୟ ସରକାର ଜିଲ୍ଲା ପ୍ରଶାସନ

**ଖରିଫ ଧାନ ବିକ୍ରିରେ ଚାଷୀ ଅଧିକ ହିନସ୍ତା ହୋଇଛନ୍ତି**

**ଶାସକ ଦଳ ନେତା ଚାଷୀଙ୍କ ପାଖ ମାଡ଼ିନାହାନ୍ତି**

**ଯୋଗାଣ ବିଭାଗ ରିପୋର୍ଟ ୫୮ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ**

ଓ ଯୋଗାଣ ବିଭାଗ ଏବଂ ମିଲର୍ସ ସମସ୍ତେ ଯେମିତି ଅବଗତ ଥାଇ ଚାଷୀଙ୍କୁ ଅନ୍ଧାରରେ ରଖି ଆସିଥିବା କଥା ଅନେକ ନିଜ ଅନୁଭବରୁ ପ୍ରକାଶ କରିଛନ୍ତି। କେସିଙ୍ଗା ବ୍ଲକର କାଣ୍ଡେଲ ହେଉ କି କେ ଗାଆଁ ମଣ୍ଡିରେ ଏବଂ କର୍ଲାମୁଣ୍ଡା ବ୍ଲକର ଜୋରାଡୋବ୍ରା ମଣ୍ଡିରେ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ିଥିବା ଜଣାପଡ଼ିଛି। ରବି ଚାଷ ପାଇଁ ଇନ୍ଦ୍ରାବତୀ କେନାଲରେ ପାଣି ଛାଡିବା ପରେ ଚାଷୀମାନେ ପହ୍ନା ରୁଆ ଆରମ୍ଭ କରିଥିବା ବେଳେ କିଛି ଚାଷୀ ରୁଆ ମଧ୍ୟ ଆରମ୍ଭ କଲେଣି। ହେଲେ ଏ ଯାଏଁ ମଣ୍ଡିରୁ ଖରିଫ୍ ଧାନ ଉଠୁନଥିବାରୁ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ଗୋଟିଏ ପଟେ ଟୋକନରେ ବିଭ୍ରାଟ ଯୋଗୁଁ ବଡ଼ ଚାଷୀମାନେ ଧାନ ବିକ୍ରି କରି ପାରୁନଥିବା ବେଳେ ଟୋକନ ଥିବା ଧାନ ମଧ୍ୟ ବିକ୍ରି ହେବାର ନାଁ ଧରୁନାହିଁ। କେତେକ ଚାଷୀ ସେମାନଙ୍କର କଷ୍ଟ ଉପାର୍ଜିତ ଧାନକୁ ମଣ୍ଡିରେ ଜଗି ରହିବା ପରିବର୍ତ୍ତେ ଶାଗ ମାଛ ଦରରେ ବିକ୍ରୀ କରିବାକୁ ମନ ସ୍ଥିର କରିଥିବା ଲକ୍ଷ୍ୟ କରାଯାଇଛି। ଏମିତି କହିବାକୁଗଲେ ଧାନକୁ ଦଲାଲମାନେ ଏବେ ମଧ୍ୟ କୁଇଣ୍ଟାଲ ପିଛା ୧୭ଶହ ଟଙ୍କାରେ କିଣି ମିଲ୍ ପଏଣ୍ଟକୁ ପହଞ୍ଚାଉଥିବା କାର୍ଯ୍ୟରେ ସଫଳ ହେଉଛନ୍ତି ବୋଲି ଅଭିଯୋଗ ଶୁଣିବାକୁ ମିଳୁଛି। ଦଲାଲମାନେ କମ୍ ମୂଲ୍ୟରେ ଧାନ କିଣି ଚାଷୀଙ୍କ ଟୋକନରେ ବିକ୍ରି କରି ବୋନସ ଚଲୁ କରୁଥିବା ବେଳେ ଚାଷୀମାନେ ଜଳକା ହୋଇ ରହିଛନ୍ତି। ରବିଚାଷ ଆରମ୍ଭ ହୋଇଥିବା ବେଳେ ଧାନ ବିକ୍ରି ହେଉ ନଥିବା ଯୋଗୁଁ ଅଧିକାଂଶ ଚାଷୀ ନିରୁପାୟ ହୋଇ କିଛି ଚାଷୀ ଧାନ ଘରକୁ ନେଇସାରିଛନ୍ତି। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ରଙ୍କୁ ପଚାରିବାରୁ ମଣ୍ଡିରେ କେତେ ଧାନ ପଡ଼ି ରହିଛି କିନ୍ତୁ ସବୁ ଧାନ ଉଠାଇବା ଚେଷ୍ଟା ଜାରି ରହିଥିବା ପ୍ରକାଶ କରିଛନ୍ତି।

■ ଗ୍ରାମାଞ୍ଚଳ ଲୋକଙ୍କ ଦୁଃଖ ବୁଝୁନାହିଁ ସରକାର

## ଚାନ୍ଦା କରି ରାସ୍ତା ନିର୍ମାଣ କଲେ ପଡ଼ାବାସୀ



**ଅନୁରୋଧ କରି କରି ଥକିଗଲେ ବାଞ୍ଜିପଡ଼ାବାସୀ**

**ଶୁଣିଲାନି ପଞ୍ଚାୟତ କି ବ୍ଲକ୍ ପ୍ରଶାସନ**

**ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ମୁହଁ ମୋଡ଼ିଦେଲେ**

**ତୁରେକେଲା, ୭ ।୨(ସମିସ):** ରାଜ୍ୟର ଡବଲ ଇଂଜିନ ସରକାର ଗ୍ରାମାଞ୍ଚଳର ବିକାଶ କଥା କହୁଛି। ଗ୍ରାମାଞ୍ଚଳ ଲୋକଙ୍କ କଥା କିନ୍ତୁ ଶୁଣୁନି। ଅନେକଥର ପଡ଼ାବାସୀ ରାସ୍ତା ନିର୍ମାଣ କରିବାକୁ ପଞ୍ଚାୟତରୁ ବ୍ଲକ ପ୍ରଶାସନ ଏବଂ ପଞ୍ଚାୟତରାଜ ବିଭାଗ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। କେହି କିନ୍ତୁ ସେମାନଙ୍କ ଦୁଃଖ ବୁଝିଲେନି। ଶେଷର ସମସ୍ୟା ସମାଧାନ ଲାଗି ସେମାନେ ନିଜ ଭିତରେ ନିଷ୍ପତ୍ତି ନେଲେ। ନିରାଶ ହୋଇ ଗରିବ ଅସହାୟ ପରିବାର ଲୋକେ ଘର ପିଛା ୧ ହଜାର ଟଙ୍କା ଲେଖାଏଁ ଚାନ୍ଦା କରିଥିଲେ। ଏହି ଟଙ୍କାରେ ରାସ୍ତା ନିର୍ମାଣ କରିଥିବା ଦେଖିବାକୁ ମିଳିଛି। ବଲାଙ୍ଗୀର ଜିଲ୍ଲାର ଉପାନ୍ତ ଅଞ୍ଚଳ ଢୋଲାମାନ୍ଦଳ ପଞ୍ଚାୟତର ବାଞ୍ଜିପଡ଼ାର ଏହି କାହାଣୀ। ଏଠାରେ ଆଦିବାସୀ ସମ୍ପ୍ରଦାୟର ପ୍ରାୟ ୧୦ ଘର ପରିବାର ବସବାସ କରନ୍ତି। ବାଞ୍ଜିପଡ଼ାଠାରୁ ବହଳପଡ଼ାକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ। ଏହାଫଳରେ ଏମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବାଞ୍ଜିପଡ଼ାବାସୀ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟରେ ସେମାନଙ୍କ ସମସ୍ୟା କହୁଛନ୍ତି; ହେଲେ ଏହାର ସମାଧାନ ହେଉନାହିଁ। ଗତ କିଛି ଦିନ ତଳେ ଏହି ଅଞ୍ଚଳକୁ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ମଧ୍ୟ ଗସ୍ତ କରିଥଲେ। ସେତେବେଳେ ମଧ୍ୟ ଏମାନେ ମନ୍ତ୍ରୀଙ୍କୁ ଦରଖାସ୍ତ ଦେଇଥିଲେ; ହେଲେ ଫଳ ଶୂନ। ଶେଷରେ ଶନିବାର ନିଜେ ରାସ୍ତାରେ ମାଟି, ମୋରମ ପକାଇ ନିର୍ମାଣ କରିଛନ୍ତି।

## ଫଂଟକିମହୁଲରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଥୁଆମୂଳରାମପୁର, ୭ ।୨ (ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ଗୋପୀନାଥପୁର ପଞ୍ଚାୟତର ଫଂଟକିମହୁଲ ଗାଁରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଶନିବାର ଆୟୋଜିତ ଶିବିରରେ ମୋଟ ୧୫୯ ଜଣ ଭିନ୍ନକ୍ଷମ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୬୭ ଜଣ ଚଳନଗତ ଅକ୍ଷମତା ବ୍ୟକ୍ତି, ଦୃଷ୍ଟି ବାଧିତ ୩୨, ମସ୍ତିଷ୍କ ବାଧିତ ୨୭ ଏବଂ ୩୩ ଜଣ ମୂକ ଓ ବଧିର ବ୍ୟକ୍ତି ସାମିଲ ଥିଲେ। ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ପ୍ରତିନିଧି ପବିତ୍ର ନାଏକ, ଲାଞ୍ଜିଗଡ଼ ବିଜେପି ପ୍ରଭାରୀ ବିଷ୍ଣୁ ନାଏକ, ସ୍ଥାନୀୟ ସରପଞ୍ଚ ଧନସିଂ ମାଝୀ, ବ୍ଲକ ମଙ୍ଗଳ ଅଧିକାରୀ ଶୁଭଜିତ ସ୍ୱାଇଁ, ବ୍ଲକ ଯୋଗାଣ ନିରୀକ୍ଷକ ବିଭୂ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଆୟୋଜିତ ଶିବିରରେ ୨ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକଲ, ୨ ଜଣଙ୍କୁ ହ୍ୱିଲ୍ ଚେୟାର ୪ ଜଣଙ୍କୁ ଆଶାବାଡି ପ୍ରଦାନ କରିଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ଅବିନାଶ ଏ ନେଗି, ମନରୋଗ ଚିକିତ୍ସକ ଅନନ୍ତ ଚରଣ ମେହେର, ନେତ୍ର ଚିକିତ୍ସକ ନିବେଦିତା ମହାପାତ୍ର, ଦୁରସଂଯୋଗ ଚିକିତ୍ସକ ନିବେଦିତା ସାହୁ, ମନୋବିଜ୍ଞାନୀ ଚିକିତ୍ସକ ଅନାୟତ ମହମ୍ମଦ ଏବଂ ଶ୍ରବଣ ବିଶେଷଜ୍ଞ ଆରାଧନା ବେହୁରା ପ୍ରମୁଖ ଉପସ୍ଥିତ ରହି ଭିନ୍ନକ୍ଷମତାର ପରୀକ୍ଷା ନିରୀକ୍ଷା କରିଥିଲେ। ଗୋପୀନାଥପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୋରାସିଂ ମାଝୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିବିର ଗ୍ରାମ ତଳସ୍ତରରେ ହେବାକୁ ନେଇ ପ୍ରଶାସନର ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହିତ ସନ୍ତୋଷ ପ୍ରକାଶ କରିଥିଲେ।

## ଏନ୍‌ଏସିରେ ବର୍ଜ୍ୟବସ୍ତୁ ସଂଗ୍ରହ ଯାନ ଲୋକାର୍ପିତ

**ଧର୍ମଗଡ଼, ୭ ।୨(ସମିସ):** ଧର୍ମଗଡ଼ ଏନ୍‌ଏସିରେ ୫ଟି ବର୍ଯ୍ୟବସ୍ତୁ ସଂଗ୍ରହ ଯାନର ଲୋକାର୍ପିତ ହୋଇଛି। ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ୫ଟି ବର୍ଯ୍ୟବସ୍ତୁ ସଂଗ୍ରହ ଯାନ ର ଶୁଭାରମ୍ଭ କରିଥିଲେ। ଆଗରୁ ଧର୍ମଗଡ଼ ଏନ୍‌ଏସିରେ ୩ଟି ସଫେଇ ଗାଡ଼ି ରହିଥିଲା ଫଳରେ ସହରର ତ୍ୱରିତ ଭାବେ ଅଳିଆ ସଂଗ୍ରହ ହୋଇ ପାରୁ ନଥିଲା।ସରକାରୀ ନିୟମ ଅନୁଯାୟୀ ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ପ୍ରତ୍ୟେକ ୬୦୦ଘରରେ ଗୋଟିଏ ଗାଡିର ଆବଶ୍ୟକତା ଥିଲା। ୫ଟି ଗାଡ଼ି ଲୋକାର୍ପଣ ହେବା ପରେ ଧର୍ମଗଡ଼ ଏନଏସି ର ୧୪ଟି ୱାର୍ଡରେ ସଫେଇ କାର୍ଯ୍ୟ ଆହୁରି ତ୍ୱରାନିତ୍ୱ ହୋଇ ପାରିବ। କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର, ସଫେଇ ପ୍ରବୀଣ ଅଭିନନ୍ଦନ ପ୍ରଧାନ, ହିସାବ ରକ୍ଷକ ହିମାଂଶୁ ରଣା, ବରିଷ୍ଠ କିରାଣୀ ରବୀନ୍ଦ୍ର ପରିଡ଼ା ସମେତ ଏନ୍‌ଏସିର ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

## କୃଷକ ଉତ୍ପାଦକ କମ୍ପାନୀର ତାଲିମ କାର୍ଯ୍ୟକ୍ରମ




**କୋମନା, ୭ ।୨(ସମିସ):** ସ୍ଥାନୀୟ ସହଭାଗୀ ବିକାଶ ଅଭିଯାନ ବିଲେଞ୍ଜୋର ତାଲିମ କେନ୍ଦ୍ରଠାରେ ଗତ ବୁଧବାର ଠାରୁ ରୁ ଚାଲିଥିବା କୃଷକ ଉତ୍ପାଦକ କମ୍ପାନୀର ଆବାସିକ ତାଲିମ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ତିନି ଦିନ ଧରି କୃଷକ ଉତ୍ପାଦକ କମ୍ପାନୀ ମାନଙ୍କ ଦକ୍ଷତା ବୃଦ୍ଧି ଓ ବିଭିନ୍ନ ପ୍ରକାର ସରକାରୀ ଯୋଜନା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୪ଟି କମ୍ପାନୀ ରୁ ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ତାଲିମଦାତା ଭାବରେ ଜଗଦୀଶ ପ୍ରସାଦ ଦାସ ତାଲିମ ପ୍ରଦାନ କରିଥିଲେ ଓ ତାଲିମ କାର୍ଯ୍ୟକ୍ରମରେ ଅତିଥି ଭାବରେ ନାବାର୍ଡ ଡିଡିଏମ ନୂଆପଡ଼ା ଓ କୃଷି ଅଧିକାରୀ କୋମନା, ଉଦ୍ୟାନ ବିଭାଗ ଅଧିକାରୀ କୋମନା ଯୋଗଦାନ କରି ବିଭିନ୍ନ ଯୋଜନା ଉପରେ ସମ୍ପୂର୍ଣ୍ଣ ଭାବରେ ବୁଝାଇଥିଲେ। ତାଲିମକୁ ଅନୁଷ୍ଠାନର ସଂଯୋଜକ ମନୋଜ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ମାର୍କେଟ ଏକଜ୍ୟୁକେଟିଭ ଖୁସିରାମ ଶବର ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ସରପଞ୍ଚ ପୀତାମ୍ବର ପୂଝାରୀଙ୍କ ପରଲୋକ

**ଧର୍ମଗଡ଼, ୭ ।୨ (ସମିସ):** ଧର୍ମଗଡ଼ ବ୍ଲକ ଡୁମେରଗୁଡା ପଞ୍ଚାୟତ ମୁଖିଗୁଡାଗାଁର ପୀତାମ୍ବର ପୂଝାରୀଙ୍କ ଶନିବାର ଦିନ ପରଲୋକ



ହୋଇଛି। ସେ ଦୀର୍ଘ ଦିନରୁ ପାରାଲିସିସ ରୋଗରେ ପୀଡିତ ଥିଲେ। ସେ ୨୦୦୭ରୁ ୨୦୧୨ ମସିହା ୫ ବର୍ଷ ଡୁମେରଗୁଡା ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳର ବରିଷ୍ଠ ସମାଜ ସେବୀ ଶ୍ୟାମସୁନ୍ଦର ମାଝୀ, ପୂର୍ବତନ ସରପଞ୍ଚ ସୁରେଶ ଉଇଁସାଳ, ସମାଜସେବୀ ଦୟାନିଧି ମାଝୀ ଦୁଃଖ ପ୍ରକାଶ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ସେମିଲିଏନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଗୋଲାମୁଣ୍ଡା, ୭ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚିଚିଆ ଗ୍ରାମ ସ୍ଥିତ ସେମିଲିଏନ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅଧକ୍ଷ ପୃଥିରାଜ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ବିଦ୍ୟାଳୟରବରିଷ୍ଠ ଅଧ୍ୟାପକ ସୁରେନ୍ଦ୍ର କୁମାର ଭୋଇ, ଅଧ୍ୟାପକ ଗୋପାଳ ସାହୁ, ବରିଷ୍ଠ କିରାଣି ସୁଦର୍ଶନ ଚୌଧରି, ଖେଳ ଶିକ୍ଷକ ଯତୀନ୍ଦ୍ର ମୋହନ ମୁଣ୍ଡ, କନିଷ୍ଠ କିରାଣି ଜନ୍ମେଜୟ ରାଉତ, ପିଅନ ସୁବାସ ଚନ୍ଦ୍ର ପଣ୍ଡା, ଡିଇଓ ପ୍ରମୋଦ କୁମାର ଗୁରୁ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଉକ୍ତ ଉତ୍ସବରେସୁଜନ ଅଘରିଆ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଅଧ୍ୟାପକ ଗୋପାଳ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ



**ସିନାପାଲି, ୭ ।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ନିଲଜି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସିନାପାଲି ଗୋଷ୍ଠୀ ଶିକ୍ଷା ବିଭାଗ ନିଲଜି କ୍ଲଷ୍ଟର ଆନୁକୂଲ୍ୟରେ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ବାଲାଜି ସୁନାନୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସିନାପାଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜତିନ୍ଦ୍ର କୁମାର ସେଠ, ମୁଖ୍ୟବକ୍ତା ଭାବେ ରାକେଶ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ସରକାରୀ ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ସତ୍ୟବ୍ରତ ଗହିର, ସିଆରସିସି ଦୁର୍ଯ୍ୟୋଧନ ମାଝି, ଜଗଦୀଶ ତାଣ୍ଡି, ଭିମସେନ ମେହେର, ଖଗେଶ୍ୱର ବାଗ, ପ୍ରଦିପ ନାଏକ, ମହେନ୍ଦ୍ର ବାଗ, ଗୁରୁଚନ୍ଦ୍ର ସା ପ୍ରମୁଖ ଯୋଗଦାନ କରିଥିଲେ। ଧିରେନ୍ଦ୍ର କୁମାର ସା ମଞ୍ଚ ପରିଚାଳନା କଲେ। ସିଆରସିସି ଶ୍ରୀ ସୁନାନୀ କାର୍ଯ୍ୟକ୍ରମ ସୁନ୍ଦର ଭାବରେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ କ୍ଲଷ୍ଟରସ୍ତରୀୟ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଗଲା। ଶେଷରେ ଦିପକ କୁମାର ସା ଧନ୍ୟବାଦ ଅର୍ପଣ କରିଥିଲେ।

ରାଜସ୍ୱ ବିଭାଗ ସମୀକ୍ଷା ବୈଠକ

## ଅନନ୍ତ ଶବର 'ରାଜସ୍ୱ ମିତ୍ର ପୁରସ୍କାର'ରେ ସମ୍ମାନିତ

**ନୂଆପଡ଼ା, ୭ ।୨(ସମିସ)**

ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ରାଜସ୍ୱ ବିଭାଗ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଆରମ୍ଭରେ ଜିଲ୍ଲାପାଳ ସମସ୍ତ ରାଜସ୍ୱ ଅଧିକାରୀଙ୍କୁ ସ୍ୱାଗତ କରି ରାଜସ୍ୱ ଆଦାୟର ଗୁରୁ ଦାୟିତ୍ୱ ସମ୍ବନ୍ଧରେ ଚେତାଇ ଦେଇଥିଲେ। ରାଜସ୍ୱ ମାମଲା ସବୁ ତୁରନ୍ତ ଫୈସଲା କରିବା, ବେଆଇନ ଇଟାଭାଟି ସବୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ରାଜସ୍ୱ ବିଭାଗ ଜନସାଧାରଣଙ୍କ ନିକଟରେ ପହଞ୍ଚିବା ପାଇଁ'ଗାଁରେ ରାଜସ୍ୱ ପ୍ରଶାସନ'କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ କହିଥିଲେ। ଜିଲ୍ଲାପାଳ ପାର୍ଚ୍ଚାର କଲମ ୨ସଂଶୋଧନ, ବସୁନ୍ଧରା ଯୋଜନା, ଏନଫୋର୍ସମେଣ୍ଟ, ସିଟି ଏବଂ ଜିଏସଟି, ଅବକାରୀ, ପରିବହନ, ମାଇନିଂ ସମେତ ଅନ୍ୟ ରାଜସ୍ୱ ସମ୍ପର୍କିତ ବିଷୟଗୁଡିକର ସମୀକ୍ଷା କରିଥିଲେ। ଜାନୁୟାରୀ ୨୦୨୬ ସୁଦ୍ଧା ସିଟି ଏବଂ ଜିଏସଟି ବିଭାଗ ୧୭ କୋଟି ୧୫



ଲକ୍ଷ ଟଙ୍କା, ପ୍ରବର୍ତ୍ତନ ବିଭାଗ ୨ କୋଟି ୬୫ ଲକ୍ଷ, ବୈଧ ଓଜନ ଓ ମାପ ବିଭାଗ ୧୮, ୭୭, ୧୬୮ ଟଙ୍କା, ପରିବହନ ବିଭାଗ ୧୨ କୋଟି ୩୪ ଲକ୍ଷ ଟଙ୍କା, ଅବକାରୀ ବିଭାଗ ୧୬, ୫୮, ୧୬, ୫୬୫ ଟଙ୍କା, ଜିଲ୍ଲା ନିବନ୍ଧକ ୭, ୫୯, ୭୫, ୬୮୪ ଟଙ୍କା, ମାଇନିଂ ବିଭାଗ ୧, ୮୧, ୩୫ହଜାର ଟଙ୍କା ରାଜସ୍ୱ ପ୍ରଦାନ କରିଛନ୍ତି। ବନଖଣ୍ଡ ଅଧିକାରୀ ଅଜିଜ ଖାନ ଏବଂ ସମିର ସାହୁ ବନାଗ୍ନି ନିୟନ୍ତ୍ରଣ ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଅବଗତ କରିଥିଲେ। ଜିଲ୍ଲାପାଳ ପୂର୍ବ ଘୋଷିତ ଜିଲ୍ଲାର ପ୍ରଥମ'ରାଜସ୍ୱ ମିତ୍ର ପୁରସ୍କାର'ରେ ଟାନୱାଟ ଗାଁର ଅନନ୍ତ ଶବରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରତି ମାସରେ ଜଣେ ବ୍ୟକ୍ତି ଯିଏ ସର୍ବାଧିକ ରାଜସ୍ୱ ପ୍ରଦାନ କରୁଛନ୍ତି ଏବଂ ସରକାରଙ୍କ ସମସ୍ତ ରାଜସ୍ୱ ନିୟମ ପ୍ରତିପାଳନ କରୁଛନ୍ତି ତାଙ୍କୁ 'ରାଜସ୍ୱ ମିତ୍ର' ଭାବରେ ସମ୍ବର୍ଦ୍ଧିତ କରାଯିବା ପାଇଁ ସ୍ଥିର କରାଯାଇଛି। ତ୍ରୈମାସିକ ଅବଧିରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ ପାଇଁ ତହସିଲଦାର ନୂଆପଡ଼ା, ପ୍ରଣବ ରଞ୍ଜନ ସାହୁ, ଅତିରିକ୍ତ ତହସିଲଦାର କୋମନା, ସୋନିଆ ଶ୍ରୀମଲ୍ଲିକ, ରାଜସ୍ୱ ସୁପରଭାଇଜର ଲକ୍ଷ୍ମୀ ନାରାୟଣ ମେହେର, ରାଜସ୍ୱ ନିରିକ୍ଷକ ଧନଞ୍ଜୟ ଦଣ୍ଡସେନା ଏବଂ ସର୍ବଶ୍ରେଷ୍ଠ ଅମିନ ଭାବରେ ନେତ୍ରାନନ୍ଦ ବିଶୀଙ୍କୁ ଜିଲ୍ଲାପାଳ ସମ୍ମାନିତ କରିଥିଲେ। ଏହି ସମୀକ୍ଷା ବୈଠକରେ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ସମିର ସାହୁ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ବିଡିଓ, ଅନ୍ୟ ରାଜସ୍ୱ ଅଧିକାରୀ ଏବଂ ସଂଶ୍ଳିଷ୍ଟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଭିବିଜି ରାମଜି ମଣ୍ଡଳସ୍ତରୀୟ କର୍ମଶାଳା

**କଳମପୁର, ୭ ।୨(ସମିସ):** କଳମପୁର ବିଜେପିର ଭିବିଜି ରାମଜି ମଣ୍ଡଳସ୍ତରୀୟ କର୍ମଶାଳା ପଣ୍ଡିଗାଁ ସାପ୍ତାହିକ ବଜାର ପରିସରରେ ଅନୁଷ୍ଠିତ ହୋଇଯାଇଛି। କଳମପୁର ମଣ୍ଡଳ ସଭାପତି ହିତେଶ କୁମାର ପାତ୍ରଙ୍କ ନେତୃତ୍ୱରେ କର୍ମଶାଳା ଆୟୋଜିତ ହୋଇଥିଲା। ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ, ଜିଲ୍ଲା ଭିବିଜି ରାମଜି ଜିଲ୍ଲା କୋଅଡିନେଟର ତ୍ରିନାଥ ଶବର, ଧର୍ମଗଡ଼ ନଗର ସଭାପତି ଘନଶ୍ୟାମ ଅଗ୍ରୱାଲ, କଳମପୁର ମଣ୍ଡଳ ପ୍ରଭାରି ଲକ୍ଷ୍ମୀ କାନ୍ତ ବାଗ, ସାଂସଦ ପ୍ରତିନିଧି ଅରୁଣ ଜଗରିଆ, ଥୁଆମୂଳ ରାମପୁର ମଣ୍ଡଳ ପ୍ରଭାରି ଘନଶ୍ୟାମ ନାଏକ,



ରଣମାଳ ପ୍ରଭାରୀ ସୁଶାନ୍ତ ରାଉତ, ବରିଷ୍ଠ ନେତା ବିଜୟ ପଣ୍ଡା, ସମିତି ସଦସ୍ୟା ବୃନ୍ଦା ଭୋଇ, ରିନା ମାଝୀ ପ୍ରମୁଖ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଯୋଜନା ଉପରେ ଆଲୋକପାତ କରିଥିଲେ। ବିଜେପି ପକ୍ଷରୁ ହରେକୃଷ୍ଣ ସାହୁ, ସୁଜିତ ଦଣ୍ଡସେନା, ମୁକୁନ୍ଦ ତେଣ୍ଡକାରୀ, ଶିବାଜି ଚିନ୍ଦା, କୃପାସିନ୍ଧୁ ସାହୁ, ସୁଶିଲ ପତି, ଅରୁଣ ପଟେଲ, ଦୁତି କୃଷ୍ଣ ଖର୍ସେଲ ପ୍ରମୁଖ ସହଯୋଗ କରିଥିଲେ। କଳମପୁର ମଣ୍ଡଳ ପୂର୍ବତନ ବିଜେପି ସଭାପତି କମଳ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA



## ଚିନ୍ତା ବଢ଼ାଉଛି ୨୦ ନମ୍ବର ଜାତୀୟ ରାଜପଥ ସ୍ପିଡ ବ୍ରେକର

# କମିବା ବଦଳରେ ବଢୁଛି ଗାଡ଼ିର ବେଗ; ଅଞ୍ଚଳବାସୀ ହନ୍ତସନ୍ତ

ଆନନ୍ଦପୁର, ୭।୨(ସମିସ)



କେନ୍ଦୁଝର ଜିଲ୍ଲାର ଲାଇଫ୍‌ଲାଇନ୍ କୁହାଯାଉଥିବା ପାଣିକୋଇଲି-ରିମୁଳି ୨୦ ନମ୍ବର ଜାତୀୟ ରାଜପଥ ଏବେ ଲୋକମାନଙ୍କ ପାଇଁ ମୃତ୍ୟୁଯନ୍ତା ପାଲଟିଛି। ଶାଳପଡ଼ାରେ ଅସମ୍ପୂର୍ଣ୍ଣ ରାଜପଥ ଯୋଗୁ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବାବେଳେ କୋଳିମାଟିରେ ସବୁ ସମୟରେ ଦୁର୍ଘଟଣା ଘଟୁଛି। ଏପଟେ ରାଜପଥ ବିଭାଗ ପକ୍ଷରୁ ଜାରିଆଡେ ସ୍ପିଡବ୍ରେକର ଲଗାଇଥିବାବେଳେ ଏହା ପୁଣି ନୂଆ ସମସ୍ୟା ସୃଷ୍ଟି କରିଥିବା ନେଇ ଗୁରୁତର ଅଭିଯୋଗ ହୋଇଛି।

୨୦ ନମ୍ବର ଜାତୀୟ ରାଜପଥରେ ଏବେ କ୍ରମାଗତ ଦୁର୍ଘଟଣା ବଢିଚାଲିଛି। ଏହାଦ୍ୱାରା ବ୍ୟାପକ ଧନଜୀବନ କ୍ଷତି ମଧ୍ୟ ହେଉଛି। ଏପଟେ ପରିବହନ ବିଭାଗ ପକ୍ଷରୁ ଦୁର୍ଘଟଣା ଜୋନ୍ ଚିହ୍ନଟ କରାଯାଇଥିବାବେଳେ ବିଭିନ୍ନ କେନ୍ଦୁଝର ଓ ଯାଜପୁର ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକରେ ସିସି କ୍ୟାମେରା ଲଗାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ନିୟମ ଉଲଂଘନକାରୀଙ୍କ ଗାଡିର ଚାଲାଣ କଟାଯିବାକୁ ଏହା କରାଯାଇଥିବା ନେଇ ପରିବହନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ କିଛି ଦିନ ତଳେ ରାଜପଥରେ ଲଗାଯାଇଥିବା ସ୍ପିଡବ୍ରେକର ଏବେ ଚିନ୍ତାର କାରଣ ହୋଇଛି। ସ୍ପିଡ୍‌ବ୍ରେକରରେ ଗାଡ଼ିର ବେଗ କମିବା ପରିବାର୍ତ୍ତେ ବଢି ଚାଲିଥିବା ମଧ୍ୟ ପରିଲକ୍ଷିତ ହୋଇଛି। ଏପରିକି ବଡବଡ ଟ୍ରକ୍, ହାଇୱା, ଟ୍ରେଲରଗୁଡିକ ସ୍ପିଡବ୍ରେକର ଅତିକ୍ରମ କରୁଥିବା ସମୟରେ ମଧ୍ୟ ବିକଟାଳ ଶବ୍ଦ ପ୍ରଦୂଷଣ କରୁଥିବା ପରିଲକ୍ଷିତ ହୋଇଛି। ପାରାଦୀପ ପାର୍ଶ୍ୱରୁ କେନ୍ଦୁଝରର ଖଣି ଅଞ୍ଚଳକୁ ଲୁହାପଥର ଲୋଡ କରିବାକୁ ଯାଉଥିବା ଟ୍ରକଗୁଡିକର ଶବ୍ଦ ନକହିବା ଭଲ। ବିଶେଷକରି ରାଜପଥ ପାର୍ଶ୍ୱରେ ରହୁଥିବା ପରିବାର ଏହାର ଯନ୍ତ୍ରଣା ଭୋଗୁଥିବା ଅଭିଯୋଗ ହୋଇଛି। ଖପରାଖାଇ ଛକରେ ରହିଥିବା ଅବସରପ୍ରାପ୍ତ ସେନା ଅଧିକାରୀ ପ୍ରଭାକର ବିଶ୍ୱାଳ ଏନେଇ ଜାତୀୟ ରାଜପଥ ବିଭାଗ ଅଧିକାରୀଙ୍କୁ ଏନେଇ ଅବଗତ କରିଛନ୍ତି। ସ୍ପିଡବ୍ରେକର ଦେଇ ଗାଡିଗୁଡିକ ଯିବା ସମୟରେ ତାଙ୍କ ଘର ସମ୍ପୂର୍ଣ୍ଣ ଭାବେ ଦୋହଲି ଯାଉଛି। ଏପରିକି ଦିନରେ ଘର ଭିତରେ ବସି ହେଉନାହିଁ କି ରାତିରେ ଶାନ୍ତିରେ ଶୋଇ ମଧ୍ୟ ହେଉନି ବୋଲି ଶ୍ରୀ ବିଶ୍ୱାଳ ପ୍ରକାଶ କରିଛନ୍ତି। ଘରର ଅନେକ ସ୍ଥାନରେ ଫାଟ ସୃଷ୍ଟି ହେବା ସହ କଂକ୍ରିଟ୍ ଖଣ୍ଡ ମଧ୍ୟ ଖସୁଥିବାରୁ ସବୁ ସମୟରେ ବିପଦ ଲାଗିରହିଛି। ଅନ୍ୟ କୌଣସି ଜାତୀୟ ରାଜପଥରେ ଏତେ ଉଚ୍ଚର ସ୍ପିଡବ୍ରେକର କରାଯାଇ ନଥିବାବେଳେ ଏଠାରେ କାହିଁକି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। କେବଳ ଏହି ପରିବାର ନୁହେଁ ରାସ୍ତାକଡ଼ରେ ରହୁଥିବା ଅନେକ ପରିବାର ଏହି ଅଭିଯୋଗ କରିଛନ୍ତି। ଏନଏଚ୍‌ଆଇ କର୍ତ୍ତୃପକ୍ଷ ତୁରନ୍ତ ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ବାଲ୍‌ଶିକ୍ଷା ସଂସ୍ଥାନ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଆନନ୍ଦପୁର, ୭।୨ (ସମିସ): ୨୦୨୫ ଶିକ୍ଷାବର୍ଷର ସରକାରୀ ମେଧାବୃତ୍ତି ପରୀକ୍ଷାର ଫଳ ପ୍ରକାଶନ ପାଇବା ପରେ ଘଷିପୁରାସ୍ଥିତ କନକ ମଞ୍ଜରୀ ବାଲ ଶିକ୍ଷା ସଂସ୍ଥାନର ତିନିଜଣ କୃତୀ ଛାତ୍ର ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ରୋହିତେଶ ସାହୁ, ଅଭିଷେକ ଭଞ୍ଜ ସଫଳତା ହାସଲ କରିଥିବା ବେଳେ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଦୁର୍ଗାପ୍ରସାଦ ସାହୁ ମଧ୍ୟ ଏହି ଗୌରବ ଅର୍ଜନ କରିଛନ୍ତି। ବିଦ୍ୟାଳୟର ନିର୍ଦ୍ଦେଶକ ଶ୍ରୀଧର ମହାରଣା ଏହି ତିନି ଜଣ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନଆଚାର୍ଯ୍ୟ ମନମୋହନ ଦାଶ, ଉପ ପ୍ରଧାନଆଚାର୍ଯ୍ୟ ସଂଗ୍ରାମ କେଶରୀ ପରିଡ଼ା, ପର୍ଯ୍ୟାୟ ପ୍ରମୁଖ ରୋନାଲି ଜେନା, ଆଚାର୍ଯ୍ୟ ନଟବର ସାହୁ, କାଳନ୍ଦୀ ମହାରଣା, ସତ୍ୟଜିତ ସାହୁ, ଶ୍ରୀଲୋଚନ ପୁହାଣ, ରବିନ୍ଦ୍ର କୁମାର ସାହୁ, ଚିତ୍ରସେନ ସାହୁ ଏବଂ ଆଚାର୍ଯ୍ୟା ରଶ୍ମିତା ସିଂ, ଶ୍ରୀୟାଶ୍ରୀ ମହାରଣା, ଦୀପ୍ତିମୟୀ ବେହେରା, ସ୍ନିଗ୍ଧାସରିତା ମହାରଣା, ସନ୍ଧ୍ୟାରାଣୀ ପଟ୍ଟନାୟକ, ଚିନ୍ମୟୀ ରାଉତ, ଜ୍ୟୋତ୍ସ୍ନାରାଣୀ ସାହୁ, ପଦ୍ମିନୀ ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ଟାଲଗାଁ ନଦୀ ଘାଟରେ ତହସିଲଦାରଙ୍କ ଚଢ଼ଉ




ଆନନ୍ଦପୁର, ୭।୨ (ସମିସ): ଘସିପୁରା ତହସିଲ ଅନ୍ତର୍ଗତ ଗୋହିରା ପଞ୍ଚାୟତ ଟାଲଗାଁ ବାଲିଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ ହେଉଥିଲା ବେଳେ ଶନିବାର ତହସିଲଦାର ଏକ ବାଇକରେ ଆସି ଗୋଟିଏ ଟ୍ରାକ୍ଟର ଜବତ କରିଛନ୍ତି। ଶତାଧିକ ଟ୍ରାକ୍ଟରରେ ବାଲି ନଦୀଘାଟରୁ ବୁହାଯାଇ ଗାଁର ବିଭିନ୍ନ ଜାଗାରେ ରଖିବା ପରେ ରାତିରେ ଜେସିବି ଦ୍ୱାରା ଲୋଡ କରି ବାହାରକୁ ନିଆଯାଉଥିବା ବେଳେ ପ୍ରଶାସନ ଧରପଗଡ଼ କରିପାରୁନାହିଁ। ଗାଁର ରାସ୍ତାଘାଟ ନଷ୍ଟକରି ସାରିଲେଣି। ୨୨ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ବିନା ନମ୍ବରରେ ଗାଡି ଚଲାଇ ବାଲି ଉଠାଉଥିବା ବେଳେ ଖଣିବିଭାଗ ନିରବ ଥିବା ବେଳେ ପୁଲିସ ମଧ୍ୟ ଆଖି ବୁଜି ଦେଇଛି। ପ୍ରଶାସନକୁ ଖୋଲମଖୁଲା ଚ୍ୟାଲେଞ୍ଜ କରୁଛନ୍ତି ବାଲି ମାଫିଆ। ସରକାର ବାଲି ମାଫିଆଙ୍କୁ ସାବାଡ଼ କରିବା ପାଇଁ ଆଦେଶ ଦେଉଥିବା ବେଳେ ଘଷିପୁରା ତହସିଲ ଟାଲଗାଁରେ ବେଆଇନ ବାଲି ଚାଲାଣକୁ ବନ୍ଦ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଟାଲଗାଁ ନିକଟରେ ବୈତରଣୀ ନଦୀରୁ ଚୋରା ବାଲି ଚାଲାଣ ଚରମ ସୀମାରେ ପହଞ୍ଚିଥିଲା। ତହସିଲଦାର ଅଭୟ ସ୍ୱାଇଁ ଚଢ଼ଉ କରିଥିଲା ବେଳେ ନଦୀ ଶଯ୍ୟାରେ ଥିବା ୪ଟି ଟ୍ରାକ୍ଟର ଖସି ପଳାଇଥିବା ଜଣାପଡ଼ିଛି। ଜବତ ଟ୍ରାକ୍ଟରକୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି। ଚଢ଼ଉରେ ଅତିରିକ୍ତ ତହସିଲଦାର ସରୋଜ ପଣ୍ଡା, ଅତିରିକ୍ତ ଆରଆଇ ବିଜୟ କୁମାର ହୋ, ନକୁଳ ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

## ପାଟଣା ବ୍ଲକ୍ ପଞ୍ଚମ ଶ୍ରେଣୀ ମେଧା ବୃତ୍ତି ପରୀକ୍ଷା ଫଳ ପ୍ରକାଶିତ





ତୁରୁମୁଙ୍ଗା, ୭।୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପଞ୍ଚମ ଶ୍ରେଣୀ ମେଧା ବୃତ୍ତି ଓ ଅର୍ଥନୈତିକ ଅନଗ୍ରସର ବୃତ୍ତି ପରୀକ୍ଷା ଫଳ ୨୦୨୫ ଶୁକ୍ରବାର ପ୍ରକାଶ ପାଇଛି। ପ୍ରଥମ ସ୍ଥାନରେ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ନିଲେଶ କୁମାର ମହାନ୍ତ, ଦ୍ୱିତୀୟ ସ୍ଥାନରେ ମୁରୁଁସୁଆଁ ସରସ୍ୱତୀ ଶିଶୁ ମନ୍ଦିରର ଅଜୟ କୁମାର ସାହୁ, ତୃତୀୟ ସ୍ଥାନରେ ସ୍ୱାମପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଂଶୁମାନ ମହାନ୍ତ, ଚତୁର୍ଥ ତୁରୁମୁଙ୍ଗାର ସ୍ୱାତୀସ୍ମିତା ମହାନ୍ତ, ୫ମ ସ୍ଥାନରେ ବିଷ୍ଣୁପ୍ରିୟା ମହାନ୍ତ, ୬ଷ୍ଠ ସ୍ଥାନରେ ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଆଶିଷ କୁମାର ମହାନ୍ତ, ସପ୍ତମ ସ୍ଥାନରେ କେତାଙ୍ଗ ସିଦ୍ଧ ବିନାୟକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଲକ୍ଷ୍ମୀ ମୁଣ୍ଡା ରହିଥିବା ବେଳେ ଅର୍ଥନୈତିକ ଅନଗ୍ରସରରେ ପ୍ରଥମ ସ୍ଥାନରେ କେତାଙ୍ଗ ସିଦ୍ଧ ବିନାୟକ ଶିଶୁ ବିଦ୍ୟାମନ୍ଦିର ତୁଷାରକାନ୍ତ ମହାନ୍ତ, ଦ୍ୱିତୀୟରେ ଅଙ୍ଗିକଳା ପ୍ରାଥମିକ ବିଦ୍ୟାଳୟର ଶୋଭାନି ପ୍ରିୟଦର୍ଶିନୀ ମହାନ୍ତ, ତୃତୀୟ ସ୍ଥାନରେ ସୁଣ୍ଢିପୋଷି ପ୍ରାଥମିକ ବିଦ୍ୟାଳୟର ଝୁମାରାଣୀ ମହାନ୍ତ, ଚତୁର୍ଥରେ କେତାଙ୍ଗା ସିଦ୍ଧ ବିନାୟକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସନ୍ଧ୍ୟାରାଣୀ ମହାନ୍ତ, ୫ମ ସ୍ଥାନରେ ସରସ୍ୱତୀ ଶିଶୁ ମନ୍ଦିର ମୁରୁସୁଆଁର ଦୀପ୍ତିମୟି ମହାନ୍ତ, ୬ଷ୍ଠ ସ୍ଥାନରେ ସ୍ୱାମପାଟଣା ସରସ୍ୱତୀ ଶିଶୁ ମନ୍ଦିରର ସ୍ୱାଧୀନ କୁମାର ସାହୁ, ସପ୍ତମ ସ୍ଥାନରେ ନେଉଳିପଶି ପ୍ରାଥମିକ ବିଦ୍ୟାଳୟର ବିନୋଦିନୀ ମହାନ୍ତ ରହିଛନ୍ତି। ନିଖିଳ ଉତ୍କଳ ଶିକ୍ଷକ ସଂଘ ଜିଲ୍ଲା ସମ୍ପାଦକ କମଳାକାନ୍ତ ପତି, ଶିକ୍ଷକ ପ୍ରମୋଦ ମହାନ୍ତ, ବୀରମୋହନ ଦ୍ୱିବେଦୀ, ଜ୍ୟୋତିର୍ମୟ ତ୍ରିପାଠୀ କୃତକାର୍ଯ୍ୟ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ସାଇଁପାଳରେ ତ୍ରିନାଥ ମେଳା



ଆନନ୍ଦପୁର, ୭।୨ (ସମିସ): ଘସିପୁରା ବ୍ଲକ ତରୁଆଁ ପଞ୍ଚାୟତ ସାଇଁପାଳ ଗ୍ରାମରେ ୨୭ତମ ବାର୍ଷିକ ତ୍ରିନାଥ ଉତ୍ସବ ଅବସରରେ ପୂଜା ଓ ମେଳା ଧାର୍ମିକ, ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। ୩ ଦିନ ଧରି ଏହି ପୂଜା ଉପଲକ୍ଷେ ଚଳିତ ବର୍ଷ ପୌଷ ମାସର ଶେଷ ରବିବାର ପ୍ରଥମେ କଳସ ବୁଡ଼ାଯାଇ ମେଳା ଆରମ୍ଭ ହୋଇ ପରେ ମାଘ ମାସର ୪ଟି ରବିବାରରେ ପୂଜା ସମାପନ ହୋଇଥାଏ। ଗତ ଶୁକ୍ରବାର ଗ୍ରାମର ଏକ ଶହରୁ ଅଧିକ ପୁରୁଷ କଳସ ଶୋଭାଯାତ୍ରାରେ ବାହାରି ମା’ କଦଳେଇ ନୂଆ ପୋଖରୀରୁ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପଣ୍ଡିତ ପ୍ରଶାନ୍ତ କୁମାର ହୋତା ତ୍ରିମୂର୍ତ୍ତିରେ ଜୀବନ୍ୟାସ ଦେଇ ପୂଜା ଆରମ୍ଭ କରିଥିଲେ। ରଶ୍ମିରଞ୍ଜନ ଦାଶ ଯଜ୍ଞ ଆରମ୍ଭ କରିବା ସହିତ ପୁରାଣ ପଠନ କରିଥି। ଗ୍ରାମବାସୀଙ୍କ ପକ୍ଷରୁ ଗୌରାଙ୍ଗ ପରିଡା ସଂକଳ୍ପରେ ବସିଥିଲେ। ପଡ଼ୋଶୀ ତରୁଆଁ, କେନ୍ଦୁଖୁଣ୍ଟା, ମହୁରୀ, ଅଳିଗାଁ, ସୋଲବନ୍ଦୀ ଓ ରାଉତପଡା ଗ୍ରାମରୁ ଭକ୍ତମାନେ ପୂଜା ମଣ୍ଡପ ନିକଟରେ ଭଜନ କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହ ଅନ୍ନପ୍ରସାଦ ସେବନ କରିଥିଲେ। ରବିବାର ପୂର୍ଣ୍ଣାହୁତିରେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅମର ଜେନା, ଚିନ୍ତାମଣି ଜେନା, ଗଙ୍ଗାଧର ଜେନା, ପ୍ରଦ୍ୟୁମ୍ନ ଜେନା ଓ କହ୍ନେଇ ପରିଡା ପରିଚାଳନା କରୁଛନ୍ତି।

## କେନ୍ଦୁଝରଗଡ଼ ଶିଶୁ ମନ୍ଦିର ଛାତ୍ରଛାତ୍ରୀଙ୍କ କୃତିତ୍ୱ

କେନ୍ଦୁଝର, ୭।୨(ସମିସ): କେନ୍ଦୁଝରଗଡ଼ ଜେଲରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚମ ଶ୍ରେଣୀର ଛାତ୍ରୀ ସାଇ ଅର୍ପିତା ପ୍ରିୟଦର୍ଶିନୀ, ସୋନାଲି ପ୍ରିୟଦର୍ଶିନୀ ଜେନା, ସ୍ୱାତୀ ସ୍ୱାଗତିକା ବେହେରା ଓ ଛାତ୍ର ଜ୍ୟୋତିବନ୍ଦ୍ର ମହାପାତ୍ର ପ୍ରମୁଖ ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଦ୍ୟାଳୟର ପ୍ରାର୍ଥନା ସମୟରେ ଆୟୋଜିତ ଏକ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଓମ୍‌କାର ଅନ୍ୱେଷ ଉକ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଓ ପର୍ଯ୍ୟାୟ ପ୍ରମୁଖ ଦୟାନିଧି ମହାନ୍ତ ଉପସ୍ଥିତ ଥିଲେ। ଉକ୍ତ ଛାତ୍ରଛାତ୍ରୀଙ୍କ କୃତିତ୍ୱ ପାଇଁ ପରିଚାଳନା ସମିତି, ଛାତ୍ରଛାତ୍ରୀ ତଥା ଅଭିଭାବକମାନଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି।

## ନବବଧୂ ନିଖୋଜ ଅଭିଯୋଗ

ହାଟଡ଼ିହୀ, ୭।୨(ସମିସ): ନନ୍ଦିପଦା ଥାନା ଶାଳଣିଆଁ ପଞ୍ଚାୟତ ସୋଲପଟା ଗ୍ରାମରୁ ଜଣେ ନବବଧୂ ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୋଲପଟା ଗ୍ରାମର ନାରାୟଣ ମଲ୍ଲିକଙ୍କ ପୁଅ ବିଦ୍ୟାଧର ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଥାନା ଘୋଷରାମାଳ ଗ୍ରାମର ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ବିବାହର କିଛିଦିନ ପରେ ଯୁବକ ଜଣକ କର୍ମକ୍ଷେତ୍ର ହାଇଦ୍ରାବାଦକୁ ପଳାଇଥିଲେ। ତିନି ଚାରିଦିନ ପୂର୍ବରୁ ଯୁବତୀଙ୍କ ବାପଘରକୁ ଫୋନ କରି ଝିଅ ପଳାଇଥିବା ସୂଚନା ଦେଇଥିଲେ। ଯୁବତୀଙ୍କ ବାପା ମାଆ ସୋଲପଟାରେ ପହଞ୍ଚି ଖୋଜାଖୋଜି କରି କିଛି ସନ୍ଧାନ ନପାଇବାରୁ ତାଙ୍କ ଝିଅ ନିଖୋଜ ହୋଇଥିବା ନେଇ ନନ୍ଦିପଦା ଥାନାରେ ଅଭିଯୋଗ କରିଛନ୍ତି।

## ଦେଓଗାଁ ମଣ୍ଡଳ କମିଟିର ବୈଠକ

ଆନନ୍ଦପୁର, ୭।୨ (ସମିସ): ଦେଓଗାଁ ମଣ୍ଡଳର ନୂତନ ଭାବେ ଘୋଷଣା କରାଯାଇଥିବା ୧୬ ଜଣିଆ କମିଟିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ବାଇଧର ଚିନ୍ଦ୍ରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସମସ୍ତ ନବନିର୍ବାଚିତ ସଦସ୍ୟଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ବିସ୍ତୃତ ଆଲୋଚନା କରାଯାଇଥିଲା। ଦେଓଗାଁ ମଣ୍ଡଳକୁ ଜିଲ୍ଲାରେ ଏକ ଶ୍ରେଷ୍ଠ ଓ ଆଦର୍ଶ ମଣ୍ଡଳ ଭାବେ ଗଢ଼ି ତୋଳିବା ପାଇଁ ସମସ୍ତ ସଦସ୍ୟ ଏକ ସ୍ୱରରେ ସଂକଳ୍ପ ନେଇଥିଲେ। ଘସିପୁରା ବିଧାୟକ ପ୍ରାର୍ଥୀ ଡ ଶମ୍ଭୁନାଥ ରାଉତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାଧାରଣ ସମ୍ପାଦିକା ଯଶସ୍ୱିନୀ ବଳ ଏବଂ ସାଂସଦ ପ୍ରତିନିଧି ଶିବେନ୍ଦ୍ର ଚକ୍ର ଯୋଗ ଦେଇଥିଲେ। ଅତିଥିମାନେ ସଂଗଠନକୁ ତୃଣମୂଳରୁ ଅଧିକ ଶକ୍ତିଶାଳୀ କରିବା ପାଇଁ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଇଥିଲେ।

## ସୋମନାଥ ମହାନ୍ତିଙ୍କ ପରଲୋକ



ଯୋଡ଼ା, ୭।୨(ସମିସ): ଯୋଡା ସହରର ଜଣାଶୁଣା ଶିକ୍ଷକ ସୋମନାଥ ମହାନ୍ତି (୮୫)ଙ୍କ ପରଲୋକ ହୋଇଛି। ଗୋପମହାନ୍ତି କଲୋନୀସ୍ଥିତ ବାସଭବନରେ ଶନିବାର ଭୋର୍ ସମୟରେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ସତ୍ୟରଂଜନ ମହାନ୍ତି, ଝିଅ ରଶ୍ମିରାଣୀ, କନିଷ୍ଠ ଝିଅ ଜ୍ୟୋତ୍ସ୍ନା ରାଣୀ, ବଡ଼ ଜ୍ୱାଇଁ କମଳ ଲୋଚନ, ପୁତ୍ରବଧୂ ପାମି, ପୁତୁରା ବୋହୂ ସିମି, ସବିତା, ଲୁଇ, ଶାନ୍ତିଲତା, ପୁତୁରା ମାନସ ରଞ୍ଜନ, ଭାଗ୍ୟରଂଜନ, ଚିତ୍ତରଞ୍ଜନ, ନିରଞ୍ଜନ, ସମସ୍ତ ନାତିନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଯୋଡା ସହରରେ ଏନେଇ ଶୋକର ଛାୟା ଖେଳି ଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ତାଙ୍କର ବହୁ ଛାତ୍ରଛାତ୍ରୀ ଶେଷ ଦର୍ଶନ କରିଥିଲେ। ସେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ପଶ୍ଚିମ ଯୋଡ଼ା ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ। ସେ ଜଣେ ଆଦର୍ଶ ଓ ଅନୁଶାସନପ୍ରିୟ ଶିକ୍ଷକ ଥିବାରୁ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ତିଆରି କରିପାରିଥିଲେ।

## ଖାଳିଆମେଣ୍ଟା ଧନେଇ ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବ




ଆନନ୍ଦପୁର, ୭।୨ (ସମିସ): ଘସିପୁରା ବ୍ଲକ ଖାଳିଆମେଣ୍ଟା ଧନେଇ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ଦେବେନ୍ଦ୍ର ଜେନା, ମୁଖ୍ୟବକ୍ତା ଭାବେ ସରପଞ୍ଚ ବୃନ୍ଦାବନ ଜେନା, ସମ୍ମାନିତ ଅତିଥି ଭାବେ ପଞ୍ଚସଖା ଶିକ୍ଷାସେତୁ ସଭାପତି ବିଭୂତିଭୂଷଣ ଜେନା, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ରଙ୍ଗାଧର ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ବାର୍ଷିକ କ୍ରୀଡ଼ାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅପରାହ୍ଣରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ସ୍ୱାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ତୁରୁମୁଙ୍ଗା, ୭।୨(ସମିସ): ପାଟଣା ମୁଖ୍ୟାଳୟ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣାର ୪୪ତମ ବାର୍ଷିକ ଉତ୍ସବ ଶନିବାର ଅଧ୍ୟକ୍ଷ ବିରେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବରେ ମହାବିଦ୍ୟାୟର ପ୍ରତିଷ୍ଠାତା ସମ୍ପାଦକ ତଥା ପୂର୍ବତନ ପାଟଣା ବ୍ଲକ ଅଧ୍ୟକ୍ଷ ବିଦ୍ୟାଧର ଦାଶ, ମୁଖ୍ୟବକ୍ତା ଭାବେ ଦଧିବାମନ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼କ୍ଟର ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥିଭାବେ ପାଟଣା ବ୍ଲକ୍ ଅଧ୍ୟକ୍ଷା ବୀଣାପାଣି ନାୟକ, ବଡପାଟଣା ସରପଞ୍ଚ ବିନତୀ ବାନାରା, ପାଟଣା ବିଧାୟକଙ୍କ ବ୍ଲକ ପ୍ରତିନିଧି କମଳାକାନ୍ତ ଦାଶ, ସମାଜସେବୀ ଅଜୟ ଦାଶ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରଯାଇଥିଲା। ଇଂରାଜୀ ଅଧ୍ୟାପକ ଅଶ୍ୱିନୀକୁମାର ସାହୁ, ଶରତ୍ଚନ୍ଦ୍ର ମିଶ୍ର ସଂଯୋଜନା କରିଥିବା ବେଳେ କ୍ୟାପଟେନ ଧର୍ମେନ୍ଦ୍ର ସାହୁ ପରିଚାଳନା କରିଥିଲେ। ଡେମନଷ୍ଟ୍ରେଟର ରଜତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନାର୍ଦ୍ଦନପୁରପାଟଣା ପ୍ରାଥମିକ ବିଦ୍ୟାଳୟର ପୁରସ୍କାର ବିତରଣ



ଆନନ୍ଦପୁର, ୭।୨(ସମିସ): ଘସିପୁରା ବ୍ଲକ ଅଳତି ପଞ୍ଚାୟତ ଜନାର୍ଦ୍ଦନପୁରପାଟଣାସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଶିକ୍ଷାବିତ୍ ଘନଶ୍ୟାମ ବୋଇତେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଘସିପୁରା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ମୁଖ୍ୟବକ୍ତା ରୂପେ ଲକ୍ଷ୍ମୀନାରାୟଣ ହାଇସ୍କୁଲ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁ ଓ ସମ୍ମାନିତ ଅତିଥିରୂପେ ଜନାର୍ଦ୍ଦନପୁରପାଟଣା ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ତଥା ସୋଆ ବିଶ୍ୱବିଦ୍ୟାଳୟ ଡିନ୍ ଡ଼ଃ ସନ୍ତୋଷ ରାଉତ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡରେସନ୍ ସମ୍ପାଦକ ରଞ୍ଜିତ ପାତ୍ର, ସିଆରସିସି ବଳଭଦ୍ର ଜେନା, ଗଡବାନ୍ଦଗୋଡା ସମିତିସଭ୍ୟ ବିଜୟ ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରିୟରଞ୍ଜନ ସ୍ୱାଇଁ, ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ବେହେରା, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମମତା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ କଳ୍ପତରୁ ନାଥ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ ପରେ ସଭାକାର୍ଯ୍ୟରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମମତା ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ କଳ୍ପତରୁ ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦୀପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଡ ସନ୍ତୋଷ ରାଉତ ବିଦ୍ୟାଳୟର ୩ୟ, ୪ର୍ଥ ଓ ୫ମ ଶ୍ରେଣୀର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଦିପ୍ତୀମୟୀ ଦାସ, ଅଙ୍କିତା ଦାସ, ମଧୁସ୍ମିତା ଦାସଙ୍କୁ ୧ ହଜାର ଟଙ୍କା ପ୍ରଦାନ କରିଥିଲେ। ପିଲାଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଦିନିକିଆ ଦିବାରାତ୍ର ଭଲିବଲ: କରଞ୍ଜିଆ ଚାମ୍ପିଅନ

ତୁରୁମୁଙ୍ଗା, ୭।୨(ସମିସ)




ପାଟଣା ବ୍ଲକ ବଡପାଟଣା ପଞ୍ଚାୟତ ସ୍ୱାମ ବିରଜୟ ଗୋବିନ୍ଦପୁର ଶାସନ ଭଲିବଲ ଆସୋସିଏସନ୍ ତରଫରୁ ଶୁକ୍ରବାର ଦିବାରାତ୍ରି ସ୍ୱାମ ଭଲିବଲ ଟୁର୍ଣ୍ଣାମେଣ୍ଟ ସ୍ୱାମ ପାଲା ପଡିଆରେ ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ କରଞ୍ଜିଆ ସହ ସ୍ୱାମ ଟିମ ମଧ୍ୟରେ ଅନୁଷ୍ଠିତ ହେଇଥିଲା। ୩ ସେଟ୍ ବିଶିଷ୍ଟ ଫାଇନାଲରେ ୨ଟି ଯାକ ସେଟ୍ କରଞ୍ଜିଆ ବିଜୟୀ ହୋଇ ଚାମ୍ପିଅନ୍ ହୋଇଥିଲା। ରେଫରୀ ଭାବେ ରାଜେଶ ସାହୁ, କିଶାନ ଦାଶ ଖେଳ ପରିଚାଳନା କରିଥିଲା। ଖେଳର ଧାରା ବିବରଣୀକୁ ଶରତଚନ୍ଦ୍ର ମିଶ୍ର ଓ ରିଙ୍କୁ ସେଠୀ ପ୍ରଦାନ କରିଥିଲେ। ହେମନ୍ତ ବେହେରାଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟଣା ଥାନା ଏଏସଆଇ ଧନେଶ୍ୱର ପାତ୍ର ସମ୍ମାନିତ ଅତିଥି ଭାବେ କ୍ରୀଡାବିତ୍ ତଥା ଶିଳ୍ପପତି ବିବେକାନନ୍ଦ ଦାଶ ଯୋଗ ଦେଇଥିଲେ। କମିଟିର ପ୍ରଭୁପ୍ରସାଦ ଦାଶ, ସୌମ୍ୟରଞ୍ଜନ ଦାଶ, କଳ୍ପତରୁ କର, ଭବତ୍ତୋଶ ଶତପଥୀ, ଆର୍ଯ୍ୟପ୍ରସାଦ ଦାଶ, ଶ୍ରୀନିବାସ ଶତପଥୀ, ଜ୍ୟୋତିର୍ମୟ ତ୍ରିପାଠୀ, ସୁମିତ ପତି, ପ୍ରକାଶ ଦାଶ, ସିଦ୍ଧାର୍ଥ ଦାଶ, ରମ୍ୟରଞ୍ଜନ ମିଶ୍ର ପରିଚାଳନା କରିଥିଲେ।

## ‘ସକାଳ’ ଜିଲ୍ଲା ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା



ଜଗତସିଂହପୁର, ୭।୨(ସମିସ): “ଜଗତସିଂହପୁର ଐତିହ୍ୟ ପଦଯାତ୍ରା’ର ପ୍ରଥମ ବାର୍ଷିକ ଉତ୍ସବ ସ୍ଥାନୀୟ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଗତ ବର୍ଷର ବାର ମାସରେ ବାରଗୋଟି ଐତିହ୍ୟ ପଦଯାତ୍ରା ସଫଳତାର ସହିତ ସମ୍ପନ୍ନ ହେବା ପରେ, ଐତିହ୍ୟପ୍ରେମୀ ଉଦ୍ୟମୀ ଯୁବମାନଙ୍କ ଦ୍ୱାରା ଜଗତସିଂହପୁର ଐତିହ୍ୟ ପଦଯାତ୍ରାର ବାର୍ଷିକ ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ଶିକ୍ଷାବିତ ଡ. ବସନ୍ତ ମଞ୍ଜରୀ ଦାସ, ଡ. ଦୀପକ୍ ସାମନ୍ତରାୟ, ଅମ୍ବିକା ପଟ୍ଟନାୟକ, ରଞ୍ଜନ କୁମାର ପଣ୍ଡା ଏବଂ ଭଗବାନ ଦାଶ ଆଦି ବରେଣ୍ୟ ବ୍ୟକ୍ତିବିଶେଷ ସଭାମଣ୍ଡନ କରି ଐତିହ୍ୟ ପଦଯାତ୍ରୀ ଦଳର ପ୍ରାଚୀନ କଳା, ଐତିହ୍ୟ ଏବଂ ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପାଇଁ ଏଭଳି ଭିନ୍ନ ପ୍ରୟାସକୁ ସାଧୁବାଦ ଜଣାଇବା ସହିତ ସେମାନଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଅବସରରେ ଦୈନିକ ‘ସକାଳ’ର ଜଗତସିଂହପୁର ଜିଲ୍ଲା ପ୍ରତିନିଧି ଶଶାଙ୍କ ଶେଖର ପଣ୍ଡାଙ୍କ ସମେତ ମାଟି ପ୍ରତି ସମର୍ପିତ ଅସାଧାରଣ ପ୍ରତିଭାଧାରୀ ସାଧାରଣ ବ୍ୟକ୍ତିମାନଙ୍କୁ ଉପଢୌକନ ମାନପତ୍ର ଓ ଜଗତସିଂହପୁର ଜିଲ୍ଲାର କଳା ଓ ସଂସ୍କୃତିକୁ ପ୍ରତିଫଳନ କରୁଥିବା ଚିତ୍ରିତ କଳସୀରେ ଔଷଧୀୟ ବୃକ୍ଷ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।

## ପରାଶର କ୍ଷେତ୍ରରେ ବିରାଜିବେ ଶ୍ରୀଜଗନ୍ନାଥ



ପାରାଦୀପ,୭।୨(ସମିସ): ପାରାଦୀପରେ ଅନୁଷ୍ଠିତ ହେବ ଶ୍ରୀଜଗନ୍ନାଥ ମହାଚେତନା ମହୋତ୍ସବ “ଦରିଆ କୂଳେ ଶ୍ରୀଜଗନ୍ନାଥ’। ୯ ଦିନ ଧରି ଆୟୋଜିତ କରାଯାଉଥିବା ଏହି କାର୍ଯ୍ୟକ୍ରମରେ ମହାପ୍ରଭୁଙ୍କ ୩୨ ବେଶ, ୫୬ ଭୋଗ, ଶ୍ରୀବିଷ୍ଣୁ ବିଶ୍ୱଶାନ୍ତି ମହାଯଜ୍ଞ, ଶ୍ରୀଜଗନ୍ନାଥ ଚରିତ୍ରାମୃତର ଆୟୋଜନ କରାଯିବା ସହିତ ଏହି ମହୋତ୍ସବକୁ ବିଭିନ୍ନ କୋଣ ଅନୁକୋଣରୁ ଅନେକ ସାଧୁସନ୍ଥ ଆସିବେ। ଦୈନନ୍ଦିନ ଆନନ୍ଦ ବଜାରରେ ମିଳିବ ମହାପ୍ରସାଦ। ଯାହା ପରାଶର କ୍ଷେତ୍ର ପାରାଦୀପ ବେଳାଭୂମିରେ ନବଦିନ ବ୍ୟାପୀ ଶ୍ରୀକ୍ଷେତ୍ରର ଅନୁଭୂତି ଦେବ। ଶ୍ରୀଜଗନ୍ନାଥଙ୍କ କୃପାର ଏହି ଦିବ୍ୟ ଏବଂ ଭବ୍ୟ କାର୍ଯ୍ୟକ୍ରମ ଆସନ୍ତା ମେ’ ୨୭ ତାରିଖରେ ହେବା ପାଇଁ ସୂଚନା ଦେଇଛନ୍ତି ଶ୍ରୀକ୍ଷେତ୍ରର ଅଭିଜ୍ଞ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା। ଯାହାକୁ ନେଇ ପାରାଦୀପ ଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି ତୃତୀୟ ପ୍ରସ୍ତୁତି ବୈଠକ। ପାରାଦୀପ ସହ ଶ୍ରୀକ୍ଷେତ୍ରର ଅନବଦ୍ୟ ସମ୍ପର୍କ ରହିଛି ଯାହା ଭବିଷ୍ୟ ମାଳିକାରେ ମହାପୁରୁଷମାନେ ବର୍ଣ୍ଣନା କରିଛନ୍ତି। ଏତେଦିନ ପରେ ମହାପ୍ରଭୁଙ୍କ କୃପା ହେବା ସହିତ ଏହି ପୂର୍ବ ସଂଯୋଗକୁ ସାକାର କରିବା ପାଇଁ ପାରାଦୀପର ସମସ୍ତ ଜନସାଧାରଣ, ଜଗନ୍ନାଥ ପ୍ରେମୀ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ନିବେଦନ କରିଛନ୍ତି।

## ଏସ୍‌ଭିଏମ୍‌ରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର



ଜଗତସିଂହପୁର, ୭।୨(ସମିସ): ଜଗତସିଂହପୁର ଜିଲ୍ଲାର ସୁପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଏସଭିଏମ୍ କଲେଜରେ ଆୟୋଜିତ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷା ଡ. ସୁଜାତା ଓଝା ମୁଖ୍ୟଅତିଥି ଭାବେ ଯୋଗଦେଇ ବାଳିକାମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ଶିଖିବାର ଆବଶ୍ୟକତା ଓ ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ପ୍ରାଧ୍ୟାପକ ଅନନ୍ତ ଚରଣ ଆଚାର୍ଯ୍ୟ, ପ୍ରାଧ୍ୟାପକ ନୃସିଂହ ଚରଣ ସାମନ୍ତରାୟ, ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା ଏବଂ ଅଧ୍ୟାପକ ଶୁଭେନ୍ଦୁ ମୌଳି ନନ୍ଦ ପ୍ରମୁଖ ଏଥିରେ ଯୋଗଦେଇ ପ୍ରଶିକ୍ଷିତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ପ୍ରଶିକ୍ଷିକା ଭାବେ ସୁନିତା ଓ ଶୁଭଲକ୍ଷ୍ମୀ ଯୋଗ ଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର ବିଭିନ୍ନ କୌଶଳ ଶିକ୍ଷା ଦେଇଥିଲେ। ଉଦ୍‌ଯାପନୀ ଉତ୍ସବର ଶେଷ ଭାଗରେ ଛାତ୍ରୀମାନେ ପ୍ରଶିକ୍ଷଣ ପାଇଥିବା ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରିଥିଲେ। ଅଧ୍ୟାପିକା ବିଦ୍ୟୁତ ପ୍ରଭା ଦାଶ୍ ଏବଂ ଲିପସିତା ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ସୁଶାନ୍ତ କୁମାର ସାହୁ ଏବଂ ଅଧ୍ୟାପକ ଡ.ଜ୍ୟୋତିର୍ମୟୀ ଦାଶ ପରିଚାଳନାରେ ସହଯୋଗ କରିଥିଲେ।

### ଶିକ୍ଷୟିତ୍ରୀଙ୍କ ଠାରୁ ଟଙ୍କା ଲୁଟ୍ ଘଟଣା

# ୩୩ ଲକ୍ଷ ଟଙ୍କା କରଜରେ ଥିଲେ ଲୁଟେରା

ତିର୍ତ୍ତୋଲ, ୭।୨(ସମିସ):



ଗତକାଲି ମଣିଜଙ୍ଗା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ ସମ୍ମୁଖରେ ଶିକ୍ଷୟିତ୍ରୀଙ୍କ ଠାରୁ ଟଙ୍କା ଲୁଟ ଓ ଲୁଟେରାକୁ ଧରି ପୁଲିସକୁ ଜିମା ଘଟଣାରେ ଆଜି ତିର୍ତ୍ତୋଲ ଥାନା ଅଧିକାରୀ ପ୍ରଦୀପ୍ତ କୁମାର ସେଠୀଙ୍କ ତରଫରୁ ସୂଚନା ପ୍ରଦାନ କରାଯାଇଛି। ସୂଚନା ମୁତାବକ ଗତକାଲି ମଧ୍ୟାହ୍ନ ସମୟରେ ଜଜାଙ୍ଗ ୟୁପି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ପରିଡ଼ା ପିଏନବି ବ୍ୟାଙ୍କ୍‌ରୁ ୫୦ ହଜାର ଟଙ୍କା ଉଠାଇଥିଲେ। ନିଜ ଭ୍ୟାନିଟି ବ୍ୟାଗରେ ପୂର୍ବରୁ ୫ ହଜାର ଟଙ୍କା ଥିଲା। ଶିକ୍ଷୟିତ୍ରୀ ଜଣକ ବ୍ୟାଙ୍କ୍‌ରୁ ବାହାରୁ ଆସିବା ମାତ୍ରେ ଲୁଟେରା ବତିଲୋ ଗ୍ରାମର ଅରବିନ୍ଦ ଦାସ ୫୫ ହଜାର ଟଙ୍କା ଥିବା ଭ୍ୟାନିଟୀ ବ୍ୟାଗ ନେଇ ଦୌଡ଼ି ପଳାଇ ଯାଉଥିବାବେଳେ ସ୍ଥାନୀୟ ଲୋକେ ଧରି ପୁଲିସ ଜିମା ଦେଇଥିଲେ। ପୁଲିସ ଅରବିନ୍ଦକୁ ଜେରା କରିବା ପରେ ସେ ପ୍ରକାଶ କରିଥିଲା ସେ ପିଏନ୍‌ବି ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯାଇଥିବା ବେଳେ ଋଣକୁ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ତାଗିଦ୍ କରିଥିଲେ। ପରେ ସେ ଟଙ୍କା ଲୁଟ କରିବା କଥା ଚିନ୍ତା କରି ଶିକ୍ଷୟିତ୍ରୀଙ୍କ ଠାରୁ ଲୁଟ କରିଥିଲା। ଅଭିଯୁକ୍ତ ଅରବିନ୍ଦ ବ୍ୟାଙ୍କ୍ ସମେତ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତି ବିଶେଷ ଠାରୁ ୩୩ ଲକ୍ଷ ଟଙ୍କା ଋଣ କରିଛି ବୋଲି ପୁଲିସ ଜେରା ବେଳେ ଜାଣିବାକୁ ପାଇଛି। ଋଣ ଭାର ଅରବିନ୍ଦକୁ ଲୁଟେରା ସଜେଇଲା। ପୁଲିସ ଅରବିନ୍ଦ ବିରୋଧରେ ଏକ ମାମଲା ରୁଜୁ କରି ଆଜି ଅଦାଲତ ଚାଲାଣ କରିଛି।

## ତାରପୁର ଗ୍ରାମପଞ୍ଚାୟତରେ ଚକ୍ଷୁ ଚିକିତ୍ସା ଶିବିର

ରଘୁନାଥପୁର,୭।୨(ସମିସ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ତାରପୁର ଗ୍ରାମପଞ୍ଚାୟତର ଗୋକୁଳପୁର ସ୍ଥିତ ସାରଦା ୟୁଥ କ୍ଲବ ପରିସରରେ ମିଶ୍ର ଅପ୍ଟିକାଲ୍ସ ପକ୍ଷରୁ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଡ. ଦେବାଶିଷ ଶତପଥୀଙ୍କ ତତ୍ତ୍?ାବଧାନରେ ଦୀପକ ନାରାୟଣ ମିଶ୍ର ଓ ନନ୍ଦିନୀ ବେହେରା ଶିବିରରେ ରୋଗୀଙ୍କୁ ଚିକିତ୍ସା ଯୋଗାଇ ଦେଇଥିଲେ। ମୋଟ ୪୫ ଜଣ ରୋଗୀଙ୍କ ମଧ୍ୟରୁ ୮ ଜଣଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚିହ୍ନଟ କରାଯାଇଥିଲା। ଏହାଛଡା ଅନ୍ୟ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଆଖିଡ୍ରପ ଓ ଚଷମା ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଥିଲା। ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ, ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଦାସ, କେଦାରନାଥ ମଲ୍ଲିକ, ଝରଣା ମଲ୍ଲିକ, ସାମାଜିକ କର୍ମୀ ପ୍ରଭାକର ମଲ୍ଲିକ, ବିକ୍ରମ ସିଂହ, ମୁନୁ ସାହୁ, ଚନ୍ଦ୍ରଶେଖର ସିଂହ, ସନ୍ତୋଷ ସିଂହ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ୩ ଜଣ ରୋଗୀଙ୍କ ମୋତିଆବିନ୍ଦୁ ଅସ୍ତ୍ରୋପଚାର ପାଇଁ କଟକ ନିଆଯାଇଥିଲା।

## ନବ ନିର୍ମାଣ କୃଷକ ସଂଗଠନର ବୈଠକ



ବାଲିକୁଦା,୭।୨(ସମିସ): ବାଲିକୁଦା ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବଡ଼ଗାଁ ପଞ୍ଚାୟତ ମା’ କରକେଇ ପୀଠରେ ବାବାଜୀ ଚରଣ ଜେନାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ କମିଟି ସଦସ୍ୟ ଦୁର୍ଗା ଚରଣ ସ୍ୱାଇଁ, ବ୍ଲକ ସଂଯୋଜକ ରଘୁନାଥ ନାୟକ, ଜିଲ୍ଲା ସହ ସଂଯୋଜକ ଅଶୋକ କୁମାର ସ୍ୱାଇଁ ଯୋଗ ଦେଇ ଚାଷୀଙ୍କ ଧାନ ସଂଗ୍ରହ ସଠିକ ଭାବେ ନହେବା, କଟ୍‌ନୀ ଛଟ୍‌ନୀ, ବସ୍ତା ଟଙ୍କା ଚାଷୀ ନପାଇବା ଏପରିକି ଚଳିତ ବର୍ଷ ସରକାର ଦେଇଥିବା ଟାର୍ଗେଟ ପୂରଣ ହେବା ନେଇ ଚାଷୀ ଆଶା ଆଶଙ୍କାରେ ଥିବା ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ସଂଗଠନ ପକ୍ଷରୁ ବାଲିକୁଦା ବିଡିଓ ସାଗର କୁମାର ନନ୍ଦ ଓ ତହସିଲଦାର ବିକାଶ ରଞ୍ଜନଙ୍କୁ ଭେଟି ଆଲୋଚନା ହେବା ସହ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରଶ୍ମି ରଥ, ପବିତ୍ର ନାୟକ, ଅମୂଲ୍ୟ ରାଉତ, ମିଟୁ ଦାସ, ବୃନ୍ଦାବନ ସ୍ୱାଇଁ, ବୃନ୍ଦାବନ ପରିଡା, ପ୍ରମୋଦ ମହାରଣା, ସଞ୍ଜୟ ସ୍ୱାଇଁ, ପ୍ରତାପ ସ୍ୱାଇଁ, ଜୟପ୍ରକାଶ ମହାନ୍ତି, ରବି ପାଇଟାଲ, ବ୍ରହ୍ମାନନ୍ଦ ମହାନ୍ତି ସାମିଲ ଥିଲେ। ଆସନ୍ତା ୧୦ ତାରିଖରେ ଏନେଇ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା।

## ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା



ପାରାଦୀପ,୭।୨(ସମିସ): ପାରାଦୀପ ଉପକଣ୍ଠ କୋଠୀ ପଞ୍ଚାୟତ ସିଜୁ ସ୍ଥିତ ଅଲେଖ ବଜାର ବଣିକ ସଂଘ ପକ୍ଷରୁ ପ୍ରଥମ ବାର୍ଷିକ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ବାଳକୃଷ୍ଣ ଜେନା, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ମାୟାଧର ଦାସ, କୋଠୀ ସରପଞ୍ଚ ଲକ୍ଷ୍ମୀଧର ସାହୁ, ସମାଜସେବୀ ପ୍ରଶାନ୍ତ କୁମାର ଆଚାର୍ଯ୍ୟ, ବଗଦିଆ ସମିତି ସଭ୍ୟ ପବିତ୍ର ସେଠୀ ଓ ଫତେପୁର ସରପଞ୍ଚ ସିଦ୍ଧାର୍ଥ ପ୍ରଧାନ ପ୍ରମୁଖ ଯୋଗଦେଇ କଳାକାର ଓ ଦର୍ଶକ ମାନଙ୍କୁ ଉତ୍ସାହିତ କରିବା ସହ ଆଗାମୀ ଦିନରେ ଏହି ପ୍ରତିଯୋଗିତାକୁ ବୃହତ ଧରଣର କରିବା ପାଇଁ ଆହ୍ୱାନ ଦେଇଥିଲେ। ତେବେ ପ୍ରଥମ ରଜନୀରେ ଫତେପୁର ନିମସୁନ୍ଦରୀ ନାଟ୍ୟ ପରିଷଦ ତାର ନାଟକ ମଞ୍ଚସ୍ଥ କରିଥିଲା ଟିକେ ଖରା ଟିକେ ଛାଇ। ଏହି ମଞ୍ଚସ୍ଥ ନାଟକକୁ ଆସିଥିବା ହଜାର ହଜାର ସଂଖ୍ୟାର ଦର୍ଶକ ମାନେ ମନଭରି ଉପଭୋଗ କରିଥିଲେ। ତେବେ ପ୍ରଥମ ଥର ପାଇଁ ଅଲେଖ ବଜାର ଠାରେ ମୀନା ବଜାର ପଡ଼ିଥିବା ବେଳେ କୁନି କୁନି ପିଲା ମାନଙ୍କୁ ବେଶ୍ ଆକର୍ଷଣ କରିଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଲେଖ ବଜାର ବଣିକ ସଂଘର ସମସ୍ତ କର୍ମକର୍ତ୍ତା ମାନେ ସହଯୋଗ କରିଥିବା ବେଳେ ଏହି ନାଟକ ପ୍ରତିଯୋଗିତା ତିନିଦିନ ଧରି ଜାରୀ ରହିବ ବୋଲି ସଂଘର ସଭାପତି ସୂଚନା ଦେଇଛନ୍ତି।

## ପାରାଦୀପ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ପାରାଦୀପ,୭।୨(ସମିସ): ପାରାଦୀପ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଭବ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଜୀବନରେ ସଫଳତା ପାଇବାକୁ ହେଲେ ସବୁ ସମସ୍ୟାକୁ ଅତିକ୍ରମ କରି ଶିକ୍ଷକ ଶିକ୍ଷୟତ୍ରୀଙ୍କ ପରାମର୍ଶ ଓ ଆଶୀର୍ବାଦ ନେବା ଉଚିତ୍ ବୋଲି ଉଦବୋଧନ ଦେଇଥିଲେ। ଏଥିରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପାରାଦୀପ ବନ୍ଦରର ମୁଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଗୋଆ କାର୍ବନର ୟୁନିଟ୍ ହେଡ୍ ବେଣୁଗୋପାଳ ନାଇଡୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଜୀବନରେ ନିଷ୍ଠାପର ଭାବେ କାର୍ଯ୍ୟକଲେ ସଫଳତା ମିଳିବ ବୋଲି ମତବ୍ୟକ୍ତ କରିଥିଲେ। ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ଗଣେଶ୍ୱର ପାତ୍ର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ପ୍ରାଧ୍ୟାପିକା ତଥା ବିଭାଗୀୟ ମୁଖ୍ୟ ଡ. ସ୍ମିତା ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଇତିହାସ ବିଭାଗର ମୁଖ୍ୟ ଅଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ତତସହିତ ମେଲୋଡି କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା।

## ଦର୍ଶନଶାସ୍ତ୍ର ବିଭାଗର ବାର୍ଷିକ ସମ୍ମାନ

ପାରାଦୀପ,୭।୨(ସମିସ): ପାରାଦୀପ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ ‘ଭଗବଦ୍ ଗୀତା: ମାନସିକ ଚାପ ନିୟନ୍ତ୍ରଣ ଓ ମାନସିକ ସନ୍ତୁଳନ ପାଇଁ ଏକ ମାର୍ଗଦର୍ଶିକା’ ଶୀର୍ଷକ ଉପରେ ଏକ ଆଲୋଚନାଚକ୍ର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚୌଦ୍ୱାର ଡିଗ୍ରୀ କଲେଜର ଅଧ୍ୟାପକ ଦେବାଶିଷ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉକ୍ତ ବିଷୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା କୁଜଙ୍ଗ ମହାବିଦ୍ୟାଳୟ ଅତୋଲା ପ୍ୟାରୀ ମହାରଣା ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥି ପୌରୋହିତ୍ୟ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦର୍ଶନଶାସ୍ତ୍ର ବିଭାଗର ବିଭାଗୀୟ ମୁଖ୍ୟ ବ୍ରହ୍ମାନନ୍ଦ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିବା ସହ ବିଷୟବସ୍ତୁ ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦର୍ଶନଶାସ୍ତ୍ର ବିଭାଗର ୧ମ ବର୍ଷର ଛାତ୍ର ସୁବ୍ରତ ଗାୟନ୍ ବାର୍ଷିକ ବିବରଣୀ ପାଠ କରିଥିଲେ। ପାରାଦୀପ ମହାବିଦ୍ୟାଳୟର ସୁଶ୍ରୀ ଶୁଭଲକ୍ଷ୍ମୀ ଓଝା, ଗୀତାଞ୍ଜଳି ବହିରା ଓ କୁଜଙ୍ଗ ମହାବିଦ୍ୟାଳୟର ସୁଜାତା ପରିଡ଼ା ଆଲୋଚନା ବିଷୟବସ୍ତୁ ସମ୍ପର୍କରେ ନିବନ୍ଧ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଗଣେଶ୍ୱର ପାତ୍ର, ଡ. ସନ୍ତୋଷ କୁମାର ସାମଲ, ଅକ୍ଷୟ ଚନ୍ଦ୍ର ମିଶ୍ର, ରଞ୍ଜନକୁମାର ତ୍ରିପାଠୀ, ଜୀବନାନନ୍ଦ ଦାସ, ପ୍ରତୀକ କୁମାର ପଣ୍ଡା, ସୁଜିତ୍ କୁମାର ଭୋଇ, ଅଭିଷେକ ବିଶ୍ୱାଳ, ସୁବ୍ରତ ରଞ୍ଜନ ଓ ଅଧ୍ୟାପିକା ମାନଙ୍କ ମଧ୍ୟରେ ସୁଚିତ୍ରା ପ୍ରଧାନ, ସଂଘମିତ୍ରା ପ୍ରଧାନ, ଡ. ମମତା ଖଣ୍ଡାୟତରାୟ, ଡ.ଶୁଭଶ୍ରୀ ନାୟକ, ଡ.ତପସ୍ୱିନୀ ବେହେରା, ଶାଶ୍ୱତୀ ପଟ୍ଟନାୟକ, ସୁଶ୍ରୀସ୍ମିତା ବେହେରା, କାଦମ୍ବିନୀ ସାହୁ, କବିତା ପ୍ରଧାନ, ସୌମ୍ୟା ପି. ରଟସିଂହ, ବିଶ୍ୱକଲ୍ୟାଣୀ ସାହୁ, ଖୀରାବ୍ଧି ତନୟା ବିଶ୍ୱାଳ, ଯଶୋଦା ବେହେରା ଓ ଶୁଭସ୍ମିତା ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। କୁଜଙ୍ଗ ମହାବିଦ୍ୟାଳୟର ୧୫ ଜଣ ଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଶେଷରେ ଦର୍ଶନଶାସ୍ତ୍ର ବିଭାଗର ଅଧ୍ୟାପିକା ସୁଶ୍ରୀ ପାର୍ବତୀଦେବୀ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଖିଳ ଭାରତ ବୃହତ୍ ବନ୍ଦର କବାଡ଼ି ପ୍ରତିଯୋଗିତା

# ପାରାଦୀପ, ଚେନ୍ନାଇ, ମୁମ୍ବାଇ ଓ ଜେଏନ୍‌ପିଏ ସେମିରେ

ପାରାଦୀପ, ୭।୨ (ସମିସ)



ପାରାଦୀପ ବନ୍ଦର ଓ ଅଖିଳ ଭାରତ ବୃହତ୍ ବନ୍ଦର ଖେଳ ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ପାରାଦୀପର ବିଜୁ କନେଭେସନ୍ ସେଣ୍ଟର୍ ଠାରେ ଆୟୋଜିତ ୪୧ ତମ ଅଖିଳ ଭାରତ ବୃହତ୍ ବନ୍ଦର କବାଡ଼ି ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟରେ ଚେନ୍ନାଇ ବନ୍ଦର ପାରାଦୀପ ଓ ଦୀନଦୟାଲ ବନ୍ଦରକୁ, ମୁମ୍ବାଇ ବନ୍ଦର ଏନ୍‌ଏମ୍‌ପିଏ ଓ ବିଶାଖପାଟଣା ବନ୍ଦରକୁ ତଥା ଜେଏନପିଏ ବନ୍ଦର ଏନଏମପିଏ ଓ ବିଶାଖାପାଟଣା ବନ୍ଦରକୁ ପରାସ୍ତ କର ସେମି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଆସନ୍ତାକାଲି ଆୟୋଜକ ପାରାଦୀପ ବନ୍ଦର ମୁମ୍ବାଇ ବନ୍ଦରକୁ ତଥା ଚେନ୍ନାଇ ବନ୍ଦର ଜବାହରଲାଲ ନେହେରୁ ବନ୍ଦରକୁ ସେମିଫାଇନାଲରେ ଭେଟିବ। ଆଜିର ମ୍ୟାଚରେ ବନ୍ଦର ଉପାଧ୍ୟକ୍ଷ ଟି. ଭେନୁଗୋପାଲ ଓ ମୁଖ୍ୟ ଅର୍ଥ ପରାମର୍ଶଦାତା ଅଶୋକ ସାହୁ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## ବିଜେପି ନେତାଙ୍କ ଗୁଣ୍ଡାଗିରିର ପ୍ରତିବାଦ ଜିଲ୍ଲାପାଳଙ୍କୁ ଭେଟିଲେ ବିଧାୟକ



ଜଗତସିଂହପୁର,୭।୨(ସମିସ): ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଘୁନାଥପୁର ବ୍ଲକ ଅଞ୍ଚଳରେ ବିଜେପି ନେତାଙ୍କ ଗୁଣ୍ଡାଗିରିର ପ୍ରତିବାଦ କରିଛନ୍ତି ବିଜେଡି ଜନ ପ୍ରତିନିଧି। ବାରମ୍ବାର ସରକାରୀ ଦଳର କୁଜି ନେତାମାନେ ରଘୁନାଥପୁର ବ୍ଲକରେ କାର୍ଯ୍ୟରତ ଅଧିକାରୀ, ଯନ୍ତ୍ରୀ ଏବଂ କର୍ମଚାରୀଙ୍କ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଥିବାରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଗତବର୍ଷ ମଧ୍ୟ ତରିକୁନ୍ଦ ଠାରେ ଆୟୋଜିତ ଏକ ସରକାରୀ କାର୍ଯ୍ୟକ୍ରମକୁ ଭଣ୍ଡୁର କରିବା ସହିତ ଜଣେ ମହିଳା ଯନ୍ତ୍ରୀ ଏବଂ ଅନ୍ୟ ସରକାରୀ ଅଧିକାରୀ/କର୍ମଚାରୀଙ୍କୁ ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିଲେ। ତେଣୁ ଏଭଳି ନିୟମ ବିରୋଧ କାର୍ଯ୍ୟ କରୁଥିବା ବିଜେପି ନେତା ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଆଜି ସନ୍ଧ୍ୟାରେ ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇଙ୍କ ନେତୃତ୍ୱରେ ରଘୁନାଥପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ, ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ମାନେ ଜୀଲ୍ଲାପାଳ ଜେ. ସୋନାଲଙ୍କୁ ଭେଟି ଉପରୋକ୍ତ ପ୍ରସଙ୍ଗରେ ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ ଆଉଟ ରିଚ ପ୍ରୋଗ୍ରାମ

# ୫୦ ଆବେଦନକାରୀଙ୍କୁ ୨୦ କୋଟି ଋଣ

ବାଲେଶ୍ୱର, ୭ ।୨(ସମିସ)



କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ସହଜ ଋଣ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଆହ୍ୱାନ କ୍ରମେ ସମଗ୍ର ଦେଶରେ ଆରମ୍ଭ ହୋଇଛି ଏମଏସଏମଇ କ୍ରେଡିଟ ଆଉଟ ରିଚ ପ୍ରୋଗ୍ରାମ। ଏଥିରେ ନୂତନ ଆଗ୍ରହୀ ଉଦ୍ୟମୀ ତଥା ପୂର୍ବରୁ କାର୍ଯ୍ୟରତ ଉଦ୍ୟୋଗୀମାନଙ୍କୁ ବ୍ୟବସାୟ ଆରମ୍ଭ ଅଥବା ବିସ୍ତାର ପାଇଁ ଆବଶ୍ୟକୀୟ ଋଣ ଆବେଦନ ଓ ଆବଣ୍ଟନ ପ୍ରକ୍ରିୟାକୁ ସରଳୀକୃତ କରାଯାଇ ହିତାଧିକାରୀଙ୍କୁ ତୁରନ୍ତ ଅନୁମୋଦନ ପତ୍ର ବଂଟନ କରାଯାଉଛି। ଏହି କ୍ରମରେ ଆଜି ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ବାଲେଶ୍ୱର ଶାଖା ପକ୍ଷରୁ ଏମଏସଏମଇ କ୍ରେଡିଟ ଆଉଟ ରିଚ ପ୍ରୋଗ୍ରାମ ସ୍ଥାନୀୟ ବ୍ରିଟ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲେଶ୍ୱର ପୌରପାଳିକାର କୋଅର୍ଡିନେଟିଂ ଅଫିସର ସାବିତ୍ରୀ ମିଶ୍ର ଓ ମିଶନ ମ୍ୟାନେଜର ଶଶିକାନ୍ତ ଘଡେଇ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଛୋଟ ଓ ମଧ୍ୟମ ବ୍ୟବସାୟୀଙ୍କ ପାଇଁ ଏଭଳି କାର୍ଯ୍ୟକ୍ରମ ବରଦାନ ସଦୃଶ ବୋଲି ମତ ଦେଇଥିଲେ। ସେଂଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆର ଭୁବନେଶ୍ୱର ସ୍ଥିତ କ୍ଷେତ୍ରୀୟ କାର୍ଯ୍ୟାଳୟରେ ଅବସ୍ଥାପିତ ଡେପୁଟି ରିଜିଓନାଲ ମ୍ୟାନେଜର ସୁରେଶ ଚନ୍ଦ୍ରା ଏହି କାର୍ଯ୍ୟକ୍ରମରେ ଯୋଗଦେଇ କେଡିଟ ଆଉଟରିଚ ପ୍ରୋଗ୍ରାମର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ଚିଫ ମ୍ୟାନେଜର ଶରତ ଚନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମଗ୍ର ରାଜ୍ୟରେ ଚାଲିଥିବା କ୍ରେଡିଟ ଆଉଟରିଚ ପ୍ରୋଗ୍ରାମ ସମ୍ପର୍କରେ ଆଲୋଚନା କରିଥିଲେ। ବ୍ରହ୍ମପୁର, କଟକ ଓ ବାଲେଶ୍ୱର କ୍ଲଷ୍ଟରରେ ଏକକାଳୀନ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଗୋଟିଏ ଦିନରେ ମୋଟ ୧୨୫କୋଟିରୁ ଅଧିକ ଟଙ୍କାର ଋଣ ପ୍ରଦାନ କରାଯାଇଥିବା ସୂଚନା ଦେଇଥିଲେ। ବାଲେଶ୍ୱର ଶାଖା ପରିଚାଳିକା ରିମି ପାଲ ଏଥିରେ ପୌରହିତ୍ୱ କରିଥିଲେ। ଏହି କାର୍ଯ୍ୟକମ ମାଧ୍ୟମରେ ବାଲେଶ୍ୱର ଜିଲ୍ଲାର ୭ଟି ଶାଖାରେ ୫୦ ଜଣ ଆବେଦନକାରୀଙ୍କୁ ୨୦କୋଟିରୁ ଅଧିକ ଟଙ୍କା ଋଣ ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଥିଲେ। ସେଂଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ବାଲେଶ୍ୱର ଶାଖାର ଏଗ୍ରିକଲଚର ଫାଇନାନସ ଅଫିସର ଶୁଭ୍ରା ପଟ୍ଟନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜଳେଶ୍ୱର ବ୍ରାଞ୍ଚ ଆସିଷ୍ଟାଂଟ ମ୍ୟାନେଜର ରମୋଲା ବେହେରା ମଂଚ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନେ ହିତାଧିକାରୀମାନଙ୍କୁ ଋଣ ଅନୁମୋଦନ ପତ୍ର ବଂଟନ କରିଥିଲେ। ଶେଷରେ ଆସିଷ୍ଟାଂଟ ବ୍ରାଂଚ ମ୍ୟାନେଜର ଦିଲ୍ଲୀପ ଦୀକ୍ଷିତ ଧନ୍ୟବାଦ ଦେଇଥିଲେ। ଆସିଷ୍ଟାଂଟ ବ୍ରାଞ୍ଚ ମ୍ୟାନେଜର ଗୟାଧର ବେହେରା, କଷ୍ଟମର ସର୍ଭିସ ଆସୋସିଏଟ ସୁବ୍ରତ କୁମାର ସାହୁ, ନିବେଦିତା ବାରିକ ଓ ସୁପ୍ରଭା ସିଂହ, ବ୍ୟାଙ୍କ ମିତ୍ର ସନ୍ଧ୍ୟାରାଣୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ



ବାଲେଶ୍ୱର, ୭।୨(ସମିସ): ବାଲେଶ୍ୱର ରେମୁଣା ନିର୍ବାଚନ ମଣ୍ଡଳୀ ତଥା ସଦର ବ୍ଲକ ଅନ୍ତର୍ଗତ ଯୁଧିଷ୍ଠିରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ୨୭ନଂ ଜୋନ ର ଜିଲ୍ଲାପରିଷଦ ସଭ୍ୟା ବନଲତା ସେଠୀ, ମୁଖ୍ୟବକ୍ତା ଭାବେ ଗେଙ୍ଗୁଟି ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ପୁଷ୍ପଶ୍ରୀ ରାଉତ, ପଳାଶପୁର ସିଆରସିସି ସ୍ନିଗ୍ଧାରାଣୀ ପଣ୍ଡା, ଅନ୍ୟତମ ଅତିଥି ସ୍ଥାନୀୟ ୱାର୍ଡ ମେମ୍ବର ସୁକାନ୍ତ କୁମାର ମହାନ୍ତି, ଉମାଶଙ୍କର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସୁରେନ୍ଦ୍ର ସାମଲ, ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ସ , କ୍ଷେତ୍ରମୋହନ ସାମଲ, ପୂର୍ବତନ କ୍ଲଷ୍ଟର କୈଳାଶ ଚନ୍ଦ୍ର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷୟତ୍ରୀ ଗୀତାରାଣୀ ମିଶ୍ର, ଅବସରପ୍ରାପ୍ତ ପୋଲିସ ଅଧିକାରୀ ସୁରେନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଜୟନ୍ତୀ କୁମାରୀ ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ନିଗମାପ୍ରିୟା ପଣ୍ଡା ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବେଳେ ସହକାରୀ ଶିକ୍ଷୟତ୍ରୀ କବିତା ରାଣୀ ଜେନା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୨ରୁ ସ୍ନୋଫେଷ୍ଟର ଅଷ୍ଟମ ସଂସ୍କରଣ



ବାଲେଶ୍ୱର,୭ ।୨(ସମିସ): ଚଳିତ ମାସ୧୨ତାରିଖରୁ ସ୍ନୋଫେଷ୍ଟର ଅଷ୍ଟମ ସଂସ୍କରଣ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ଆରମ୍ଭ ହେବାକୁ ଯାଉଛି। ଏହା ଆସନ୍ତା ୧୪ତାରିଖ ପର୍ଯ୍ୟନ୍ତ ଚାଲିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଓଡ଼ିଶାର ପ୍ରତିଭାମାନଙ୍କୁ ଉତ୍ସାହିତ କରିବାକୁ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏଥିରେ କୁହାଯାଇଛି ଚଳିତ ବର୍ଷ ୪ଟି ବର୍ଗର ସମୁଦାୟ୨୨ଟି ପ୍ରତିଯୋଗିତା ଅନୁଷ୍ଠିତ ହେବ। ସବ୍ ଜୁନିୟର(୮ବର୍ଷ ବୟସରୁ କମ) ବର୍ଗର ରାମ୍ପୱାକ, ଆଧୁନିକ ନୃତ୍ୟ ଏବଂ ମ୍ୟୁଜିକ ଚେୟାର, ଜୁନିଅର (୮ରୁ୧୫ବର୍ଷ) ବର୍ଗରେ ଚିତ୍ରାଙ୍କନ, ଆଧୁନିକ ନୃତ୍ୟ, ଏକକ ଅଭିନୟ, କୁଇଜ, ସଙ୍ଗୀତ ଏବଂ ସିନିଅର(୧୫ରୁ ଅଧିକ ବର୍ଷ) ବର୍ଗରେ ଚିତ୍ରାଙ୍କନ, ଆଧୁନିକ ନୃତ୍ୟସଙ୍ଗିତ ଏବଂ ସିନିଅର ବର୍ଗରେ ଚିତ୍ରାଙ୍କନ,ଆଧୁନିକ ନୃତ୍ୟ,ସଙ୍ଗିତ, କୁଇଜ, ମେହେନ୍ଦି, ଗ୍ରୁପ ଡ୍ୟାନ୍ସ, ମେକ ଅପ, ରାମ୍ପ ୱାକ ଆଦି ଅନୁଷ୍ଠିତ ହେବ। ମହିଳା ବର୍ଗରେ ଚାମସ ଗୋଟି ପ୍ରତିଯୋଗିତ, ଗ୍ଲାସ ପିରାମିଡ, ମହିଳା ରାମ୍ପୱାକ ସହ ଓଡିଆ ପର୍ବପର୍ବାଣୀ ସହ ଅଙ୍ଗାଅଙ୍ଗି ଭାବେ ଜଡିତ ପିଠାପଣାକୁ ସଜାଗ ଓ ଲୋକ ଲୋଚନକୁ ଆଣିବା ପାଇଁ ଏଥର ମଧ୍ୟ 'ଉତ୍କଳୀୟ ପିଠା ର ପସରା'ନାମକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହାଛଡା ଲାଇଭ ରନ୍ଧା ଖାଦ୍ୟ ପ୍ରତିଯୋଗିତା କରାଯିବ ଯେଉଁଥିରେ ପୁରୁଷ ଏବଂ ମହିଳା ଉଭୟ ଭାଗନେବେ। ପ୍ରତିଯୋଗିତାରେ ଜିତିବା ସମସ୍ତ ପ୍ରତିଯୋଗୀଙ୍କୁ ମୋଟ ୫୦ହଜାର ଟଙ୍କାର ଉପହାର ପ୍ରଦାନ କରାଯିବ। ସମସ୍ତ ପ୍ରତିଯୋଗିତା ପାଇଁ ୯ତାରିଖରୁ୧୧ତାରିଖ ମଧ୍ୟରେ ନାମ ପଞ୍ଜୀକରଣ କରାଯିବ। ଏହାଛଡା ସୁନ୍ଦର ମୂର୍ତ୍ତିକଳା ତଥା ଶିଳ୍ପୀତ୍ୱକୁ ସମ୍ମାନ ଏବଂ ପ୍ରୋତ୍ସାହନ ଦେବା ପାଇଁ ୩ଟି ଶ୍ରେଷ୍ଠ ପ୍ରତିମା ପାଇଁ କ୍ଲବମାନଙ୍କୁ ସମ୍ମାନିତ କରାଯିବ।

## 'ସ୍ରଷ୍ଟା'ର ରାଜ୍ୟସ୍ତରୀୟ ବାର୍ଷିକ ନାଟକ ମହୋତ୍ସବ ଷଷ୍ଠ ସନ୍ଧ୍ୟା | ମଞ୍ଚସ୍ଥ ହେଲା ନାଟକ 'ଜୀବନ୍ୟାସ'



ବାଲେଶ୍ୱର, ୭।୨(ସମିସ): ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ନାଟ୍ୟନୁଷ୍ଠାନ 'ସ୍ରଷ୍ଟା'ର ୪୮ତମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା ଗାନ୍ଧୀ ସ୍ମୃତି ଭବନରେ ଆୟୋଜିତ ହୋଇଯାଇଛି। ଏହି ସନ୍ଧ୍ୟା ସ୍ୱର୍ଗତ ନବଘନ ଦାସଙ୍କୁ ଉତ୍ସର୍ଗୀକୃତ କରାଯାଇଥିଲା। ଏହି ସନ୍ଧ୍ୟାକୁ ପ୍ରଯୋଜନା କରିଥିଲେ ତାଙ୍କର ପୁତ୍ର ତଥା 'ସ୍ରଷ୍ଟା' ଉପସଭାପତି ପ୍ରସନ୍ନ କୁମାର ଦାସ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାରତୀୟ ସଂସ୍କୃତି ପ୍ରଚାର ସମିତିର ପ୍ରବକ୍ତା ଗୋପାଲ ଖଣ୍ଡେଲୱାଲ୍ ଓ ସମ୍ମାନିତ ଅତିଥି ଭାବେ ପ୍ରମେୟର ଉତ୍ତର ଓଡ଼ିଶା ସଂସ୍କରଣର ମୁଖ୍ୟ କମଳାକାନ୍ତ ପତି, ଉପ ସଭାପତି ତଥା କଳାକାର ଓ ନାଟ୍ୟ ନିର୍ଦ୍ଦେଶକ ପ୍ରସନ୍ନ କୁମାର ଦାସ ବର୍ତ୍ତମାନ ସମୟରେ ନାଟକ କଳାର ବିକାଶ, ସମସ୍ତଙ୍କ ମଧ୍ୟରେ ସଚେତନତା ପାଇଁ ନାଟକର ବିଷୟ ବସ୍ତୁ କିପରି ସାମାଜିକ ଜୀବନ ଉପରେ ପ୍ରଭାବ ପକାଇ ସମାଜକୁ ଦିଗଦର୍ଶନ ଦିଏ ବୋଲି ମତ୍ ବ୍ୟକ୍ତ କରିଥିଲେ। 'ସ୍ରଷ୍ଟା' ସମ୍ପାଦକ ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଅନୁଷ୍ଠାନ ସଭାପତି ଆଲୋକ କୁମାର ସାହୁ ପୌରୋହିତ୍ୟ କରିଥିଲେ। 'ସ୍ରଷ୍ଟା' ମୁଖପତ୍ରିକାର ସମ୍ପାଦକ ରତିକାନ୍ତ ମଲ୍ଲିକ, ମଞ୍ଚ ପରିଚାଳନା କରିଥିବାବେଳେ ପ୍ରସନ୍ନ କୁମାର ଦାସ ତାଙ୍କ ସ୍ୱର୍ଗତ ପିତା ନବଘନ ଦାସଙ୍କ ସ୍ମୃତିଚାରଣ କରିଥିଲେ। ପରେ ଭୁବନେଶ୍ୱରର 'ଶତାବ୍ଦୀର କଳାକାର' ନାଟ୍ୟାନୁଷ୍ଠାନର ନାଟକ 'ଜୀବନ୍ୟାସ' ମଞ୍ଚସ୍ଥ ହୋଇଥିଲା। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟ ପ୍ରଶିକ୍ଷକ, ନାଟ୍ୟ ସଂଗଠକ ଧୀର ମଲିକଙ୍କ ଲିଖିତ ଓ ନିର୍ଦ୍ଦେଶିତ ନାଟକ ନିଜ କଳାକାରଙ୍କ ଦ୍ୱାରା ଅଭିନୀତ ହୋଇଥିଲା। ଅନିଲ, ବିଧାଂଶୁ, ସୌମ୍ୟ, ସତ୍ୟ, ସଂଗ୍ରାମ, ପିଣ୍ଟୁ, ମନୋଜ, ଅଶୋକ, ଅମନ୍, ଶୁଭମ୍, ସକଳେଶ୍ୱର୍, ଗଣେଶ, ବିଘ୍ନରାଜ, ମିହିର, ସୁଜିତ୍, ସନ୍ତୋଷ, ମନ ଦିପା, ହରିହର, ଆଦିତ୍ୟ, ରାଜ, ପ୍ରକାଶ, ପ୍ରିୟଙ୍କା, ଦେବାଶିଷ, କାର୍ତ୍ତିକ, କଳ୍ପନା, କଳିପ୍ରସନ୍, ବିନୟ, ନରେନ୍ଦ୍ର, ତ୍ରିପାଠୀଙ୍କୁ ନେଇ ମଞ୍ଚସ୍ଥ ନାଟକଟି ବେଶ ମନଲୋଭା ଥିଲା। 'ସ୍ରଷ୍ଟା' ର ଦିବାକର ମହାନ୍ତି, ଗୌରୀ ଶଙ୍କର ସାହାଣୀ, ସମରାଇ କର, ସଂଗ୍ରାମ ମହାନ୍ତି, ରାମ ଚନ୍ଦ୍ର ମହାପାତ୍ର, ସରୋଜ ରାଉତ, ରତିକାନ୍ତ ମଲିକ, ମଦନ ମୋହନ ସାହୁ, ଅଜିତ ପଣ୍ଡା, ପୁଷ୍ପିତା ପାଢ଼ୀ, ଗିରିଜା ଶଙ୍କର କର, ପ୍ରଦୀପ ଶତପଥି, ରଶ୍ମି ରଞ୍ଜନ ଦାସ, ବିଶ୍ୱଜିତ୍ ମହାପାତ୍ର, ମନୋରଞ୍ଜନ ଦାସ, ସ୍ୱାଗତିକା ବାରିକ, ସ୍ୱାତୀ ସ୍ମିତା ଦାସ ସୁମନା ପରିଡ଼ା, ସ୍ୱାତୀ ପଣ୍ଡା, ଋତୁରାଜ ବାରିକ, ସୌର ଜିତ୍ ସାହୁ, ଅନୁଭା ଶତପଥୀ, ସନ୍ତୋଷ କମିଳା ପ୍ରମୁଖ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ତ୍ୱରାନ୍ୱିତ' କର୍ମଶାଳା

ବାଲେଶ୍ୱର, ୭।୨(ସମିସ): ଚାମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସ (ବିସିଆଇସି) ଠାରେ ରପ୍ତାନି ପ୍ରୋତ୍ସାହନ ଏବଂ ମାର୍କେଟିଂ ନିର୍ଦ୍ଦେଶାଳୟ (ଡିଇପିଏମ) ଆନୁକୂଲ୍ୟରେ 'ଏମ୍ ଏସ୍ ଏମ୍ ଇ କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ତ୍ୱରାନ୍ୱିତ କରିବା' (ରାମ୍ପ) କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହା ଏମ୍ ଏସ୍ ଏମ ଇ ଉପରେ ପ୍ରଚାର ଏବଂ ସଚେତନତା ଅଭିଯାନ ଅଟେ। ଭୌଗୋଳିକ ସଙ୍କେତ (ଜିଆଇ) ପ୍ରମାଣପତ୍ର ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷମତା ନିର୍ମାଣ ଉପରେ ସଚେତନତାକୁ ସୁଦୃଢ଼ କରିବା ପାଇଁ ଆଜିର କର୍ମଶାଳାରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର କାରିଗର, ଉଦ୍ୟୋଗୀ, ଶିଳ୍ପ ଅଂଶୀଦାର ଏବଂ ସରକାରୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ସୂର୍ଯ୍ୟକାନ୍ତ ବେହେରାଙ୍କ ସ୍ୱାଗତ ଭାଷଣ ଦେଇଥିଲେ। ଆର୍ଯ୍ୟ ଅଂଶୁମାନ ବଳବନ୍ତରାୟ ସ୍ୱତନ୍ତ୍ର ଅଭିଭାଷଣ ପ୍ରଦାନ କରି ପାରମ୍ପରିକ ହସ୍ତଶିଳ୍ପ ସଂରକ୍ଷଣ, ଉତ୍ପାଦ ବିଶ୍ୱସନୀୟତା ବୃଦ୍ଧି ଏବଂ କାରିଗରମାନଙ୍କ ପାଇଁ ଜୀବିକା ନିର୍ବାହର ସୁଯୋଗ ଉନ୍ନତ କରିବାରେ ଜିଆଇ ପ୍ରମାଣପତ୍ରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ ବ୍ୟାପକ ବଜାରରେ ଓଡ଼ିଶାର ଅନନ୍ୟ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରିଥିଲେ। ଡକ୍ଟର ପାୟୋଧର ପାଢ଼ୀ, ଜିଆଇ ପ୍ରାଧିକରଣ ଉପଭୋକ୍ତା ପ୍ରମାଣପତ୍ର ଉପରେ ବୈଷୟିକ ଅଧିବେଶନକୁ ପରିଚାଳନା କରିଥିଲେ। ଆଗାମୀ କମ ଦିନ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ପଥର ଜିଆଇ ମାନ୍ୟତା ମିଳିଯିବ ବୋଲି ସେ କହିଥିଲେ। ନୀଳଗିରି ପଥରରେ ନିର୍ମିତ ବାସନ, ମୂର୍ତ୍ତି ଓ ମନ୍ଦିର ବିଷୟରେ ସେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଚନ୍ଦନ କୁମାର ମାତୀଙ୍କ ଧନ୍ୟବାଦ ପ୍ରସ୍ତାବ ସହିତ କର୍ମଶାଳା ଶେଷ ହୋଇଥିଲା।




## ରେମୁଣା ବିଧାନସଭା ମଣ୍ଡଳୀର ଏସିଡିସି ବୈଠକ




ବାଲେଶ୍ୱର,୭।୨(ସମିସ): ରେମୁଣା ବିଧାନସଭା ମଣ୍ଡଳୀ ସମ୍ବନ୍ଧୀୟ ୨୦୨୬ର ପ୍ରଥମ ବିଧାନସଭା ସ୍ତରୀୟ ବିକାଶ ସମନ୍ୱୟ କମିଟି ବୈଠକ ଆଜି ଜିଲ୍ଲାପାଳଙ୍କ ଆଡିଟୋରିୟମ୍‌ରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସରକାରୀ ଉପମୁଖ୍ୟ ସଚେତକ ଏବଂ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବାଲେଶ୍ୱର ହେମନ୍ତ କୁମାର ସିଂହ, ଜିଲ୍ଲା ପରିଷଦ ବାଲେଶ୍ୱରର ମୁଖ୍ୟ ଉନ୍ନୟନ ଅଧିକାରୀ-ସହ-ନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ ଉପସ୍ଥିତ ଥିଲେ। ସମସ୍ତ ସମ୍ବନ୍ଧିତ ବିଭାଗୀୟ ଅଧିକାରୀ ଏବଂ ରାଜନୈତିକ ପ୍ରତିନିଧିମାନେ ବୈଠକରେ ଉପସ୍ଥିତ ଥିଲେ। ବୈଠକରେ ବିଧାୟକ ଶ୍ରୀ ଦାସ ସମୀକ୍ଷା କରି ରେମୁଣା ବିଧାନସଭା ମଣ୍ଡଳୀରେ ଚାଲୁଥିବା ବିକାଶ କାର୍ଯ୍ୟର ପ୍ରଗତି ଉପରେ ଆଲୋଚନା କରିଥିଲେ। ସଦର ବ୍ଲକ୍‌ର ୧୩ଟି ଗ୍ରାମ ପଞ୍ଚାୟତ୍ ରେମୁଣା ବିଧାନସଭା ମଣ୍ଡଳୀ ଅନ୍ତର୍ଗତ। ରେମୁଣା ଏବଂ ବାଲେଶ୍ୱର ତହସିଲଦାରମାନଙ୍କ ଠାରୁ ଜାତି ପ୍ରମାଣପତ୍ର, ବିଭିନ୍ନ ପ୍ରକାର ପ୍ରମାଣପତ୍ର, ବସୁନ୍ଧରା ଯୋଜନା ଓ ଅନ୍ୟାନ୍ୟ ଭୂମି ସମ୍ବନ୍ଧୀୟ ବିଷୟରେ ସମୀକ୍ଷା କରାଯାଇଥିଲା। ପିଏଚ୍‌ଡି ଓ ଆର୍ ଡବ୍ଲୁ ଏସ ଏସ ବିଭାଗ ଦ୍ୱାରା ଅପୂର୍ଣ୍ଣ ପାଇପଲାଇନ୍ ପ୍ରକଳ୍ପ ଏବଂ ସେ ସମ୍ବନ୍ଧୀୟ ଉନ୍ନୟନ କାର୍ଯ୍ୟର ପ୍ରଗତି ସମୀକ୍ଷା କରାଯାଇଥିଲା। ଏନ୍ ଏଚ ଏମ ର ସହକାରୀ ଇଞ୍ଜିନିୟରଙ୍କୁ ଅପୂର୍ଣ୍ଣ ସବ୍-ସେଣ୍ଟର, ପି ଏଚ ସି ଓ ସି ଏଚ ସି ସମ୍ବନ୍ଧୀୟ ଅବସ୍ଥା ଉପସ୍ଥାପନ କରିବାକୁ କୁହାଯାଇଥିଲା। ଆର୍ ଡି ( ଗ୍ରାମ୍ୟ ଉନ୍ନୟନ) ବିଭାଗ ଏବଂ ଆର୍‌ଏଣ୍ଡବି (ପୂର୍ତ୍ତ) ବିଭାଗ ଦ୍ୱାରା ଚାଲୁଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ସେହିପରି ସରକାରୀ ଆଇଟିଆଇ କଲେଜ୍ ଓ ଫାର୍ମାସ୍ୟୁଟିକାଲ୍ କଲେଜ୍ ସମେତ ଅନ୍ୟାନ୍ୟ ବିଭାଗମାନଙ୍କ ଠାରୁ ଜମିର ସ୍ଥିତି ଓ ଛାତ୍ରଛାତ୍ରୀମାନେ ଯଥାଯଥ ଭାବେ ନିଯୁକ୍ତି ପାଉଛନ୍ତି କି ନାହିଁ ତାହା ସମୀକ୍ଷା କରାଯାଇଥିଲା। ପର୍ଯ୍ୟଟନ ବିକାଶ ଅଧିକାରୀ କ୍ଷୀରଚୋରା ଗୋପୀନାଥ ମନ୍ଦିର ପ୍ରକଳ୍ପ ସହିତ ଅନ୍ୟାନ୍ୟ ପର୍ଯ୍ୟଟନ ପ୍ରକଳ୍ପର ପ୍ରଗତି ଉପରେ ଅବଗତ କରାଇଥିଲେ। ତାଳପଡ଼ା ପରି ଅନ୍ୟାନ୍ୟ ସୁନ୍ଦର ପର୍ଯ୍ୟଟନ ସ୍ଥଳକୁ ନେଇ ପ୍ରସ୍ତାବ ରଖିବାକୁ ସୁପାରିସ କରାଯାଇଥିଲା। ଶିକ୍ଷା, କୃଷି, ମତ୍ସ୍ୟ ଓ ଅନ୍ୟାନ୍ୟ ସମସ୍ତ ବିଭାଗର ସମଗ୍ର ସମୀକ୍ଷା କରାଯାଇଥିଲା। ପରବର୍ତ୍ତୀ ବୈଠକ ୩ ମାସରେ ବସିବ ବୋଲି ଶ୍ରୀ ଦାସ କହିଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା



ବାଲେଶ୍ୱର, ୭ ।୨(ସମିସ): ନାବରା ମହିଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ କାର୍ଯ୍ୟରତ ଅଧ୍ୟକ୍ଷା ସାଧନା ଦାସ ଅଧିକାରୀଙ୍କ ସଭାପତିତ୍ୱରେ ବିଦାୟୀ ଅଧ୍ୟକ୍ଷ ଅଜୟ ପ୍ରଧାନଙ୍କ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ ବିଜୟ କୁମାର କର,ବାଞ୍ଛାନିଧି ସାହୁ, ସତ୍ୟରଞ୍ଜନ ସିଂ,ଭାଗବତ ସାହୁ, ପ୍ରାବନ୍ଧିକ ସତ୍ୟରଞ୍ଜନ ଦାସ, ବିଜୟ ସାମଲ, ବିଶ୍ୱନାଥ ଜେନା, କଲେଜର ଅଧ୍ୟାପିକା ପ୍ରତିଭା ବେହେରା, ସସ୍ମିତା ଗିରି, ଅଧ୍ୟାପକ ମନୋରଞ୍ଜନ ବେହେରା, ଲକ୍ଷ୍ମୀକୃଷ୍ଣ ନାୟକ, ଭବଶଙ୍କର ପ୍ରଧାନ, ମାନଗୋବିନ୍ଦ ରାଉତ, ଅଧ୍ୟାପିକା ଅଲିଭା ମଞ୍ଜରୀ ପାତ୍ର, କ୍ରିଷ୍ଣା ସୁର, ଦେବେନ୍ଦ୍ରନାଥ ଦାସ, ବିଶ୍ୱନାଥ ସାମଲ ଓ ସପନ ଦାସ ପ୍ରମୁଖ ଯୋଗଦେଇ ଥିଲେ।

## ଟ୍ରେନରେ କଟି ଯୁବକ ମୃତ

ସୋର, ୭।୨(ସମିସ): ସୋର ରେଳ ଷ୍ଟେସନରେ ଟ୍ରେନରେ କଟି ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ସୂଚନା ଅନୁସାରେ ସୋର ଥାନା କିଆରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା(୪୪) ଗତକାଲି ତାଙ୍କ ଭଉଣୀ ଘର ଦାଣ୍ଡହରିପୁରକୁ ଯାଉଥିବା କହି ଘରୁ ଆସିଥିଲେ। ମାତ୍ର ଆଜି ସକାଳେ ସୋର ରେଳ ଷ୍ଟେସନର ୨ ନମ୍ବର ପ୍ଲାଟଫର୍ମରେ ଏକ ମାଲବାହୀ ଟ୍ରେନ ତାଙ୍କୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ରେଳ କର୍ମଚାରୀମାନେ ଶବକୁ ଜବତ କରି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ଷ୍ଟେସନରେ ପହଞ୍ଚି ଶବ ଚିହ୍ନଟ କରିବା ପରେ ସୋର ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିବା ଜଣାପଡିଛି।

## ୧୧ରୁ ହିମାଂଶୁ ଦାସ ସର୍ବଭାରତୀୟ ଫୁଟବଲ




ବାଲେଶ୍ୱର, ୭।୨(ସମିସ): ଉତ୍ତର ଓଡ଼ିଶାରେ ଫୁଟବଲ ଖେଳର ଏନ୍ତୁଡ଼ିଶାଳ ବାଲେଶ୍ୱରରେ ସର୍ବଭାରତୀୟ ହିମାଂଶୁ ଦାସ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ହିମାଂଶୁ ହରି ଫାଉଣ୍ଡେସନ ଆନୁକୂଲ୍ୟରେ ଆସନ୍ତା ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ସ୍ଥାନୀୟପରମିଟ ପଡ଼ିଆରେ ଅନୁଷ୍ଠିତ ହେବ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଫାଉଣ୍ଡେସନର ଚେୟାରମ୍ୟାନ ଯୁବ ଶିଳ୍ପଦ୍ୟୋଗୀ ସଞ୍ଜୟ ଦାସ ଏଥିରେ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜନ କମିଟି ସମ୍ପାଦକ ସୂଜୟ ଆଚାର୍ଯ୍ୟ ଓ ସହ ସମ୍ପାଦକ ରାଜେଶ ମହାପାତ୍ର ଏଥିରେ ସମସ୍ତ ମ୍ୟାଚର ସଫଳ ଆୟୋଜନ ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆୟୋଜନ କମିଟି ସଦସ୍ୟ ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ।

## ଆରମ୍ଭ ହୋଇଛି ପ୍ରେମ ସପ୍ତାହ | ବେଙ୍ଗାଲୁରୁ ଗୋଲାପ ଗୋଟା ୪୦, ପଶ୍ଚିମବଙ୍ଗ ୨୦

ବାଲେଶ୍ୱର, ୭।୨(ସମିସ)

ବେଙ୍ଗାଲୁରୁ ଗୋଲାପ ଗୋଟାକୁ ୪୦ ଟଙ୍କା ଥିବାବେଳେ ପଶ୍ଚିମବଙ୍ଗ ଗୋଲାପ ଗୋଟାକୁ ୨୦ ଟଙ୍କା। ଏବେ ପ୍ରେମ ସପ୍ତାହ ପାଇଁ ବାଲେଶ୍ୱର ଫୁଲ ବଜାରରେ ଗୋଲାପର ଦର ଏମିତି ରହିଛି। ଅଲଗା ସମୟରେ ଗୋଲାପର ଦର ୧୦ ଟଙ୍କା ରହିଥିବା ବେଳେ ଏବେ ପ୍ରେମ ସପ୍ତାହରେ ଗୋଲାପ ଫୁଲର ଦର ଆକାଶ ଛୁଆଁ ରହିଛି। କାରଣ ବାଲେଶ୍ୱର ଫୁଲ ବଜାରରେ ନାହିଁ ବାଲେଶ୍ୱର ଗୋଲାପ। ନା ଗୋଲାପ ଫୁଲ ଚାଷ ହେଉଛି ନା ଗୋଲାପ ଉତ୍ପାଦନ ହେଉଛି। ବାଲେଶ୍ୱରରେ ଗୋଲାପ ଫୁଲର ଚାହିଦା ଥିଲେ ବି ଏଠାରେ ଗୋଲାପ ଚାଷ ନାହିଁ। ବର୍ଷ ତମାମ ଗୋଲାପ ଫୁଲର ଚାହିଦା ରହିଛି। ତେବେ ଏହି ସମୟରେ ଗୋଲାପ ନେବା ପାଇଁ ଦୋକାନରେ ମଧ୍ୟ ଗହଳି ଜମୁଛି। ସୂଚନାଯୋଗ୍ୟ, ଭାଲେଣ୍ଟାଇନ ଡେ' ପାଇଁ ବଜାରରେ ଫୁଲ ପାଇଁ ଏବେଠାରୁ ଭିଡ଼ ଧରିଲାଣି। ପଶ୍ଚିମବଙ୍ଗ, ବେଙ୍ଗାଲୁରୁ ଭଳି ମହାନଗରୀରୁ ବାଲେଶ୍ୱରର ଫୁଲ ବ୍ୟବସାୟୀ ତଥା ଦୋକାନୀମାନେ ଗୋଲାପ ବରାଦ ଦେବାରେ ଲାଗିଛନ୍ତି। ଅନ୍ୟଦିନରେ ଗୋଲାପ ଫୁଲ ଗୋଟା ପିଛା ୫-୧୦ ଟଙ୍କାରେ ବିକ୍ରି ହୁଏ, କିନ୍ତୁ ଭାଲେଣ୍ଟାଇନ ଦିନ ପାଇଁ ଦର ୨୦-୪୦ ଟଙ୍କାକୁ ବଢ଼ିଛି। ବିଭିନ୍ନ ରଙ୍ଗ ମଧ୍ୟରେ ଲାଲ ରଙ୍ଗ ଗୋଲାପର ଚାହିଦା ଏହି ସମୟରେ ବଢ଼ିଛି। ବର୍ଷର ଅଧିକାଂଶ ସମୟରେ ଆବଶ୍ୟକ ପଡେ ଗୋଲାପ ଫୁଲ। ଫୁଲତୋଡା ହେଉ ଅବା ବାହାଘର, ବ୍ରତ, ସାଂସ୍କୃତିକ କାର୍ଯ୍ୟକ୍ରମ, ନୂଆ ବର୍ଷ, ପ୍ରେମ ସପ୍ତାହ ଆଦି ପାଇଁ ଖୋଜା ପଡେ ଗୋଲାପ ଫୁଲ। ହେଲେ ବାଲେଶ୍?ରରେ ବର୍ଷ ବର୍ଷ ଧରି ନାହିଁ ଗୋଲାପ ଫୁଲ ଚାଷ। ଫଳରେ ବାଲେଶ୍ୱର ଫୁଲ ବ୍ୟବସାୟୀ ଫୁଲ ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରୁଛନ୍ତି। ଗୋଲାପ ପାଇଁ ବର୍ଷ ତମାମ୍ ପଶ୍ଚିମବଙ୍ଗ ଓ ବେଙ୍ଗାଲୁରୁ ଉପରେ ନିର୍ଭରଶୀଳ। ଶତ ପ୍ରତିଶତ ଫୁଲ ପଶ୍ଚିମ ବଙ୍ଗରୁ ବାଲେଶ୍ୱରକୁ ଆମଦାନୀ ହେଉଛି।

ପ୍ରକାଶ ଥାଉ କି, ବାଲେଶ୍ୱର ସହରରେ ପ୍ରାୟ ୧୫ ଦୋକାନ ରହିଛି। ସହରରେ ଗଡ଼ଗଡ଼ିଆ, ଆଇଟିଆଇ, ଫାଣ୍ଡି ଛକ, ଷ୍ଟେସନ ଛକ, ହେମକାପଦା ଆଦି ଛକରେ ଫୁଲ ଦୋକାନ ରହିଛି। ଯେଉଁଠି ଗୋଲାପ ଫୁଲ ମଧ୍ୟ ବିକ୍ରି ହୋଇଥାଏ। ଚାହିଦା ଅନୁସାରେ ପ୍ରତିଦିନ ସକାଳେ କଲିକତାରୁ ଫୁଲ ଗାଡ଼ି ଷ୍ଟେସନ ଛକରେ ଗାଡ଼ି ଲାଗେ। ସେଠାରୁ ଅର୍ଡର ମୁତାବକ ଫୁଲ ଦୋକାନୀ ଫୁଲ ନେଇଥାନ୍ତି। ଷ୍ଟେସନ ଛକ ସ୍ଥିତ ଥିବା ଝାଡେଶ୍ୱର ଫୁଲ ଦୋକାନୀ କହିଛନ୍ତି, ବାଲେଶ୍ୱରରେ ଗୋଲାପ ଫୁଲ ମିଳେ ନାହିଁ। ସବୁବେଳେ କଲିକତାରୁ ଆସୁଛି ଗୋଲାପ।



ବିଶେଷକରି ପଶ୍ଚିମବଙ୍ଗ ଦେଉଳିଆ, କୋଲାହାଟ, ହାୱଡା ଆଦି ବଜାରରୁ ଗୋଲାପ ବାଲେଶ୍ୱରକୁ ଆସେ। ବିଶେଷକରି ବାହାଘର ସମୟ ବା ଭାଲେଣ୍ଟାଇନ ଡେ' ରେ ଆମେ ଅଧିକ ଗୋଲାପ କିଣିକି ଆଣୁ। ଆଜି ୫୦୦ ଗୋଲାପ ମଗାଯାଇଥିଲା। ପୁଣି ଆବଶ୍ୟକ ହେବ ଆଜି ରାତିରେ ମଗାଇଲେ କାଲି ସକାଳେ ଫୁଲ ପହଞ୍ଚିଯିବ। ଅନ୍ୟଦିନରେ କମ୍ ଗୋଲାପ ଅଣାଯାଏ। ତେବେ ଅନ୍ୟଦିନରେ ଗୋଲାପ ଗୋଟା ୧୦ ଟଙ୍କା ଥାଏ। ଏବେ ୨୦ ଟଙ୍କା ଅଛି। କିଣାକୁ ନେଇ ବିକ୍ରି ଉପରେ ନିର୍ଭର କରେ। ୪ ପ୍ରକାର ରଙ୍ଗର ଗୋଲାପ। ଧଳା, ନାଲି, ଗୋଲାପୀ ଓ ହଳଦିଆ ରଙ୍ଗର ଗୋଲାପ ଫୁଲ ରହିଛି। ବାଲେଶ୍ୱରରେ ଗୋଲାପ ଚାଷ କି ଉତ୍ପାଦନ ନାହିଁ। ସେଥିପାଇଁ ଆମେ କଲିକତାରୁ ଆଣୁଛୁ ଗୋଲାପ। ଏଠାରେ ଯଦି ଗୋଲାପ ଚାଷ ହୁଅନ୍ତା ଆମକୁ ମଧ୍ୟ ସୁବିଧା ହୁଅନ୍ତା। ଫୁଲ ପାଇଁ ପଶ୍ଚିମବଙ୍ଗ ଉପରେ ନିର୍ଭର କରିବାକୁ ପଡନ୍ତାନି। ତେବେ ଏବେ ପ୍ରେମ ସପ୍ତାହ ଥିବାରୁ କଲିକତା ସହିତ ବେଙ୍ଗାଲୁରୁରୁ ମଧ୍ୟ ଭଲ ଗୋଲାପ ବିକ୍ରି ପାଇଁ ଆଣିଛୁ'।

### 'ପ୍ରୋତ୍ସାହନ ଅଛି, ଚାଷ ନାହିଁ'

ଗୋଲାପ ଚାଷ ପାଇଁ ପ୍ରୋତ୍ସାହନ ଅଛି। ହେଲେ ଚାଷୀ ଚାଷ କରୁନାହାନ୍ତି। ଫଳରେ ବିଭାଗର ଟାର୍ଗେଟ ମଧ୍ୟ ପୂରଣ ହେଉନାହିଁ। ଅତି କମ୍‌ରେ ଜଣଙ୍କ ପାଖରେ ୨୫ ଡିସିମିଲ ଜାଗା ଥିଲେ ଜଣେ ଗୋଲାପ ଚାଷ କରିପାରିବ। ସେମାନଙ୍କ ପାଇଁ ସବ୍ ସିଡି ବ୍ୟବସ୍ଥା ମଧ୍ୟ ରହିଛି। ବାଲେଶ୍ୱର ଜିଲ୍ଲାରେ କେହି ବି ଚାଷୀ ଚାଷ କରିବାକୁ ଆଗ୍ରହ କରୁନାହାନ୍ତି। ଆଜିଯାଏଁ କେହି ବି ଗୋଲାପ ଚାଷ କରିନାହାନ୍ତି। ଫଳରେ ଯୋଜନାର ସଫଳତା ନାହିଁ। ନ୍ୟାସନାଲ ହର୍ଟିକଲଚର୍ ମିଶନରେ ଗୋଲାପ ଚାଷ କଲେ ୪୦ ପ୍ରତିଶତ ସବ୍ ସିଡି ଥିବାବେଳେ ଏସ୍ ଏଚ ଜି ଗ୍ରୁପ୍ ପାଇଁ ଅଧିକା ୩୦ ପ୍ରତିଶତ ସବ୍ ସିଡି ରହିଛି। କିନ୍ତୁ ଚାଷ ହେଉନାହିଁ। ଫୁଲର ମାର୍କେଟିଙ୍ଗ୍ ପାଇଁ ସୁବିଧା ନଥିବାରୁ ଚାଷୀ ଗୋଲାପ ଚାଷ ପ୍ରତି ଆଗ୍ରହୀ ହେଉନଥିବା ଜିଲ୍ଲା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସୂଚନା ମିଳିଛି'।